ସମ୍ପାଦକୀୟ

لا إله إلا الله محمد رسول الله

## ସଦାକତ୍ ହଜ୍‌ରତ୍ ମସିହ୍ ମଉଦ୍[ଆ:ସ]

**(ହଜରତ୍ ମସିହ ମଉଦ୍[ଅସ]ଙ୍କ ସତ୍ୟତା)**

ଆମର ପ୍ରିୟ ମହାମାନ୍ୟ ପଂଚମ ଖଲିଫା (ଈଶ୍ୱର ତାଙ୍କର ସହାୟକ ହୁଅନ୍ତୁ) ଏହି ବିଶେଷାଙ୍କ ପାଇଁ 'ସଦାକତେ ହଜରତ ମସିହ ମଉଦ[ଅସ] 'ଶୀର୍ଷକ ବିଷୟକୁ ମଞ୍ଜୁର ପ୍ରଦାନ କରିଛନ୍ତି ଏବଂ ନିଜର ଅସୁମାରୀ ବ୍ୟସ୍ତତା ସତ୍ୱେ ଏକ ମର୍ମସ୍ପର୍ଶୀ ବାର୍ତା ମଧ୍ୟ ପଠାଇଛନ୍ତି । ଏହା ନିଶ୍ଚିତ ରୂପେ ପାଠକମାନଙ୍କ ଚିନ୍ତା ଓ ଚେତନାକୁ ପ୍ରଭାବିତ କରିବା ସହିତ ଜ୍ଞାନ ବୃଦ୍ଧିରେ ସହାୟକ ହେବ । ଆମ ମହାମାନ୍ୟ ହଜୁର[ଅବ]ଙ୍କ ନିକଟରେ ଆମେମାନେ ଅତ୍ୟନ୍ତ କୃତଜ୍ଞ ଓ ଋଣୀ ହୋଇଯାଇଛୁ ଯେ ସେ ଆମପ୍ରତି ଯେଉଁ ଅନାବିଳ ସ୍ନେହ ଓ ପ୍ରେମଭାବ ଦେଖାଇଛନ୍ତି, ସେଥିପାଇଁ ଆମମାନଙ୍କ ହୃଦୟରୁ ଗଭୀର ଭାବେ ଏହି ଦୁଆ ବାହାରୁଛି : **ଅଲ୍ଲାହୁମ୍ମା ଐଇଦ୍ ଇମାମନା ବେରୁହିଲ୍ କୁଦୁସ ଓ୍ୱବାରିକ୍‌ଲନା ଫିଉମ୍‌ରିହୀ ଓ୍ୱ ଅମ୍‌ରିହୀ ।**

ଏଥିରେ କୌଣସି ଦ୍ୱିମତ ନାହିଁ ଯେ ହଜରତ ମସିହ୍ ମଉଦ[ଅସ]ଙ୍କ ସତ୍ୟତାର ପ୍ରମାଣସବୁର କଳନା କରିବା ଅତି କଷ୍ଟକର ବ୍ୟାପାର ଓ ଅସମ୍ଭବ ମଧ୍ୟ । ତାଙ୍କର ସାରା ଜୀବନ, ତାଙ୍କର ରଚନାବଳୀ, ତାଙ୍କର ଭାଷଣ, ତାଙ୍କ ଚେହେରା ଓ ବ୍ୟକ୍ତିତ୍ୱ, ତାଙ୍କ ଚରିତ୍ର ଓ ସ୍ୱଭାବ, ତାଙ୍କ ଅନୁଚରଗଣ, ତାଙ୍କର ସନ୍ତାନ, ତାଙ୍କର ଈଶ୍ୱର ପ୍ରେମ, ହଜରତ୍ ମୁହମ୍ମଦ ରସୁଲଙ୍କ ପ୍ରତି ରହିଥିବା ପ୍ରେମ, କୁରଆନ ପ୍ରତି ନିଷ୍ଠା, ତାଙ୍କର ଭବିଷ୍ୟତବାଣୀ ସମୂହ, ତାଙ୍କର ଅଲୌକିକ ନିଦର୍ଶନ ଓ ଚମତ୍କାରୀତା, ତାଙ୍କ ପ୍ରାର୍ଥନା ପ୍ରଭୁଙ୍କ ଦ୍ୱାରା ଗୃହୀତ ହେବା, ତାଙ୍କର ଅଗାଧ ପାଣ୍ଡିତ୍ୟ, ଇସଲାମର ସେବା, ଜନ ସମାଜର ସେବା, ମାନବଜାତି ପ୍ରତି ସହାନୁଭୂତି- ଏହିପରି ତାଙ୍କ ସତ୍ୟତାର ପ୍ରମାଣ ପାଇଁ ଅସଂଖ୍ୟ ଦିଗ ରହିଛି, ଯାହାର ସୀମା ନିର୍ଦ୍ଧାରଣ କରିବା ଅସମ୍ଭବ । ଆମେ ତାଙ୍କର ସତ୍ୟତାର ଗୋଟିଏ ଝଲକ ପାଠକଙ୍କ ସମ୍ମୁଖରେ ଉପସ୍ଥାପନ କରିବାର ପ୍ରୟାସ କରିଛୁ । ସତ୍ୟକୁ ବର୍ଣ୍ଣନା କରିବାର ବହୁତ ଦିଗ ଓ ପ୍ରମାଣ ଛାଡି ହୋଇ ରହିଯାଇଥିବ, ତାହା ଆମେ ଅନୁଭବ କରୁଛୁ ।

ପୁଣ୍ୟଶ୍ଳୋକ ହଜରତ ମସିହ ମଉଦ[ଅସ]ଙ୍କ ସତ୍ୟତାର ପ୍ରମାଣ – ପ୍ରଚୁର ପରିମାଣରେ ଏଣେ ତେଣେ ବିଛାଡ଼ି ହୋଇ ପଡ଼ିରହିଛି । ଯଦି କୌଣସି ସହୃଦୟ ବ୍ୟକ୍ତି ଆନ୍ତରିକ ନିଷ୍ଠାର ସହିତ ଅନୁଧ୍ୟାନ କରିବ ତେବେ ଅତି ଶୀଘ୍ର ତାଙ୍କ ସତ୍ୟତା ତା'ଉପରେ ଖୋଲିଯାଇପାରେ । ଯେଉଁମାନେ ସ୍ୱଚ୍ଛ ହୃଦୟରେ ଏହାର ଗୁରୁତ୍ୱ ଉପଲବ୍ଧି କରିଥିଲେ, ସେମାନେ ସତ୍ୟକୁ ପାଇଗଲେ । ସେମାନେ ତାଙ୍କୁ ଗ୍ରହଣ କଲେ ଓ ତାଙ୍କ ଜମାଅତରେ ସାମିଲ ହୋଇଗଲେ ।

ସେ ଅଲ୍ଲାଃ ଓ ତାଙ୍କ ରସୁଲଙ୍କ ଭବିଷ୍ୟତବାଣୀ ଅନୁଯାୟୀ ସଠିକ ସମୟରେ ଆବିର୍ଭୁତ ହେଲେ । ଯେତେବେଳେ କି ମୁସଲିମ ଉମ୍ମତକୁ ତାଙ୍କର ଆବଶ୍ୟକତା ଥିଲା ଓ ସମଗ୍ର ଜାତି ତାଙ୍କ ଆସିବାର ପଥକୁ ଚାହିଁ ବସିଥିଲେ । ମୁସଲିମ ସଂପ୍ରଦାୟର ଭବିଷ୍ୟ ବକ୍ତାଙ୍କ ଅଗ୍ରୀମ ସୂଚନା ଦୃଷ୍ଟିକୋଣରୁ ସେତେବେଳେ ଜନସାଧାରଣଙ୍କ ମୁହଁରେ ଗୋଟିଏ କଥା ଥିଲା ଯେ ମସିହ ଓ ମେହଦୀ ଚଉଦ ସଦିରେ ଆସିବେ । ସୁତରାଂ ସେ ହଜରତ ମୁହମ୍ମଦ[ସଅ]ଙ୍କ ଭବିଷ୍ୟତ ବାଣୀ ଅନୁଯାୟୀ ସଠିକ ସମୟରେ ତ୍ରୟୋଦଶ ଶତାବ୍ଦୀର ଶେଷ ଭାଗ ଓ ଚତୁର୍ଦ୍ଦଶ ଶତାବ୍ଦୀର ଆରମ୍ଭରେ ଆବିର୍ଭୁତ ହେଲେ । ହଜରତ ମସିହ ମଉଦ[ଅସ] କହିଛନ୍ତି:

"ମନେ ରଖ ! ଯେଉଁ ଯୁଗ ପୁରୁଷଙ୍କ ଅବତରଣ କରିବା ବିଧି ନିର୍ଦ୍ଦିଷ୍ଟ ଥିଲା, ସେ ସଠିକ ସମୟରେ ଅବତରଣ କଲେ । ଆଜି ସମସ୍ତ ପ୍ରକାର କଳ୍ପନା ଜଳ୍ପନାର ଅବସାନ ଘଟିଲା ଓ ଏହି ଯୁଗ ପାଇଁ ଉଦ୍ଦିଷ୍ଟ ସବୁ ଅବତାରଙ୍କ ଧର୍ମଶାସ୍ତ୍ର ଯେଉଁ ସୂଚନା ଦେଇଛନ୍ତି, ସେ ସବୁ ପୂରଣ ହେଲା । ଖ୍ରୀଷ୍ଟିୟାନମାନଙ୍କର ମଧ୍ୟ ଏହି ଧାରଣା ରହିଛି ଯେ ଏହି ଯୁଗରେ ପ୍ରତିଶ୍ରୁତ ମସିହଙ୍କ ଆସିବା ଜରୁରୀ ଥିଲା । ସେହି ପୁସ୍ତକମାନଙ୍କରେ ସ୍ପଷ୍ଟ ରୂପେ ଉଲ୍ଲେଖ ରହିଥିଲା ଯେ ହଜରତ ଆଦମଙ୍କ ଛଅ ହଜାର ବର୍ଷ ପରେ ମସିହ ମଉଦ ଆସିବେ । ଏବେ ଷଷ୍ଠ ହଜାର ବର୍ଷ ଶେଷ ହେବା ଉପରେ । ଏହା ମଧ୍ୟ ଉଲ୍ଲେଖ ରହିଥିଲା ଯେ ତାହା ପୂର୍ବରୁ ଜୁଲ୍‌ସନୀନ୍ ନକ୍ଷତ୍ର ଦେଖାଦେବ । ତାହା ମଧ୍ୟ ଅନେକ ଦିନରୁ ବାହାରି ସାରିଲାଣି । ପୁଣି ଏହା ଲେଖା ଥିଲା ଯେ ସେହି ସମୟ ମଧ୍ୟରେ ଗୋଟିଏ ମାସରେ ଉଭୟ ସୂର୍ଯ୍ୟ ଓ ଚନ୍ଦ୍ରକୁ ଗ୍ରହଣ ଲାଗିବ, ଯାହା ରମଜାନ ମାସ ହୋଇଥିବ । ତେଣୁ ଏହି ଭବିଷ୍ୟତବାଣୀ ମଧ୍ୟ ପୂରଣ ହୋଇଥିବାର ଏକ ଦୀର୍ଘକାଳୀନ ସମୟ ବିତିଗଲାଣି । ପୁଣି ସେହିପରି ଲେଖାଥିଲା ଯେ ତାଙ୍କ ସମୟରେ ଅତି ଭୟାବହ ରୂପେ ତାଉନ୍ (ପ୍ଲେଗ) ରୋଗ ବ୍ୟାପିଯିବ । ଏହାର ଖବର ବାଇବେଲର ନୂତନ ସମାଚାର (ଇଞ୍ଜିଲ)ରେ ମଧ୍ୟ ରହିଛି । ତେବେ ମୁଁ ଦେଖୁଛି ଯେ ଏ ପର୍ଯ୍ୟନ୍ତ ତାଉନ୍ ପିଛା ଛାଡ଼ିନାହିଁ । ପବିତ୍ର କୁରଆନ୍, ହଦିସ ତଥା ଅନ୍ୟାନ୍ୟ ପୁରାତନ ଶାସ୍ତ୍ରମାନଙ୍କରେ ଏହାର ମଧ୍ୟ ଉଲ୍ଲେଖ ରହିଥିଲା ଯେ ସେହି ପ୍ରତିଶ୍ରୁତ ଅବତାରଙ୍କ ଯୁଗରେ ଏକ ନୂତନ ଯାନବାହନ ଉଦ୍ଭାବନ ହେବ ଯାହା ଅଗ୍ନି ଦ୍ୱାରା ଚାଳିତ ହେବ ଓ ସେହି ଦିନମାନଙ୍କରେ ଓଟ ଅକାମି ହୋଇ ପଡ଼ିବ । ଅର୍ଥାତ ଭାରବାହୀ ପଶୁ କାମରେ ଆସିବ ନାହିଁ । ହଦିସ 'ସହି ମୁସଲିମ' ରେ ଏହାର ଶେଷ ବାକ୍ୟାଂଶ ମଧ୍ୟ ରହିଛି । ତେଣୁ ସେହି ବାହନ ହେଉଛି ରେଳଗାଡ଼ି ଯାହା ଉଦ୍ଭାବନ ହେବ । ସେହିପରି ଲେଖାଥିଲା ଯେ ସେହି ମସିହ ମଉଦ ଶତାବ୍ଦୀର ମୁଣ୍ଡରେ ଅର୍ଥାତ ଆରମ୍ଭରେ ଆସିବେ । ସେହି ଶତାବ୍ଦୀ (୧୪ଶ) ମଧ୍ୟରୁ ଏକୋଇଶ ବର୍ଷ ମଧ୍ୟ ଅତିବାହିତ ହୋଇଗଲାଣି । ଏବେ ଏହି ସମସ୍ତ ଚିହ୍ନଗୁଡ଼ିକର ପରିପ୍ରକାଶ ହେବା ପରେ ମଧ୍ୟ ଯେଉଁ ବ୍ୟକ୍ତି ମୋତେ ପ୍ରତ୍ୟାଖ୍ୟାନ କରୁଛି, ସେ କେବଳ ମୋତେ ନୁହେଁ, ବରଂ ସମସ୍ତ ନବୀମାନଙ୍କୁ ରଦ୍ଦ କରୁଛି ଓ ଈଶ୍ୱରଙ୍କ ସହିତ ଲଢେଇ କରୁଛି । ଯଦି ସେ ଜନ୍ମ ହୋଇ ନଥା'ନ୍ତା, ତାହା ତା'ପାଇଁ ଶ୍ରେୟସ୍କର ହୋଇଥା'ନ୍ତା ।"

**(ତଜ୍‌କରାତୁଶ୍ ଶହାଦତୈନ୍, ରୁହାନି ଖଜାୟିନ୍, ଗ୍ରନ୍ଥ ଖଣ୍ଡ ୨୦, ପୃ ୨୪)**

ଅଲ୍ଲାଃତାଲାଙ୍କ ନିଜର ନିର୍ଦ୍ଦେଶିତ ମାର୍ଗ (ସୁନ୍ନତ) ଓ ନିଜର ପ୍ରତିଶ୍ରୁତି ଏହିପରି ଥିଲା ।

**'ଇନ୍ନା ଲନନ୍‌ସୁରୁ ରୁସୁଲାନା କତବଲ୍ଲାହୁ ଲ ଅଗ୍‌ଲିବନ୍ନା ଅନା ଓ୍ୱ ରୁସୁଲୀ** ଏବଂ **ଇନ୍ନହୁମ୍ ଲହୁମୁଲ୍ ମନ୍‌ସୁରୁନ୍'** ଅନୁଯାୟୀ ସେ ହଜରତ ଅହମଦ୍‌ଙ୍କୁ ସାହାଯ୍ୟ ଓ ସମର୍ଥନ କଲେ । ତାଙ୍କର ବିରୋଧିଗଣ କି ମୁସଲମାନ କି ହନ୍ଦୁ ଓ କି ଆର୍ଯ୍ୟ ସମାଜୀ କି ଖ୍ରୀଷ୍ଟିୟାନ ସମସ୍ତେ ପୃଥକ ହୋଇ ଓ ଏକାଠି ହୋଇ ତାଙ୍କୁ ବିନାଶ କରିବାର କୌଣସି ଉଦ୍ୟମ ହାତଛଡା କରି ନଥିଲେ । ଅହଜାବ ଯୁଦ୍ଧ ପରି ତାଙ୍କ ଉପରେ ଚଢାଉ କଲେ । କିନ୍ତୁ ଅଲ୍ଲାଃତାଲାଙ୍କ ସାହାଯ୍ୟ ଓ ସମର୍ଥନ ତାଙ୍କ ସହିତ ଲାଗି ରହିଲା । ସେ ବାରମ୍ବାର ନିଜ ଲେଖନୀ ଓ ଭାଷଣ ମାଧ୍ୟମରେ ବିରୋଧିମାନଙ୍କୁ ବୁଝାଇବାକୁ ଚେଷ୍ଟା କଲେ ଯେ ଯଦି ମୁଁ ମିଥ୍ୟାବାଦୀ, ତା'ହେଲେ କୌଣସି ଦୃଷ୍ଟାନ୍ତ ଦେଖାଅ ଯେ କୌଣସି ମିଥ୍ୟାବାଦୀଙ୍କୁ ଅଲ୍ଲାଃତାଲା ସାହାଯ୍ୟ ସମର୍ଥନ କରିଥିବେ ? ହଜରତ ମସିହ ମଉଦ[ଅସ] କହିଛନ୍ତି:

"ମୁଁ ସତ କହୁଛି କି ଯେବେ ଦୈବିବାଣୀ ଅବତୀର୍ଣ୍ଣ ହେବାର ଧାରା ଆରମ୍ଭ ହେଲା, ସେ ଯୁଗରେ ମୁଁ ଯୁବକ ଥିଲି । ଏବେ ମୁଁ ବୃଦ୍ଧ ହୋଇଗଲିଣି ଓ ମୋ ବୟସ ସତୁରି ବର୍ଷ ପାଖାପାଖି ପହଂଚିଲାଣି । ଏବେ ସେହି ଯୁଗଠାରୁ ପ୍ରାୟ ପଇଁତିରିଶ ବର୍ଷ ବିତିଗଲାଣି । କିନ୍ତୁ ମୋ ପ୍ରଭୁ ଦିନକ ପାଇଁ ହେଲେ ମଧ୍ୟ ମୋଠାରୁ ଅଲଗା ହୋଇ ନାହାନ୍ତି । ସେ ନିଜ ଭବିଷ୍ୟତବାଣୀ ଅନୁଯାୟୀ ଏକ ସଂସାରକୁ ମୋ ଆଡ଼କୁ ଝୁକାଇ ଦେଲେ । ମୁଁ ଦୀନହୀନ ଓ ଦରୀଦ୍ର ଥିଲି, କିନ୍ତୁ ସେ ମୋତେ ଲକ୍ଷ ଲକ୍ଷ ଧନରାଶି ଅର୍ପଣ କଲେ । ବିଜୟ ଗୌରବ ଓ ବୈଭବର ଯୁଗ ଆସିବା ପୁର୍ବରୁ ସେ ମୋତେ ଆଗୁଆ ସୂଚନା ଦେଇଥିଲେ ଏବଂ ପ୍ରତ୍ୟେକ ମୁବାହିଲା (ସତ୍ୟ ଓ ମିଥ୍ୟା ମଧ୍ୟରେ ପ୍ରଭେଦ ଦର୍ଶାଇବା ପାଇଁ ଦୁଇ ପକ୍ଷ ପରସ୍ପର ପ୍ରତି ଅଭିଶାପକାରୀ ପ୍ରାର୍ଥନା ଦ୍ୱାରା ଈଶ୍ୱରଙ୍କ ଠାରୁ ନିଷ୍ପତି ଭିକ୍ଷା କରିବା) ରେ ମୋତେ ବିଜୟୀ କରିଛନ୍ତି । ଶତ ଶତ ବାର ମୋର ପ୍ରାର୍ଥନା

*ଅବଶିଷ୍ଟାଂଶ ପୃଷ୍ଠା- ୩୧ ରେ ଦେଖନ୍ତୁ......*

## ସୂଚୀପତ୍ର


| | | |
|---|---|---|
| ୧ | ସମ୍ପାଦକୀୟ | ୧ |
| ୨ | ଇମାମ୍ ମେହ୍‌ଦୀ ଏବଂ ମସିହ୍ ମଉଦ୍ ଆ:ସଙ୍କ ଆବିର୍ଭାବ ଓ ଆପଣ ଆ:ସଙ୍କ ସତ୍ୟତା ସମ୍ବନ୍ଧରେ ପବିତ୍ର କୁର୍‌ଆନ୍‌ର ଆୟାତ୍ | ୨ |
| ୩ | ଇମାମ୍ ମେହ୍‌ଦୀ ଓ ମସିହ୍ ମଉଦ୍ ଆ:ସଙ୍କ ସମ୍ବନ୍ଧରେ ସୟଦ୍‌ନା ହଜ୍‌ରତ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ପବିତ୍ରବାଣୀ | ୪ |
| ୪ | ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପବିତ୍ରବାଣୀ | ୫ |
| ୫ | ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସଂକ୍ଷିପ୍ତ ଜୀବନଚରିତ | ୮ |
| ୬ | ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଜୀବନଚରିତ ଈଶ୍ୱରପ୍ରେମ, ପବିତ୍ର କୋରାନ୍ ସହିତ ନିଷ୍ଠା ଏବଂ ରସୁଲ୍‌ଙ୍କ ସହିତ ଥିବା ପ୍ରେମର ଆଲୋକରେ | ୧୨ |
| ୭ | ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବିରୋଧିମାନଙ୍କର ଶୋଚନୀୟ ପରିଣାମ | ୧୮ |
| ୮ | ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଉପରେ ୭ଟି ମୋକଦ୍ଦମା ଏବଂ ଆପଣ ଆ:ସଙ୍କ ସତ୍ୟତାର ୭ଗୋଟି ନିଦର୍ଶନ | ୨୪ |

# ଇମାମ୍ ମେହ୍‌ଦୀ ଏବଂ ମସିହ୍ ମଉଦ୍ଆ:ସଙ୍କ ଆବିର୍ଭାବ ଏବଂ ଆପଣ ଆ:ସଙ୍କ ସଦାକତ୍ ସମ୍ବନ୍ଧରେ ପବିତ୍ର କୋରାନ୍‌ର ଆୟାତ୍

۞ يُسَبِّحُ لِلّٰهِ مَا فِي السَّمٰوٰتِ وَمَا فِي الْاَرْضِ الْمَلِكِ الْقُدُّوْسِ الْعَزِيْزِ الْحَكِيْمِ ○ هُوَ الَّذِيْ بَعَثَ فِي الْاُمِّيّٖنَ رَسُوْلًا مِّنْهُمْ يَتْلُوْا عَلَيْهِمْ اٰيٰتِهٖ وَيُزَكِّيْهِمْ وَيُعَلِّمُهُمُ الْكِتٰبَ وَالْحِكْمَةَ ۗ وَاِنْ كَانُوْا مِنْ قَبْلُ لَفِيْ ضَلٰلٍ مُّبِيْنٍ ○ وَّاٰخَرِيْنَ مِنْهُمْ لَمَّا يَلْحَقُوْا بِهِمْ ؕ وَهُوَ الْعَزِيْزُ الْحَكِيْمُ ○ ذٰلِكَ فَضْلُ اللّٰهِ يُؤْتِيْهِ مَنْ يَّشَآءُ ؕ وَاللّٰهُ ذُو الْفَضْلِ الْعَظِيْمِ ○ (الجمعہ:2تا5)

ଅନୁବାଦ:- ଆକାଶ ଓ ପୃଥିବୀରେ ଯାହା ଅଛି ସେ ସବୁ ଅଲ୍ଲାଃଙ୍କର ଗୁଣଗାନ କରୁଛନ୍ତି, ତାହାଙ୍କର (ଅର୍ଥାତ୍ ସେ ଅଲ୍ଲାଃଙ୍କର) ଯେ କି ସମ୍ରାଟ ଏବଂ ପବିତ୍ର (ଓ ସମସ୍ତ ଗୁଣର ସମାହାର ଅଟନ୍ତି, ପରାକ୍ରମୀ (ଓ) ତତ୍‌ଜ୍ଞ ସେ (ଅଲ୍ଲାଃ) ହିଁ ଏକ ନୀରକ୍ଷର ସମ୍ପ୍ରଦାୟ ପ୍ରତି ତାହାରି ମଧ୍ୟରୁ ଜଣେ ବ୍ୟକ୍ତିଙ୍କୁ ରସୁଲ୍ ଭାବରେ ପ୍ରେରଣ କରିଛନ୍ତି । (ସେ ନୀରକ୍ଷର ହେବା ସତ୍ୱେ) ସେମାନଙ୍କୁ ଅଲ୍ଲାଃଙ୍କ ଆଦେଶାବଳୀକୁ ପାଠ କରି ଶୁଣାଉଛନ୍ତି, ଓ ସେମାନଙ୍କୁ ପବିତ୍ର କରାଉଛନ୍ତି, ଓ ସେମାନଙ୍କୁ (ଧର୍ମ) ଗ୍ରନ୍ଥ ଓ ତତ୍ୱ ଶିକ୍ଷା ଦେଉଛନ୍ତି, ଅଥଚ ସେମାନେ ଏଥିପୂର୍ବରୁ ସ୍ପଷ୍ଟ ବିଭ୍ରାନ୍ତ ମଧ୍ୟରେ ରହିଥିଲେ । ଏବଂ ସେମାନଙ୍କ ବ୍ୟତୀତ ଅନ୍ୟ ଏକ ସମ୍ପ୍ରଦାୟରେ ମଧ ସେ ତାହାଙ୍କୁ ପ୍ରେରଣ କରିବେ ଯେଉଁମାନେ ଅଦ୍ୟାବଧି ସେମାନଙ୍କ ସହିତ ଯୋଗଦାନ କରିନାହାଁନ୍ତି । ଏବଂ ସେ ହିଁ ପରାକ୍ରମୀ ଓ ତତ୍‌ଜ୍ଞ । ଏହା ହିଁ ଅଲ୍ଲାଃଙ୍କର କୃପା, ସେ ଯାହାକୁ ଇଚ୍ଛା କରନ୍ତି ତାହାକୁ ଦେଇଥା'ନ୍ତି । ଅଲ୍ଲାଃ ହିଁ ଅତ୍ୟନ୍ତ କୃପାଶୀଳ । *(ଜୁମା: ୨-୫)*

***ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍ କହୁଛନ୍ତି:-***

"ଖୁଦାଙ୍କ ବାଣୀରେ ଏକଥା ନିହିତ ଥିଲା କି ଏହି ଉମ୍ମତ୍‌ର ଦ୍ୱିତୀୟ ଭାଗଟି ମସିହ୍ ମଉଦ୍‌ଙ୍କ ଜମାତ୍ ହେବ । ସେଥିପାଇଁ ଖୁଦାତାଲା ଏହି ଜମାତ୍‌କୁ ଅନ୍ୟମାନଙ୍କଠାରୁ ଅଲଗା କରି ବର୍ଣ୍ଣନା କଲେ । ଯେପରିକି ସେ କହୁଛନ୍ତି *ଓ୍ୱ ଆଖରିନା ମିନ୍‌ହୁମ୍ ଲମ୍ମା ୟଲ୍‌ହକୁ ବିହିମ୍* ଅର୍ଥାତ୍ ଉମ୍ମତେ ମୁହମ୍ମଦିୟା (ମୁହମ୍ମଦ୍‌ଙ୍କ ଉମ୍ମତ)ରେ ଆଉ ଗୋଟିଏ ଫିର୍‌କା (ଗୋଷ୍ଠୀ) ମଧ ଅଛି ଯାହା ପରବର୍ତୀ ସମୟରେ, ଶେଷ ଯୁଗରେ ଆସିବାକୁ ଅଛନ୍ତି । ହଦିସ୍ ସହିହ୍‌ରେ ଉଲ୍ଲେଖ ଅଛି କି ଏହି ଆୟତ ଅବତୀର୍ଣ୍ଣ ହେବା ସମୟରେ ଆଁ ହଜ୍‌ରତ୍ ସ:ଆ:ସ ନିଜ ହାତକୁ ସଲ୍‌ମାନ୍ ଫାର୍ସୀଙ୍କ ପିଠି ଉପରେ ଥାପି କହିଲେ- *ଲୌ କାନଲ୍ ଇମାନୁ ମୁଅଲ୍ଲକନ୍ ବିସ୍ ସୁରୈୟା ଲନା ଲହୁ ରଜୁଲୁମ୍ ମିନ୍ ଫାରିସ୍ ।* ଏହି ପେଶ୍‌ଗୋଇଟି ମୋ ସମ୍ବନ୍ଧରେ ଥିଲା । ଯେପରିକି ଖୁଦାତାଲା ବରାହିନେ ଅହେମଦୀୟାରେ ଏହି ପେଶ୍‌ଗୋଇର ସମର୍ଥନରେ ଉକ୍ତ ହଦିସ୍‌ଟିକୁ ଓ୍ୱହି (ସ୍ୱର୍ଗବାଣୀ) ଦ୍ୱାରା ମୋ ଉପରେ ଅବତୀର୍ଣ୍ଣ କରିଛନ୍ତି ଏବଂ ଓ୍ୱହି ହେବାର ଦୃଷ୍ଟିକୋଣରୁ ମୋ ପୂର୍ବରୁ ଏହାର କେହି ମିସ୍‌ଦାକ୍ ମୋଇନ୍ (ନିର୍ଦ୍ଦିଷ୍ଟ ପ୍ରମାଣକ) ନଥିଲେ । ଏବଂ ଖୁଦାଙ୍କ ଓ୍ୱହି ମୋତେ ନିର୍ଦ୍ଧାରଣ (ପ୍ରମାଣିତ) କରିଦେଲା । ଫଅଲ୍‌ହମ୍‌ଦୋଲିଲ୍ଲାଃ । ମିନ୍‌ହୁ" ।

*(ହକିକତୁଲ୍ ଓ୍ୱହି, ରୁହାନି ଖଜାଏନ୍, ଖଣ୍ଡ-୨୨, ପୃଷ୍ଠା-୩୯୧, ହାଶିୟାଃ)*

***ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍ କହୁଛନ୍ତି:-***

"ଯାହା କିଛି ଅଲ୍ଲାଃ ଚାହିଁଥିଲେ ତାହା ଦୁଇଗୋଟି ଯୁଗରେ ହିଁ ସମ୍ପୂର୍ଣ୍ଣ ହେବାର ଥିଲା । ଗୋଟିଏ ହେଉଛି ଆପଣ ସ:ଆ:ସଙ୍କ ଯୁଗ ଏବଂ ଆର ଶେଷଟି ହେଉଛି ମସିହ୍ ଓ ମେହ୍‌ଦୀଙ୍କ ଯୁଗ ଅର୍ଥାତ୍ ଗୋଟିଏ ଯୁଗରେ ପବିତ୍ର କୋରାନ୍ ଓ ସତ୍‌ଶିକ୍ଷା ଅବତୀର୍ଣ୍ଣ ହେଲା । କିନ୍ତୁ ଫଏଜ୍ ଆଓ୍ୱେଜ୍ ଯୁଗରେ ସେ ଉକ୍ତ ଶିକ୍ଷା ଉପରେ ପରଦା ପକାଇଦେଲେ, ଯେଉଁ ପରଦାଟି ମସିହ୍‌ଙ୍କ ଯୁଗରେ ଉଠାଇ ଦିଆଯିବାର ବିଧାନ ଥିଲା । ଯେପରିକି (ଅଲ୍ଲାଃ) କହିଲେ କି ରସୁଲେ ଅକ୍‌ରମ୍ ସ:ଆ:ସ ଗୋଟିଏ ଜମାତ୍ ଅର୍ଥାତ୍ ସାହାବା କରାମ୍‌ଙ୍କ ଜମାତ୍‌କୁ ଶୁଦ୍ଧିକରଣ କଲେ । ଏବଂ ଆସିବାକୁ ଥିବା ଆଉଗୋଟିଏ ଜମାତ୍‌ର (ଶୁଦ୍ଧିକରଣ) କଲେ ଯାହାର ମହିମା *ଲମ୍ମା ୟଲ୍‌ହକୁ ବିହିମ୍* ରେ ଉଲ୍ଲେଖ ଅଛି । ସୁତରାଂ ଯେପରି ଖୁଦା ସୁସମାଚାର ଦେଇଛନ୍ତି କି ଜଲାଲତ୍ (ପଥଭ୍ରଷ୍ଟତା) ସମୟରେ ଅଲ୍ଲାଃତାଲା ଏହି ଦୀନ୍‌କୁ ନଷ୍ଟ କରିବେନାହିଁ ବରଂ ଆସନ୍ତା ଯୁଗରେ ଖୁଦା ପବିତ୍ର କୁରଆନ୍‌ର ସତ୍ୟାସତ୍ୟକୁ ଉନ୍ମୋଚନ କରିଦେବେ । ଆସର୍ ରେ (ବର୍ଣ୍ଣିତ) ଅଛି କି ଆସିବାକୁ ଥିବା ମସିହ୍‌ଙ୍କର ଏହା ଗୋଟିଏ ପ୍ରଧାନତା/ବିଶେଷତା ହେବ କି ସେ ପବିତ୍ର କୋରାନୀୟ ତତ୍‌ଜ୍ଞାନ ଏବଂ (ତା'ର) ବାସ୍ତବିକ ଅର୍ଥ କରିବାବାଲା ହେବେ । ଏବଂ କେବଳ ପବିତ୍ର କୋରାନ୍‌ରୁ ହିଁ ନିଷ୍କର୍ଷ ବାହାର କରି ଲୋକମାନଙ୍କୁ ସେମାନଙ୍କ ଭୁଲ୍ ବିଷୟରେ ସଚେତନ କରାଇବେ ଯାହା ପବିତ୍ର କୋରାନ୍‌କୁ ନବୁଝିବା ଯୋଗୁ ଲୋକମାନଙ୍କ ମଧ୍ୟରେ ସୃଷ୍ଟି ହୋଇଯାଇଥିବ" ।

*(ରିପୋର୍ଟ, ଜଲ୍‌ସାସାଲାନା ୧୮୯୭, ପୃଷ୍ଠା-୫୨-୫୩, ବହ୍‌ଓ୍ୱାଲା ତଫ୍‌ସିର୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ, ତୃତୀୟ ଖଣ୍ଡ, ତଫ୍‌ସିର୍ ସୁରତୁଲ୍ ଜୁମା, ପୃଷ୍ଠା-୧୪୭)*

۞ وَاِذْ قَالَ عِيْسَى ابْنُ مَرْيَمَ يٰبَنِيْٓ اِسْرَآءِيْلَ اِنِّيْ رَسُوْلُ اللّٰهِ اِلَيْكُمْ مُّصَدِّقًا لِّمَا بَيْنَ يَدَيَّ مِنَ التَّوْرٰىةِ وَمُبَشِّرًا بِرَسُوْلٍ يَّاْتِيْ مِنْ بَعْدِي اسْمُهٗٓ اَحْمَدُ ؕ فَلَمَّا جَآءَهُمْ بِالْبَيِّنٰتِ قَالُوْا هٰذَا سِحْرٌ مُّبِيْنٌ ○ وَمَنْ اَظْلَمُ مِمَّنِ افْتَرٰى عَلَى اللّٰهِ الْكَذِبَ وَهُوَ يُدْعٰٓى اِلَى الْاِسْلَامِ وَاللّٰهُ لَا يَهْدِي الْقَوْمَ الظّٰلِمِيْنَ ○ يُرِيْدُوْنَ لِيُطْفِـُٔوْا نُوْرَ اللّٰهِ بِاَفْوَاهِهِمْ وَاللّٰهُ مُتِمُّ نُوْرِهٖ وَلَوْ كَرِهَ الْكٰفِرُوْنَ ○ هُوَ الَّذِيْٓ اَرْسَلَ رَسُوْلَهٗ بِالْهُدٰى وَدِيْنِ الْحَقِّ لِيُظْهِرَهٗ عَلَى الدِّيْنِ كُلِّهٖ ۙ وَلَوْ كَرِهَ الْمُشْرِكُوْنَ ○ (الصّف:7تا10)

ଅନୁବାଦ:- ଏବଂ (ସ୍ମରଣ କର) ଯେତେବେଳେ ମରିୟମ୍-ନନ୍ଦନ ଇସା ନିଜ ସମ୍ପ୍ରଦାୟକୁ କହିଲେ, "ହେ ଇସ୍ରାଇଲୀୟ ସନ୍ତାନମାନେ ! ଆମ୍ଭେ ଅଲ୍ଲାଃଙ୍କ ତରଫରୁ ତୁମମାନଙ୍କ ନିକଟକୁ ରସୁଲ୍ ଭାବରେ ଆସିଅଛୁ । ଯାହା (ଅର୍ଥାତ୍ ଯେଉଁ ବାଣୀ) ଆମ୍ଭର ଆଗମନ ପୂର୍ବରୁ ଅବତୀର୍ଣ୍ଣ ହୋଇଅଛି ଅର୍ଥାତ୍ ତୌରାତ୍, ଆମ୍ଭେ ତାହାର ଭବିଷ୍ୟବାଣୀର ସତ୍ୟତା ପ୍ରତିପାଦିତ କରୁଅଛୁ, ଏବଂ ଏପରି ଜଣେ ରସୁଲ୍‌ଙ୍କ ସମ୍ବନ୍ଧରେ ସୁସମାଚାର ଦେଉଅଛୁ ଯେ କି ଆମ୍ଭ ପରେ ଆସିବେ, ଯାହାଙ୍କର ନାମ ଅହମଦ୍ ହେବ'' । (କିନ୍ତୁ) ଏହାପରେ ଯେତେବେଳେ ସେ ରସୁଲ୍ ପ୍ରମାଣ ସହିତ ଆସିଥିଲେ, ସେତେବେଳେ ସେମାନେ କହିଥିଲେ, "ଏହା ସ୍ପଷ୍ଟ ପ୍ରତାରଣା" । ଏବଂ ତା'ଠାରୁ ଅଧିକ ଅତ୍ୟାଚାରୀ କିଏ ହୋଇପାରେ ଯେ ଅଲ୍ଲାଃଙ୍କ ନାମରେ ମିଥ୍ୟା ରଚନା କରେ ଅଥଚ ତାହାଙ୍କୁ ଇସ୍‌ଲାମ୍ (ଧର୍ମ) ପ୍ରତି ଡକାଯାଉଛି ? ଏବଂ ଅଲ୍ଲାଃ ଅତ୍ୟାଚାରୀ ମାନଙ୍କୁ କଦାପି ସତ୍‌ପଥ ପ୍ରଦର୍ଶନ କରାନ୍ତି ନାହିଁ । ସେମାନେ ଆପଣାମୁଖ ଦ୍ୱାରା ଅଲ୍ଲାଃଙ୍କ ଜ୍ୟୋତିକୁ ଲିଭାଇ ଦେବାକୁ ଇଚ୍ଛା କରୁଛନ୍ତି ଏବଂ ଅବିଶ୍ୱାସକାରୀମାନେ ଯେତେ ଅପସନ୍ଦ କଲେ ମଧ ଅଲ୍ଲାଃ ନିଜ ଜ୍ୟୋତିକୁ ସମ୍ପୂର୍ଣ୍ଣ (ରୂପେ ବିସ୍ତାରିତ) କରିବେ । ସେ (ଅଲ୍ଲାଃ) ହିଁ ନିଜ ରସୁଲ୍‌ଙ୍କୁ ସତ୍‌ପଥ ସହିତ ଓ ସତ୍ୟଧର୍ମ ପ୍ରଦାନ କରି ପ୍ରେରଣ କରିଛନ୍ତି ଯଦ୍ୱାରା କି ମୁଶ୍‌ରିକ୍‌ମାନେ ଯେତେ ଅପସନ୍ଦ କଲେ ମଧ (ସେ) ତାହାଙ୍କୁ ସମସ୍ତ ଧର୍ମ ଉପରେ ବିଜୟୀ କରିବେ । *(ସଫ୍:୭-୧୦)*

***ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍ କହୁଛନ୍ତି:-***

"ଏହା ପବିତ୍ର କୋରାନ୍‌ର ଗୋଟିଏ ମହାନ୍ ପେଶ୍‌ଗୋଇ ଅଟେ ଯାହା ବାବଦରେ ଗବେଷଣାରତ ଓ୍ୱଲେମାମାନଙ୍କର ଏକମତ ରହିଛି କି ଏହା ମସିହ୍ ମଉଦ୍‌ଙ୍କ ହାତଦ୍ୱାରା ପୁରଣ ହେବ" ।

*(ତରିୟାକୁଲ୍ କୁଲୁବ୍, ରୁହାନି ଖଜାଏନ୍, ଖଣ୍ଡ-୧୫, ପୃଷ୍ଠା-୨୩୨)*

**ପୁଣି କହୁଛନ୍ତି:-** وَمُبَشِّرًا بِرَسُوْلٍ يَّاْتِيْ مِنْ بَعْدِي اسْمُهٗٓ اَحْمَدُ (ଓ୍ୱ ମୁ ବ ଶି ର ମ୍ ବିରସୁଲିଂ ଯାତି ମିମ୍ ବାଦିସ୍‌ମୁହୁ ଅହମଦ୍) ଆୟତରେ ଏ ଇସାରା ରହିଛି କି ଶେଷ ଯୁଗରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଜଣେ ମଜ୍‌ହର୍ (ଅନୁରୂପ) ପ୍ରକଟ ହେବେ । ଏପରିକି ସେ ତାଙ୍କର ଗୋଟିଏ ହାତ ହେବ, ଯାହାଙ୍କ ନାମ ଆକାଶରେ ଅହେମଦ୍ ହେବ ଏବଂ ସେ ହଜ୍‌ରତ୍ ମସିହ୍‌ଙ୍କ ରୂପରେ ରଙ୍ଗିତ ହୋଇ ବିନମ୍ରତାର ସହିତ ଦୀନ୍‌କୁ ପ୍ରଚାର ପ୍ରସାର କରିବ" ।

*(ଜମିମା ତୋହ୍‌ଫା ଗୋଲଡ଼ିୟାଃ, ପୃଷ୍ଠା-୨୧, ଅରବଇନ୍ ନଂ-୩, ପୃଷ୍ଠା-୩୧)*

***ସୟଦ୍ନା ହଜ୍ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍ କହୁଛନ୍ତି:-***

"(ଏହି) ଏଲହାମ୍‌ରେ ଖୁଦାତାଲା ମୋ ନାମ ଇସା ରଖିଛନ୍ତି ଏବଂ ମୋତେ ଏହି କୋରାନୀୟ ପେଶଗୋଇ *(ହୁଓ୍ଵଲ୍ଲଜି ଅର୍‌ସଲା ରସୁଲହୁ ବିଲ୍‌ହୁଦା ଓ୍ଵଦୀନିଲ୍ ହକ୍‌କି ଲିୟୁଜ୍‌ହିରହୁ ଅଲଦ୍‌ଦୀନି କୁଲ୍ଲିହି)* ର ସଦୃଶ ଅଭିହିତ କରିଛନ୍ତି ଯାହା ହଜ୍ରତ୍ ଇସା ଆ:ସଙ୍କ ପାଇଁ ନିର୍ଦ୍ଧାରିତ ଥିଲା । ଏବଂ ଆସିବାକୁ ଥିବା ମସିହ୍ ମଉଦଙ୍କ ସମସ୍ତ ସିଫାତ୍ (ବିଶେଷ ଗୁଣାବଳୀ) ମୋ ଠାରେ କାଏମ୍ କଲେ ।

*(ଅୟାମୁସ୍ ସୁଲାହ୍, ରୁହାନି ଖଜାଏନ୍, ଖଣ୍ଡ......ପୃଷ୍ଠା.....୪୧)*

۞ وَعَدَ اللّٰهُ الَّذِيْنَ اٰمَنُوْا مِنْكُمْ وَعَمِلُوا الصّٰلِحٰتِ لَيَسْتَخْلِفَنَّهُمْ فِي الْاَرْضِ كَمَا اسْتَخْلَفَ الَّذِيْنَ مِنْ قَبْلِهِمْ ۪ وَلَيُمَكِّنَنَّ لَهُمْ دِيْنَهُمُ الَّذِي ارْتَضٰى لَهُمْ وَلَيُبَدِّلَنَّهُمْ مِّنْۢ بَعْدِ خَوْفِهِمْ اَمْنًا ؕ يَعْبُدُوْنَنِيْ لَا يُشْرِكُوْنَ بِيْ شَيْـًٔا ؕ وَمَنْ كَفَرَ بَعْدَ ذٰلِكَ فَاُولٰٓئِكَ هُمُ الْفٰسِقُوْنَ ○ (النور:56)

ଅନୁବାଦ - ତୁମମାନଙ୍କ ମଧ୍ୟରୁ ଯେଉଁମାନେ ବିଶ୍ୱାସ କରିଛନ୍ତି ଓ ଉଚିତ୍ କର୍ମ କରୁଛନ୍ତି ସେମାନଙ୍କ ସହିତ ଅଲ୍ଲାଃ ଅଙ୍ଗୀକାର କରଛନ୍ତି ଯେ ସେ ସେମାନଙ୍କୁ ଭୁପୃଷ୍ଠରେ ଖଲିଫା କରିବେ ଯେପରି ସେ ସେମାନଙ୍କ ପୂର୍ବବର୍ତ୍ତୀ ଲୋକମାନଙ୍କୁ ଖଲିଫା କରିଥିଲେ ଏବଂ ଯେଉଁ ଧର୍ମକୁ ସେ ସେମାନଙ୍କ ପାଇଁ ପସନ୍ଦ କରିଛନ୍ତି ସେ ସେମାନଙ୍କ ପାଇଁ ତାହାକୁ ଦୃଢ଼ ଭାବରେ ସ୍ଥାପନ କରିଦେବେ ଏବଂ ସେମାନଙ୍କ ଭୟପ୍ରଦ ଅବସ୍ଥାକୁ ପରେ ସେ ସେମାନଙ୍କ ପାଇଁ ଶାନ୍ତିପ୍ରଦ ଅବସ୍ଥାରେ ପରିଣତ କରିଦେବେ । ସେମାନେ ଆମ୍ଭର ଉପାସନା କରିବେ, (ଓ) କୌଣସି ବସ୍ତୁକୁ ଆମ୍ଭର ସମକକ୍ଷ କରିବେ ନାହିଁ ଏବଂ ଯେଉଁମାନେ ଏହାପରେ ମଧ୍ୟ ଅମାନ୍ୟ କରିବେ, ସେମାନେ ଅବଜ୍ଞାକାରୀ ମାନଙ୍କ ମଧ୍ୟରେ ଗଣା ହେବେ । *(ନୁର:୫୬)*

***ସୟଦ୍ନା ହଜ୍ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍ କହୁଛନ୍ତି:-***

"ହେ ମୋର ପ୍ରିୟ (ଲୋକମାନେ) ! ଯେବେ କି ଆଦ୍ୟକାଳରୁ ସୁନ୍ନତୁଲ୍ଲାଃ (ଅଲ୍ଲାଃଙ୍କ ନିୟମ) ଏହା ଚାଲିଆସିଛି କି ଖୁଦାତାଲା ଦୁଇଗୋଟି କୁଦ୍‌ରତ୍ (ଶକ୍ତି) ଦେଖାଇଥାଏ । ଯଦ୍ଦ୍ୱାରା ବିରୋଧିମାନଙ୍କର ଦୁଇଟି ମିଥ୍ୟା ଖୁସିକୁ ସେ ନିଃଶେଷ କରିଦେଇଥାଏ । ତେଣୁ ଏବେ ମଧ୍ୟ ଏହା ସମ୍ଭବ ନୁହେଁ କି ଖୁଦାତାଲା ନିଜର ପୁରାତନ ସୁନ୍ନତ୍‌କୁ ପରିତ୍ୟାଗ କରିଦେବେ । ସେଇଥିପାଇଁ ଯେଉଁକଥା ମୁଁ ତୁମକୁ କହିଲି ସେଥିରେ ଦୁଃଖିତ ହୁଅନାହିଁ ଓ ତୁମର ମନ ବ୍ୟତିବ୍ୟସ୍ତ ନହୋଇଯାଉ, କାରଣ ତୁମପାଇଁ ଦ୍ୱିତୀୟ କୁଦ୍‌ରତ୍‌କୁ ଦେଖିବା ମଧ୍ୟ ଜରୁରୀ ଅଟେ ଓ ତାହାର ଆସିବାଟା ତୁମପାଇଁ ହେଉଛି ଉତ୍ତମ । କାରଣ ତାହା ସ୍ଥାୟୀ, ଯାହାର ସିଲ୍‌ସିଲା କୟାମତ୍ ପର୍ଯ୍ୟନ୍ତ ବିଚ୍ଛିନ୍ନ ହେବନାହିଁ । ଏବଂ ସେହି ଦ୍ୱିତୀୟ କୁଦ୍‌ରତ୍ (ସେପର୍ଯ୍ୟନ୍ତ) ଆସିପାରିବ ନାହିଁ ଯେପର୍ଯ୍ୟନ୍ତ ମୁଁ ନଯାଇଛି । କିନ୍ତୁ ମୁଁ ଯେତେବେଳେ ଯିବି ସେତେବେଳେ ଖୁଦା ଉକ୍ତ ଦ୍ୱିତୀୟ କୁଦ୍‌ରତ୍‌କୁ ତୁମପାଇଁ ପଠାଇଦେବେ ଯାହା ସଦାସର୍ବଦା ତୁମ ସହିତ ରହିବ" ।

*(ରିସାଲା ଅଲ୍‌ଓ୍ଵସିୟତ୍, ରୁହାନି ଖଜାଏନ୍, ଖଣ୍ଡ-୨୦, ପୃଷ୍ଠା-୩୦୫)*

۞ وَلَوْ تَقَوَّلَ عَلَيْنَا بَعْضَ الْاَقَاوِيْلِ ○ لَاَخَذْنَا مِنْهُ بِالْيَمِيْنِ ○ ثُمَّ لَقَطَعْنَا مِنْهُ الْوَتِيْنَ ○ فَمَا مِنْكُمْ مِّنْ اَحَدٍ عَنْهُ حٰجِزِيْنَ ○ (الحاقة:45-48)

ଅନୁବାଦ - ଏବଂ ଯଦି ଏହି ବ୍ୟକ୍ତି ନିଜେ ମିଥ୍ୟା ରଚନା କରି ଏହାକୁ ଆମ୍ଭର ବାର୍ତ୍ତା ବୋଲି କହନ୍ତେ (ତାହା ଥରେ ମାତ୍ର ହେଲେ ମଧ୍ୟ), ତେବେ ଆମ୍ଭେ ନିଶ୍ଚୟ ଦକ୍ଷିଣ ହସ୍ତ ଦ୍ୱାରା ତାହାଙ୍କୁ ଧରିପକାନ୍ତୁ, ଏବଂ ତାହାଙ୍କର ଜୀବନନାଟିକାକୁ କାଟି ଦିଅନ୍ତୁ । ଅତଏବ ଏପରି ପରିସ୍ଥିତିରେ ତୁମମାନଙ୍କ ମଧ୍ୟରୁ କେହି ହେଲେ ତାହାକୁ ଅଲ୍ଲାଃଙ୍କ ଶାସ୍ତିରୁ ରକ୍ଷା କରିପାରନ୍ତେ ନାହିଁ । *(ଅଲ୍-ହାକ୍‌କା:୪୫-୪୮)*

***ସୟଦ୍ନା ହଜ୍ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍ କହୁଛନ୍ତି:-***

"ଖୁଦାତାଲା ପବିତ୍ର କୋରାନ୍‌ରେ ଏକ ଉନ୍ମୁକ୍ତ ତରବାରି ପରି ଏ ହୁକୁମ୍ ଦେଇଛନ୍ତି କି ଏ ନବୀ ଯଦି ମୋ ସମ୍ବନ୍ଧରେ ମିଥ୍ୟା କହିଥାଆନ୍ତା ଏବଂ କୌଣସି କଥାରେ ଇଫ୍‌ତେରା (ମନଗଢ଼ା କଥା) କରିଥାଆନ୍ତା ତେବେ ମୁଁ ତା ଜୀବନନାଟିକାକୁ କାଟି ଦେଇଥାଆନ୍ତି ଓ ସେ ଏତେବର୍ଷ ପର୍ଯ୍ୟନ୍ତ ଜୀବିତ ରହିପାରିନଥାନ୍ତା । ଅତଏବ ଏବେ ଯେତେବେଳେ ଆମେ ନିଜର ଏହି ମସିହ୍ ମଉଦ୍‌ଙ୍କୁ ସେହି ମାପଦଣ୍ଡରେ ମାପୁଅଛୁ ତେବେ ବରାହିନେ ଅହେମଦୀୟା ଦେଖିଲେ ଏକଥା ପ୍ରମାଣ ହେଉଅଛି କି ଏହି ଦାବୀକୁ ଅଲ୍ଲାଃଙ୍କ ତରଫରୁ ଏବଂ ଅଲ୍ଲାଃତାଲାଙ୍କ ବାଣୀ ହେବାର ପାଖାପାଖି ୩୦ବର୍ଷ ହୋଇଗଲାଣି । ଏବଂ ୨୧ବର୍ଷ ହେବ ବରାହିନେ ଅହେମଦୀୟା ଛପା ହୋଇସାରିଛି । ପୁଣି ଯଦି ଏତେବର୍ଷ ପର୍ଯ୍ୟନ୍ତ ସେହି ମସିହ୍ ନିଃଶେଷ ନହେବା ଏବଂ ଶାନ୍ତିରେ ରହିବା ତାଙ୍କ ସତ୍ୟବାଦୀ ହେବାର ଦଲିଲ୍ ନୁହେଁ ତେବେ ଏଥିରୁ ଏଫଳ ବାହାରୁଛି କି ନଉଜୁବିଲ୍ଲାଃ ଆଁ ହଜ୍ରତ୍ ସ:ଆ:ସଙ୍କ ତିରିଶି ବର୍ଷ ପର୍ଯ୍ୟନ୍ତ ମୃତ୍ୟୁରୁ ବଂଚି ରହିବା ଆପଣଙ୍କ ସତ୍ୟବାଦୀ ହେବାର ମଧ୍ୟ ଦଲିଲ୍ ନୁହେଁ । କାରଣ ଯେବେ ଖୁଦାତାଲା ଏଠାରେ ଜଣେ ମିଥ୍ୟାବାଦୀ ମୁଦେଇ ରିସାଲତ୍ (ରସୁଲ୍ ହେବାର ଦାବୀ କରୁଥିବା ବ୍ୟକ୍ତି)କୁ ୩୦ବର୍ଷ ପର୍ଯ୍ୟନ୍ତ ମହଲତ୍ ଦେଇଛନ୍ତି ଏବଂ *ଲୌ ତକଓ୍ଵଲା ଆଲୈନା* ପ୍ରତିଶୃତିର କିଛି ଖିଆଲ୍ ରଖିଲେନାହିଁ । ତେଣୁ ସେହିପରି ନଉଜୁବିଲ୍ଲାଃ ଏହା ମଧ୍ୟ କଳ୍ପନା କରାଯାଇପାରେ କି ଆଁ ହଜ୍ରତ୍ ସ:ଆ:ସଙ୍କୁ ମଧ୍ୟ ଜଣେ ମିଥ୍ୟାବାଦୀ ହେବା ସତ୍ୱେ ମହଲତ ଦିଆଯାଇଥିଲା । କିନ୍ତୁ ଆଁ ହଜ୍ରତ୍ ସ:ଆ:ସଙ୍କ ମିଥ୍ୟାବାଦୀ ହେବା ଅସାଧ । ତେଣୁ ଯାହା ଅସାଧ ତାହା ମଧ୍ୟ ହେଉଛି ଅସମ୍ଭବ । ଏବଂ ପ୍ରକାଶ୍ୟ ଅଟେ କି କୋରାନ୍‌ର ଏହି ଦଲିଲ୍ ସେତେବେଳେ ସ୍ପଷ୍ଟ ରୂପେ ପ୍ରମାଣିତ ହୋଇପାରେ ଯେତେବେଳେ ଏହି ନିର୍ଦ୍ଧାରିତ ନିୟମକୁ ମାନିନିଆଯାଏ କି ଖୁଦା ଏପରି ଧୋକାବାଜ ବ୍ୟକ୍ତିଙ୍କୁ କଦାପି ମହଲତ ଦିଏନାହିଁ, ଯିଏ ଲୋକମାନଙ୍କୁ ପଥଭ୍ରଷ୍ଟ କରାଇବା ପାଇଁ ନିଜକୁ ଅଲ୍ଲାଃଙ୍କ ତରଫରୁ ବୋଲି ଦାବୀ କରେ । କାରଣ ଏପରି ହେଲେ ତା'ସାମ୍ରାଜ୍ୟ ବିଗିଡିଯାଏ ଏବଂ ସତ୍ୟବାଦୀ ଓ ମିଥ୍ୟାବାଦୀ ମଧ୍ୟରେ କୌଣସି ଫରକ ରହେନାହିଁ" ।

*(ରୁହାନି ଖଜାଏନ୍, ଖଣ୍ଡ-୧୭, ଜମିମା ତୋହ୍‌ଫା ଗୋଲଡିୟା, ପୃଷ୍ଠା-୪୨)*

۞ وَقَالَ رَجُلٌ مُّؤْمِنٌ ۖ مِّنْ اٰلِ فِرْعَوْنَ يَكْتُمُ اِيْمَانَهٗۤ اَتَقْتُلُوْنَ رَجُلًا اَنْ يَّقُوْلَ رَبِّيَ اللّٰهُ وَقَدْ جَآءَكُمْ بِالْبَيِّنٰتِ مِنْ رَّبِّكُمْ ؕ وَاِنْ يَّكُ كَاذِبًا فَعَلَيْهِ كَذِبُهٗ ۚ وَاِنْ يَّكُ صَادِقًا يُّصِبْكُمْ بَعْضُ الَّذِيْ يَعِدُكُمْ ؕ اِنَّ اللّٰهَ لَا يَهْدِيْ مَنْ هُوَ مُسْرِفٌ كَذَّابٌ ○ (المؤمن:29)

ଅନୁବାଦ - ଏବଂ ଫିର୍‌ଔନ୍‌ର ଲୋକମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ବିଶ୍ୱାସକାରୀ ଥିଲା, କିନ୍ତୁ ବିଶ୍ୱାସକୁ ଗୋପନୀୟ ରଖୁଥିଲା, ସେ କହିଲା, "(ହେ ଲୋକମାନେ) କ'ଣ ତୁମେମାନେ ଜଣେ ଲୋକକୁ କେବଳ ଏଥି ସକାଶେ ହତ୍ୟା କରିବ ଯେହେତୁ ସେ କହୁଛି କି ଅଲ୍ଲାଃ (ହିଁ) ମୋର ପାଳନକର୍ତ୍ତା, ଅଥଚ ସେ ତୁମମାନଙ୍କ ପାଳନକର୍ତ୍ତାଙ୍କ ନିକଟରୁ ପ୍ରକାଶ୍ୟ ନିଦର୍ଶନମାନ ମଧ୍ୟ ଆଣିଅଛି; ଏବଂ ଯଦି ସେ ମିଥ୍ୟାବାଦୀ ହୋଇଥାଏ ତେବେ ତାହାର ମିଥ୍ୟାର ବୋଝ ତାହାରି ଉପରେ ପଡ଼ିବ; ଏବଂ ଯଦି ସେ ସତ୍ୟବାଦୀ ହୋଇଥାଏ, ତେବେ ତୁମମାନଙ୍କ ସଂକ୍ରାନ୍ତରେ ସେ କହିଥିବା କେତେକ (ଭୟପ୍ରଦ) ଭବିଷ୍ୟବାଣୀ ଅବଶ୍ୟ ପୁର୍ଣ୍ଣ ହେବ; ଅଲ୍ଲାଃ ସୀମାଲଙ୍ଘନକାରୀ ଓ ମିଥ୍ୟାବାଦୀକୁ କଦାପି କୃତକାର୍ଯ୍ୟ କରାନ୍ତି ନାହିଁ ।

***ସୟଦ୍ନା ହଜ୍ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍ କହୁଛନ୍ତି:-***

"ଖୁଦାତାଲାଙ୍କ (ନିକଟରୁ ଆସିଥିବା) ସଦାଚାରୀ ଓ ସଂସ୍କାରକଙ୍କୁ ଦୁର୍ବଳ କରିଦେବା ପାଇଁ ତାଙ୍କ ବିରୋଧରେ ପ୍ରତ୍ୟେକ ପ୍ରକାରର ଚେଷ୍ଟା କରାଯାଏ କିନ୍ତୁ ଖୁଦା ତାଙ୍କ ସହିତ ଥାଆନ୍ତି (ତେଣୁ ସେମାନଙ୍କର) ସେହି ସମସ୍ତ ଚେଷ୍ଟା ମାଟିରେ ମିଶିଯାଏ । ଏହିପରି ଅବସରରେ ଏପରି କିଛି ସାଧୁ ଓ ପୁଣ୍ୟ ପ୍ରକୃତିର ବ୍ୟକ୍ତି ଅଟନ୍ତି ଯେଉଁମାନେ କହିଦିଅନ୍ତି *ଓ୍ଵ ଇଁ ୟକୁ ସାଦିକନ୍ ୟୁସିବ୍‌କୁମ୍ ବାଜୁଲ୍ଲଜି ୟଇଦୁକୁମ୍* (ଅର୍ଥାତ୍) ସତ୍ୟବାଦୀଙ୍କର ସତ୍ୟତା ନିଜେ ହିଁ ସେମାନଙ୍କ ପାଇଁ ଜବରଦସ୍ତ ପ୍ରମାଣ ଓ ଦଲିଲ୍ ହୋଇଥାଏ ଏବଂ ମିଥ୍ୟାବାଦୀଙ୍କର ମିଥ୍ୟା ହିଁ ସେମାନଙ୍କୁ ନିଃଶେଷ କରିଦେଇଥାଏ । ତେଣୁ ସେହି ଲୋକମାନଙ୍କୁ ମୋ ମୁଖାଲିଫତ୍ କରିବା ପୂର୍ବରୁ ଅତି କମ୍‌ରେ ଏତିକି ଚିନ୍ତା କରିନେବାର ଉଚିତ୍ ଥିଲା କି ଖୁଦାତାଲାଙ୍କ ପୁସ୍ତକରେ ସତ୍ୟବାଦୀଙ୍କୁ ଚିହ୍ନିବା ପାଇଁ ଏହା ଗୋଟିଏ ମାର୍ଗ ରୂପେ ରଖାଯାଇଛି । କିନ୍ତୁ ଦୁଃଖର ବିଷୟ ହେଉଛି ଏହା କି ଏହି ଲୋକମାନେ ପବିତ୍ର କୋରାନ୍ ତ ପଢୁଛନ୍ତି କିନ୍ତୁ ତାଙ୍କ ତଂଟିରୁ ତଳକୁ ଖସୁନାହିଁ" (ଅର୍ଥାତ୍ ଏକଥାକୁ ବୁଝୁନାହାଁନ୍ତି) । *(ତଫସିର୍ ହଜ୍ରତ୍ ମସିହ୍ ମଉଦ୍ ଆ:ସ, ତୃତୀୟ ଖଣ୍ଡ, ତଫସିର୍ ସୁରଃ ମୁମିନ୍, ପୃଷ୍ଠା-୧୯୯)*

# ଇମାମ୍ ମେହ୍‌ଦୀ ଏବଂ ମସିହ୍ ମଉଦ୍[ଆ:ସ]ଙ୍କ ସମ୍ବନ୍ଧରେ ସୟଦ୍‌ନା ହଜ୍‌ରତ୍ ମୁହମ୍ମଦ୍[ସ:ଆ:ସ]ଙ୍କ ମୁବାରକ୍ (ପବିତ୍ର) ବାଣୀ

## ମସିହ୍ ମଉଦ୍ ଓ ଇମାମ୍ ମେହ୍‌ଦୀଙ୍କ ଆବିର୍ଭାବ ସମ୍ବନ୍ଧୀୟ ପେଶ୍‌ଗୋଇ

● يُوْشِكُ مَنْ عَاشَ مِنْكُمْ اَنْ يَّلْقٰى عِيْسَى بْنَ مَرْيَمَ اِمَامًا مَهْدِيًّا حَكَمًا عَدْلًا يَكْسِرُ الصَّلِيْبَ وَيَقْتُلُ الْخِنْزِيْرَ۔

ଅର୍ଥାତ୍ - ତୁମମାନଙ୍କ ମଧ୍ୟରୁ ଯିଏ ଜୀବିତ ରହିବ ସେ (ଇନ୍‌ଶାଅଲ୍ଲାଃ) ଇସା ଇବ୍‌ନେ ମରିୟମ୍‌ଙ୍କ ଯୁଗକୁ ପାଇବ ସେ ହିଁ ଇମାମ୍ ମେହ୍‌ଦୀ ଏବଂ ହକମ୍ ଓ୍ୱ ଅଦଲ୍ (ନ୍ୟାୟ ବିଚାରକ) ହେବେ ଯିଏ କ୍ରୁଶକୁ ଭାଙ୍ଗିବେ ଏବଂ ଖିନ୍‌ଜିର୍ (ଘୁଷୁରି)କୁ ହତ୍ୟା କରିବେ ।

*(ମସନଦ୍ ଅହେମଦ୍, ଖଣ୍ଡ-୨, ପୃଷ୍ଠା-୧୫୬...ହଦିସ୍-୯୮)*

## ଇମାମ୍ ମେହ୍‌ଦୀ ଓ ମସିହ୍ ମଉଦ୍‌ଙ୍କ ରୂପ ଏବଂ କାର୍ଯ୍ୟ । ତାଙ୍କ ଜରିଆରେ କ୍ରୁଶୀୟ ବିଜୟଧାରାର ନିରୋଧ ଏବଂ ଘୁଷୁରି ଚରିତ୍ର ଲୋକମାନଙ୍କର ମୁଳୋତ୍ପାଟନ ହେବ । ତାଙ୍କ ଯୁଗରେ ଇସ୍‌ଲାମ୍ ବ୍ୟତୀତ ଅଲ୍ଲାଃତାଲା ବାକି ସମସ୍ତ ଧର୍ମକୁ ନିଃଶେଷ କରିଦେବ ।

● عَنْ اَبِيْ هُرَيْرَةَ رَضِيَ اللهُ عَنْهُ عَنِ النَّبِيِّ صَلَّى اللهُ عَلَيْهِ وَسَلَّمَ قَالَ: اَلْاَنْبِيَاءُ اِخْوَةُ الْعَلَّاتِ اَبُوْهُمْ وَاحِدٌ وَاُمَّهَاتُهُمْ شَتّٰى وَاَنَا اَوْلَى النَّاسِ بِعِيْسَى ابْنِ مَرْيَمَ لِاَنَّهُ لَمْ يَكُنْ بَيْنِيْ وَبَيْنَهُ نَبِيٌّ وَاِنَّهُ نَازِلٌ فَاِذَا رَاَيْتُمُوْهُ فَاعْرِفُوْهُ فَاِنَّهُ رَجُلٌ مَرْبُوْعٌ اِلَى الْحُمْرَةِ وَالْبَيَاضِ سَبْطٌ كَاَنَّ رَاْسَهُ يَقْطُرُ وَاِنْ لَمْ يُصِبْهُ بَلَلٌ بَيْنَ مُمَصَّرَتَيْنِ فَيَكْسِرُ الصَّلِيْبَ وَيَقْتُلُ الْخِنْزِيْرَ وَيَضَعُ الْجِزْيَةَ وَيُعَطِّلُ الْمِلَلَ حَتّٰى يُهْلِكَ اللهُ فِيْ زَمَانِهِ الْمِلَلَ كُلَّهَا غَيْرَ الْاِسْلَامِ وَيُهْلِكُ اللهُ فِيْ زَمَانِهِ الْمَسِيْحَ الدَّجَّالَ الْكَذَّابَ وَتَقَعُ الْاَمَنَةُ فِي الْاَرْضِ حَتّٰى تَرْتَعَ الْاِبِلُ مَعَ الْاُسْدِ جَمِيْعًا وَالنُّمُوْرُ مَعَ الْبَقَرِ وَالذِّئَابُ مَعَ الْغَنَمِ وَيَلْعَبَ الصِّبْيَانُ وَالْغِلْمَانُ بِالْحَيَّاتِ لَا يَضُرُّ بَعْضُهُمْ بَعْضًا فَيَمْكُثُ مَا شَاءَ اللهُ اَنْ يَّمْكُثَ ثُمَّ يُتَوَفّٰى فَيُصَلِّيْ عَلَيْهِ الْمُسْلِمُوْنَ وَيَدْفِنُوْنَهُ۔

ଅର୍ଥାତ୍ - ହଜ୍‌ରତ୍ ଅବୁ ହୁରେରା ର:ଅ ବର୍ଣ୍ଣନା କରୁଛନ୍ତି କି ଆଁ ହଜ୍‌ରତ୍ ସ:ଆ:ସ କହିଛନ୍ତି- ନବୀ ମାନଙ୍କର ଆପୋଷରେ ଇଲ୍ଲାତି ଭାଇଙ୍କ ପରି ସମ୍ପର୍କ ରହିଛି (ଅର୍ଥାତ୍) ଯେଉଁମାନଙ୍କର ବାପା ହେଉଛନ୍ତି ଜଣେ କିନ୍ତୁ ମା' ଅଲଗା ଅଲଗା । ଲୋକମାନଙ୍କ ଅପେକ୍ଷା ମୋର ସବୁଠାରୁ ଅଧିକା ନିକଟତର ସମ୍ପର୍କ ହଜ୍‌ରତ୍ ଇସା ଇବ୍‌ନେ ମରିୟମ୍‌ଙ୍କ ସହିତ ରହିଛି । କାରଣ ମୁଁ ଆଉ ତାଙ୍କ ମଧ୍ୟରେ କେହି ନବୀ ନାହାଁନ୍ତି । (ଏହି ଆଧାତ୍ମିକ ସନ୍ନିକଟତା ଯୋଗୁ ସେ ମୋ ଅନୁରୂପ ହୋଇ ନିଶ୍ଚିତ ଅବତୀର୍ଣ୍ଣ ହେବେ) ତୁମେମାନେ ତାଙ୍କୁ ତାଙ୍କ ଚେହେରାକୁ ଦେଖି ଚିହ୍ନିନେବ ଅର୍ଥାତ୍ ତାଙ୍କର ଉଚ୍ଚତା ମଧ୍ୟମ ରହିବ । ଲାଲ୍ ଏବଂ ଶ୍ୱେତରଙ୍ଗ, ମୁଣ୍ଡର କେଶ ସିଧାସିଧା ଏବଂ ତାଙ୍କ ମୁଣ୍ଡର କେଶରୁ ବିନା ପାଣି ବ୍ୟବହାର ସତ୍ୱେ ମଧ୍ୟ ବୁନ୍ଦା ପଡୁଥିବ । ଅର୍ଥାତ୍ ତାଙ୍କର କେଶର ଚମକ ଯୋଗୁ ତାହା ଓଦାଳିଆ ଦିଶୁଥିବ । ସେ ଆବିର୍ଭାବ ହୋଇ ସଲିବ୍ (କ୍ରୁଶ)କୁ ଭାଙ୍ଗିବେ ଅର୍ଥାତ୍ କ୍ରୁଶୀୟ ପ୍ରଥାକୁ ମିଥ୍ୟା ପ୍ରମାଣିତ କରିବେ (ଏବଂ) ଖିନ୍‌ଜିର୍ (ଘୁଷୁରି)କୁ ହତ୍ୟା କରିବେ ଅର୍ଥାତ୍ ଦୁଷ୍ଟ ପ୍ରକୃତିର ଲୋକମାନଙ୍କର ନିଃଶେଷ ହେବାର କାରଣ ହେବେ । ସୁତରାଂ ତାଙ୍କ ମାଧ୍ୟମରେ କ୍ରୁଶୀୟ ବିଜୟଧାରାର ନିରୋଧ ଏବଂ ଘୁଷୁରୀ ପ୍ରକୃତି ଲୋକମାନଙ୍କର ମୁଳୋତ୍ପାଟନ ହେବ । ଜିଜିୟା (କର)କୁ ଶେଷ କରିଦେବେ ଅର୍ଥାତ୍ ତାଙ୍କ ଯୁଗରେ ଧର୍ମଯୁଦ୍ଧ ସମାପ୍ତ ହୋଇଯିବ । ତାଙ୍କ ଯୁଗରେ ଅଲ୍ଲାଃତାଲା ଇସ୍‌ଲାମ୍‌କୁ ବାଦ୍‌ଦେଇ ବାକି ଧର୍ମସମୂହକୁ ଆଧାତ୍ମିକ ଦୃଷ୍ଟିକୋଣ ଓ ବୈଭବ ଦୃଷ୍ଟିକୋଣରୁ ମଧ୍ୟ ନିଃଶେଷ କରିଦେବେ । ଏବଂ ମିଛୁଆ ମସିହ୍ ଦଜ୍ଜାଲ୍‌କୁ ନିଃଶେଷ କରିଦେବ ଓ ଏପରି ଶାନ୍ତିମୟ ଯୁଗ ହେବ କି ଓଟ ବାଘ ସହିତ, ଚିତାବାଘ ଗାଇମାନଙ୍କ ସହିତ, ଗଧିଆ ଛେଳିମାନଙ୍କ ସହିତ ଏକାଠି ଚରିବେ । ଛୋଟଛୋଟ ପିଲା ଓ ବଡ ବୟସର ଯୁବକମାନେ ସାପ ସହିତ ଖେଳିବେ । ସୁତରାଂ ଅଲ୍ଲାଃତାଲାଙ୍କ ହୁକୁମ୍ ମୁତାବକ ଏହି ମସିହ୍ ଯେତେଦିନ ପର୍ଯ୍ୟନ୍ତ ଚାହିଁବେ ସଂସାରରେ ରହିବେ । ପୁଣି ତାଙ୍କର ଦେହାନ୍ତ ହେବ । ମୁସଲମାନ୍ ତାଙ୍କର ଯନାଜାଃ ପଢ଼ିବେ ଏବଂ ତାଙ୍କର ତଦ୍‌ଫିନ୍ (କ୍ରିୟାକର୍ମ) କରାଯିବ ।

*(ଅବୁଦାଉଦ କିତାବୁଲ୍ ମହାହିମ୍...ପୃଷ୍ଠା-୫୯୪, ମସନଦ୍ ଅହେମଦ୍ ବିନ୍ ହମ୍ବଲ, ଖଣ୍ଡ-୨, ପୃଷ୍ଠା-୪୩୭, ବହଓ୍ୱାଲା ହଦିକତୁସ୍ ସ୍ୱାଲେହିନ୍, ହଦିସ୍ ନଂ-୯୪୫)*

## ଯେଉଁ ମସିହ୍ ମଉଦ୍ ଆସିବେ ସେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଖଲିଫା ହେବେ

● اَلَا اِنَّ عِيْسَى بْنَ مَرْيَمَ لَيْسَ بَيْنِيْ وَبَيْنَهُ نَبِيٌّ وَلَا رَسُوْلٌ. اَلَا اِنَّهُ خَلِيْفَتِيْ فِيْ اُمَّتِيْ مِنْ بَعْدِيْ. اَلَا اِنَّهُ يَقْتُلُ الدَّجَّالَ وَيَكْسِرُ الصَّلِيْبَ وَيَضَعُ الْجِزْيَةَ. وَتَضَعُ الْحَرْبُ اَوْزَارَهَا اَلَا مَنْ اَدْرَكَهُ فَلْيَقْرَأْ عَلَيْهِ السَّلَامَ۔ (طبرانی الاوسط والصغیر)

ଅର୍ଥାତ୍ - ସଚେତନ ହୁଅ କି ଇସା ଇବ୍‌ନେ ମରିୟମ୍ (ମସିହ୍ ମଉଦ୍) ଓ ମୋ ମଧ୍ୟରେ କୌଣସି ନବୀ ବା ରସୁଲ୍ ହେବେନାହିଁ । ଖୁବ୍ ଶୁଣିରଖ କି ସେ ମୋ ପରେ (ଏ) ଉମ୍ମତ୍‌ରେ ମୋର ଖଲିଫା ହେବ । ସେ ନିଶ୍ଚିତ ରୂପେ ଦଜ୍ଜାଲ୍‌କୁ ହତ୍ୟା କରିବ । ସଲିବ୍ (ଅର୍ଥାତ୍ କ୍ରୁଶୀୟ ପ୍ରଥା)କୁ ଖଣ୍ଡଖଣ୍ଡ କରିଦେବ ଏବଂ ଜିଜିୟାକୁ ଶେଷ କରିଦେବ । (ଅର୍ଥାତ୍ ତା'ର ପ୍ରଚଳନ ଉଠିଯିବ କାରଣ) ସେ ସମୟରେ (ଧର୍ମ)ଯୁଦ୍ଧ ଗୁଡ଼ିକର ସମାପ୍ତି ହୋଇଯିବ । ମନେରଖ ତାଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଯାହାକୁ ମଧ୍ୟ ସୌଭାଗ୍ୟ ମିଳିବ ସେ ଯାଇ ତାଙ୍କୁ ମୋର ସଲାମ୍ ନିଶ୍ଚିତ ରୂପେ ପହଂଚାଉ । *(ତିବ୍‌ରାନି ଅଲଔସତ୍ ଓ୍ୱସ୍ ସଗିର୍)*

## ଇମାମ୍ ମେହ୍‌ଦୀ ଓ ମସିହ୍ ମଉଦ୍ କଦ୍‌ଆ ନାମକ ଗ୍ରାମରୁ ଆବିର୍ଭାବ ହେବେ

● قَالَ النَّبِيُّ صَلَّى اللهُ عَلَيْهِ وَسَلَّمَ : يَخْرُجُ الْمَهْدِيُّ مِنْ قَرْيَةٍ يُقَالُ لَهَا كَدْعَةُ وَيُصَدِّقُهُ اللهُ تَعَالٰى وَيَجْمَعُ اَصْحَابَهُ مِنْ اَقْصَى الْبِلَادِ عَلٰى عِدَّةِ اَهْلِ بَدْرٍ بِثَلَاثِ مِائَةٍ وَثَلَاثَةَ عَشَرَ رَجُلًا وَمَعَهُ صَحِيْفَةٌ مَخْتُوْمَةٌ فِيْهَا عَدَدُ اَصْحَابِهِ بِاَسْمَائِهِمْ وَبِلَادِهِمْ وَخِلَالِهِمْ۔

ଅର୍ଥାତ୍ - ସାହିବେ ଜଓ୍ୱାହିରୁଲ୍ ଅସ୍‌ରାର୍ ଲେଖୁଛନ୍ତି କି ଅର୍‌ବଇନ୍‌ରେ ଏ ରିଓ୍ୱାୟତ୍ ବର୍ଣ୍ଣିତ ଅଛି କି ଆଁ ହଜ୍‌ରତ୍ ସ:ଆ:ସ କହିଲେ- ମେହ୍‌ଦୀ ଏପରି ଏକ ଗ୍ରାମରେ ପ୍ରକଟ ହେବେ ଯାହାର ନାମ "କଦ୍‌ଆ" ହେବ । (କାଦିଆନ୍ ଆଡକୁ ଇଂଗିତ କରାଯାଇଛି) ଅଲ୍ଲାଃତାଲା ଏହାର ସମର୍ଥନରେ ନିଦର୍ଶନ ଦେଖାଇବେ ଏବଂ ବଦ୍‌ରି ସାହାବାଙ୍କ ସଦୃଶ ଭିନ୍ନ ଭିନ୍ନ ଇଲାକାରେ ବସବାସ କରୁଥିବା ଲୋକମାନଙ୍କ ମଧ୍ୟରୁ ୩୧୩ଜଣ ମହାନୁଭାବ ସାହାବା ତାଙ୍କୁ ପ୍ରଦାନ କରିବେ, ଯାହାଙ୍କର ନାମ ଓ ଠିକଣା ଗୋଟିଏ ପ୍ରାମାଣିକ ପୁସ୍ତକରେ ଦରଜ ହେବ ।

*(ଜଜାଫିଲ୍ ଅର୍‌ବଇନ, ଜଓ୍ୱାହିରୁଲ୍ ଅସ୍‌ରାର୍ କଲମି, ପୃଷ୍ଠା-୫୬... ୧୩୩୦ ହିଜ୍‌ରି)*

## ଇମାମ୍ ମେହ୍‌ଦୀଙ୍କୁ ସଲାମ୍ ପହଁଚାଇବା ପାଇଁ ଆଁ ହଜ୍‌ରତ୍ ସ:ଆ:ସଙ୍କ ତାଗିଦ୍ ହୁକୁମ୍

● اَلَا اِنَّ عِيْسَى بْنَ مَرْيَمَ لَيْسَ بَيْنِيْ وَبَيْنَهُ نَبِيٌّ وَلَا رَسُوْلٌ. اَلَا اِنَّهُ خَلِيْفَتِيْ فِيْ اُمَّتِيْ مِنْ بَعْدِيْ. اَلَا اِنَّهُ يَقْتُلُ الدَّجَّالَ وَيَكْسِرُ الصَّلِيْبَ وَيَضَعُ الْجِزْيَةَ. وَتَضَعُ الْحَرْبُ اَوْزَارَهَا اَلَا مَنْ اَدْرَكَهُ فَلْيَقْرَأْ عَلَيْهِ السَّلَامَ۔ (طبرانی الاوسط والصغیر)

ଅର୍ଥାତ୍ - ସଚେତନ ହୁଅ କି ଇସା ଇବ୍‌ନେ ମରିୟମ୍ (ମସିହ୍ ମଉଦ୍) ଓ ମୋ ମଧ୍ୟରେ କୌଣସି ନବୀ ବା ରସୁଲ୍ ହେବେନାହିଁ । ଖୁବ୍ ଶୁଣିରଖ କି ସେ ମୋ ପରେ (ଏ) ଉମ୍ମତ୍‌ରେ ମୋର ଖଲିଫା ହେବ । ସେ ନିଶ୍ଚିତ ରୂପେ ଦଜ୍ଜାଲ୍‌କୁ ହତ୍ୟା କରିବ । ସଲିବ୍ (ଅର୍ଥାତ୍ କ୍ରୁଶୀୟ ପ୍ରଥା)କୁ ଖଣ୍ଡଖଣ୍ଡ କରିଦେବ ଏବଂ ଜିଜିୟାକୁ ଶେଷ କରିଦେବ । (ଅର୍ଥାତ୍ ତା'ର ପ୍ରଚଳନ ଉଠିଯିବ କାରଣ) ସେ ସମୟରେ (ଧର୍ମ)ଯୁଦ୍ଧ ଗୁଡ଼ିକର ସମାପ୍ତି ହୋଇଯିବ । ମନେରଖ ତାଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଯାହାକୁ ମଧ୍ୟ ସୌଭାଗ୍ୟ ମିଳିବ ସେ ଯାଇ ତାଙ୍କୁ ମୋର ସଲାମ୍ ନିଶ୍ଚିତ ରୂପେ ପହଂଚାଉ । *(ତିବ୍‌ରାନି ଅଲଔସତ୍ ଓ୍ୱସ୍ ସଗିର୍)*

## ଇମାମ୍ ମେହ୍‌ଦୀଙ୍କ ବୟତ କରିବା ପାଇଁ ତାଗିଦ୍ ହୁକୁମ୍

● فَاِذَا رَاَيْتُمُوْهُ فَبَايِعُوْهُ وَلَوْ حَبْوًا عَلَى الثَّلْجِ فَاِنَّهُ خَلِيْفَةُ اللهِ الْمَهْدِيُّ۔

ଅର୍ଥାତ୍ - ହେ ମୁସଲମାନ୍‌ମାନେ ! ଯେତେବେଳେ ତୁମେ ତାଙ୍କ ବିଷୟରେ ଖବର ପାଅ ସେତେବେଳେ ତତ୍‌କ୍ଷଣାତ୍ ଯାଇ ତାଙ୍କର ବୟତ୍ କର, ଯଦିଚ ତୁମକୁ ବରଫର ପାହାଡ ଉପରେ ଆଣ୍ଠେଇ ଆଣ୍ଠେଇ ଯିବାକୁ ପଡେ । କାରଣ । ସେ ଖୁଦାଙ୍କ ଖଲିଫା ମେହ୍‌ଦୀ ହେବେ । *(ଅବୁଦାଉଦ୍ ବାବ୍ ଖୁରୁଜୁଲ୍ ମେହ୍‌ଦୀ)*

**ମୁଁ ଇଶ୍ୱରଙ୍କ ଦ୍ୱାରା ପ୍ରେରିତ ଛାୟା ଓ ସହାୟକ ନବୀ ରୂପେ ଆସିଅଛି । ପ୍ରତ୍ୟେକ ମୁସଲ୍ମାନ୍ ପକ୍ଷେ ଏହା ଅନିର୍ବାର୍ଯ୍ୟ ହୋଇପଡ଼ିଛି ଯେ ଧର୍ମ ସଂକ୍ରାନ୍ତରେ ସେ ମୋର ଆଜ୍ଞାବହ ହେବ ଆଉ ମଧ୍ୟ ମୋତେ ମସିହ୍ ମଉଦ୍ (ପ୍ରତିଶୃତ ଯୁଗାବତାର) ବୋଲି ମାନିବା ସେମାନଙ୍କ ପକ୍ଷେ ଜରୁରୀ ।**

**ପ୍ରତ୍ୟେକ ସେହି ଲୋକ ଯାହାଙ୍କ ନିକଟରେ ମୋର ବାଣୀର ପ୍ରଚାର ପହଂଚିଯାଇଛି, ଯଦିଓ ସେ ମୁସଲ୍ମାନ୍, ମାତ୍ର ସେ ଯଦି ମୋତେ ହକମ୍ (ମିମାଂଶାକାରୀ) ରୂପେ ବିବେଚନା କରେନାହିଁ, ମୋତେ ମସିହ୍ ମଉଦ୍ ହେବାର ମାନ୍ୟତା ଦିଏନାହିଁ କି ମୋର ଦୈବୀବାଣୀ ଇଶ୍ୱରଙ୍କ ତରଫରୁ ପ୍ରକଟିତ ହେଉଥିବାର ଜାଣେନାହିଁ, ସେଥିପାଇଁ ସ୍ୱର୍ଗପୁରରେ ତାକୁ କୈଫିୟତ୍ ଦେବାକୁ ପଡ଼ିବ ଓ ଏହା ଅବଶ୍ୟ ଶାସ୍ତି ଯୋଗ୍ୟ ।**

***ସୟଦ୍ନା ହଜ୍ରତ୍ ମସିହ୍ ମଉଦ୍ ଆ:ସଙ୍କ ବାଣୀ***

### ମୋର କୌଣସି ଅକିଦା (ବିଶ୍ୱାସ/ଆସ୍ଥା) ଅଲ୍ଲାଃ ଏବଂ ରସୁଲଙ୍କ ନିର୍ଦ୍ଦେଶର ଖିଲାଫ୍ ନୁହେଁ

"ମୋତେ ମହିମାମୟ ଅଲ୍ଲାଃଙ୍କ ରାଣ ମୁଁ କାଫିର୍ (ଅମାନ୍ୟକାରୀ) ନୁହେଁ । *ଲା ଇଲାହା ଇଲ୍ଲଲ୍ଲାଃ ମୁହମ୍ମଦୁର୍ ରସୁଲୁଲ୍ଲାଃ* ହେଉଛି ମୋର ଅକିଦା । ଆଁ ହଜ୍ରତ୍ ସ:ଆ:ସଙ୍କ ନିମନ୍ତେ ଥିବା *ୱ୍ଲାକିର୍ ରସୁଲଲ୍ଲାହି ୱ୍ ଖାତମନ୍ ନବୀୟୀନ୍* ଉପରେ ମୋର ଇମାନ୍ ଅଛି । ମୁଁ ନିଜର ଏହି ଉକ୍ତିର ସତ୍ୟତା ପୁଷ୍ଟି ନିମନ୍ତେ ଏତେ ମାତ୍ରାରେ ରାଣ ଖାଉଛି ଯେତେମାତ୍ରାରେ ଖୁଦାତାଲାଙ୍କ ପବିତ୍ର ନାମ ରହିଛି ଓ ଯେତେମାତ୍ରାରେ ପବିତ୍ର କୋରାନ୍ର ଅକ୍ଷର ରହିଛି । ଏବଂ ଖୁଦାଙ୍କ ନିକଟରେ ଯେତେମାତ୍ରାରେ ଆଁ ହଜ୍ରତ୍ ସ:ଆ:ସଙ୍କ ସିଦ୍ଧି/ଚମତ୍କାରିତା ରହିଛି । ମୋର କୌଣସି ବିଶ୍ୱାସ ଅଲ୍ଲାଃ ଏବଂ ରସୁଲ୍ଙ୍କ ନିର୍ଦ୍ଦେଶର ଖିଲାଫ୍ ନାହିଁ ଏବଂ ଯେ କେହି ଏକଥା ଭାବୁଛି, ଏହା ତା ନିଜର ଭ୍ରମ ଏବଂ ଯେଉଁ ବ୍ୟକ୍ତି ମୋତେ ଏବେ ମଧ୍ୟ କାଫିର୍ ବୋଲି ଭାବୁଛି ଓ ମୋତେ ମିଥ୍ୟାବାଦୀ ଅଭିହିତ କରିବାରୁ ନିବୃତ ରହୁନାହିଁ ସେ ନିଶ୍ଚିତ ରୂପେ (ଏହା) ମନେରଖୁ କି ମରିବା ପରେ ତାକୁ ପଚରାଯିବ (ଅର୍ଥାତ୍ ତା'ଠାରୁ ହିସାବ ମଗାଯିବ) । ମୁଁ ଅଲ୍ଲାଃ ଜଲ୍ଲ ଶାନୁହୁ (ମହିମାମୟ ଅଲ୍ଲାଃ)ଙ୍କ ରାଣ ଖାଇ କହୁଅଛି କି ଖୁଦା ଓ ରସୁଲଙ୍କ ଉପରେ ମୋର ଏପରି ବିଶ୍ୱାସ ରହିଛି କି ଯଦି ଏ ଯୁଗର ସବୁ ଇମାନ୍କୁ ନିକିତିର ଗୋଟିଏ ପଲାରେ ରଖାଯାଏ ଏବଂ ମୋ ଇମାନ୍କୁ ଅନ୍ୟ ପଲାରେ ରଖାଯାଏ ତେବେ ଅଲ୍ଲାଃଙ୍କ କରୁଣାରୁ (ମୋର) ଏହି ପଲା ଭାରି ହେବ" ।

*(କରାମାତୁସ୍ ସ୍ୱାଦେକିନ୍, ରୁହାନି ଖଜାଏନ୍, ଖଣ୍ଡ-୭, ପୃଷ୍ଠା-୬୭)*

### ମୁଁ ଖୁଦାତାଲାଙ୍କ ରାଣ ଖାଇ କହୁଛି ଯେ ମୁଁ ଏବଂ ମୋ ଜମାତ୍ ହେଉଛି ମୁସଲ୍ମାନ୍

ମୁଁ ଖୁଦାତାଲାଙ୍କ ରାଣ ଖାଇ କହୁଛି ଯେ ମୁଁ ଏବଂ ମୋ ଜମାତ୍ ମୁସଲ୍ମାନ୍ ଅଟନ୍ତି ଏବଂ ସେମାନେ ଆଁ ହଜ୍ରତ୍ ସ:ଆ:ସ ଓ କୁର୍ଆନ୍ କରିମ୍ ଉପରେ ଏପରି ଇମାନ୍ ଆଣିଛନ୍ତି ଯେପରି ଜଣେ ସଚ୍ଚା ମୁସଲ୍ମାନ୍କୁ ଆଣିବା ଉଚିତ୍ । ମୁଁ ଏକ ଅଣୁମାତ୍ରାରେ ମଧ୍ୟ ଇସ୍ଲାମ୍ର ବାହାରେ ପାଦ ରଖିବାକୁ ଧ୍ୱଂସର କାରଣ ବୋଲି ବିଶ୍ୱାସ କରୁଛି ଏବଂ ମୋର ଏ ସିଦ୍ଧାନ୍ତ କି ଯେତେମାତ୍ରାରେ କରୁଣା ଓ ବୈଭବ କୌଣସି ବ୍ୟକ୍ତି ହାସଲ କରିପାରେ ଏବଂ ଯେତେମାତ୍ରାରେ ଅଲ୍ଲାଃଙ୍କ ସାନିଧ ପାଇପାରେ ତାହା କେବଳ ହିଁ କେବଳ ଆଁ ହଜ୍ରତ୍ ସ:ଆ:ସଙ୍କ ପ୍ରକୃତ ଆଜ୍ଞାବହତା ସ୍ୱୀକାର ଏବଂ (ତାଙ୍କ ସହିତ) ସମ୍ପୂର୍ଣ୍ଣ ପ୍ରେମ କରିବାରେ ପାଇପାରେ ନଚେତ୍ (ପାଇପାରିବ) ନାହିଁ । ଆପଣ ସ:ଆ:ସଙ୍କ ବ୍ୟତୀତ ଏବେ ପୁଣ୍ୟର କୌଣସି ମାର୍ଗ ନାହିଁ" ।

(ଲେକ୍ଚର୍ ଲୁଧିୟାନା, ରୁହାନି ଖଜାଏନ୍, ଖଣ୍ଡ-୨୦, ପୃଷ୍ଠା-୨୬୦)

### ଖୁଦାତାଲା ନିଜ ପ୍ରତିଶୃତି ମୁତାବକ ଏ ଅଧମକୁ ଚଉଦ ସଦିର ପ୍ରାରମ୍ଭରେ ପ୍ରେରଣ କରିଛନ୍ତି ଏବଂ ଏପରି ସ୍ୱର୍ଗୀୟ ଅସ୍ତ୍ର ମୋତେ ପ୍ରଦାନ କରିଛନ୍ତି ଯଦ୍ୱାରା ମୁଁ ସଲିବି ଧର୍ମ (ଇସାଇ ଧର୍ମର ଧର୍ମତତ୍ୱ)କୁ ଭାଙ୍ଗିପାରିବି ।

"ଖୁଦାତାଲା ଠିକ୍ ଅନ୍ଧକାର ଓ ଫିତ୍ନା (ବିଭ୍ରାଟ) ସମୟରେ ଏ ଅଧମକୁ ଚଉଦ ସଦିର ପ୍ରାରମ୍ଭରେ ମାନବଜାତିର ସୁଧାରକ ରୂପେ ମୋଜଦିଦ୍ (ସଂସ୍କାରକ) କରି ପ୍ରେରଣ କରିଛନ୍ତି ଏବଂ ଏହି ସଦିରେ ଯେଉଁ ସବୁ ମାତ୍ରାଧିକ ଫିତ୍ନା ଇସ୍ଲାମ୍କୁ କ୍ଷତି ପହଂଚାଉଥିଲା ତାହା ସବୁ ଇସାଇ ପାଦ୍ରୀମାନଙ୍କର ଫିତ୍ନା ଥିଲା । ସେଥିପାଇଁ ଖୁଦାତାଲା ଏ ଅଧମର ନାମ ମସିହ୍ ମଉଦ୍ ରଖିଲେ ଓ ଏହି ନାମ ଅର୍ଥାତ୍ ମସିହ୍ ମଉଦ୍ ନାମ ଯାହା ବିଷୟରେ ଆମ ନବୀ ସ:ଆ:ସଙ୍କୁ ଖବର ଦିଆଯାଇଥିଲା ଏବଂ ଇଶ୍ୱରଙ୍କ ପ୍ରତିଶୃତି ଧାର୍ଯ୍ୟ ହୋଇସାରିଥିଲା କି ତସ୍ଲିସ୍ (ଖ୍ରୀଷ୍ଟିୟ ମତବାଦ)ର ପ୍ରଭୁତ୍ୱର ଯୁଗରେ ସେହି ନାମରେ ନାମିତ ଜଣେ ମୋଜଦିଦ୍ ଆସିବେ ଯାହାଙ୍କ ହାତରେ କସ୍ରେ ସଲିବ୍ (କୃଶଭଙ୍ଗ) ହେବାର ବିଧାନ ଥିଲା । ସେଥିଯୋଗୁ ସହିହି ବୁଖାରୀରେ ଉକ୍ତ ମୁଜଦିଦ୍ଙ୍କର ଏପରି ପରିଚୟ ଉଲ୍ଲେଖ ରହିଛି କି ସେ ମୁହମ୍ମଦ୍ଙ୍କ ଉମ୍ମତ୍ରେ ତାଙ୍କର ଜଣେ ଇମାମ୍ ହେବେ ଏବଂ କୃଶକୁ ଭାଙ୍ଗିବେ । ଏକଥା ଏଥିପ୍ରତି ଇଂଗିତ ଥିଲା କି ସେ କୃଶଧର୍ମ (ଅର୍ଥାତ୍ ଇସାଇ ଧର୍ମ)ର ପ୍ରଭୁତ୍ୱ ବିସ୍ତାର କରିଥିବା ସମୟରେ ଆସିବେ । ସୁତରାଂ ଖୁଦାତାଲା ନିଜ ପ୍ରତିଶୃତି ମୁତାବକ ଏପରି କଲେ ଏବଂ ଏ ଅଧମକୁ ଖୁଦାତାଲା ନିଜ ପ୍ରତିଶୃତି ମୁତାବକ ଚଉଦ ସଦିର ପ୍ରାରମ୍ଭରେ ପ୍ରେରଣ କରିଛନ୍ତି ଏବଂ ଏପରି ସ୍ୱର୍ଗୀୟ ଅସ୍ତ୍ର ମୋତେ ପ୍ରଦାନ କରିଛନ୍ତି ଯଦ୍ୱାରା ମୁଁ ସଲିବି ଧର୍ମ (ଇସାଇ ଧର୍ମର ଧର୍ମତତ୍ୱ)କୁ ଭାଙ୍ଗିପାରିବି । (କିତାବୁଲ୍ ବରିୟାଃ, ରୁହାନି ଖଜାଏନ୍, ଖଣ୍ଡ-୧୩, ପୃଷ୍ଠା-୩୫୮)

### ମୁଁ ହେଉଛି ଏ ଯୁଗର ଇମାମ୍ । ମୋଠାରେ ଖୁଦାତାଲା ସେହି ସମସ୍ତ ଲକ୍ଷ ଓ ସମସ୍ତ ସର୍ତଗୁଡିକକୁ ଏକାଠି କରିଦେଇଛନ୍ତି ଏବଂ ଏ ସଦିର ପ୍ରାରମ୍ଭରେ ମୋତେ ପ୍ରେରଣ କରିଛନ୍ତି । ମୁଁ ଆଧ୍ୟାତ୍ମିକତା ଦୃଷ୍ଟିକୋଣରୁ କୃଶଭଙ୍ଗ କରିବା ନିମନ୍ତେ ଏବଂ ତତ୍ ସହିତ ବିଭେଦ ଓ ମତାନ୍ତରକୁ ଦୂର କରିବା ପାଇଁ ପ୍ରେରିତ ହୋଇଛି

"ଏ ଯୁଗର ଇମାମୁଜ୍ ଜମାଁ (ଯୁବାବତାର) କିଏ, ଯାହାଙ୍କ ଅନୁସରଣ କରିବା ସମସ୍ତ ସାଧାରଣ ମୁସଲ୍ମାନ୍, ସଂଜମୀ, ଖ୍ୱାବ୍ ବିନ୍ (ଯେଉଁମାନେ ସତ୍ୟ ସ୍ୱପ୍ନ ଦେଖିଥାନ୍ତି) ଏବଂ ସମସ୍ତ ମୁଲ୍ହିମ୍ (ଯାହାଙ୍କ ଉପରେ ସ୍ୱର୍ଗବାଣୀ ହୋଇଥାଏ)ଙ୍କ ନିମନ୍ତେ ଖୁଦାତାଲାଙ୍କ ତରଫରୁ ଧାର୍ଯ୍ୟ କରାଯାଇଛି ? ସୁତରାଂ ବର୍ତମାନ ମୁଁ ବିନା ଦ୍ୱିଧାରେ କହୁଅଛି କି ଖୁଦାତାଲାଙ୍କ କରୁଣା ଏବଂ ଅନୁଗ୍ରହରୁ ସେହି ଇମାମୁଜ୍ ଜମାଁ (ଯୁଗାବତାର) ହେଉଛି ମୁଁ । ମୋଠାରେ ଖୁଦାତାଲା ସେହି ସମସ୍ତ ଲକ୍ଷଣ ଓ ସେ ସମସ୍ତ ସର୍ତଗୁଡିକୁ ଏକତ୍ରିତ କରିଦେଇଛନ୍ତି । ଏ ସଦିର ମୁଣ୍ଡ ଉପରେ (ଅର୍ଥାତ୍ ପ୍ରାରମ୍ଭରେ) ମୋତେ ପ୍ରେରଣ କରିଛନ୍ତି ଓ ସେଥିରୁ ୧୫ବର୍ଷ ମଧ୍ୟ ବିତିଗଲାଣି । ମୁଁ ଏପରି ସମୟରେ ପ୍ରକଟ ହୋଇଛି ଯେତେବେଳେ ଇସ୍ଲାମୀୟ ଅକିଦା (ବିଶ୍ୱାସ)ରେ ବିଭେଦ (ଓ ମତାନ୍ତର) ଭରିରହିଥିଲା ଏବଂ କୌଣସି ଅକିଦା ବିଭେଦରୁ ଖାଲି ନଥିଲା । ଏହିପରି ମସିହ୍ଙ୍କ ନୁଜୁଲ୍ (ଅବତୀର୍ଣ୍ଣ) ହେବା ସମ୍ବନ୍ଧରେ ଅତ୍ୟନ୍ତ ଭୁଲ୍ ଧାରଣା ବ୍ୟାପିଯାଇଥିଲା ଏବଂ ଏ ଅକିଦାରେ ମଧ୍ୟ ମତାନ୍ତରର ଅବସ୍ଥା ଏପରି ଥିଲା କି କିଏ ହଜ୍ରତ୍ ଇସାଙ୍କୁ (ଏପର୍ଯ୍ୟନ୍ତ) ଜୀବିତ ରହିବା ବିଶ୍ୱାସ କରୁଥିଲା ତ ଆଉକିଏ ତାଙ୍କ ମୃତ୍ୟୁର । ଏବଂ ଆଉକିଏ (ତାଙ୍କୁ) ସଶରୀରେ ଅବତୀର୍ଣ୍ଣ ହେବା ବିଶ୍ୱାସ କରୁଥିଲା ତ ଆଉ କିଏ ତାଙ୍କର କେହି ଅନୁରୂପ ଅବତୀର୍ଣ୍ଣ ହେବେ ବୋଲି ବିଶ୍ୱାସ ରଖୁଥିଲା । କିଏ ତାଙ୍କୁ ଦମଶ୍କ (ଡାମାସ୍କସ୍)ରେ ଓହ୍ଲାଉଥିଲା ତ ଆଉ କିଏ ମକ୍କାରେ । କିଏ ବଇତୁଲ୍ ମୋକଦସ୍ଠାରେ ତ ଆଉ କିଏ ତାଙ୍କୁ ଇସ୍ଲାମୀୟ ସେନାରେ ଅବତୀର୍ଣ୍ଣ କରାଉଥିଲା । ଆଉକେହି ଏପରି ଭାବୁଥିଲା କି ସେ ହିନ୍ଦୁସ୍ତାନ୍ରେ ଓହ୍ଲାଇବେ । ସୁତରାଂ ଏହି ସମସ୍ତ ଭିନ୍ନ ଭିନ୍ନ ମତ ଓ ବିଭିନ୍ନ କଥନ ଜଣେ ନିଷ୍ପତିକାରୀ ହକମ୍ର ଆବଶ୍ୟକ କରୁଥିଲା । ସୁତରାଂ ମୁଁ ହେଉଛି ସେହି ହକମ୍ । ମୁଁ ଆଧ୍ୟାତ୍ମିକତା ଦୃଷ୍ଟିକୋଣରୁ କୃଶଭଙ୍ଗ କରିବା ନିମନ୍ତେ ଏବଂ ତତ୍ ସହିତ ବିଭେଦ ଓ ମତାନ୍ତରକୁ ଦୂର କରିବା ପାଇଁ ପ୍ରେରିତ ହୋଇଛି । ମୋ ଆସିବା ପାଇଁ ଏହି ଦୁଇଟି କଥାର ଆବଶ୍ୟକ ରହିଛି । ମୋ ପାଇଁ ଏ ସତ୍ୟତାକୁ ପ୍ରମାଣ କରିବା ନିମନ୍ତେ ଆଉ କୌଣସି ଦଲିଲ୍ (ପ୍ରମାଣ) ଦେବାର ଆବଶ୍ୟକତା ନାହିଁ କାରଣ ଆବଶ୍ୟକତା ନିଜେ ହିଁ (ନିଜର) ଦଲିଲ୍ । କିନ୍ତୁ ପୁଣି ମଧ୍ୟ ମୋ ସମର୍ଥନରେ ଖୁଦାତାଲା ଅନେକ ନିଦର୍ଶନ/ଚିହ୍ନ ପ୍ରକାଶ କରିଛନ୍ତି । ମୁଁ ଯେପରି ଅନ୍ୟାନ୍ୟ ମତଭେଦ ଗୁଡିକୁ ନିଷ୍ପତି କରିବା ପାଇଁ ହକମ୍ ସେହିପରି (ଇସା ମସିହ୍ଙ୍କ) ମୃତ୍ୟୁ ଓ ଜିବୀତ ରହିବାର

ଝଗଡ଼ାରେ ମଧ୍ୟ ହକମ୍ (ନିଷ୍ପତିକାରୀ) ଅଟେ ଏବଂ ମୁଁ ଇମାମ୍ ମାଲିକ୍, ଇବ୍‌ନେ ହଜମ୍ ଏବଂ ମୋତଜଲାଃଙ୍କ କଥନକୁ ମସିହ୍‌ଙ୍କ ମୃତ୍ୟୁ ସମ୍ବନ୍ଧରେ ସଠିକ୍ ବିବେଚନା କରୁଛି ଓ ଅନ୍ୟ ଅହ୍‌ଲେ ସୁନ୍ନତଙ୍କୁ ଭ୍ରମଧାରଣାରେ ଅଛନ୍ତି ବୋଲି ଜାଣୁଛି । ସୁତରାଂ ମୁଁ ଜଣେ ହକମ୍ ହୋଇଥିବାରୁ ଉକ୍ତ ଝଗଡା (ଓ ମତାନ୍ତର) କରୁଥିବା ଲୋକମାନଙ୍କ ମଧ୍ୟରେ ଏ ଫୈସଲା କରୁଅଛି କି ନୁଜୁଲ୍ ହେବାର ଅର୍ଥ କରୁଥିବା (ଗୋଷ୍ଠୀମାନଙ୍କ ମଧ୍ୟରେ) ଅହ୍‌ଲେ ସୁନ୍ନତ୍ ଗୋଷ୍ଠୀଙ୍କ ଅର୍ଥ ହେଉଛି ସଠିକ୍ କାରଣ ମସିହ୍‌ଙ୍କ ଅବତୀର୍ଣ୍ଣ ବରୋଜି (ଅନୁରୂପ) ଭାବେ ହେବା ଜରୁରୀ ଥିଲା । ହଁ ନୁଜୁଲ୍‌ର ପ୍ରକାର ଭେଦ ବର୍ଣ୍ଣନା କରିବାରେ ସେମାନେ ଭୁଲ୍ କରିଛନ୍ତି । ନୁଜୁଲ୍ ଗୁଣ ସ୍ୱରୂପ ଥିଲା ନା କି ବାସ୍ତବିକ୍ ଏବଂ ମସିହ୍‌ଙ୍କ ମୃତ୍ୟୁ ବିଷୟରେ ମୋତଜଲ୍ଲାଃ, ଇମାମ୍ ମାଲିକ୍ ଏବଂ ଇବ୍‌ନେ ହଜମ୍ ଇତ୍ୟାଦିଙ୍କ କଥନରେ ଏକମତ ହେବା ସତ୍ୟ ଅଟେ କାରଣ ପବିତ୍ର କୋରାନ୍‌ର ଆୟତ ଅନୁସାରେ *ଫଲମ୍ମା ତୌଫଏତନି* ଆୟତ ଅନ୍ତର୍ଗତ ଇସାଇ ମାନଙ୍କ ଭ୍ରଷ୍ଟ ହୋଇଯିବା ପୂର୍ବରୁ (ମସିହ୍‌ଙ୍କ) ମୃତ୍ୟୁବରଣ କରିବା ଜରୁରୀ ଥିଲା । ହକମ୍ ହୋଇଥିବା ଯୋଗୁ ଏହା ମୋ ତରଫରୁ ହେଉଛି ନିଷ୍ପତି । ଏବେ ଯେଉଁ ବ୍ୟକ୍ତି ମୋର ଏ ନିଷ୍ପତିକୁ ଗ୍ରହଣ କରୁନାହିଁ ସେ ତାକୁ ଗ୍ରହଣ କରୁନାହିଁ ଯିଏ ମୋତେ ହକମ୍ ରୂପେ ନିୟୋଜିତ କରିଛନ୍ତି (ଅର୍ଥାତ୍ ଅଲ୍ଲାଃତାଲାଙ୍କୁ) ଯଦି ଏ ପ୍ରଶ୍ନ ଉଠେ କି ତୁମ ହକମ୍ ହେବାର ପ୍ରମାଣ କଣ ? ଏହାର ଉତର ହେଉଛି ଯେଉଁ ଯୁଗ ନିମନ୍ତେ ହକମ୍‌କୁ ଆସିବାର ଥିଲା ସେ ଯୁଗ ମହଜୁଦ୍ ଅଛି । ଏବଂ ଯେଉଁ କୌମ୍‌ର କୃଶ ସମ୍ବନ୍ଧୀୟ ଭୁଲ୍ ଧାରଣା ଗୁଡିକୁ ହକମ୍ ସଂସ୍କାର କରିବାର ଥିଲା ସେହି କୌମ୍ ମହଜୁଦ୍ ଅଛି ଏବଂ ଯେଉଁ ନିଦର୍ଶନ ଗୁଡିକ ଏହି ହକମ୍‌ଙ୍କ ପାଇଁ ସାକ୍ଷୀ ଦେବାର ଥିଲା ସେହି ନିଦର୍ଶନ ଗୁଡିକ ପ୍ରକାଶ ହୋଇସାରିଛି ଏବଂ ଏବେ ମଧ୍ୟ ନିଦର୍ଶନ ଗୁଡିକର ଧାରା ଜାରି ରହିଛି । ଆକାଶରେ ନିଦର୍ଶନ ପ୍ରକାଶ ପାଉଛି ଓ ଏ ଭୂପୃଷ୍ଠରେ ନିଦର୍ଶନ ପ୍ରକାଶ ହେଉଅଛି ଏବଂ ତାକୁ ଶୁଭେଚ୍ଛା ଯାହାର ଆଖି ଏବେ ବନ୍ଦ୍ ହୋଇ ରହିନାହିଁ ।

ମୁଁ ଏହା କହୁନାହିଁ ଯେ ପ୍ରଥମେ ନିଦର୍ଶନ ଗୁଡିକ ଉପରେ ବିଶ୍ୱାସ ନେଇଆସ ବୋଲି ବରଂ ମୁଁ ଏହା କହୁଅଛି କି ଯଦି ମୁଁ ହକମ୍ ନୁହେଁ ତେବେ ମୋ ନିଦର୍ଶନ ଗୁଡିକର ମୁକାବିଲା କର । ମୋ ମୁକାବିଲାରେ ଯେତେକ ବିଶ୍ୱାସ ମୂଳକ ମତଭେଦ ରହିଛି ଓ ଯେତକ ଯୁକ୍ତି ରହିଛି ସେ ସବୁ ହେଉଛନ୍ତି ନିକମା । କେବଳ ହକମ୍ ଯୁକ୍ତିରେ ପ୍ରତ୍ୟେକଙ୍କ ହକ୍ ରହିଛି ଯାହା ମୁଁ ପୁରଣ କରିସାରିଛି । ଖୁଦା ମୋତେ ଚାରିଗୋଟି ନିଦର୍ଶନ ପ୍ରଦାନ କରିଛନ୍ତି ।

(୧)ମୋତେ ପବିତ୍ର କୋରାନ୍‌ର ଚମତ୍କାରିତା ଅନ୍ତର୍ଗତ ଉଚ୍ଚକୋଟୀର ଆରବୀ ସାହିତ୍ୟର ନିଦର୍ଶନ ଦିଆଯାଇଛି । କେହିନାହିଁ ଯେ ଏହାର ମୁକାବିଲା କରିପାରିବ ।

(୨)ମୋତେ ପବିତ୍ର କୋରାନ୍‌ର ସତ୍ୟ ଓ ତତ୍ୱଜ୍ଞାନକୁ ବର୍ଣ୍ଣନା କରିବାର ନିଦର୍ଶନ ଦିଆଯାଇଛି । କେହିନାହିଁ ଯେ ଏହାର ମୁକାବିଲା କରିପାରିବ ।

(୩)ମୋତେ ବହୁମାତ୍ରାରେ ଦୁଆ କୁବୁଲ୍ (ଗ୍ରହଣୀୟ) ହେବାର ନିଦର୍ଶନ ଦିଆଯାଇଛି । କେହିନାହିଁ ଯେ ଏହାର ମୁକାବିଲା କରିପାରିବ । ମୁଁ (ଇଶ୍ୱରଙ୍କ) ଦ୍ୱାହି ଦେଇ କହିପାରେ କି ମୋର ପାଖାପାଖି ତିରିଶି ହଜାର ଦୁଆ କୁବୁଲ୍ ହୋଇସାରିଛି ଓ ସେ ସବୁର ପ୍ରମାଣ ମୋ ନିକଟରେ ।

(୪)ମୋତେ ଭବିଶ୍ୟର ଖବର ଦେବାର ନିଦର୍ଶନ ଦିଆଯାଇଛି । କେହିନାହିଁ ଯେ ଏହାର ମୁକାବିଲା କରିପାରିବ । ଖୁଦାତାଲାଙ୍କର ସମସ୍ତ ସାକ୍ଷୀ ମୋ ନିକଟରେ ରହିଛି ଏବଂ ରସୁଲୁଲ୍ଲାଃ ସ:ଆ:ସଙ୍କ ଭବିଶ୍ୟବାଣୀ ଗୁଡିକ ମୋ ସପକ୍ଷରେ ଜାଜଲ୍ୟମାନ ନିଦର୍ଶନ ପରି ପୂରଣ ହେଲେ ।

*(ଜରୁରତୁଲ୍ ଇମାମ୍, ରୁହାନି ଖଜାଏନ୍, ଖଣ୍ଡ-୧୩, ପୃଷ୍ଠା-୪୯୫)*

### କୋରାନ୍ ମୋ ପାଇଁ ସାକ୍ଷୀ ଦେଇଛି । ରସୁଲୁଲ୍ଲାଃ ସ:ଆ:ସ ମୋ ପାଇଁ ସାକ୍ଷୀ ଦେଇଛନ୍ତି । ପୂର୍ବରୁ ଆସିଥିବା ନବୀମାନେ ମୋ ଆସିବା ସମୟର ନିର୍ଦ୍ଧାରଣ କରିସାରିଛନ୍ତି

"ଯେପରିକି ମୁଁ ବାରମ୍ବାର ବର୍ଣ୍ଣନା କରିସାରିଛି ଯେ ଯେଉଁବାଣୀ ମୁଁ ଶୁଣାଉଛି ତାହା ହେଉଛି ବାସ୍ତବିକ ଓ ନିଶ୍ଚିତ ରୂପେ ଖୁଦାଙ୍କ ବାଣୀ । ଯେପରି କୁର୍‌ଆନ୍ ଏବଂ ତୌରିୟତ୍ ହେଉଛି ଖୁଦାଙ୍କ ବାଣୀ ଏବଂ ମୁଁ ଇଶ୍ୱରଙ୍କ ଦ୍ୱାରା ପ୍ରେରିତ ଛାୟା ଓ ସହାୟକ ନବୀ ରୂପେ ଆସିଅଛି । ପ୍ରତ୍ୟେକ ମୁସଲ୍‌ମାନ୍ ପକ୍ଷେ ଏହା ଅନିର୍ବାର୍ଯ୍ୟ ହୋଇପଡ଼ିଛି ଯେ ଧର୍ମ ସଂକ୍ରାନ୍ତରେ ସେ ମୋର ଆଜ୍ଞାବହ ହେବ ଆଉ ମଧ୍ୟ ମୋତେ ମସିହ୍ ମଉଦ୍ (ପ୍ରତିଶୃତ ଯୁଗାବତାର) ବୋଲି ମାନିବା ସେମାନଙ୍କ ପକ୍ଷେ ଜରୁରୀ । ପ୍ରତ୍ୟେକ ସେହି ଲୋକ ଯାହାଙ୍କ ନିକଟରେ ମୋର ବାଣୀର ପ୍ରଚାର ପହଂଚିଯାଇଛି, ଯଦିଓ ସେ ମୁସଲ୍‌ମାନ୍, ମାତ୍ର ସେ ଯଦି ମୋତେ ହକମ୍ (ମିମାଂସାକାରୀ) ରୂପେ ବିବେଚନା କରେନାହିଁ, ମୋତେ ମସିହ୍ ମଉଦ୍ ହେବାର ମାନ୍ୟତା ଦିଏନାହିଁ କି ମୋର ଦୈବୀବାଣୀ ଇଶ୍ୱରଙ୍କ ତରଫରୁ ପ୍ରକଟିତ ହେଉଥିବାର ଜାଣେନାହିଁ, ସେଥିପାଇଁ ସ୍ୱର୍ଗପୁରରେ ତାକୁ କୈଫିୟତ୍ ଦେବାକୁ ପଡ଼ିବ ଓ ଏହା ଅବଶ୍ୟ ଶାସ୍ତି ଯୋଗ୍ୟ କାରଣ ଯେଉଁକଥାକୁ ସେ ତା ସମୟରେ ଗ୍ରହଣ କରିନଥିଲା (ଏବଂ) ତାକୁ ରଦ୍ଦ କରିଦେଇଥିଲା । ମୁଁ କେବଳ ଏହା କହୁନାହିଁ କି ଯଦି ମୁଁ ମିଥ୍ୟାବାଦୀ ହୋଇଥାନ୍ତି ତେବେ (ମୋତେ) ନିଃଶେଷ କରିଦିଆଯାଇ ଥାଆନ୍ତା ବରଂ ମୁଁ ଏହା ମଧ୍ୟ କହୁଅଛି କି ମୁସା, ଇସା, ଦାଉଦ୍ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ସଦୃଶ ମୁଁ ହେଉଛି ସତ୍ୟବାଦୀ ଓ ମୋର ସମର୍ଥନ ପାଇଁ ଖୁଦା ଦଶହଜାରରୁ ମଧ୍ୟ ଅଧିକା ନିଦର୍ଶନ ଦେଖାଇଛନ୍ତି । କୋରାନ୍ ମୋ ପାଇଁ ସାକ୍ଷୀ ଦେଇଛି । ରସୁଲୁଲ୍ଲାଃ ସ:ଆ:ସ ମୋ ପାଇଁ ସାକ୍ଷୀ ଦେଇଛନ୍ତି । ପୂର୍ବରୁ ଆସିଥିବା ନବୀମାନେ ମୋ ଆସିବା ସମୟର ନିର୍ଦ୍ଧାରଣ କରିସାରିଛନ୍ତି ଓ ସେ ସମୟ ହେଉଛି ବର୍ତମାନର ସମୟ ଏବଂ କୋରାନ୍ ମଧ୍ୟ ମୋ ଆସିବା ପାଇଁ ସମୟ ନିର୍ଦ୍ଧାରଣ କରିଛି ଯେ ତାହା ହେଉଛି ଏହିଯୁଗ ଓ ମୋ ପାଇଁ ଆକାଶ ମଧ୍ୟ ସାକ୍ଷୀ ଦେଇଛି ଓ ଏ ପୃଥିବୀ ମଧ୍ୟ ଏବଂ କୌଣସି (ଏପରି) ନବୀ ନାହାଁନ୍ତି ଯିଏ ମୋ ପାଇଁ ସାକ୍ଷୀ ଦେଇନଥିବେ ଓ ବର୍ତମାନ ମୁଁ ଯାହା କହିଲି କି ମୋର ଦଶହଜାର ନିଦର୍ଶନ ରହିଛି, ଏହା ସଂକ୍ଷେପରେ ଲେଖାଗଲା ନଚେତ୍ ମୁଁ ସେହି ଅସ୍ତିତ୍ୱର ରାଣ ଖାଉଛି କି ଯାହାଙ୍କ ହାତରେ ମୋ ଜୀବନ ଅଛି ଯେ ଯଦି ଗୋଟିଏ ହଜାର ପୃଷ୍ଠା ସମ୍ବଳିତ ଧଳା ପୁସ୍ତକ ଥିବ ଏବଂ ସେଥିରେ ମୁଁ ନିଜ ସତ୍ୟତାର ପ୍ରମାଣ ଲେଖିବାକୁ ଚାହିଁବି ତେବେ ମୁଁ ଏ ବିଶ୍ୱାସ ରଖିଛି କି ଉକ୍ତ ପୁସ୍ତକଟି ଶେଷ ହୋଇଯିବ କିନ୍ତୁ ସେହି ଦଲିଲ୍ ଗୁଡିକ ଶେଷ ହେବନାହିଁ । ଅଲ୍ଲାଃତାଲା ନିଜ ପବିତ୍ର ପୁସ୍ତକରେ କହୁଛନ୍ତି- *ଇଁ ୟକୁ କାଜିବନ୍ ଫ ଆଲୈହି କଜିବୁହୁ । ୱ ଇଁ ୟକୁ ସାଦିକଇଁ ୟୁସିବ୍‌କୁମ୍ ବାଜୁଲ୍‌ଲ୍ଲଜି ୟଇଦୁକୁମ୍ ଇନ୍ନଲ୍ଲାହା ଲା ୟହ୍‌ଦି ମନ୍‌ହୁୱ ମୁସ୍‌ରିଫୁନ୍ କଜ୍ଜାବ୍ -(ମୋମିନ୍: ୨୯)* ଅର୍ଥାତ୍ ଯଦି ଏ ମିଥ୍ୟାବାଦୀ ଥିବ ତେବେ ତୁମ ଦେଖିବା ଅବସ୍ଥାରେ ନିଃଶେଷ ହୋଇଯିବ ଓ ତା ମିଥ୍ୟା ହିଁ ତାକୁ ଶେଷ କରିଦେବ କିନ୍ତୁ ଯଦି ସେ ସତ୍ୟବାଦୀ ତେବେ ପୁଣି ତୁମ ମଧ୍ୟରୁ କେତେକ ତା ପେଶ୍‌ଗୋଇର ଟାର୍ଗେଟ୍ ହେବେ ଓ ତାଙ୍କ ଦେଖିବାରେ (ସେମାନେ) ଏ ଅସ୍ଥାୟୀ ସଂସାରକୁ ଛାଡି ଚାଲିଯିବେ । ବର୍ତମାନ ଏହି ମାପଦଣ୍ଡ ଅନୁସାରେ ଯାହା ଇଶ୍ୱରଙ୍କ ପୁସ୍ତକରେ ରହିଛି, ମୋତେ ପରୀକ୍ଷା କର ଏବଂ ମୋ ଦାବୀକୁ ପରଖି ନିଅ । କଣ ଏହା ସତ୍ୟ ନୁହେଁ କି ଉକ୍ତ ମୌଲବୀ ସାହେବଗଣ ମୋତେ ଶେଷ କରିଦେବା ପାଇଁ କୌଣସି କ୍ଷଣ ହାତଛଡା କରିଛନ୍ତି । କୁଫୁର୍‌ନାମା ପ୍ରସ୍ତୁତ କରି କରି ସେମାନଙ୍କର ପାଦ ସରିଗଲା । ଗାଳିଗୁଲଜର ଇସ୍ତେହାର୍ ପ୍ରକାଶ କରି ସେମାନେ ସିହାମାନଙ୍କୁ ମଧ୍ୟ ପଛକୁ ପକାଇଦେଇଛନ୍ତି । ମୋ ଉପରେ ହତ୍ୟା ମୋକଦ୍ଦମା ଲଗାଯାଇଛି ଏବଂ ଅନେକଥର ଫୌଜଦାରୀ ଆରୋପ ଅନ୍ତର୍ଗତ ମୋତେ ଅଦାଲତ୍ ପର୍ଯ୍ୟନ୍ତ ପହଂଚାଇ ଦିଆଯାଇଛି । ମୋ ପାଖକୁ ଆସୁଥିବା ଲୋକମାନଙ୍କ ଉପରେ ଅତ୍ୟାଚାର କରାଯାଇଛି । ସେ ସମୟରେ ମକାରେ ରହୁଥିବା ସାହାବାମାନଙ୍କ ବ୍ୟତୀତ ଏ ଦୁନିଆରେ ଏପରି ତିରସ୍କାର, ଅପମାନ ଏବଂ କଷ୍ଟର ଉଦାହରଣ କେଉଁଠାରେ ମିଳେନାହିଁ । ମୋ ସହିତ ସମ୍ପର୍କ ରଖିଥିବା ଅନ୍ୟ ଦେଶମାନଙ୍କର କିଛି ଲୋକଙ୍କୁ ସେହି ଦେଶରେ ହିଁ ହତ୍ୟା କରିଦିଆଗଲା । ସୁତରାଂ କେହି ଏହାକୁ ଅସ୍ୱୀକାର କରିପାରିବ ନାହିଁ କି ମୋତେ ନିଃଶେଷ କରିଦେବା ପାଇଁ ଓ ଲୋକମାନଙ୍କୁ ମୋ ଆଡକୁ ଆସିବା ପାଇଁ ମନା କରିବା ନିମନ୍ତେ ଭରପୁର୍ ଚେଷ୍ଟା କରାଗଲା ଓ କୌଣସି କ୍ଷଣକୁ ହାତଛଡା କରାଗଲା ନାହିଁ । ସେହି ମୌଲବୀମାନଙ୍କ ମଧ୍ୟରୁ କିଛି ମୌଲବୀଙ୍କ ଦ୍ୱାରା ଅନେକ ଲଜ୍ଜାଜନକ କାର୍ଯ୍ୟ ମଧ୍ୟ କରାଗଲା । ମୋ ଉପରେ ମିଥ୍ୟା ଗୁପ୍ତଚରର (ଆରୋପ) ଲଗାଗଲା ଏବଂ ଅକାରଣେ ସରକାରଙ୍କୁ ଅଘଟଣ କଥା କୁହାଯାଇ ଉସ୍‌କାଇ ଦିଆଗଲା କିନ୍ତୁ କିଛି ଜାଣିଛ କି, ଏହାର ଫଳ ପରିଶେଷରେ କଣ ହେଲା ? ଏହାହେଲା କି ମୁଁ ଉନ୍ନତି କରିଚାଲିଲି ଯେବେକି ଏ ଲୋକମାନେ ମୋର ତକ୍‌ଫିର୍ ଏବଂ ତକ୍‌ଜିବ୍ (ଅମାନ୍ୟକାରୀ ଓ ମିଥ୍ୟାବାଦୀ) ଅଭିହିତ କରିବା ପାଇଁ ଛିଡା ହେଲେ ଏବଂ ନିଜେ ମନଗଢ଼ା ଭବିଷ୍ୟବାଣୀ କରି ଏକଥା କହିଲେ କି ଖୁବ୍ ଶିଘ୍ର ଆମେ ଏହି ବ୍ୟକ୍ତିକୁ ନିଃଶେଷ କରିଦେବୁ । ସେ ସମୟରେ ମୋ ସହିତ କୌଣସି ବଡ ଜମାତ୍ ନଥିଲା ବରଂ କେବଳ କିଛି ଲୋକ ମୋ ସହିତ ଥିଲେ ଯେଉଁମାନଙ୍କୁ ଅଙ୍ଗୁଳିରେ ଗଣାଯାଇପାରିବ ବରଂ ବରାହିନେ ଅହେମଦୀୟା ଛପାଯାଉଥିବା ସମୟରେ ମୁଁ କେବଳ ଏକୁଟିଆ ହିଁ ଥିଲି । କିଏ ପ୍ରମାଣ କରିପାରିବ ଯେ ସେ ସମୟରେ ମୋ ସହିତ ଜଣେ ବ୍ୟକ୍ତି ଥିଲା ବୋଲି । ସେ ସମୟ ଏପରି ଥିଲା ଯେବେକି ଖୁଦାତାଲା ପଚାଶରୁ ଅଧିକା ପେଶ୍‌ଗୋଇ ଦ୍ୱାରା ମୋତେ ଖବର ଦେଇଥିଲେ କି ଯଦିଚ ତୁ ବର୍ତମାନ ଏକାକି ଅଛୁ କିନ୍ତୁ ସମୟ ଆସୁଛି ତୋ ସହିତ

ବହୁ ସଂଖ୍ୟକ ଲୋକେ ଯୋଡି ହୋଇଯିବେ ଓ ପୁଣି ସମୟ ଆସୁଛି ଯେ ତୁମର ଏପରି ବିକାଶ ଓ ଉତ୍‌ଥାନ ହେବ କି ସମ୍ରାଟମାନେ ତୁମ ପରିଧାନରୁ ବୈଭବ ଅନ୍ୱେଷଣ କରିବେ କାରଣ ତୁମକୁ ବର୍‌କତ୍ ପ୍ରଦାନ କରାଯିବ । ଖୁଦା ହେଉଛନ୍ତି ପବିତ୍ର । ସେ ଯାହା ଚାହାଁନ୍ତି ତାହା କରିଥାନ୍ତି । ସେ ତୁମ ସମ୍ପ୍ରଦାୟକୁ ଓ ତୁମ ଜମାତ୍‌କୁ ପୃଥିବୀରେ ପ୍ରସାରିତ କରିଦେବ ଏବଂ ସେମାନଙ୍କୁ ସମୃଦ୍ଧି ପ୍ରଦାନ କରିବ, ବିକାଶ କରିବ ଏବଂ ତାଙ୍କର ସମ୍ମାନ ପୃଥିବୀରେ ପ୍ରତିଷ୍ଠା କରିଦେବ ଯେପର୍ଯ୍ୟନ୍ତ ସେମାନେ ଏହି ବଚନ ଉପରେ ପ୍ରତିଷ୍ଠିତ ରହିବେ । ଏବେ ଦେଖନ୍ତୁ ବରାହିନେ ଅହେମଦୀୟାର ଏହି ଭବିଶ୍ୟବାଣୀ ଗୁଡିକ ଯାହାର ଅନୁବାଦ ଲେଖାଗଲା ତାହା ଏପରି ସମୟରେ ହୋଇଥିଲା ଯେବେକି ମୋ ସହିତ ଏ ସଂସାରରେ ଜଣେ ବି କେହି ନଥିଲେ । ଯେବେକି ଇଶ୍ୱର ମୋତେ ଏ ଦୁଆ ଶିଖାଇଲେ କି ରବ୍‌ବି *ଲାତଜର୍‌ନି ଫର୍‌ଦଉଁ ୱ ଅନ୍‌ତ ଖଏରୁଲ୍ ୱାରିସିନ୍* (ଅମ୍ବିୟା:୯୦) ଅର୍ଥାତ୍ ହେ ଖୁଦା ମୋତେ ଏକୁଟିଆ ଛାଡିଦିଅନାହିଁ ଓ ତୁମେ ହିଁ ଉତରାଧିକାରୀମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ । ଏହି ଦୈବି ଦୁଆ ବରାହିନ୍‌ରେ ଦରଜ ଅଛି । ସୁତରାଂ ବର୍ତମାନ ପର୍ଯ୍ୟନ୍ତ ବରାହିନେ ଅହେମଦୀୟା ନିଜେ ଏ ସାକ୍ଷୀ ଦେଉଅଛି କି ମୁଁ ସେ ସମୟରେ ଜଣେ ଅପ୍ରସିଦ୍ଧ ବ୍ୟକ୍ତି ଥିଲି କିନ୍ତୁ ବର୍ତମାନ ବିରୋଧାପୁର୍ଣ୍ଣ ଚେଷ୍ଟା ସତ୍ୱେ ମଧ୍ୟ ଲକ୍ଷ୍ୟାଧିକ ଲୋକେ ମୋ ଜମାତ୍‌ର ବିଭିନ୍ନ ସ୍ଥାନରେ ଅବସ୍ଥିତ ଅଛନ୍ତି । ସୁତରାଂ କଣ ଏହା ଚମତ୍କାର ବା ନୁହେଁ କି ମୋ ବିରୋଧ ଓ ମୋତେ ତଳେ ପକାଇଦେବାପାଇଁ ପ୍ରତ୍ୟେକ ପ୍ରକାରର ପ୍ରବଂଚନା ଓ ଧୃତତା ବିନିମୟ କରାଗଲା, ଯୋଜନା କରାଗଲା କିନ୍ତୁ ଏହି ସମସ୍ତ ମୌଲବୀ ଓ ସେମାନଙ୍କ ଛୋଟବଡ ସାଙ୍ଗସାଥି ସମସ୍ତେ ଅସଫଳ ହେଲେ । ଯଦି ଏହା ଚମତ୍କାର ନୁହେଁ, ତେବେ ନଦ୍‌ୱାର ଜ୍ଞାନୀ ସ୍ୱୟଂ ନିରୁପଣ କରନ୍ତୁ କି ଚମତ୍କାରର ସଂଜ୍ଞା କ'ଣ । ଯଦି ମୁଁ ଚମତ୍କାରି ବ୍ୟକ୍ତି ନୁହେଁ ତେବେ ମୁଁ ହେଉଛି ମିଥ୍ୟାବାଦୀ । ଯଦି ପବିତ୍ର କୋରାନ୍‌ରୁ ଇବ୍‌ନେ ମରିୟମ୍‌ଙ୍କ ମୃତ୍ୟୁର ପ୍ରମାଣ ନାହିଁ ତେବେ ମୁଁ ହେଉଛି ମିଥ୍ୟାବାଦୀ । ଯଦି ହଦିସେ ମେରାଜ୍ (ଆଧ୍ୟାତ୍ମିକ ଯାତ୍ରା ସମ୍ବନ୍ଧୀୟ ହଦିସ୍) ଇବ୍‌ନେ ମରିୟମ୍‌କୁ ମୃତ ଆତ୍ମା ଗୁଡିକ ମଧ୍ୟରେ ବସାଇ ଦେଇନଥିବ ତେବେ ମୁଁ ହେଉଛି ମିଥ୍ୟାବାଦୀ । ଯଦି ପବିତ୍ର କୋରାନ୍ ସୁରଃ ନୁର୍‌ରେ ଏକଥା କହିନଥିବେ କି ଏ ଉମ୍ମତ୍‌ର ଖଲିଫା ଏହି ଉମ୍ମତ୍ ମଧ୍ୟରୁ ହେବେ ବୋଲି ତେବେ ମୁଁ ହେଉଛି ମିଥ୍ୟାବାଦୀ । ଯଦି ପବିତ୍ର କୋରାନ୍ ମୋ ନାମକୁ ଇବ୍‌ନେ ମରିୟମ୍ ରଖିନାହିଁ ତେବେ ମୁଁ ମିଥ୍ୟାବାଦୀ । ହେ ନଶ୍ୱର ମାନବ ! ସତର୍କ ହୋଇଯାଅ । ଚିନ୍ତାକର କି ଏହା ବ୍ୟତୀତ ଆଉ କଣ ଚମତ୍କାର ହୋଇପାରେ କି ବିରୋଧିମାନଙ୍କର ଏତେମାତ୍ରାରେ ପ୍ରଚେଷ୍ଟା କରିବା ପରେ ମଧ୍ୟ ପରିଶେଷରେ ବରାହିନେ ଅହେମଦୀୟାର ସେହି ସମସ୍ତ ଭବିଷ୍ୟବାଣୀ ସତ ହେଲା ଯାହା ଆଜିଠାରୁ ୨୨ବର୍ଷ ପୂର୍ବେ କରାଯାଇଥିଲା'' । (ତୋହ୍‌ଫାତୁନ୍ ନଦ୍‌ୱା, ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୯୫)

**ଆମେ ବିଜୟୀ ହେଲୁ । କଣ ଏ ଧରାପୃଷ୍ଠର ପୂର୍ବରୁ ନେଇ ପଶ୍ଚିମର ଶେଷ ସୀମା ପର୍ଯ୍ୟନ୍ତ କୌଣସି ପାଦ୍ରୀ ଅଛନ୍ତି, ଯିଏ ମୋ ମୁକାବିଲାରେ ଏପରି ଐଶି ନିଦର୍ଶନ ଦେଖାଇପାରିବେ ।**

"ବରାହିନେ ଅହେମଦୀୟାର ପୃଷ୍ଠା-୫୨୨ରେ ଏ ପେଶ୍‌ଗୋଇ ରହିଛି – *ବଖରାମେ କେ ୱକ୍ତେତୁ ନଜ୍‌ଦିକ୍ ରଶିଦୋପାଏ ମୁହମ୍ମଦିୟାନ୍ ବର୍‌ମିନାରେ ବଲନ୍ଦତାର୍ ମୁହକମ୍ ଉଫ୍‌ତାଦ୍ ।* ସେ ସମୟକୁ ୨୫ବର୍ଷରୁ ଅଧିକା ମଧ୍ୟ ବିତିଗଲାଣି । ଯେବେ ଏହି ମହାମହିମ ଇଶ୍ୱରଙ୍କ ଭବିଷ୍ୟବାଣୀ ବରାହିନେ ଅହେମଦୀୟାରେ ପ୍ରକାଶ ହୋଇଥିଲା, ତା'ର ଏପରି ଅର୍ଥ ଥିଲା କି ତୁମ ପ୍ରତିଷ୍ଠା ହେବାର ଦିନ ଆସୁଅଛି ଯାହା ମୁହମ୍ମଦ୍‌ଙ୍କ ଧର୍ମର ବୈଭବ ଓ ସମ୍ମାନକୁ ବଢ଼ାଇଦେବ । ଏବଂ ଯେପରି ସମସ୍ତେ ଜାଣିଛନ୍ତି କି ସେ ଯୁଗରେ ମୁଁ ଏକ ଅଜ୍ଞାତ ଗୁପ୍ତ ଅବସ୍ଥାରେ ଥିଲି ଓ ମୋ ସହିତ ଜଣେ ମଧ୍ୟ ଲୋକ ନଥିଲା ଏବଂ ନା କିଏ ଏ ଆଶା ରଖିଥିଲା କି ମୋତେ ଏପରି ପଦମର୍ଯ୍ୟାଦା ମିଳିବ ବରଂ ମୁଁ ମଧ୍ୟ ଏହି ଆସନ୍ନ ବୈଭବପୁର୍ଣ୍ଣ ଉଚ୍ଚ ପଦମର୍ଯ୍ୟାଦା ସମ୍ବନ୍ଧରେ ଅଜ୍ଞ ଥିଲି । ଏବଂ ସତ୍ୟ କଥା ତ ହେଉଛି ଏହା କି ମୁଁ କିଛି ମଧ୍ୟ ଜାଣିନଥିଲି । ପରେ ଖୁଦା ମୋର କୌଣସି ବିଶେଷ ଗୁଣବଳରୁ ନୁହେଁ ବରଂ କେବଳ ତା ଦୟାବଳରୁ ମୋତେ ଚୟନ କଲେ । ମୁଁ ଅଜ୍ଞାତ ଅବସ୍ଥାରେ ଥିଲି । ମୋତେ ପ୍ରସିଦ୍ଧି ଦେଲେ ଓ ଏତେ ଶିଘ୍ର ପ୍ରସିଦ୍ଧି ଦେଲେ କି ଯେପରି ବିଜୁଳି ଗୋଟିଏ କୋଣରୁ ଅନ୍ୟକୋଣ ପର୍ଯ୍ୟନ୍ତ ନିଜର ଚମକକୁ ପ୍ରକାଶ କରିଦେଇଥାଏ । ଏବଂ ମୁଁ ଅଜ୍ଞାନ ଥିଲି । ମୋତେ ସେ ନିଜ ତରଫରୁ ଜ୍ଞାନ ପ୍ରଦାନ କଲେ ଏବଂ ମୋର କୌଣସି ଆର୍ଥିକ ସ୍ୱଚ୍ଛଳତା ନଥିଲା । ସେ ମୋ ଉପରେ ଲକ୍ଷ୍ୟାଧିକ ଟଙ୍କାର ଅନୁଗ୍ରହ କଲେ ଏବଂ ମୁଁ ଏକା ଥିଲି । ସେ ଲକ୍ଷ୍ୟାଧିକ ଲୋକଙ୍କୁ ମୋ ଅଧିନସ୍ଥ କରିଦେଲା । ଏବଂ ପୃଥିବୀ ଓ ଆକାଶ ଦ୍ୱୟଙ୍କଠାରୁ ମୋ ନିମନ୍ତେ ନିଦର୍ଶନମାନ ପ୍ରକାଶ ହେଲେ । ମୁଁ ଜାଣିନାହିଁ କି ସେ ମୋ ପାଇଁ ଏହା କାହିଁକି କଲେ କାରଣ ମୁଁ ମୋ ନିଜ ଭିତରେ କୌଣସି ଗୁଣ ପାଉନାହିଁ ଏବଂ ମୁଁ ଶେଖ୍ ସାଦି ଆଲୈହିର୍ ରହ୍‌ମାଙ୍କ ଏହି ପଦକୁ ଅଲ୍ଲାଃଙ୍କ ଛାମୁରେ ପଢ଼ିବା ମୋ ପାଇଁ ଠିକ୍ ବୋଲି ମଣୁଛି ।

*ପସନ୍ଦିଦ୍ ଗାନେ ବଜାଏ ରସନ୍ଦ୍*

*ଜି ମା କେହ୍‌ତେରାନ୍ତ୍ ଚେ ଆମଦ୍ ପସନ୍ଦ୍*

ମୋ ଖୁଦା ମୋତେ ପ୍ରତ୍ୟେକ ପାର୍ଶ୍ୱରୁ ସାହାଯ୍ୟ କରିଛନ୍ତି ଓ ପ୍ରତ୍ୟେକ ଯିଏ ଶତୃତା କରିବା ପାଇଁ ମୁଣ୍ଡଟେକିଲା ତାକୁ ତଳେ ପକାଇଦେଲେ । ପ୍ରତ୍ୟେକ ଯିଏ ମୋତେ ଦଣ୍ଡିତ କରିବା ପାଇଁ ଅଦାଲତ୍‌କୁ ଟାଣିଛି ସେହିସବୁ ମୋକଦ୍ଦମାରେ ମୋ ପ୍ରଭୁ ମୋତେ ବିଜୟ କଲେ । ଏବଂ ପ୍ରତ୍ୟେକ ଯିଏ ମୋ ପାଇଁ ବଦ୍‌ଦୁଆ (ଅଭିଶାପ) କରିଛନ୍ତି ସେହି ବଦ୍‌ଦୁଆ ଗୁଡିକୁ ମୋ ପ୍ରଭୁ ତା'ଉପରେ ପକାଇଛନ୍ତି । ଯେପରିକି ଅଭାଗା ଲେଖ୍‌ରାମ୍ ନିଜର ମିଥ୍ୟା ଖୁସି ଉପରେ ଭରଷା କରି ମୋ ସମ୍ବନ୍ଧରେ ଏକଥା ପ୍ରକାଶ କରିଥିଲା ଯେ ସେ ତିନିବର୍ଷ ଅବଧି ମଧ୍ୟରେ ନିଜ ସନ୍ତାନମାନଙ୍କ ସହିତ ମରିଯିବ । ପରିଶେଷରେ ଫଳ କଣ ହେଲା, ଏହାକି ସେ ନିଜେ ହିଁ ମୋ ପେଶ୍‌ଗୋଇ ମୁତାବକ ନିଃସନ୍ତାନ ମରିଗଲା ଏବଂ ତା'ର କୌଣସି ସନ୍ତାନ ଏ ସଂସାରରେ ରହିଲେ ନାହିଁ । ସେହିପରି ଅବ୍‌ଦୁଲ୍ ହକ୍ ଗଜନୁଭି ଉଠିଲା ଓ ସେ ମୁବାହିଲା କରି ନିଜ ବଦ୍‌ଦୁଆ ଦ୍ୱାରା ମୋର ମୂଳୋତ୍ପାଟନ କରିବାକୁ ଚାହିଁଲା । ସୁତରାଂ ଯେଉଁଭଳି ପ୍ରତ୍ୟେକ ପାର୍ଶ୍ୱରୁ ମୋତେ ଉନ୍ନତି ମିଳିଛି ତାହା ମୁବାହିଲା କରିବା ପରେ ମିଳିଛି । ଲକ୍ଷ୍ୟାଧିକ ଲୋକେ ଅଧିନସ୍ଥ ହୋଇଗଲେ । ଲକ୍ଷ୍ୟାଧିକ ଟଙ୍କା ଆସିଲା । ପ୍ରାୟତଃ ସମଗ୍ର ସଂସାରରେ ସସମ୍ମାନେ ମୋତେ ପ୍ରସିଦ୍ଧି ମିଳିଲା । ଏପରିକି ଅନ୍ୟଦେଶର ଲୋକମାନେ ମଧ୍ୟ ମୋ ଜମାତ୍‌ରେ ଦାଖିଲ୍ ହେଲେ ଓ ଅନେକ ପୁତ୍ର ମୋଠାରୁ ଜନ୍ମ ହେଲେ କିନ୍ତୁ ଅବ୍‌ଦୁଲ୍ ହକ୍ ନିଃସନ୍ତାନ ରହିଲା ଯାହା ମୃତ୍ୟୁ ସଦୃଶ । ଏବଂ ଖୁଦାତାଲାଙ୍କ ତରଫରୁ ତାକୁ ଅଣୁମାତ୍ରାରେ ମଧ୍ୟ ବର୍‌କତ୍ ମିଳିଲା ନାହିଁ, ପରେ ସେ କୌଣସି ସମ୍ମାନ ମଧ୍ୟ ପାଇଲା ନାହିଁ । ଏବଂ *ଇନ୍ନା ଶାନିଅକା ହୁୱଲ୍ ଅବ୍‌ତର୍* ର ସଦୃଶ ହୋଇଗଲା । ପୁଣି ମୌଲବୀ ଗୁଲାମ୍ ଦସ୍ତଗୀର୍ କସୁରୀ ଛିଡା ହେଲା ଏବଂ ତା'ର ଇଚ୍ଛା ହେଲା କି ମୁହମ୍ମଦ୍ ତାହେର୍‌ଙ୍କ ପରି ସେ ମୋ ଉପରେ ବଦ୍‌ଦୁଆ (ଅଭିଷାପ) ପକାଇ କୌମ୍ ଭିତରେ ନାମ କମାଇବ ଅର୍ଥାତ୍ ଯେଉଁଭଳି ମୁହମ୍ମଦ୍ ତାହେର୍ ଜଣେ ମିଛୁଆ ମସିହ୍ ଓ ମିଛୁଆ ମେହ୍‌ଦୀ ଉପରେ ବଦ୍‌ଦୁଆ କରିଥିଲେ ଫଳତଃ ସେ ନିଃଶେଷ ହୋଇଯାଇଥିଲା । ସେହିପରି ନିଜର ବଦ୍‌ଦୁଆ ଦ୍ୱାରା ସେ ମୋତେ ନିଃଶେଷ କରିବ କିନ୍ତୁ ସେହି ବଦ୍‌ଦୁଆ କରିବାପରେ ସେ ନିଜେ ହିଁ ଏତେଶିଘ୍ର ଶେଷ ହୋଇଗଲା, ଯାହାର ଦୃଷ୍ଟାନ୍ତ ମିଳୁନାହିଁ । କୌଣସି ମୌଲବୀ ଏ ଉତର ଦେଉନାହାଁନ୍ତି କି ଏପରି କଣ ରହସ୍ୟ ଥିଲା କି ମୁହମ୍ମଦ୍ ତାହେର୍ ତ ନିଜ ଯୁଗର ମିଛୁଆ ମସିହ୍ ଉପରେ ବଦ୍‌ଦୁଆ କରି ତାକୁ ନିଃଶେଷ କରିଦେଲା କିନ୍ତୁ ଗୁଲାମ୍ ଦସ୍ତଗୀର୍ ନିଜ ଯୁଗର ମସିହ୍‌ଙ୍କ ଉପରେ ବଦ୍‌ଦୁଆ କରି ନିଜେ ହିଁ ଶେଷ ହୋଇଗଲା । ଏହା ତ ଅନ୍ତଃ ଐଶି ସାହାଯ୍ୟ । ଅଲ୍ଲାଃତାଲା ମୋତେ ବାହ୍ୟଦୃଷ୍ଟିରୁ ଏଭଳି ପରାକାଷ୍ଠା ପ୍ରଦାନ କରିଛନ୍ତି କି କୌଣସି ପାଦ୍ରୀ ମୋ ମୁକାବିଲାରେ ଆସିପାରିବ ନାହିଁ । ସମୟ ଥିଲା ସେମାନେ ବଜାରରେ ଘୁରି ବୁଲି ଚିତ୍କାର କରି କହୁଥିଲେ କି ଆଁ ହଜ୍‌ରତ୍ ସ:ଆ:ସଙ୍କ ଠାରୁ କୌଣସି ଚମତ୍କାର ସାବ୍ୟସ୍ତ ହୋଇନାହିଁ ଏବଂ ପବିତ୍ର କୋରାନ୍‌ରେ କୌଣସି ଭବିଷ୍ୟବାଣୀ ନାହିଁ । କିନ୍ତୁ ଖୁଦାତାଲା ତାଙ୍କ ଉପରେ ଏପରି ପ୍ରଭାବ ପକାଇଲେ କି ଏଥିପ୍ରତି ଆଉ ସେମାନେ ମନବଳାଉନାହାଁନ୍ତି ସତେ ଅବା ସେମାନେ ସମସ୍ତେ ଏ ସଂସାର ଛାଡି ଚାଲିଯାଇଛନ୍ତି ଏବଂ ମୋତେ ତା'ରାଣ ଯାହା ହାତରେ ମୋ ଜୀବନ ରହିଛି କି ଯଦି କୌଣସି ପାଦ୍ରୀ ସେ ସବୁର ମୁକାବିଲା ମୋ ସହିତ କରେ ତେବେ ଖୁଦା ତାଙ୍କୁ ଅତ୍ୟନ୍ତ ଅପମାନିତ କରିବ ଏବଂ ଏପରି ଦଣ୍ଡରେ ଦଣ୍ଡିତ କରିବ ଯାହାର ଦୃଷ୍ଟାନ୍ତ ମିଳିବ ନାହିଁ ଓ ମୁଁ ଯାହାକିଛି ଦେଖାଉଛି ସେ ତା'ର ମନଗଢ଼ା ଇଶ୍ୱରଙ୍କ ଶକ୍ତି ଦ୍ୱାରା ଦେଖାଇବାରେ ଅସମର୍ଥ ହେବ ଏବଂ ମୋ ପାଇଁ ଇଶ୍ୱର ଆକାଶରୁ ମଧ୍ୟ ନିଦର୍ଶନ ବୃଷ୍ଟି କରାଇବେ ଓ ପୃଥିବୀରୁ ମଧ୍ୟ । ମୁଁ ସତ୍ୟ କହୁଅଛି କି ଏହି ବର୍‌କତ୍ ଅନ୍ୟ ଗୋଷ୍ଠୀମାନଙ୍କୁ ପ୍ରଦାନ କରାଯାଇନାହିଁ । କଣ ଏ ଧରାପୃଷ୍ଠର ପୂର୍ବରୁ ନେଇ ପଶ୍ଚିମର ଶେଷ ସୀମା ପର୍ଯ୍ୟନ୍ତ ଏପରି କୌଣସି ପାଦ୍ରୀ ଅଛନ୍ତି, ଯିଏ ମୋ ମୁକାବିଲାରେ ଏପରି ଐଶି ନିଦର୍ଶନ ଦେଖାଇପାରିବେ । ଆମେ ବିଜୟୀ ହେଲୁ । ଆମ ମୁକାବିଲା କରିବା ପାଇଁ କାହାର ସାହସ ନାହିଁ । ସୁତରାଂ ଏହା ହେଉଛି ସେହି କଥା ଯାହାକୁ ଖୁଦାତାଲା ଆଜିଠାରୁ ୨୫ ବର୍ଷ ପୂର୍ବେ ଭବିଷ୍ୟବାଣୀ କରିଛନ୍ତି ।

*ବଖରାମେ କେ ୱକ୍ତେତୁ ନଜ୍‌ଦିକ୍ ରଶିଦୋପାଏ ମୁହମ୍ମଦିୟାନ୍ ବର୍‌ମିନାରେ ବଲନ୍ଦତାର୍ ମୁହକମ୍ ଉଫ୍‌ତାଦ୍ ।* ଅର୍ଥାତ୍ ଇଶ୍ୱରଙ୍କ ରାଣ ! ଆମେ ମୁହମ୍ମଦଙ୍କ ସମ୍ପ୍ରଦାୟ ଆଜି ଉଚ୍ଚ ମିନାର ଉପରେ ପ୍ରତିଷ୍ଠିତ ଏବଂ ପ୍ରତ୍ୟେକ ବ୍ୟକ୍ତି ଆମ ପାଦତଳେ" । (ହକିକତୁଲ୍ ୱହି, ରୁହାନି ଖଜାଏନ୍, ଖଣ୍ଡ-୨୨, ପୃଷ୍ଠା-୩୪୭)

# ହଜ୍ରତ୍ ମସିହ୍ ମଉଦ୍ ଆ:ସ ଙ୍କ ସଂକ୍ଷିପ୍ତ ଜୀବନ ଚରିତ

**(ଫଲାହୁଦ୍ଦିନ୍ କମର୍, ମୁରବୀ ସିଲ୍‌ସିଲା, ନେଜାରତ୍ ଉଲିୟା ଜୁନୁବି ହିନ୍ଦ୍ କାଦିଆନ୍)**

ସମ୍ମାନସ୍ପଦ ପାଠକଗଣ ! ପ୍ରିୟ ଆକା ସୟଦ୍‌ନା ହଜରତ୍ ମୁହମ୍ମଦ୍ ମୁସ୍ତଫା ସ୍ୱଲଲ୍ଲାହୋ ଆଲୈହେ ୱ୍ୱ ସଲ୍ଲମ୍ ସୟଦୁର୍ ରସୁଲ୍ ୱ୍ୱ ଖୈରୁଲ୍ ବଶର୍ (ତାଙ୍କ ଉପରେ ଅଲ୍ଲାଃତାଲଙ୍କର କରୁଣା ଅବତୀର୍ଣ୍ଣ ହେଉ) ଏ ପେଶ୍‌ଗୋଇ କରିଥିଲେ କି ମୁସଲ୍‌ମାନ୍ ମାନଙ୍କ ପାଇଁ ଏପରି ଏକ ଯୁଗ ମଧ୍ୟ ଆସିବ ଯେତେବେଳେ ଇମାନ୍ ସୁରୈୟା ସିତାରା (ସୁଦୂରରେ ଥିବା ତାରା) ନିକଟରେ ପହଂଚିଯିବ ଅର୍ଥାତ୍ ଏ ଭୂପୃଷ୍ଠ (ଈଶ୍ୱର) ବିଶ୍ୱାସରୁ ଖାଲି ରହିଯିବ । ଏ ସମ୍ପ୍ରଦାୟ ୭୨ଟି ଫିର୍‌କା (ବିଭାଗ)ରେ ବିଭକ୍ତ ହୋଇଯିବ । ସବୁପ୍ରକାରର ଅପକର୍ମରେ ଲୋକମାନେ ଜଡିତ ରହିବେ । ୱ୍ୱଲେମାମାନଙ୍କର ଅବସ୍ଥା ଏତେମାତ୍ରାରେ ନିଛରୁ ନିଛତର ହୋଇଯିବ କି ସେମାନେ ଲୋକମାନଙ୍କ ମାର୍ଗଦର୍ଶନ କରିବା ପରିବର୍ତ୍ତେ ଲୋକମାନଙ୍କୁ ପଥଭ୍ରଷ୍ଟ କରିବେ ଓ ବିଭ୍ରାଟ ବିଶୃଙ୍ଖଳା ସୃଷ୍ଟି କରିବେ । ଏପରିକି ସେମାନେ ନିଜ ନିଜ ଭିତରେ ଯୁଦ୍ଧ କରି ଜଣେ ଅନ୍ୟଜଣଙ୍କର ରକ୍ତପିପାଶୁ ହୋଇଯିବେ । ତତ୍‌ସହିତ ଆଁ ହଜ୍ରତ୍ ସ:ଆ:ସ ଏ ସମ୍ପ୍ରଦାୟକୁ ସସଂମ୍ବାଦ ମଧ୍ୟ ପ୍ରଦାନ କରିଛନ୍ତି କି ତା ପରେ ଋତୁରାଜ ବସନ୍ତର ଦିନ ମଧ୍ୟ ନିଶ୍ଚିତ ରୂପେ ଫେରିଆସିବ ଏବଂ ତାହା ଇମାମ୍ ମେହ୍‌ଦୀ ଓ ମସିହ୍ ମଉଦ୍‌ଙ୍କର ଯୁଗ ହେବ । ସେତେବେଳେ ଇମାନ୍ (ବିଶ୍ୱାସ)କୁ ଏ ଭୁପୃଷ୍ଠରେ ପୁନର୍ବାର ସ୍ଥାପନ କରାଯିବ । ସୁତରାଂ ଆପଣ ସ:ଆ:ସ କହୁଛନ୍ତି:- *କୈଫା ଅନ୍‌ତୁମ୍ ଇଜା ନଜଲା ଇବ୍‌ନୁ ମରିୟମା ଫିକୁମ୍ ୱ୍ୱ ଇମାମ୍‌କୁମ୍ ମିନ୍‌କୁମ୍* (ବୁଖାରୀ କିତାବୁଲ୍ ଅମ୍ବିୟା, ବାବ୍ ନୋଜୁଲେ ଇସା ଇବ୍‌ନେ ମରିୟମ୍, ମୁସ୍‌ଲିମ, ମସନଦ୍ ଅହେମଦ୍, ଖଣ୍ଡ-୨, ପୃଷ୍ଠା-୩୩୬)

ହଜ୍ରତ୍ ଅବୁ ହୁରେରାଃ ର:ଅ ବର୍ଣ୍ଣନା କରୁଛନ୍ତି କି:- ଆଁ ହଜ୍ରତ୍ ସ:ଆ:ସ କହିଛନ୍ତି ସେତେବେଳେ ତୁମର ଅବସ୍ଥା କଣ ହେବ, ଯେତେବେଳେ ମରିୟମ୍ ନନ୍ଦନ ତୁମ ମଧ୍ୟରେ ଅବତୀର୍ଣ୍ଣ ହୋଇ ତୁମର ଇମାମ୍ ହେବେ ଓ ସେ ତୁମମାନଙ୍କ ମଧ୍ୟରୁ ହିଁ ହେବେ । ସମସ୍ତ ଗୋଷ୍ଠୀ ସମୂହ ଏକଥା କହୁଛନ୍ତି କି ଉକ୍ତ (ହଦିସ୍) ଏପର୍ଯ୍ୟନ୍ତ ପୂରଣ ହୋଇପାରିନାହିଁ ବୋଲି ଯେବେ କି ଜମାତ୍ ଅହେମଦୀୟା ପୂର୍ଣ୍ଣ ବିଶ୍ୱାସ ରଖିଛି ଯେ ହଜ୍ରତ୍ ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀ ମସିହ୍ ମଉଦ୍ ଓ ମେହ୍‌ଦୀ ମାହୁଦ୍‌ଙ୍କ ଅସ୍ତିତ୍ୱରେ ଏହି ଭବିଷ୍ୟବାଣୀଟି ପୂରଣ ହୋଇସାରିଛି ।

ସୟଦନା ହଜ୍ରତ୍ ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀ ଆ:ସଙ୍କୁ ଅଲ୍ଲାଃତାଲା ଏ ଯୁଗରେ ଇମାମ୍ ମେହ୍‌ଦୀ ଓ ମସିହ୍ ମଉଦ୍ କରି ପ୍ରେରଣ କରିଛନ୍ତି । ଶହସ୍ର ବର୍ଷର ଲମ୍ବା ସମୟ ବିତିଯିବା ଓ ପତ୍ରଝଡାର ମୌସମ୍ ପରେ କେହିଜଣେ ନବୀ ନିଜର ଚେହେରାକୁ ଦେଖାଇଛନ୍ତି । କିନ୍ତୁ ଦୁଃଖର କଥା ଯେତେବେଳେ ମଧ୍ୟ ଲୋକମାନଙ୍କ ନିକଟକୁ ଈଶ୍ୱରଙ୍କର କେହି ଦୂତ ଆସିଥାଏ ସେମାନେ ତାକୁ ଥଟ୍ଟା ଓ ପରିହାସ କରିଛନ୍ତି ।

ଆମ ବିରୋଧୀମାନେ ହଜ୍ରତ୍ ମସିହ୍ ମଉଦ୍ ଓ ମେହ୍‌ଦୀ ମାହୁଦ୍ ମିର୍ଜା ଗୁଲାମ୍ ଅହେମଦ୍‌କୁ ଥଟ୍ଟା ପରିହାସ କରି ତାଙ୍କୁ ମିଥ୍ୟାବାଦୀ ବୋଲି ଅଭିହିତ କରୁଛନ୍ତି । କିନ୍ତୁ ଈଶ୍ୱର ତାହାଙ୍କୁ ତାଙ୍କ ସତ୍ୟତାର ନିଦର୍ଶନ ରୂପେ ପ୍ରମାଣ କରିଛନ୍ତି । ଅଲ୍ଲାଃତାଲା ଜଣେ ସଚ୍ଚା ନବୀଙ୍କର ଏ ଲକ୍ଷଣ ବତାଇଛନ୍ତି କି ସେ ନିଜ ମିଶନ୍‌ରେ ନିଶ୍ଚିତ ରୂପେ ସଫଳ ହେବେ ଓ ସାର ସଂସାର ତା ବିରୋଧ ହୋଇଗଲେ ମଧ୍ୟ ତାର କିଛି ବିଗାଡି ପାରିବେ ନାହିଁ । ସୁତରାଂ ଅଲ୍ଲାଃତାଲା କହୁଛନ୍ତି:- *କତବଲ୍ଲାହୁ ଲଅଗ୍‌ଲିବନ୍ନା ଆନା ୱ୍ୱରୁସୁଲି ଇନ୍ନଲ୍ଲାହା କଓ୍ୱିୟୁନ୍ ଅଜିଜ୍ ।* (ମୁଜାଦଲ୍ଲାଃ:୨୧) ଅର୍ଥାତ୍- ଅଲ୍ଲାଃତାଲା ନିଷ୍ପତି କରିସାରିଛନ୍ତି କି ଆମ୍ଭେ ଓ ଆମ୍ଭର ରସୁଲ୍ ବିଜୟୀ ହେବୁ ଏବଂ ଅଲ୍ଲାଃ ବାସ୍ତବରେ ବଳୀୟାନ୍ (ଓ) ପରାକ୍ରମୀ ।

ଏ ସମ୍ବନ୍ଧରେ ଦୁଇଗୋଟି ପୁସ୍ତକ "ସିଲ୍‌ସିଲା ଅହେମଦୀୟା ପ୍ରଥମଖଣ୍ଡ" ଲେଖକ ସାହେବ୍‌ଜାଦା ହଜ୍ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏମ୍.ଏ ର:ଅ ଏବଂ "ହଜ୍ରତ୍ ମସିହ୍ ମଉଦ୍ ଓ ମେହ୍‌ଦୀ ମାହୁଦ୍ ଆ:ସଙ୍କ ଜୀବନଚରିତ" ଲେଖକ ମୌଲାନା ଦୋସ୍ତ୍ ମୁହମ୍ମଦ୍ ଶାହିଦ୍ ସାହେବ୍‌ଙ୍କ ଲେଖନୀରୁ ସୟଦ୍‌ନା ହଜ୍ରତ୍ ମସିହ୍ ମଉଦ୍ ଆ:ସଙ୍କ ଜୀବନଚରିତ ଅତ୍ୟନ୍ତ ସଂକ୍ଷିପ୍ତରେ ଉପସ୍ଥାପନ କରାଯାଉଛି ।

### ଖାନ୍‌ଦାନି (ପାରିବାରିକ) ଅବସ୍ଥା

ସୟଦ୍‌ନା ହଜ୍ରତ୍ ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀ ଆ:ସ ମସିହ୍ ମଉଦ୍ ଓ ମେହ୍‌ଦୀ ମାହୁଦ୍ ପ୍ରସିଦ୍ଧ ଇରାନୀ (ଫରାସୀ) କବିଲା ବିର୍‌ଲାସ୍‌ର ସୁପୁତ୍ର ଥିଲେ । ଆପଣଙ୍କର ବଂଶ ଗୋଟିଏ ସମ୍ଭ୍ରାନ୍ତ ବଂଶ ଥିଲା । ଆପଣ ଆ:ସଙ୍କ ପରିବାରର ପ୍ରଥମବ୍ୟକ୍ତି ମିର୍ଜା ହାଦି ବେଗ୍ ଥିଲେ ଯିଏ ୧୫୩୦ ଖ୍ରୀଷ୍ଟାବ୍ଦରେ ନିଜ ପରିବାର ସହିତ ପଞ୍ଜାବ୍‌ରେ ପ୍ରବେଶ କଲେ ଓ କାଦିଆନ୍‌ରେ ଏକ ଦୃଷ୍ଟାନ୍ତ ମୂଳକ ରିଆସତ୍‌ର ମୂଳଦୁଆ ରଖିଲେ ଯାହା ୧୮୦୨ ମସିହା ପର୍ଯ୍ୟନ୍ତ କାଏମ୍ ରହିଲା । ପରିଶେଷରେ ତାକୁ ଆପଣ ଆ:ସଙ୍କ ଜେଜେବାପା ମିର୍ଜା ଅତା ମୁହମ୍ମଦ୍ ସାହେବ୍‌ଙ୍କ ସମୟରେ ଶିଖ୍‌ମାନେ କବ୍‌ଜା କରିନେଲେ ଓ ଆପଣ ଆ:ସଙ୍କ ପରିବାର କପୁର୍‌ଥଲା ରିୟାସତ୍ (ରାଜ୍ୟ)ରେ ଶରଣ ନେବାକୁ ପଡ଼ିଲା । ପୁଣି ମହାରାଜା ରଞ୍ଜିତ୍ ସିଂଙ୍କ ରାଜତ୍ୱ ସମୟରେ ପୁନର୍ବାର ଆପଣଙ୍କ ପରିବାର କାଦିଆନ୍ ଆସିଗଲା ଓ ଆପଣଙ୍କର ବାପା ହଜ୍ରତ୍ ମିର୍ଜା ଗୁଲାମ୍ ମୁର୍‌ତଜା ସାହେବ ନିଜ ରିୟାସତ୍ ମଧ୍ୟରୁ ପାଂଚଗୋଟି ଗ୍ରାମ ଫେରି ପାଇଗଲେ ।

### ଜନ୍ମ

ହଜ୍ରତ୍ ମସିହ୍ ମଉଦ୍ ଆ:ସ ହଜ୍ରତ୍ ଚିରାଗ୍ ବିବି ସାହେବାଙ୍କ ପବିତ୍ର ଗର୍ଭରୁ ୧୪ ଶୱ୍ୱାଲ୍ ୧୨୫୦ ହିଜ୍‌ରି ମୁତାବକ ଫେବୃୟାରୀ ୧୮୩୫ ମସିହାରେ ଫଜର୍ ନମାଜ ପରେ ଶୁକ୍ରବାର ଦିନ କାଦିଆନ୍‌ଠାରେ ଜନ୍ମ ହେଲେ । ହଜ୍ରତ୍ ମସିହ୍ ନାସିର୍‌ଙ୍କ ଭଳି ଆପଣଙ୍କ ଜନ୍ମ ମଧ୍ୟ ଅଭୁତପୂର୍ବ ଥିଲା । କାରଣ ଆପଣ ଆ:ସ ହଜ୍ରତ୍ ମୁହିଉଦ୍ଦିନ୍ ଇବ୍‌ନେ ଆରବୀଙ୍କ ପେଶ୍‌ଗୋଇ ମୁତାବକ ଯମଜ ଜନ୍ମ ହୋଇଥିଲେ ।

### ପବିତ୍ର ବାଲ୍ୟାବସ୍ଥା, ଶିକ୍ଷା ଏବଂ ହଜ୍ରତ୍ ମୁହମ୍ମଦ୍ ସ:ଆ:ସଙ୍କ ଦର୍ଶନ

ଆପଣ ଆ:ସ କହୁଛନ୍ତି କି ପ୍ରାରମ୍ଭରୁ ହିଁ ମୋ ଘର ହେଉଛି ଈଶ୍ୱରପ୍ରେମୀ, ମୋ ଭାଇମାନେ ହେଉଛନ୍ତି ପୁଣ୍ୟବନ୍ତ, ଅଲ୍ଲାଃଙ୍କର ସ୍ତୁତିଗାନ କରିବା ହେଉଛି ମୋର ସମ୍ପତି ଓ ଈଶ୍ୱରଙ୍କ ସୃଷ୍ଟଜ ହେଉଛନ୍ତି ମୋର ପରିବାର । ଜଣେ ଚମତ୍କାରୀ ପୁରୁଷ ଏବଂ ଅଲ୍ଲାଃଙ୍କର ଭକ୍ତ ମୌଲବୀ ଗୁଲାମ୍ ରସୁଲ୍ ସାହେବ୍ ଆପଣ ଆ:ସଙ୍କୁ ପିଲାଦିନୁ ହିଁ ଦେଖିଛନ୍ତି । ସେ କହୁଛନ୍ତି କି "ଯଦି ଏ ଯୁଗରେ କେହି ନବୀ ହୋଇଥାଆନ୍ତେ ତେବେ ଏ ପିଲାଟି ନବୁୱ୍ୱତ୍ ପାଇଁ ଯୋଗ୍ୟ ଅଟେ" । ୬-୭ ବର୍ଷ ବୟସରେ ଆପଣ ଆ:ସ କାଦିଆନ୍‌ରେ ଜଣେ ହନ୍‌ଫି ବୟସ୍କ ଫଜ୍‌ଲେ ଇଲାହି ସାହେବ୍‌ଙ୍କ ଠାରୁ ପବିତ୍ର କୋରାନ୍ ଶିଖିଲେ ଓ କିଛି ଫାର୍ସୀ ପୁସ୍ତକ ମଧ୍ୟ ପଢ଼ିଲେ । ଯେତେବେଳେ ଆପଣଙ୍କୁ ଦଶବର୍ଷ ହେଲା ସେତେବେଳେ ଜଣେ ଅହଲେ ହଦିସ୍ ଆଲିମ୍ ମୌଲବୀ ଫଜଲ୍ ଅହେମଦ୍ ସାହେବ୍ ବହୁତ ଧ୍ୟାନ ଦେଇ ଓ ବହୁତ ପରିଶ୍ରମ କରି ସର୍ଫ୍ (ଆରବୀ ବ୍ୟାକରଣର ପୁସ୍ତକ)ରୁ କିଛି ପୁସ୍ତକ ଓ କିଛି ବ୍ୟକରଣ ସମ୍ବନ୍ଧିତ କାଇଦା କାନୁନ୍ ପଢ଼ାଇଲେ । ୧୭-୧୮ ବର୍ଷ ବୟସରେ ବଟାଲାର ଜଣେ ସିହା ଆଲିମ୍ ମୌଲବୀ ଗୁଲ୍ ଅଲୀ ଶାହ୍ ସାହେବଙ୍କ ଠାରୁ ଆପଣ ଆ:ସ ନହୁ ମନ୍‌ତିକ୍ (ବ୍ୟାକରଣ ଓ ଯୁକ୍ତିପୂର୍ଣ୍ଣ ପାଠ) ଏବଂ ହିକ୍‌ମତ୍ (ଚିକିତ୍ସା ସମ୍ବନ୍ଧିତ ପାଠ) ଇତ୍ୟାଦି ଜ୍ଞାନ ଆହରଣ କଲେ ଓ ଚିକିତ୍ସା ସମ୍ବନ୍ଧିତ ପୁସ୍ତକ ଗୁଡ଼ିକ ନିଜ ପ୍ରିୟ ବାପାଙ୍କ ଠାରୁ ନେଇ ପଢ଼ିଛନ୍ତି । ଶିକ୍ଷା ହାସଲ କରିବା ସମୟରେ ଆପଣ ଆ:ସ ପ୍ରଥମଥର ପାଇଁ ସ୍ୱପ୍ନରେ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ଦର୍ଶନ କରିବାର ସୌଭାଗ୍ୟ ହାସଲ କଲେ । ଆପଣ ଆ:ସ ଦେଖିଲେ କି ଆଁ ହଜ୍ରତ୍ ସ:ଆ:ସଙ୍କ ଆସ୍ଥାନ (ସିଂହାସନ)ଟି ଉଚ୍ଚା ହୋଇଯାଇଛି ଏପରିକି ଛାତ ନିକଟରେ ଯାଇ ପହଂଚିଯାଇଛି ଓ ଆପଣ ସ:ଆ:ସଙ୍କ ପବିତ୍ର ଚେହେରା ଏପରି ଚମକୁଥିଲା ଯେପରି ସେଥିରେ ସୂର୍ଯ୍ୟ ଓ ଚନ୍ଦ୍ରର କିରଣ ପଡିଥିଲା ।

### ସିଆଲ୍‌କୋଟ୍‌ରେ ଇସ୍‌ଲାମ୍‌ର ତବ୍‌ଲିଗ୍

୧୮୬୪ ରୁ ୧୮୬୭ ପର୍ଯ୍ୟନ୍ତ ଆପଣ ଆ:ସ ସିଆଲ୍‌କୋଟ୍ ଠାରେ ଚାକିରୀ କରି ରହିଥିଲେ । ଆପଣ ଆ:ସଙ୍କର ଅଧିକାଂଶ ସମୟ ତିଲାୱ୍ୱତେ କୁର୍‌ଆନ୍ (ପବିତ୍ର କୋରାନ୍ ପାଠ କରିବା), ଇବାଦତ୍ ଗୁଜାରୀ (ଅଲ୍ଲାଃଙ୍କ ଉପାସନା କରିବା, ଖିଦ୍‌ମତେ ଖଲ୍‌କ୍ (ଲୋକସେବା) ଏବଂ ଇସ୍‌ଲାମ୍‌ର ତବ୍‌ଲିଗ୍‌ରେ ବିତୁଥିଲା । ଖ୍ରୀଷ୍ଟିଆନ୍‌ମାନେ ପଞ୍ଜାବ୍‌କୁ ଓ ବିଶେଷ ରୂପେ ପଞ୍ଜାବ ପ୍ରଦେଶର ସିଆଲ୍‌କୋଟ୍‌କୁ ଇସାଇୟତ୍‌ର ଉନ୍ନତି ଓ ବିକାଶ ନିମନ୍ତେ ଏକ କେନ୍ଦ୍ରଭୂମି ରୂପେ ତିଆରି କରି ରଖିଥିଲେ । ହଜ୍ରତ୍ ମସିହ୍ ମଉଦ୍ ଆ:ସ ଏଠାରେ ଇସ୍‌ଲାମ୍‌ର ତବ୍‌ଲିଗ୍ କଲେ ଏବଂ ଇସାଇ ଧର୍ମତତ୍ତ୍ୱକୁ ରଦ୍ଦ କରିବା ପାଇଁ ବିପ୍ଳବ ଆରମ୍ଭ କରିଦେଲେ ଏବଂ ବିଶେଷ ରୂପେ ସ୍କାଟ୍ ମିଶନ୍‌ର ବଡବଡ ନାମୀଦାମୀ ପାଦ୍ରୀ ବଟ୍‌ଲର୍‌ଙ୍କ ସହିତ ଆପଣଙ୍କର ବଡବଡ (ଧର୍ମ ସମ୍ବନ୍ଧୀୟ) ଯୁଦ୍ଧ ହେଲା ।

### ମୁନାଜରା (ତର୍କ ବିତର୍କ)ରୁ ନିବୃତ ରହିବା ଏବଂ ସ୍ୱର୍ଗୀୟ ସୁସମ୍ବାଦ

ସିଆଲ୍‌କୋଟ୍‌ରୁ ଫେରିଯାଇ ଆପଣ ଆ:ସ ପୁଣି କାଦିଆନ୍ ଚାଲିଆସିଲେ । ଧର୍ମସେବା ଓ ସମ୍ପ୍ରଦାୟର ଉନ୍ନତିମୂଳକ

କାର୍ଯ୍ୟରେ ଅଂଟା ଭିଡିଲେ । ୧୮୬୮ ମସିହାରେ ବଟାଲାରେ ମୌଲବୀ ମୁହମ୍ମଦ୍ ହୁସେନ୍ ବଟାଲୁଓ୍ୱିଙ୍କ ସହିତ କେବଳ ଅଲ୍ଲାଃତାଲାଙ୍କ ଖାତିର୍ ମୁନାଜ୍‌ରା (ଧର୍ମ ସମ୍ବନ୍ଧୀୟ ତର୍କ ବିତର୍କ) କରିବାକୁ ମନା କରିଦେଲେ ଏବଂ ହନ୍‌ଫି ମାନଙ୍କ ସ୍ୱର ଉତୋଳନ ଓ ଉନ୍ମାଦ ସତ୍ତ୍ୱେ ପବିତ୍ର କୁର୍‌ଆନ୍‌ର ଆଦେଶକୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ଆଦେଶ ଉପରେ ପ୍ରାଥମିକତା ଦେବାର ଘୋଷଣା କଲେ । ଏଥିରେ ଇଶ୍ୱର ଆପଣ ଆ:ସଙ୍କୁ ସସମାଚରର ଖବର ଦେଲେ କି "ତୁମ ଇଶ୍ୱର ତୁମର ଏପରି କାର୍ଯ୍ୟଦ୍ୱାରା ପ୍ରସନ୍ନିତ ହେଲେ ସେ ତୁମକୁ ବହୁତ ବୈଭବ ପ୍ରଦାନ କରିବେ ଏପରିକି ସମ୍ରାଟମାନେ ତୁମର ପରିଧାନରୁ ବର୍‌କତ୍ (ବୈଭବ) ଅନ୍ୱେଷଣ କରିବେ" ।

**କଲମ ଜିହାଦ୍‌ର ଶୁଭାରମ୍ଭ**

୧୮୭୨ ମସିହାରେ ଆପଣ ଆ:ସ ଇସ୍‌ଲାମ୍‌ର ସମର୍ଥନରେ କଲମ ଜିହାଦ୍‌ର ଶୁଭାରମ୍ଭ କଲେ । ଏବଂ ଖବରକାଗଜ ମନ୍‌ସୁର୍ ମୁହମ୍ମଦି ଅଫ୍ ବାଙ୍ଗାଲୋର ଏବଂ ଅନ୍ୟ ମୁସ୍‌ଲିମ୍ ପ୍ରେସ୍‌ରେ ନିବନ୍ଧ ଦେବା ଆରମ୍ଭ କରିଦେଲେ । ବୋଧହୁଏ ୧୮୭୩ ମସିହାରେ ଆପଣ ଆ:ସ କବିତା ଲେଖନୀ ଦ୍ୱାରା ସତ୍ୟକୁ ପ୍ରକାଶ କରିବାର ମାଧ୍ୟମ ବନାଇଲେ । ଆପଣ ଆ:ସ ପ୍ରାରମ୍ଭରେ ଉତମ ଓ କ୍ଷୁଦ୍ର କବିତା ଲେଖୁଥିଲେ ।

**ରୋଜା ରଖିବାର ମହାନ୍ ଅଧ୍ୟବସାୟ**

୧୮୭୫ ମସିହାରେ ଆପଣ ଆ:ସ ୯ମାସ ପର୍ଯ୍ୟନ୍ତ ରୋଜା ରଖି ମହାନ୍ ଅଧ୍ୟବସାୟ କଲେ ଯଦ୍ୱାରା ଆପଣ ଆ:ସଙ୍କୁ ଆଧ୍ୟାତ୍ମିକ ଜଗତର ଭ୍ରମଣ କରାଇ ଦିଆଗଲା । ଏବଂ ବିଗତ ଅବତାରଗଣ, ମୁନୀବର, ହଜ୍‌ରତ୍ ଅଲୀ, ହଜ୍‌ରତ୍ ଫାତିମା ଏବଂ ହସନ୍ ହୁସେନ୍ ର:ଅଙ୍କ ବ୍ୟତୀତ ହଜ୍‌ରତ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କୁ ଜାଗ୍ରତ ଅବସ୍ଥାରେ ସାକ୍ଷାତ୍ କରିବାର ସୌଭାଗ୍ୟ ଲାଭ କଲେ ।

**ସମ୍ମାନୀୟ ପିତାଙ୍କ ଦେହାନ୍ତ ପରେ ଆପଣ ଆ:ସଙ୍କ ସହିତ ବହୁଳ ଭାବେ (ଅଲ୍ଲାଃଙ୍କର) ବାର୍ତାଳାପର ଆରମ୍ଭ**

୨ ଜୁନ୍ ୧୮୭୨ ମସିହାରେ ଆପଣଙ୍କ ପିତା ହଜ୍‌ରତ୍ ମିର୍ଜା ଗୁଲାମ୍ ମୁର୍‌ତଜା ସାହେବଙ୍କର ଦେହାନ୍ତ ଘଟିଲା । ତତ୍‌ସହିତ ପ୍ରଖର ସ୍ରୋତ ବହିଲା ସଦୃଶ ଆପଣ ଆ:ସଙ୍କ ଉପରେ ଅଲ୍ଲାଃତାଲାଙ୍କର ବାଣୀ ଓ ଅଲ୍ଲାଃତାଲାଙ୍କ ସହିତ ସମ୍ବୋଧନ ହେବା ଆରମ୍ଭ ହୋଇଗଲା । ଏହାପରେ ଆପଣ ଆ:ସ ସମ୍ପୂର୍ଣ୍ଣ ରୂପେ ଉତ୍ସର୍ଗ ହୋଇ ଧର୍ମସଭାରେ ମାତିଗଲେ । ବିଶେଷ ରୂପେ ଆର୍ଯ୍ୟ ସମାଜ ଉପରେ ସମସ୍ତ ଶକ୍ତିକୁ ପ୍ରୟୋଗ କରି (ଧର୍ମତତ୍ତ୍ୱର) ଆକ୍ରମଣ କରିଦେଲେ । ଫଳତଃ ଇସ୍‌ଲାମ୍‌କୁ ବିଜୟପ୍ରାପ୍ତ ହେଲା ।

**ବରାହିନେ ଅହେମଦୀୟାର ପ୍ରକାଶନ**

୧୮୮୦ ରୁ ୧୮୮୪ ମସିହା ପର୍ଯ୍ୟନ୍ତ ଆପଣ ଆ:ସଙ୍କ ପବିତ୍ର କଲମ ମୁନରୁ ବରାହିନେ ଅହେମଦୀୟା ପରି ଶ୍ରେଷ୍ଠ ରଚନା ଲୋକ ଲୋଚନକୁ ଆସିଲା । ଯଦ୍ୱାରା ଉପ ମହାଦେଶ ଅର୍ଥାତ୍ ପାକିସ୍ତାନ ଓ ହିନ୍ଦୁସ୍ତାନ୍‌ରେ ବୃହତ ଆଲୋଡନ ସୃଷ୍ଟି କରିଦେଲା । ହିନ୍ଦୁସ୍ତାନର ମୁସଲ୍‌ମାନ୍‌ମାନେ ଯେତେବେଳେ ଅଣ ମୁସଲ୍‌ମାନ୍ ମାନଙ୍କ ଭୟଙ୍କର ଆକ୍ରମଣ ଦ୍ୱାରା ଓ ହତାସ୍ ହୋଇଯାଇଥିଲେ ସେମାନେ ଉକ୍ତ ପୁସ୍ତକ ଦ୍ୱାରା ଜବର୍‌ଦସ୍ତ ପ୍ରତିରକ୍ଷା ଯୋଗୁ ଏକ ନୂଆ ଜୀବନ ଓ ନୂଆ ଶକ୍ତି ଅନୁଭବ କରିବାକୁ ଲାଗିଲେ ଏବଂ ମୁସଲ୍‌ମାନ ବିଦ୍ୱାନ ଓ ଜ୍ଞାନୀ ଗୁଣିଜନ ଉଦାହରଣ ସ୍ୱରୂପ ଅବୁ ସଇଦ୍ ମୁହମ୍ମଦ୍ ହୁସେନ୍ ବଟାଲୁଓ୍ୱି ଆଡ୍‌ଭୋକେଟ୍ ଅହ୍‌ଲେ ହଦିସ୍, ହଜ୍‌ରତ୍ ସୁଫି ଅହେମଦ୍ ଜାନ୍ ସାହେବ୍ ଲୁଧିୟାନୁଓ୍ୱି, ମୌଲାନା ମୁହମ୍ମଦ୍ ଶରୀଫ୍ ସାହେବ୍ ବାଙ୍ଗାଲୋରୀ ଉକ୍ତ ପୁସ୍ତକକୁ ଏକ ଅନୁପମ ଓ ଅଦ୍ୱିତୀୟ କୃତିବୋଲି ସ୍ୱୀକାର କଲେ ।

**ଦାଓ୍ୱା ମାମୁରିୟତ୍ (ଇଶ୍ୱରଙ୍କ ତରଫରୁ ପ୍ରେରିତ ଦୂତ ହେବାର ଦାବୀ) ଏବଂ ନିଦର୍ଶନ ଦେଖାଇବାର ବିଶ୍ୱବ୍ୟାପୀ ନିମନ୍ତ୍ରଣ**

ମାର୍ଚ୍ଚ୍ ୧୮୮୨ରେ ଆପଣ ଆ:ସଙ୍କୁ ଇଶ୍ୱରଙ୍କ ନିକଟରୁ ପ୍ରେରିତ ଦୂତ ହେବାର ପୋଷାକ ପ୍ରଦାନ କରାଗଲା । ତା'ପରେ ୧୮୮୪ ଏବଂ ୧୮୮୫ ମସିହାରେ ଆପଣ ଆ:ସ ପୃଥିବୀର ଅଣ ମୁସ୍‌ଲିମ୍ ଲିଡର୍‌ମାନଙ୍କୁ ଓ ଧର୍ମଗୁରୁମାନଙ୍କୁ ନିଦର୍ଶନ ଦେଖାଇବାର ବିଶ୍ୱବ୍ୟାପୀ ନିମନ୍ତ୍ରଣ ଦେଲେ ଓ ଏ ସମ୍ବନ୍ଧରେ ୨୦ ହଜାର ଉର୍ଦ୍ଦୁ ଓ ଇଂରାଜୀ ଇସ୍ତେହାର୍ ରେଜିଷ୍ଟ୍ରି ଦ୍ୱାରା ପଠାଇଲେ କିନ୍ତୁ *ଆଜ୍‌ମାଇସ୍ କେଲିଏ କୋଇ ନା ଆୟା ହର୍‌ଚନ୍ଦ୍ ହର୍ ମୁଖାଲିଫ୍‌କୋ ମୁକାବିଲ୍ ପେ ବୁଲାୟା ହାମ୍‌ନେ*

**ପବିତ୍ର ବଂଶର ମୂଳଦୁଆ ଏବଂ ପେଶ୍‌ଗୋଇ ମୁସ୍‌ଲେହ୍ ମଉଦ୍**

ନଭେମ୍ବର୍ ୧୮୮୪ ମସିହାରେ ଦିଲ୍ଲୀର ପ୍ରସିଦ୍ଧ ସୁଫି ହଜ୍‌ରତ୍ ଖ୍ୱାଜା ମିର୍ ଦର୍ଦ୍ଦଙ୍କ ବଂଶଜ ହଜ୍‌ରତ୍ ମିର୍ ନାସିର୍ ନଓ୍ୱାବ୍ ସାହେବ୍‌ଙ୍କ ସୁପୁତ୍ରୀ ହଜ୍‌ରତ୍ ସୟଦା ନୁସର୍‌ତ୍ ଜାହାଁ ବେଗମ୍ ସାହିବା ଆପଣ ଆ:ସଙ୍କ ସହିତ ବିବାହ କଲେ । ଏଥିରେ ଖୁଦାତାଲା ସାରା ପୃଥିବୀକୁ ସାହାଯ୍ୟ କରିବା ପାଇଁ ଗୋଟିଏ ପବିତ୍ର ବଂଶର ମୂଳଦୁଆ ପକାଇଲେ । ୧୮୮୬ ମସିହାରେ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶାନୁସାରେ ଆପଣ ଆ:ସ ହୁଶିଆର୍‌ପୁର୍‌ଠାରେ ଚିଲ୍ଲାକଶି କଲେ । ଫଳତଃ ଆପଣ ଆ:ସଙ୍କୁ ନିଜର ନିଷ୍ଠାବାନ୍ ଜମାତ୍ ଓ ନିଜ କୁଟୁମ୍ବଙ୍କ ସମ୍ବନ୍ଧରେ ଅନେକ ସୁସମାଚର ପ୍ରାପ୍ତ ହେଲା । ତତ୍‌ସହିତ ମୁସ୍‌ଲେହ୍ ମଉଦ୍‌ଙ୍କ ପରି ସୁପୁତ୍ର ପ୍ରଦାନ କରାଯିବାର ଖବର ମିଳିଲା ଯାହା ୧୨ଜୁନ୍ ଜାନୁଆରୀ ୧୮୮୯ ମସିହାରେ ସୟଦ୍‌ନା ମେହ୍‌ମୁଦ୍ ଅଲ୍‌ମୁସ୍‌ଲେହ ଅଲ୍ ମଉଦ୍ ର:ଅଙ୍କ ଜ୍ୟୋତିର୍ମୟ ଅସ୍ତିତ୍ୱଙ୍କ ଜନ୍ମ ହେବା ଯୋଗୁ ପୁରଣ ହେଲା ।

**ଶୋହ୍‌ବେ ସାକ୍‌ବା (ତାରା ଛିଣ୍ଡିବା)**

୧୮୮୫ ମସିହାର ଶେଷରେ ଅଲ୍ଲାଃତାଲା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମର୍ଥନରେ ଏକ ଆଶ୍ଚର୍ଯ୍ୟଜନକ ନିଦର୍ଶନ ପ୍ରକାଶ କଲେ ଅର୍ଥାତ୍ ୨୭,୨୮ ନଭେମ୍ବର୍ ୧୮୮୫ ମସିହାର ମଧ୍ୟ ରାତ୍ରରେ ତାରା ଛିଣ୍ଡିବାର ଅଯବ ଦୃଶ୍ୟ ପ୍ରକାଶ ହେଲା । ସେହି ରାତିରେ ବହୁ ସଂଖ୍ୟାରେ ତାରା ଗୁଡିକ ଛିଣ୍ଡିଲେ । ଏମିତି ଲାଗୁଥିଲା ଯେପରି ନିଆଁବର୍ଷା ହେଉଥିଲା । ଏପରି ତାରା ଛିଣ୍ଡିବାକୁ ସାଙ୍କେତିକ ଭାଷାରେ ଏହାର ଲକ୍ଷଣ ହେଉଛି କି ଏବେ ସଂସାରର ସଇତାନି ସେନାଙ୍କ ଉପରେ ରହ୍‌ମାନି (ଇଶ୍ୱରୀୟ) ସେନାଙ୍କ ଆକ୍ରମଣ କରିବାର ସମୟ ଆସିଯାଇଛି ଓ ଆକାଶୀୟ ଶକ୍ତି ଅସାଧାରଣ ରୂପେ ଚଳଚଂଚଳ ହୋଇଯାଇଛି ।

**ଲୁଧିଆନାଠାରେ ବୟତ୍ ଉତ୍ସବ**

୨୩ ମାର୍ଚ୍ଚ୍ ୧୮୮୯ର ପବିତ୍ର ଦିନଟି ସଦାସର୍ବଦା ଅହେମଦୀୟତ୍‌ର ଇତିହାସରେ ସ୍ୱତନ୍ତ୍ର ହୋଇ ରହିବ କାରଣ ସେହିଦିନ ହଜ୍‌ରତ୍ ସୁଫି ଅହେମଦ୍ ଜାନ୍ ସାହେବ୍ ଲୁଧିୟାନୁଓ୍ୱିଙ୍କ ମହଲା ଯଦିଦ୍‌ରେ ଅବସ୍ଥିତ ଘରଠାରେ ସର୍ବପ୍ରଥମ ବୟତ ଉତ୍ସବର ଶୁଭାରମ୍ଭ ହେଲା ଏବଂ ୪୦ଜଣ ସଦସ୍ୟ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପବିତ୍ର ହସ୍ତରେ ବୟତ କଲେ ଓ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେବାପାଇଁ ପ୍ରତିଜ୍ଞା କଲେ । ସର୍ବପ୍ରଥମେ ମୌଲାନା ହକିମ୍ ନୁରୁଦ୍ଦିନ୍ ସାହେବ୍ ଭୈର୍‌ଓ୍ୱି (ଖଲିଫତୁଲ୍ ମସିହ୍ ଅଓ୍ୱଲ୍)ଙ୍କୁ ବୟତ କରିବାର ସୌଭାଗ୍ୟ ହାସଲ ହେଲା ।

**ମସିହ୍ ହେବାର ଦାବୀ**

୧୮୯୦ ମସିହାର ଶେଷରେ ଆପଣଙ୍କ ନିକଟରେ ଏ ରହସ୍ୟ ଉନ୍ମୋଚନ କରାଗଲା ଯେ "ମସିହ୍ ଇବ୍‌ନେ ମରିୟମ୍ ରସୁଲୁଲ୍ଲାଃ ମୃତ୍ୟୁବରଣ କରିସାରିଛନ୍ତି ଏବଂ ତାଙ୍କ ସଦୃଶ ରୂପେ ପ୍ରତିଶୃତି ମୁତାବକ ତୁମେ ଆସିଅଛ" । ଏଥିରେ ୧୮୯୧ ମସିହାରେ ଆପଣ ଆ:ସ "ଫତାହ୍ ଇସ୍‌ଲାମ୍", "ତୌଜିହ୍ ମରାମ୍" ଏବଂ "ଅଜାଲାଏ ଅଓହାମ୍" । ପୁସ୍ତକ ଗୁଡିକ ପ୍ରକାଶ କରି ସେ ସମୟର ଓ୍ୱଲେମାମାନଙ୍କ ଉପରେ ଯୁକ୍ତିକୁ ପୂରଣ କଲେ । ଏତଦ୍‌ବ୍ୟତୀତ ଲୁଧିଆନାଠାରେ ମୌଲବୀ ମୁହମ୍ମଦ୍ ହୁସେନ୍ ବଟାଲୁଓ୍ୱିଙ୍କ ସହିତ ଏବଂ ଦିଲ୍ଲୀରେ ମୌଲବୀ ବଶିର୍ ଅମେହଦ୍ ସାହେବ୍ ଭୋପାଲିଙ୍କ ସହିତ ମୋବାହିସା (ଉପଯୁକ୍ତ ଯୁକ୍ତି) କରି ନିରୁତର କରିଦେଲେ ।

**ମେହ୍‌ଦୀ ହେବାର ଦାବୀ**

ଆପଣ ଆ:ସ ଏହା ମଧ୍ୟ ଦାବି କଲେ କି ଇସ୍‌ଲାମ୍‌ରେ ଯେଉଁ ମେହ୍‌ଦୀଙ୍କୁ ମଦିହ୍‌ଙ୍କ ସମୟରେ ପ୍ରକଟ ହେପାପାଇଁ ପ୍ରତିଶୃତି ଦିଆଯାଇଥିଲା ସେ ବ୍ୟକ୍ତି ହେଉଛି ମୁଁ କିନ୍ତୁ ମୁଁ କୌଣସି ଯୁଦ୍ଧ ମିଶନ୍‌କୁ ସମ୍ପାଦନ କରିବା ପାଇଁ ଆବିର୍ଭାବ ହୋଇନାହିଁ ବରଂ ମୋର କାର୍ଯ୍ୟ ହେଉଛି ଶାନ୍ତି ଓ ସୁଲାହ୍‌ର ମାର୍ଗ ଉପରେ ଆଧାରିତ । ଆପଣ ଆ:ସ ମୁସଲ୍‌ମାନ୍‌ଙ୍କର ଯେଉଁ ଭୁଲ୍ ଧାରଣା ଥିଲା କି ଖୁନୀ ମେହ୍‌ଦୀ ଆସିବ, ସେ ସବୁକୁ ନିରାଧାର ବୋଲି ପ୍ରମାଣିତ କରିଦେଲେ । ଆପଣ ଆ:ସ କହିଲେ କି ମସିହ୍ ଏବଂ ମେହ୍‌ଦୀ ବାସ୍ତବରେ ଅଲଗା ଅଲଗା ଅସ୍ତିତ୍ୱ ନୁହେଁ ବରଂ ଜଣେ ବ୍ୟକ୍ତିଙ୍କର ଦୁଇଟି ଭିନ୍ନ ଭିନ୍ନ ନାମ ଅଟେ ଅର୍ଥାତ୍ ମସିଲେ ମସିହ୍ ହେବା ଦୃଷ୍ଟିକୋଣରୁ ଆବିର୍ଭାବ ହୋଇଥିବାଙ୍କ ନାମ ହେଉଛି ମସିହ୍ । ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ଛାୟା ଓ ଅନୁରୂପ ହୋଇଥିବା ଦୃଷ୍ଟିକୋଣରୁ ତାଙ୍କ ନାମ ହେଉଛି ମେହ୍‌ଦୀ । ଯେପରି କି ଗୋଟିଏ ହଦିସ୍‌ରେ ମଧ୍ୟ ଆସିଛି ଯେ ମସିହ୍ ମଉଦ୍‌ଙ୍କ ବ୍ୟତୀତ ଆଉ କେହି ମେହ୍‌ଦୀ ନୁହଁନ୍ତି ।

**ପ୍ରଥମ ଜଲ୍‌ସା ସାଲାନା**

୨୭ ଡିସେମ୍ବର୍ ୧୮୯୧ ଦିନ ଜମାତ୍ ଅହେମଦୀୟାର ପ୍ରଥମ ଜଲ୍‌ସା ସାଲାନା ଜୋହର୍ ନମାଜ ପରେ ମସ୍‌ଜିଦ୍ ଅକ୍‌ସା କାଦିଆନ୍‌ଠାରେ ଅନୁଷ୍ଠି ହେଲା । ଯେଉଁଥିରେ ହଜ୍‌ରତ୍ ମୌଲାନା ଅବ୍‌ଦୁଲ୍ କରିମ୍ ସାହେବ୍ ସିଆଲ୍‌କୋଟି ର:ଅ ହଜୁର୍ ଆସଙ୍କ ରଚିତ ପୁସ୍ତକ ଆସ୍‌ମାନି ଫୈସଲାକୁ ପଢ଼ି ଶୁଣାଇଲେ ଏବଂ ଜଲ୍‌ସା ଶେଷ ହେଲା । ଏହି ପ୍ରଥମ ଇଜ୍‌ତିମାରେ କେବଳ ୭୫ ଜଣ ସଦସ୍ୟ ସାମିଲ୍ ହୋଇଥିଲେ ।

**ରାଣୀ ଭିକ୍ଟୋରିଆକ ଇସଲାମ୍ ପ୍ରତି ନିମନ୍ତ୍ରଣ**

୧୮୯୩ ମସିହାରେ ଆପଣ ଆ:ସ ଆଇନାଏ କମାଲାତେ ଇସ୍‌ଲାମ୍ ନାମକ ଗୋଟିଏ ଜ୍ଞାନ ବର୍ଦ୍ଧକ ପୁସ୍ତକ ରଚନା କଲେ ଯେଁଥିରେ ରାଣୀ ଭିକ୍ଟୋରିଆଙ୍କୁ ଇସଲାମ୍ ଗ୍ରହଣ କରିବା ପାଇଁ ନିମନ୍ତ୍ରଣ କରାଯାଇଛି । ଏଥିରେ ହଜ୍‌ରତ୍ ଖ୍ୱାଜା

ଗୁଲାମ୍ ଫରିଦ୍ ଚାଚଡ୍‌ଙ୍କ ପରି ଭଦ୍ରବ୍ୟକ୍ତି ଓ ଅଲ୍ଲାଙ୍କ ଭକ୍ତ ପ୍ରଶଂସା କଲେ । ଜୁନ୍ ୧୮୯୭ ମସିହାରେ ରାଣୀଙ୍କର ଯୁବୁଲି ହିସାବ୍ ହେଲା । ଏହି ଉତ୍ସବ ସମୟରେ ଆପଣ ଆ:ସ ନା କେବଳ ରାଣୀ ଭିକ୍ଟୋରିଆଙ୍କୁ ପୁନର୍ବାର ଇସ୍‌ଲାମ୍ ଆଡକୁ ନିମନ୍ତ୍ରଣ କଲେ ବରଂ ଇଂଲିସ୍ ସ୍ଥାନରେ ଗୋଟିଏ ସର୍ବଧର୍ମ ସମ୍ମିଳନୀ କରିବା ପାଇଁ ପରାମର୍ଶ ମଧ୍ୟ ଦେଲେ ।

### ତିନୋଟି ଗୁରୁତ୍ୱପୂର୍ଣ୍ଣ ରହସ୍ୟ ଉନ୍ମୋଚନ

୧୮୯୫ ମସିହାକୁ ଏ ବିଶେଷତା ହାସଲ ହୋଇଛି ସେହିବର୍ଷ ଆପଣ ଆ:ସ ଅଲ୍ଲାଃତାଲାଙ୍କ ସାହାଯ୍ୟ ସହଯୋଗ ଦ୍ୱାରା ତିନୋଟି ଏପରି ଜ୍ଞାନ ସମ୍ବନ୍ଧୀୟ ରହସ୍ୟକୁ ଉନ୍ମୋଚନ କଲେ କି ଯଦ୍ୱାରା ଇସ୍‌ଲାମ୍‌ର ବିଜୟର ଧ୍ୱନି ବାଜିଉଠିଲା । ସୁତରାଂ ଆପଣ ଆ:ସ ଜବରଦସ୍ତ୍ ଦଏଲିଲ ଦ୍ୱାରା ପ୍ରମାଣ କରିଦେଲେ କି –

(୧) ଆରବୀ ଭାଷା ହେଉଛି ସମସ୍ତ ଭାଷାର ମାଆ

(୨) ହଜ୍‌ରତ୍ ମସିହ୍ (ନାସ୍‌ରି)ଙ୍କ କବର ମହଲା ଖାନିୟାର୍‌ଠାରେ ରହିଛି ।

(୩) ଶିଖ୍ ସମ୍ପ୍ରଦାୟର ପହତିଷ୍ଠାତା ଗୁରୁ ନାନକ୍ ମୁସଲ୍‌ମାନ୍ ଥିଲେ ।

### ଆରବୀ ଭାଷାରେ ମୁକାବିଲା କରିବା ପାଇଁ ଆହ୍ୱାନ

ଖୁଦାତାଲା ଆପଣ ଆ:ସଙ୍କୁ ଇସ୍‌ଲାମ୍‌ର ସେବା କରିବା ପାଇଁ ପ୍ରେରଣ କରିଥିଲେ ଓ ଆପଣ ଆ:ସଙ୍କୁ ପବିତ୍ର କୋରାନ୍‌ର ଜ୍ଞାନରେ ପରିପୁର୍ଣ୍ଣ କରିଥିଲେ । ଆପଣ ଆ:ସ ୧୮୯୩ ମସିହାରେ ଓ୍ୱଲେମାମାନଙ୍କୁ ଆହ୍ୱାନ କଲେ କି ସେମାନେ ଆପଣ ଆ:ସଙ୍କ ସହିତ ଆରବୀ ଭାଷାରେ ଉଚ୍ଚକୋଟୀର ସାହିତ୍ୟ ଓ ବ୍ୟାକରଣ ସମ୍ପନ୍ନ ପବିତ୍ର କୋରାନ୍‌ର ତଫ୍‌ସିର୍ ଲେଖିବା ପାଇଁ ମୁକାବିଲା କରନ୍ତୁ । ଆପଣ ଆ:ସ ଏହା ମଧ୍ୟ ଘୋଷଣା କଲେ କି ଇଶ୍ୱରଙ୍କ ତରଫରୁ ଗୋଟିଏ ରାତିରେ ଆପଣ ଆ:ସଙ୍କୁ ଚାଳିଶି ହଜାର ଆରବୀ ମୂଳଶବ୍ଦ ଶିଖାଇ ଦିଆଯାଇଛି ଓ ଇଶ୍ୱର ଆପଣଙ୍କୁ ଆରବୀ ଭାଷାରେ ଏପରି ପୁର୍ଣ୍ଣ ଶକ୍ତି ପ୍ରଦାନ କରିଛନ୍ତି କି ଅନ୍ୟ କୌଣସି ବ୍ୟକ୍ତି ଆପଣ ଆ:ସଙ୍କ ସମ୍ମୁଖରେ ତିଷ୍ଠି ପାରିବ ନାହିଁ । ଶେଷ ବୟସ ପର୍ଯ୍ୟନ୍ତ ଆପଣ ଆ:ସ ଏହି ଦାବୀକୁ ପୁନରାବୃତି କରୁଥିଲେ କିନ୍ତୁ କାହାରିକୁ ମଧ୍ୟ ଆପଣ ଆ:ସଙ୍କ ଆରବୀ ଭାଷାରେ ରଚିତ ଆଲେଖ୍ୟ ଗୁଡିକର ମୁକାବିଲାରେ ଲେଖିବା ପାଇଁ ସାହସ ହେଲାନାହିଁ । ଆପଣ ଆ:ସଙ୍କ ଆରବୀ ଭାଷାରେ ମୋଟ ରଚିତ ପୁସ୍ତକ ପାଖାପାଖି ୨୧ଟି ।

### ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗର ନିଦର୍ଶନ

୧୮୯୪ ମସିହାରେ ଅଲ୍ଲାଃତାଲା ଆପଣଙ୍କ ସମର୍ଥନରେ ଏକ ମହାନ ନିଦର୍ଶନ ପ୍ରକାଶ କଲେ । ତାହା ହେଉଛି ଏପରି କି ପୁରୁଣା ଭବିଷ୍ୟବାଣୀ ମୁତାବକ ଯାହା ମେହ୍‌ଦୀ ମାହୁଦଙ୍କ ସମ୍ବନ୍ଧରେ ପୂର୍ବରୁ ହିଁ ବର୍ଣ୍ଣନା ହୋଇସାରିଥଲା, ୧୮୯୪ ମସିହା ମୁତାବକ ୧୩୧୧ ହିଜ୍‌ରିର ରମ୍‌ଜାନ୍ ମାସରେ ଚନ୍ଦ୍ର ଓ ସୂର୍ଯ୍ୟକୁ ଗ୍ରହଣ ଲାଗିଲା । ଏହି ଗ୍ରହଣକୁ ଏ ବିଶେଷତା ହାସିଲ୍ ଥିଲା କି ସେ ସମ୍ୱନନ୍ଧରେ ପୂର୍ବର ନିର୍ଦ୍ଧାରିତ ତାରିଖ ଗୁଡିକ ବତାଇ ଦିଆଯାଇଥିଲା କି ରମ୍‌ଜାନ୍ ମାସର ଅମୁକ ଅମୁକ ତାରିଖରେ ଚନ୍ଦ୍ର ଓ ସୂର୍ଯ୍ୟକୁ ଗ୍ରହଣ ଲାଗିବ ଓ ସେ ସମୟରେ ଜଣେ ବ୍ୟକ୍ତି ମେହ୍‌ଦୀ ହେବାର ଦାବୀ କରିବ ଯିଏ ଖୁଦାଙ୍କ ତରଫରୁ ହେବ । ୧୮୯୪ ମସିହାରେ ରମ୍‌ଜାନ୍ ମାସରେ ସେହି ସବୁ ସର୍ତଗୁଡିକ ସହିତ ଏହି ନିଦର୍ଶନ ପ୍ରକାଶ ହେଲା । ଏହାପୂର୍ବରୁ କେବେ ଏପରି ଚିହ୍ନ ଦେଖାଯାଇନାହିଁ ।

### ରସୁଲୁଲ୍ଲାଃ ସ:ଆ:ସଙ୍କ ସମ୍ମାନକୁ ସୁରକ୍ଷା ଦେବାପାଇଁ ଆଇନ୍ ତହରିକ୍

୧୮୯୫ ମସିହାରେ ଆପଣ ଆ:ସ ଭାରତୀୟ ଦଣ୍ଡ ବିଧାନ ଦଫା ୨୯୮କୁ ପ୍ରସାର କରିବା ପାଇଁ ଦାବୀ କଲେ ଏବଂ ରସୁଲୁଲ୍ଲାଃ ସ:ଆ:ସଙ୍କ ପଦମର୍ଯ୍ୟାଦାକୁ ସୁରକ୍ଷା ଦେବାପାଇଁ ଗୋଟିଏ ଆଇନ୍ ନିର୍ମାଣ କରିବା ପାଇଁ ତେହ୍‌ରିକ୍ କଲେ ଯାହାକୁ ମୁସଲ୍‌ମାନ୍ ମାନଙ୍କ ମଧ୍ୟରେ ଜବରଦସ୍ତ ସ୍ୱାଗତ କରାଗଲା ।

### ଜୁମା (ଶୁକ୍ରବାର) ଦିନଟିକୁ ଛୁଟିଦିନ କରିବା ପାଇଁ ତେହ୍‌ରିକ୍

୧ଜୁନ୍ ୧୮୮୬ ମସିହା ଦିନ ଆପଣ ଆ:ସ ଭାରତର ଭାଇସ୍ ରାୟଙ୍କ ନାମରେ ଇସ୍ତେହାର ପ୍ରକାଶ କଲେ କି ମୁସଲ୍‌ମାନ୍ ଚାକିରିଆ ମାନଙ୍କୁ ଜୁମା ଦିନ ଛୁଟି ଦିଆଯାଉ କାରଣ ଏହି ପବିତ୍ର ଦିନଟି ଇସ୍‌ଲାମ୍‌ରେ ବିଶେଷ ସ୍ଥାନ ରଖିଛି ।

### ଲାହୋର୍‌ଠାରେ ଆନ୍ତର୍ଜାତିକ ସର୍ବଧର୍ମ ସମ୍ମିଳନୀ (ଜଲ୍‌ସା)

ଡିସେମ୍ବର୍ ୧୮୯୬ ମସିହାର ଶେଷ ସପ୍ତାହରେ ଲାହୋର୍‌ଠାରେ ଗୋଟିଏ ଆନ୍ତର୍ଜାତିକ ସର୍ବଧର୍ମ ସମ୍ମିଳନୀ ଅନୁଷ୍ଠିତ ହେଲା ଯେଉଁଥିରେ ଆପଣ ଆ:ସ ଇସ୍‌ଲାମ୍‌ର ପ୍ରତିନିଧିତ୍ୱ କରିବାର ହକ୍‌କୁ ପ୍ରଦାନ କଲେ । ଆପଣ ଆ:ସ ଇସ୍‌ଲାମୀ ଉସୁଲ୍ କି ଫିଲୋସଫି (ଇସ୍‌ଲାମୀୟ ସିଦ୍ଧାନ୍ତର ଦର୍ଶନ) ବିଷୟରେ ଗୋଟିଏ ଜ୍ଞାନବର୍ଦ୍ଧକ ପ୍ରବନ୍ଧ ଲେଖିଲେ ଯାହାକୁ ହଜ୍‌ରତ୍ ମୌଲାନା ଅବ୍‌ଦୁଲ୍ କରିମ୍ ସାହେବ ସିଆଲ୍‌କୋଟି ଅତ୍ୟନ୍ତ ସୁମଧୁର ସ୍ୱରରେ ପଢ଼ି ଶୁଣାଇଲେ । ଆପଣ ଆ:ସ ସମୟ ପୂର୍ବରୁ ଇସ୍ତେହାର ଜରିାରେ ଭବିଶ୍ୟବାଣୀ କରିଥିଲେ କି ଏହି ପ୍ରବନ୍ଧଟ ସର୍ବୋତମ ହେବ । ସୁତରାଂ ସେପରି ହିଁ ହେଲା ଏବଂ ଇସ୍‌ଲାମ୍‌କୁ ଆପଣ ଆ:ସଙ୍କ ହାତରେ ମହାନ୍ ବିଜୟ ପ୍ରାପ୍ତ ହେଲା । ଉର୍ଦ୍ଦୁ ଏବଂ ଇଂରାଜୀ ପ୍ରେସ୍ ଏକଥାକୁ ସ୍ୱୀକାର ମଧ୍ୟ କରିଛନ୍ତି ।

### ଭବିଷ୍ୟବାଣୀ ମୁତାବକ ଲେଖରାମ୍‌ର ବିନାଶ

ପଣ୍ଡିତ ଲେଖିରାମ୍‌ର ସମ୍ବନ୍ଧ ଆର୍ଯ୍ୟ ସମାଜ ସଂଗଠନ ସହିତ ଥିଲା । ସେ ଇସ୍‌ଲାମ୍ ଏବଂ ଇସ୍‌ଲାମ୍‌ର ପ୍ରତିଷ୍ଠାତାକୁ ଗାଳିଗୁଲଜ କରୁଥିଲା । ସୟଦ୍‌ନା ହଜରତ୍ ମସିହ୍ ମଉଦ୍ ଆକ୍ତ ପଚାରିବାରେ ସେ ବହୁତ ଧୃଷ୍ଟତା ଓ ଅହଂକାର ସହିତ କହିଲା କି ମୋ ସମ୍ବନ୍ଧରେ ଯେପରି ଚାହଁ ସେପରି ଭବିଷ୍ୟବାଣୀ ପ୍ରକାଶ କରିଦିଅ । ଏଥିରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଛଅ ବର୍ଷ ଅବଧି ଭିତରେ ତାଙ୍କ ମୃତ୍ୟୁର ଭବିଷ୍ୟବାଣୀ ପ୍ରକାଶ କରିଦେଲେ । ସୁତରାଂ ୨ ମାର୍ଚ୍ଚ୍ ୧୮୯୭ ମସିହାରେ ଏହି ପ୍ରସିଦ୍ଧ ଲେଖିରାମ୍ ପେଶାଓ୍ୱରୀ ଯିଏ ରସୁଲୁଲା ସ:ଆସଙ୍କୁ ଗାଳିଗୁଲଜ ଦେଉଥିଲା, ଆପଣ ଆ:ସଙ୍କ ଭବିଷ୍ୟବାଣୀ ମୁତାବକ "ମୁହମ୍ମଦ୍‌ଙ୍କ ଧାରୁଆ ତରବାରି" ଦ୍ୱାରା ଖଣ୍ଡଖଣ୍ଡ କରିଦିଆଗଲା ।

### ଗଏର୍ ଅହେମଦୀଙ୍କ ପଛରେ ନମାଜ ନପଢ଼ିବା ଓ ସେମାନଙ୍କୁ ଅହେମଦୀ ଝିଅ ନଦେବା ପାଇଁ ନିର୍ଦ୍ଦେଶ

୧୮୯୮ ମସିହାରେ ଆପଣ ଆ:ସ ଖୁଦାତାଲାଙ୍କ ନିର୍ଦ୍ଦେଶ ମୁତାବକ ଦୁଇଟି ହୁକୁମ୍ ଜାରି କଲେ । ପ୍ରଥମଟି ହେଉଛି ଆସନ୍ତାକୁ କୌଣସି ଅହେମଦୀ ଅନ୍ୟ କୌଣସି ଗଏର୍ ଅହେମଦୀଙ୍କ ନେତୃତ୍ୱରେ ନମାଜ ପଢ଼ିବେ ନାହିଁ । ଏହି ହୁକୁମ୍‌ର ଘୋଷଣା ଆପଣ ଆ:ସ ୧୯୦୦ ମସିହାରେ ଲିଖିତ ଆକାରରେ ମଧ୍ୟ କରିଦେଲେ । ଦ୍ୱିତୀୟଟି ହେଉଛି କୌଣସି ଅହେମଦୀ ଝିଅ ଅନ୍ୟ କୌଣସି ଗଏର୍ ଅହେମଦୀ ପୁଅଙ୍କ ସହିତ ବିବାହ କରିବେ ନାହିଁ ।

### ପଞ୍ଜାବ୍‌ରେ ତାଉନ୍ (ପ୍ଲେଗ୍)ର ପ୍ରଭାବ ଓ ଜମାତ୍‌ର ଅସାଧାରଣ ଉନ୍ନତି

ତାଉନ୍ ହେଉଛି ଏକ ମହାମାରୀ ରୋଗ ଯାହାର କୀଟାଣୁ ମୁସାମାନଙ୍କ ମାଧ୍ୟମରେ ବ୍ୟାପିଥାଏ ଏବଂ ଏହି ରୋଗ ଇଶ୍ୱରଙ୍କ ପ୍ରକୃତି ଓ କାନୁନ୍ ଅନ୍ତର୍ଗତ ସୃଷ୍ଟି ହୋଇଥାଏ । ସୁତରାଂ ଆରମ୍ଭରେ ଯେବେ ଏହି ତାଉନ୍ ରୋଗ ମୁମ୍ବାଇରେ ପ୍ରକାଶ ହେଲା ଏବଂ ତାହା ଏବେଯାଏ ପଞ୍ଜାବ୍‌ରେ ପହଂଚିନଥିଲା ସେତେବେଳେ୧୮୯୮ ମସିହାରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଗୋଟିଏ ସ୍ୱପ୍ନ ଦେଖିଲେ କି ପଞ୍ଜାବ୍‌ରେ କିଛି ଲୋକ କଳା ରଙ୍ଗର ଭୟଙ୍କର ଗଛରା ରୋପଣ କରୁଛନ୍ତି । ଯେତେବେଳେ ଆପଣ ଆ:ସ ସେମାନଙ୍କୁ ପଚାରିଲେ କି ଏହା କେଉଁ ପ୍ରକାରର ଗଛ । ସେଥିରେ ସେମାନେ କହିଲେ ଯେ ଏହା ତାଉନ୍‌ର ଗଛ ଯାହା ବର୍ତମାନ ଏ ପଞ୍ଜାବ ପ୍ରଦେଶରେ ବ୍ୟାପିଯିବ ଏବଂ ଆପଣ ଆ:ସଙ୍କୁ ଏହା ମଧ୍ୟ ବତାଇ ଦିଆଗଲା ଯେ ଏହି ରୋଗଟି ବ୍ୟାପିବାର ଆଧ୍ୟାତ୍ମିକ କାରଣ ହେଉଛି ଏହା କି ଲୋକମାନଙ୍କର ଧର୍ମର ଅବସ୍ଥା ଖରାପ ହୋଇଯିବା । ଏହି ତାଉନ୍ ଜରିଆରେ ଖୁଦାତାଲା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଅନୁଗାମୀ ଏବଂ (ଆପଣ ଆ:ସଙ୍କୁ) ଅସ୍ୱୀକାର କରୁଥିବା ଲୋକମାନଙ୍କ ମଧ୍ୟରେ ଫରକ କରିଦେଲା । ଯେଉଁ ଲୋକମାନେ ଆପଣ ଆ:ସଙ୍କ "ଅଦ୍‌ଦାର୍" ଅର୍ଥାତ୍ ଘରେ ସାମିଲ୍ ହୋଇଥିଲେ ଅଲ୍ଲାଃତାଲା ସେମାନଙ୍କୁ ବଂଚାଇଲେ । ଫଳତଃ ଲୋକମାନଙ୍କ ପାଇଁ ଏହା ଏକ ଭୟୋତ୍ପାଦକ ନିଦର୍ଶନ ହେବ ।

### ଏଜାଜୁଲ୍ ମସିହ୍ ଏବଂ ତୋହ୍‌ଫା ଗୋଲଡୁୱିୟାର ରଚନା ଏବଂ ପ୍ରକାଶନ

୨୮ ଅଗଷ୍ଟ ୧୯୦୦ ମସିହାରେ ହଜୁର୍ ଆ:ସ ଗୋଲଡାଃ ଶରୀଫ୍‌ର ପ୍ରସିଦ୍ଧ ସଜାଦା ନଶିନ୍ ମେହେର୍ ଅଲୀ ଶାହ୍ ସାହେବ୍‌ଙ୍କୁ ତଫ୍‌ଶିର ଲେଖିବା ପାଇଁ ଆହ୍ୱାନ ଦେଲେ । ପୀର୍ ସାହେବ୍ ତ ଏହି ଆହ୍ୱାନକୁ ଟାଳିଦେଲେ କିନ୍ତୁ ହଜୁର୍ ଆ:ସ ତାଙ୍କ ଉପରେ ପୁନର୍ବାର ଯୁକ୍ତିକୁ ସମ୍ପୂର୍ଣ୍ଣ କଲେ । ସୁତରାଂ ଗୋଟିଏ ତ "ଏଜାଜୁଲ୍ ମସିହ୍" ନାମରେ ସୁରା ଫାତିହା ନାମରେ ଆରବୀ ଭାଷାରେ ପୁରସ୍କାର ମୂଳକ ତଫ୍‌ସିର ପ୍ରକାଶ କଲେ । ଆରବ ସହର ଏବଂ ଅଣ ଆରବୀୟ ସହରରେ ଏହାର ବହୁତ ପ୍ରସାର କରାଗଲା । ଯେଉଁଥିରେ ନିଜର ସତ୍ୟତା ନିମନ୍ତେ ରଦ୍ଦ ଯୋଗ୍ୟ ନଥିବା ଦଲିଲ୍ ଉଲେଖ କଲେ । ପୀର୍ ମେହେର୍ ଅଲୀ ସାହେବ୍ ସାରା ଜୀବନ ଏହାର ଉତର ଦେଇପାରିଲା ନାହିଁ ।

### ଖୁତ୍‌ବା ଇଲ୍‌ହାମିୟାଃ (ଐଶିବାଣୀ ଦ୍ୱାରା ଖୁତ୍‌ବା ପ୍ରଦାନ)

୧୯୦୦ ମସିହାର ପ୍ରାରମ୍ଭରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଜରିଆରେ ଗୋଟିଏ ଅତ୍ୟନ୍ତ ସୁନ୍ଦର ଜ୍ଞାନ ରୂପକ ଚମତ୍କାର ପ୍ରକାଶ ହେଲା । ଇଦୁଲ୍ ଅଜିହା ମୌକାରେ ଖୁଦାତାଲା ଆପଣ ଆ:ସଙ୍କୁ ନିର୍ଦ୍ଦେଶ ଦେଲେ କି ତୁମେ ଆରବୀ ଭାଷାରେ ଖୁତ୍‌ବା ଦିଅ ଓ ଆମେ ତୁମକୁ ସାହାଯ୍ୟ କରିବୁ । ଆପଣ ଆ:ସ ଏହା ପୂର୍ବରୁ କେବେ ଆରବୀ ଭାଷାରେ ଭାଷଣ

ଦେଇନଥିଲେ । ଏହା ସତ୍ତ୍ୱେ ମଧ୍ୟ ଆପଣ ଆ:ସ ଈଶ୍ୱରଙ୍କ ନିର୍ଦ୍ଦେଶ ମୁତାବକ ଖୁତ୍‌ବା ଦେବାପାଇଁ ଛିଡା ହୋଇଗଲେ ଓ କୁର୍ବାନୀ ସମ୍ବନ୍ଧରେ ଗୋଟିଏ ଲମ୍ବା ଭାଷଣ ପ୍ରଦାନ କରିଦେଲେ । ଏହି ଭାଷଣଟି ଖୁତ୍‌ବା ଇଲ୍‌ହାମିୟା ନାମରେ ପ୍ରକାଶ ହୋଇସାରିଛି ।

**ଫିର୍‌କା ଅହେମଦୀୟାର ନାମକରଣ**

୧୯୦୧ ମସିହାରେ ସରକାରୀ ସ୍ତରରେ ଜନଗଣନା ହେବାର ଥିଲା । ସେଇଥିପାଇଁ ଆପଣ ଆ:ସ ୪ ନଭେମ୍ବର୍ ୧୯୦୦ରେ ଇସ୍ତେହାର୍ ଦେଲେ ଯେହେତୁ ଆଁ ହଜ୍‌ରତ୍ ସ:ଆ:ସଙ୍କର ଗୋଟିଏ ନାମ ଅହେମଦ୍ ଥିଲା । ସେଥିପାଇଁ ଜମାତ୍ ଅହେମଦୀୟାର ନାମ ଫିର୍‌କା ଅହେମଦୀୟା ରଖାଗଲା । ଫଳତଃ ଏହି ନାମକୁ ଶୁଣିବା କ୍ଷଣି ପ୍ରତ୍ୟେକ ବ୍ୟକ୍ତି ଜାଣିନବ ଯେ ଏହି ଫିର୍‌କା ପୃଥିବୀରେ ସୁଲାହ୍ ଏବଂ ସୌହାର୍ଦ୍ଦ୍ୟ ପ୍ରଚାର କରିବା ପାଇଁ ଆସିଛି ।

**ରିଭ୍ୟୁ ଅଫ୍ ରିଲିଜିଅନ୍‌ସ୍ ଜାରିହେଲା**
**ଏବଂ ଅନ୍ୟାନ୍ୟ ଖବରକାଗଜ**
**ଓ ପତ୍ରିକା ଜାରି ହେଲା**

୧୯୦୨ରେ ଆପଣ ଆ:ସଙ୍କ ନିର୍ଦ୍ଦେଶ ମୁତାବକ ଇଂରେଜ ଭାଷାରେ ଗୋଟିଏ ପତ୍ରିକା ରିଭ୍ୟୁ ଅଫ୍ ରିଲିଜିଅନ୍‌ସ୍ ନାମରେ ଜାରି କରାଗଲା ଯଦ୍ୱାରା ପାଶ୍ଚାତ୍ୟ ଦେଶଗୁଡିକରେ ତବ୍‌ଲିଗ୍‌ର ନୂଆଯୁଗ ଆରମ୍ଭ ହେଲା । ଏହି ପତ୍ରିକାଟି ଧର୍ମ ବିପ୍ଳବର ପରିବେଶ ସୃଷ୍ଟି କରିଦେଲା ।

**ଜମାତ୍ ଅହେମଦୀୟାର**
**ଆଶ୍ଚର୍ଯ୍ୟଜନକ ଉନ୍ନତି**

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଈଶ୍ୱରଙ୍କ ଠାରୁ ଖବର ପାଇ ସମୟ ପୂର୍ବରୁ ଏକଥା ବତାଇ ଦେଇଥିଲେ କି ଏ ଦେଶ ଉପରେ ତାଉନ୍ ରୋଗର ଆକ୍ରମଣ ହେବାର ଅଛି ଏବଂ ଏହି ବିପତିରୁ ଅଲ୍ଲାଃତାଲା ଆପଣ ଆ:ସଙ୍କୁ ଓ ଆପଣଙ୍କ ନିଷ୍ଠାପର ଜମାତ୍‌କୁ ଐଶ୍ୱରିକ ଶକ୍ତିଦ୍ୱାରା ସୁରକ୍ଷିତ ରଖିବେ । ସୁତରାଂ ୧୯୦୨ ମସିହାରେ ତାଉନ୍ ରୋଗ ଚାରିଆଡେ ପ୍ରଳୟ ସୃଷ୍ଟି କରିଦେଲା । କିନ୍ତୁ ଜମାତ୍‌ର ନିଷ୍ଠାବାନ୍ ଏବଂ ବିଶେଷ ରୂପେ ଆପଣ ଆ:ସଙ୍କ "ଅଦ୍‌ଦାର୍" ଏହି ଆକ୍ରମଣରୁ ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ରହିଲେ । ଖୁଦାତାଲାଙ୍କର ଏହି ଚମତ୍କାର ବ୍ୟବହାରକୁ ଦେଖି ଅନେକ ଭଦ୍ରବ୍ୟକ୍ତି ଆପଣ ଆ:ସଙ୍କ ଉପରେ ଇମାନ୍ ନେଇଆସିଲେ । "ଦାଫେଉଲ୍ ବଲାଆ" ଏବଂ "କଶ୍‌ତିନୁହ୍" ସେ ସମୟର ସ୍ମୃତିପୁର୍ଣ୍ଣ ରଚନା ।

**ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ**
**ଶିକ୍ଷାର ସାରାଂଶ**

ଯେତେବେଳେ ୧୯୦୨ରେ ତାଉନ୍ ବହୁତ ଶକ୍ତିଶାଳୀ ହୋଇ ପ୍ରଭାବ ପକାଇଲା ସେତେବେଳେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜ ଜମାତ୍‌କୁ ଉପଦେଶ ଦେଲେ ଏବଂ ଲୋକମାନଙ୍କୁ ଧ୍ୱଂସ ମୁହଁରୁ ବଂଚାଇବା ପାଇଁ ଗୋଟିଏ ପୁସ୍ତକ ରଚନା କରି ପ୍ରକାଶ କଲେ ଯାହାର ନାମ ଆପଣ "କଶ୍‌ତିନୁହ୍" ରଖିଲେ । ଯେପରି ଏହି ବିନାଶକାରୀ ଝଡ ସମୟରେ ଏହି ପୁସ୍ତକଟି ନୁହ୍ ଆ:ସଙ୍କର ଗୋଟିଏ ଡଙ୍ଗା ଥିଲା ଯେଉଁଥିବରେ ବସି ଲୋକମାନେ ବିନାଶ ମୁହଁରୁ ବଂଚିପାରିଥାଆନ୍ତେ । ଏହି ପୁସ୍ତକରେ ଆପଣ ଆ:ସ ନିଜ ଶିକ୍ଷାର ଖୁଲାସା (ସାରାଂଶ) ଉପସ୍ଥାପନ କରିଛନ୍ତି ଏବଂ ବତାଇଛନ୍ତି କି ଆପଣ ଆ:ସ ନିଜ ଜମାତ୍‌ଠାରୁ କେଉଁ ପ୍ରକାରର ଆସ୍ଥା ଓ କେଉଁ ପ୍ରକାରର କର୍ମ କରିବା ପାଇଁ ଆଶା ରଖିଛନ୍ତି ।

**ଜମାତ୍‌ର ଚାନ୍ଦା ବ୍ୟବସ୍ଥା**

ଆପଣ ଆ:ସଙ୍କ ତରଫରୁ ଏପରି କୌଣସି ତେହ୍‌ରିକ୍ ନଥିଲା କି ପ୍ରତ୍ୟେକ ବ୍ୟକ୍ତି ନିଶ୍ଚିତ ରୂପେ ନିୟମିତ ମାସିକ ଚାନ୍ଦା ଦେଉବୋଲି । ଜମାତ୍‌ର ସବୁ ପ୍ରକାରର ଖର୍ଚ୍ଚ ଉକ୍ତ ଚାନ୍ଦାରୁ ପୂରଣ କରାଯାଉଥିଲା ଯାହାକୁ ଜମାତ୍‌ର ବନ୍ଧୁମାନେ ନିଜର ଖୁସି ମୁତାବକ ପଠାଉଥିଲେ କିନ୍ତୁ ଏବେ ନା କେବଳ ପ୍ରତ୍ୟେକ ପ୍ରକାରର ଖର୍ଚ୍ଚ ବଢୁଥିଲା ବରଂ ବିଶେଷ ରୂପେ ମେହ୍‌ମାନ୍‌ଖାନାର ଖର୍ଚ୍ଚ ବହୁତ ଅଧିକା ହୋଇଯାଇଥିଲା । ସେଇଥିପାଇଁ ଆପଣ ଆ:ସ ୧୯୦୨ରେ ଗୋଟିଏ ଇସ୍‌ତେହାର୍ ମାଧ୍ୟମରେ ଜମାତ୍ ନାମରେ ଏ ହିଦାୟତ୍ ଜାରି କଲେ କି ଆସନ୍ତାକୁ ପ୍ରତ୍ୟେକ ଅହେମଦୀ ନିୟମିତ ରୂପେ ମାସିକ ଚାନ୍ଦା ପ୍ରଦାନ କରନ୍ତୁ । ସେଥିରେ କୌଣସି ପ୍ରକାରର କମି ନହୋଇଯାଉ । ଆପଣ ଆ:ସ ଏହି ଚାନ୍ଦାର କୌଣସି ମାପ ଧାର୍ଯ୍ୟ କରିନଥିଲେ ବରଂ ଅର୍ଥ ଧାର୍ଯ୍ୟ କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କ ନିଷ୍ଠା ଏବଂ ଅବସ୍ଥା ଉପରେ ଛାଡିଦେବେ କିନ୍ତୁ ଏହା ନିଶ୍ଚିତ ଧାର୍ଯ୍ୟ କରାଗଲା ଯେ ପ୍ରତ୍ୟେକ ବ୍ୟକ୍ତି ନିଜ ପାଇଁ ଗୋଟିଏ ଅର୍ଥରାଶି ଧାର୍ଯ୍ୟ କରି ଏତେଲା ଦିଅନ୍ତୁ । ଏହା ସେହି ମୂଳ ଇଟା ଥିଲା ଯାହା ଉପରେ ଏ ସମ୍ପ୍ରଦାୟର ଚାନ୍ଦା ଏବଂ ମୁହାସିଲ୍‌ଙ୍କ ଅଟ୍ଟାଳିକା ଛିଡା ହୋଇଛି ।

**"ଇଜାଜେ ଅହେମଦୀ"ର ରଚନା**

୧୯୦୨ ମସିହାରେ ୮ ନଭେମ୍ବର୍‌ରୁ ୧୨ ନଭେମ୍ବର୍ ପର୍ଯ୍ୟନ୍ତ ଅର୍ଥାତ୍ କେବଳ ୪ ଦିନରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଅମୃତ୍‌ସର୍‌ରେ ମୁବାହିସା କରିବା ସମ୍ବନ୍ଧରେ ଗୋଟିଏ ପୁସ୍ତକ ରଚନା କଲେ ଯେଉଁଥିରେ ଗୋଟିଏ ଚମତ୍କାର ଆରବୀ କସିଦାଃ (ପ୍ରଶଂସାମୂଳକ କବିତା) ମଧ୍ୟ ଲେଖିଲେ ଏବଂ ୧୫ ନଭେମ୍ବର୍ ଦିନ ତାକୁ ଛାପି ପ୍ରକାଶ କଲେ ଓ ତା'ର ନାମ ଏଜାଜେ ଅହେମଦୀ ରଖିଲେ ଯେଉଁଥିରେ ମୌଲବୀ ସନାଉଲ୍ଲାଃ ଅମୃତସରୀ ଏବଂ ଅନ୍ୟାନ୍ୟ ଓ୍ୱଲେମାଗଣଙ୍କୁ ଏ ଆହ୍ୱାନ୍ ଦିଆଯାଇଥିଲା କି ଯଦି ସେମାନେ ମଧ୍ୟ ୫ ଦିନ ମଧରେ ଏପରି ଆରବୀ କସିଦା ସହିତ ସେହି ମାତ୍ରାରେ ଉର୍ଦ୍ଦୁ ପ୍ରବନ୍ଧ ଛପାଇଦେବେ ତେବେ ମୁଁ ତତ୍‌କ୍ଷଣାତ ସେମାନଙ୍କୁ ଦଶହଜାର ଟଙ୍କା ଦେଇଦେବି । କିନ୍ତୁ ଏହା ସହିତ ଏ ଭବିଷ୍ୟମବାଣୀ କଲେ କି ଏପରି କଦାପି ହୋଇପାରିବ ନାହିଁ । "ଖୁଦାତାଲା ତାଙ୍କ କଲମ ଗୁଡିକୁ ଭାଙ୍ଗିଦେବେ ଓ ସେମାନଙ୍କ ହୃଦୟକୁ ବୁଦ୍ଧିହୀନ କରିଦେବେ" । ସୁତରାଂ ହଜ୍‌ରତ୍ ସୁଲ୍‌ତାନୁଲ୍ କଲମ (କଲମର ସମ୍ରାଟ)ଙ୍କ ଏହି ଭବିଷ୍ୟବାଣୀ ଅକ୍ଷରେ ଅକ୍ଷରେ ପୁରଣ ହେଲା ।

**ମୋକଦ୍ଦମାର ନୁଆ ସିଲ୍‌ସିଲା**

୧୯୦୩ ରୁ ୧୯୦୫ ମସିହା ପର୍ଯ୍ୟନ୍ତ ଆପଣ ଆ:ସଙ୍କୁ ମୋକଦ୍ଦମା ଗୁଡିକର ଗୋଟିଏ ନୁଆ ସିଲ୍‌ସିଲାର ସମ୍ମୁଖୀନ ହେବାକୁ ପଡ଼ିଲା । ସେଥିଯୋଗୁ ପ୍ରାରମ୍ଭରେ ଆପଣ ଆ:ସଙ୍କୁ ଝେଲ୍‌ମ ଯାତ୍ରା କରିବାକୁ ପଡିଲା । ସେଥିରେ ଆପଣ ଆ:ସଙ୍କୁ ଅଲ୍ଲାଃତାଲା ଜବର୍‌ଦସ୍ତ ପ୍ରସିଦ୍ଧି ପ୍ରଦାନ କଲେ । ଫଳତଃ ହଜାର ହଜାର ଲୋକେ ଆପଣଙ୍କ ଜମାତ୍‌ରେ ସାମିଲ୍ ହେଲେ । ଝେଲମ୍ ମୋକଦ୍ଦମାରେ ନିର୍ଦ୍ଦୋଶ ସାବ୍ୟସ୍ତ ହେଲେ । କିନ୍ତୁ ଯଥାଶିଘ୍ର ମୌଲବୀ କରମ୍‌ଦୀନ୍ ମଧ୍ୟ ଝେଲମ୍ ଅଦାଲତରେ ଇସ୍ତେଗାସା (ବାଦପତ୍ର) ଦାଏର୍ କରିଦେଲା ଯାହା ଜୁନ୍ ୧୯୦୩ ମସିହାରେ ସ୍ଥାନାନ୍ତରିତ ହୋଇ ଗୁର୍‌ଦାସ୍‌ପୁର୍‌ଠାରେ ଜଣେ ପକ୍ଷପାତି ଆର୍ଯ୍ୟ ଚନ୍ଦୁଲାଲ୍‌ଙ୍କ ଅଦାଲତରେ ପହଂଚିଲା । ଯେଉଁ ଆର୍ଯ୍ୟ ଲୋକମାନେ ଲେଖ୍‌ରାମ୍‌ଙ୍କ ହତ୍ୟା ପରେ ଆପଣଙ୍କ ରକ୍ତପିପାଷୁ ହୋଇସାରିଥିଲେ । ସେମାନେ ଏହି ଅବସରକୁ ଉଚିତ୍ ମଣି ଚନ୍ଦୁଲାଲ୍‌ଙ୍କ ସହିତ ମିଶି ଆପଣ ଆ:ସଙ୍କୁ କଏଦୀ କରବା ପାଇଁ ଯୋଜନା ପ୍ରସ୍ତୁ କଲେ କିନ୍ତୁ ଚନ୍ଦୁଲାଲ୍ ଈଶ୍ୱରଙ୍କ କ୍ରୋଧର ଶିକାର ହୋଇଗଲା । ଏବଂ ଆପଣ ଆ:ସ ହାଇକୋର୍ଟ୍‌ରେ ସସମ୍ମାନେ ନିର୍ଦ୍ଦେଶାଶରେ ଖଲାସ୍ ହେଲେ । ଏହା ୭ ଜାନୁୟାରୀ ୧୯୦୫ର କଥା ।

**ମିନାରତୁଲ୍ ମସିହ୍‌ର ମୂଳଦୁଆ**

୧୩ ମାର୍ଚ୍ଚ ୧୯୧୩ ପବିତ୍ର ଜୁମା ଦିନ ହଜୁର୍ ଆ:ସ ଆଁ ହଜ୍‌ରତ୍ ସ:ଆ:ସଙ୍କ ଭବିଷ୍ୟବାଣୀର ପୁର୍ତି ନିମନ୍ତେ ମିନାରତୁଲ୍ ମସିହ୍‌ର ଆଧାର ଶୀଳା ରଖିଲେ ଯାହା ଖିଲାଫତେ ସାନିଆର ପ୍ରାରମ୍ଭରେ ସମ୍ପୂର୍ଣ୍ଣ ହେଲା ।

**ତାଲିମୁଲ୍ ଇସ୍‌ଲାମ୍**
**କଲେଜ୍‌ର ଉଦ୍‌ଘାଟନ**

୧୮ ମଇ ୧୯୦୩ରେ କାଦିଆନ୍‌ଠାରେ ତାଲିମୁଲ୍ ଇସ୍‌ଲାମ୍ କଲେଜ୍‌ର ଉଦ୍‌ଘାଟନ ହେଲା । ଏହି ଉତ୍ସବରେ ହଜୁର୍ ଅସୁସ୍ଥତା କାରଣରୁ ନିଜେ ଯୋଗ ଦେଇପାରିଲେ ନାହିଁ କିନ୍ତୁ ବଇତୁଲ୍ ଦୁଆରେ କଲେଜ ନିମନ୍ତେ ବହୁତ ପ୍ରାର୍ଥନା କଲେ ଏହି ଦୁଆର ଗ୍ରହଣୀୟତା ଯୋଗୁ ତାଲିମୁଲ୍ ଇସ୍‌ଲାମ୍ କଲେଜ ଏକ ଜୀବନ୍ତ ପ୍ରମାଣ ସାବ୍ୟସ୍ତ ହେଲା ।

**୩୦୦ ବର୍ଷ ମଧରେ ଅହେମଦୀୟତ୍‌ର**
**ବିଜୟ ହେବାର ଭବିଷ୍ୟବାଣୀ**

୧୪ ଜୁଲାଇ ୧୯୦୩ରେ ହଜ୍‌ରତ୍ ସାହେବ୍ ଜାଦା ଅବ୍‌ଦୁଲ୍ ଲତିଫ୍ ସାହେବ୍‌କୁ କାବୁଲ୍‌ରେ ଶହିଦ୍ କରିଦିଆଗଲା । ସେଥିରେ ହଜୁର୍ ତଜ୍‌କରତୁସ୍ ଶାହାଦତୈନ୍ ପୁସ୍ତକ ରଚନା କଲେ ଏବଂ ସେଥିରେ ଅତ୍ୟନ୍ତ ଦର୍ଦ୍ଦର ସହିତ ହଜ୍‌ରତ୍ ମୌଲବୀ ଅବ୍‌ଦୁର୍ ରହ୍‌ମାନ୍ ସାହେବ୍ ଏବଂ ହଜ୍‌ରତ୍ ଶେହ୍‌ଜାଦା ଅବ୍‌ଦୁଲ୍ ଲତିଫ୍ ସାହେବ୍ ଶହୀଦ ହେବାର ବିବରଣୀ ଉଲ୍ଲେଖ କଲେ ଏବଂ ଅବ୍‌ଦୁଲ୍ ଲତିଫ୍ ସାହେବ୍‌ଙ୍କୁ ସମ୍ବୋଧନ କରି କହିଲେ:- "ହେ ଅବ୍‌ଦୁଲ୍ ଲତିଫ୍ ! ତୁମ ଉପରେ ହଜାର ହଜାର କରୁଣା ଅବତୀର୍ଣ୍ଣ ହେଉ । ତୁମେ ମୋ ଜୀବଦଶାରେ ହିଁ ସତ୍ୟତାର ନମୁନା ଦେଖାଇଛ" । ତତ୍‌ସହିତ ଏ ଶକ୍ତିଶାଳୀ ଭବିଷ୍ୟବାଣୀ ମଧ୍ୟ କଲେ କି ତିନିଶହ ବର୍ଷ ମଧରେ ସାରା ସଂସାରରେ ଅହେମଦୀୟତ୍ ଗାଲିବ୍ ହୋଇଯବ" । ସୁତରାଂ କହୁଛନ୍ତି:- "ଏ ସଂସାରରେ ଗୋଟିଏ ଧର୍ମ ରହିବ ଏବଂ ଜଣେ ପେଶ୍‌ୱା (ଆଧ୍ୟାତ୍ମିକ ଲିଡର୍) । ମୁଁ ତ ଚାରାରୋପଣ କରିବା ପାଇଁ ଆସିଛି । ସୁତରାଂ ମୋ ହାତରେ ସେହି ଚାରାଟି ଲଗଯାଇଛି ଏବଂ ବର୍ତମାନ ତାହା ବଢ଼ିବ, ଫଳଧରିବ ଏବଂ କେହି ନାହିଁ ଯେ ତାକୁ ରୋକିପାରିବ" ।

**ଦେଶର ଗୁରୁତ୍ୱପୁର୍ଣ୍ଣ ସହର ଗୁଡିକରେ**
**ବିଶ୍ୱାସବର୍ଦ୍ଧକ ଲେକ୍‌ଚର୍**

ହଜୁର୍ ଆ:ସ ୩ ସେପ୍ଟେମ୍ବର୍ ୧୯୦୪ରେ ଲାହୋର୍‌ଠାରେ ଏବଂ ୨ ନଭେମ୍ବର୍ ୧୯୦୪ରେ ସିଆଲ୍‌କୋଟର ପବ୍ଲିକ୍ ଜଲ୍‌ସାରେ ବଶ୍ୱାସ ବର୍ଦ୍ଧକ ଭାଷଣ ପ୍ରଦାନ କଲେ । ତା ପରବର୍ଷ ଅକ୍ଟୋବର ୧୯୦୫ରେ ଦିଲ୍ଲୀ ନିମନ୍ତେ ଶେଷଯାତ୍ରା କଲେ । ସେଠାରୁ ଫେରିବା ପରେ ୬ ନଭେମ୍ବର୍‌କୁ ଲୁଧିଆନାଠାରେ ଏବଂ ୯ ନଭେମ୍ବର୍ ଦିନ ଅମୃତ୍‌ସର୍‌ଠାରେ ଭାଷଣ

*ଅବଶିଷ୍ଟାଂଶ ପୃଷ୍ଠା-୩୬ ରେ ଦେଖନ୍ତୁ.......*

# ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଜୀବନଚରିତ ଈଶ୍ୱରପ୍ରେମ, ପବିତ୍ର କୋରାନ୍ ସହିତ ନିଷ୍ଠା ଏବଂ ରସୁଲ୍ ସ:ଆ:ସଙ୍କ ସହିତ ଥିବା ପ୍ରେମର ଆଲୋକରେ

**(ସୟଦ୍ ସଇଦୁଦ୍ଦିନ୍ ଅହେମଦ୍, ମୁରବୀ ସିଲ୍‌ସିଲା, କାର୍ଯ୍ୟାଳୟ ସାପ୍ତାହିକ ବଦର୍)**

ଇତିହାସ ଏ କଥାରେ ସାକ୍ଷୀ ଅଛି କି ଯେତେବେଳେ ସଂସାରରେ ଅନ୍ଧକାର ଓ ପଥଭ୍ରଷ୍ଟତା ମାଡିଯାଇଥାଏ ଅଲ୍ଲାଃତାଲା ମାନବଜାତିର ସୁଧାର ଏବଂ ମାର୍ଗଦର୍ଶନ ନିମନ୍ତେ ନିଜର ଜାନେଶିନ୍ (ଉତରାଧିକାରୀ ଓ ପ୍ରତିନିଧି)କୁ ପ୍ରେରଣ କରିଥାଏ, ଯିଏ ଆସି ଲୋକମାନଙ୍କୁ ସୁଧାରିଥାଆନ୍ତି ଓ ନିଜର କାର୍ଯ୍ୟ ନମୁନା ଦ୍ୱାରା ଲୋକମାନଙ୍କୁ ପୁନର୍ବାର ସିଧା ମାର୍ଗରେ ପରିଚାଳିତ କରାଇଥାଆନ୍ତି । ଅଲ୍ଲାଃଙ୍କର ଏହି ନିୟମ ମୁତାବକ ଅଲ୍ଲାଃତାଲା ଆମର ପ୍ରିୟ ଆକା ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କୁ ପ୍ରେରଣ କରିଛନ୍ତି ଓ ପୁଣି ଏହି ଶେଷ ଯୁଗରେ ହଜୁର୍ ସ:ଆ:ସଙ୍କ ସଚ୍ଚାପ୍ରେମୀ ହଜ୍‌ରତ୍ ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀ ମସିହ୍ ମଉଦ୍ ଓ ମେହ୍‌ଦୀ ମାହୁଦ୍‌ଙ୍କୁ ପଠାଇଛନ୍ତି ।

ଯେତେବେଳେ ଆମେ ଏହି ଶେଷ ଯୁଗର ସୁଧାରକ ହଜ୍‌ରତ୍ ମସିହ୍ ମଉଦ୍ ଓ ମେହ୍‌ଦୀ ମାହୁଦ୍ ଆ:ସଙ୍କ ଜୀବନ ଚରିତକୁ ଅଧ୍ୟୟନ କରୁଅଛେ ସେତେବେଳେ ଆମକୁ ଆପଣ ଆ:ସଙ୍କ ଅଗଣିତ ସୁଚରିତ୍ର ଦୃଷ୍ଟିଗୋଚର ହୋଇଥାଏ । କିନ୍ତୁ ସେଥି ମଧ୍ୟରୁ ସବୁଠାରୁ ଗୁରୁତ୍ୱପୁର୍ଣ୍ଣ ହେଉଛି ସେହି ତିନୋଟି ଚରିତ୍ର, ଯାହା ବାସ୍ତବିକ ଅର୍ଥରେ ମାନବ ଜାତିର ସୁଧାର ଏବଂ ତା ଜନ୍ମର ଉଦ୍ଦେଶ୍ୟକୁ ହାସଲ କରିବାର ମାଧ୍ୟମ ଅଟନ୍ତି । ଅର୍ଥାତ୍ ପ୍ରଥମଟି ହେଉଛି ସୃଷ୍ଟିକର୍ତାଙ୍କ ସହିତ ପ୍ରେମ ଅର୍ଥାତ୍ ଇଶ୍‌କେ ଇଲାହି (ପ୍ରଭୁପ୍ରେମ), ଦ୍ୱିତୀୟଟି ହେଉଛି ଅଲ୍ଲାଃତାଲାଙ୍କ ପୁସ୍ତକ ସହିତ ପ୍ରେମ ଅର୍ଥାତ୍ ଇଶ୍‌କେ କୁର୍‌ଆନ୍ ଏବଂ ତୃତୀୟଟି ହେଉଛି ଅଲ୍ଲାଃତାଲାଙ୍କ ରସୁଲ୍ ସ:ଆ:ସଙ୍କୁ ଭଲପାଇବା ଅର୍ଥାତ୍ ଇଶ୍‌କେ ରସୁଲ ସ:ଆ:ସ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଜୀବନଚରିତରେ ଏହି ତିନିଗୋଟି ମହାନ୍ ଚରିତ୍ର ଏପରି ସ୍ୱଷ୍ଟ ଓ ଜାଜଲ୍ୟମାନ କି ଆପଣଙ୍କ ପ୍ରତ୍ୟେକ ଭାଷଣ, ଲେଖା, କଥନ, କରଣୀ ଏବଂ ପ୍ରତ୍ୟେକ କାର୍ଯ୍ୟରେ ଏହି ପ୍ରେମ ଓ ଭଲପାଇବାର ଭାବନା ଭରପୁର୍ ମିଳିଥାଏ । ଏବଂ ଏହି ପ୍ରେମ ସ୍ୱୟଂ ସମ୍ପୂର୍ଣ୍ଣ ହୋଇ ଏତେମାତ୍ରାରେ ବଢ଼ିଯାଇ ଏପରି ଉଚ୍ଚସ୍ତରକୁ ପହଂଚି ସାରିଥିଲା କି ପୃଥିବୀ ଇତିହାସରେ ଏହାର ନଜିର୍ ମିଳୁନାହିଁ ।

ପବିତ୍ର କୋରାନ୍‌ରେ ଅଲ୍ଲାଃତାଲା ମନୁଷ୍ୟ ଜନ୍ମର ଉଦ୍ଦେଶ୍ୟ ଉପାସନା ବୋଲି ବର୍ଣ୍ଣନା କରିଛନ୍ତି । ସୁତରାଂ ଯେତେବେଳେ ମନୁଷ୍ୟ ନିଜ ଜନ୍ମର ଉଦ୍ଦେଶ୍ୟକୁ ପାଇବା ପାଇଁ ସହୃଦୟତାର ସହିତ ଅଲ୍ଲାଃତାଲାଙ୍କ ଉପାସନା କରିଥାଏ ସେତେବେଳେ ତାକୁ ସେହି ଉପାସନାରେ ଗୋଟିଏ ଆନନ୍ଦ ଓ ସନ୍ତୋଷ ମିଳିଥାଏ । ତତ୍‌ସହିତ ଧିରେଧିରେ ଏହି ଉପାସନା ଯୋଗୁ ସୃଷ୍ଟିକର୍ତା ଓ ସୃଷ୍ଟଜଙ୍କ ମଧ୍ୟରେ ଆପୋଷ ସମ୍ପର୍କ ଦୃଢ଼ ହୋଇଯାଏ । ଏହି ଅବସ୍ଥାକୁ ଅନ୍ୟ ଶବ୍ଦରେ ଇଶ୍‌କେ ଇଲାହି (ପ୍ରଭୁପ୍ରେମ) ମଧ୍ୟ କୁହାଯାଏ ।

ବିଗତ ସମସ୍ତ ନବୀମାନଙ୍କ ପରି ଯେତେବେଳେ ଆମେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସିରତ୍ (ଜୀବନଚରିତ) ଉପରେ ଦୃଷ୍ଟିନିକ୍ଷେପ କରିଥାଉ, ଆମେ ଜାଣିବାକୁ ପାଉ କି ଆପଣ ଆ:ସଙ୍କ ଭିତରେ ଇଶ୍‌କେ ଇଲାହିର ଚରିତ୍ର ଭର୍‌ପୁର୍ ମିଳୁଥିଲା । କଣ ପିଲାଦିନ, କଣ ଯୌବନ ଏବଂ କଣ ବୃଦ୍ଧାବସ୍ଥା । ସୁତରାଂ ଜୀବନର ପ୍ରତ୍ୟେକ ସ୍ତରରେ ଏହି ମହାନ୍ ଚରିତ୍ର ଆପଣଙ୍କଠାରେ ସ୍ୱଷ୍ଟ ରୂପେ ଦୃଷ୍ଟିଗୋଚର ହୋଇଥାଏ । ଆପଣଙ୍କ ଉଠିବା, ବସିବା, ଶୋଇବା ଏବଂ ଜାଗିବା ସୁତରାଂ ପ୍ରତ୍ୟେକ କଥା ଓ କାର୍ଯ୍ୟ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ଏବଂ ତା'ର ପ୍ରେମକୁ ପ୍ରାପ୍ତ କରିବପାଇଁ ଥିଲା ।

ହଜୁର୍ ଆ:ସ ଗୋଟିଏ ସ୍ଥାନରେ କହୁଛନ୍ତି- "ପ୍ରକୃତ ଜୀବନ ଅଲ୍ଲାଃତାଲାଙ୍କ ସହିତ ମିଶିବା ଦ୍ୱାରା ହିଁ ହାସଲ ହୋଇଥାଏ ଓ ବାସ୍ତବିକ ଜୀବନ ହେଉଛି ମୋକ୍ଷପ୍ରାପ୍ତି ଓ ତାହା ପ୍ରଭୁପ୍ରେମ ଏବଂ ମହିମାମୟ (ଅଲ୍ଲାଃ)ଙ୍କ ସହିତ ସାକ୍ଷାତ୍ ବିନା ହାସଲ ହୋଇପାରିବ ନାହିଁ" । (ଚଶ୍‌ମାଏ ମସିହି, ରୁହାନି ଖଜାଏନ୍, ଖଣ୍ଡ-୨୦, ପୃଷ୍ଠା-୩୬୬)

ଏହି କାରଣ ଯୋଗୁ ଆପଣ ଆ:ସଙ୍କୁ ଦେଖିବା ବାଲା ଲୋକେ ବର୍ଣ୍ଣନା କରୁଛନ୍ତି କି ଆପଣ ଆ:ସଙ୍କ ପ୍ରଭୁପ୍ରେମର ଅବସ୍ଥା ଅତୁଳନୀୟ ଥିଲା । ଆପଣ ଆ:ସ ଅଧିକାଂଶ ସମୟ ପ୍ରଭୁଙ୍କ ଗୁଣଗାନ କରିବାରେ, ପବିତ୍ର କୁର୍‌ଆନ୍‌ର ଅଧ୍ୟୟନ କରିବାରେ ଏବଂ ନୱାଫିଲ୍ ପାଠ କରିବାରେ ବ୍ୟସ୍ତ ରହୁଥିଲେ । ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ରଖିବାର ଏପରି ଅବସ୍ଥା ଥିଲା କି ସେଥିପାଇଁ ଯୌବନ ଅବସ୍ଥାରେ, ଯେତେବେଳେ ମନୁଷ୍ୟର ହୃଦୟରେ ସାଂସାରିକ ଉନ୍ନତି ଓ ଭୌତିକ ଭୋଗବିଳାସର ଇଚ୍ଛା ମାତ୍ରାଧିକ ଥାଏ, ଆପଣ ନିଜର ଚାକିରୀକୁ ଛାଡିଦେଲେ । ସୁତରାଂ ଥରକର ଘଟଣା କି ଆପଣ ଆ:ସଙ୍କ ବାପା ଜଣେ ଶିଖ୍ ଜମିଦାର୍‌ଙ୍କ ମାଧ୍ୟମରେ ଆପଣ ଆ:ସଙ୍କ ନିକଟକୁ କହି ପଠାଇଲେ କି ଆଜିକାଲି ଜଣେ ବହୁତ ବଡ ଅଫିସର୍ ଶାସନରେ ଅଛନ୍ତି, ଯାହାଙ୍କ ସହିତ ମୋର ବିଶେଷ ସମ୍ପର୍କ ମଧ୍ୟ ଅଛି । ତେଣୁ ଯଦି ତୁମକୁ ଚାକିରୀ କରିବାର ଇଚ୍ଛା ଅଛି ତେବେ ମୁଁ ସେହି ଅଫିସର୍‌କୁ କହି ତୁମକୁ ଭଲ ଚାକିରୀ ଦେଇପାରିବି । ଏଥିରେ ଉକ୍ତ ଶିଖ୍ ଜମିଦାର ଜଣକ ହଜୁର୍ ଆ:ସଙ୍କ ଗୋଚରେ ହାଜିର୍ ହୋଇ ଆପଣ ଆ:ସଙ୍କ ବାପାଙ୍କର ଏହି ବାର୍ତାଟିକୁ ପହଂଚାଇଦେଲେ ଏବଂ କହିଲେ କି ଏହା ଗୋଟିଏ ବହୁତ ସୁନ୍ଦର ଅବସର ତେଣୁ ତାକୁ ହାତଛଡା କରିବା ଉଚିତ୍ ନୁହେଁ । ଏହା ଶୁଣି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ତତ୍‌କ୍ଷଣାତ୍ ଉତର ଦେଲେ କି ୱାଲିଦ୍ ସାହେବ୍ (ବାପା)ଙ୍କୁ କହିଦିଅ କି ମୁଁ ତାଙ୍କର ପ୍ରେମ ଓ ସ୍ନେହରେ କୃତଜ୍ଞ କିନ୍ତୁ "ମୋ ଚାକିରୀର ଚିନ୍ତା କରନ୍ତୁ ନାହିଁ । ମୋର ଯେଉଁଠି ଚାକର ହେବାର ଥିଲା ମୁଁ ହୋଇସାରିଛି" । (ସିରତୁଲ୍ ମେହ୍‌ଦୀ, ଖଣ୍ଡ-୧, ପ୍ରଥମଭାଗ, ପୃଷ୍ଠା-୪୩) ସେହି ଶିଖ୍ ଜମିଦାର୍ ଜଣକ ସେଠାରୁ ଫେରିଯାଇ ଆପଣ ଆ:ସଙ୍କ ବାପାଙ୍କ ନିକଟରେ ବ୍ୟତିବ୍ୟସ୍ତ ହୋଇ ପହଂଚି ସମସ୍ତ ଘଟଣା ବର୍ଣ୍ଣନା କଲା । ଏଥିରେ ଆପଣ ଆ:ସଙ୍କ ବାପା, ଯାହାଙ୍କ ସ୍ୱଭାବ ଦୂରଦ୍ରଷ୍ଟ ସମ୍ପନ୍ନ ଥିଲା, କିଛି ସମୟ ପାଇଁ ଚୁପ୍ ରହି କହିବାକୁ ଲାଗିଲେ କି "ଆଚ୍ଛା ଗୁଲାମ୍ ଅହେମଦ୍ ଏପରି କହିଲେ କି ମୁଁ ଚାକର ହୋଇସାରିଛି ? ତେବେ ପୁଣି ଠିକ୍ ଅଛି । ଅଲ୍ଲାଃତାଙ୍କୁ ନଷ୍ଟ କରିବେନାହିଁ" । ଓ ଏହାପରେ ଆପଣ ଆ:ସଙ୍କ ୱାଲିଦ୍ ସାହେବ୍ ବେଳେବେଳେ ବହୁତ ଅବଶୋଷ ସହିତ କହୁଥିଲେ କି "ସଠିକ୍ ମାର୍ଗ ହେଉଛି ତାହା ଯାହାକୁ ଗୁଲାମ୍ ଅହେମଦ୍ ଗ୍ରହଣ କରିଛନ୍ତି, ଆମେ ତ ଦୁନିଆଦାରୀ (ସାଂସାରିକ ମାୟାମୋହ) ରେ ପଡି ନିଜର ବୟସକୁ ନଷ୍ଟ କରୁଅଛେ" । (ସିରତେ ତୟବା, ଲେଖକ- ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏମ୍.ଏ. ର:ଅ ପୃଷ୍ଠା-୩-୪)

ସେହିପରି ଆଉଗୋଟିଏ ୱାକେୟା (ଘଟଣା) ଅଛି କି ଥରେ ଜଣେ ବଡ ଧନୀ ଅଫିସର୍ ଆପଣ ଆ:ସଙ୍କ ବାପାଙ୍କୁ ପଚାରିଲେ କି ମୁଁ ଶୁଣିଛି ଯେ ଆପଣଙ୍କର ଆଉଜଣେ ସାନପୁଅ ମଧ୍ୟ ଅଛନ୍ତି କିନ୍ତୁ ମୁଁ ତାକୁ କେବେ ଦେଖିନାହିଁ । ଏଥିରେ ଆପଣ ଆ:ସଙ୍କ ବାପା ହସି ଦେଇ କହିଲେ- ହଁ ମୋର ଗୋଟିଏ ସାନପୁଅ ଅଛି କିନ୍ତୁ ସେ ନବ ବିବାହିତା ବୋହୁ ପରି କମ୍ ଦେଖାଦିଏ । ଯଦି ତାକୁ ଦେଖିବାକୁ ଚାହୁଁଛ ତେବେ ମସ୍‌ଜିଦ୍‌ର କୌଣସି ଗୋଟିଏ କୋଣରେ ଯାଇ ଦେଖିପାର । ସେ ହେଉଛି ମସିତଡ୍ ଏବଂ ଅଧିକାଂଶ ସମୟ ମସ୍‌ଜିଦ୍‌ରେ ହିଁ ରହିଥାଏ ଓ ସାଂସାରିକ କାର୍ଯ୍ୟରେ ତାକୁ କୌଣସି ଆଗ୍ରହ ନାହିଁ ।
(ସିରତୁଲ୍ ମେହ୍‌ଦୀ, ଖଣ୍ଡ-୧, ଭାଗ-୨, ପୃଷ୍ଠା-୩୬୭)

ଆପଣ ଆ:ସଙ୍କ ବାପାଙ୍କର ଆପଣଙ୍କ ପାଇଁ ଥିବା ସ୍ନେହ ଏବଂ ସଂସାରର ପ୍ରକାଶ୍ୟ ଅବସ୍ଥା ଅନ୍ତର୍ଗତ ଆପଣ ଆ:ସଙ୍କ ବିଷୟରେ ଅଧିକାଂଶ ସମୟ ଚିନ୍ତିତ ରହୁଥିଲେ କି ମୋ ପରେ ଏହି ପିଲାର ଅବସ୍ଥା କଣ ହେବ ? କିନ୍ତୁ ଇସ୍‌ଲାମ୍‌ର ଇଶ୍ୱର ହେଉଛନ୍ତି ବଡ ଦୟାଳୁ ଏବଂ ବଡ ଗୁଣ ଗ୍ରାହକ । ସୁତରାଂ ଆପଣ ଆ:ସଙ୍କ ବାପାଙ୍କ ଦେହାନ୍ତ ହେବା ପୂର୍ବରୁ ଖୁଦାତାଲା ନିଜର ଏହି ଚାକରକୁ, ଯିଏ ନିଜର ଯୌବନ ଅବସ୍ଥାରେ ତା'ର କାନି ଧରିଥିଲା, ଏହି ମହାନ୍ ଏଲ୍‌ହାମ୍ ଜରିଆରେ ଶାନ୍ତ୍ୱନା ଦେଲେ କି *"ଆ ଲୈସଲ୍ଲାହୋ ବେକାଫିନ୍ ଅବ୍‌ଦହୁ"* ଅର୍ଥାତ୍ ହେ ମୋର ଭକ୍ତ ତୁମେ କେଉଁ ଚିନ୍ତାରେ ରହିଛ ? କଣ ଖୁଦା ନିଜ ଭକ୍ତଙ୍କ ପାଇଁ ଯଥେଷ୍ଟ ନୁହଁନ୍ତି ।
(ତଜ୍‌କରାଃ, ପୃଷ୍ଠା-୨୦)

ଏହି ଏଲ୍‌ହାମ୍ ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଅଧିକାଂଶ ସମୟ ଏହା କହୁଥିଲେ କି ଏହି ଏଲ୍‌ହାମ୍‌ଟି ଏତେ ସାନ୍ ଏବଂ ବୈଭବର ସହିତ ଅବତୀର୍ଣ୍ଣ ହେଲା ଯେ (ତାହା) ହୃଦୟର ଗଭୀରତମ ପ୍ରଦେଶରେ ଗୋଟିଏ ଲୁହାଛଡ ପରି ପଶି ସ୍ଥାୟୀ ହୋଇଗଲା ଏବଂ ତା'ପରେ ଅଲ୍ଲାଃତାଲା ମୋତେ ଏଭଳି ଭରଣପୋଷଣ କଲେ କି କୌଣସି ବାପା, କୌଣସି ବନ୍ଧୁବାନ୍ଧବ ବା କୌଣସି ସାଙ୍ଗସାଥି କଣ ଏପରି କରିପାରିଥାଆନ୍ତେ ? ଏବଂ କହୁଥିଲେ କି ତା'ପରେ ମୋ ଉପରେ ଇଶ୍ୱରଙ୍କର ଏଭଳି ଅନବରତ ଅନୁଗ୍ରହ ହେଲା ଯେ ଏହା ସମ୍ଭବ ନୁହେଁ କି ମୁଁ ସେଗୁଡିକୁ ଗଣିପାରିବି ।
(କିତାବୁଲ୍ ବରିୟା, ପୃଷ୍ଠା-୩)

ଆପଣ ଆ:ସଙ୍କ ଏହି ମନୋଭାବର ପରିପ୍ରକାଶ ଆପଣ ଆ:ସଙ୍କ ଏହି ଗୋଟିଏ ପଦରେ ହେଉଅଛି ।

*ଇବ୍‌ତଦାସେ ତେରେହି*
*ସାୟା ମେ ମେରେ ଦିନ୍ କଟେ*
*ଗୋଦ୍ ମେ ତେରି ରାହା*
*ମୈଁ ମିସ୍‌ଲେ ତିଫ୍‌ଲେ ଶିର୍ ଖୱାର*

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଅଲ୍ଲାଃତାଲାଙ୍କ ସହିତ ଏତେମାତ୍ରାରେ ପ୍ରେମ ଥିଲା କି ଶୋଇବା ସମୟରେ ମଧ୍ୟ ତାଙ୍କ ଓଠରୁ ସୁବ୍‌ହାନଲ୍ଲାଃ (ଅଲ୍ଲାଃ ପବିତ୍ର ଅଟନ୍ତି) ଶବ୍ଦ ଆବୃତି ହେଉଥିଲା ।
(ସିରତୁଲ୍ ମେହ୍‌ଦୀ, ଖଣ୍ଡ-୧, ଭାଗ-୧, ପୃଷ୍ଠା-୨୮୭)

ଯେତେବେଳେ ତାଙ୍କ ଦେହାନ୍ତର ସମୟ ନିକଟତର ହେଲା ସେତେବେଳେ ମଧ୍ୟ ଆପଣଙ୍କ ଆପଣଙ୍କ ପବିତ୍ର ଜିହ୍ୱାରୁ ଯେଉଁ ଶବ୍ଦଗୁଡିକ ଉଚ୍ଚାରିତ ହେଉଥିଲା ତାହା "ଅଲ୍ଲାଃ ମୋ ପ୍ରିୟ ଅଲ୍ଲାଃ"ର ଶବ୍ଦ ଥିଲା ।
(ସିଲ୍‌ସିଲା ଅହେମଦୀୟା, ପ୍ରଥମ ଖଣ୍ଡ, ପୃଷ୍ଠା-୧୭୭) ଏବଂ ଆପଣ ଆ:ସ ଏତେ ମାତ୍ରାରେ ସନ୍ତୁଷ୍ଟ ଥିଲେ ଯେପରି ଗୋଟିଏ ଲମ୍ବା ଯାତ୍ରା କରିବା ପରେ ଜଣେ ଯାତ୍ରୀ ନିଜ ଲକ୍ଷ୍ୟସ୍ଥଳକୁ ଦେଖି (ସନ୍ତୁଷ୍ଟ) ହୋଇଥାଏ । କିନ୍ତୁ ଏହାଠାରୁ ମଧ୍ୟ ଅଧିକା ଯଦି କୌଣସି କଥାରେ ଆପଣଙ୍କ ଇଶ୍ୱରପ୍ରେମର ଆକଳନ କରାଯାଇପାରେ ତେବେ ସେହି ଏକାନ୍ତରେ ଲେଖାଯାଇଥିବା ନୋଟ୍‌ବୁକ୍‌ର ଗୋଟିଏ ପୃଷ୍ଠାରେ ଆପଣ

ଆ:ସଙ୍କ ଉକ୍ତ ଶବ୍ଦଗୁଡ଼ିକ ରହିଛି ଯାହା ଆପଣଙ୍କ ଦେହାନ୍ତ ପରେ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ କୁ ମିଳିଥିଲା । ସେହି ନୋଟ୍‌ର ପ୍ରତ୍ୟେକ ଶବ୍ଦ ଓ ସେହି ପ୍ରେମକୁ ଯାହା ଆପଣଙ୍କ ହୃଦୟରେ ଅଲ୍ଲାଃତାଲାଙ୍କ ପାଇଁ ଥିଲା, ସ୍ପଷ୍ଟ ରୂପେ ବର୍ଣ୍ଣନା କରୁଅଛି । ଏକାନ୍ତର କ୍ଷଣଗୁଡ଼ିକରେ ଲେଖାଯାଇଥିବା ଶବ୍ଦଗୁଡ଼ିକ ହେଉଛନ୍ତି ଏପରି ଯେପରି ଜଣେ ଭକ୍ତ ନିଜ ପାଳନକର୍ତ୍ତାଙ୍କ ସହିତ ଏକୁଟିଆ କଥା ହୋଇଥାଏ, ଯେତେବେଳେ ତାକୁ ଜଣାପଡେ କି ସେ ସମୟରେ ତା ପାଳନକର୍ତ୍ତା ଓ ତା ସହିତ ଆଉ ତୃତୀୟ ବ୍ୟକ୍ତି କେହି ନାହାଁନ୍ତି । ସେତେବେଳେ ସେ ନିଜର ଶବ୍ଦଗୁଡ଼ିକ ମଧ୍ୟରେ ଉକ୍ତ ଶକ୍ତିକୁ ଖୋଜିଥାଏ କି ତାଠାରେ ଏହି ପ୍ରେମକୁ ବର୍ଣ୍ଣନା କରାଯାଇପାରିବ ଯାହା ତା ହୃଦୟର ଅନ୍ତରରେ ଭରିରହିଛି । ସେ ଏକଥା ମଧ୍ୟ ଜାଣିଥାଏ କି ମୋ ହୃଦୟର ଅବସ୍ଥାକୁ ମୋ ପାଳନ କର୍ତ୍ତାଙ୍କଠାରୁ ଅଧିକା କିଏ ଜାଣିଛି ? କିନ୍ତୁ ପୁଣି ମଧ୍ୟ ସେ ଏ ଚେଷ୍ଟା କରିଥାଏ କି ସେ କିପରି ଏହି ପ୍ରେମକୁ ଶବ୍ଦର ରୂପ ଦେଇ ନିଜେ ମଧ୍ୟ ନିଜର ଏହି ଅବସ୍ଥାକୁ ବୁଝିପାରିବ । ସେହିପରି କୌଣସି ଏକ ସମୟରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦ୍ୱାରା ଲିଖିତ ଏହି ଶବ୍ଦଗୁଡ଼ିକ ମୁହଁଖୋଲି ଏହା ବର୍ଣ୍ଣନା କରୁଛନ୍ତିକି ଆପଣ ଆ:ସଙ୍କୁ ଅଲ୍ଲାଃତାଲାଙ୍କ ସହିତ କେତେ ପ୍ରେମ ଥିଲା । ସୁତରାଂ ଆପଣ ଆ:ସ ଉକ୍ତ ନୋଟ୍‌ରେ ଲେଖିଛନ୍ତି କି-

"ହେ ମୋର ମୌଲା (ପ୍ରକୃତ ବନ୍ଧୁ) ! ମୋର ପ୍ରିୟ ମାଲିକ ! ମୋ ପ୍ରେମିକ ! ମୋ ପ୍ରିୟ ଇଶ୍ୱର ! ସଂସାର କହୁଛି ତୁ ହେଉଛୁ କାଫିର୍ (ଅମାନ୍ୟକାରୀ) । କିନ୍ତୁ କଣ ତୁମଠାରୁ ପ୍ରିୟ ଆଉକେହି ମୋତେ ମିଳିପାରିବ ? ଯଦି ଥିବ ତେବେ ତା ପାଇଁ ତୁମକୁ ଛାଡିଦେବି । କିନ୍ତୁ ମୁଁ ତ (ଏହା) ଦେଖୁଛି କି ଯେତେବେଳେ ଲୋକମାନେ ସଂସାରରୁ ଦୂରେଇ ଯାଉଛନ୍ତି । ଯେତେବେଳେ ମୋ ସାଙ୍ଗସାଥି ଓ (ମୋ) ଶତ୍ରୁମାନଙ୍କୁ ଜ୍ଞାନ ମଧ୍ୟ ନାହିଁକି ମୁଁ କେଉଁ ଅବସ୍ଥାରେ ରହିଛି ସେତେବେଳେ ତୁ ମୋତେ ଜଗାଉଛୁ ଏବଂ ପ୍ରେମ ଓ ସ୍ନେହରେ (ମୋତେ) କହୁଛୁ କି ଦୁଃଖ କରନାହିଁ । ମୁଁ ତୋ ସହିତ ଅଛି । ତେବେ ପୁଣି ହେ ମୋର ମୌଲା ଏହା କିପରି ସମ୍ଭବ କି ଏତେମାତ୍ରାରେ ଅନୁଗ୍ରହ ହେବାରେ ପୁଣି ମୁଁ ତୋତେ ଛାଡିଦେବି । କଦାପି ନୁହେଁ କଦାପି ନୁହେଁ । (ଅନ୍‌ୱାରୁଲ୍ ଓ୍ୱଲୁମ୍, ଖଣ୍ଡ-୧, ପୃଷ୍ଠା-୩୭୫-୩୭୬)

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ହୃଦୟ ଭିତରେ ଇଶ୍ୱରଙ୍କ ପ୍ରେମ ଏତେ ମାତ୍ରାରେ ଭରି ରହିଥିଲା ଏବଂ ତାର ପ୍ରଭୁତ୍ୱ ଏତେ ଥିଲା କି ତା ମୁକାବିଲାରେ ଅନ୍ୟ ସମସ୍ତ ପ୍ରେମ ନ୍ୟୁନ ଥିଲା ଏବଂ ଆପଣ ଆ:ସ ନବୀ ସ:ଆ:ସଙ୍କ ଏହି ଉପଦେଶର ଉଦହାରଣ ଥିଲେ । ଅର୍ଥାତ୍ *"ଅଲ୍‌ହବ୍‌ବୁ ଫିଲ୍ଲାହି ଓ୍ୱଲ୍ ବୁଗ୍‌ଜୁ ଫିଲ୍ଲାହି"* (ଅବୁଦାଉଦ୍, କିତାବୁସ୍ ସନାଃ) ଅର୍ଥାତ୍ ସଚ୍ଚା ମୋମିନ୍‌ର ପ୍ରତ୍ୟେକ ପ୍ରେମ ଓ ପ୍ରତ୍ୟେକ ଅପସନ୍ନତା ଇଶ୍ୱରଙ୍କ ପ୍ରେମ ଓ ଇଶ୍ୱରଙ୍କ ଅପ୍ରସନ୍ନତାର ଅନ୍ତର୍ଗତ ଓ ତା ପାଇଁ ହିଁ ହୋଇଥାଏ ।

ସୁତରାଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜର ଗୋଟିଏ ଫାର୍ଶୀ ନଜମ୍‌ରେ ଇଶ୍ୱରଙ୍କ ବାସ୍ତବିକ ପ୍ରେମର ମାପକାଠି ଏପରି ଶବ୍ଦରେ ବର୍ଣ୍ଣନା କରୁଛନ୍ତି କି -

*ହର୍ ଚା ଗୈର୍ ଖୁଦା ବଖାତିର୍ ତସ୍‌ତ୍*
*ଆନ୍‌ବତ୍ ତସେ ଏ ବଇମାନସ୍ତ*
*ପରଖଜର୍ ବାସ୍ ଜିଁ ବତାନା ନେହାଁ*
*ଦାମନ୍ ଦିଲ୍ ଜଦସ୍ତ ଶାଁ ବୁର୍‌ହାଁ*

ଅର୍ଥାତ୍- ଖୁଦାଙ୍କ ବ୍ୟତୀତ ତୁମ ହୃଦୟ ଭିତରେ ଯାହାକିଛି ମଧ୍ୟ ଅଛି ତାହା (ହେ ସ୍ୱଳ୍ପ ଇମାମ୍ ରଖିଥିବା ବ୍ୟକ୍ତି) ତୁମ ହୃଦୟର ଗୋଟିଏ ପ୍ରତିମା ଅଟେ । ତୁମକୁ ସେହି ଲୁକ୍କାୟିତ ପ୍ରତିମା ପ୍ରତି ସାବଧାନ ରହିବା ଉଚିତ୍ ଏବଂ ନିଜ ହୃଦୟର କାନିକୁ ସେହି ପ୍ରତିମାର ହାତ ପାହାନ୍ତାରୁ ବଂଚାଇ ରଖିବା ଉଚିତ୍ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ନିଜର ବାସ୍ତବିକ ସୃଷ୍ଟିକର୍ତ୍ତାଙ୍କ ସହିତ ପ୍ରେମ ଓ ସ୍ୱାଭିମାନ ରହିବା ଯୋଗୁ ବହୁତ ଗର୍ବ ଅନୁଭବ ହେଉଥିଲା । ସୁତରାଂ ଥରକର ଘଟଣା ଏପରିକି ୧୯୦୪ ମସହାରେ ଯେତେବେଳେ ଆପଣ ଆ:ସଙ୍କୁ ମୌଲବୀ କରମ୍‌ଦୀନ୍ ମୋକଦ୍ଦମାରେ ଏ ଏତଲା ମିଳିଲା କି ହିନ୍ଦୁ ମାଜିଷ୍ଟ୍ରେଟ୍‌ର ନିୟତ ଠିକ୍ ନାହିଁ ଏବଂ ସେ ଆପଣ ଆ:ସଙ୍କୁ ବନ୍ଦୀ କରାଇଦେବା ପାଇଁ ଚାହୁଁଛି । ସେତେବେଳେ ଆପଣ ଆ:ସ ଅସୁସ୍ଥତା ଯୋଗୁ ବିଶ୍ରାମ ନେଉଥିଲେ । (କିନ୍ତୁ) ଏହି ଶବ୍ଦଶୁଣିବା ସଙ୍ଗେସଙ୍ଗେ ବହୁତ ଜୋସ୍‌ର ସହିତ ଉଠିପଡିଲେ । ଏବଂ ବହୁତ ଦର୍ପର ସହିତ କହିଲେ ସେ ଖୁଦାଙ୍କ ସିଂହ ଉପରେ ହାତପକାଇ ତ ଦେଖୁ ! (ସିରତୁଲ୍ ମେହ୍‌ଦୀ, ଖଣ୍ଡ-୧, ପ୍ରଥମଭାଗ, ପୃଷ୍ଠା-୮୬)

ସୁତରାଂ ଆପଣ ଆ:ସ ନିଜର ଗୋଟିଏ ପଦରେ କହୁଛନ୍ତି -

*ଜୋ ଖୁଦା କା ହୈ ଉସେ*
*ଲଲ୍‌କାର୍ ନା ଅଛା ନେହିଁ*
*ହାଥ୍ ଶେରୋଁ ପର ନା ଡାଲ୍*
*ଆଏ ରୁବାଏ ଜାରୋ ନଜାର୍*
*ସର୍ ସେ ମେରେ ପାଓଁତକ୍*
*ଓ୍ୱହ୍ ୟାର୍ ମୁଝ୍ ମେ ହୈ ନେହାଁ*
*ଆଏ ମେରେ ବଦ୍‌ଖ୍ୱାହ୍ କର୍‌ନା*
*ହୋଶ୍ କରକେ ମୁଝ୍‌ପେ ଓ୍ୱାର୍*

ବିରୋଧିମାନେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ହଇରାଣ ହରକତ୍ କରିବା ଏବଂ ଆପଣ ଆ:ସଙ୍କ ମିଶନ୍‌ରେ ପ୍ରତିବନ୍ଧକ ପକାଇବା ଉଦ୍ଦେଶ୍ୟରେ ବିଭିନ୍ନ ପ୍ରକାରର ଦୁଃଖ କଷ୍ଟ ଦେଉଥିଲେ । ସେଥିରେ ଫୌଜ୍‌ଦାରୀ ମୋକଦ୍ଦମା ଏବଂ ହତ୍ୟା ମୋକଦ୍ଦମା ମଧ୍ୟ ସାମିଲ୍ ଥିଲା । କିନ୍ତୁ ଦେଖନ୍ତୁ ଆପଣ ଆ:ସଙ୍କୁ ନିଜ ପ୍ରିୟ ଅଲ୍ଲାଃଙ୍କ ସହିତ କି ପ୍ରକାରର ପ୍ରେମ ଥିଲା ଯେ ଓ କି ପ୍ରକାର ବିଶ୍ୱାସ ଥିଲା କି ସେ ଆପଣ ଆ:ସଙ୍କୁ ସବୁ ଦୁଃଖ କଷ୍ଟରୁ ବାହାରକୁ ମୁକ୍ତି ପ୍ରଦାନ କରିଦେଲେ ।

୧୮୯୭ର ଗୋଟିଏ ଘଟଣା ଅଛି କି ଆପଣ ଆ:ସଙ୍କ ଉପରେ ବିରୋଧିମାନେ ମାର୍ଟିନ୍ କ୍ଲର୍କ୍‌ର ହତ୍ୟା କରିବା ଯୋଜନାରେ ଇଲ୍‌ଜାମ୍ ଲଗାଇ ଆପଣଙ୍କ ଉପରେ ଫୌଜଦାରୀ ମୋକଦ୍ଦମା କରିଦେଲେ କିନ୍ତୁ ସବୁ ସମୟ ପରି ଏଥର ମଧ୍ୟ ଅଲ୍ଲାଃତାଲା ବିରୋଧିମାନଙ୍କ ଯୋଜନାକୁ ସଫଳ କରିବାକୁ ଦେଲେନାହିଁ ଏବଂ ଆପଣଙ୍କୁ ସମୟ ପୂର୍ବରୁ ହିଁ ଏହି ମୋକଦ୍ଦମାରୁ ମୁକୁଳିବା ପାଇଁ ଖବର ଦିଆଯାଇଥିଲା । ସୁତରାଂ ଆପଣ ଆ:ସ କହୁଛନ୍ତି:-

"ଆମକୁ ଅଲ୍ଲାଃତାଲା ପୂର୍ବରୁ ହିଁ ଏ ଖବର ଦେଇଥିଲେ ଏବଂ ଆମେ ତା ସାହାଯ୍ୟ ସହଯୋଗର ଅପେକ୍ଷାରେ ଥିଲୁ । ସେଇଥିପାଇଁ ଅଲ୍ଲାଃତାଲାଙ୍କ ଭବିଷ୍ୟବାଣୀର ପ୍ରାରମ୍ଭରେ ଆମେ ଖୁସି ଅଛୁ ଏବଂ ଏହାର ଉତମ ଫଳ ବାହାରିବ ବୋଲି ମଧ୍ୟ ବିଶ୍ୱାସ ରଖିଛୁ । (ତେଣୁ) ଆମ ବନ୍ଧୁମାନଙ୍କୁ ବ୍ୟସ୍ତ ହେବାର ଆବଶ୍ୟକତା ନାହିଁ" । (କିତାବୁଲ୍ ମରିୟା, ପ୍ରଥମ ମୁଦ୍ରଣ, ପୃଷ୍ଠା-୨୩୭)

ଏହି ମୋକଦ୍ଦମା ସମ୍ବନ୍ଧରେ ଆପଣ ଆ:ସ ଆଉଗୋଟିଏ ସ୍ଥାନରେ କହୁଛନ୍ତି:-

"ଆମ ସହିତ ଖୁଦା ଅଛନ୍ତି ଯିଏ ତାଙ୍କ ସହିତ ନାହାଁନ୍ତି । ଅଲ୍ଲାଃତାଲା ନିଜର ଏହି ନିଷ୍ପତି ଦ୍ୱାରା ଆମକୁ ସୁଚାଇ ଦେଇଛନ୍ତି ଏବଂ ଆମେ ତା ଉପରେ ବିଶ୍ୱାସ ରଖିଛୁ କି ତାହା ହିଁ ହେବ । ଯଦି ସାରା ସଂସାର ମଧ୍ୟ ଏହି ମୋକଦ୍ଦମାରେ ଆମର ବିରୋଧ ହୋଇଯିବ ତେବେ ମୋର ତିଳେମାତ୍ରେ ପରବାୟ ନାହିଁ ଏବଂ ଅଲ୍ଲାଃତାଲାଙ୍କର ସୁସମାଚର ମିଳିବା ପରେ ତା ବିଷୟରେ ଶଙ୍କା କରିବା ମୁଁ ପାପ ବୋଲି ଜାଣୁଛି" । (ହୟାତେ ଅହମଦ୍, ଚତୁର୍ଥ ଖଣ୍ଡ, ପୃଷ୍ଠା-୫୯୭-୫୯୮)

ସୁତରାଂ ଖୁଦାତାଲାଙ୍କ ସହିତ ଆପଣ ଆ:ସଙ୍କର ଏକ ପୁର୍ଣ୍ଣ ଓ ଦୃଢ଼ ସମ୍ପର୍କ ଥିଲା । ଏହି କାରଣ ଯୋଗୁ ଜୀବନର ପ୍ରତ୍ୟେକ ସ୍ତରରେ ନୁସ୍‌ରତେ ଇଲାହି (ଅଲ୍ଲାଃତାଲାଙ୍କ ସାହାଯ୍ୟ ସହଯୋଗ) ଆପଣଙ୍କ ସହିତ ଲାଗିରହିଥିଲା । ସୁତରାଂ ଆପଣ ଆ:ସ ଗୋଟିଏ ନଜମ୍‌ରେ ଲେଖୁଛନ୍ତି-

*ଖୁଦା କେ ପାକ୍ ଲୋଗୋଁ କୋ*
*ଖୁଦା ସେ ନୁସ୍‌ରତ୍ ଆତି ହୈ*
*ଜବ୍ ଆତି ହୈ ତୋ ଫିର୍ ଆଲମ୍ କୋ*
*ଇକ୍ ଆଲମ୍ ଦିଖାତି ହୈ*
*ଓ୍ୱହ୍ ବନ୍‌ତି ହୈ ହଓ୍ୱା ଅଓର୍*
*ହର୍ ଖସେ ରହ୍ କୋ ଉଡାତି ହୈ*
*ଓ୍ୱହ୍ ହୋ ଜାତି ହୈ ଆଗ୍ ଅଓର୍*
*ହର୍ ମୁଖାଲିଫ୍ କୋ ଜଲାତି ହୈ*
*କଭି ଓ୍ୱହ୍ ଖାକ୍ ହୋ କର୍*
*ଦୁଶ୍‌ମନୋ କେ ସର୍‌ପେ ପଡ୍‌ତି ହୈ*
*କଭି ହୋ କର ଓ୍ୱହ୍ ପାନି ଉନ୍‌ପେ*
*ଇକ୍ ତୁଫାନ୍ ଲାତି ହୈ*
*ଗରଜ୍ ରୁକ୍‌ତେ ନେହି ହର୍‌ଗିଜ୍*
*ଖୁଦା କେ କାମ୍ ବନ୍ଦୋଁ ସେ*
*ଭଲା ଖାଲିକ୍ କେ ଆଗେ ଖଲ୍‌କ୍ କି*
*କୁଛ୍ ପେଶ୍ ଜାତି ହୈ*

ଆପଣ ଆ:ସକୁ ନିଜର ବାସ୍ତବିକ ସୃଷ୍ଟିକର୍ତ୍ତାଙ୍କ ସହିତ ଏତେମାତ୍ରାରେ ପ୍ରେମଥିଲା ସେତେମାତ୍ରାରେ ଖୁଦାତାଲା ମଧ୍ୟ ଆପଣ ଆ:ସଙ୍କ ଉପରେ କୃପା କରିଛନ୍ତି ଓ ସେହି ପ୍ରେମର ସମ୍ମାନ ମଧ୍ୟ କରିଛନ୍ତି । ଅଧିକାଂଶ ସମୟ ଖୁଦାତାଲା ଆପଣ ଆ:ସଙ୍କ ସହିତ ବାର୍ତ୍ତାଳାପ କରିଥିଲେ ଓ ଆପଣଙ୍କ ଉପରେ ବର୍ଷା ସଦୃଶ ସ୍ୱର୍ଗବାଣୀ ଅବତୀର୍ଣ୍ଣ କରୁଥିଲେ । ସେଥିରେ ଅଂସଖ୍ୟ ଏପରି ଅଛି ଯେଉଁଥିରେ ଭବିଷ୍ୟବାଣୀ ଲୁଚି ରହିଛି । ଆପଣ ଆ:ସ ଉକ୍ତ ସ୍ୱର୍ଗବାଣୀ ଗୁଡ଼ିକୁ ନିଜ ସତ୍ୟତାର ଦଲିଲ୍ ରୂପେ ଉପସ୍ଥାପନ କରିଛନ୍ତି ଏବଂ ଆମେ ଦେଖୁଅଛୁ କି ସେହି ଭବିଷ୍ୟବାଣୀ ଗୁଡ଼ିକ ନିଜର ଉଚିତ୍ ସମୟରେ ବହୁତ ବୈଭବର ସହିତ ପୂରଣ ହେଉଛନ୍ତି ।

ଆପଣଙ୍କୁ ଏକଥା ଉପରେ ମଧ୍ୟ ଦୃଢ଼ ଓ ପୁର୍ଣ୍ଣ ବିଶ୍ୱାସ ଥିଲା କି ଅଲ୍ଲାଃତାଲା ଆପଣ ଆ:ସଙ୍କୁ ମସିହ୍ ମଉଦ୍ ଏବଂ ମେହ୍‌ଦୀ ମାହୁଦ୍ ରୂପେ ପ୍ରେରଣ କରିଛନ୍ତି । ଆପଣ ଆ:ସଙ୍କୁ ଖୁଦାତାଲାଙ୍କ ସେହି ସମସ୍ତ ପ୍ରତିଶୃତି ଉପରେ ପୁର୍ଣ୍ଣ ବିଶ୍ୱାସ ଥିଲା ଏବଂ ଆପଣ ଏ ବିଶ୍ୱାସ ରଖିଥିଲେ କି ଯାହାପଛେ ତାହା ହୋଇଯାଉ, ଖୁଦାତାଲାଙ୍କ କଥା ଟଳିପାରିବ ନାହିଁ । ଏକଥାକୁ ନିଜଲୋକ ତ ନିଜଲୋକ, ପରଲୋକମାନେ ମଧ୍ୟ ସ୍ୱୀକାର କରୁଥିଲେ । ସୁତରାଂ ଭାରତର ଗୋଟିଏ ଇଂରାଜୀ ଖବରକାଗଜ "ପାଏନିୟର୍" ଆପଣଙ୍କ ଦେହାନ୍ତ ପରେ ଆପଣଙ୍କ ସମ୍ବନ୍ଧରେ ଲେଖୁଛି କି :-

ମିର୍ଜା ସାହେବ୍‌ଙ୍କୁ ନିଜ ଦାବୀ ସମ୍ବନ୍ଧରେ କେବେ ମଧ୍ୟ କୌଣସି ଶଙ୍କା ନଥିଲା ଏବଂ ସେ ପୁର୍ଣ୍ଣ ସତ୍ୟତା ଓ ନିଷ୍ଠାର ସହିତ ଏକଥା ଉପରେ ବିଶ୍ୱାସ ରଖିଥିଲେ କି ତାଙ୍କ ଉପରେ ଅଲ୍ଲାଃତାଲାଙ୍କର ବାଣୀ ଅବତୀର୍ଣ୍ଣ ହେଉଅଛି ଏବଂ ତାଙ୍କୁ ଏକ ଖାରିକେ ଆଦତ୍ (ଐଶ୍ୱରିକ ଚମତ୍କାରିତା)ର ଶକ୍ତି ପ୍ରଦାନ କରାଯାଇଛି" । (ସିରତୁଲ୍ ମେହ୍‌ଦୀ, ପ୍ରଥମ ଖଣ୍ଡ, ପୃଷ୍ଠା-୨୫୫)

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ହୃଦୟ ଭିତରେ ଅଲ୍ଲାଃତାଲାଙ୍କ ପାଇଁ ଯେଉଁ ଅସରନ୍ତି ପ୍ରେମ ଓ ଭଲପାଇବା ଥିଲା, ସେ ଚାହୁଁଥିଲେ କି ଏହି ପ୍ରେମ ଓ ଭଲପାଇବା କେବଳ ନିଜ ଭିତରେ ସିମୀତ ନରହୁ ବରଂ ଏହି ପ୍ରେମର ଅଗ୍ନି ଅନ୍ୟମାନଙ୍କ ହୃଦୟରେ ମଧ୍ୟ ସୃଷ୍ଟି ହୋଇଯାଉ । ସୁତରାଂ ସେ ନିଜର ଗୋଟିଏ ପୁସ୍ତକ କଶ୍‌ତିନୁହ୍‌ରେ ଲେଖୁଛନ୍ତି:-

"ସେ ବ୍ୟକ୍ତି ହେଉଛି କେଡେ ଅଭାଗା, ଯାହାକୁ ଏପର୍ଯ୍ୟନ୍ତ ଜଣାନାହିଁ କି ତାର ଜଣେ ଖୁଦା ଅଛନ୍ତି, ଯିଏ ପ୍ରତ୍ୟେକ ବସ୍ତୁ ଉପରେ ଶକ୍ତିଶାଳୀ । ଆମର ବେହଶ୍‌ତ୍ (ସ୍ୱର୍ଗ) ହେଉଛନ୍ତି ଆମର ଖୁଦା । ଆମ ଉଚ୍ଚ ସ୍ତରର ଆନନ୍ଦ ଆମ ଖୁଦାଙ୍କ ଠାରେ ନିହିତ ଅଛି । କାରଣ ଆମେ ତାକୁ ଦେଖିଛୁ ଏବଂ ପ୍ରତ୍ୟେକ ପ୍ରକାର ସୌନ୍ଦର୍ଯ୍ୟ ତାଙ୍କଠାରେ ପାଇଛୁ । ଏହି

ସମ୍ପତି ନେବାଯୋଗ୍ୟ, ଯଦିଚ ଜୀବନ ବଦଳରେ ମିଳେ ଏବଂ ଏହି ଲାଲ୍ (ଏକ ପ୍ରକାରର ମୂଲ୍ୟବାନ୍ ପଥର) କ୍ରୟ କରିବା ଯୋଗ୍ୟ, ଯଦିଚ ସମସ୍ତ ଅସ୍ତିତ୍ୱକୁ ମିଟାଇଦେବାରେ ପ୍ରାପ୍ତ ହୁଏ । ଆଏ ମେହ୍‌ରୁମୋ (ହେ ଇଶ୍ୱରଙ୍କ ଦର୍ଶନରୁ ବଂଚିତ ଲୋକେ) ! ଏହି ଝରଣା ଆଡକୁ ଦୌଡ଼ କି ତାହା ତୁମର ତୃଷ୍ଣା ମେଂଟାଇବ । ଏହା ଜୀବନ ଝରଣା ଯିଏ ତୁମକୁ ବଂଚାଇବ । ମୁଁ କଣ କରିବି ଏବଂ କିପରି ଏହି ସୁସମ୍ବାଦକୁ ହୃଦୟ ଭିତରେ ବସାଇବି । କେଉଁ ଢ଼ୋଲ ଦ୍ୱାରା ବଜାରରେ ଯାଇ ଘୋଷଣା କରିବି କି ଏ ହେଉଛନ୍ତି ତୁମର ଖୁଦା । ଫଳତଃ ଲୋକମାନେ ଶୁଣିପାରିବେ ଓ କେଉଁ ଔଷଧ ଦ୍ୱାରା ମୁଁ ଉପଚାର କରିବି ଯଦ୍ୱାରା ଶୁଣିବା ପାଇଁ ଲୋକମାନଙ୍କର କାନ ଖୋଲିବ । ଯଦି ତୁମେ ଖୁଦାଙ୍କର ହୋଇଯିବ ତେବେ ନିଶ୍ଚିତ ରୂପେ ଜାଣିରଖ କି ଖୁଦା ତୁମର ଅଟନ୍ତି ।" (କଶ୍ତିନୁହ୍, ରୁହାନି ଖଜାଏନ୍, ଖଣ୍ଡ-୧, ପୃଷ୍ଠା-୨୧-୨୨)

ଆପଣ ଆ:ସଙ୍କ ହୃଦୟ ଭିତରେ ଖୁଦାତାଲାଙ୍କ ପ୍ରେମର ବହ୍ନି ଏତେମାତ୍ରାରେ ଭରି ରହିଥିଲା କି ତା ମୁକାବିଲାରେ ଅନ୍ୟ ସମସ୍ତ ପ୍ରେମ ତୁଚ୍ଛ ଥିଲା ଏବଂ ପୁଣି ଏହା ଏକ ଅଜବ ପ୍ରକାରର ଦୃଶ୍ୟ କି ଯେତେମାତ୍ରାରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ସଂସାର ପ୍ରତି ବିମୁଖ ହେଉଥିଲେ (ସେତେ ମାତ୍ରାରେ) ଖୁଦାତାଲା ଦୋନୋ ଜାହାଁ (ସ୍ୱର୍ଗ ଏବଂ ମର୍ତ୍ୟ)ର ନେମତ୍ (ପୁରସ୍କାର) ଗୁଡିକ ଆପଣ ଆ:ସଙ୍କ କୋଳରେ ପକାଉଥିଲେ । କିନ୍ତୁ ଆପଣଙ୍କର ଦୃଷ୍ଟିରେ ଖୁଦାତାଲାଙ୍କ ପ୍ରେମ ଓ ତାର ସାନିଧ ପାଇବା ମୁକାବିଲାରେ ଅନ୍ୟ ସମସ୍ତ ପୁରସ୍କାର ତୁଚ୍ଛ ଥିଲା ।

ପୁଣି ଅଲ୍ଲାଃତାଲାଙ୍କ ପ୍ରିୟ ପୁସ୍ତକ କୁର୍‌ଆନ୍ ମଜିଦ୍ ଯାହାକୁ କଲାମୁଲ୍ଲାଃ (ଅଲ୍ଲାଃଙ୍କ ବାଣୀ)ର ପଦମର୍ଯ୍ୟାଦା ହାସଲ ହୋଇଛି ଏବଂ ଯେଉଁ ଶେଷ ଶରିୟତ୍ (ବିଧାନ) ମାନବ ସମାଜର ଇସ୍‌ଲାହ୍ ନିମନ୍ତେ ସଂସାରରେ ଅବତୀର୍ଣ୍ଣ ହୋଇଛି, ତା ସହିତ ମଧ୍ୟ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ବହୁତ ପ୍ରେମ ଥିଲା । ପବିତ୍ର କୋରାନ୍ ସହିତ ପ୍ରେମ, ଭଲପାଇବା ଏବଂ ସମ୍ମାନ କରିବାର ଆପଣ ଆ:ସ ଏପରି ଏକ ଶୈଳୀକୁ ଆପଣାଇଲେ ଓ ମାନବଜାତିକୁ ଶିଖାଇଲେ । ପବିତ୍ର କୋରାନ୍ ସହିତ ପ୍ରେମ କରିବାର ଯେଉଁ ଶୈଳୀ ଆପଣ ଆପଣାଇଲେ ତା'ର ଦୃଷ୍ଟାନ୍ତ ମିଳୁନାହିଁ । ସେ ପବିତ୍ର କୋରାନ୍‌କୁ ନିଜ ହୃଦୟ ଭିତରେ ଅବତୀର୍ଣ୍ଣ କଲେ ଏବଂ ନିଜ ଅନୁଗାମୀ ମାନଙ୍କ ହୃଦୟରେ ମଧ୍ୟ ଦାଖଲ କଲେ । ତାର ମହାନତା ଓ ବୈଭବକୁ ଅନ୍ୟ ଲୋକମାନଙ୍କ ଉପରେ ଏପରି ପ୍ରତିଷ୍ଠା କଲେ କି ସେମାନେ ଆଶ୍ଚର୍ଯ୍ୟ ଚକିତ ହୋଇଗଲେ ଏବଂ ଏହି ପୁସ୍ତକର ବାସ୍ତବିକତା ଓ ଏହାର ମହାନତାକୁ ଅନ୍ୟ ସମସ୍ତ ସ୍ୱର୍ଗୀୟ ପୁସ୍ତକ ମୁକାବିଲାରେ ପ୍ରମାଣିତ କରି ଦେଖାଇଲେ ଏବଂ ଏଥିପାଇଁ ବିରୋଧୀମାନଙ୍କୁ ମୁକାବିଲା କରିବା ପାଇଁ ମଧ୍ୟ ଡାକିଲେ । ପବିତ୍ର କୋରାନ୍ ସହିତ ପ୍ରେମ ଓ ଭଲପାଇବାର ଏ ଶୈଳୀ (ଅର୍ଥାତ୍) ପବିତ୍ର କୋରାନ୍‌ର ପ୍ରତିରକ୍ଷା ନିମନ୍ତେ (ଏପରି ଶୈଳୀ) ଆଉ କେଉଁଠାରେ ଦୃଷ୍ଟିଗୋଚର ହୁଏନାହିଁ । ସୁତରାଂ ଆପଣ ଆ:ସ କହୁଛନ୍ତି:-

*ଦିଲ୍ ମେ ଯହି ହୈ*
*ହର୍‌ଦମ୍ ତେରା ସହିଫା ଚୁମୁଁ*
*କୁର୍‌ଆଁ କେ ଗିର୍‌ଦ୍ ଘୁମୁ*
*କାବା ମେରା ଯହି ହୈ ।*

ଅର୍ଥାତ୍- ପବିତ୍ର କୋରାନ୍‌ର ଗୁଣ ସମୂହ ବିଶେଷ ତ ସ୍ପଷ୍ଟ ଅଛି କିନ୍ତୁ ତା ସହିତ ମୋ ପ୍ରେମର ଅସଲ ମୂଳଦୁଆ ଏ କଥାରେ ରହିଛି କି ହେ ମୋର ସ୍ୱର୍ଗୀୟ ଆକା ! ତାହା ତୁମ ତରଫରୁ ଆସିଥିବା ପବିତ୍ର ପୁସ୍ତକ ଅଟେ ଯାହାକୁ ବାରମ୍ବାର ଚୁମା ଦେବା ଏବଂ ତାହା ଚତୁଃପାର୍ଶ୍ୱରେ ପରିକ୍ରମଣ କରିବା ପାଇଁ ମୋ ହୃଦୟ ବ୍ୟାକୁଳ ହେଉଅଛି ।

ସେହିପରି ଆଉଗୋଟିଏ ସ୍ଥାନରେ ଆପଣ ଆ:ସ ପବିତ୍ର କୋରାନ୍‌ର ସୌନ୍ଦର୍ଯ୍ୟକୁ ବର୍ଣ୍ଣନା କରି ଗୋଟିଏ ପଦରେ କହୁଛନ୍ତି:-

*ଜମାଲୋ ହୁସ୍‌ନେ କୁର୍‌ଆଁ ନୁରେ*
*ଜାନେ ହର୍ ମୁସଲ୍‌ମାଁ ହୈ*
*କମର୍ ହୈ ଚାନ୍ଦ୍ ଔରୋଁ କା*
*ହମାରା ଚାନ୍ଦ୍ କୁର୍‌ଆଁ ହୈ*

ସେହିପରି ନିଜର ପ୍ରସିଦ୍ଧ ପୁସ୍ତକ ବରାହିନେ ଅହେମଦୀୟାର ଗୋଟିଏ ସ୍ଥାନରେ ଆପଣ ଆ:ସ କହୁଛନ୍ତି କି:-

"ପବିତ୍ର କୋରାନ୍ ହେଉଛି ଏପରି ପୁସ୍ତକ ଯିଏ ନିଜର ମହାନତା, ନିଜର ବୁଦ୍ଧିମତା, ନିଜର ସତ୍ୟତା, ନିଜର ଶବ୍ଦରଚନାର ଶ୍ରେଷ୍ଠତା, ନିଜର ସୂକ୍ଷ୍ମ ଟିପ୍ପଣୀ ଏବଂ ନିଜର ଆଧାତ୍ମିକ ଜ୍ୟୋତି ବିଷୟରେ ନିଜେ ହିଁ ଦାବୀ କରିଛି ଏବଂ ନିଜକୁ ଅତୁଳନୀୟ ହେବାର ନିଜେ ହିଁ ପରିପ୍ରକାଶ କରିଛି । ଏକଥା କଦାପି ନୁହେଁ କି କେବଳ ମୁସଲ୍‌ମାନ୍‌ମାନେ ନିଜ ଭାବନାରେ ତାର ଗୁଣ ବିଶେଷତାକୁ ଅଭିହିତ କରିଛନ୍ତି ବରଂ ସେ ତ ନିଜେ ହିଁ ନିଜର ଗୁଣ ଓ ନିଜର ଚମତ୍କାରିତାକୁ ବର୍ଣ୍ଣନା କରୁଅଛି ଏବଂ ନିଜକୁ ସମସ୍ତ ସୃଷ୍ଟଜଙ୍କ ମୁକାବିଲାରେ ଅତୁଳନୀୟ ରୂପେ ଉପସ୍ଥାପନ କରୁଅଛି ଏବଂ ଉଚ୍ଚ ସ୍ୱରରେ *ହଲ୍‌ମିମ୍ ମାଆରିଜ୍* ର ଢ଼ୋଲ ବଜାଉଛି ଏବଂ ତାର ଗୁଢ଼ତା (ଏବଂ) ବାସ୍ତବିକତା କେବଳ ଦୁଇତିନୋଟି ନୁହେଁ କି ଯଦ୍ୱାରା କୌଣସି ଅବୋଧ ବ୍ୟକ୍ତି ଶଙ୍କା ମଧ୍ୟ କରିପାରେ ବରଂ ତା'ର ଗୁଢ଼ତା ଅତଳ ସମୁଦ୍ର ପରି ଜୋସ୍ ମାରୁଅଛି ଏବଂ ଅକାଶର ନକ୍ଷତ୍ରମାନଙ୍କ ପରି ଯେଉଁଠି ଆଖି ପକାଅ (ତାହା) ଚମକୁ ଥିବାର ଦୃଷ୍ଟିଗୋଚର ହେଉଅଛି" । (ବରାହିନେ ଅହେମଦୀୟା, ଚତୁର୍ଥ ଭାଗ, ରୁହାନି ଖଜାଏନ୍, ଖଣ୍ଡ-୧, ପୃଷ୍ଠା-୬୬୨-୬୬୩, ହାଶ୍ୟା-୧୧)

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପବିତ୍ର କୋରାନ୍ ପ୍ରତି ପ୍ରେମ ଥିବାର ଦୃଶ୍ୟ ଆମକୁ ତାଙ୍କର ଡର୍ଜନ ଡର୍ଜନ ପୁସ୍ତକ ବ୍ୟତୀତ ଉଚ୍ଚ ସ୍ତରର ମନ୍‌ଜୁମ୍ କଲାମ୍‌ରେ ମଧ୍ୟ ଦେଖାଯାଇଥାଏ । ଏହି ସୁନ୍ଦର ଝାଙ୍କି ଆମେ ତାଙ୍କ କଥନରେ ମଧ୍ୟ ଦେଖିପାରିବା ଓ ଆପଣଙ୍କ କର୍ମରେ ମଧ୍ୟ ଦେଖିପାରିବା । ସୁତରାଂ ଆପଣ ଆ:ସଙ୍କ ଜୀବନଚରିତ ପବିତ୍ର କୋରାନ୍ ସହିତ ପ୍ରେମ କରିବା ଓ ତା ମହାନତାର ପ୍ରଶଂସାରେ ଭରି ରହିଛି । ଯେପରିକି ଆପଣ ଆ:ସ ଗୋଟିଏ ସ୍ଥାନରେ କହୁଛନ୍ତି:-

"ମୁଁ ଯୁବକ ଥିଲି ଏବଂ ବର୍ତମାନ ବୁଢ଼ା ହୋଇଗଲିଣି ଏବଂ ଯଦି ଲୋକେ ଚାହାଁନ୍ତି ତେବେ ସାକ୍ଷୀ ଦେଇପାରିବେ କି ମୁଁ ସାଂସାରିକ କାର୍ଯ୍ୟରେ ପଡିନଥିଲି ଏବଂ ଦୀନୀ କାର୍ଯ୍ୟରେ ସର୍ବଦା ମୋର ଆଗ୍ରହ ଥିଲା । ମୁଁ ଏହି ବାଣୀକୁ, ଯାହାର ନାମ ହେଉଛି କୁର୍‌ଆନ୍ ଯିଏ ଅତ୍ୟନ୍ତ ପବିତ୍ର ତାକୁ ଆଧାତ୍ମିକ ହିକ୍‌ମତ୍‌ରେ ଭର୍‌ପୁର୍ ପରିପୁର୍ଣ୍ଣ ପାଇଛି" । (ସନାତନ୍ ଧର୍ମ୍, ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୪୭୪)

ପବିତ୍ର କୋରାନ୍ ଉପରେ ଧ୍ୟାନ ଓ ଚିନ୍ତା କରିବାର ଅଭ୍ୟାସ ଯେପରି ଆପଣ ଆ:ସଙ୍କର ଦ୍ୱିତୀୟ ପ୍ରକୃତି ହୋଇଯାଇଥିଲା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଏହି ଅବସ୍ଥା ବିଷୟରେ ଚର୍ଚ୍ଚା କରି ହଜ୍‌ରତ୍ ଶେଖ୍ ଯାକୁବ୍ ଅଲୀ ଇର୍‌ଫାନି ସାହେବ୍ ର:ଅ ବର୍ଣ୍ଣନା କରୁଛନ୍ତି:-

"ଆପଣଙ୍କ ଅଭ୍ୟାସରେ ଉପାସନା ଏବଂ ଅଲ୍ଲାଃଙ୍କର ସ୍ତୁତିଗାନ ଏବଂ ତିଲାଓ୍ୱତେ କୁର୍‌ଆନ୍ ମଜିଦ୍ (ପବିତ୍ର କୋରାନ୍‌କୁ ପାଠ କରିବା) ବ୍ୟତୀତ ଆଉକିଛି ନଥିଲା । ଆପଣଙ୍କର ଏ ଅଭ୍ୟାସ ଥିଲା କି ସାଧାରଣତଃ ଟହଲୁଥିବା ସମୟରେ (ପବିତ୍ର କୋରାନ୍) ପାଠ କରୁଥାନ୍ତି । ଯେଉଁ ଲୋକମାନେ ପ୍ରକୃତ କଥା ଜାଣିନଥିଲେ ସେମାନେ ଅଧିକାଂଶ ସମୟ ଆପଣଙ୍କର ଏ ଅଭ୍ୟାସ ବିଷୟରେ ଥଟ୍ଟା ପରିହାସ କରୁଥିଲେ । ପବିତ୍ର କୋରାନ୍‌ର ତିଲାଓ୍ୱତ୍ ଏବଂ ତା ଉପରେ ଧ୍ୟାନ ଓ ଚିନ୍ତା କରିବାର ବହୁତ ଅଭ୍ୟାସ ଥିଲା । ଖାନ୍ ବାହାଦୁର୍ ମିର୍ଜା ସୁଲ୍‌ତାନ୍ ଅହେମଦ୍ ସାହେବ୍ ବର୍ଣ୍ଣନା କରୁଛନ୍ତି କି ଆପଣଙ୍କ ନିକଟରେ ଗୋଟିଏ କୁର୍‌ଆନ୍ ମଜିଦ୍ ଥିଲା । ତାକୁ ପଢୁଥିଲେ ଓ ସେଥିରେ ଚିହ୍ନ ଲଗାଉଥିଲେ । ସେ କହୁଛନ୍ତି ମୁଁ ବିନା ଦ୍ୱିଧାରେ କହିପାରେ କି ବୋଧହୁଏ (ଆପଣ ଏହାକୁ) ଦଶହଜାର ଥର ପଢ଼ିଥିବେ । ଏତେ ମାତ୍ରାରେ ତିଲାଓ୍ୱତେ କୋରାନ୍‌ର ସଉକ ଏବଂ ଜୋସ୍ ଥିବା ପରିପ୍ରକାଶ କରୁଅଛି କି ଆପଣଙ୍କୁ ଖୁଦାତାଲାଙ୍କ ଏହି ପବିତ୍ର ପୁସ୍ତକ ସହିତ କିଭଳି ପ୍ରେମ ଓ ସମ୍ପର୍କ ଥିଲା ଏବଂ ଆପଣଙ୍କୁ ଇଶ୍ୱରଙ୍କ ପୁସ୍ତକ ସହିତ କିଭଳି ସମ୍ବନ୍ଧ ଓ ଆଗ୍ରହ ଥିଲା । ଏହି ତିଲାଓ୍ୱତ୍ ଏବଂ ଧ୍ୟାନର ସହିତ ଅଧ୍ୟୟନ ଆପଣଙ୍କ ଭିତରେ ପବିତ୍ର କୋରାନ୍‌ର ସତ୍ୟତା ଏବଂ ମହାନତାକୁ ପରିପ୍ରକାଶ କରିବା ପାଇଁ ଏକ ପ୍ରକାରର ଜୋସ୍ (ଉତ୍ସାହ) ସୃଷ୍ଟି କରିଦେଇଥିଲା ଏବଂ ଖୁଦାତାଲା ପବିତ୍ର କୋରାନ୍‌ର ଏକ ଅସରନ୍ତି ସମୁଦ୍ର ଆପଣଙ୍କୁ ପ୍ରଦାନ କରିଥିଲା" । (ହୟାତେ ଅହମଦ୍, ପ୍ରଥମ ଖଣ୍ଡ, ଦ୍ୱିତୀୟ ଭାଗ, ପୃଷ୍ଠା-୧୭୨-୧୭୩)

ଆଉ ଥରକର ଘଟଣା ଏପରି କି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ପାଲିଙ୍କିରେ ବସି କାଦିଆନ୍‌ରୁ ବଟାଲା ଯାତ୍ରା କରୁଥିଲେ ଏବଂ ଏ ଯାତ୍ରା ପାଲିଙ୍କି ଜରିଆରେ ପାଖାପାଖି ୫ଘଂଟାର ଯାତ୍ରା ଥିଲା । "ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କାଦିଆନ୍‌ରୁ ବାହାରିବା କ୍ଷଣି ନିଜ ପବିତ୍ର କୋରାନ୍‌କୁ ଖୋଲିଦେଲେ ଓ ସୁରଃ ଫାତିହାକୁ ପଢ଼ିବା ଆରମ୍ଭ କଲେ ଏବଂ ଲଗାତାର ପାଂଚଘଂଟା ପର୍ଯ୍ୟନ୍ତ ଏହି ସୁରଃକୁ ଏତେ ଧ୍ୟାନ ଓ ମଗ୍ନତାର ସହିତ ପଢ଼ି ଚାଲିଲେ କି ଯେପରି ତାହା ଗୋଟିଏ ବିଶାଳ ସମୁଦ୍ର, ଯାହାର ଗଭୀରତମ ପ୍ରଦେଶରେ ଆପଣ ନିଜର ଅନାଦି ପ୍ରେମିକର ପ୍ରେମ ଓ କରୁଣାର ମୋତିଗୁଡିକୁ ଖୋଜିବାରେ ଲାଗିପଡ଼ିଛନ୍ତି" । (ସିରତେ ତୟବା, ପୃଷ୍ଠା ନଂ-୧୧-୧୨, ବହଓ୍ୱାଲା ସିରତୁଲ୍ ମେହ୍‌ଦୀ, ଖଣ୍ଡ-୧, ଦ୍ୱିତୀୟ ଭାଗ, ପୃଷ୍ଠା-୩୯୫)

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ପବିତ୍ର କୋରାନ୍‌ର ସୌନ୍ଦର୍ଯ୍ୟ ବିଷୟରେ ବର୍ଣ୍ଣନା କରି ନିଜର ଏକ ମନ୍‌ଜୁମ୍ କଲାମ୍‌ରେ କହୁଛନ୍ତି:-

*ନୁରେ ଫୁର୍‌କାଁ ହୈ ଜୋ*
*ସବ୍ ନୁରୋଁ ସେ ଅଜ୍‌ଲା ନିକ୍‌ଲା*
*ପାକ୍ ୱହ୍ ଜିସ୍‌ସେ ୟେ*
*ଅନ୍‌ଓ୍ୱାର କା ଦରିୟା ନିକ୍‌ଲା*
*ହକ୍ କି ତଓ୍ୱହିଦ୍ କା ମୁର୍‌ଝା ହି*
*ଚଲା ଥା ପୌଦା*
*ନାଗାହାଁ ଗଏବ୍ ସେ ୟେ*
*ଚଶ୍‌ମାଏ, ଅସ୍‌ଫା ନିକ୍‌ଲା*
*ୟା ଇଲାହି ତେରା ଫୁର୍‌କାଁ ହୈ*
*କେଃ ଇକ୍ ଆଲ୍‌ମ୍ ହୈ*
*ଜୋ ଜରୁରୀ ଥା ୱହ୍ ସବ୍*
*ଇସ୍‌ମେ ମୁହୟା ନିକ୍‌ଲା*
*ସବ୍‌ଯାହାଁ ଛାନ୍ ଚୁକେ*
*ସାରି ଦୁକାନେଁ ଦେଖିଁ*
*ମଏ ଇର୍‌ଫାଁ କା ଯହି*
*ଏକ୍‌ହି ଶିଶା ନିକ୍‌ଲା*

ଆପଣ ଆ:ସଙ୍କୁ ପବିତ୍ର କୋରାନ୍ ସହିତ ଏତେମାତ୍ରାରେ ପ୍ରେମ ଥିଲା କି ତିଲାଓ୍ୱତ୍ କୁର୍‌ଆନ୍ କରିମ୍ ଶୁଣିବା ଦ୍ୱାରା ଆପଣଙ୍କ ମୁଣ୍ଡବ୍ୟଥା ଦୂର ହୋଇଯାଉଥିଲା । ସୁତରାଂ ସିରତୁଲ୍ ମେହ୍‌ଦୀରେ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ ବର୍ଣ୍ଣନା କରୁଛନ୍ତି:-

"ଡାଃ ମୀର୍ ମୁହମ୍ମଦ୍ ଇସ୍‌ମାଇଲ୍ ସାହେବ୍ ମୋତେ କହିଛନ୍ତି ଯେଉଁ ରାତି ଇଶା ସମୟ ପାଖାପାଖି ହୁସେନ୍ କାମି ସଫିରେ ରୋମ୍ (ରୋମ୍‌ର ରାଜଦୂତ) କାଦିଆନ୍ ଆସିଥିଲେ ସେହିଦିନ ନମାଜ ମଗ୍‌ରିବ୍ ପରେ ହଜ୍‌ରତ୍ ସାହେବ୍ (ମସିହ୍ ମଉଦ୍ ଆ:ସ) ମସ୍‌ଜିଦ୍ ମୁବାରକ୍‌ରେ ଲୋକମାନଙ୍କ ସହିତ ବସିଥିଲେ । ଅଚାନକ ଆପଣଙ୍କୁ ମୁଣ୍ଡବ୍ୟଥା ଆରମ୍ଭ ହୋଇଗଲା ଏବଂ ଆପଣ ଚଉକିରୁ ଓହ୍ଲାଇ ଚଟାଣ ଉପରେ ଗଡିଗଲେ ଏବଂ କିଛି ଲୋକ ଆପଣଙ୍କୁ ଦବାଇବାକୁ ଲାଗିଲେ କିନ୍ତୁ ହଜୁର୍ ସମସ୍ତଙ୍କୁ ମନା କରିଦେଲେ । ଯେତେବେଳେ ଅଧିକାଂଶ ଲୋକେ ସେଠାରୁ ଚାଲିଗଲେ ସେତେବେଳେ ଆପଣ ଆ:ସ ମୌଲବୀ ଅବ୍‌ଦୁଲ୍ କରିମ୍ ସାହେବ୍ ମରହୁମ୍‌ଙ୍କୁ

କହିଲେ କି କିଛି କୁରଆନ୍ ଶରିଫ୍ ପଢ଼ି ଶୁଣାଅ । ମୌଲବୀ ସାହେବ୍ ମରହୁମ୍ ବହୁ ସମୟ ପର୍ଯ୍ୟନ୍ତ ବହୁତ ସୁନ୍ଦର ସ୍ୱରରେ କୁରଆନ୍ ଶରିଫ୍ ଶୁଣାଇ ଚାଲିଲେ । ଏପରିକି ଆପଣ ଆ:ସଙ୍କ ମୁଣ୍ଡବ୍ୟଥା ଦୂର ହୋଇଗଲା" ।

(ସିର୍‌ତୁଲ୍ ମେହ୍‌ଦୀ, ପ୍ରଥମଖଣ୍ଡ, ପୃଷ୍ଠା-୪୩୯)

ଆପଣ ଆ:ସ ଯେବେ ମଧ୍ୟ ବହୁତ ସୁନ୍ଦର ସ୍ୱରରେ ତିଲାଓ୍ୱତେ କୋରାନ୍ ମଜିଦ୍ ଶୁଣୁଥିଲେ ଆପଣଙ୍କ ଆଖିରୁ ଲୁହ ଝରିପଡୁଥିଲା । ସୁତରାଂ ଆପଣଙ୍କର ଜଣେ ବିଶେଷ ଶିଷ୍ୟ ଓ ସମ୍ମାନିତ ବନ୍ଧୁ ହଜ୍‌ରତ୍ ମୁଫ୍‌ତି ମୁହମ୍ମଦ୍ ସାଦିକ୍ ସାହେବ୍ ପୂର୍ବତନ ଏଡ଼ିଟର୍ ବଦର୍ ଏବଂ ମୁଜାହିଦ୍ ଆମେରିକା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ କୋରାନ୍ ପ୍ରତି ଥିବା ପ୍ରେମର ଆଖିଦେଖା ଘଟଣାକୁ ବର୍ଣ୍ଣନା କରି କହୁଛନ୍ତି କି:-

"ଏକଦା ଆପଣ ଆ:ସ ଖୁଦାମ୍‌ଙ୍କ ସହିତ ସଏର୍ (ପଦଭ୍ରମଣ) କରିବା ପାଇଁ ଯାଉଥିଲେ ଏବଂ ସେତେବେଳେ ହାଜି ହବିବୁର୍ ରହେମାନ୍ ସାହେବ୍ ହାଜିପୁରାବାଲାଙ୍କ ଜ୍ୱାଇଁ କାଦିଆନ୍ ଆସିଥିଲେ । କେହିଜଣେ ହଜ୍‌ରତ୍ ସାହେବ୍‌ଙ୍କୁ କହିଲେ କି ହଜୁର୍ ଇଏ କୋରାନ୍ ଶରିଫ୍ ବହୁତ ଭଲ ପଢୁଛନ୍ତି । ହଜ୍‌ରତ୍ ସାହେବ୍ ସେହି ରାସ୍ତାର ଗୋଟିଏପଟେ ବସିପଡ଼ିଲେ ଏବଂ କହିଲେ କି କିଛି କୋରାନ୍ ପଢ଼ି ଶୁଣାଅ । ସୁତରାଂ ସେ କୋରାନ୍ ଶରିଫ୍ ଶୁଣାଇଲେ । ସେ ସମୟରେ ମୁଁ ଦେଖିଲି କି ଆପଣ ଆ:ସଙ୍କ ଆଖିରେ ଲୁହ ଭରିଗଲା । ଏବଂ ହଜ୍‌ରତ୍ ମୌଲବୀ ଅବଦୁଲ୍ କରିମ୍ ସାହେବ୍‌ଙ୍କ ଦେହାନ୍ତ ସମୟରେ ମୁଁ ବହୁତ ଧ୍ୟାନର ସହିତ ଦେଖିଛି କିନ୍ତୁ ମୁଁ ଆପଣ ଆ:ସଙ୍କୁ କାନ୍ଦିବାର ଦେଖିବାକୁ ପାଇଲି ନାହିଁ ଯେବେ କି ଆପଣଙ୍କୁ ମୌଲବୀ ସାହେବ୍‌ଙ୍କ ଦେହାନ୍ତ ହେବାଯୋଗୁ ବହୁତ ଦୁଃଖ ପହଂଚିଥିଲା । ଏ ଅଧମ କହୁଛି କି ଏହା ବିଲ୍‌କୁଲ୍ ଠିକ୍ କଥା ଯେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ବହୁତ କମ୍ କାନ୍ଦୁଥିଲେ । ଏବଂ ଆପଣଙ୍କୁ ନିଜ ଉପରେ ବହୁତ ଥିଲା ଏବଂ ଯଦି କେବେ ଆପଣ କାନ୍ଦୁଥିଲେ ମଧ୍ୟ ସେତେବେଳେ କେବଳ ଏତେମାତ୍ରାରେ କାନ୍ଦୁଥିଲେ କି ଏହାଦ୍ୱାରା ଆପଣଙ୍କ ଆଖି (ଲୁହ ଦ୍ୱାରା) ଭରିଯାଉଥିଲା । ଏହାଠାରୁ ଅଧିକା କାନ୍ଦିବାର କେବେ ଦେଖାଯାଇନାହିଁ" ।

(ସିର୍‌ତୁଲ୍ ମେହ୍‌ଦୀ, ପ୍ରଥମ ଖଣ୍ଡ, ପୃଷ୍ଠା-୩୯୩-୩୯୪)

ପବିତ୍ର କୋରାନ୍ ସହିତ କେବଳ ପ୍ରେମ ହିଁ ନଥିଲା ବରଂ ତାର ସେବା କରିବାର ଭାବନା ଏବଂ ଉତ୍ସାହ ଆପଣଙ୍କଠାରେ ନିହିତ ଥିଲା । ଗୋଟିଏପଟେ ଯେଉଁଠି ଆପଣ ଆ:ସ ସାରାଜୀବନ ପବିତ୍ର କୋରାନ୍ ସହିତ ପ୍ରେମର ପରିପ୍ରକାଶକୁ ନିଜ କର୍ମଦ୍ୱାରା କରି ଦେଖାଇଲେ ସେଠାରେ ଅନ୍ୟପଟେ ଆପଣ ଖିଦ୍‌ମତେ କୁରଆନ୍ (କୋରାନ୍ ସେବା)ରେ ସଦାସର୍ବଦା ଅଂଟା ଭିଡିଥିଲେ । ଏହି କାରଣ ଯୋଗୁ ଆପଣ ଆ:ସ ବାରମ୍ବାର ନିଜ ଅନୁଗାମୀମାନଙ୍କୁ ଖିଦ୍‌ମତେ କୁରଆନ୍ କରିବା ପାଇଁ ଉପଦେଶ ଦେଉଥିଲେ ଓ ସେହି ଲୋକମାନଙ୍କଠାରେ ଏହି ଭାବନା ସୃଷ୍ଟି କରିବା ପାଇଁ ଆପଣଙ୍କ ଭିତରେ ଏକ ବେଦନା ଭରି ରହିଥିଲା । ଯେପରିକି ଆପଣ ନିଜର ଗୋଟିଏ ଫାର୍ଶୀ ମନ୍‌ଜୁମ୍ କଲାମ୍‌ରେ କହୁଛନ୍ତି:-

*ଆଏ ବେଖବର୍ ବଖିଦ୍‌ମତ୍*
*କୁର୍‌ଆଁ କମର୍ ବବନ୍ଦ*
*ଜାଁ ପେଶ୍‌ତର୍ ବବାଙ୍ଗ୍*
*ବର୍‌ଆଏଦ୍ ଫଲାଁ ନମାନ୍ଦ*

ଅର୍ଥାତ୍ ହେ ଅଜ୍ଞାନ ! ପବିତ୍ର କୋରାନ୍‌ର ସେବା ନିମନ୍ତେ ଅଂଟା ଭିଡିଦିଅ । ଏହା ପୂର୍ବରୁ କି ଏ ଡାକ ଶୁଣାଯିବ ଯେ ଅମୁକ ବ୍ୟକ୍ତି ଏବେ ସଂସାରରେ ଆଉନାହିଁ । ସୁତରାଂ ଆପଣ ଆ:ସଙ୍କର ଏ ଆନ୍ତରିକ ଇଚ୍ଛା ଥିଲା କି ଆପଣଙ୍କୁ ମାନୁଥିବା ବ୍ୟକ୍ତିମାନେ କୋରାନ୍ ମଜିଦ୍‌ର ସେବା କରିବା ପାଇଁ ଲାଗିଯାଆନ୍ତୁ ଏବଂ କୋରାନ୍ ମଜିଦ୍ ସହିତ ଏପରି ପ୍ରେମ ଓ ସ୍ନେହ କରନ୍ତୁ ଯାହା ଆଉକାହା ସହିତ କରିନଥିବେ ଏବଂ ପ୍ରେମର ଏପରି ଶୈଳୀକୁ ଆପଣାଇ ନିଅନ୍ତୁ ଯାହାର ଦୃଷ୍ଟାନ୍ତ ଆପଣ ଆ:ସ ଦେଖାଇଛନ୍ତି ।

ଏପରି ତ ଉମ୍ମତେ ମୁହମ୍ମଦିଆରେ (ଅର୍ଥାତ୍ ମୁହମ୍ମଦ୍‌ଙ୍କ ସମ୍ପ୍ରଦାୟରେ) ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପୂର୍ବରୁ ପବିତ୍ର କୋରାନ୍ ସହିତ ପ୍ରେମ କରୁଥିବା ଅସଂଖ୍ୟ ଲୋକେ ଓ ପବିତ୍ର କୋରାନ୍‌ର ତଫସିର୍ (ବ୍ୟାଖ୍ୟା) ଲେଖିଥିବା ଲୋକେ ବହୁତ ଜନ୍ମ ହୋଇଛନ୍ତି କିନ୍ତୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପରି କୋରାନ୍ ପ୍ରେମୀ ଆଉକେହି ହୋଇପାରିବେ ନାହିଁ କାରଣ କୋରାନ୍ କରିମ୍‌ର ସୌନ୍ଦର୍ଯ୍ୟର ବୈଭବକୁ ଅଲ୍ଲାଃତାଲା ସ୍ୱୟଂ ନିଜ କରୁଣା ଅନ୍ତର୍ଗତ ଆପଣ ଆ:ସଙ୍କ ଉପରେ ପ୍ରକାଶ କରିଛନ୍ତି ଓ (ତା ଭିତରେ) ଲୁକ୍କାୟିତ ଥିବା ସତ୍ୟତା ଏବଂ ଜ୍ଞାନତତ୍ୱ ବିଷୟରେ ଏତଲା ଦେଇଛନ୍ତି ।

ଆପଣ ଆ:ସ ବହୁତଥର ନିଜ ଲେଖନୀ ଏବଂ ଭାଷଣ ଗୁଡିକରେ ନିଜର ପବିତ୍ର କୋରାନ୍ ସମ୍ବନ୍ଧୀୟ ଐଶ୍ୱରିକ ଜ୍ଞାନକୁ ଇସ୍‌ଲାମ୍‌ର ଓ୍ୱଲେମାଙ୍କ ସମ୍ମୁଖରେ ନିଜର ସତ୍ୟତା ନିମନ୍ତେ ଉପସ୍ଥାପନ କରିଛନ୍ତି । ସୁତରାଂ ଗୋଟିଏ ସ୍ଥାନରେ ହଜୁର୍ ଆ:ସ ଖୁଦାତାଲାଙ୍କ ତରଫରୁ ପ୍ରଦାନ କରାଯାଇଥିବା ଚାରୋଟି ନିଦର୍ଶନ (ଲକ୍ଷ୍ୟଣ) ବିଷୟରେ ଚର୍ଚ୍ଚା କରି କହୁଛନ୍ତି:-

(୧)ମୋତେ ପବିତ୍ର କୋରାନ୍‌ର ଚମତ୍କାରିତାର ପ୍ରତିବିମ୍ବରୂପେ ଆରବୀୟ ଉଚ୍ଚକୋଟୀର ସାହିତ୍ୟର ନିଶାନ୍ (ଚିହ୍ନ) ଦିଆଯାଇଛି । କେହି ନାହିଁ ଯିଏ ଏହାର ମୁକାବିଲା କରିପାରିବ । (୨)ମୋତେ ପବିତ୍ର କୋରାନ୍‌ର ସତ୍ୟତା (ଓ) ତତ୍ୱଜ୍ଞାନ ବର୍ଣ୍ଣନା କରିବାର ନିଦର୍ଶନ ଦିଆଯାଇଛି । କେହି ନାହିଁ ଯିଏ ଏହାର ମୁକାବିଲା କରିପାରିବ । (ଜରୁରତୁଲ୍ ଇମାମ୍, ରୁହାନି ଖଜାଏନ୍, ଖଣ୍ଡ-୧୩, ପୃଷ୍ଠା-୪୯୬)

ସୁରଃ ଫାତିହାର ଯେଉଁ ତଫସିର୍ ଆପଣ ଆ:ସ କରିଛନ୍ତି ଏବଂ ତାର ଯେଉଁ ତତ୍ୱଜ୍ଞାନ ଆପଣ ପ୍ରକାଶ କରିଛନ୍ତି ୧୪୦୦ ବର୍ଷ ମଧ୍ୟରେ ଏହାର ଦୃଷ୍ଟାନ୍ତ କେଉଁଠି ମିଳିପାରିବ ନାହିଁ । ଏ ସମ୍ବନ୍ଧରେ ସେହି ଚ୍ୟାଲେଞ୍ଜକୁ ଉଲ୍ଲେଖ କରିବା ଉଚିତ୍ ହେବ ଯାହାକୁ ହଜ୍‌ରତ୍ ଆ:ସ ଜୁଲାଇ ୧୯୦୦ ମସିହାରେ ପିର୍ ମେହ୍‌ର ଅଲୀ ଶାହ୍ ସାହେବ୍ ଗୋଲଡ଼ୁଭିକୁ ଦେଇଥିଲେ କି ଲାହୋରରେ ଗୋଟିଏ ଜଲ୍‌ସା କରି କୁରଆ ଅନ୍ଦାଜି (ଲଟେରୀ ଉଠାଣ) ଜରିଆରେ ପବିତ୍ର କୋରାନ୍‌ର ୪୦ଟି ଆୟତ ଚୟନ କରି ତାର ସତ୍ୟତା ଓ ତତ୍ୱଜ୍ଞାନକୁ ଉଚ୍ଚକୋଟୀର ସାହିତ୍ୟିକ ଆରବୀ ଭାଷା ଦ୍ୱାରା ୭ଘଂଟା ମଧ୍ୟରେ ଲେଖିବା ପାଇଁ ପ୍ରସ୍ତୁତ ହୋଇଯାଆନ୍ତୁ । ସେ ଏହି ମୁକାବିଲାର ନିମନ୍ତ୍ରଣକୁ ଗ୍ରହଣ ତ କଲେନାହିଁ । କିନ୍ତୁ ବିନା ଏତେଲାରେ ଲାହୋର୍ ପହଂଚି ମୁବାହିସା (ଯୁକ୍ତିତର୍କ)ର ସର୍ତ୍ତ ରଖିଦେଲା ଏବଂ ଫେରିଯାଇ କୋଳାହଳ କରିଦେଲା କି ଯିଏ ନିଜେ ନିମନ୍ତ୍ରଣ ଦେଇଥିଲେ ସେ ଲାହୋର୍ ପହଂଚିନାହିଁ ଏବଂ ପଳାଇଯାଇଛି ଇତ୍ୟାଦି ଇତ୍ୟାଦି ।

ହଜୁର୍ ଆ:ସ ତାର ଧୋକା ଓ ମୁକାବିଲା କରିବା କ୍ଷେତ୍ରରୁ ଲୁଚିଯିବା ବିଷୟରେ ସ୍ପଷ୍ଟ କରିବା ସହିତ ଘରେ ବସି ତଫସିର୍ ଲେଖିବା ପାଇଁ ମୁକାବିଲା କରିବା ପାଇଁ ନିମନ୍ତ୍ରଣ ଦେଲେ କି ୧୫ଡିସେମ୍ବର୍ ୧୯୦୦ ମସିହାଠାରୁ ନେଇ ୭୦ ଦିନ ପର୍ଯ୍ୟନ୍ତ ଉନ୍ନତ ସାହିତ୍ୟିକ ଆରବୀ ଭାଷାରେ ସୁରଃ ଫାତେହାର ତଫସିର୍ ଲେଖନ୍ତୁ । ଏଥିରେ ସେ ଆରବ ଏବଂ ଅଣଆରବ ଓ୍ୱଲେମାମାନଙ୍କର ମଧ୍ୟ ସାହାଯ୍ୟ ନିଅନ୍ତୁ ।

ଯଦି ଆ ମୁକାବିଲାରେ ତଫସିର୍ ଲେଖିବା ପରେ ଆରବର ତିନିଜଣ ପ୍ରସିଦ୍ଧ ସାହିତ୍ୟିକ ତାଙ୍କ ତଫସିର୍‌କୁ ଉଚ୍ଚକୋଟୀର ସାହିତ୍ୟ ଅଭିହିତ କରିଦେବେ ଏବଂ ତତ୍ୱଜ୍ଞାନରେ ପରିପୂର୍ଣ୍ଣ ବୋଲି ଭାବିନେବେ ତେବେ ମୁଁ ପାଂଚଶହ ଟଙ୍କା ନଗଦ ରାଶି ତାଙ୍କୁ ପୁରସ୍କାର ଦେବି ଓ ନିଜର ସମସ୍ତ ପୁସ୍ତକକୁ ଜଳାଇଦେବି ଓ ତାଙ୍କ ହାତରେ ବୟତ କରିନେବି କିନ୍ତୁ ଯଦି ଫଳ ଓଲଟା ବାହାରିଲା, ଏହି ସମୟ ମଧ୍ୟରେ ଅର୍ଥାତ୍ ୭୦ ଦିନ ମଧ୍ୟରେ ସେ କିଛି ବି ନଲେଖି ପାରିଲା ତେବେ ମୋତେ ଏପରି ଲୋକର ବୟତ ନେବାର ଆବଶ୍ୟକତା ନାହିଁ ଏବଂ ନା ଅର୍ଥ ପାଇବାର ଇଚ୍ଛା । କେବଳ ଏତିକି ଦେଖାଇବି କି ସେ (ନିଜକୁ) ପୀର୍ ବୋଲାଇ ଲଜ୍ଜାଜନକ ମିଛ କହିଛି ।

ପୁଣି ଏହି ଘୋଷଣା ମୁତାବକ ଅଲ୍ଲାଃତାଲାଙ୍କ ଫଜଲ୍ ଓ ବିଶେଷ ସାହାଯ୍ୟ ସହଯୋଗ ଦ୍ୱାରା ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସ ନିର୍ଦ୍ଧାରିତ ସମୟ ଭିତରେ ୨୩ ଫେବୃଆରୀ ୧୯୦୧ ମସିହାରେ 'ଏଜାଜୁଲ୍ ମସିହ୍' ନାମକ ଗୋଟିଏ ପୁସ୍ତକ ଆରବୀ ଭାଷାରେ ଉଚ୍ଚକୋଟୀର ସାହିତ୍ୟ ଦ୍ୱାରା ସୁରଃ ଫାତିହାର ତଫସିର୍ ପ୍ରକାଶ କରିଦେଲେ । ଯେବେ କି ପୀର ମେହେର୍ ଅଲୀ ଶାହ୍‌କୁ ଘରେ ବସି ମଧ୍ୟ ଆ ମୁକାବିଲାରେ ତଫସିର୍ ଲେଖିବା ପାଇଁ ଶକ୍ତି ମିଳିଲା ନାହିଁ ଏବଂ ଚୁପ୍ ହୋଇ ହାରିଯିବାକୁ ସ୍ୱୀକାର କରି ନିଜର ମୂର୍ଖତା ଓ ମିଥ୍ୟା ଉପରେ ମୋହର୍ ଲଗାଇଦେଲେ ।

ପୁଣି ଆପଣ ଆ:ସ ପବିତ୍ର କୋରାନ୍ ସମ୍ବନ୍ଧୀୟ ନିଜର ଐଶ୍ୱରିକ ଜ୍ଞାନକୁ ଅନେକ ଥର ଇସ୍‌ଲାମ୍‌ର ଓ୍ୱଲେମା ମାନଙ୍କ ସମ୍ମୁଖରେ ନିଜ ସଦାକତ୍ (ସତ୍ୟତା) ନିମନ୍ତେ ଉପସ୍ଥାପନ କରିଛନ୍ତି । ଏହାର ଏକ ଦୃଷ୍ଟାନ୍ତ ଆପଣଙ୍କ ରଚିତ ପୁସ୍ତକ ଅନ୍‌ଜାମେ ଆଥମ୍‌ରେ ମଧ୍ୟ ମିଳୁଅଛି । ଆପଣ ଆ:ସ କହୁଛନ୍ତି:- "ମୋ ବିରୋଧୀମାନେ ପବିତ୍ର କୋରାନ୍‌ର କୌଣସି ସୁରଃର ତଫସିର୍ ବର୍ଣ୍ଣନା କରନ୍ତୁ ଅର୍ଥାତ୍ ସାମ୍‌ନା ସାମ୍‌ନି ଗୋଟିଏ ଯାଗରେ ବସି ଗୁଲା ଉଠାଣ କରି ପବିତ୍ର କୋରାନ୍‌କୁ ଖୋଲାଯାଉ ଏବଂ ଯେଉଁ ସାତଗୋଟି ପ୍ରଥମ ଆୟତ ବାହାରିବ ତାର ତଫସିର୍ ମୁଁ ମଧ୍ୟ ଆରବୀ ଭାଷାରେ ଲେଖିବି ଓ ମୋ ବିରୋଧିମାନେ ମଧ୍ୟ (ସେହି ଆୟତ ଗୁଡ଼ିକର ତଫସିର) ଲେଖିବେ । ପୁଣି ଯଦି (ମୁଁ ସେହି ଆୟତ ଗୁଡ଼ିକର) ସତ୍ୟାସତ୍ୟ ଓ ତତ୍ୱଜ୍ଞାନକୁ ବର୍ଣ୍ଣନା କରିବାରେ ସ୍ପଷ୍ଟ ରୂପେ ବିଜେତା ନହେବି ତେବେ ପୁଣି (ଏହା ଜାଣିରଖ କି) ମୁଁ ହେଉଛି ମିଥ୍ୟାବାଦୀ" । (ଜମିମା ଅନ୍‌ଜାମେ ଆଥମ୍, ରୁହାନି ଖଜାଏନ୍, ଖଣ୍ଡ-୧୧, ପୃଷ୍ଠା-୩୦୪)

ସୁତରାଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଉପରେ ଅଲ୍ଲାଃତାଲା ପବିତ୍ର କୋରାନ୍‌ର ତତ୍ୱଜ୍ଞାନର ଗୋଟିଏ ଭଣ୍ଡାର ଖୋଲିଦେଇଥିଲେ । ସେଇଥିପାଇଁ ଆପଣ ଆ:ସ ପବିତ୍ର କୋରାନ୍‌ର ସତ୍ୟତାକୁ ଯେଉଁଭଳି ସଂସାର ସମ୍ମୁଖରେ ଉପସ୍ଥାପନ କରିଛନ୍ତି ଏବଂ ଯାହାକିଛି ଆପଣ ଆ:ସ ତା'ର ଉଚ୍ଚତମ ବୈଭବକୁ ପ୍ରକାଶ କରିବା ପାଇଁ ଚେଷ୍ଟା କରିଛନ୍ତି ତାହା ବାସ୍ତବରେ ପ୍ରଶଂସାଯୋଗ୍ୟ । ନିଜମାନଙ୍କ ବ୍ୟତୀତ ପରଲୋକେ ମଧ୍ୟ ଅନେକବାର୍ ଆପଣଙ୍କର ଏହି ଖିଦ୍‌ମତ୍‌କୁ ପ୍ରକାଶ କରିଛନ୍ତି । ସତକଥା ହେଉଛି ଏହା କି ଯେପରି ହଦିସ୍ ଶରିଫ୍‌ରେ ମସିହ୍ ମଉଦ୍‌ଙ୍କ ବିଷୟରେ ଆସିଛି ସେ କୁର୍‌ଆନ୍ (ଇମାନ୍)କୁ ନକ୍ଷତ୍ରରୁ ନେଇଆସିବେ । ଏହାର ଗୋଟିଏ ଦୃଶ୍ୟପଟକୁ ସଂସାରବାସୀ ଆପଣଙ୍କ ଅସ୍ତିତ୍ୱରେ ହିଁ ଦେଖିପାରିଲେ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ମାନବଜାତିକୁ ତା(କୋରାନ୍) ଶିକ୍ଷା ଉପରେ ପରିଚାଳିତ ହେବା ଓ ତାକୁ ପ୍ରେମ କରିବା ପାଇଁ ବାରମ୍ବାର ଉପଦେଶ ଦେଇଛନ୍ତି, ଯେପରିକି ଆପଣ ଆ:ସ ନିଜର ରଚିତ ପୁସ୍ତକ କଶ୍‌ତିନୂହ୍‌ର ଗୋଟିଏ ସ୍ଥାନରେ କହୁଛନ୍ତି:-

"ସୁତରାଂ ତୁମେ ସାବଧାନ ହୋଇଯାଅ ଏବଂ ଇଶ୍ୱରଙ୍କ ଶିକ୍ଷା ଓ ପବିତ୍ର କୋରାନ୍‌ର ଶିକ୍ଷାର ବିରୋଧରେ ଗୋଟିଏ ପାଦ ମଧ୍ୟ ଉଠାଓ ନାହିଁ । ମୁଁ ତୁମକୁ ସତ୍ୟ କହୁଅଛି କି

ଯେଉଁ ବ୍ୟକ୍ତି ପବିତ୍ର କୋରାନ୍‌ର ସାତଶହ ହୁକୁମ୍ (ନିର୍ଦ୍ଦେଶ) ମଧ୍ୟରୁ ଗୋଟିଏ ଛୋଟିଆ ହୁକୁମ୍‌କୁ ମଧ୍ୟ ଟାଳିଦିଏ ସେ ନଜାତ୍ (ମୋକ୍ଷ)ର ଦ୍ୱାରକୁ ନିଜ ହାତରେ ନିଜପାଇଁ ବନ୍ଦ୍ କରିଥାଏ। ବାସ୍ତବିକ ଏବଂ ସମ୍ପୂର୍ଣ୍ଣ ନଜାତ୍‌ର ମାର୍ଗ ପବିତ୍ର କୋରାନ୍ ହିଁ ଖୋଲି ଦେଇଛି (ଏତଦ୍‌ବ୍ୟତୀତ) ବାକି ସବୁ (ପୁସ୍ତକ)ଏହାର ପ୍ରତିବିମ୍ବ ଥିଲେ। ତେଣୁ ତୁମେ ପବିତ୍ର କୋରାନ୍‌କୁ ଗଭୀର ଅନୁଧ୍ୟାନର ସହିତ ପାଠ କର ଏବଂ ତାକୁ ବହୁତ ପ୍ରେମ କର। ଏପରି ପ୍ରେମ ଯାହା ତୁମେ କାହାକୁ କରିନଥିବ କାରଣ ଯେପରି ଇଶ୍ୱର୍ ମୋତେ ସମ୍ବୋଧନ କରି କହିଛନ୍ତି କି *ଅଲ୍‌ଖୈରୋ କୁଲ୍ଲୁହୁ ଫିଲ୍ କୁର୍‌ଆନ୍* ଅର୍ଥାତ୍ ସବୁ ପ୍ରକାରର ଉତମତା ପବିତ୍ର କୋରାନ୍‌ରେ ଭରି ରହିଛି ଓ ଏହା ହିଁ ହେଉଛି ସତ୍ୟ। ଏପରି ଲୋକମାନଙ୍କ ଉପରେ ଦୁଃଖ ଲାଗୁଛି ଯେଉଁମାନେ ଆଉ କାହାରିକୁ ଏହା ଉପରେ ଅଗ୍ରାଧିକାର ଦେଉଛନ୍ତି। ତୁମର ସମସ୍ତ ସଫଳତା ଓ ନଜାତ୍ (ମୋକ୍ଷ/ମୁକ୍ତି)ର ସ୍ରୋତ ପବିତ୍ର କୋରାନ୍‌ରେ ରହିଛି। ଏପରି କୌଣସି ଧର୍ମୀୟ ଆବଶ୍ୟକତା ତୁମର ନାହିଁ ଯାହା ପବିତ୍ର କୋରାନ୍‌ରେ ମିଳୁନଥିବ। ତୁମ ଇମାନ୍‌ର ସମର୍ଥକ ବା ଖଣ୍ଡନ କୟାମତ୍ ଦିନ ପବିତ୍ର କୋରାନ୍ କରିବ ଓ ପବିତ୍ର କୋରାନ୍ ବ୍ୟତୀତ ଆକାଶ ତଳେ ଆଉ କୌଣସି ପୁସ୍ତକ ନାହିଁ ଯିଏ କୋରାନ୍ ବ୍ୟତୀତ ପ୍ରତ୍ୟକ୍ଷ ରୂପେ ତୁମକୁ ହିଦାୟତ୍ ଦେଇପାରିବ। ଇଶ୍ୱର ତୁମ ଉପରେ ବହୁତ ଅନୁଗ୍ରହ କରିଛନ୍ତି କି ପବିତ୍ର କୋରାନ୍ ପରି ପୁସ୍ତକ ତୁମକୁ ପ୍ରଦାନ କରିଛନ୍ତି। ମୁଁ ତୁମକୁ ସତ୍ୟ କହୁଅଛି ଯେଉଁ ପୁସ୍ତକଟି ତୁମ ଉପରେ ପଢ଼ାଯାଇଛି ଯଦି ତାହା ଇସାଇମାନଙ୍କ ଉପରେ ପଢ଼ାଯାଇଥାଆନ୍ତା ତେବେ ସେମାନେ ହଲାକ୍ ହୋଇନଥାନ୍ତେ ଏବଂ ଏହି ନେମତ୍ (ପୁରସ୍କାର) ଏବଂ ହିଦାୟତ୍ ଯାହା ତୁମକୁ ଦିଆଯାଇଛି, ଯଦି ୟୁହୁଦୀମାନଙ୍କୁ ତୌରାତ୍ ଦିଆ ନଯାଇ ଏହା ଦିଆଯାଇଥାଆନ୍ତା ତେବେ ସେମାନଙ୍କ ମଧ୍ୟରୁ କିଛି ଫିର୍‌କା କୟାମତ୍‌ର ଅମାନ୍ୟକାରୀ ହୋଇନଥାନ୍ତେ। ତେଣୁ ଏହି ନେମତ୍‌ର ସମ୍ମାନ କର, ଯାହା ତୁମକୁ ଦିଆଯାଇଅଛି। ଏହା ହେଉଛି ଅତ୍ୟନ୍ତ ପ୍ରିୟ ନେମତ୍, ଏହା ବହୁତ ବଡ଼ ସମ୍ପତି, ଯଦି ପବିତ୍ର କୋରାନ୍ ନ ଆସିଥାନ୍ତା ତେବେ ସଂସାର ଗୋଟିଏ ଖରାପ ମାଂସ ପିଣ୍ଡୁଳା ପରି ରହିଥାଆନ୍ତା। ପବିତ୍ର କୋରାନ୍ ହେଉଛି ସେହି ପୁସ୍ତକ ଯାହା ସମ୍ମୁଖରେ ସମସ୍ତ ହିଦାୟତ୍ ହେଉଛି ନ୍ୟୁନ"। (କଶ୍‌ତିନୁହ୍, ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୨୬-୨୭)

ଏତଦ୍‌ବ୍ୟତୀତ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଜୀବନଚରିତର ଆଉଗୋଟିଏ ଅତୁଳନୀୟ ଦୃଷ୍ଟାନ୍ତ ଓ ଅନୁପମ ଚରିତ୍ର ହେଉଛି ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ପ୍ରେମ କରିବା। ଇଶ୍‌କେ ରସୁଲ୍ (ରସୁଲ ପ୍ରେମ) ସ:ଆ:ସ ଆପଣ ଆ:ସଙ୍କ ଆତ୍ମାର ଇନ୍ଧନ ଥିଲା। ସେଥିରୁ ହିଁ ଆପଣଙ୍କ ଅସ୍ତିତ୍ୱର ଖମିର୍ (ସତା) ଉଠାଗଲା ଓ ସେଇଥିରେ ହିଁ (ଆପଣ) ପ୍ରତିକ୍ଷଣ ଲୀନ ରହି ଆପଣଙ୍କ ଜୀବନର କ୍ଷଣକ୍ଷଣ ବିତିଲା। ଇଶ୍‌କେ ରସୁଲ୍ କ୍ଷେତ୍ରରେ ମଧ୍ୟ ଆପଣ ଆ:ସଙ୍କର ଅନୁପମ ପଦମର୍ଯ୍ୟାଦା ଥିଲା। ଯେପରିକି ଆପଣ ନିଜର ଗୋଟିଏ ପଦରେ ଲେଖୁଛନ୍ତି-

*ବାଦ୍ ଅଜ୍ ଖୁଦା ବଇଶ୍‌କେ*
*ମୁହମ୍ମଦ୍ ମୁଖମ୍ମରମ୍*
*ଗର୍ କୁଫ୍‌ର୍ ଇଁ ବୱଦ୍ ବଖୁଦା*
*ସଖ୍‌ତ୍ କାଫିରମ୍*

ଅର୍ଥାତ୍ ମୁଁ ଖୁଦାଙ୍କ ପରେ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କ ପ୍ରେମରେ ଲୀନ ହୋଇଯାଇଛି, ଯଦି ମୋର ଏହି ପ୍ରେମ କାହାଦୃଷ୍ଟିରେ କୁଫ୍‌ର୍ (ଅମାନ୍ୟକାରୀ) ତେବେ ଖୁଦାଙ୍କ ରାଣ ମୁଁ ହେଉଛି ଜଣେ ଭୀଷଣ କାଫିର୍।

ରସୁଲେ କରିମ୍ ସ:ଆ:ସଙ୍କ ସହିତ ଆପଣ ଆ:ସଙ୍କ ପ୍ରେମର ଦୃଷ୍ଟାନ୍ତ ଏପରି ଅଟେ କି ସଂସାରର କୌଣସି ବ୍ୟକ୍ତି ଅନ୍ୟ କେଉଁ ବ୍ୟକ୍ତିଙ୍କ ସହିତ ଏପରି ପ୍ରେମ କରିନାହାଁନ୍ତି, ଯେପରି ଏହି ରସୁଲ୍ ସ:ଆ:ସ ପ୍ରେମୀ କରିଛନ୍ତି ଏବଂ ଏହାର ଗୋଟିଏ ହିଁ କାରଣ ଥିଲା ତାହା ହେଉଛି ଏହା କି ଆପଣ ଆ:ସ ହୃଦୟ ଭିତରେ ବିଶ୍ୱାସ ରଖିଥିଲେ ଏବଂ ଆପଣଙ୍କୁ ଏହା ଦେଖାଇ ଦିଆଯାଇଥିଲା କି ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ପ୍ରେମ କରିବା ବିନା ପ୍ରକୃତ ପ୍ରୀୟତମ (ଅର୍ଥାତ୍ ଇଶ୍ୱର) ଙ୍କ ସହିତ ମିଶିବାର ଭାବନା କଳ୍ପନା କରିବା ବେକାର। ଏବଂ ଆପଣ ନିଜେ ଏହା ପରଖି ଜାଣିଥିଲେ କି ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସ ହେଉଛନ୍ତି ଇଶ୍ୱରଙ୍କର ଅନୁରୂପ ଏବଂ ସମ୍ପୂର୍ଣ୍ଣ ମାନବ। ସମସ୍ତ ସୌନ୍ଦର୍ଯ୍ୟ, ଉତମଗୁଣ, ପ୍ରେମପୂର୍ଣ୍ଣଭାବ, ସାହସିକତା ଏବଂ ଉତମ ବ୍ୟବହାର କରିବାରେ ପ୍ରାଣୀଜଗତ ମଧ୍ୟରେ କେହି ଉକ୍ତ ଇଶ୍ୱରପ୍ରେମୀଙ୍କ ସମସ୍କନ୍ଧ ନୁହଁନ୍ତି।

ଆପଣ ଆ:ସ କହୁଛନ୍ତି:-

*ଅଜ୍‌ବନି ଆଦମ୍ ଫଜୁଁ ତର୍‌ଦରେ ଜମାଲ୍*
*ଦଜ୍‌ଲାଲି ଖୁବ୍ ତର୍ ଦର୍ ଗୌହରେ*

ଅର୍ଥାତ୍ ଆପଣ ସ:ଆ:ସ ସୌନ୍ଦର୍ଯ୍ୟ ଏବଂ ଉତମ ଗୁଣାବଳୀରେ ସମସ୍ତ ଆଦମ୍‌ଙ୍କ ସନ୍ତାନଙ୍କଠାରୁ ବଳିକରି ଅଛନ୍ତି ଏବଂ ଚକ୍‌ଚକ୍ କରୁଥିବା ଓ ଝଲସୁଥିବା ପ୍ରତ୍ୟେକ ମୋତିଠାରୁ ବଳିକରି ଅଛନ୍ତି। ଆପଣ ଆ:ସ ଏହା ନିଶ୍ଚିତ ରୂପେ ଜାଣିଥିବେ କି ଯେଉଁଭଳି ଏହ୍‌ସାନ୍ (ଅନୁଗ୍ରହ) ମାନବ ଜାତି ଉପରେ ଆଁ ହଜ୍‌ରତ୍ ସ:ଆ:ସଙ୍କର ଅଛି (ସେପରି) ଅନ୍ୟ କୌଣସି ନବୀଙ୍କଠାରେ ନାହିଁ।

ସଚ୍ଚା ପ୍ରେମୀଙ୍କର ଗୋଟିଏ ଲକ୍ଷ୍ୟଣ ହେଉଛି ଏହା କି ପ୍ରେମୀ ସର୍ବଦା ନିଜ ପ୍ରିୟତମଙ୍କ ଗୁଣଗାନରେ ଲାଗିରହିଥାଏ। ଆପଣ ଆ:ସଙ୍କୁ ରସୁଲୁଲ୍ଲାଃ ସ:ଆ:ସଙ୍କ ମହାନ ବୈଭବର ଯେଉଁ ଜ୍ଞାନ ଅଲ୍ଲାଃତାଲା ପ୍ରଦାନ କରିଛନ୍ତି ତାହା ଆପଣଙ୍କ ପବିତ୍ର ହୃଦୟକୁ କିଛି ଏପରି ରସୁଲ୍ ପ୍ରେମର ଆବାସସ୍ଥଳୀ ବନାଇଦେଲା କି ରସୁଲୁଲ୍ଲାଃ ସ:ଆ:ସଙ୍କ ସ୍ମୃତିରେ ଆପଣଙ୍କର ଦିନ ରାତି ବିତୁଥିଲା ଏବଂ ସେହି ପ୍ରିୟତମଙ୍କ ଉପରେ ଦରୁଦ୍ ଏବଂ ସଲାମ୍ ପଢ଼ିବା ଆପଣ ଆ:ସଙ୍କ ଦିବାରାତ୍ରିର ୱ୍ଜିଫା (ଅଭ୍ୟାସ) ଥିଲା। ଏକଦା କେହିଜଣେ ଆପଣଙ୍କୁ ପଚାରିଲେ କି ଦରୁଦ୍ ଶରିଫ୍‌କୁ କିପରି ପଢ଼ିବା ଉଚିତ୍? ଦେଖନ୍ତୁ ଆପଣ ଆ:ସଙ୍କ କେଡେ ସୁନ୍ଦର ଉତର ଦେଲେ:- "ସେପର୍ଯ୍ୟନ୍ତ ପଢ଼ିବା ଉଚିତ୍ (ଯେପର୍ଯ୍ୟନ୍ତ) ଜିହ୍ୱା ଓଦା ନହୋଇଯାଇଛି" (ସିରତୁଲ୍ ମେହ୍‌ଦୀ, ଚତୁର୍ଥ ଭାଗ, ପୃଷ୍ଠା-୧୫୬)

ପୁଣି ଦରୁଦ୍ ଶରିଫ୍ ସମ୍ବନ୍ଧରେ ନିଜର ଗୋଟିଏ ଅନୁଭବର ବର୍ଣ୍ଣନା ଆପଣ ଆ:ସ ଏଭଳି କରୁଛନ୍ତି:-

"ଗୋଟିଏ ରାତି ଏ ଅଧମ ଏତେ ମାତ୍ରାରେ ଦରୁଦ୍ ଶରିଫ୍ ପଢ଼ିଲା ଯେ ହୃଦୟ ଓ ମନ ଏହାଦ୍ୱାରା ସୁଗନ୍ଧିତ ହୋଇଗଲା। ସେହି ରାତିରେ ସ୍ୱପ୍ନ ଦେଖିଲି ଯେ ଆପଣ (ଶହଶହ) ଦାମ୍ଭିକ ରୂପରେ ଜ୍ୟୋତିର କଳସି ଏହି ଅଧମର ଘରକୁ ନେଇଆସୁଛନ୍ତି ଓ ସେମାନଙ୍କ ମଧ୍ୟରୁ ଜଣେ କହିଲେ କି ଏହା ହେଉଛି ସେହି ବର୍‌କାତ୍ (ବୈଭବ) ଯାହାକୁ ତୁମେ ମୁହମ୍ମଦ୍‌ଙ୍କ ପାଇଁ ପ୍ରେରଣ କରିଥିଲ"। (ବରାହିନେ ଅହେମଦୀୟା, ରୁହାନି ଖଜାଏନ୍, ଖଣ୍ଡ-୧, ପୃଷ୍ଠା-୫୯୮)

ଥରକର ଘଟଣା ଏପରିକି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜ ଘର ସହିତ ସଂଲଗ୍ନ ଥିବା ଛୋଟ ମସ୍‌ଜିଦ୍‌ରେ, ଯାହାକୁ ମସ୍‌ଜିଦ୍ ମୁବାରକ୍ କୁହାଯାଏ (ସେଠାରେ) ଏକୁଟିଆ ଟହଲୁଥିଲେ ଓ ଧିରେଧିରେ କିଛି ଗୁଣୁଗୁଣାଉଥିଲେ। ତତ୍ ସହିତ ଆପଣ ଆ:ସଙ୍କ ଆଖିରୁ ଅଶ୍ରୁଧାରା ବହିଚାଲୁଥିଲା। ସେହି ସମୟରେ ଜଣେ ନିଷ୍ଠାବାନ୍ ବନ୍ଧୁ ବାହାରୁ ଆସି (ଯେତେବେଳେ) ଶୁଣିଲେ କି ଆପଣ ଆ:ସ ଆଁ ହଜ୍‌ରତ୍ ସ:ଆ:ସଙ୍କ ସାହାବୀ ହଜ୍‌ରତ୍ ହସାନ୍ ବିନ୍ ସାବିତ୍ ର:ଅଙ୍କ ଗୋଟିଏ ଶେର୍ (ପଦ) ପଢୁଥିଲେ ଯାହାକୁ ସେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଦେହାନ୍ତ ପରେ କହିଥିଲେ ଏବଂ ସେହି ପଦଟି ହେଉଛି ଏପରି:-

*କୁନ୍‌ତସ୍, ସୱାଦା ଲିନାଜିରି*
*ଫଅମିୟ ଆଲୈକନ୍ ନାଜିରୁ*
*ମନ୍‌ଶାଆ ବାଦକା ଫଲ୍*
*ୟମୁତ୍ ଫଆଲୈକା କୁନ୍‌ତୁ ଉହାଜିରୁ*
(ଦିୱାନ୍ ହସାମ୍ ବିନ୍ ସାବିତ୍ ର:ଅ)

ଅର୍ଥାତ୍ ହେ ଖୁଦାଙ୍କ ପ୍ରିୟ ରସୁଲ୍! ତୁମେ ମୋ ଆଖିର ଡୋଳା ଥିଲ ଯାହା ଆଜି ତୁମ ଦେହାନ୍ତ ହେବାଯୋଗୁ ଅନ୍ଧ ହୋଇଗଲା। ଏବେ ତୁମପରେ ଯିଏ ଚାହୁଁ ମରୁ। ମୋତେ ତ କେବଳ ତୁମ ମୃତ୍ୟୁର ଡର ଥିଲା ଯାହା ହୋଇସାରିଛି।

ରାଭି ବର୍ଣ୍ଣନା କରୁଛନ୍ତି କି ଯେତେବେଳ ମୁଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଏପରି କାନ୍ଦିବା ଅବସ୍ଥାରେ ଦେଖିଲି ଏବଂ ସେ ସମୟରେ ଆପଣ ଆ:ସ ମସ୍‌ଜିଦ୍‌ରେ ବିଲ୍‌କୁଲ୍ ଏକୁଟିଆ ପଦଚାରଣ କରୁଥିଲେ ସେତେବେଳେ ମୁଁ ବ୍ୟସ୍ତ ହୋଇ ଘାବରାଇ କହିଲ କି ହଜ୍‌ରତ୍! କଣ କଥା ଏବଂ ହଜୁର୍‌କୁ କି ଦୁଃଖ ପହଂଚିଛି? ଏଥିରେ ହଜୁର୍ ଆ:ସ କହିଲେ- ମୁଁ ବର୍ତମାନ ହସାନ୍ ବିନ୍ ସାବିତ୍‌ଙ୍କ ଏହି ପଦଟି ପଢୁଥିଲି କି ମୋ ମନ ଭିତରୁ ଏ ଇଛା ସୃଷ୍ଟି ହେଉଥିଲା କି କାଳେ ଏହି ପଦଟି ମୋ ମୁହଁରୁ ବାହାରିଥାଆନ୍ତା କି (ଅର୍ଥାତ୍ ଏହି ପଦର ରଚନା ମୁଁ କରିପାରିଥାଆନ୍ତି)।

ଏ ସଂସାର ଜାଣିଛି ଯେ ଆପଣ ଆ:ସଙ୍କ ଉପରେ କଷ୍ଟରୁ କଷ୍ଟତର ସମୟ ଆସିଛି। ଆପଣ ପ୍ରତ୍ୟେକ ପ୍ରକାରର ଦୁଃଖ, କଷ୍ଟକୁ ଦେଖିଛନ୍ତି ଏବଂ ପ୍ରକାର ପ୍ରକାରର ବିପତିକୁ ଧୈର୍ଯ୍ୟର ସହିତ ସାମ୍‌ନା କରିଛନ୍ତି। ବିରୋଧିମାନଙ୍କ ତରଫରୁ ଭୀଷଣ ଦୁଃଖ, କଷ୍ଟ ଆପଣଙ୍କୁ ପହଂଚିଛି ଏପରିକି ହତ୍ୟା ଷଡଯନ୍ତ୍ରର ମୋକଦ୍ଦମା ମଧ୍ୟ ଆପଣଙ୍କ ଉପରେ କରାଯାଇଛି। ସନ୍ତାନ, ପ୍ରିୟଜନ, ବନ୍ଧୁବାନ୍ଧବ ଏବଂ ନିଜ ଉପରେ ଉତ୍ସର୍ଗ ହେଉଥିବା ଲୋକମାନଙ୍କର ମୃତ୍ୟୁର ଦୃଶ୍ୟ ମଧ୍ୟ ଆପଣଙ୍କୁ ଦେଖିବାକୁ ମିଳିଛି କିନ୍ତୁ କେବେ ମଧ୍ୟ ଆପଣଙ୍କ ଆଖିରୁ ଅଶ୍ରୁ ବୋହିନାହିଁ କିନ୍ତୁ ଏକାନ୍ତରେ ନିଜ ପ୍ରିୟ ଆକା ରସୁଲୁଲ୍ଲାଃ ସ:ଆ:ସଙ୍କ ଦେହାନ୍ତ ସମ୍ବନ୍ଧରେ ଥିବା ଏହି ପ୍ରେମପୂର୍ଣ୍ଣ ପଦଟିକୁ ମନେପକାଇ ଆପଣ ଆ:ସଙ୍କ ଆଖିରୁ ବନ୍ୟାସ୍ରୋତ ସଦୃଶ ଲୁହ ବହିପଡ଼ିଲା ଏବଂ ଆପଣ ଆ:ସଙ୍କର ମନରେ ଥିବା ଅଭିଳାସା ଉଛୁଳି ବାହାରକୁ ଆସିଗଲା କି କାଳେ ଏହି ପଦଟି ମୋ ମୁହଁରୁ ବାହାରିଥାଆନ୍ତା! (ସିରତେ ତୟବା, ପୃଷ୍ଠା-୨୨-୨୩)

ଏହି ଘଟଣାରୁ ଆମକୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିଜ ପ୍ରିୟ ଆକା ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ଥିବା ପ୍ରକୃତ ପ୍ରେମ ଖୁବ୍ ଜଣାପଡୁଛି। ଏକଥା ହେଉଛି ଗୋଟିଏ ବାସ୍ତବିକ୍ କଥା ଯାହାକୁ ବିନା ଦ୍ୱିଧାରେ କୁହାଯାଇପାରିବ କି ପ୍ରେମ ଓ ଭଲପାଇବାରେ ଯେଉଁ ଉଚ୍ଚ ପଦମର୍ଯ୍ୟାଦା ରସୁଲୁଲ୍ଲାଃ ସ:ଆ:ସଙ୍କ ସଚ୍ଚା ପ୍ରେମୀ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ହାସଲ ହୋଇଥିଲା ତାହା ଅତୁଳନୀୟ। ଆପଣ ଆ:ସଙ୍କ ଲେଖନୀରୁ ମଧ୍ୟ ଇଶ୍‌କେ ମୁହମ୍ମଦି (ରସୁଲ୍ ପ୍ରେମ)ର ସୁଗନ୍ଧ ଆସୁଅଛି। ଆପଣଙ୍କର ପ୍ରତ୍ୟେକ ଭାବଭଙ୍ଗୀରେ ମୁହମ୍ମଦ୍ ସ:ଆ:ସଙ୍କ ସୌନ୍ଦର୍ଯ୍ୟର ପ୍ରତିବିମ୍ବ ଦୃଷ୍ଟିଗୋଚର ହୋଇଥାଏ। ପ୍ରେମ, ସ୍ନେହ ଏବଂ ଉତ୍ସର୍ଗର ଏପରି ମନମୋହିନୀ ଭାବଭଙ୍ଗୀ ଆପଣଙ୍କ ଜୀବନରେ ଦୃଷ୍ଟିଗୋଚର ହୋଇଥାଏ କି ମନୁଷ୍ୟ ଆଶ୍ଚର୍ଯ୍ୟଚକିତ ହୋଇଯାଇଥାଏ। ଆପଣ ଆ:ସ ଆଁ ହଜ୍‌ରତ୍ ସ:ଆ:ସଙ୍କ ପ୍ରେମରେ ମଗ୍ନ ହୋଇ ହଜୁର୍ ସ:ଆ:ସଙ୍କ ପ୍ରଶଂସାରେ କହୁଛନ୍ତି-

*ଜିସ୍‌ମି ୟତିରୁ ଇଲୈକା*
*ମିନ୍ ଶୌକିନ୍ ଅଲା*
*ୟା ଲୈତା କାନତ୍ କୁୱ୍‌ୱତୁତ୍ ତୈରାନୀ*

ଅର୍ଥାତ୍ ହେ ମୋର ପ୍ରିୟତମ! ମୋ ଆତ୍ମା ତ କେବେଠାରୁ ତୁମର ହୋଇସାରିଛି। ବର୍ତମାନ ମୋ ଶରୀର ମଧ୍ୟ ତୁମ ନିକଟକୁ

ଉଡିଯିବାକୁ ଚାହୁଁଛି । କାଳେ ! ମୋ ଠାରେ ଉଡିବା ପାଇଁ ଶକ୍ତି ଥାଆନ୍ତା !

ପ୍ରେମର ଧାର୍ଯ୍ୟଫଳ କୁର୍ବାନୀ, ଉତ୍ସର୍ଗ ଏବଂ ସ୍ୱାଭୀମାନ୍ ରୂପରେ ପ୍ରକାଶ ହୋଇଥାଏ ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିକଟରେ ଏ ଭାବନା ସମ୍ପୂର୍ଣ୍ଣ ରୂପେ ଭରିରହିଥିଲା । ଗୋଟିଏ ସ୍ଥାନରେ ଇସାଇ ପାଦ୍ରୀମାନଙ୍କର ଉକ୍ତ ମିଥ୍ୟା ଓ ଅପବିତ୍ର ଆରୋପ ବିଷୟରେ ଯାହା ସେମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ପବିତ୍ର ଅସ୍ତିତ୍ୱ ସମ୍ବନ୍ଧରେ (ଆରୋପ) ଲଗାଉଛନ୍ତି, ତାହାର ଚର୍ଚ୍ଚା କରି ଆପଣ ଆ:ସ କହୁଛନ୍ତି:-

"ଇସାଇ ମିସିନାରୀମାନେ ଆମର ରସୁଲ୍ ସ:ଆ:ସଙ୍କ ଖିଲାଫ୍‌ରେ ଅଗଣତି ମିଥ୍ୟାରୋପ ରଚନା କରିଛନ୍ତି ଓ ସେମାନଙ୍କର ଏହି ଘୃଣ୍ୟ କାର୍ଯ୍ୟ ଜରିଆରେ ବହୁ ସଂଖ୍ୟକ ଲୋକ ପଥଭ୍ରଷ୍ଟ ହୋଇଯାଇଛନ୍ତି । ମୋ ହୃଦୟକୁ କୌଣସି ବସ୍ତୁ କେବେ ଏତେ ମାତ୍ରାରେ ଦୁଃଖ ପହଂଚାଇ ନାହିଁ ଯେତେମାତ୍ରାରେ ଉକ୍ତ ଲୋକମାନଙ୍କର ଥଟ୍ଟା ପରିହାସ ପହଂଚାଇଛି, ଯାହା ସେମାନେ ଆମ ରସୁଲ୍ ସ:ଆ:ସଙ୍କ ପାଇଁ କହିଛନ୍ତି..... ଖୁଦାଙ୍କ ରାଣ ଯଦି ମୋର ସବୁ ସନ୍ତାନ ଏବଂ ସନ୍ତାନଙ୍କର ସନ୍ତାନ ଏବଂ ମୋର ସମସ୍ତ ବନ୍ଧୁବାନ୍ଧବ ଏବଂ ମୋର ସମସ୍ତ ସାହାଯ୍ୟକାରୀ ଓ ସହଯୋଗୀମାନଙ୍କୁ ମୋ ଆଖି ସମ୍ମୁଖରେ ହତ୍ୟା କରିଦିଆଯାଏ ଓ ମୋ ନିଜର ହାତଗୋଡକୁ କାଟିଦିଆଯାଏ ଓ ମୋ ଆଖିର ଡୋଳାକୁ ବାହାର କରି ଫିଙ୍ଗି ଦିଆଯାଏ ଓ ମୋତେ ମୋର ସମସ୍ତ ଇଛା ଓ ଅଭିଳାସାରୁ ବଂଚିତ କରିଦିଆଯାଏ ଓ ନିଜର ସମସ୍ତ ଖୁସି ଓ ସବୁ ପ୍ରକାରର ସୁବିଧାକୁ ହରାଇ ବସେ । ଏ ସମସ୍ତ କଥାର ମୁକାବିଲାରେ ରସୁଲେ କରିମ୍ ସ:ଆ:ସଙ୍କ ଉପରେ ଏପରି ଅପବିତ୍ର ଆକ୍ରମଣ କରାଯିବା ମୋ ପାଇଁ ଅତ୍ୟନ୍ତ ଦୁଃଖଦାୟକ ଅଟେ । ସୁତରାଂ ହେ ମୋର ସ୍ୱର୍ଗୀୟ ଆକା ! ତୁମେ ଆମ ଉପରେ ନିଜର କରୁଣା ଏବଂ ସାହାଯ୍ୟ ସହଯୋଗର ଦୃଷ୍ଟି ଦିଅ ଏବଂ ଆମକୁ ଏପରି ମହାନ୍ ବିପତିରୁ ମୁକ୍ତି ପ୍ରଦାନ କର" । (ସିରତେ ତୟବା, ପୃଷ୍ଠା-୩୫-୩୬)

ସେହିପରି ଆଉ ଏକ ସ୍ଥାନରେ ଆପଣ ଆ:ସ ନିଜର ମୁନୀବ ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ସହିତ ପ୍ରେମଭାବର ପରିପ୍ରକାଶ କରି ଗୋଟିଏ ପଦରେ କହୁଛନ୍ତି:-

*ୱହ୍ ପେଶୱା ହମାରା*
*ଜିସ୍ ସେ ହୈ ନୁର୍ ସାରା*
*ନାମ୍ ଉସ୍‌କା ହୈ ମୁହମ୍ମଦ୍*
*ଦିଲ୍‌ବର୍ ମେରା ୟେହି ହୈ*
*ଉସ୍ ନୁର୍ ପର ଫିଦା ହୁଁ*
*ଉସ୍‌କା ହି ମୈଁ ହୁଆ ହୁଁ*
*ୱହ୍ ହୈ ମୈଁ ଚିଜ୍ କ୍ୟା ହୁଁ*
*ବସ୍ ଫୈସ୍‌ଲା ୟେହି ହୈ*

ମଣିଷର ଲେଖନୀ ତା ମନୋଭାବର ଉତମ ପ୍ରତିଫଳକ ହୋଇଥାଏ । ଆପଣ ଆ:ସଙ୍କ ଆତ୍ମା ସନ୍ତୋଷ ପ୍ରଦାନକାରୀ ଏବଂ ଜ୍ଞାନବର୍ଦ୍ଧକ ଲେଖନୀ ମଧ୍ୟରୁ କିଛି ନମୁନା ଉପସ୍ଥାପନ କରାଯାଉଛି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜ ପ୍ରିୟ ଆକା ମୁହମ୍ମଦ୍ ଆରବୀ ସ:ଆ:ସଙ୍କ ସମ୍ବନ୍ଧରେ କହୁଛନ୍ତି:-

"ସେହି ଉଚ୍ଚସ୍ତରର ଜ୍ୟୋତି ଯାହା ମନୁଷ୍ୟକୁ ପ୍ରଦାନ କରାଯାଇଛି ଅର୍ଥାତ୍ ପୁର୍ଣ୍ଣମାନବକୁ ତାହା ମଲାଇକ୍ (ଦେବଦୂତ)ଙ୍କ ଠାରେ ନଥିଲା, ନକ୍ଷତ୍ରଙ୍କ ଠାରେ ନଥିଲା, ଚନ୍ଦ୍ରରେ ନଥିଲା, ସୂର୍ଯ୍ୟରେ ମଧ୍ୟ ନଥିଲା ତାହା ପୃଥିବୀର ସମୂଦ୍ର ଭିତରେ ଓ ନଦୀ ମଧ୍ୟରେ ମଧ୍ୟ ନଥିଲା ତାହା ଲାଲ୍, ୟାକୁତ୍, ଜମ୍‌ରୁଦ୍, ଅଲ୍‌ମାସ୍ (ଏହି ସମସ୍ତ ମୂଲ୍ୟବାନ୍ ପଥରରେ) ଏବଂ ମୋତିରେ ମଧ୍ୟ ନଥିଲା । ସୁତରାଂ ତାହା କୌଣସି ପାର୍ଥିବ ଓ ଆକାଶୀୟ (ବସ୍ତୁ) ମଧ୍ୟରେ ନଥିଲା । କେବଳ ମନୁଷ୍ୟ ମଧ୍ୟରେ ହିଁ ଥିଲା ଅର୍ଥାତ୍ ଇନ୍‌ସାନେ କାମିଲ୍ (ପୁର୍ଣ୍ଣ ମାନବ)ଠାରେ, ଯିଏ ହେଉଛନ୍ତି ପୁର୍ଣ୍ଣ, ଉତମ ଏବଂ ସର୍ବୋଚ୍ଚ ବ୍ୟକ୍ତି (ଅର୍ଥାତ୍) ଆମ୍ଭ ସୟଦ୍ (ସର୍ଦ୍ଦାର) ଓ ମୌଲା ସୟଦୁଲ୍ ଅମ୍ବିୟା ସୟଦୁଲ୍ ଅହ୍‌ୟା ମୁହମ୍ମଦ୍ ମୁସ୍ତଫା ସ:ଆ:ସ ଅଟନ୍ତି" । (ଆଇନା କମାଲାତେ ଇସ୍‌ଲାମ୍, ରୁହାନି ଖଜାଏନ୍, ଖଣ୍ଡ-୫, ପୃଷ୍ଠା-୧୬୦)

ସେହିପରି ଆପଣ ଆ:ସ ଆଉଗୋଟିଏ ସ୍ଥାନରେ କହୁଛନ୍ତି କି ଆଁ ହଜ୍‌ରତ୍ ସ:ଆ:ସଙ୍କ ସହୃଦୟତାର ସହିତ ଅନୁସରଣ କରିବା ମନୁଷ୍ୟକୁ ଖୁଦାଙ୍କ ପ୍ରିୟତମ ବନାଇଦିଏ ।

"ଅଲ୍ଲାଃତାଲା ନିଜ ସହିତ ପ୍ରେମ କରିବା ପାଇଁ ଏକଥା ସର୍ତ ରଖିଛନ୍ତି କି ଏପରି ବ୍ୟକ୍ତି ଆଁ ହଜ୍‌ରତ୍ ସ:ଆ:ସଙ୍କ ଅନୁସରଣ କରୁ । ସୁତରାଂ ମୋର ଏହା ନିଜସ୍ୱ ଅନୁଭବ କି ଆଁ ହଜ୍‌ରତ୍ ସ:ଆ:ସଙ୍କ ସହୃଦୟତାର ସହିତ ଅନୁସରଣ କରିବା ଓ ଆପଣଙ୍କ ସହିତ ପ୍ରେମଭାବ ରଖିବା ଦ୍ୱାରା ପରିଶେଷରେ ମନୁଷ୍ୟକୁ ଖୁଦାଙ୍କ ପ୍ରିୟତମ କରିଦିଏ । ସେହିପରି ସେ ନିଜେ ତା ହୃଦୟରେ ଇଶ୍ୱରପ୍ରେମର ଗୋଟିଏ ବେଦନା ସୃଷ୍ଟି କରିଦିଏ । ସେତେବେଳେ ଏପରି ବ୍ୟକ୍ତି ପ୍ରତ୍ୟେକ ବସ୍ତୁଠାରୁ ମୁହଁ ଫେରାଇ ନେଇ ଇଶ୍ୱରଙ୍କ ଆଡକୁ ଢ଼ଳିଯାଏ ଓ ତା'ର ପ୍ରେମ କେବଳ ଇଶ୍ୱରଙ୍କ ଠାରେ ହିଁ ବାକି ରହିଯାଏ । ସେତେବେଳେ ଐଶ୍ୱରିକ ପ୍ରେମର ଗୋଟିଏ ବିଶେଷ ଜ୍ୟୋତି ତା ଉପରେ ପଡ଼ିଥାଏ ଓ ତାକୁ ସମ୍ପୂର୍ଣ୍ଣ ରୂପେ ପ୍ରେମପୁର୍ଣ୍ଣ ଭାବର ଶକ୍ତିଶାଳୀ ଉତ୍ସାହ ପ୍ରଦାନ କରି ନିଜ ଆଡକୁ ଟାଣି ନେଇଥାଏ । ତେବେ ଯାଇ (ମନୁଷ୍ୟ) ମନୋଭାବ ଉପରେ ତାହା ବିଜୟ ପ୍ରାପ୍ତ କରେ । ଏବଂ ତା'ର ସାହାଯ୍ୟ ସହଯୋଗ ଏବଂ ଅନୁଦାନ ଦ୍ୱାରା ପ୍ରତ୍ୟେକ ପାର୍ଶ୍ୱରୁ ଇଶ୍ୱରଙ୍କ ଚମତ୍କାରୀ କାର୍ଯ୍ୟ ନିଦର୍ଶନ ରୂପେ ପ୍ରକାଶ ହୁଏ" । (ହକିକତୁଲ୍ ୱହି, ରୁହାନି ଖଜାଏନ୍, ଖଣ୍ଡ-୨୨, ପୃଷ୍ଠା-୬-୭)

ବାସ୍ତବିକ ପ୍ରେମ କସ୍ତୁରୀ ସଦୃଶ ହୋଇଥାଏ ଯାହାକୁ ଲୁଚାଇଲେ ମଧ୍ୟ ସେ ଲୁଚିପାରେନାହିଁ । ପ୍ରତ୍ୟେକ ବ୍ୟକ୍ତି ତାହା ଦେଖିଥାଏ ଓ ଅନୁଭବ କରିଥାଏ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ନିଜର ପ୍ରିୟ ଆକା ଏବଂ ମୌଲା ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ସହିତ ଯେଉଁ ସଚ୍ଚା ପ୍ରେମ ଥିଲା ତା'ର ସାକ୍ଷୀ ବହୁତ ଅଛନ୍ତି । ମଲାଏ ଆଲା (ଦିବ୍ୟଲୋକରେ ଥିବା ଦେବଦୂତମାନେ) ଏହାର ସାକ୍ଷୀ ଦେଇଛନ୍ତି । ନିଜ ଲୋକମାନେ ମଧ୍ୟ ସାକ୍ଷୀ ଅଛନ୍ତି ଓ ଅନ୍ୟ ଲୋକମାନେ ମଧ୍ୟ ଏହାକୁ ସ୍ୱୀକାର କରିଛନ୍ତି ଯେପରିକି ଆପଣ ଆ:ସ କହୁଛନ୍ତି:-

"ଏକଦା ଏଲ୍‌ହାମ୍ (ସ୍ୱର୍ଗବାଣୀ) ହେଲା, ଯାହାର ଅର୍ଥ ଏପରି ଥିଲା କି ଦିବ୍ୟଲୋକର ଅଧିବାସୀ ଦ୍ୱନ୍ଦରେ ପଡିଯାଇଛନ୍ତି ଅର୍ଥାତ୍ ଇଶ୍ୱରଙ୍କର ଇଛା ଧର୍ମକୁ ଜୀବନ୍ତ କରିବା ପାଇଁ ଉତ୍ସାହିତ ରହିଛି କିନ୍ତୁ ଏବେ ଯାଏ ଦିବ୍ୟଲୋକରେ (ଜଣେ) ଅନୁପ୍ରାଣକ ବ୍ୟକ୍ତି ନିର୍ଦ୍ଧାରଣ ହୋଇପାରିନାହିଁ । ସେଥିପାଇଁ ସେମାନେ ଦ୍ୱନ୍ଦରେ ପଡ଼ିଛନ୍ତି । ଏତିକିବେଳେ ସ୍ୱପ୍ନରେ ମୁଁ ଦେଖିଲି କି ଲୋକେ ଜଣେ ମୁହ୍‌ଇ (ଅନୁପ୍ରାଣକ/ଜୀବନଦାତା)ଙ୍କୁ ଖୋଜିବାରେ ଏଣେତେଣେ ଘୁରି ବୁଲୁଛନ୍ତି, ଓ ଜଣେ ବ୍ୟକ୍ତି ଏ ଅଧମ ସମ୍ମୁଖରେ ଆସି ଇସାରା ଦ୍ୱାରା କହିଲା - *ହାଜା ରଜୁଲୁନ୍ ୟୁହିବ୍‌ବୁ ରସୁଲଲ୍ଲାଃ* ଅର୍ଥାତ୍ ଇଏ ହେଉଛନ୍ତି ସେହି ବ୍ୟକ୍ତି ଯିଏ ରସୁଲଲ୍ଲାଃଙ୍କୁ (ଅତ୍ୟନ୍ତ) ଭଲପାଉଛି ଏବଂ ସେ କଥାର ଅର୍ଥ ଏହା ଥିଲା କି ଏହି ପଦବୀ ପାଇଁ ସବୁଠାରୁ ବଡ ସର୍ତ ହେଉଛି ରସୁଲ୍ ପ୍ରେମ (ଅର୍ଥାତ୍ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ପ୍ରେମ କରିବା) ସୁତରାଂ ତାହା ଏହି ବ୍ୟକ୍ତିଙ୍କଠାରେ ନିହିତ ଅଛି" । (ବରାହିନେ ଅହେମଦୀୟା, ଚତୁର୍ଥ ଭାଗ, ରୁହାନି ଖଜାଏନ୍, ଖଣ୍ଡ-୧, ପୃଷ୍ଠା-୫୯୮)

ଅନ୍ୟମାନଙ୍କ ସାକ୍ଷୀ ଦେବା ସିଲ୍‌ସିଲାରେ ବାବୁ ମୁହମ୍ମଦ୍ ଉସ୍‌ମାନ୍ ସାହେବ୍ ଲଖନୱିଙ୍କ ବୟାନ୍ ହେଉଛି ଏହା କି ସେ ୧୯୧୮ ମସିହାରେ କାଦିଆନ୍ ଯାଇଥିଲେ ଓ ଜଣେ ହିନ୍ଦୁ ଲାଲ ବୁଢ଼ାମଲ୍ ବା ବୋଧହୁଏ ଲାଲା ମଲାୱାମଲ୍, ଯାହାଙ୍କ ବିଷୟରେ ଆପଣ ଆ:ସଙ୍କ ପୁସ୍ତକରେ ବହୁତ କଥା ମିଳୁଛି, ତାଙ୍କ ସହିତ ସାକ୍ଷାତ୍ କଲି ଓ ତାଙ୍କୁ ପଚାରିଲି ଯେ ଆପଣ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ପ୍ରାରମ୍ଭିକ ବୟସରେ କିପରି ଦେଖିଛନ୍ତି । ଏଥିରେ ସେ କହିଲେ- ତାଙ୍କର ଉତର ଥିଲା:- "ମୁଁ ଆଜିପର୍ଯ୍ୟନ୍ତ ମୁସଲ୍‌ମାନ୍ ମାନଙ୍କ ମଧ୍ୟରେ ନିଜ ନବୀଙ୍କ ସହିତ ଏପରି ପ୍ରେମ କରୁଥିବା ବ୍ୟକ୍ତି ଆଉ କାହାକୁ ଦେଖିନାହିଁ" । (ସିରତୁଲ୍ ମେହ୍‌ଦୀ, ତୃତୀୟ ଭାଗ, ପୃଷ୍ଠା-୧୯)

ସେହିପରି ପ୍ରସିଦ୍ଧ ଲେଖକ ଅଲ୍ଲାମା ନିଆଜ୍ ଅହେମଦ୍ ଖାନ୍ ନିଆଜ୍ ଫତେଃପୁରି ଆପଣ ଆ:ସଙ୍କ ଇଶ୍‌କେ ରସୁଲ୍ ସମ୍ବନ୍ଧରେ ଏକଥା ସ୍ୱୀକାର କରିଛନ୍ତି - "ସେ (ହଜ୍‌ରତ୍ ମସିହ୍ ମଉଦ୍ ଆ:ସ) ବାସ୍ତବିକ ରସୁଲ୍ ପ୍ରେମୀ ଥିଲେ" । (ନିଗାର୍, ଜୁଲାଇ-୧୯୬୦, ବହୱାଲା ତାରିଖେ ଅହେମଦୀୟତ୍, ତୃତୀୟ ଖଣ୍ଡ, ପୃଷ୍ଠା-୫୮୦)

ଉପମହାଦେଶର ପ୍ରସିଦ୍ଧ ସାହିତ୍ୟିକ ମିର୍ଜା ଫରହତୁଲ୍ଲାଃ ବେଗ୍ ସାହେବ୍‌ଙ୍କ ସାକ୍ଷ୍ୟ ମଧ୍ୟ ଚର୍ଚ୍ଚା ହେବାର ଯୋଗ୍ୟ । ସେ ଲେଖୁଛନ୍ତି କି ତାଙ୍କ ଚାଚା ମିର୍ଜା ଇନାୟତୁଲ୍ଲାଃ ବେଗ୍ ତାଙ୍କୁ ଏକଦା ଏକଥା ତାଗିଦ୍ କରି କହିଲେ କି ଯେବେ ତୁମେ ହଜ୍‌ରତ୍ ମିର୍ଜା ଗୁଲାମ୍ ଅହେମଦ୍ ସାହେବ୍‌ଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଯିବ, ସେତେବେଳେ ତାଙ୍କ ଆଖି ଯୁଗଳକୁ ଧ୍ୟାନର ସହିତ ଦେଖି ଆସିବ । ସେ ଲେଖୁଛନ୍ତି କି ମୁଁ କାଦିଆନ୍ ଗଲି, ଧ୍ୟାନର ସହିତ (ହଜୁର୍‌ଙ୍କ) ଆଖିକୁ ଦେଖିଲି । ସେଥିରେ ସବୁଜ ରଙ୍ଗର ପାଣି ଢ଼େଉ ଖେଳୁଥିବାର ଜଣାପଡ଼ିଲା । ମୁଁ ଫେରିଆସି ନିଜ ଚାଚାଙ୍କୁ ଏକଥା କହିଲି । ଏଥିରେ ସେ କହିଲେ "ଫର୍‌ହତ୍ ! ଦେଖ ସେ ବ୍ୟକ୍ତିକୁ କେବେ ଖରାପ କଥା କହିବ ନାହିଁ । (ସେ) ହେଉଛନ୍ତି ଫକୀର ଏବଂ ସେ ହଜ୍‌ରତ୍ ରସୁଲେ କରିମ୍ ସ:ଆ:ସଙ୍କ ଆଶିକ୍ (ସଚ୍ଚାପ୍ରେମୀ) ଅଟନ୍ତି" । ସେ ଲେଖୁଛନ୍ତି କି ମୁଁ ଚାଚାଙ୍କୁ ପଚାରିଲି କି ଆପଣ ଏହା କିପରି ଜାଣିଲେ । ଏଥିରେ ସେ କହିଲେ କି ଯେଉଁ ଆଶିକେ ରସୁଲ୍ ନିଜ ପ୍ରିୟତମଙ୍କ ଭାବନାରେ ସଦାସର୍ବଦା ବୁଡିରହିଥାଏ ତା ଆଖିରେ ସବୁଜତା ଆସିଯାଏ ଏବଂ ସବୁଜ ରଙ୍ଗର ଗୋଟିଏ ଢ଼େଉ ଖେଳିଥାଏ ।
(ବହୱାଲା, ତାରିଖେ ଅହେମଦୀୟତ୍, ଖଣ୍ଡ-୩, ପୃଷ୍ଠା-୫୭୯-୫୮୦)

ଖାକ୍‌ସାର୍ (ଅଧମ) ନିଜର ଏହି ନିବନ୍ଧକୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଏହି ଇକ୍‌ତେବାସ୍ (ପାରା) ସହିତ ଶେଷ କରିବ, ଯେଉଁଥିବରେ ଆପଣ ଆ:ସ ମାନବଜାତିକୁ ଖୁଦାତାଲାଙ୍କ ଆଡକୁ ଡାକିଛନ୍ତି ଏବଂ ସେମାନଙ୍କୁ ପ୍ରକୃତ ଧର୍ମର ଲକ୍ଷ୍ୟଣ ବତାଇଛନ୍ତି ଏବଂ ସେମାନଙ୍କୁ ମୋକ୍ଷର ମାର୍ଗ ବତାଇଛନ୍ତି । ଆପଣ ଆ:ସ କହୁଛନ୍ତି-

"ଏ ପୃଥିବୀରେ ବାସ କରୁଥିବା ଏ ସମସ୍ତ ମାନବ ! ଏବଂ ହେ ସମସ୍ତ ମାନବୀୟ ଆତ୍ମା ଯେଉଁମାନେ ପୂର୍ବ ଓ ପଶ୍ଚିମରେ ବସବାସ କରୁଅଛ ! ମୁଁ ବହୁତ ଜୋର୍ ଦେଇ ଆପଣମାନଙ୍କୁ ଏଥିପ୍ରତି ନିମନ୍ତ୍ରଣ କରୁଅଛି କି ବର୍ତମାନ ଏ ମହିମଣ୍ଡଳରେ ସତ୍ୟଧର୍ମ ହେଉଛି କେବଳ ଇସ୍‌ଲାମ୍ ଏବଂ ସଚ୍ଚା ଇଶ୍ୱର ମଧ୍ୟ ସେହି ଇଶ୍ୱର ଯାହାଙ୍କୁ ପବିତ୍ର କୋରାନ୍ ବର୍ଣ୍ଣନା କରିଛି ଏବଂ ନିରନ୍ତର ଆଧାତ୍ମିକ ଜୀବନ (ପ୍ରଦାନକାରୀ) ନବୀ ଓ ଦର୍ପ ଓ ପବିତ୍ରତାର ସିଂହାସନରେ ବସିବାବାଲା (ନବୀ ହେଉଛନ୍ତି) ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ । ଯାହାଙ୍କ ଆଧାତ୍ମିକ ଜୀବନି ଏବଂ ପବିତ୍ର ଦର୍ପ ବିଷୟରେ ଆମକୁ ଏ ପ୍ରମାଣ ମିଳିଛି କି ତାଙ୍କ ଅନୁସରଣ ଓ ତାଙ୍କ ସହିତ ପ୍ରେମ କରିବା ଦ୍ୱାରା ଆମ୍ଭେ ରୁହୁଲ୍ କୁଦୁସ୍ (ପବିତ୍ର ଆତ୍ମା) ଏବଂ ଇଶ୍ୱରଙ୍କ ସହିତ ବାର୍ତାଳାପ ଓ ସ୍ୱର୍ଗୀୟ ନିଦ୍ଦର୍ଶନର ପୁରସ୍କାର ପାଉଅଛୁ" । (ତରିୟା କୁଲ୍ କୁଲୁବ୍, ରୁହାନି ଖଜାଏନ୍, ଖଣ୍ଡ-୧୫, ପୃଷ୍ଠା-୧୪୧)

ଖୁଦାତାଲାଙ୍କର ଏହି ପ୍ରକୃତ ସଚ୍ଚାପ୍ରେମୀଙ୍କ ଜୀବନ ଚରିତର ଅଗଣତି ପାର୍ଶ୍ୱଗୁଡିକ ମଧ୍ୟରୁ ଏହି ତିନିଗୋଟି ଗୁରୁତ୍ୱପୁର୍ଣ୍ଣ ଓ ମହାନ୍ ପାର୍ଶ୍ୱଗୁଡିକ ଉପରେ ଚିନ୍ତା କରନ୍ତୁ ଓ ସେହି ପ୍ରେମ ଓ ବେଦନାର ଗଭୀରତାକୁ ଆକଳନ କରିବା ପାଇଁ ଚେଷ୍ଟା କରନ୍ତୁ, ଯାହା ଆପଣ ଆ:ସଙ୍କ ଜୀବନ ଚରିତରେ ଭରି ରହିଛି । ଆମେ ନିଶ୍ଚିତ ରୂପେ ସେହି ଭଲପାଇବାର ସଠିକ୍ ଆକଳନ କରିପାରିବା ନାହିଁ କିନ୍ତୁ ଯେତିକି ମଧ୍ୟ ଆକଳନ ଆମେ ନିଜ ନିଜ ସାମର୍ଥ୍ୟ ମୁତାବକ କରିପାରିବା ତା ଫଳରେ ନିଶ୍ଚିତ ରୂପେ ଆମ ଆଧ୍ୟାତ୍ମିକତାରେ ଉଚ୍ଚସ୍ତରର ପଦମର୍ଯ୍ୟାଦା, ଅସାଧାରଣ ଉନ୍ନତି ଏବଂ ଅସାଧାରଣ ଆଲୋକ ସୃଷ୍ଟିହେବ ଏବଂ ଏହାଦ୍ୱାରା ଆମେ ନିଜ ଜନ୍ମର ଉଦ୍ଦେଶ୍ୟକୁ ହାସଲ ମଧ୍ୟ କରିପାରିବା । ଅଲ୍ଲାଃତାଲା ଆମକୁ ଏହା ଉପରେ ପରିଚାଳିତ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ ଏବଂ ଅଲ୍ଲାଃ କରନ୍ତୁ କି ଆମେ ଏବଂ ଆମର ସନ୍ତାନମାନେ ମଧ୍ୟ ସଦାସର୍ବଦା ପାଇଁ ଆପଣ ଆ:ସଙ୍କ ପବିତ୍ର ଅସ୍ତିତ୍ୱମୂଳକ ବୃକ୍ଷର ସବୁଜ ଶାଖା ହୋଇ ରହିପାରିବା । ଆମିନ୍ !

# ହଜ୍‌ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍‌ଙ୍କ ବିରୋଧିମାନଙ୍କ ପରିଣାମ

**(ହିଦାୟତୁଲ୍ଲାଃ ମଣ୍ଡାଶି, ମୁରବୀ ସିଲ୍‌ସିଲା, ନଜାରତ୍ ନଶ୍ରୋ ଇଶାଅତ୍ କାଦିଆନ୍)**

ଇଲାହି ସିଲ୍‌ସିଲା (ଈଶ୍ୱରଙ୍କ ମାର୍ଗ) ସମ୍ବନ୍ଧରେ ଆଦ୍ୟକାଳରୁ ଏହି ସୁନ୍ନତ୍ (ଚିରାଚରିତ ପ୍ରଥା) ଚାଲିଆସିଛି କି ଯେତେବେଳେ ମଧ୍ୟ କୌଣସି ଈଶ୍ୱରୀୟ ସୁଧାରକ ଏ ସଂସାରରେ ପ୍ରକଟ ହୋଇଛନ୍ତି ସେତେବେଳେ ଏ ସଂସାର ତାଙ୍କ ବିରୋଧରେ ଛିଡା ହୋଇଯାଇଛି । ପୁଣି ଅଲ୍ଲାଃତାଲା ଯେଉଁଠି ସେମାନଙ୍କ ପାଇଁ ସାହାଯ୍ୟ ସହଯୋଗ ଓ ବିଜୟର ମାର୍ଗ ସୃଷ୍ଟି କରିଛନ୍ତି ସେଠାରେ ବିରୋଧିମାନଙ୍କୁ ଉଚିତ୍ ଶିକ୍ଷା ଦେଇ ନିଜର ଅସ୍ତିତ୍ୱ, ଶକ୍ତି ଓ ଦର୍ପକୁ ପ୍ରମାଣ କରିଛି ।

ସୁତରାଂ ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ କହୁଛନ୍ତି –

وَلَقَدِ اسْتُهْزِئَ بِرُسُلٍ مِّنْ قَبْلِكَ
فَحَاقَ بِالَّذِيْنَ سَخِرُوْا مِنْهُمْ مَّا كَانُوْا بِهٖ
يَسْتَهْزِءُوْنَ ۝ قُلْ سِيْرُوْا فِي الْاَرْضِ ثُمَّ
انْظُرُوْا كَيْفَ كَانَ عَاقِبَةُ الْمُكَذِّبِيْنَ ۝
(سورة الانعام: 11،12)

ଅର୍ଥାତ୍ ଏବଂ ତୁମ ପୂର୍ବରୁ ପ୍ରେରିତ ରସୁଲ୍‌ମାନଙ୍କ ସହିତ ମଧ୍ୟ ଉପହାସ କରାଯାଇଥିଲା, କିନ୍ତୁ ପରିଣାମରେ ଯେଉଁମାନେ ଉପହାସ କରିଥିଲେ, ସେମାନଙ୍କୁ ସେହି ଶାସ୍ତି ପରିବେଷ୍ଟନ କଲା ଯାହା ସମ୍ବନ୍ଧରେ ସେମାନେ ଉପହାସ କରୁଥିଲେ । ତୁମ୍ଭେ ସେମାନଙ୍କୁ କୁହ, "ପୃଥିବୀରେ ଭ୍ରମଣ କର, ତତ୍ପରେ ଦେଖ ଯେ ଖୁଦାଙ୍କ ନବୀମାନଙ୍କ ଉପରେ ମିଥ୍ୟା ଆରୋପ ଲଗାଉଥିବା ବ୍ୟକ୍ତିମାନଙ୍କର ପରିଣାମ କ'ଣ ହେଲା ?"

ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସ ମଧ୍ୟ ଈଶ୍ୱର ପ୍ରେରିତ ଦୂତମାନଙ୍କ ସିଲ୍‌ସିଲାର ଗୋଟିଏ କଡି ଥିଲେ । ଆପଣ ଆ:ସ ନିଜ ପୂର୍ବଜ (ନବୀମାନଙ୍କ) ପରି ଦୁଇଟି ସୁଗୁଣର ଅଧିକାରୀ ଥିଲେ । ପ୍ରଥମଟି ହେଉଛି ଏହା କି ଅଲ୍ଲାଃତାଲାଙ୍କ ସହିତ ଗଭୀର ଭକ୍ତିଭାବର ସମ୍ପର୍କ ଏବଂ ଅନ୍ୟଟି ହେଉଛି ମାନବଜାତି ସହିତ ଅତ୍ୟନ୍ତ ସ୍ନେହ ଓ ପ୍ରେମ କରିବାର ଭାବନା ।

ମାନବଜାତି ସହିତ ଆପଣଙ୍କୁ କି ପ୍ରକାରର ସହାନୁଭୂତି ଓ ଭଲପାଇବା ଥିଲା ଏ ସମ୍ବନ୍ଧରେ ଆପଣ ଆ:ସ କହୁଛନ୍ତି:-

"ମୁଁ ଅତ୍ୟନ୍ତ ଶିଷ୍ଟାଚରିତା ଓ ବିନମ୍ରତାର ସହିତ ମୁସଲ୍‌ମାନ୍ ଓ୍ୱଲେମା ହଜ୍‌ରାତ୍, ଇସାଇମାନଙ୍କ ଓ୍ୱଲେମା ଏବଂ ହିନ୍ଦୁ ଓ ଆର୍ଯ୍ୟ ସମାଜର ପଣ୍ଡିତମାନଙ୍କ ନିକଟକୁ ଏ ଇସ୍ତେହାର୍ ପଠାଉଛି ଓ ଏହାଦ୍ୱାରା ଏତେଲା ଦେଉଛି କି ମୁଁ ଚାରିତ୍ରିକ, ଆସ୍ଥା ଓ ବିଶ୍ୱାସର ଦୁର୍ବଳତା ଏବଂ ଭୁଲ୍‌ଗୁଡିକୁ ସୁଧାରିବା ପାଇଁ ସଂସାରକୁ ପଠାଯାଇଛି ଏବଂ ମୋର ପାଦ ହଜ୍‌ରତ୍ ଇସା ଆ:ସଙ୍କ ପାଦରେ ରହିଛି (ଅର୍ଥାତ୍ ଇସା ଆ:ସଙ୍କ କାର୍ଯ୍ୟ ସମତୁଲ୍ କାର୍ଯ୍ୟ କରୁଛି) ଏ ଅର୍ଥରେ ମୁଁ ମସିହ୍ ମଉଦ୍ (ପ୍ରତିଶ୍ରୁତ ମସିହ୍) ବୋଲାଉଛି । କାରଣ ମୋତେ ଏ ନିର୍ଦ୍ଦେଶ ଦିଆଯାଇଛି କି ଅସ୍ୱାଭାବିକ ନିଦର୍ଶନ ଏବଂ ପବିତ୍ର ଶିକ୍ଷା ଜରିଆରେ (ମୁଁ) ସତ୍ୟତାକୁ ପୃଥିବୀରେ ପ୍ରଚାର ପ୍ରସାର କରିବି । ମୁଁ ଏକଥାର ବହୁତ ବିରୋଧି ଅଛି କି ଧର୍ମ ପାଇଁ ତରବାରି ଉଠାଯାଉ ଓ ଧର୍ମ ନିମନ୍ତେ ଈଶ୍ୱରଙ୍କ ଭକ୍ତମାନଙ୍କୁ ହତ୍ୟା କରାଯାଉ । ମୁଁ ଏଥିପାଇଁ ନିୟୋଜିତ ହୋଇଛି କି ମୋ ଦ୍ୱାରା ଯେତିକି ସମ୍ଭବ ହୋଇପାରିବ ମୁଁ ଉକ୍ତ ଭୁଲ୍‌ଗୁଡିକୁ ମୁସଲ୍‌ମାନ୍ ମାନଙ୍କଠାରୁ ଦୂର କରିବି ଏବଂ ପବିତ୍ର ଚରିତ୍ର, ସହିଷ୍ଣୁତା, ସହନଶୀଳତା, ନ୍ୟାୟ ଏବଂ ସତ୍ୟନିଷ୍ଠାର ମାର୍ଗ ଆଡକୁ ସେମାନଙ୍କୁ ଡାକି ଆଣିବି । ମୁଁ ସମସ୍ତ ମୁସଲ୍‌ମାନ୍ ମାନଙ୍କୁ, ଇସାଇମାନଙ୍କୁ ହିନ୍ଦୁ ଏବଂ ଆର୍ଯ୍ୟ ସମାଜିମାନଙ୍କ ଉପରେ ଏକଥା ପ୍ରକାଶ କରୁଅଛି କି ପୃଥିବୀରେ ମୋର କେହି ଶତ୍ରୁନାହାଁନ୍ତି । ମୁଁ ମାନବଜାତି ସହିତ ଏପରି ପ୍ରେମ କରୁଛି ଯେପରି ଜଣେ ସ୍ନେହମୟୀ ମା' ନିଜ ପିଲାଙ୍କୁ କରିଥାଏ, ବରଂ ତା'ଠାରୁ ମଧ୍ୟ ଅଧିକା । ମୁଁ କେବଳ ସେହି ଭୁଲ୍ କଥାଗୁଡିକର ଶତ୍ରୁ ଅଟେ ଯଦ୍ୱାରା ସତ୍ୟର ବିନାଶ ହୋଇଥାଏ । ମନୁଷ୍ୟ ସହିତ ସହାନୁଭୂତି ଦେଖାଇବା ହେଉଛି ମୋର କର୍ତ୍ତବ୍ୟ ଏବଂ ମିଥ୍ୟା, ଶିର୍କ୍, ଅତ୍ୟାଚାର, ପ୍ରତ୍ୟେକ ପ୍ରକାରର କୁକର୍ମ, ଅନ୍ୟାୟ ଏବଂ (ସମସ୍ତ ପ୍ରକାରର) କୁଚରିତ୍ରଠାରୁ ଦୂରେଇ ରହିବା ହେଉଛି ମୋର ସିଦ୍ଧାନ୍ତ" ।

(ଅର୍‌ବଇନ୍, ନମ୍ବର-୧, ରୁହାନି ଖଜାଏନ୍, ଖଣ୍ଡ-୧୭, ପୃଷ୍ଠା-୩୪୩)

ପୁଣି ଜଣେ ନଜିର୍ (ସତର୍କକାରୀ)ରୂପେ ଆପଣ ଏ କଥା କହିଛନ୍ତି କି:-

"ମୋ ଉପରେ ଏମିତି କୌଣସି ରାତି ବିତୁନାହିଁ ଯେଉଁଥିରେ ମୋତେ ଏ ଶାନ୍ତ୍ୱନା ଦିଆଯାଉନଥିବ କି ମୁଁ ତୁମ ସହିତ ଅଛି ଏବଂ ମୋର ସ୍ୱର୍ଗୀୟ ସେନା ତୁମ ସହିତ ଅଛନ୍ତି । ଯଦିଚ ଯେଉଁ ଲୋକମାନଙ୍କର ହୃଦୟ ପବିତ୍ର ସେମାନେ ମରିବା ପରେ ଈଶ୍ୱରଙ୍କୁ ଦେଖିବେ କିନ୍ତୁ ମୋତେ ତା ମୁହଁର ରାଣ କି ମୁଁ ଏବେ ମଧ୍ୟ ତାକୁ ଦେଖୁଅଛି । ଏ ସଂସାର ମୋତେ ଚିହ୍ନୁନାହିଁ କିନ୍ତୁ ସେ ମୋତେ ଜାଣିଛି, ଯିଏ ମୋତେ ପ୍ରେରଣ କରିଛି । ଏହା ସେହି ଲୋକମାନଙ୍କର ଭୁଲ୍ ଓ ସମ୍ପୂର୍ଣ୍ଣ ଦୁର୍ଭାଗ୍ୟ ଯେ ସେମାନେ ମୋ ବିନାଶ ଚାହୁଁଛନ୍ତି । ମୁଁ ହେଉଛି ଏପରି ବୃକ୍ଷ ଯାହାକୁ ବାସ୍ତବିକ ମାଲିକ (ଅର୍ଥାତ୍ ଈଶ୍ୱର) ନିଜ ହାତରେ ହିଁ ଲଗାଇଛନ୍ତି । ଯେଉଁ ବ୍ୟକ୍ତି ମୋତେ କାଟିବାକୁ ଇଛା ରଖିଛି, ସେ କାରୁନ୍, ଯହୁଦା ଇସ୍‌କ୍ରିୟୁତି ଏବଂ ଅବୁଜହଲ୍‌ଙ୍କ ଭାଗ୍ୟରୁ କିଛି ଭାଗ ପାଇବା ପାଇଁ ଚାହୁଁଛି" ।

(ଜମିମା ତୋହ୍‌ଫା ଗୋଲଡୁଭିୟା, ରୁହାନି ଖଜାଏନ୍, ଖଣ୍ଡ-୧୭, ପୃଷ୍ଠା-୪୯)

ଏକଥା ମନେରଖିବା ଉଚିତ୍ କି ଯେତେସବୁ ଅବତାର ଓ ରସୁଲ୍ ଆସିଛନ୍ତି ସେ ସମସ୍ତଙ୍କୁ ଅସ୍ୱୀକାର କରିବା ଓ ଥଟ୍ଟା ପରିହାସ କରିଥିବା ଲୋକମାନଙ୍କର ପରିଣାମ ଭୟଙ୍କର ହୋଇଥାଏ । ସୁତରାଂ ଯେକୌଣସି ଧର୍ମର ଇତିହାସକୁ ଅଧ୍ୟୟନ କରିବା ଦ୍ୱାରା ଆପଣଙ୍କୁ ତାର ଦୃଷ୍ଟାନ୍ତ ମିଳିଯିବ । ରାମାୟଣକୁ ଦେଖନ୍ତୁ- ହଜ୍‌ରତ୍ ରାମ୍‌ଚନ୍ଦ୍ର ଜି ଙ୍କ ବିପକ୍ଷରେ ରାବଣ ଛିଡାହେଲା । ରାବଣର ରାଜତ୍ୱ ଓ ଶକ୍ତି ଥିବା ସତ୍ତ୍ୱେ ମଧ୍ୟ ତାକୁ ବିନାଶ ଓ ପତନ ବ୍ୟତୀତ ଆଉ କିଛି ମିଳିଲା ନାହିଁ ଏବଂ ତାର ପରିଣାମ ବହୁତ ଭୟଙ୍କର ହେଲା । ହଜ୍‌ରତ୍ ମୁସାଙ୍କ ବିପକ୍ଷରେ ଫିରୋନ ଓ ତା'ର ସେନା ଛିଡାହେଲେ କିନ୍ତୁ ଈଶ୍ୱର ତାକୁ ମଧ୍ୟ ନିଃଶେଷ କରିଦେଲେ ।

ଯେତେବେଳେ ଆମେ ଏହି ଐଶ୍ୱରିକ ନିଦର୍ଶନ ମୁତାବକ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଜୀବନି ଉପରେ ଦୃଷ୍ଟିନିକ୍ଷେପ କରୁଛେ ସେତେବେଳେ ଆପଣ ଆ:ସଙ୍କୁ ପ୍ରାପ୍ତ ହୋଇଥିବା ବିଜୟ, ତତ୍‌ସହିତ ଆପଣଙ୍କ ବିରୋଧିମାନଙ୍କୁ ମିଳିଥିବା ଦୃଷ୍ଟାନ୍ତ ମୂଳକ ଶିକ୍ଷା ଆମକୁ ଦୃଷ୍ଟିଗୋଚର ହୋଇଥାଏ । ସୁତରାଂ ଆପଣଙ୍କର ପ୍ରଥମ ବିରୋଧି ଅର୍ଥାତ୍ ମୌଲବୀ ମୁହମ୍ମଦ୍ ହୁସେନ୍ ବଟାଲ୍‌ଭି ଯିଏ ଅହ୍‌ଲେ ହଦିସ୍ ଫିର୍‌କାର ଲିଡର୍ ଥିଲେ ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସହିତ ପିଲାଦିନୁ ପରିଚିତ ଥିଲେ ଏବଂ ଯିଏ ଆପଣ ଆ:ସଙ୍କ ପୁସ୍ତକ ବରାହିନେ ଅହେମଦୀୟାର ପ୍ରକାଶନରେ ଗୋଟିଏ ଜବରଦସ୍ତ ରିଭ୍ୟୁ ଲେଖିଥିଲା ଓ ସେଥିରେ ଆପଣ ଆ:ସଙ୍କ ଖିଦ୍‌ମତ୍ (ଇସ୍‌ଲାମ ପ୍ରତି ଥିବା ସେବା)କୁ ଅତୁଳନୀୟ ବୋଲି ଅଭିହିତ କରିଥିଲା, (କିନ୍ତୁ) ଯେତେବେଳେ ଆପଣ ଆ:ସ ମସିହ୍ ମଉଦ୍ ହେବାର ଦାବୀ କଲେ ସେତେବେଳେ ସେ ଆପଣଙ୍କ ସିଲ୍‌ସିଲାର ମୁଲୋତ୍ପାଟନ କରିଦେବାପାଇଁ ନିଜର ଜୀବନକୁ ବାଜି ଲଗାଇଦେଲା । ଏବଂ ଲେଖିଲା କି ମୁଁ ହିଁ ଯାଙ୍କୁ (ଅର୍ଥାତ୍ ମସିହ୍ ମଉଦ୍‌ଙ୍କୁ) ଉଠାଇଥିଲି ଏବଂ ମୁଁ ହିଁ ଯାଙ୍କୁ ପକାଇଦେବି । ସୁତରାଂ ସେ ଆପଣଙ୍କ ବିରୋଧରେ କୁଫୁର୍ (ଅମାନ୍ୟକାରୀ ହେବା)ର ଫତ୍‌ୱା ପ୍ରସ୍ତୁତ କଲା । ପୁଣି ସେଥିରେ ହିନ୍ଦୁସ୍ତାନ୍‌ର ଜଣେ ନାମିଦାମୀ ଆଲିମ୍ ମୌଲବୀ ନଜିର୍ ହୁସେନ୍ ଦେହ୍‌ଲଭିଙ୍କ ତସଦିକ୍ ଦସ୍ତଖତ କରାଇନେଲା । ପୁଣି ସମଗ୍ର ଦେଶରେ ବୁଲି ତା' ଉପରେ ୨୦୦ ଓ୍ୱଲେମାଙ୍କର ସାକ୍ଷ (ଦସ୍ତଖତ) ହାସଲ କଲା ଏବଂ ତାକୁ ଖବରକାଗଜରେ ଛପାଇଦେଲା । ଫଳତଃ ସାରା ଦେଶରେ ହଜ୍‌ରତ୍ ବାନି ସିଲ୍‌ସିଲା (ଅର୍ଥାତ୍ ମସିହ୍ ମଉଦ୍ ଆ:ସ)ଙ୍କ ମୁଖାଲିଫତ୍ (ବିରୋଧ)ରେ ନିଆଁ ଜଳିଉଠିଲା । ଏହା କୌଣସି ମାମୁଲି ଫତ୍‌ୱା ନଥିଲା । ଏହାଦ୍ୱାରା ଆପଣଙ୍କର ଭୀଷଣ ବିରୋଧ କରାଗଲା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ସେ ସମ୍ବନ୍ଧରେ କହୁଛନ୍ତି:-

"ସେହି ଜାଲିମ୍ ଏପରି ବିଭ୍ରାଟ ସୃଷ୍ଟିକଲା କି ଯାହାର ଦୃଷ୍ଟାନ୍ତ ଇସ୍‌ଲାମୀୟ ଇତିହାସରେ ବିଗତ ଓ୍ୱଲେମାମାନଙ୍କ ଜୀବନରେ ମିଳିବା କଷ୍ଟକର । (ସେ) ପାଗଳ ନଜିର୍ ହୁସେନ୍‌ଙ୍କ କୁଫୁର୍‌ନାମାରେ ମୋହର୍ ଲଗାଇଲା । ଶହଶହ ମୁସଲ୍‌ମାନ୍ ମାନଙ୍କୁ କାଫିର୍ ଏବଂ ଜହନ୍ନମି (ନର୍କଗାମୀ) ଅଭିହିତ କଲା ଏବଂ ବହୁତ ଜୋର୍ ଦେଇ ଏକଥା ସାବ୍ୟସ୍ତ କଲା ଏ ଲୋକେ ନସାରା (ଇସାଇ)ଙ୍କ ଠାରୁ ମଧ୍ୟ କୁଫୁର୍ କରିବାରେ ନ୍ୟୁନ ଅଟନ୍ତି । (ସେଥିଯୋଗୁ) ସବୁ ବନ୍ଧୁବାନ୍ଧବ କଟିଗଲେ । ଭାଇ ଭାଇକୁ, ବାପା ପୁଅକୁ ଏବଂ ପୁଅ ବାପାକୁ ଛାଡିଦେଲା ଓ ଏପରି ବିଭ୍ରାଟର ତୋଫାନ୍ ଉଠିଲା କି ଯେପରି ଗୋଟିଏ ଭୂକମ୍ପ ଆସିଯାଇଛି । ତାହାଦ୍ୱାରା ବର୍ତ୍ତମାନ ପର୍ଯ୍ୟନ୍ତ ଈଶ୍ୱରଙ୍କର ହଜାର ହଜାର ପୁଣ୍ୟଭକ୍ତ ଏବଂ ଇସ୍‌ଲାମ୍ ଧର୍ମର ଜ୍ଞାନୀ ଗୁଣି ଓ ଧର୍ମପରାୟଣ ବ୍ୟକ୍ତି, ଅମାନ୍ୟକାରୀ ଓ ସଦାସର୍ବଦା ନର୍କଦଣ୍ଡ ଭୋଗିବାର ବିବେଚନା କରାଯାଉଛନ୍ତି" ।

(ଇସ୍‌ତଫ୍‌ତାଆ ଉର୍ଦ୍ଦୁ, ରୁହାନି ଖଜାଏନ୍, ଖଣ୍ଡ-୧୨, ପୃଷ୍ଠା-୧୨୮)

ମୌଲବୀ ମୁହମ୍ମଦ୍ ହୁସେନ୍ ବଟାଲ୍‌ଭିଙ୍କ ମୁଖାଲିଫତ୍‌ର ଅବସ୍ଥା ଏପରି ଥିଲା କି ତା'ର କୌଣସି ଦିନ ଏମିତି ବିତୁନଥିଲା ଯେଉଁଦିନ ସେ ନିଜ ପତ୍ରିକା ଇଶାଅତୁସ୍ ସୁନ୍ନାରେ ହଜୁର୍ ଆ:ସଙ୍କୁ କଜ୍ଜାବ୍, ମୁଫ୍‌ତରି (ମିଥ୍ୟାବାଦୀ) ଏବଂ ଦଜ୍ଜାଲ୍ ବୋଲି ନ ଲେଖୁଥିବ ଓ ଏତିକିରେ ସେ ଶାନ୍ତ ପଡିଲା ନାହିଁ ବରଂ ଆପଣଙ୍କୁ କ୍ଷତି ପହଂଚାଇବାର କୌଣସି ମାର୍ଗକୁ ମଧ୍ୟ ହାତଛଡା କଲାନାହିଁ । ସୁତରାଂ କିଛିଦିନ ପରେ ଯେତେବେଳେ ଜଣେ ଇସାଇ ପାଦ୍ରୀ ଡାକ୍ତର ହେନେରୀ ମାର୍ଟିନ୍ କ୍ଲର୍କ୍ ଆପଣ ଆ:ସଙ୍କ ଉପରେ ହତ୍ୟାର ମିଥ୍ୟା ମୋକଦ୍ଦମା ଲଗାଇଲା ସେତେବେଳେ ଆପଣ (ଆ:ସ)ଙ୍କ ବିରୋଧରେ ସାକ୍ଷୀ ଦେବାପାଇଁ ସେ (ମୁହମ୍ମଦ୍ ହୁସେନ୍ ବଟାଲ୍‌ଭି) ଅଦାଲତ୍‌ରେ ପହଂଚିଗଲା ଓ ଏପରି ସାକ୍ଷୀଦେଲା ଯଦ୍ୱାରା ଇସାଇମାନଙ୍କ ମିଥ୍ୟାରୋପର ତସଦିକ୍ ହେଉଥିଲା । କିନ୍ତୁ ଅଦାଲତ୍ ତା ସାକ୍ଷୀକୁ ହଜ୍‌ରତ୍ ବାନି ସିଲ୍‌ସିଲାଙ୍କ ସହିତ ତାଙ୍କର ନିଜି ଶତ୍ରୁତା ଥିବା ଦର୍ଶାଇ ଭରସାଯୋଗ୍ୟ ମଣିଲା ନାହିଁ ଓ ବେକାର କାଗଜର ଖଣ୍ଡପରି ଅଳିଆଗଦାରେ ଫିଙ୍ଗିଦେଲା ।

ସେହିପରି ପୋଲିସ୍‌ର ଜଣେ ଡେପୁଟି ଇନିସ୍‌ପେକ୍‌ଟର୍ ମୁହମ୍ମଦ୍ ବଖ୍‌ଶ୍‌ଙ୍କ ତରଫରୁ ଆପଣଙ୍କ ଉପରେ ଲଗାଯାଇଥିବା ଗୋଟିଏ ମୋକଦ୍ଦମା ସମୟରେ ମଧ୍ୟ ସେ (ମୁହମ୍ମଦ୍ ହୁସେନ୍) ନିଆଁରେ ତେଲ ଢ଼ାଳିବା ନିୟତରେ ସେଠାରେ ଆସି ପହଂଚିଗଲା ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜର ବିରୋଧିମାନଙ୍କ ସମ୍ବନ୍ଧରେ ଲିଖିଥିବା କିଛି କଠୋର ଆଲେଖ୍ୟକୁ ଅଦାଲତରେ ଉପସ୍ଥାପନ କରିବା ପାଇଁ ଚେଷ୍ଟା କଲା କି ଯେଉଁବ୍ୟକ୍ତିର ଏଭଳି କଠୋର ଲେଖା ରହିଛି ସେ ସର୍ବସାଧାରଣଙ୍କ ଶାନ୍ତିରେ କିପ୍ରକାରର ବ୍ୟାଘାତ ସୃଷ୍ଟି କରିପାରେ । (ନଉଜୁବିଲ୍ଲାଃ) ଈଶ୍ୱରଙ୍କର କାର୍ଯ୍ୟ ଦେଖନ୍ତୁ କି ସେ ଏଠାରେ ମଧ୍ୟ ଅସଫଳ ହେଲା । ବରଂ ଏପରି ହେଲା କି ଅଦାଲତ ତା ଦ୍ୱାରା ଲଗାଯାଇଥିବା ଆରୋପ ଉପରେ କୌଣସି ଧ୍ୟାନ ଦେଲାନାହିଁ । ସେ ନିଜେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବିରୋଧରେ ନିଜର ଅସଭ୍ୟ ବିରୋଧପୂର୍ଣ୍ଣ ବ୍ୟବହାର ଯୋଗୁଁ ଯାହା ସେ ନିଜ ଖବରକାଗଜ ଇଶାଅତୁସ୍ ସୁନ୍ନାରେ ଲେଖିଥିଲା, ସେଥିରେ ଧରାପଡିଲା । ସୁତରାଂ ଅଦାଲତ ତାକୁ ଡାକି ତାଙ୍କଠାରୁ ଦସ୍ତଖତ କରାଇନେଲା କି ସେ ଆସନ୍ତାକୁ ମସିହ୍ ମଉଦ୍ ଆ:ସଙ୍କ ସମ୍ବନ୍ଧରେ କୌଣସି ଅସଭ୍ୟ କଥା ଲେଖିବନାହିଁ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏହି ଐଶ୍ୱରିକ କାର୍ଯ୍ୟକୁ ଏପରି ଶବ୍ଦରେ ବର୍ଣ୍ଣନା କରୁଛନ୍ତି:- "ଯେଉଁ ବ୍ୟକ୍ତି ଅକାରଣରେ ଉତ୍ସାହିତ ହୋଇ ଆସି ମୋତେ କାଫିର୍ ବୋଲି ଅଭିହିତ କଲା ଓ ମୋ ପାଇଁ ଫତୱା ପ୍ରସ୍ତୁତ କଲା କି ଇଏ ହେଉଛି କାଫିର୍, ଦଜ୍ଜାଲ୍ ଏବଂ କଜ୍ଜାବ୍ (ମିଥ୍ୟାବାଦୀ) । ସେ ଖୁଦାତାଲାଙ୍କ ହୁକୁମ୍‌ର ତ କିଛି ଭୟ କଲାନାହିଁ କି ସେ କାହିଁକି ଜଣେ କଲ୍‌ମା ପଢୁଥିବା ବ୍ୟକ୍ତିକୁ କାଫିର୍ ଅଭିହିତ କଲା ଓ ହଜାର ହଜାର ଈଶ୍ୱରଙ୍କ ଭକ୍ତଙ୍କୁ ଯେଉଁମାନେ ଅଲ୍ଲାଃଙ୍କ ପୁସ୍ତକ ଅନ୍ତର୍ଗତ ଅଛନ୍ତି ଏବଂ ଇସ୍‌ଲାମ୍‌କୁ ପ୍ରକାଶ କରୁଛନ୍ତି, କାହିଁକି ଇସ୍‌ଲାମ୍‌ର ପରିଧି ଭିତରୁ ବାହାର କରିଦେଉଅଛି । କିନ୍ତୁ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ଗୋଟିଏ ଧମକ ଦ୍ୱାରା ସେ ସବୁବେଳ ପାଇଁ ଏକଥା ମାନିନେଲା ଯେ ଆସନ୍ତାକୁ ତାଙ୍କୁ (ମସିହ୍ ମଉଦ୍‌ଙ୍କୁ) କାଫିର୍, ଦଜ୍ଜାଲ୍ ଏବଂ କଜ୍ଜାବ୍ କହିବି ନାହିଁ । ଏବଂ ନିଜେ ହିଁ ଫତୱା ପ୍ରସ୍ତୁତ କଲା ଓ ନିଜେ ହିଁ (ସେ କଥାକୁ) ସରକାରଙ୍କ ଭୟ ଯୋଗୁ ମନ୍‌ସୁଖ୍ (ଖଣ୍ଡନ) କରିଦେଲା" ।

ଅଲ୍ଲାଃଙ୍କର ଏହି କାର୍ଯ୍ୟ ଯୋଗୁ ମୌଲବୀ ମୁହମ୍ମଦ୍ ହୁସେନ୍ ବଟାଲୁୱିକୁ ପହଂଚିଥିବା ଲଜ୍ଜା ଓ ତିରସ୍କାରକୁ ତା ପାଇଁ ଭୟୋତ୍ପାଦକ ଶିକ୍ଷାପ୍ରଦ ନିଦ୍ଦର୍ଶନ ଅଭିହିତ କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି କି:-

"ଜଣେ ବୁଦ୍ଧିମାନ୍ ବ୍ୟକ୍ତିପାଇଁ ଏହି ଲଜ୍ଜ୍ୟା କିଛି କମ୍ ନୁହେଁ କି ତା ବିରୋଧରେ ଅସଭ୍ୟ, ନିର୍ଲଜ୍ଜ ଏବଂ ଛୋଟ ପ୍ରକୃତିର କାଗଜପତ୍ର ଅଦାଲତରେ ଉପସ୍ଥାପନ କରାଯାଇ ପଢ଼ାଗଲା ଏବଂ ସର୍ବସାଧାରଣରେ ସମସ୍ତଙ୍କ ନିକଟରେ ଏକଥା ସ୍ପଷ୍ଟ ହୋଇଗଲା ଏବଂ ହଜାର ହଜାର ଲୋକଙ୍କ ନିକଟରେ ଏକଥା ବ୍ୟାପିଗଲା ଯେ ସେ ନିଜକୁ ମୌଲବୀ ବୋଲାଇ ଏପରି କାର୍ଯ୍ୟ କରୁଅଛି । ଏବେ ନିଜେ ଚିନ୍ତାକରି ଦେଖିନିଅ କି କୌଣସି ବ୍ୟକ୍ତିର ଏପରି ଖରାପ କାର୍ଯ୍ୟ ଓ କୁଅଭ୍ୟାସ ଓ କୁଚରିତ୍ର ସରକାର ଏବଂ ସର୍ବସାଧାରଣଙ୍କ ନିକଟରେ ପ୍ରକାଶ ହେବା କଣ ଏହା ସମ୍ମାନ ନା ଅସମ୍ମାନ ? ଏବଂ କଣ ଏପରି ଘୃଣ୍ୟ ଓ ଅପବିତ୍ର କାର୍ଯ୍ୟ ଯୋଗୁ ଅଦାଲତ ଦ୍ୱାରା ଧରାପଡ଼ିବା ଏକ ସମ୍ମାନର କାର୍ଯ୍ୟ ବା ଜଣେ ମୌଲବୀଙ୍କ ବୈଭବକୁ ଏହାଦ୍ୱାରା ଲଜ୍ଜାର ଦାଗ ଲାଗିଥାଏ ?" (ମଜ୍‌ମୁଆ, ଇସ୍‌ତେହାରାତ୍, ତୃତୀୟ ଖଣ୍ଡ, ପୃଷ୍ଠା-୨୦୨-୨୦୫)

ମୌଲବୀ ମୁହମ୍ମଦ୍ ହୁସେନ୍ ବଟାଲୁୱି ବଟାଲାଠାରେ ପ୍ରତ୍ୟେକ ଗାଡିର ଆଗମନ ସମୟରେ ରେଲ୍‌ୱେ ଷ୍ଟେସନ୍‌ରେ ପହଂଚିଯାଆନ୍ତି ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଦର୍ଶନ କରିବାକୁ ଆସୁଥିବା ବା ଆପଣ ଆ:ସଙ୍କ ଦାବୀ ବିଷୟରେ ଅନୁସନ୍ଧାନ କରିବା ପାଇଁ କାଦିଆନ୍ ଆସୁଥିବା ଲୋକମାନଙ୍କୁ ଏପରି ଭାଙ୍ଗୁଣିଆ କଥା କହି ଏ ଚେଷ୍ଟା କରୁଥିଲେ କି ସେଠାକୁ ଯାଆନ୍ତୁ ନାହିଁ, ସେଠାରେ ବେଦୀନି (ଅଧର୍ମ), ମିଥ୍ୟା ଏବଂ ଦୋକାନ ଲଗାଇବା ବ୍ୟତୀତ କିଛି ମିଳିବ ନାହିଁ । (ନଉଜୁବିଲ୍ଲାଃ) । କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ସିଲ୍‌ସିଲା ଉନ୍ନତି କରିଚାଲିଲା ଏବଂ ଆପଣ ଆ:ସଙ୍କ ହାତରେ ବୟତ୍ କରିଥିବା ଲୋକମାନଙ୍କର ସଂଖ୍ୟା ଦିନୁ ଦିନ ବଢ଼ିଚାଲିଲା । ବିପକ୍ଷରେ ମୌଲମୀ ମୁହମ୍ମଦ୍ ହୁସେନ୍ ବଟାଲୁୱିଙ୍କ କଣ ପରିଣାମ ହେଲା । ଏ ସମ୍ବନ୍ଧରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅ କହୁଛନ୍ତି:-

"ଉକ୍ତ ଫତ୍‌ୱାକୁ ପ୍ରକାଶ କରାଯିବାର ଅଧିକ ଦିନ ବିତିନଥିଲା ଯେ ସେହି ମୌଲବୀ ସାହେବ୍‌ଙ୍କ ସମ୍ମାନ ଲୋକମାନଙ୍କ ହୃଦୟରୁ ଅଲ୍ଲାଃତାଲା ଲିଭାଇବା ଆରମ୍ଭ କରିଦେଲେ । ଏହି ଫତ୍‌ୱାକୁ ପ୍ରକାଶ କରିବା ପୂର୍ବରୁ ତାଙ୍କୁ ଏପରି ସମ୍ମାନ ହାସଲ ହୋଇଥିଲା କି ପଞ୍ଜାବ୍‌ର ରାଜଧାନୀ ଲାହୋର୍ ପରି ସହର, ଯାହା ସ୍ୱାଧୀନଚେତା ଲୋକମାନଙ୍କର ସହର ଅଟେ, ଯେବେ ସେ ବଜାର ଦେଇ ଯାଉଥିଲେ ତେବେ ଯେଉଁ ପର୍ଯ୍ୟନ୍ତ ଦୃଷ୍ଟି ପହଂଚୁଥିଲା ସେପର୍ଯ୍ୟନ୍ତ ଲୋକମାନେ ତାଙ୍କୁ ସମ୍ମାନ ଜଣାଇ ଛିଡା ହୋଇ ରହୁଥିଲେ ଏବଂ ହିନ୍ଦୁଧର୍ମ ଭଳି ଅନ୍ୟ ଧର୍ମର ଲୋକମାନେ ମଧ୍ୟ ମୁସଲ୍‌ମାନଙ୍କର ଏପରି ସମ୍ମାନ ଦେବାର ଦେଖି ତାଙ୍କୁ (ମୁହମ୍ମଦ୍ ହୁସେନ୍ ବଟାଲୁୱିଙ୍କୁ) ସମ୍ମାନ କରୁଥିଲେ ଏବଂ ସେ ଯେଉଁ ସ୍ଥାନକୁ ଯାଉଥିଲେ ଲୋକମାନେ ତାଙ୍କୁ ମୁଣ୍ଡରେ ବସାଉଥିଲେ ଏବଂ ହୁକ୍କାମେ ଆଲା ପରି ଗଭର୍ଣ୍ଣର୍ ଏବଂ ଗଭର୍ଣ୍ଣର ଜେନେରାଲ୍ ତାଙ୍କ ସହି ସମ୍ମାନର ସହିତ ମିଶୁଥିଲେ । କିନ୍ତୁ ଉକ୍ତ ଫତୁୱାଟିକୁ ପ୍ରକାଶ କରିବା ପରେ ବିନା କୌଣସି କାରଣରେ ତାଙ୍କର ସମ୍ମାନ ହାନି ହେବା ଆରମ୍ଭ ହୋଇଗଲା ଏବଂ ପରିଶେଷରେ ଏ ଅବସ୍ଥା ହେଲା କି ତାଙ୍କ ନିଜ ଫିର୍କାର ଲୋକମାନେ ମଧ୍ୟ ତାଙ୍କୁ ଛାଡିଦେଲେ । ଅର୍ଥାତ ସେ ଯେଉଁମାନଙ୍କ ଲିଡର୍ ଥିଲେ । ଏବଂ ମୁଁ ତାଙ୍କୁ ନିଜ ଆଖିରେ ଦେଖିଛି କି ସେ ରେଲଷ୍ଟେସନ୍‌ରେ ଏକୁଟିଆ ନିଜର ସାମାନ୍ (ଯାହା କିଛି କମ୍ ନଥିଲା) କୁ ନିଜ ପିଠିରେ ଉଠାଇ ଓ ହାତରେ ଧରି ଚାଲୁଥିଲେ ଓ ଚାରିଆଡୁ ଧକ୍କା ଖାଉଥିଲେ । କେହିତାକୁ ପଚାରୁ ନଥିଲେ । ଲୋକମାନଙ୍କ ମଧ୍ୟରେ ଏତେମାତ୍ରାରେ ଅବିଶ୍ୱାସ ବଢ଼ିଯାଇଥିଲା କି ବଜାରର ଦୋକାନୀମାନେ ତାଙ୍କୁ ସଉଦା ଦେବାପାଇଁ ମଧ୍ୟ ମନା କରିଦେଲେ । (ତେଣୁ) ସେ ଅନ୍ୟଲୋକମାନଙ୍କ ଜରିଆରେ ସଉଦା ମଗାଉଥିଲେ । ଏବଂ ନିଜ ଘରର ଲୋକମାନେ ତାଙ୍କଠାରୁ ସମ୍ପର୍କ ତୁଟାଇଦେଲେ । ତାଙ୍କର କିଛି ପୁତ୍ର ଓ ସ୍ତ୍ରୀମାନେ ତାଙ୍କ ସହିତ ମିଳାମିଶା କରିବା ଛାଡିଦେଲେ । ତାଙ୍କର ଗୋଟିଏ ପୁଅ ମୁର୍‌ତଦ୍ (ଧର୍ମକୁ ଛାଡିଦେବା) ହୋଇଗଲା । ସୁତରାଂ ସବୁ ପ୍ରକାର ସମ୍ମାନରୁ ବଂଚିତ ହୋଇ ଇବ୍‌ରତ୍ (ଭୟୋତ୍ପାଦକ ଶିକ୍ଷାପ୍ରଦ)ର ଦୃଷ୍ଟାନ୍ତ ଦେଖାଇ ଏ ସଂସାରରୁ ଚାଲିଗଲା । ଏବଂ ନିଜ ଜୀବନର ଶେଷ ଦିନଗୁଡିକ ର ଗୋଟିଏ ଗୋଟିଏ କ୍ଷଣ ଦ୍ୱାରା ଏହି ଆୟତର ସତ୍ୟତାକୁ ପ୍ରମାଣ କରି ଚାଲିଗଲା କି - *କୁଲ୍ ସିରୁ ଫିଲ୍ ଅର୍‌ଜି ସୁମ୍ମନ୍‌ଜୁରୁ କୈଫା କାନା ଆକିବତୁଲ୍ ମୁକଜ୍ଜିବିନ୍ ।* (ଦାୱ୍‌ତୁଲ୍ ଅମୀର୍, ପୃଷ୍ଠା-୨୩୩-୨୩୪, ଏଡ଼ିଶନ୍- ଜାନୁଆରୀ-୨୦୧୭, କାଦିଆନ୍)

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏହି ପ୍ରକାରର ଅଭାଗା ବିରୋଧିମାନଙ୍କ ସମ୍ବନ୍ଧରେ ନିମ୍ନଲିଖିତ ଫାର୍ସୀ ପଦଟିକୁ କହିଛନ୍ତି:-

*ଆଏ ପୈ ତକ୍‌ଫିର୍ ମା ବସ୍‌ତାଃ କମର୍*
*ଖାନାଅତ୍ ୱି ରାଁ ତୁଦର୍ ଫିକ୍‌ରେ ଦିଗର୍*

ଅର୍ଥାତ୍ ହେ ଅଭାଗା ଲୋକେ ! ଯେଉଁମାନେ ମୋତେ ତକ୍‌ଫିର୍ (ଅମାନ୍ୟକାରୀ ରୂପେ ଅଭିହିତ) କରିବା ପାଇଁ ଅଂଟା ଭିଡିଛନ୍ତି । ତୁମ ନିଜଘର ଉଜୁଡି ଗଲାଣି କିନ୍ତୁ ତୁମେ ଅନ୍ୟକୁ ତକ୍‌ଫିର୍ କରିବା ପାଇଁ ଲାଗି ପଡ଼ିଛ ।

ଦ୍ୱିତୀୟ ଉଦାହରଣଟି ହେଉଛି ପଣ୍ଡିତ ଲେଖ୍‌ରାମ୍‌ଙ୍କ ଭୟୋତ୍ପାଦକ ଦୃଷ୍ଟାନ୍ତମୂଳକ ଭୟଙ୍କର ବିନାଶର ଉଦାହରଣ । ପଣ୍ଡିତ ଲେଖ୍‌ରାମ୍ ଜଣେ ଖଳପ୍ରକୃତି, ମୁଢ଼ ଓ ଅଜ୍ଞାନ ବ୍ୟକ୍ତି ଥିଲା । ଇସ୍‌ଲାମ୍‌ର ଥଟ୍ଟା ପରିହାସ କରିବାରେ ସେ ସୀମା ପାର୍ କରିଯାଇଥିଲା । ଯେପରି ସେ ସହୃଦୟତାର ସହିତ ଏ ବିଶ୍ୱାସ ରଖିଥିଲା କି ଇସ୍‌ଲାମ୍ ହେଉଛି ନଉଜୁବିଲ୍ଲାଃ ଗୋଟିଏ ମିଥ୍ୟାଧର୍ମ । ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଗାଳିଗୁଲଜ କରୁଥିଲା । ପବିତ୍ର କୋରାନ୍‌ର ଉପହାସ କରୁଥିଲା । ସେ କାଦିଆନ୍ ଆସିଲା ଓ ନିଜ ସହଧର୍ମୀୟ ଆର୍ଯ୍ୟ ସମ୍ପ୍ରଦାୟ ଲୋକମାନଙ୍କ ଗହଣରେ ରହିଲା । ସେ ଯେତେଦିନ କାଦିଆନ୍‌ରେ ରହିଲା ଅତ୍ୟନ୍ତ ଖରାପ ମନବୃତିକୁ ପରିପ୍ରକାଶ କଲା । ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କୁ ଥଟ୍ଟା ପରିହାସ କରିଚାଲିଲା ଏବଂ ଆପଣ ଆ:ସଙ୍କ ବିଷୟରେ କୁଭାଷା ପ୍ରୟୋଗ କଲା । କେତେବେଳେ ଏହା କହୁଥିଲା କି ମୋ ସହିତ ଆସି ଯୁକ୍ତିକର, କେତେବେଳେ ଏହା କହୁଥିଲା କି ମୋତେ କୌଣସି ଚିହ୍ନ (ନିଦର୍ଶନ) କାହିଁକି ଦେଖାଉନାହଁ । ସେ ଯେତେଦିନ କାଦିଆନ୍‌ରେ ରହିଲା ଏହିଭଳି ବ୍ୟବହାର କରିବା ତା'ର ଅଭ୍ୟାସ ଥିଲା ।

କାଦିଆନ୍‌ରୁ ଫେରିଯିବା ପରେ ଲେଖ୍‌ରାମ୍ ଅତ୍ୟନ୍ତ ଧୃଷ୍ଟତା ଓ ପ୍ରଗଲ୍ଭତାର ସୀମା ଟପିଗଲା । ସେ ନିଜ ପୁସ୍ତକରେ ସ୍ଥାନେସ୍ଥାନେ ଇସ୍‌ଲାମ୍ ଏବଂ ଆଁ ହଜ୍‌ରତ୍ ସ:ଆ:ସକୁ ବରଂ ସମସ୍ତ ନବୀମାନଙ୍କ ଉପରେ ଆକ୍ରମଣ କରିଥିଲା । ହଜ୍‌ରତ ମସିହ୍ ମଉଦ୍ ଆ:ସଙ୍କ ଉପରେ ଅବତୀର୍ଣ୍ଣ ହୋଇଥିବା ଐଶୀବାଣୀ ଓ ଭବିଷ୍ୟବାଣୀ ଗୁଡିକର ଥଟ୍ଟା ପରିହାସ କଲା । ସୁତରାଂ ତା ନିଜ ପୁସ୍ତକ "ଖବ୍‌ତେ ଅହେମଦୀୟା" ଏବଂ "ତକ୍‌ଜିବେ ବରାହିନେ ଅହେମଦୀୟା" ସେ ସବୁର ମୁକସାକ୍ଷୀ ଅଟନ୍ତି । ସେ ଏହି ପୁସ୍ତକ ଗୁଡିକରେ ଅତ୍ୟନ୍ତ ଧୃଷ୍ଟତାପୂର୍ଣ୍ଣ ଆଲେଖ୍ୟ ଲେଖିଥିବା ଯୋଗୁ ଈଶ୍ୱରଙ୍କ ପ୍ରକୋପର କାରଣ ହେଲା । ଯେତେବେଳେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ୧୮୮୭ ମସିହାରେ ନିଜର ପୁସ୍ତକ "*ସୁର୍‌ମା ଚଶ୍‌ମାଃ ଆରିୟା*" କୁ ପ୍ରକାଶ କଲେ ଓ ତା'ମଧ୍ୟରେ ଆର୍ଯ୍ୟ ପଣ୍ଡିତମାନଙ୍କୁ ବେଦ ଓ କୋରାନ୍‌ର ପଦମର୍ଯ୍ୟାଦାର ମୁକାବିଲା କରିବାପାଇଁ ମୁବାହିଲାର ପ୍ରସ୍ତାବ ଦେଲେ ସେତେବେଳେ ଲେଖ୍‌ରାମ ତତ୍‌କ୍ଷଣାତ୍ ଆଗକୁ ଆସିଗଲା । ଫଳତଃ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସହିତ ମୁବାହିଲା (ଧର୍ମଯୁଦ୍ଧ) କରି ସ୍ୱର୍ଗୀୟ ଦଣ୍ଡରେ ଦଣ୍ଡି ହେଲା ।

ଲେଖ୍‌ରାମ ଲେଖିଲା:- "ହେ ପରମେଶ୍ୱର ! ଏ ଦୁଇଗୋଷ୍ଠୀଙ୍କ ମଧ୍ୟରେ ସଠିକ୍ ନିଷ୍ପତି କର କାରଣ ମିଥ୍ୟାବାଦୀ ସତ୍ୟବାଦୀଙ୍କ ପରି ତୁମ ନିକଟରେ ସମ୍ମାନ ପାଇପାରିବ ନାହିଁ" । (ଖବ୍‌ତେ ଅହେମଦୀୟା, ପୃଷ୍ଠା- ୩୪୪-୩୪୭ ବହୱାଲା ହକିକତୁଲ୍ ୱହି, ପୃଷ୍ଠା-୩୨୨)

ଲେଖ୍‌ରାମ୍ ତା ନିଜପାଇଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଠାରୁ ନିଦର୍ଶନ ପାଇବା ନିମନ୍ତେ ଅତ୍ୟନ୍ତ ଧୃଷ୍ଟତାର ସହିତ ଲେଖିଲା- "କୌଣସି ଭଲ ସ୍ୱର୍ଗୀୟ ନିଦର୍ଶନ ତ ଦେଖାଅ । ଯଦି ଯୁକ୍ତ କରିବାକୁ ଚାହୁଁନାହଁ ତେବେ ରବ୍‌ବୁଲ୍ *ଅର୍‌ଶ୍ ଖଏରୁଲ୍ ମାକିରିନ୍* (ସର୍ବୋତମ ଯୋଜନାକାରୀ ପ୍ରଭୁ)ଙ୍କ ଠାରୁ ମୋ ପାଇଁ କୌଣସି ଆକାଶୀୟ ଚିହ୍ନ ତ ମାଗ ଯଦ୍ୱାରା ଫୈସଲା ହୋଇଯାଉ । ଲେଖ୍‌ରାମ୍"
(ଇସ୍‌ତଫ୍‌ତା, ପୃଷ୍ଠା-୭)

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ୨୦ ଫେବୃୟାରୀ ୧୮୮୬ ମସିହାରେ ଗୋଟିଏ ଇସ୍ତେହାର୍ ଦେଇ ଲେଖ୍‌ରାମ୍‌ଠାରୁ ପଚାରି ବୁଝିଲେ କି ଯଦି ଏ ସମ୍ବନ୍ଧରେ ପେଶ୍‌ଗୋଇରେ କୌଣସି ଏପରି କଥା ପ୍ରକାଶ ହେବ ଯଦ୍ୱାରା ତୁମକୁ ଦୁଃଖ ପହଂଚିବ ତେବେ ତାକୁ ପ୍ରକାଶ କରିବି କି ନାହିଁ ? ଏହାର ଉତରରେ ଲେଖ୍‌ରାମ୍ ବହୁତ ଧୃଷ୍ଟତା ଓ ଦୁଃସାହସ ଦେଖାଇ ଲେଖିଲା କି ମୁଁ ଆପଣ ପେଶ୍‌ଗୋଇ ଗୁଡିକୁ ଭ୍ରାନ୍ତବୋଲି ବିବେଚନା କରୁଛି । ମୋ ସମ୍ବନ୍ଧରେ ଯେପରି ଚାହୁଁଛ ସେପରି ଛପାଇ ପ୍ରକାଶ କରିଦିଅ, ଏହା ମୋର ତରଫରୁ ଅନୁମତି, ମୁଁ କାହାକୁ ଭୟ କରୁନାହିଁ ।

ଲେଖରାମ୍‌ର ଏ ଜିଦି ଥିଲା କି ସମୟ ଅବଧି ନିର୍ଦ୍ଧାରଣ କରି ପେଶ୍‌ଗୋଇ ବତାଇ ଦିଆଯାଉ । ସୁତରାଂ ୨୦ ଫେବୃୟାରୀ ୧୮୯୩ ମସିହାରେ ବହୁତ ଧ୍ୟାନ, ଦୁଆ ଏବଂ ଭକ୍ତିଭାବରେ ମଗ୍ନ ହୋଇ ପ୍ରାର୍ଥନା କରିବା ପରେ ଏହା ଜଣାଇ ଦିଆଗଲା କି ଆଜିର ତାରିଖ ଅର୍ଥାତ୍ ୨୦ ଫେବୃୟାରୀ ୧୮୯୩ ଠାରୁ ଛଅବର୍ଷ ଭିତରେ ଲେଖ୍‌ରାମ୍ ଉପରେ ଭୀଷଣ ଦଣ୍ଡ ଅବତୀର୍ଣ୍ଣ ହେବ, ଯାହାର ଶେଷ ପରିଣତି ହେବ ମୃତ୍ୟୁ ଓ ତତ୍‌ସହିତ ଏହି ଆରବୀ ଏଲ୍‌ହାମ୍ (ଐଶିବାଣୀ) ଅବତୀର୍ଣ୍ଣ ହେଲା ।

"ଇଜ୍‌ଲୁନ୍ ଜସଦୁନ୍ ଲହୁ ଖୁୱାରୁନ୍ ଲହୁ ନସବୁନ୍ ୱ ଅଜାବ୍" ଅର୍ଥାତ୍ ଏକ ନିର୍ଜିବ ଶରୀରଧାରୀ ବାଛୁରି ଯେଉଁଥିରୁ ନିରର୍ଥକ ଶବ୍ଦ ବାହାରୁଛି । ସୁତରାଂ ତା'ପାଇଁ ଦୁଃଖ ଏବଂ ଦଣ୍ଡ ରହିଛି । ସୁତରାଂ ଆପଣ ଆ:ସ ଉକ୍ତ ତାରିଖ ଅର୍ଥାତ୍ ୨୦ ଫେବୃଆରୀ ୧୮୯୩ ଦିନ ଗୋଟିଏ ଇସ୍ତେହାର୍ ଜରିଆରେ ଲେଖିରାମ୍‌ଙ୍କ ସମ୍ବନ୍ଧରେ ଏହି ପେଶ୍‌ଗୋଇଟିକୁ ପ୍ରକାଶ କରିଦେଲେ । ତାର ପୃଷ୍ଠା-୨ ଓ ୩ ରେ ଏହି ଆଲେଖ୍ୟଟି ରହିଛି । ଆପଣ ଆ:ସ ଲେଖୁଛନ୍ତି:-

"ବର୍ତମାନ ମୁଁ ଏହି ପେଶ୍‌ଗୋଇକୁ ପ୍ରକାଶ କରି ସମସ୍ତ ମୁସଲ୍‌ମାନ୍, ଆର୍ଯ୍ୟ, ଇସାଇ ଏବଂ ଅନ୍ୟ ସମସ୍ତ ସମ୍ପ୍ରଦାୟ ଉପରେ ଏକତା ପ୍ରକାଶ କରୁଅଛୁ କି ଯଦି ଏହି ବ୍ୟକ୍ତି (ଅର୍ଥାତ୍ ଲେଖ୍‌ରାମ୍)ଉପରେ ଆଜିଠାରୁ ଛଅବର୍ଷ ଅବଧି ମଧ୍ୟରେ କୌଣସି ଏପରି ଦଣ୍ଡ ଅବତୀର୍ଣ୍ଣ ନହେଲା ଯାହା ମାମୁଲି ଦୁଃଖ କଷ୍ଟ ଠାରୁ ଅଲଗା ଏବଂ ବିସ୍ମୟକର ଓ ନିଜ ଭିତରେ ଈଶ୍ୱରଭୟ ନରଖୁଥିବ ତେବେ ଜାଣିରଖ କି ମୁଁ ଖୁଦାଙ୍କ ତରଫରୁ ଆସିନାହିଁ । ଓ ନା ତା ଆତ୍ମା ସହିତ ମୋର କୌଣସି ସମ୍ପର୍କ ଅଛି" ।

ଆପଣ ଆ:ସ ଏହା ମଧ୍ୟ ଲେଖିଛନ୍ତି କି "ଏବେ ଆର୍ଯ୍ୟମାନେ ସମସ୍ତେ ମିଶି ପ୍ରାର୍ଥନା କରିବା ଉଚିତ୍ ହେବ କି ଏହି ଦଣ୍ଡ ତାଙ୍କର ଉକ୍ତ ଓକିଲ (ପ୍ରତିନିଧି)ଙ୍କ ଠାରୁ ଟଳିଯାଉ" । (ବହଓ୍ୱାଲା ମଜ୍‌ମୁଆ ଇସ୍ତେହାରାତ୍, ଖଣ୍ଡ-୧, ପୃଷ୍ଠା-୩୭୨-୩୭୩)

ଏବଂ ଯେତେବେଳେ କେତେକ ଆର୍ଯ୍ୟ ପତ୍ରକାର ନିଜର ଖରାପ ସ୍ୱଭାବ ଯୋଗୁ ଏହି ପେଶ୍‌ଗୋଇଟିକୁ ଦୁର୍ବଳ କରିଦେବା ପାଇଁ ଏ ସମ୍ବନ୍ଧରେ ଟିପ୍ପଣୀ ଦେବା ଆରମ୍ଭ କରିଦେଲେ ଏଥିରେ ଆପଣ ଆ:ସ ବହୁତ ଦୃଢ଼ତାର ସହିତ କହିଲେ-

"ମୁଁ ଠିକ୍ ଜାଣିଛି ଯେ ଏହା ସମୟ ପୂର୍ବରୁ ଘଟିବ । ମୁଁ ନିଜେ ଏକଥାକୁ ସ୍ୱୀକାର କରିଛି ଏବଂ ଏବେ ପୁଣି ସ୍ୱୀକାର କରୁଅଛି କି ଯେପରି ଆରୋପକାରୀମାନେ ଏକଥା ଭାବୁଛନ୍ତି ଯେ ଯଦି ଏହି ପେଶ୍‌ଗୋଇର ଶେଷ ପରିଣତି କୌଣସି ମାମୁଲି ଜ୍ୱରରୂପେ ହେବ ବା କୌଣସି ମାମୁଲି ପୀଡା ହେବ ବା ମାମୁଲି ହଇଜାରେ ଆକ୍ରାନ୍ତ ହେବାପରେ ପୁଣି ଅସଲ ସ୍ୱାସ୍ଥ୍ୟ ଫେରିପାଇବ । ତେବେ ଏହାକୁ ପେଶ୍‌ଗୋଇ ରୂପେ ବିବେଚନା କରାଯିବନାହିଁ । ଏବଂ ଏହା ନିଶ୍ଚିତ ରୂପେ ଏକ ଧୋକା ହେବ କାରଣ ଏପରି ରୋଗରୁ କେହି ବାଦ୍ ପଡିନାହାଁନ୍ତି । ଆମେ ସମସ୍ତେ କେବେ ନା କେବେ ବେମାର ପଡିଥାଉ । ସୁତରାଂ ଏପରି ପରିସ୍ଥିତିରେ ମୁଁ ନିଶ୍ଚିତ ରୂପେ ଦଣ୍ଡ ପାଇବାର ଯୋଗ୍ୟ ହେବି ଯାହାର ଚର୍ଚ୍ଚା ମୁଁ ପୂର୍ବରୁ କରିସାରିଛି । କିନ୍ତୁ ଯଦି ପେଶ୍‌ଗୋଇଟି ଏପରି ପ୍ରକାଶିତ ହେବ ଯେଉଁଥିରେ ଇଶ୍ୱରଙ୍କ ପ୍ରକୋପ ଏକ ନିଦର୍ଶନ ରୂପେ ସ୍ପଷ୍ଟ ପ୍ରକାଶ ହେଉଥିବ । ତେବେ ପୁଣି ଜାଣିନିଅ କି ଏହା ଖୁଦାତାଲାଙ୍କ ତରଫରୁ ହୋଇଛି" । (ବର୍‌କାତୁ ଦୁଆ, ରୁହାନି ଖଜାଏନ୍, ଖଣ୍ଡ-୬, ପୃଷ୍ଠା-୨)

ଏବେ ସମସ୍ତ ଲୋକେ ଏକଥାକୁ ଅପେକ୍ଷା କରି ରହିଲେ କି ହଜ୍‌ରତ୍ ବାନି ସିଲ୍‌ସିଲା (ସମ୍ପ୍ରଦାୟର ପ୍ରତିଷ୍ଠାତା)ଙ୍କ ପେଶ୍‌ଗୋଇ କେବେ ଓ କିପରି ପୂରଣ ହେବ । ସେପଟେ ପଣ୍ଡିତ୍ ଲେଖ୍‌ରାମ୍ ନିଜ ପରିଣାମ ବିଷୟରେ କୌଣସି ପରବାୟ ନକରି ବହୁତ ଧୃଷ୍ଟତା ଓ କୁଭାଷା ପ୍ରୟୋଗ କରିବାରେ ବଢ଼ିଚାଲିଥିଲା । ଅନ୍ୟପଟେ ଖୁଦାଙ୍କ ମଲାଇକା (ଇଶ୍ୱରଙ୍କ ଦେବଦୂତ ଗଣ) ବହୁତ ଶିଘ୍ରତାର ସହିତ ରସୁଲ୍‌ଙ୍କୁ ଗାଳି ଓ ଅପଶବ୍ଦ ଦେଉଥିବା ସେହି ଅଶିଷ୍ଟକୁ ଦଣ୍ଡ ଦେବାପାଇଁ ତା ଆଡକୁ ବଢ଼ି ଚାଲୁଥିଲେ । ସୁତରାଂ ଏବେ ପେଶ୍‌ଗୋଇ ହେବାର ପଂଚମ ବର୍ଷର ପ୍ରଥମ ମାସ ଅର୍ଥାତ୍ ମାର୍ଚ୍ଚ୍ ୧୮୯୭ ଆରମ୍ଭ ହେଉଥିଲା ଯେ ବିଧିର ବିଧାନ ତା ତୀକ୍ଷ୍ଣ ଧାର ତରବାରି ଦ୍ୱାରା କାମ ଶେଷ କରିଦେଲା ।

ଏହାର ସବିଶେଷ ବିବରଣୀ ହେଉଛି ଏପରି କି ଲେଖ୍‌ରାମ୍ ସେତେବେଳେ ଲାହୋର୍‌ର ଓ୍ୱଛୁଓ୍ୱାଲି ମହଲାର ଜଣେ ଆର୍ଯ୍ୟ ମହାଶାଙ୍କ ଘରେ ଗୋଟିଏ ଗଳି ଭିତରେ ରହୁଥିଲା । ୬ ମାର୍ଚ୍ଚ୍ ୧୮୯୭ ଶନିବାର ଦିନ ଏପରି କୁହାଯାଉଛି କି ପଣ୍ଡିତ ଲେଖ୍‌ରାମ୍ ଉପର ମହଲାରେ ଅର୍ଦ୍ଧନଗ୍ନ ଅବସ୍ଥାରେ ବସି କିଛି ଲେଖିବା କାର୍ଯ୍ୟରେ ଲିପ୍ତ ଥିଲା । ଲେଖିବା ଶେଷ କରିବା ପରେ ସେ ଯେତେବେଳେ ଅଳସ ଭାଙ୍ଗିଲା ସେତେବେଳେ ତା ପେଟଟି ଆଗକୁ ବାହାରି ଆସିଲା । ଜଣେ ଯୁବକ ଯିଏ କିଛିଦିନ ପୂର୍ବରୁ ତା ନିକଟରେ ଶୁଦ୍ଧି ହେବାପାଇଁ ଅର୍ଥାତ୍ ହିନ୍ଦୁ ହେବାପାଇଁ ଆସିଥିଲା ଏବଂ ସେହିଦିନ ସନ୍ଧ୍ୟାବେଳେ କମ୍ବଳ ଘୋଡି ହୋଇ ତା ନିକଟରେ ବସିଥିଲା । ସେ ଲେଖ୍‌ରାମ୍‌ର ପେଟ ଭିତରେ ଗୋଟିଏ ଖଞ୍ଜର୍ ଏପରି ମାରିଲା ଯେ ତା ଅନ୍ତବୁଜୁଳି ବାହାରକୁ ବାହାରି ଆସିଲା । ସେତେବେଳେ ଲେଖ୍‌ରାମ୍‌ର ମୁହଁରୁ ବହୁତ୍ ଜୋର୍‌ରେ ବଳଦ ଶବ୍ଦପରି ଶବ୍ଦ ବାହାରିଲା, ଯାହାକୁ ଶୁଣି ତା ସ୍ତ୍ରୀ ଓ ତା ମା' ସେହି କୋଠରୀ ଭିତରେ ପହଂଚିଗଲେ । କିନ୍ତୁ ହତ୍ୟାକାରୀ ଯାଇସାରିଥିଲା । ଲେଖ୍‌ରାମ୍‌କୁ ପୋଲିସ୍ ମେଓ ହସ୍‌ପିଟାଲ୍ ଲାହୋର୍‌ରେ ପହଂଚାଇଦେଲା ଯେଉଁଠି ଜଣେ ଇଂରେଜ୍ ସର୍ଜନ୍ ଡାଃ ପୈରି ତା ଜୀବନ ବଂଚାଇବା ପାଇଁ ବହୁତ ଚେଷ୍ଟା କଲେ । କିନ୍ତୁ ରସୁଲ୍ ସ:ଆ:ସଙ୍କୁ ଗାଳି ଗୁଲଜ କରୁଥିବା ଏହି ବ୍ୟକ୍ତି ସାରା ରାତି ଓ ତା ପରଦିନର କିଛି ସମୟ ପର୍ଯ୍ୟନ୍ତ ଅନବରତ ଛଟପଟ ହେଲା ଏବଂ ତା'ପରେ ତା'ର ଜୀବନ ଚାଲିଗଲା । ସୁତରାଂ ଏହିପରି ଇଶ୍ୱରଙ୍କ ଦୂତଙ୍କ ପେଶ୍‌ଗୋଇ ଇସ୍‌ଲାମ୍ ଏବଂ ତା ପବିତ୍ର ରସୁଲ୍ ସ:ଆ:ସଙ୍କ ସତ୍ୟତା ହଜାର ହଜାର ସୂର୍ଯ୍ୟାଲୋକ ସଦୃଶ ବହୁତ ବୈଭବ, ଦର୍ପ ଏବଂ ଇଶ୍ୱର ଭୟ ସହିତ ପୂରଣ ହେଲା । ଏହାଦ୍ୱାରା ଆପଣ ଆ:ସଙ୍କ ସତ୍ୟତା ଓ ଆପଣ ଇଶ୍ୱରଙ୍କ ତରଫରୁ ଆସଛନ୍ତି ବୋଲି ଏକ ଜବରଦସ୍ତ ନିଦର୍ଶନ ପ୍ରମାଣିତ ହେଲା ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଲେଖ୍‌ରାମ୍‌ର ମୃତ୍ୟୁରେ ଯେଉଁଠି ସହାନୁଭୂତି ଦେଖାଇ ଦୁଃଖ ପ୍ରକାଶ କରିଛନ୍ତି ସେଠାରେ ଏହାର ବିପରୀତ ଇଶ୍ୱରଙ୍କ କୃତଜ୍ଞତା ମଧ୍ୟ ଜ୍ଞାପନ କରିଛନ୍ତି ।

ସୁତରାଂ ଆପଣ ଆ:ସ କହୁଛନ୍ତି:- "ଯଦିଚ ମାନବିକ ସହାନୁଭୂତି ଦୃଷ୍ଟିକୋଣରୁ ଆମେ ତା ମୃତ୍ୟୁରେ ଦୁଖିତ କାରଣ ଏକ ଭୀଷଣ ବିପତି ଓ ଅଚାନକ ଦୁର୍ଘଟଣା ଦ୍ୱାରା ତାଙ୍କର ମୃତ୍ୟୁ ଯୁବକ ଅବସ୍ଥାରେ ହିଁ ହୋଇଗଲା କିନ୍ତୁ ଅନ୍ୟପଟେ ଆମେ ଇଶ୍ୱରଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଅଛୁ କି ତା ନିଜ ମୁହଁର କଥା ଆଜି ପୂର ହୋଇଗଲା । ଆମକୁ ସେହି ଇଶ୍ୱରଙ୍କ ରାଣ ଯିଏ ଆମ ହୃଦୟକୁ ଜାଣିଛନ୍ତି ଯଦି ସେ କୌଣସି ବିପତି ଓ କଷ୍ଟରେ ପଡ଼ିଥାଆନ୍ତା ଓ ଆମର ସହାନୁଭୂତି ଦ୍ୱାରା ସେ ବଂଚିପାରିଥାଆନ୍ତା ତେବେ ଏଥିରେ ଆମକୁ କୌଣସି ଫରକ୍ ପଡିନଥାନ୍ତା.... ଏହା ହେଉଛି ଇଶ୍ୱରଙ୍କ ତରଫରୁ ଏକ ମହାନ୍ ନିଦର୍ଶନ । କାରଣ ସେ ଏହା ଚାହୁଁଥିଲା କି ତା ଭକ୍ତଙ୍କୁ ଅପମାନ କରୁଥିବା ଲୋକେ ସଚେତନ ହୋଇଯାଆନ୍ତୁ" । (ମଜ୍‌ମୁଆ ଇସ୍ତେହାରାତ୍, ଖଣ୍ଡ-୨, ପୃଷ୍ଠା-୩୩୬-୩୩୭) ।

ତୃତୀୟ ଉଦାହରଣ ହେଉଛି ମାଜିଷ୍ଟ୍ରେଟ୍ ଲାଲା ଚନ୍ଦୁଲାଲଙ୍କ ପରିଣାମ । ମୌଲବୀ କରମ୍‌ଦୀନ୍ ସାହେବ୍ ତାଙ୍କ ପ୍ରଥମ ମୋକଦ୍ଦମାରେ ଅସଫଳ ହେବା ପରେ ୨୬ ଜାନୀୟାରୀ ୧୯୦୩ ଦିନ ଆଉଗୋଟିଏ ଫୌଜଦାରୀ ମୋକଦ୍ଦମା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏବଂ ହକିମ୍ ଫଜଲ୍ ଦିନ୍ ସାହେବ୍‌ଙ୍କ ଖିଲାଫ୍‌ରେ ଡିଷ୍ଟ୍ରିଟ୍ ମାଜିଷ୍ଟ୍ରେଟ୍ ଝେଲମ୍ ରାଏ ସନ୍‌ସାର୍ ଚନ୍ଦ୍ ସାହେବ୍‌ଙ୍କ ଅଦାଲତରେ ଦାଏର୍ କରିଦେଲେ । ତାଙ୍କ ମୋକଦ୍ଦମାର ଆଧାର ଏହା ଥିଲା କି ମିର୍ଜା ସାହେବ୍ ନିଜ ପୁସ୍ତକ ମଓ୍ୱାହିବୁର୍ ରହ୍‌ମାନ୍ (୧୯୦୩)ରେ କଜ୍ଜାବ୍ (ମିଥ୍ୟାବାଦୀ), ମୁହିନ୍ (ଅପମାନକାରୀ) ଶବ୍ଦ ବ୍ୟବହାର କରି ତାଙ୍କର ଅପମାନ କରିଛନ୍ତି । କାରଣ ତାଙ୍କ ବୟାନ୍ ମୁତାବକ ଏହି ଶବ୍ଦ ଜଣେ ବଡ କାଫିର୍ ଓ୍ୱଲିଦ୍ ବିନ୍ ମୁଗିରାଙ୍କ ନିମନ୍ତେ ବ୍ୟବହାର କରାଯାଇଥିଲା । ସେଇଥିପାଇଁ ମିର୍ଜା ସାହେବ୍ ଏ ଶବ୍ଦକୁ ମୌଲବୀ କରମ୍‌ଦିନ୍ ସାହେବ୍‌ଙ୍କ ନିମନ୍ତେ ବ୍ୟବହାର କରି ତାଙ୍କୁ କାଫର୍ ସହିତ ତୁଳନା କରିଛନ୍ତି । ମୌଲବୀ ସାହେବ୍‌ଙ୍କ ଦ୍ୱାରା ଦାଏର୍ ହୋଇଥିବା ମୋକଦ୍ଦମାଟି ଊଣାଅଧିକେ ଦୁଇବର୍ଷ ପର୍ଯ୍ୟନ୍ତ ବିଭିନ୍ନ ଅଦାଲତରେ ଚାଲୁ ରହିଲା । ସେଥିରେ ଅନେକ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିବିଶେଷ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମ୍ମାନ ହାନି କରିବା ପାଇଁ ଚେଷ୍ଟା କଲେ କିନ୍ତୁ ସେମାନେ ଭୟଙ୍କର ପରିଣତି ଭୋଗକଲେ ଏବଂ ପରିଶେଷରେ ମୌଲବୀ କରମ୍‌ଦୀନ୍ ସାହେବ୍ ନା କେବଳ ଅଦାଲତରୁ କଜ୍ଜାବ୍ ଏବଂ ଲଇମ୍ (ମିଥ୍ୟାବାଦୀ ଓ ଅଭିଷପ୍ତ) ଉପାଧି ନେଇ ଆସିଲା ବରଂ ତାଙ୍କର ପରିଣାମ ମଧ୍ୟ ବହୁତ ଭୟଙ୍କର ହେଲା ଏବଂ ସେଥିରେ ସେ ମୃତ୍ୟୁବରଣ କଲେ । ଏହି ମୋକଦ୍ଦମା ୨୯ ଜୁନ୍ ୧୯୦୩ ମସିହା ଦିନ ଗୁର୍‌ଦାସ୍‌ପୁର୍‌ର ଜଣେ ପ୍ରଥମଶ୍ରେଣୀ ଆର୍ଯ୍ୟ ମାଜିଷ୍ଟ୍ରେଟ୍ ଲାଲା ଚନ୍ଦୁ ମଲ୍ ବି.ଏଙ୍କ ଅଦାଲତରେ ପେଶ୍ ହେଲା । ଗୁର୍‌ଦାସ୍‌ପୁର୍ ଜିଲାର ଏହି ମାଜିଷ୍ଟ୍ରେଟ୍ ଲାଲା ଚନ୍ଦୁଲାଲ୍‌ଙ୍କ ବ୍ୟବହାର ପ୍ରାରମ୍ଭରେ ଅତ୍ୟନ୍ତ ଘୃଣ୍ୟ ଓ ବିରୋଧପୂର୍ଣ୍ଣ ନଥିଲା । ଗୁର୍‌ଦାସ୍‌ପୁର୍‌ର ଆର୍ଯ୍ୟମାନେ ଲାଲା ଚନ୍ଦୁଲାଲ୍ ସହିତ ମିଶି ଏକ କୁଯୋଜନା ପ୍ରସ୍ତୁ କଲେ । ସେମାନେ ତାଙ୍କୁ କହିଲେ କି ଏ ବ୍ୟକ୍ତିଜଣକ ହେଉଛନ୍ତି ଆମ ଶତୃ ଓ ଆମର ଲିଡର୍ ଲେଖ୍‌ରାମ୍‌ଙ୍କର ହତ୍ୟାକାରୀ । ତେଣୁ ବର୍ତମାନ ସେ ଆପଣଙ୍କର ଶିକାର ଅଟେ ଏବଂ ଆମ ସମସ୍ତଙ୍କର ଦୃଷ୍ଟି ଆପଣଙ୍କ ଉପରେ ରହିଛି । ଯଦି ଆପଣ ଏହି ଶିକାରକୁ ଛାଡିଦେବେ ତେବେ ଆପଣ ଏ ଜାତିର ଶତୃ ହୋଇଯିବେ ।...ଏଥିରେ ମାଜିଷ୍ଟ୍ରେଟ୍ ତାଙ୍କୁ ଏ ଉତର ଦେଲେ କି ମୁଁ ବର୍ତମାନ ଶପଥ କରୁଛି ଯେ ଯାହାକିଛି ହେଲେ ମଧ୍ୟ ମୁଁ ଏହି ମୋକଦ୍ଦମାର ପ୍ରଥମ ପେଶିରେ କାମ କରିଦେବି । ଅଦାଲତ କାରବାଇର ଅର୍ଥ ଏହା ଥିଲା କି ପ୍ରତ୍ୟେକ ମାଜିଷ୍ଟ୍ରେଟ୍‌ଙ୍କ ଏ ଅଧିକାର ରହିଛି ଯେ ମୋକଦ୍ଦମାର ଆରମ୍ଭରେ ବା ମୋକଦ୍ଦମା ମଝିରେ ସେ ଯେତେବେଳେ ଚାହିଁବେ ଅପରାଧିଙ୍କ ଠାରୁ ବିନା କୌଣସି ଜମାନତ୍ ନ ନେଇ ଗିରଫ୍ କରି ବନ୍ଦୀଶାଳାକୁ ପଠାଇପାରିବେ ।

ଏହି ଅପବିତ୍ର ଯୋଜନା ବିଷୟରେ ହଜ୍‌ରତ୍ ମୌଲବୀ ସୟଦ୍ ସର୍‌ଓ୍ୱର୍ ଶାହ୍ ସାହେବ୍ ଜାଣିଗଲେ ଯିଏ ୧୪ ମାର୍ଚ୍ଚ୍ ୧୯୦୪ର ପେଶିର ପ୍ରସ୍ତୁତି ନିମନ୍ତେ ଗୁର୍‌ଦାସ୍‌ପୁର୍ ଯାଇଥିଲେ । ସୁତରାଂ ଯେତେବେଳେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଉକ୍ତ ଧାର୍ଯ୍ୟ ତାରିଖର ଗୋଟିଏ ଦିନ ପୂର୍ବରୁ ଗୁର୍‌ଦାସପୁର ପହଂଚିଲେ ସେ ଏକଥା ଆପଣ ଆ:ସଙ୍କୁ କହିବା ଜରୁରୀ ଭାବିଲେ । ଆପଣ ଆ:ସ ଏହି ସମସ୍ତ ଘଟଣାବଳୀ ଚୁପ୍ ହୋଇ ଶୁଣିଚାଲିଲେ କିନ୍ତୁ ଯେଉଁକ୍ଷଣି ସୟଦ୍ ସର୍‌ଓ୍ୱର୍ ଶାହ୍ ସାହେବ୍ ଶିକାର ଶବ୍ଦରେ ପହଂଚିଲେ ଅଚାନକ ହଜ୍‌ରତ୍ ସାହେବ୍ ଉଠି ବସିପଡିଲେ ଓ ଆପଣ ଆ:ସଙ୍କ ଆଖି ଚମକି ଉଠିଲା ଓ ଚେହେରା ଲାଲ୍ ହୋଇଗଲା । ଆପଣ ଏହା ଶୁଣି କହିଲେ- ମୁଁ ତାର ଶିକାର ହେବି ! ମୁଁ ଶିକାର ନୁହେଁ, ମୁଁ ହେଉଛି ସିଂହ ଓ ପୁଣି ଇଶ୍ୱରଙ୍କ ସିଂହ । ସେ ଇଶ୍ୱରଙ୍କ ସିଂହ ଉପରେ ହାତ ପକାଇପାରିବ ? ଏପରି କରିକି ତ ଦେଖୁ ଓ ସେ ସମୟରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଆଖି ଯାହା ସଦାସର୍ବଦା ତଳକୁ ଚାହିଁରହେ ଓ ଅର୍ଦ୍ଧମୁଦ୍ରିତ ଅବସ୍ଥାରେ ରହେ, ବାସ୍ତବରେ ତାହା ସିଂହର ଆଖି ସଦୃଶ ଖୋଲା ରହି ନିଆଁପରି ଦାଉଦାଉ ହୋଇ ଚମକୁଥିଲା ଓ ଚେହେରା ଏତେ ଲାଲ୍ ପଡିଯାଇଥିଲା ଯେ ଦେଖିହେଉନଥିଲା ।

ଆପଣ ଆ:ସଙ୍କର ଏପରି ଅବସ୍ଥା ଯେବେ ସାଧାରଣ ହୋଇଗଲା ସେତେବେଳେ ଆପଣ ଆ:ସ କହିଲେ- ମୁଁ କଣ କରିବି । ମୁଁ ତ ଖୁଦାଙ୍କ ସମ୍ମୁଖରେ ଉପସ୍ଥାପନ କରିଛି ଯେ ମୁଁ ତୁମ ଦୀନ ଖାତିର୍ ନିଜ ହାତ ଓ ଗୋଡରେ ଲୁହା ପିନ୍ଧିବା ପାଇଁ ପ୍ରସ୍ତୁତ ଅଛି କିନ୍ତୁ ସେ କହୁଛି କି ନୁହେଁ, ମୁଁ ତୁମକୁ ଅପମାନିତ ହେବାରୁ ବଂଚାଇବି ।

ଏପଟେ ଶତୃ ତାର ଯୋଜନା ଚଳାଇଥିଲା, ସେପଟେ ଅଲ୍ଲାଃତାଲା ତା ଦୂତକୁ ସମ୍ଭାବ୍ୟ ଅପମାନରୁ ବଂଚାଇବା ପାଇଁ ଏପରି ଯୋଜନା କଲେ କି ଯେଉଁକ୍ଷଣି ଆପଣ ଆ:ସ ଉକ୍ତ ମଜ୍‌ଲିସ୍‌ରୁ ବାହାରି ଆସିଲେ ସେହିକ୍ଷଣି ଆପଣଙ୍କୁ ରକ୍ତବାନ୍ତି ହେଲା । ତତ୍‌କ୍ଷଣାତ୍ ସ୍ଥାନୀୟ ଡାକ୍ତରଖାନାର ଇଂରେଜ୍ ଡାକ୍ତର ସିଭିଲ୍ ସର୍ଜନ୍ ଏସ୍.ପି ମୋର୍‌ଙ୍କୁ ଡକାଗଲା । ସେ ସେହିକ୍ଷଣି ହଜ୍‌ରତ୍ ସାହେବ୍‌ଙ୍କୁ ଦେଖିବା ପରେ କହିଲେ କି ବର୍ତମାନ ଆରାମ କରିବାର ଆବଶ୍ୟକତା ଅଛି ଓ ଏକମାସ ପର୍ଯ୍ୟନ୍ତ ଆରାମ କରିବା ପାଇଁ ସାର୍ଟିଫିକେଟ୍ ଲେଖିଦେଲେ ଯେ ଏହି ଅବଧି ମଧ୍ୟରେ ସେ କଚେରୀରେ ଉପସ୍ଥିତ ହେବାର ଯୋଗ୍ୟ ନୁହଁନ୍ତି । ତେଣୁ ଏହାପରେ ହଜୁର୍ ପେଶ୍ ପୂର୍ବରୁ କାଦିଆନ୍ ଚାଲିଗଲେ ।

ତା ପରଦିନ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ପେଶ୍ ହେବାର ଦିନ ଥିଲା । ଯେତେବେଳେ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ଡାକ୍ତରୀ ସାର୍ଟିଫିକେଟ୍ ଉପସ୍ଥାପନ କରାଗଲା ଏଥିରେ ସେ ଆଶ୍ଚର୍ଯ୍ୟ ହୋଇ ଡାକ୍ତରଙ୍କୁ ସାକ୍ଷୀ ଦେବାପାଇଁ ଡକାଇ ପଠାଇଲା । ଉକ୍ତ ଇଂରେଜ ଡାକ୍ତର ଏକଥା କହିଲେ କି ମୋ ସାର୍ଟିଫିକେଟ୍‌ଟି ବିଲ୍‌କୁଲ୍ ଠିକ୍ ଏବଂ ମୋ ସାର୍ଟିଫିକେଟ୍ ସମସ୍ତ ବଡ ବଡ ଅଦାଲତରେ ମଧ୍ୟ ଗ୍ରହଣଯୋଗ୍ୟ । ଏହା ଶୁଣି ମାଜିଷ୍ଟ୍ରେଟ୍ ହଡବଡ ହୋଇଗଲା କିନ୍ତୁ କିଛି କରିପାରିଲା ନାହିଁ ଏବଂ ଅଦାଲତର କାରବାଇକୁ ସ୍ଥଗିତ ରଖି ଆଗକୁ ତାରିଖ ବଢ଼ାଇବା ପାଇଁ ବାଧ୍ୟ ହେଲା ।

କିନ୍ତୁ ତାପର ପେଶୀରେ ଅଦାଲତରେ ଉପସ୍ଥାପନ ହେବା ପୂର୍ବରୁ ସିଭିଲ୍ ସର୍ଜନ୍ ଜଣଙ୍କ ହଜୁର୍ ଆ:ସଙ୍କୁ ଦେଖିବା ପାଇଁ କାଦିଆନ୍ ଆସିଲେ ଏବଂ ହଜୁର୍ ଆ:ସଙ୍କ ପରୀକ୍ଷା ନିରୀକ୍ଷା

କରିବା ପରେ ସେ ହଜୁର୍‌ଙ୍କୁ ଆଉ ପାଂଚଦିନ ଆରାମ କରିବା ପାଇଁ ଉପଦେଶ ଦେଲେ ଓ ସେତେଦିନ ପର୍ଯ୍ୟନ୍ତ ଯାତ୍ରା କରିବା ନିମନ୍ତେ ଯୋଗ୍ୟ ନୁହଁନ୍ତି ବୋଲି ସାର୍ଟିଫିକେଟ୍ ପ୍ରଦାନ କରିଦେଲେ ।

ଏପଟେ ଖୁଦାତାଲା ନିଜର ପ୍ରେରିତ ଦୂତକୁ ପ୍ରତ୍ୟେକ ପ୍ରକାରର ଅପମାନରୁ ବଂଚାଇବା ପାଇଁ ସୁସମାଚର ଦେଇସାରିଥିଲେ । ସେ ମଧ୍ୟ ନିଜର ପ୍ରତାପ ଦେଖାଇବା ଆରମ୍ଭ କରିଦେଲେ । ସୁତରାଂ ଉପରୋକ୍ତ ସ୍ୱର୍ଗୀୟ ଯୋଜନା ସହିତ ଯାହା ଅଲ୍ଲାଃତାଲା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସପକ୍ଷରେ ପ୍ରକାଶ କଲେ ନିଜେ ଲାଲା ଚନ୍ଦୁଲାଲ୍ ମଧ୍ୟ ଏହାଦ୍ୱାରା ଇଶ୍ୱରଙ୍କ କ୍ରୋଧର ଶିକାର ହେଲେ ଓ ଏହି ସମସ୍ତ ସ୍ୱର୍ଗୀୟ ଯୋଜନାର ଖବର ଅଲ୍ଲାଃତାଲା ପୂର୍ବରୁ ହିଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଦେଇସାରିଥିଲା । ରିଓ୍ୱାୟତ୍‌ରେ ଆସୁଛି କି ମୋକଦ୍ଦମା ଚାଲିଥିବା ଅବଧି ମଧ୍ୟରେ କେତେଜଣ ଆମ ଜମାତୀୟ ସମ୍ମାନୀୟ ବ୍ୟକ୍ତି ଆପଣଙ୍କ ନିକଟରେ ପହଂଚି ସହାନୁଭୂତି ଦେଖାଇ କହିଲେ କି ଚନ୍ଦୁଲାଲ୍ ଏ ସଂକଳ୍ପ କରିଛି କି ଆପଣଙ୍କୁ କଏଦୀ କରିବ । ସେତେବେଳେ ଆପଣ ଆ:ସ ଗୋଟିଏ ଦରି ଉପରେ ଶୋଇଥିଲେ । ଉଠିଯାଇ ବସିପଡିଲେ ଓ କହିଲେ:- "ମୁଁ ଚନ୍ଦୁଲାଲ୍‌କୁ ଅଦାଲତର ଚଉକି ଉପରେ ଦେଖିବାକୁ ପାଉନାହିଁ" । (ବହଓ୍ୱାଲା ଅଖବାର୍ ଅଲ୍‌ହକମ୍ ୧୪ ଜୁଲାଇ ୧୯୦୪)

ଏହି ଘଟଣାଟି ଏପରି ଘଟିଲା କି ଗୁର୍‌ଦାସ୍‌ପୁର୍ ଜେଲ୍‌ରେ ଜଣେ ଅପରାଧୀକୁ ଫାଶୀ ଦେବାର ଥିଲା । ସେଥିପାଇଁ ଚନ୍ଦୁଲାଲ୍‌ର ଡ୍ୟୁଟି ଲଗାଗଲା । ସେ ଡେପୁଟି କମିଶନ୍‌ରକୁ ଲେଖି ଜଣାଇଲେ କି ମୁଁ ଜଣେ ନମ୍ର ବ୍ୟକ୍ତି, କାହାକୁ ଫାଶୀ ଦେବାର ଅବସ୍ଥାରେ ମୁଁ ଦେଖିପାରିବିନାହିଁ । ସେଥିଯୋଗୁ ମୋତେ କ୍ଷମା କରାଯାଉ । ଡେପୁଟି କମିଶନର୍ ଆଉଜଣେ ମାଜିଷ୍ଟ୍ରେଟ୍‌ଙ୍କ ଡ୍ୟୁଟି ସେଥିପାଇଁ ଲଗାଇଲେ । କିନ୍ତୁ ତତ୍‌ସହିତ ସରକାରଙ୍କୁ ଏ ବିଷୟରେ ରିପୋର୍ଟ୍ ପ୍ରଦାନ କଲେ କି ଏ ବ୍ୟକ୍ତି ଜଣକ ଅର୍ଥାତ୍ ଚନ୍ଦୁଲାଲ୍ ଫୌଜଦାରୀ ମାମଲା ପରିଚାଳନା କରିବା ପାଇଁ ଯୋଗ୍ୟ ନୁହଁନ୍ତି । ସୁତରାଂ କମିଶନର୍‌ଙ୍କର ଏହି ରିପୋର୍ଟ୍ ଯୋଗୁ ଚନ୍ଦୁଲାଲ୍ ଏକ୍‌ସ୍‌ଟ୍ରା ଆସିଷ୍ଟାଂଟ୍ କମିଶନର୍ ପଦବୀରୁ ପଦୋବନ୍ନତି (ଡିମୋସନ୍) ହୋଇ ଜଜ୍ ହୋଇଗଲେ । ଏହା ସହିତ ତାଙ୍କୁ ଜିଲ୍ଲା ଗୁର୍‌ଦାସ୍‌ପୁର୍‌ରୁ ମୁଲ୍‌ତାନ୍ ବଦଳି କରି ପଠାଇ ଦିଆଗଲା । ଏହିପରି ଶତ୍ରୁମାନଙ୍କର ଯୋଜନା ଯଦ୍ୱାରା ସେମାନେ ଇଶ୍ୱରଙ୍କ ଦୂତଙ୍କୁ ଅପମାନ ଓ ଦୁଃଖ ପହଂଚାଇବା ପାଇଁ ପ୍ରସ୍ତୁତ କରିଥିଲେ, ତାହା ଅସଫଳ ହେଲା । ପରେ ଜଣାପଡ଼ିଲା ଯେ ଚନ୍ଦୁଲାଲ୍ ଏ ଦୁଃଖ ସହି ନପାରି ପାଗଳ ହୋଇଗଲା ଓ ପରିଶେଷରେ ସେହି ପାଗଳ ଅବସ୍ଥାରେ ହିଁ ଜୀବନ ହାରିଦେଲା ।

ଚତୁର୍ଥ ଉଦାହରଣ ହେଉଛି ଆମେରିକାର ଡାକ୍ତର ଜନ୍ ଆଲେକ୍‌ଜାଣ୍ଡାର୍ ଡୁଇଙ୍କର ଶୋଚନୀୟ ପରିଣାମ । ଆଲେକ୍‌ଜାଣ୍ଡାର୍ ଡୁଇ ସ୍କଟ୍‌ଲାଣ୍ଡ୍ ନିବାସୀ ଥିଲା । ପିଲାଦିନୁ ସେ ନିଜ ବାପା ମା'ଙ୍କ ସହିତ ଅଷ୍ଟ୍ରେଲିଆ ଚାଲିଗଲା, ଯେଉଁଠି ୧୮୭୨ ପର୍ଯ୍ୟନ୍ତ ଜଣେ ସଫଳ ବକ୍ତା ଓ ପାଦ୍ରୀ ରୂପେ ସେ ପରିଚିତ ହେଲା । କିଛିଦିନ ପରେ ସେ ଏ ଘୋଷଣା କଲେ କି ଇସୁ ମସିହ୍‌ଙ୍କ କଫାରା ଉପରେ ଇମାନ୍ ଆଣିବା ଦ୍ୱାରା ରୋଗୀମାନଙ୍କୁ ଆରୋଗ୍ୟ ପ୍ରଦାନ କରିବାର ଶକ୍ତି ସୃଷ୍ଟି ହୋଇଯାଉଛି ଏବଂ ଏ ଶକ୍ତି ତାକୁ ଏ ଯୁଗରେ ପ୍ରଦାନ କରାଯାଇଛି । ୧୮୮୮ ମସିହାରେ ଆମେରିକାର ନୂଆ ସଂସାରରେ ନିଜର ଭାବନାକୁ ପ୍ରଚାର ପ୍ରସାର କରିବା ପାଇଁ ସନ୍‌ଫ୍ରାନ୍‌ସିସ୍‌କୋ ଚାଲିଗଲା । ସନ୍‌ଫ୍ରାନ୍‌ସିସ୍‌କୋର ଆଖପାଖ ଅନ୍ୟାନ୍ୟ ପ୍ରାଷ୍ଟାତ୍ୟ ସାମ୍ରାଜ୍ୟରେ ସଫଳ ଜଲ୍‌ସା କରିବା ପରେ ସେ ୧୮୯୩ ମସିହାରେ ଚିକାଗୋରେ ନିଜର କାର୍ଯ୍ୟକ୍ରମ ଆରମ୍ଭ କରିଦେଲେ । ସେଠାରେ ସେ ଗୋଟିଏ ଘରଭଡା ନେଇ ରହିଲା ଓ ସେ ଘରର ନାମ "ଜାଏନ୍ ରୋମ୍" ରଖିଲା । ଆଉ ଏକ ବିଲ୍‌ଡିଂରେ "ଜାଏନ୍ ପ୍ରିଂଟିଂ ପବ୍ଲିସିଂ ହାଉସ୍" ଖୋଲିଲା ଓ ଗୋଟିଏ ଖବରକାଗଜ "ନିଉଜ୍ ଅଫ୍ ହିଲିଙ୍ଗ୍" ନାମରେ ଜାରି କଲା । କିଛିଦିନ ମଧ୍ୟରେ ଆମେରିକାର ପ୍ରତିଟି ସ୍ଥାନରେ ସେ ବହୁତ ପ୍ରସିଦ୍ଧି ଲାଭ କଲା । ତା ଅନୁଗାମୀମାନେ ବଢ଼ିବାକୁ ଲାଗିଲେ । ଡୁଇ ଏହି ସଫଳତାକୁ ଦେଖି ୨୨ ଫେବୃୟାରୀ ୧୮୯୬ରେ ଗୋଟିଏ ନୂଆ ଫିର୍କା (ସଂଗଠନ)ର ମୂଳଦୁଆ ରଖିଲା ଓ ତା'ର ନାମ "ଖ୍ରୀଷ୍ଟିୟାନ୍ କେଥୋଲିକ୍ ଚର୍ଚ୍ଚ" ରଖିଲା । ୧୮୯୯ ବା ୧୯୦୦ ମସହାରେ ସେ ପୈଗମ୍ବର୍ ହେବାର ଦାବୀ କଲା ଓ ସେହି ଫିର୍କାକୁ "ଖ୍ରୀଷ୍ଟିଆନ୍ କ୍ୟାଥୋଲିକ୍ ଆବାଷ୍ଟିକ୍ ଚର୍ଚ୍ଚ" ନାମକରଣ କଲା ।

ନିଜର ଉନ୍ନତିର ଗତିକୁ ଶିଘ୍ରଶିଘ୍ର ବଢ଼ାଇବା ପାଇଁ ସେ ଗୋଟିଏ ସହର ସିହୁନ୍‌ର ମୂଳଦୁଆ ରଖିଲା । ଏକଥା ପ୍ରକାଶ କଲା କି ମସିହ୍ ଏହି ସହରରେ ଅବତୀର୍ଣ୍ଣ ହେବେ । ତା'ର ଏଭଳି କାର୍ଯ୍ୟକ୍ରମକୁ ଦେଖି ତା ଅନୁଗାମୀ ମାନଙ୍କର ସଂଖ୍ୟାରେ ବୃଦ୍ଧି ଘଟିଲା । ଆର୍ଥିକ ଅବସ୍ଥାରେ ଏତେ ମାତ୍ରାରେ ବୃଦ୍ଧି ଘଟିଲା ଯେ ବର୍ଷ ଆରମ୍ଭରେ ହିଁ ଦଶଲକ୍ଷ ଡଲାର୍‌ରୁ ଅଧିକା ଅର୍ଥ ତା ଅନୁଯାୟୀମାନେ ନୂତନବର୍ଷର ଉପହାର ସଦୃଶ ତା ନିକଟରେ ଉପସ୍ଥାପନ କଲେ । ଫଳତଃ ସେ ସେହି ଦେଶରେ ରାଜାଭଳି ଜୀବନ ବିତାଇବାକୁ ଲାଗିଲା । ଏପରି ଉନ୍ନତିକୁ ଦେଖି ସେ ତା' ଖବରକାଗଜ "ନ୍ୟୁଜ୍ ଅଫ୍ ହିଲିଙ୍ଗ୍"ରେ ଲେଖିଲା "ଯଦି ଏହି ଉନ୍ନତି ଏହିପରି ଜାରି ରହିବ ତେବେ ଆମେ କୋଡିଏ ବର୍ଷ ଅବଧି ମଧ୍ୟରେ ସାରା ପୃଥବୀ ଉପରେ ବିଜୟପ୍ରାପ୍ତ କରିନେବୁ" ।

ଡୁଇ ଆରମ୍ଭରୁ ହିଁ ଇସ୍‌ଲାମ୍ ଏବଂ ମୁହମ୍ମଦ୍ ସ:ଆ:ସଙ୍କର ଭୀଷଣ ଶତ୍ରୁ ଥିଲା । ସେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ (ନଉଜୁବିଲ୍ଲାଃ) ଜଣେ ମିଥ୍ୟାବାଦୀ ବୋଲି ଖିଆଲ୍ କରୁଥିଲା ଓ ନିଜର ଏପରି ଖରାପ ପ୍ରବୃତି ଯୋଗୁ ଗାଳି ଗୁଲଜ ଓ କୁଭାଷା ପ୍ରୟୋଗ କରି ହଜୁର୍‌ଙ୍କୁ ମନେ ପକାଉଥିଲା । ତା'ର ଏପରି ଖଳ ଚରିତ୍ରର ଆକଳନ କରିବା ପାଇଁ କେବଳ ଏତିକି କଥା ହିଁ ଯଥେଷ୍ଟ ହେବ କି ସେ ତା ନିଜ ଖରବକାଗଜ ନ୍ୟୁଜ୍ ଅଫ୍ ହିଲିଙ୍ଗ୍‌ରେ ୨୫ଅଗଷ୍ଟ ୧୯୦୦ ମସିହାରେ ସ୍ପଷ୍ଟ ରୂପେ ଏ ପେଶଗୋଇ (ଭବିଶ୍ୟବାଣୀ) କଲା "ମୁଁ ଆମେରିକା ଏବଂ ୟୁରୋପ୍‌ର ଇସାଇ ଧର୍ମାବଲମ୍ବୀ ମାନଙ୍କୁ ସଚେତନ କରାଉଛି କି ଇସ୍‌ଲାମ୍ ମୃତ ନୁହେଁ, ଇସ୍‌ଲାମ୍ ଶକ୍ତିରେ ଭରପୁର୍ ରହିଛି, ଯେବେକି ଇସ୍‌ଲାମ୍ ନିଶ୍ଚିତ ରୂପେ ଧ୍ୱଂସ ହେବା ଉଚିତ୍ କିନ୍ତୁ ଇସ୍‌ଲାମ୍‌ର ନିପାତ ନା ତ ଏପରି ଦୁର୍ବଳ ଲାଟିନ୍ ଖ୍ରୀଷ୍ଟିୟାନ୍ ମାନଙ୍କ ଦ୍ୱାରା ହୋଇପାରିବ ନା ଶକ୍ତିହୀନ ୟୁନାନି ଖ୍ରୀଷ୍ଟିୟାନମାନଙ୍କ ଜରିଆରେ ହୋଇପାରିବ ।

ଯେତେବେଳେ ଡୁଇ ନିଜର ଧୃଷ୍ଟତାରେ ଏପର୍ଯ୍ୟନ୍ତ ପଂହଚିଗଲା ସେତେବେଳେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ସେପ୍ଟେମ୍ବର୍ ୧୯୦୨ ମସିହାରେ ଗୋଟିଏ ବ୍ୟାଖ୍ୟା ମୂଳକ ଇସ୍ତେହାର ଲେଖିଲେ ଯେଉଁଥିରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଖ୍ରୀଷ୍ଟତତ୍ୱର ଉପାସନା ପଦ୍ଧତି ଉପରେ ସମାଲୋଚନା କରି ନିଜକୁ ମସିହ୍ ରୂପେ ଦାବୀ କରି ଲେଖୁଛନ୍ତି-

ଏବେ ଆମେରିକା ଦେଶରେ ଇସୁ ମସିହ୍‌ଙ୍କ ଜଣେ ରସୁଲ୍ ଜନ୍ମ ହୋଇଛି, ଯାହାଙ୍କ ନାମ ହେଉଛି ଡୁଇ । ତାଙ୍କର ଏ ଦାବୀ କି ଇସୁ ମସିହ୍ ଇଶ୍ୱର ରୂପେ ତାଙ୍କୁ ଏ ସଂସାରକୁ ପଠାଇଛନ୍ତି ଯଦ୍ୱାରା ସେ ସମସ୍ତଙ୍କୁ ଏକଥା ପ୍ରତି ଧ୍ୟାନ ଆକର୍ଷଣ କରାଇପାରିବେ କି ମସିହ୍‌ଙ୍କ ବ୍ୟତୀତ ଆଉକେହି ଇଶ୍ୱର ନାହାଁନ୍ତି..... । ସେ ବାରମ୍ବାର ତା ନିଜ ଖବରକାଗଜରେ ଲେଖୁଛି କି ତା' ଇଶ୍ୱର ଇସୁ ମସିହ୍ ତାକୁ ଖବର ଦେଇଛନ୍ତି କି ସବୁ ମୁସଲ୍‌ମାନ୍ ନିପାତ ଓ ଧ୍ୱଂସ ହୋଇଯିବେ ଏ ସଂସାରରେ କେହି ଜୀବିତ ରହିବେ ନାହିଁ, କେବଳ ସେଇମାନେ (ଜୀବିତ ରହିବେ) ଯେଉଁମାନେ ମରିୟମ୍‌ଙ୍କ ପୁତ୍ରକୁ ଇଶ୍ୱର ଜାଣୁଥିବେ ଓ ଡୁଇକୁ ସେହି କୃତ୍ରିମ ଇଶ୍ୱରଙ୍କ ରସୁଲ୍ ବୋଲି ବିବେଚନା କରୁଥିବେ ।

ସୁତରାଂ ଆମେ ଡୁଇ ସାହେବ୍‌ଙ୍କ ସେବାରେ ବହୁତ ଭଦ୍ରାମୀର ସହିତ ଜଣାଉଛୁ କି ଏ ମୋକଦ୍ଦମାରେ କୋଟିକୋଟି ମୁସଲ୍‌ମାନ୍‌ଙ୍କୁ ମାରିବାର କଣ ଆବଶ୍ୟକତା ରହିଛି, ଗୋଟିଏ ସୁବିଧା ଉପାୟ ଅଛି ଯଦ୍ୱାରା ଏକଥା ନିଷ୍ପତି ହୋଇଯିବ କି ଡୁଇଙ୍କର ଇଶ୍ୱର ସତ୍ୟ ଅଟନ୍ତି ବା ଆମ ଇଶ୍ୱର । ସେହି ଉପାୟଟି ହେଉଛି ଏପରିକି ଡୁଇ ସାହେବ୍ ସମସ୍ତ ମୁସଲ୍‌ମାନଙ୍କ ନିମନ୍ତେ ବାରମ୍ବାର ମୃତ୍ୟୁର ଭବିଶ୍ୟବାଣୀ ଶୁଣାନ୍ତୁ ନାହିଁ ବରଂ ସେମାନଙ୍କ ମଧ୍ୟରୁ କେବଳ ମୋତେ ନିଜ ମନ ଭିତରେ ରଖି ଏ ଦୁଆ କରନ୍ତୁ କି ଆମ ଦୁଇଜଣଙ୍କ ମଧ୍ୟରୁ ଯିଏ ମିଥ୍ୟାବାଦୀ ସେ ପ୍ରଥମେ ମରିଯିବ କାରଣ ଡୁଇ ଇସୁ ମସିହ୍‌ଙ୍କୁ ଇଶ୍ୱର ବୋଲି ବିବେଚନା କରୁଛି କିନ୍ତୁ ମୁଁ ତାଙ୍କୁ ଜଣେ ବିନମ୍ର ଭକ୍ତ ଓ ନବୀ ବୋଲି ଜାଣୁଛି । ଏବେ ନିଷ୍ପତି କରିବାର କଥା ହେଉଛି ଏହା କି ଆମ ଦୁହିଁଙ୍କ ଭିତରେ କିଏ ହେଉଛି ସତ୍ୟ । (ତେଣୁ) ଆବଶ୍ୟକ ଏହା କି ଏହି ଦୁଆକୁ ଛପାଇ ଅତି କମ୍‌ରେ ଏକହଜାର ଲୋକଙ୍କର ସେଥିରେ ସାକ୍ଷୀ ଉଲ୍ଲେଖ କରନ୍ତୁ । ଏବଂ ଯେବେ ସେହି ଖବରକାଗଜ ପ୍ରକାଶିତ ହୋଇ ମୋ ନିକଟରେ ପହଂଚିବ ତେବେ ମୁଁ ମଧ୍ୟ ତା ଉତରରେ ଏ ପ୍ରାର୍ଥନା କରିବି ଏବଂ ଇନ୍‌ଶାଅଲ୍ଲାଃ ଏକହଜାର ସାକ୍ଷୀ ସେଥିରେ ଦେବି । ଏବଂ ମୁଁ ଏ ବିଶ୍ୱାସ ରଖିଛି ଯେ ଡୁଇଙ୍କର ଏହି ମୁକାବିଲା ଯୋଗୁ ଅନ୍ୟ ସମସ୍ତ ଇସାଇମାନଙ୍କ ପାଇଁ ସତ୍ୟକୁ ଚିହ୍ନିବାର ମାର୍ଗ ଉନ୍ମୁକ୍ତ ହୋଇଯିବ । ମୁଁ ଏପରି ପ୍ରାର୍ଥନା ନିମନ୍ତେ ଆଗକୁ ବଢ଼ିନାହିଁ ବରଂ ଡୁଇ ବଢ଼ିଛନ୍ତି । ଡୁଇଙ୍କର ଏପରି ଅବସ୍ଥା ଦେଖି ସ୍ୱାଭୀମାନୀ ଇଶ୍ୱର ମୋ ଭିତରେ ଏ ଉତ୍ସାହ ସୃଷ୍ଟି କରିଦେଲେ । ଏବଂ ଜାଣିରଖ କି ମୁଁ ଏ ଦେଶରେ କୌଣସି ମାମୁଲି ବ୍ୟକ୍ତି ନୁହେଁ, ମୁଁ ହେଉଛି ସେହି ମସିହ୍ ମଉଦ୍ ଯାହାର ଅପେକ୍ଷା ଡୁଇ କରୁଅଛି । କେବଳ ଏତିକି ଫରକ ଯେ ଡୁଇ କହୁଛି କି ମସିହ୍ ମଉଦ୍ ୨୫ବର୍ଷ ମଧ୍ୟରେ ଜନ୍ମ ହେବେ ଏବଂ (ତା'ବିପରୀତ) ମୁଁ ଏ ସୁସମାଚର ଦେଉଛି କି ସେହି ମସିହ୍ ଜନ୍ମ ହୋଇଗଲେଣି ଓ ମୁଁ ହେଉଛି ସେହି (ମସିହ୍) । ଶହଶହ ନିଦର୍ଶନ ଆକାଶରୁ ଓ ପୃଥିବୀରୁ ପ୍ରକାଶ ହୋଇସାରିଛି । ପାଖାପାଖି ଏକଲକ୍ଷ ଲୋକେ ମୋ ସହିତ ମୋ ଜମାତ୍‌ରେ ଅଛନ୍ତି ଯେଉଁମାନେ ଶିଘ୍ରଶିଘ୍ର ଉନ୍ନତି କରିଚାଲିଛନ୍ତି ।

ତତ୍ ସହିତ ବହୁତ ଦୃଢ଼ତାର ସହିତ ଲେଖିଲେ ଡୁଇ ନିଜ ରସୁଲ୍ ହେବାର ଦାବୀ କରିବାରେ ଏବଂ ତସ୍‌ଲିସ୍ (ତିନୋଟି ଇଶ୍ୱରଙ୍କ ଉପରେ ବିଶ୍ୱାସ ରଖିବା)ରେ ମିଥ୍ୟାବାଦୀ ଅଟନ୍ତି । ଏବଂ ଯଦି ସେ ମୋ ସହିତ ମୁବାହିଲା କରିବ ତେବେ ସେ ମୋ ଜୀବଦଶାରେ ହିଁ ବହୁତ ଦୁଃଖ ସନ୍ତାପ କରି ମରିବ ଓ ଯଦି ମୁବାହିଲା ମଧ୍ୟ ନକରିବ ତେବେ ମଧ୍ୟ ସେ ଇଶ୍ୱରଙ୍କ ଦଣ୍ଡରୁ ବଂଚିପାରିବ ନାହିଁ ।

ଏବେ ଆମେରିକାର ଲୋକମାନେ ଓ ଖବରକାଗଜ ଗୁଡିକ ଏ ଅପେକ୍ଷାରେ ରହିଲେ କି ଡୁଇ ଏହି ଚ୍ୟାଲେଞ୍ଜ୍‌ର କିପରି ଉତର ଦେଉଛି କିନ୍ତୁ ଏକଥାକୁ ଯେତେବେଳେ କିଛିଦିନ ବିତିଗଲା ଓ ଡୁଇ ଉପରେ ଏହାର କୌଣସି ପ୍ରଭାବ ପଡ଼ିଲା ନାହିଁ ଫଳତଃ ସେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଚିଠିର କୌଣସି ଉତର ଦେଲାନାହିଁ, ଏଥିରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜର ଉକ୍ତ ମୁବାହିଲାକୁ ଆଉକିଛି ଅଧିକା କରି ଆମେରିକା ଓ ୟୁରୋପ୍‌ର ଖବରକାଗଜଗୁଡିକରେ ପ୍ରକାଶ କରିବା ପାଇଁ ପୁନର୍ବାର ପଠାଇଦେଲେ । ସେଥିରେ ଆପଣ ଆ:ସ ଏକଥା ଲେଖିଥିଲେ କି ଏବେଯାଏ ଡୁଇ ମୋ ସହିତ ମୁବାହିଲା କରିବାର ମୋ ଦରଖାସ୍ତର କୌଣସି ଉତର ଦେଲେନାହିଁ । ତେଣୁ ମୁଁ ଆଜି ୨୩ ଅଗଷ୍ଟ ୧୯୦୩ ରୁ ତାକୁ ପୁରା ୭ମାସ ସମୟ ମହୋଲତ ଦେଉଛି । ଯଦି ସେ ଏହି ଅବଧି ଭିତରେ ମୋ ସହିତ ମୁକାବିଲା କରିବା ପାଇଁ ଆସେ ତେବେ.... ଏ ସଂସାରବସୀ ଖୁବ୍ ଶିଘ୍ର ଦେଖିପାରିବେ ଯେ ଏ ମୁକାବିଲାର ପରିଣତି କଣ ହେବ । ମୋ ବୟସ ବର୍ତମାନ ପାଖାପାଖି ୭୦ବର୍ଷ ଓ ଯେପରିକି ସେ ନିଜେ ବର୍ଣ୍ଣନା କରିଛି କି ସେ ହେଉଛି ୫୦ବର୍ଷର ଯୁବକ... କିନ୍ତୁ ମୁଁ ବୟସ୍କ ହେବାସତ୍ୱେ ମଧ୍ୟ କୌଣସି ପରବାୟ କରୁନାହିଁ କାରଣ ଏହି ମୋବାହିଲାର ନିଷ୍ପତି ବୟସ ଉପରେ ଆଧାରିତ ନୁହେଁ ବରଂ ପୃଥିବୀ ଓ ଆକାଶର ମାଲିକ ଅହକମୁଲ୍ ହାକେମିନ୍ ଏହାର ନିଷ୍ପତି କରିବେ । (ଇସ୍‌ତେହାର୍ ଅଂଗ୍ରେଜୀ, ୨୩ ଅଗଷ୍ଟ ୧୯୦୩)

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ଏହି ଇସ୍‌ତେହାର୍ ବିଷୟରେ ଆମେରିକା ଓ

ୟୁରୋପୀୟ ଖବରକାଗଜ ଗୁଡିକରେ ଖୁବ୍ ଚର୍ଚ୍ଚା ହେଲା । ଉଦାହରଣ ସ୍ୱରୂପ "ଗ୍ଲାସ୍‌ଗୋ ହେରଲ୍‌ଡ୍" ୨୭ ଅକ୍ଟୋବର୍ ୧୯୦୩ ମସିହାର ପ୍ରକାଶନରେ ଲେଖୁଅଛି "ମିର୍ଜା ଗୁଲାମ୍ ଅହେମଦ୍ ସାହେବ୍ ନିଜର ଭବିଷ୍ୟବାଣୀ ଲିଖିତ ୨୩ ଅଗଷ୍ଟ ୧୯୦୩ରେ ପ୍ରକାଶ କରିଛନ୍ତି କି ସେ ନିଜ ମୁକାବିଲା କରିବାର ନିମନ୍ତ୍ରଣର ଉତର ପାଇଁ ଆସନ୍ତା ୭ ମାସପର୍ଯ୍ୟନ୍ତ ଅପେକ୍ଷା କରିବେ । ଯଦି ଏହି ଅବଧି ମଧ୍ୟରେ ଡାକ୍ତର ଡୁଇ ଉକ୍ତ ମୁକାବିଲାକୁ ଗ୍ରହଣ କରିନିଅନ୍ତି ଏବଂ ସେଥିରେ ଥିବା ସର୍ତାବଳୀକୁ ପୁରଣ କରିଦିଅନ୍ତି ତେବେ ସାରା ସଂସାର ଏହି ମୁକାବିଲାର ପରିଣାମକୁ ଦେଖିନେବେ । କିନ୍ତୁ ଯଦି ଡାକ୍ତର ଡୁଇ ଏହି ମୁକାବିଲା କରିବାକୁ ସ୍ୱୀକାର କରିବେ ନାହିଁ ତେବେ ଆମେରିକାର ପୈଗମ୍ବର୍‌ଙ୍କ ସମସ୍ତ ଦାବୀ ମିଥ୍ୟା ବୋଲି ପ୍ରମାଣିତ ହୋଇଯିବ" ।

ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ଉକ୍ତ ଇସ୍‌ତେହାରର ଯବାବ୍‌ରେ ଡୁଇ ମୁକାବିଲା କରିବା ପାଇଁ ଆସିଗଲା ଏବଂ ୨୬ ଡିସେମ୍ବର୍ ୧୯୦୩ର ନିଜର ଖବରକାଗଜରେ ଏକଥା ଲେଖିଲା କି ବେଳେବେଳେ ଲୋକମାନେ ମୋତେ ଏକଥା କହୁଛନ୍ତି କି କାହିଁକି ତୁମେ ଅମୁକ ଅମୁକ କଥାର ଉତର ଦେଉନାହିଁ ! କଣ ତୁମେ ଖିଆଲ କରୁଛ କି ମୁଁ (ଏପରି) ପୋକଜୋକଙ୍କର ଉତର ଦେବି । ଯଦି ମୁଁ ନିଜ ପାଦକୁ ସେମାନଙ୍କ ଉପରେ ରଖିଦେବି ତେବେ ତାଙ୍କୁ ନିମିଶକେ ଦଳିଦେଇପାରେ । କିନ୍ତୁ ମୁଁ ତାଙ୍କୁ ଅବସର ଦେଉଛି କି ମୋ ସମ୍ମୁଖରେ ସେ ଚାଲିଯାଆନ୍ତୁ, ଫଳତଃ ଆଉକିଛି ଦିନ ବଂଚିରହିବେ ।

୧୨ ଡିସେମ୍ବର୍ ୧୯୦୩କୁ ଲେଖିଲା "ଯଦି ମୁଁ ଇଶ୍ୱରଙ୍କ ଭୂମିରେ ଇଶ୍ୱରଙ୍କ ପୈଗମ୍ବର ନୁହେଁ ତେବେ ପୁଣି କେହି ମଧ୍ୟ ନୁହଁନ୍ତି" ।

ତା'ପରେ ପରେ ସେ ୨୭ ଡିସେମ୍ବର୍ ୧୯୦୩ ଖବରକାଗଜରେ ଅତ୍ୟନ୍ତ କୁଭାଷା ହଜୁର୍‌ଙ୍କ ନିମନ୍ତେ "ବେଓ୍ୱକୁଫ୍ ମୁହମ୍ମଦି ମସିହ୍"ର ଶବ୍ଦ ବ୍ୟବହାର କରି ଲେଖିଲା- ହିନ୍ଦୁସ୍ତାନ୍‌ରେ ଜଣେ ବେକୁଫ୍ ବ୍ୟକ୍ତି ରହିଛି ଯିଏ ମୁହମ୍ମଦି ମସିହ୍ (ଅର୍ଥାତ୍ ମୁହମ୍ମଦ୍‌ଙ୍କର ମସିହ୍) ହେବାର ଦାବୀ କରୁଛି ସେ ମୋତେ ବାରମ୍ବାର ଲେଖୁଛି ହଜ୍‌ରତେ ଇସା କାଶ୍ମିର୍‌ରେ ଦଫନ୍ ହୋଇଛନ୍ତି, ଯେଉଁଠି ତାଙ୍କର କବର୍ ରହିଛି । (ଯଦିଚ) ସେ ଏକଥା କହିନାହାଁନ୍ତି କି ସେ ନିଜେ ଉକ୍ତ (କବର)କୁ ଦେଖିଛନ୍ତି ବୋଲି କିନ୍ତୁ ପୁଣି ମଧ୍ୟ ବିଚରା ପାଗଳ ଓ ମୁଢ଼ ବ୍ୟକ୍ତି, ଏପରି ଆରୋପ ଲଗାଉଛି କି ହଜ୍‌ରତ୍ ମସିହ୍ ହିନ୍ଦୁସ୍ତାନ୍‌ରେ ମୃତ୍ୟୁବରଣ କରିଛନ୍ତି । ପ୍ରକୃତ ଘଟଣା ହେଉଛି ଏହା କି ଖୁଦାଓ୍ୱନ୍ଦ୍ ମସିହ୍ ବୈତେ ଅତିୟାଃଠାରେ ଆକାଶକୁ ଉଠାଇ ନିଆଯାଇଛନ୍ତି, ଯେଉଁଠି ସେ ନିଜର ଆକାଶୀୟ ଶରୀର ପାଇ ରହିଛନ୍ତି ।

ପୁଣି ୨୩ ଜାନୁଆରୀ ୧୯୦୪ରେ ମୁସଲ୍‌ମାନଙ୍କ ନିଃଶେଷ ହୋଇଯିବାର ଭବିଷ୍ୟବାଣୀକୁ ଦୋହରାଇ ଲେଖୁଛନ୍ତି "ଶହଶହ ମିଲିୟନ୍ ମୁସଲ୍‌ମାନ ଯେଉଁମାନେ ବର୍ତମାନ ଜଣେ ମିଥ୍ୟାବାଦୀ ନବୀଙ୍କ କବ୍‌ଜାରେ ଅଛନ୍ତି ସେମାନଙ୍କୁ ଇଶ୍ୱରଙ୍କ ଶବ୍ଦ ଶୁଣିବାକୁ ହେବ ବା ଅନ୍ୟଥା ସେମାନେ ଧ୍ୱଂସ ହୋଇଯିବେ" ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପେଶ୍‌ଗୋଇ ମୁତାବକ ଡୁଇ ଇଶ୍ୱରଙ୍କ ପ୍ରକୋପ ଦ୍ୱାରା ଦଣ୍ଡିତ ହେବାର ପ୍ରଥମ ଅବସ୍ଥା ସେ ନିଜେ ନିଜ ହାତଦ୍ୱାରା ସୃଷ୍ଟି କଲା ଅର୍ଥାତ୍ ତାର ଜନ୍ମ ଅବୈଧ ରୂପେ ହୋଇଛି ବୋଲି ପ୍ରକାଶିତ ହେଲା ଏବଂ ସେ ଜାରଜ ସନ୍ତାନ ବୋଲି ପ୍ରମାଣିତ ହେଲା । ଏହି ସତ୍ୟତାକୁ ଖବରକାଗଜ "ନ୍ୟୁୟର୍କ୍ ଓ୍ୱାର୍ଲଡ୍" ଜରିଆରେ ପ୍ରକାଶ ପାଇଲା । ଯିଏ ଡୁଇର ଉକ୍ତ ଚିଠିକୁ ପ୍ରକାଶ କଲା ଯାହାକୁ ସେ ତା ନିଜ ବାପା "ଜନ୍ ମୁରେ ଡୁଇ"ଙ୍କ ନିକଟକୁ ନିଜେ ଜାରଜ ସନ୍ତାନ ବୋଲି ଲେଖିଥିଲା । ଯେତେବେଳେ ଦେଶରେ ଏକଥା ସର୍ବସାଧାରଣରେ ଚର୍ଚ୍ଚା ହେଲା ସେତେବେଳେ ନିଜେ "ଡାକ୍ତର୍ ଜନ୍ ଆଲେକ୍‌ଜାଣ୍ଡାର୍ ଡୁଇ ୨୫ ସେପ୍ଟେମ୍ବର୍ ୧୯୦୪ରେ ଏ ଘୋଷଣା କଲା କି ସେ ଯେହେତୁ ଡୁଇଙ୍କର ପୁତ୍ର ନୁହେଁ ସେଇଥିପାଇଁ ଡୁଇ ଶବ୍ଦଟି ତା ନାମ ସହିତ କଦାପି ବ୍ୟବହାର ନ କରାଯାଉ ।

ଏପରି ଚାରିତ୍ରିକ ମୃତ୍ୟୁର ଏକବର୍ଷ ପରେ ୧ ଅକ୍ଟୋବର ୧୯୦୫ରେ ସେ ପକ୍ଷାଘାତର ଶିକାର ହେଲା । ଏବେ ତାର ପ୍ରଭାବ ଜାରିଥିଲା କି ୧୯ ଡିସେମ୍ବର୍ ୧୯୦୫ରେ ସେ ପୁଣିଥରେ ପକ୍ଷାଘାତ ହେଲା ଓ ଏପରି ଭୀଷଣ ରୋଗରେ ପଡ଼ି ବ୍ୟତିବ୍ୟସ୍ତ ହୋଇ ସେହୁନ୍‌ଠାରୁ ଗୋଟିଏ ଦୀପଆଡକୁ ଚାଲିଗଲା ।

ଯେଉଁକ୍ଷଣି ଡୁଇ ସେହୁନ୍‌ର ବାହାରେ ପାଦଥାପିଲା, ତା ଶିଷ୍ୟମାନଙ୍କୁ ଗବେଷଣା କରିବା ଦ୍ୱାରା ଏକଥା ଜଣାପଡ଼ିଲା କି ସେ ହେଉଛନ୍ତି ଜଣେ ଅତ୍ୟନ୍ତ ଅପବିତ୍ର ଓ କୁକର୍ମରେ ଲିପ୍ତ ଥିବା ବ୍ୟକ୍ତି । କାରଣ ସେ ତା ଶିଷ୍ୟମାନଙ୍କୁ ମଦ ପିଆଉଥିଲା । ସୁତରାଂ ତା ପ୍ରାଇଭେଟ୍ କୋଠାରୀରୁ ମଦ ମିଳିଲା । ଏକଥା ମଧ୍ୟ ଜଣାପଡିଲା ଯେ ତା'ର କିଛି କୁଆଁରୀ ଝିଅମାନଙ୍କ ସହି ଅବୈଧ ସମ୍ପର୍କ ଥିଲା । ପାଖାପାଖି ୮୫ ଲକ୍ଷ ଟଙ୍କାର ଖୟାନତ୍ (ଆତ୍ମସାତ୍ କରିବା) ପ୍ରମାଣିତ ହେଲା । କାରଣ ଉକ୍ତ ଟଙ୍କା ସେହୁନ୍‌ଠାରେ ଥିବା ଟଙ୍କାର ହିସାବରୁ କମ୍ ଥିଲା । ଏହା ମଧ୍ୟ ପ୍ରମାଣିତ ହେଲା କି ଏକଲକ୍ଷରୁ ଅଧିକା ଟଙ୍କା ସେ କେବଳ ଉପହାର ସ୍ୱରୂପ ସେହୁନ୍‌ର ସୁନ୍ଦର ମହିଳାମାନଙ୍କୁ ଦେଇଦେଇଥିଲା । ଏହି ସବୁ ଆରୋପ ଗୁଡିକରୁ ଡୁଇ ମୁକ୍ତି ପ୍ରମାଣ କରିପାରିଲା ନାହିଁ । ୧୯୦୬ରେ ଡୁଇର କ୍ୟାବିନେଟ୍‌ର ପ୍ରତିନିଧିମାନଙ୍କ ତରଫରୁ ଡୁଇ ନିକଟକୁ ଟେଲିଗ୍ରାମ ଦିଆଗଲା କି ଆମେ ତୁମ ପରିବର୍ତେ ଓ୍ୱାଲ୍‌ଓ୍ୱାର ନେତୃତ୍ୱକୁ ଗ୍ରହଣ କରୁଅଛୁ ଓ ତୁମର ମୁନାଫିକତ୍ (କପଟତା), ମିଥ୍ୟା ବୟାନ୍, ବଦ୍‌ଖର୍ଚ୍ଚ, ଆଡମ୍ବର ଏବଂ ଅତ୍ୟାଚାର ଖିଲାଫରେ ଜବର୍‌ଦସ୍ତ ଆନ୍ଦୋଳନ କରୁଅଛୁ । ଏହି ଟେଲିଗ୍ରାମ୍‌ରେ ତାଙ୍କୁ ସଚେତନ କରାଗଲା କି ସେ ଯଦି ନୂଆ ବ୍ୟବସ୍ଥାରେ କୌଣସି ହସ୍ତକ୍ଷେପ କରିବ ତେବେ ତାର ସମସ୍ତ ଭିତିରି ଗୁପ୍ତ ରହସ୍ୟକୁ ସର୍ବ ସମ୍ମୁଖରେ ଖୋଲି ଦିଆଯିବ ଓ ତା ଖିଲାଫତରେ କାନୁନ୍ କାରବାଇ କରାଯିବ ।

ଏଥିରେ ଡୁଇ ଏ ଚେଷ୍ଟା କଲା କି ଅଦାଲତ ମାଧ୍ୟମରେ ସେ ସିହୁନ୍‌ଠାରେ ଥିବା ଟଙ୍କା ଉପରେ କବ୍‌ଜା କରିନେବ, କିନ୍ତୁ ସେଥିରେ ମଧ୍ୟ ସେ ଅସଫଳ ହେଲା । ସେ ସିହୁନ୍ ସହରକୁ ଯେତେବେଳେ ଫେରିଆସିଲା, ଯେଉଁଠି ହଜାର ହଜାର ଲୋକେ ତାର ସାଧାରଣ ଇଂଗିତରେ ପରିଚାଳିତ ହେଉଥିଲେ, କେହି ଜଣେ ମଧ୍ୟ ତାକୁ ସ୍ୱାଗତ କରିବା ପାଇଁ ଉପସ୍ଥିତ ନଥିଲା । ସେ ଏକଥା ଚାହୁଁଥିଲା କି ନିଜ ଶିଷ୍ୟମାନଙ୍କ ସମ୍ମୁଖରେ ଅପିଲ୍ କରି ସେମାନଙ୍କୁ ପୁଣି ନିଜର ଅନୁଚର କରିନେବ । କିନ୍ତୁ ଚାରିଆଡୁ ତା ପାଇଁ ନିରାଶା ହିଁ ନିରାଶା ଥିଲା । ତା ଶରୀରର ଅବସ୍ଥା ଏପରି ଖରାପ ହୋଇଯାଇଥିଲା କି ସେ ନିଜେ ଉଠି ଗୋଟିଏ ପାଦ ମଧ୍ୟ ଚାଲି ପାରୁନଥିଲା ବରଂ ତା ହବ୍‌ଶି ସେବକ ତାକୁ ଗୋଟିଏ ସ୍ଥାନରୁ ଉଠାଇ ଅନ୍ୟସ୍ଥାନକୁ ନେବାଆଣିବା କରୁଥିଲା । ଏହିପରି ପରିସ୍ଥିତିରେ ସେ ପାଗଳ ହୋଇଗଲା ଓ ପରିଶେଷରେ ୯ ମାର୍ଚ୍ଚ ୧୯୦୭ର ସକାଳଓଳି ବହୁତ ଦୁଃଖ ଓ ସନ୍ତାପ କରି ଏ ଦୁନିଆରୁ ଚାଲିଗଲା ଏବଂ ଖୁଦାଙ୍କ ପବିତ୍ର ମସିହ୍ ମଉଦ୍‌ଙ୍କ ସେହି ଶବ୍ଦ "ଅର୍ଥାତ୍ ମୋ ଦେଖିବା ଅବସ୍ଥାରେ ସେ ଏହି ଅସ୍ଥାୟୀ ସଂସାରକୁ ଛାଡି ଚାଲିଯିବ" ଏହା ଭୟୋତ୍ପାଦକ ଶିକ୍ଷଣୀୟ ଉଦାହରଣ ରୂପେ ପୁରଣ ହେଲା ।

ଡୁଇଙ୍କ ମୃତ୍ୟୁ ହେବାମାତ୍ରେ ଆମେରିକ ଓ ୟୁରୋପୀୟ ଖବରକାଗଜ ଗୁଡିକ ଯେଉଁମାନେ ପୂର୍ବରୁ ହିଁ ନିଜ କଲମ ମୁନକୁ ପ୍ରସ୍ତୁତ କରି ରଖିଥିଲେ, ଉଠି ଛିଡା ହୋଇଗଲେ । ସୁତରାଂ ସେମାନେ ଏ ବିଷୟରେ ସନ୍ତୋଷଜନକ ଏଡିଟରିଆଲ୍ ଲେଖିଲେ ଓ ଖୋଲାଖୋଲି ରୂପେ ଏକଥା ସ୍ୱୀକାର କଲେ କି ଡୁଇର ମୃତ୍ୟୁ (ହଜ୍‌ରତ୍) ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀ (ଆ:ସ)ଙ୍କ ଭବିଷ୍ୟବାଣୀ ମୁତାବକ ଏ ଘଟଣା ଘଟିଲା ଏବଂ ତା'ର ମୃତ୍ୟୁରେ ମୁହମ୍ମଦ୍ ମସିହ୍‌ଙ୍କ ବିଜୟ ଓ ଡୁଇର ପରାଜୟ । କିଛି ଖବରକାଗଜ ଗୁଡିକରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଫଟୋକୁ ଛାପି ଡୁଇର ମୃତ୍ୟୁ କୁ ଇସ୍‌ଲାମ୍ ପାଇଁ ଏକ ମହାନ ବିଜୟ ବୋଲି ଅଭିହିତ କରି ଆପଣ ଆ:ସଙ୍କୁ ବହୁତ ସୁନ୍ଦର ବାକ୍ୟରେ ସମ୍ମାନ ଜଣାଇଲେ ।

ପୁଣି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜ ପୁସ୍ତକ "ଅନ୍‌ଜାମେ ଆଥମ୍"ରେ ଏପରି ସମସ୍ତ ଓ୍ୱଲେମା, ଗଦି ନଶିନ୍ ଓ ପୀରମାନଙ୍କୁ ଯେଉଁମାନେ ମୁବାହିଲା କରିବାପାଇଁ ନିମନ୍ତ୍ରଣ ଦେଲେ, ଯେଉଁମାନେ ଆପଣ ଆ:ସଙ୍କୁ ଅପମାନ ଓ ତକ୍‌ଫିର୍ କରୁଥିଲେ । ମୁବାହିଲାର ନିମନ୍ତ୍ରଣରେ ଆପଣ ଆ:ସ ଏକଥା କହିଲେ କି ଦୁଇଦଳ ଜଣେ ଅନ୍ୟଜଣକ ସପକ୍ଷରେ ବଦ୍‌ଦୁଆ (ଅଭିଷାପ) ଦିଅନ୍ତୁ ଯେ ଦୁଇଦଳ ମଧ୍ୟରେ ଯିଏ ମିଥ୍ୟାବାଦୀ ଥିବ, ହେ ଖୁଦା ତୁ ତାକୁ ଏକବର୍ଷ ମଧ୍ୟରେ ଅତ୍ୟନ୍ତ ଦୁଃଖରେ ପକାଇ କାହାକୁ ଅନ୍ଧ କରିଦେବୁ ଏବଂ କାହାକୁ କୁଷ୍ଟରୋଗୀ, କାହାକୁ ପାଗଳ, କାହାକୁ ଅପସମାର, କାହାକୁ ପକ୍ଷାଘାତରେ ପିଡୀତ, କାହାକୁ ଦିଓ୍ୱାନା, କାହାକୁ ସାପ ବା ପାଗଳର ଶିକାର ବନାଇଦେବୁ ଓ କାହାର ଧନସମ୍ପତି ଉପରେ ବିପତି ଅବତୀର୍ଣ୍ଣ କରିବୁ ଏବଂ କାହାର ଜୀବନ ଓ କାହାର ସମ୍ମାନ ହାନି କରିବୁ ।

ଏହାପରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଲେଖୁଛନ୍ତି କି "ସାକ୍ଷୀ ରୁହ ହେ ପୃଥିବୀ ଓ ହେ ଆକାଶ ! କି ଖୁଦାଙ୍କ ଅଭିଷାପ ସେ ବ୍ୟକ୍ତି ଉପରେ ହେଉ କି ଏହି ପତ୍ରିକାଟି ପହଂଚିବାପରେ ନା ମୁବାହିଲା କରିବା ପାଇଁ ଏହା ଉପସ୍ଥିତ ହେଲା ଏବଂ ନା ତିରସ୍କାର ଏବଂ ତକ୍‌ଫିର୍ କରିବାକୁ ପରିତ୍ୟାଗ କଲା ଏବଂ ନା ଥଟ୍ଟା ପରିହାସ ହେଉଥିବା ମଜ୍‌ଲିସ୍‌ରୁ ଅଲଗା ହେଲା" ।

(ଅନ୍‌ଜାମେ ଆଥମ, ପୃଷ୍ଠା-୬୬-୬୭)

ପରିଶେଷରେ ସର୍ବଶକ୍ତିମାନ୍ ଇଶ୍ୱର ଏହା ଶୁଣିନେଲେ ଓ ଏ ଦୁନିଆ ଏକ ଆଶ୍ଚର୍ଯ୍ୟଚକିତ ଇଶ୍ୱରଙ୍କ ଶକ୍ତିକୁ ଦେଖିନେଲା କି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ମୁଖ ନିସୃତ ପବିତ୍ର ବାଣୀ ବ୍ୟଥା ହେଲାନାହିଁ ବରଂ ଯେଉଁ ଶତୃ ଓ୍ୱଲେମାଗଣ ଓ ଗଦ୍ଦିନଶିନ୍ ଥିଲେ ସେମାନେ ନିଜ ବିରୋଧପୁର୍ଣ୍ଣ କାର୍ଯ୍ୟକଳାପରେ ଲାଗି ରହିବା ଯୋଗୁ ଅଲ୍ଲାଃତାଲା ସେମାନଙ୍କର ଉକ୍ତ ଅପରାଧମୂଳକ କାର୍ଯ୍ୟ ଯୋଗୁ ଦଣ୍ଡିତ କଲା । ସୁତରାଂ ମୌଲବୀ ରଶିଦ୍ ଅହେମଦ୍ ଗଙ୍ଗୋହି ଅନ୍ଧ ହୋଇଗଲା ଓ ସାପ କାମୁଡାରେ ମରିଗଲା । ମୌଲବୀ ଅବ୍‌ଦୁଲ୍ ଅଜିଜ୍ ସାହେବ୍ ଏବଂ ମୌଲବୀ ମୁହମ୍ମଦ୍ ସାହେବ୍ ଲୁଧିୟାନୁଓ୍ୱି ଯିଏ ପ୍ରସିଦ୍ଧ ମୁକଫିରିନ୍ ମାନଙ୍କ ମଧ୍ୟରୁ ଜଣେ ଥିଲେ, ସେ କେବଳ ୧୩ଦିନ ଅନ୍ତରରେ ଏ ସଂସାର ଛାଡ଼ି ଚାଲିଗଲେ । ତାଙ୍କ ବଂଶ ନିପାତ ହୋଇଗଲା । ମୌଲବୀ ସାଆଦୁଲ୍ଲାଃ ସାହେବ୍ ନୂଆ ମୁସ୍‌ଲିମ୍ ଏବଂ ରୁସୁଲ୍ ବାବା ସାହେବ୍ ତାଉନ୍‌ର ଶିକାର ହୋଇ ଇହଧାମ ଛାଡି ଚାଲିଗଲେ । ମୌଲବୀ ଗୁଲାମ୍ ଦସ୍ତଗୀର୍ କସୁରୀ ନିଜର ପୁସ୍ତକ ଫତାହ୍ ରହ୍‌ମାନୀ ପୃଷ୍ଠା-୨୬ ଓ ୨୭ରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଖିଲାଫ୍ ବଦ୍‌ଦୁଆ କରିଥିଲେ । ସେହି ପୁସ୍ତକଟି ପ୍ରକାଶ କରିବା ପୂର୍ବରୁ ହିଁ ଇଶ୍ୱରଙ୍କ ହାତରେ ଧରାପଡିଗଲା । ସୁତରାଂ ଯେଉଁମାନେ ବିରୋଧପୁର୍ଣ୍ଣ କାର୍ଯ୍ୟକଳାପ ଜାରି ରଖିଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଜୀବଦଶାରେ ହିଁ ବର୍‌ବାଦ୍ ହୋଇଗଲେ । ସୁତରାଂ ୧୯୦୬ ମସିହା ପର୍ଯ୍ୟନ୍ତ ସେହି ମୁଖାଲିଫ୍ ମାନଙ୍କ ମଧ୍ୟରୁ ଅଧିକାଂଶ ଶେଷ ହୋଇଗଲେ ଏବଂ ଯେଉଁମାନେ ବଂଚିଯାଇଥିଲେ ସେମାନେ ମଧ୍ୟ କୌଣସି ନା କୌଣସି ବିପଦରେ ପଡିଲେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦେହାନ୍ତ ପରେ ମୌଲବୀ ମୁହମ୍ମଦ୍ ହୁସେନ୍ ବଟାଲୁଓ୍ୱି ଏବଂ ସନାଉଲ୍ଲାଃ ଅମ୍‌ରତ୍‌ସରୀ ସିଲ୍‌ସିଲା ଅହେମଦୀୟାର ଉନ୍ନତିକୁ ଦେଖିବା ପାଇଁ ବହୁତ ସମୟ ପର୍ଯ୍ୟନ୍ତ ଜିବୀତ ରହିଲେ ଏବଂ ପରିଶେଷରେ ଗୋଟିଏ ପରେ ଗୋଟିଏ ବିପତିରେ ଆକ୍ରାନ୍ତ ହୋଇ ପକ୍ଷାଘାତ ଦ୍ୱାରା ଏ ସଂସାରରୁ ବିଦାୟ ନେଲେ" ।

(ତାରିଖେ ଅହେମଦୀୟତ୍, ଖଣ୍ଡ-୦୨, ପୃଷ୍ଠା-୫୫୦-୫୫୧)

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜର ମନ୍‌ଜୁମ୍ କଲାମ୍‌ରେ କହୁଛନ୍ତି:-

*ଗଢ଼େ ମେଁ ତୁନେ ସବ୍ ଦୁଶ୍‌ମନ୍ ଉତାରେ*
*ହାମାରେ କର୍‌ଦିଏ ଉଁଚେ ମନାରେ*
*ମୁକାବିଲ୍ ପର୍ ମେରେ ୟେ ଲୋଗ୍ ହାରେ*
*କାହାଁ ମର୍‌ତେ ଥେ ପର୍ ତୁନେ ହି ମାରେ*

*ଶରୀରୋଁ ପର୍ ପଡେ ଉନ୍‌କେ ଶରାରେ*
*ନା ଉନ୍‌ସେ ରୁକ୍ ସକେ ମକ୍‌ସଦ୍ ହମାରେ*
*ଉନ୍‌ହେ ମାତମ୍ ହମାରେ ଘର୍ ମେ ଶାଦି*
*ଫସୁବ୍‌ହାନଲ୍ ଲଜି ଅଖ୍‌ଜଲ୍ ଆଆଦି*

ଏ ଅଧମ ନିମ୍ନରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ କେତେକ ଶତ୍ରୁଙ୍କ ବିଷୟରେ ଚର୍ଚ୍ଚା କରିବାକୁ ଚାହୁଁଛି ଯେଉଁମାନେ ମୁଖାଲିଫତ୍‌ରେ ଭୟୋତ୍ପାଦକ ଦୃଷ୍ଟାନ୍ତର ଚିହ୍ନ ହୋଇଗଲେ ।

* ମୌଲବୀ ରୁସୁଲ୍ ବାବା ଅମ୍ରତ୍‌ସରୀ ଯିଏ ହଜୁରଙ୍କ ଖିଲାଫ୍‌ରେ ଖରାପ ପୁସ୍ତକ ଲେଖିଥିଲା ଓ କୁଭାଷା ପ୍ରୟୋଗ କରିଥିଲା । ସେ ତାଉନ୍ ରୋଗର ଶିକାର ହୋଇ ମଲା * ମୌଜା-ଭଡିଚଠା, ତହ୍‌ସିଲ୍ ହାଫେଜାବାଦ୍‌ରେ ଜଣେ ନୁର୍ ଅହେମଦ୍ ନାମକ ବ୍ୟକ୍ତି ରହୁଥିଲା । ଯିଏ ଏକଥା କହୁଥିଲା କି ତାଉନ୍ ଆମପାଇଁ ଆସିନାହିଁ ତାହା ମିର୍ଜା ସାହେବ୍‌ଙ୍କୁ ନିପାତ କରିବା ପାଇଁ ଆସିଛି । ଏକଥାକୁ ଗୋଟିଏ ସପ୍ତାହ ବିତିନଥିଲା କି ସେ ମଧ୍ୟ ମରିଗଲା * ମୌଲବୀ ଜଏନୁଲ୍ ଆବେଦିନ୍ ଜଣେ ଅହେମଦୀଙ୍କ ସହିତ ମୁବାହିଲା କଲା । ଅଳ୍ପଦିନ ପରେ ସେ ନିଜେ ଓ ତା ସ୍ତ୍ରୀ ଏବଂ ତା ଜ୍ୱାଇଁ ଇତ୍ୟାଦି ଘରର ୭୦ଜଣ ଲୋକ ତାଉନ୍ ରୋଗର ଶିକାର ହୋଇଗଲେ * ହାଫିଜ୍ ସୁଲ୍‌ତାନ୍ ସିଆଲ୍‌କୋଟି ନିଜ କୁଟୁମ୍ବର ନଅଦଶଜଣ ଲୋକଙ୍କ ସମେତ ତାଉନ୍ ଦ୍ୱାରା ଶେଷ ହୋଇଗଲା * ହକିମ୍ ମୁହମ୍ମଦ୍ ଶଫିଇ ସିଆଲ୍‌କୋଟି ତାଉନ୍‌ର ଶିକାର ହେଲା ଓ ତା ସ୍ତ୍ରୀ, ତା ମାଆ ଓ ତାର ଭାଇ ସମସ୍ତେ ଜଣକ ପରେ ଜଣେ ତାଉନ୍ ଦ୍ୱାରା ମରିଗଲେ * ମିର୍ଜା ସର୍ଦ୍ଧାର ବେଗ୍ ସିଆଲ୍‌କୋଟି ଯିଏ ନିଜର ଖରାପ ପ୍ରବୃତି ଓ ଧୃଷ୍ଟତାରେ ମାତ୍ରାଧିକ ବଢ଼ିଯାଇଥିଲା ସେ ମଧ୍ୟ ତାଉନ୍‌ର ଶିକାର ହେଲା * ଚରାଗଦୀନ୍ ଜମୁନୀ ନିଜ ଧୃଷ୍ଟତା ଯୋଗୁ ଶେଷ ହୋଇଗଲା *ମୌଲବୀ ମୁହମ୍ମଦ୍ ଅବୁଲ୍ ହସନ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଖିଲାଫରେ ଗୋଟିଏ ପୁସ୍ତକ ଲେଖିଲା, ଯେଉଁଥିରେ ସେ ଅନେକ ସ୍ଥାନରେ ମିଥ୍ୟାବାଦୀଙ୍କ ମୃତ୍ୟୁ ନିମନ୍ତେ ବଦ୍‌ଦୁଆ (ଅଭିଷାପ) କରିଥିଲା । ପରିଶେଷରେ ଅତିଶିଘ୍ର ସେ ମଧ୍ୟ ତାଉନ୍ ଦ୍ୱାରା ନିଃଶେଷ ହୋଇଗଲା* ଅବୁଲ୍ ହସନ୍ ଅବ୍‌ଦୁଲ୍ କରିମ୍‌ଙ୍କ ନାମରେ ଯେତେବେଳେ ଉକ୍ତ ପୁସ୍ତକଟିର ଦ୍ୱିତୀୟ ଏଡ଼ିଶନ୍ ପ୍ରକାଶ କରିବାକୁ ଚାହିଁଲା ତେବେ ସେ ମଧ୍ୟ ତାଉନ୍‌ର ଶିକାର ହେଲା* ସେହିପରି ଝେଲମ୍ ଜିଲ୍ଲା ନିବାସୀ ଫକିର୍ ମିର୍ଜା ଦୁଲ୍‌ମିୟାଲ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବିରୋଧରେ ବହୁତ କିଛି କୁଭାଷା ପ୍ରୟୋଗ କରି ଏ ପେଶ୍‌ଗୋଇ ଲେଖିଥିଲା କି :-

"ମିର୍ଜା ଗୁଲାମ୍ ଅହେମଦ୍ ସାହେବ୍‌ଙ୍କ ସମ୍ପ୍ରଦାୟ ୨୭ ରମ୍‌ଜାନ୍ ୧୩୨୧ ହିଜ୍‌ରି ମଧ୍ୟରେ ଭାଙ୍ଗି ଚୁର୍‌ମାର୍ ହୋଇଯିବ ଓ ବହୁତ ଭୀଷଣ ଅପମାନିତ ହେବ ଯାହାକୁ ସମଗ୍ର ଜଗତ ଦେଖିନେବ" ।

ଏହି ପେଶ୍‌ଗୋଇ ସେ ୭ ରମ୍‌ଜାନ୍‌ରେ ଲେଖିଥିଲା । ସୁତରାଂ ତା ପରବର୍ଷ ଯେତେବେଳେ ରମ୍‌ଜାନ୍ ମାସ ଆସିଲା ସେତେବେଳେ ତା ମହଲାରେ ତାଉନ୍ ରୋଗ ବ୍ୟାପିଲା । ପ୍ରଥମେ ତା ସ୍ତ୍ରୀ, ପୁଣି ସେ ନିଜେ ଫକିର୍ ମିର୍ଜା ଭୀଷଣ ତାଉନ୍ ରୋଗରେ ପଡି ଘାଂଟି ହେଲା ଏବଂ ପରିଶେଷରେ ଏକବର୍ଷ ପରେ ଠିକ୍ ୭ ରମ୍‌ଜାନ୍ ୧୬ ନଭେମ୍ବର୍ ୧୯୦୪ ମସିହାରେ ବିଫଳତାକୁ ଦେଖି ଏ ସଂସାରରୁ ଚାଲଗଲା ।

ସୁତରାଂ ଯେବେ ମଧ୍ୟ ହଜୁର୍ ଆଲୈହିସ୍ ସଲାମ୍‌ଙ୍କ ବିରୋଧରେ କିଏ ଆସିଲା ସେ ମଲା । ଯିଏ ହଜୁରଙ୍କ ବିରୋଧରେ ତାଉନ୍ ନିମନ୍ତେ ବଦ୍‌ଦୁଆ କଲା ସେହି ବଦ୍‌ଦୁଆ ତା ଉପରେ ହିଁ ପଡ଼ିଲା । (ତାରିଖେ ଅହେମଦୀୟତ୍, ଦ୍ୱିତୀୟ ଖଣ୍ଡ, ପୃଷ୍ଠା-୪୭୯-୪୮୦, ମୁଦ୍ରଣ-କାଦିଆନ୍ ୨୦୦୭)

*ତୁନେ ତାଉନ୍ କୋ ଭି ଭେଜା*
*ମେରେ ନୁସ୍‌ରତ କେ ଲିଏ*
*ତା ୱହ୍ ପୁରେ ହୋଁ ନିଶାଁ*
*ଜୋ ହେଁ ସଚ୍ଚାଇ କା ମଦାର୍*

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି- "ବହୁତ ଦୁଃଖର କଥାକି ମୋ ବିରୋଧିମାନଙ୍କୁ ଏତେ ମାତ୍ରାରେ ଅସଫଳତା ମିଳିବା ସତ୍ୱେ ମଧ୍ୟ କେବେ ଏକଥା ଅନୁଭବ ହେଲାନାହିଁ କି ଏହି ବ୍ୟକ୍ତିଙ୍କ ସହିତ ଓ ତାଙ୍କ ପଛରେ କେଉଁ ଶକ୍ତିର ହାତ ରହିଛି, ଯିଏ ତାଙ୍କୁ ପ୍ରତ୍ୟେକ ଆକ୍ରମଣରୁ ବଂଚାଉଛି । ଯଦି ଦୁର୍ଭାଗା ହୋଇନଥାନ୍ତେ ତେବେ ଏହା ସେମାନଙ୍କ ପାଇଁ ଏକ ଐଶି ଚମତ୍କାର ଥିଲା କି ତାଙ୍କର ପ୍ରତ୍ୟେକ ଆକ୍ରମଣ କରିବା ସମୟରେ ଇଶ୍ୱର ମୋତେ ତାଙ୍କ ଦୁଷ୍ଟାମୀରୁ ବଂଚାଇଲେ ବରଂ ପୂର୍ବରୁ ଏ ସମ୍ବନ୍ଧରେ ଖବର ଦେଲା କି ସେ ବଂଚାଇବ" । (ହକିକତୁଲ୍ ୱହି, ପୃଷ୍ଠା-୧୨୨)

ପୁଣି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:- "ଏହା ବଡ ଆଶ୍ଚର୍ଯ୍ୟର କଥା । କଣ ଏହି ରହସ୍ୟକୁ ବୁଝିପାରିବ କି ସେମାନଙ୍କ ଧାରଣାରେ ମୁଁ ହେଉଛି ମିଥ୍ୟାବାଦୀ, ଧୋକାବାଜ୍ ଏବଂ ଦଜ୍ଜାଲ୍ କିନ୍ତୁ ମୋବାହିଲା ସମୟରେ ସେମାନେ ହିଁ ମରୁଛନ୍ତି । କଣ ନଉଜୁବିଲ୍ଲାଃ ଇଶ୍ୱର ମଧ୍ୟ କୌଣସି ଭୁଲ୍ ବୁଝାମଣା କରୁଛନ୍ତି ? ଏପରି ପୁଣ୍ୟବନ୍ତ ଲୋକମାନଙ୍କ ଉପରେ କାହିଁକି ଇଶ୍ୱରଙ୍କର ଦଣ୍ଡ ଅବତୀର୍ଣ୍ଣ ହେଉଛି ଓ ସେମାନେ ମୃତ୍ୟୁମୁଖରେ ମଧ୍ୟ ପଡୁଛନ୍ତି ଓ ପୁଣି ଅପମାନିତ ମଧ୍ୟ ହେଉଛନ୍ତି" । (ହକିକତୁଲ୍ ୱହି, ପୃଷ୍ଠା-୨୨୭)

ପୁଣି ଆପଣ ଆ:ସ କହୁଛନ୍ତି- "ଏମାନଙ୍କ ମଧ୍ୟରୁ କେହି ଏକଥା ଭାବୁନାହାଁନ୍ତି କି (ମୋ ଉପରେ) ଏପରି ଅଲ୍ଲାଃତାଲାଙ୍କର ସାହାଯ୍ୟ ସହଯୋଗ କାହିଁକି ହେଉଅଛି । କଣ ମିଥ୍ୟାବାଦୀ, ଦଜ୍ଜାଲ୍ ଏବଂ ଭ୍ରଷ୍ଟ ଲୋକଙ୍କର ଏ ଲକ୍ଷଣ କି ତାଙ୍କ ମୁକାବିଲାରେ ମୁବାହିଲା ଅବସ୍ଥାରେ ଇଶ୍ୱର, ମୋମିନ୍ (ଓ) ମୁତ୍‌ତକି (ନିଷ୍ଠାବାନ୍)କୁ ଶେଷ କରି ଚାଲିବ" । (ହକିକତୁଲ୍ ୱହି ତତିମା, ପୃଷ୍ଠା-୫୧)

କିଛି ମୌଲବୀ ମାନଙ୍କ ତରଫରୁ ପ୍ରତିବନ୍ଧକ ସୃଷ୍ଟି କରାଗଲା ଓ ସେମାନେ ଯଥାସମ୍ଭବ ଜୋର୍ ଲଗାଇଲେ କି (ମୋ ନିକଟକୁ) ବହୁତ ସଂଖ୍ୟାରେ ଲୋକ ନଆସନ୍ତୁ ଏପରିକି ମକାରୁ ମଧ୍ୟ ଫତ୍‌ୱା ମଗାଗଲା ଏବଂ ପାଖାପାଖି ୨୦୦ ମୌଲବୀ ମୋ ଉପରେ କୁଫୁର୍ (ଅମାନ୍ୟକାରୀ ହେବା)ର ଫତ୍‌ୱା ଦେଲେ ବରଂ (ମୁଁ) ହତ୍ୟାଯୋଗ୍ୟ ହେବାର ଫତ୍‌ୱା ପ୍ରକାଶ କଲେ । କିନ୍ତୁ ସେମାନେ ତାଙ୍କର ସମସ୍ତ ଚେଷ୍ଟାରେ ଅସଫଳ ରହିଲେ, ଯଦି ଏହି କାରବାର ମନୁଷ୍ୟକୃତ ହୋଇଥାଆନ୍ତା ତେବେ ତୁମର ବିରୋଧ କରିବାର କିଛି ଆବଶ୍ୟକତା ନଥିଲା ଏବଂ ମୋର ବିନାଶ ପାଇଁ ଏତେ କଷ୍ଟ ଉଠାଇ ନଥାନ୍ତ ବରଂ ମୋତେ ମରିଦେବା ପାଇଁ ଇଶ୍ୱର ହିଁ ଯଥେଷ୍ଟ ଥିଲେ" । (ହକିକତୁଲ୍ ୱହି, ପୃଷ୍ଠା-୨୫୦-୨୫୧)

୧୯୩୪ ମସିହାରେ ମଜ୍‌ଲିସ୍ ଆହ୍‌ରାର୍ ମୁଣ୍ଡଟେକିଲା ଏବଂ ଅହ୍‌ରାର୍‌ଙ୍କ ନେତା ସୟଦ୍ ଅତାଉଲ୍ଲାଃ ଶାହ୍ ବୁଖାରୀ ଯିଏ ଅହେମଦୀ ମାନଙ୍କୁ ମସିହ୍‌ଙ୍କ ମେଣ୍ଢା ବୋଲି ସମ୍ବୋଧନ କରି ମୋର ତ ଘୃଣାର ସହିତ ଏକଥା କହୁଥିଲା କି ଅହେମଦୀୟତ୍‌କୁ ନିପାତ କରିବା ପାଇଁ ବହୁତଙ୍କର ହାତ ଉଠିଛି । କିନ୍ତୁ ଇଶ୍ୱରଙ୍କୁ ଏହା ମଞ୍ଜୁର୍ ଥିଲା କି ଏମାନେ ମୋ ହାତରେ ନିପାତ ହେବେ ଏବଂ ଇଶ୍ୱରଙ୍କ ବିଧାନ ମୁତାବକ ମଜ୍‌ଲିସ୍ ଅହ୍‌ରାର୍ ଏବଂ ଅହ୍‌ରାର୍‌ର ପ୍ରତିଷ୍ଠାତାଙ୍କ ପରିଣାମ ଭୟଙ୍କର ହେଲା । ଏ ସଂସାର ସାକ୍ଷୀ ଅଛି କି ୧୯୭୪ ମସିହାରେ ପଡୋଶୀ ଦେଶର ପ୍ରଧାନମନ୍ତ୍ରୀ ଜୁଲ୍ ଫିକାର୍ ଅଲୀ ଭୁଟୋ, ଯିଏ ଖରାପ ପ୍ରବୃତିର ଓ୍ୱଲେମା ମାନଙ୍କୁ ଖୁସି କରାଇବା ପାଇଁ ପାକିସ୍ତାନ୍‌ର ଜାତୀୟ ସମ୍ବିଧାନରେ ଅହେମଦୀ ମାନଙ୍କୁ ଅଣ ମୁସ୍‌ଲିମ୍ ଅଭିହିତ କରି ଏକଥା ଭାବିଥିଲା ଯେ ବର୍ତମାନ ମୋ ଆସନକୁ କେହି ହଲାଇ ପାରିବେ ନାହିଁ । କିନ୍ତୁ **କଲ୍‌ବୁନ୍ ୟମୁତ୍ ଆଲା କଲ୍‌ବିନ୍** ସଦୃଶ ସେହି ବ୍ୟକ୍ତିକୁ ଏ ପୃଥିବୀର କୌଣସି ଶକ୍ତି ତାକୁ ଅଲ୍ଲାଃତାଲାଙ୍କ ଦଣ୍ଡରୁ ବଂଚାଇପାରିଲେ ନାହିଁ ।

ପୁଣି ଜଣେ ଫୌଜି ଏକଛତ୍ରବାଦୀ ଯିଏ ଅହେମଦୀୟତ୍‌କୁ କ୍ୟାନ୍‌ସର୍ ସହିତ ସମାନ କରୁଥିଲା ସେ ଅହେମଦୀୟତ୍‌ର ସତାକୁ ସଂକୋଚିତ କରିଦେବା ପାଇଁ ଏବଂ ପ୍ରତ୍ୟକ୍ଷ ରୂପେ ଖିଲାଫତେ ଅହେମଦୀୟା ଉପରେ ଆକ୍ରମଣ କରିବା ପାଇଁ ଗୋଟିଏ ଅତ୍ୟାଚାର ମୂଳକ ଅର୍ଡିନାନ୍‌ସ୍ ଜାରିକଲା । କିନ୍ତୁ ଅଲ୍ଲାଃତାଲା ଐଶି ଚମତ୍କାର ଦ୍ୱାରା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେଙ୍କୁ ଅତ୍ୟନ୍ତ ବୈଭବର ସହିତ ସୁରକ୍ଷା ପ୍ରଦାନ କରି ଲଣ୍ଡନ ହିଜରତ୍ କରି ଚାଲିଯିବା ପାଇଁ ସୌଭାଗ୍ୟ ପ୍ରଦାନ କଲେ । ଏବଂ ଅନ୍ୟପଟେ ଏ ଯୁଗର ଫିରୋନ୍‌ର କଣ ପରିଣାମ ହେଲା । ସେ ନିଜର ଦଳବଳ ସହିତ ଆଶ୍ଚର୍ଯ୍ୟଜନକ ରୂପେ ଜାହାଜ ଦୁର୍ଘଟଣାରେ ଶିକାର ହୋଇ ଆକାଶର ବାୟୁମଣ୍ଡଳରେ ଏପରି ଛିନ୍‌ବିନ୍ ହୋଇ ଉଡିଗଲା କି ତା ଅସ୍ତିତ୍ୱର କୌଣସି ଅଙ୍ଗ ମଧ୍ୟ ମିଳିଲାନାହିଁ । ସତକଥା ହେଉଛି ଏହା କି -

*ଅନ୍‌ଜାମ୍ ଯେହି ହୋତା ଆୟା ହୈ*
*ଫିରୋନୋ କା ହାମାନୋକା*
*(ଅର୍ଥାତ୍ ଫିରୋନ୍ ଏବଂ ହାମାନ୍ ମାନଙ୍କର ଏଡି ପରିଣାମ ହୋଇଥାଏ)*

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି- "ସେହି ଲୋକମାନଙ୍କର ଭୁଲ୍ ଏବଂ ଦୁର୍ଭାଗ୍ୟ ଯେ ସେମାନେ ମୋତେ ନିପାତ କରିବାକୁ ଚାହୁଁଛନ୍ତି । ମୁଁ ଏପରି ବୃକ୍ଷ ଯାହାକୁ ବାସ୍ତବିକ ମାଲିକ ନିଜ ହାତରେ ଲଗାଇଛନ୍ତି । ଯେଉଁ ବ୍ୟକ୍ତି ମୋତେ କାଟିବାକୁ ଚାହୁଁଛି ତାର ପରିଣାମ ଏତଦ୍‌ବ୍ୟତୀତ ଆଉକିଛି ହେବନାହିଁ କି ସେ କାରୁନ୍ ୟହୁଦା ଇସ୍‌କ୍ରିୟୁତି ଏବଂ ଅବୁଜହଲ୍‌ଙ୍କ ଭାଗ୍ୟରୁ କିଛି ଭାଗ ନେବାକୁ ଚାହୁଁଛି ।....... ହେ (ଏପରି) ଲୋକମାନେ ! ତୁମେ ନିଶ୍ଚିତ ରୂପେ ଜାଣିନିଅ କି ମୋ ସହିତ ସେହି ହାତ ରହିଛି ଯିଏ ଶେଷ ପର୍ଯ୍ୟନ୍ତ ମୋ ସହିତ ନିର୍ବାହ କରିବ । ଯଦି ତୁମ ପୁରୁଷମାନେ, ମହିଳାମାନେ, ଯୁବକମାନେ, ତୁମର ବୟସ୍କମାନେ ଏବଂ ତୁରମ ବଡସାନ ସମେସ୍ତମିଳିମିଶି ମୋତେ ନିପାତ କରିବା ପାଇଁ ଦୁଆ କରିବେ ଏପରିକି ସଜ୍‌ଦା କରି କରି ସେମାନଙ୍କ ନାକ ରଗଡି ହୋଇଯିବ ଓ ହାତ ଶିଥିଳ ହୋଇଯିବ । ତେବେ ମଧ୍ୟ କଦାପି ଖୁଦା ତୁମର ଦୁଆ ଶୁଣିବେ ନାହିଁ ଓ ସେପର୍ଯ୍ୟନ୍ତ ସେ ରୋକିହୋଇ ରହିବେ ନାହିଁ ଯେପର୍ଯ୍ୟନ୍ତ ସେ ନିଜ କାର୍ଯ୍ୟକୁ ପୁରଣ ନ କରିଦେଇଛନ୍ତି" । (ରୁହାନି ଖଜାଏନ୍.. ଖଣ୍ଡ-୧୭ ଜମିମା ତୋହଫା ଗୋଲଡ୍ରୁୱିୟା, ପୃଷ୍ଠା-୪୯) ।

ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହୁଛନ୍ତି- "ସୁତରାଂ ଖୁଦାତାଲାଙ୍କା ସମ୍ମୁଖରେ ସମ୍ପୂର୍ଣ୍ଣ ରୂପେ ନଇଁଯାଅ ଫଳତ ଅତ୍ୟାଚାରୀଙ୍କ ଅତ୍ୟାଚାର ସମ୍ପୂର୍ଣ୍ଣ ରୂପେ ଶେଷ ହୋଇଯିବ.......ଯେବେ ଆମେ ନିଜ ରାତିର ତୀର ଗୁଡିକୁ ନିଷ୍ଠାର ସହିତ ଚଳାଇବା ତେବେ ନିଶ୍ଚିତ ରୂପେ ଖୁଦାତାଲା ଐଶି ନିଦର୍ଶନ ଦେଖାଇବେ । ଆମ ଖୁଦାଙ୍କର ପ୍ରତିଶୃତି ହେଉଛି ସତ୍ୟ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦାବୀଠାରୁ ନେଇ ଏପର୍ଯ୍ୟନ୍ତ ବିରୋଧିପୂର୍ଣ୍ଣ ଝଡ ଚାଲିଆସିଛି ଏପରିକି ଖିଲାଫତେ ସାନିୟା (ଦ୍ୱିତୀୟ ଖଲିଫା)ଙ୍କ ସମୟରେ ଏହ୍‌ରାର୍ କାଦିଆନ୍‌ର ଗୋଟିଏ ଗୋଟିଏ ଇଟା ତାଡି ଫିଙ୍ଗି ଦେବା ପାଇଁ ଫୁଟାଣି ମାରିଲା । କିଏ ସରକାରରେ ଆସି ଅହେମଦୀମାନଙ୍କୁ ଭିକ ମାଗିବାର ପାତ୍ର ଧରାଇଦେବ ବୋଲି କହିଲା କିନ୍ତୁ ଫଳ କଣ ବାହାରିଲା । ଆଜି ଅହେମଦୀୟତ୍ ୨୦୦ଦେଶରେ ସ୍ଥାପନ ହୋଇସାରିଛି । ଏହି ସିଲ୍‌ସିଲା ଇଶ୍ୱରଙ୍କ ଦ୍ୱାରା ସ୍ଥାପନ ହୋଇଛି । ଆମେ ପ୍ରତିକ୍ଷଣ ଖୁଦାତାଲାଙ୍କ ସାହାଯ୍ୟ ଓ ସହଯୋଗକୁ ଦେଖୁଅଛୁ । ସୁତରାଂ ଏକଥାର ଚିନ୍ତା ରହିଛି କି ଆମେ ଅଲ୍ଲାଃତାଲାଙ୍କ ନିକଟରେ ନତମସ୍ତକ ହେଉଅଛେ ବା ନୁହେଁ । ଆମେ ଆମ ହୃଦୟରେ ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ବିରୋଧରେ ବ୍ୟବହାର କରାଯାଉଥିବା ଅତ୍ୟାଚାର ମୂଳକ ଶବ୍ଦଗୁଡିକୁ ପଢି ଓ ଶୁଣି କେବଳ ବ୍ୟତିବ୍ୟସ୍ତତା ଅନୁଭବ କରିବାବାଲା ନହେଉ ବରଂ ରାତିର ଦୁଆରେ ଖୁଦାତାଲାଙ୍କ କରୁଣା ଓ ଖୁଦାଙ୍କ ଦୟାକୁ ଟାଣିଆଣିବା ବାଲା ହେଉ । ନିଜ ସଜ୍‌ଦାଗାଃକୁ ଭିଜାଅ । ଆମେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଖୁଦାଙ୍କୁ ଡାକିବା ଯିଏ ଦୁର୍ବଳମାନଙ୍କୁ ହାକିମ ବନାଇଦେଲେ । ସୁତରାଂ ହେ ଖୁଦା ! ଆମେ ତୁମ କରୁଣାର ଦ୍ୱାହି ଦେଇ ଆଜି ତୁମଠାରୁ ମାଗୁଅଛୁ କି ଏ ପୃଥିବୀ ଯାହାକୁ ଆମପାଇଁ ସଂକୋଚିତ କରି ଦିଆଯାଉଛି ତାହା ଆମପାଇଁ ଗୁଲୋ ଗୁଲ୍‌ଜାର୍(ଶସ୍ୟ ଫୁଲଭରା) କରିଦିଅନ୍ତୁ । ହେ ଅର୍‌ହମୁର୍ ରାହେମିନ୍ (ସମସ୍ତଙ୍କଠାରୁ ଅଧିକା କରୁଣା ପ୍ରଦାନକାରୀ) ଖୁଦା ତୁମେ ଆମ ଉପରେ କରୁଣା କରି ଦୟା ଅବତୀର୍ଣ୍ଣ କର । ଆମିନ୍" । (ଖୁତ୍‌ବାଜୁମା, ପ୍ରଦତ-୦୭ ଅକ୍ଟୋବର ୨୦୧୧)

# ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଉପରେ ୭ଗୋଟି ମୋକଦ୍ଦମା ତାଙ୍କ ସତ୍ୟତାର ୭ଟି ନିଦ୍ଦର୍ଶନ

**(ନସିର୍ ଅହେମଦ୍ ଆରିଫ୍, ମୁରବୀ ସିଲ୍‌ସିଲା ନଜାରତ୍ ଇସ୍‌ଲାହ୍ ଓ୍ୱ ଇର୍‌ଶାଦ୍ ମର୍କଜିୟା, କାଦିଆନ୍)**

ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ ବର୍ଣ୍ଣନା କରୁଛନ୍ତି :-

يَا حَسْرَةً عَلَى الْعِبَادِ مَا يَأْتِيهِم مِّن رَّسُولٍ إِلَّا كَانُوا بِهِ يَسْتَهْزِئُونَ (يٰس:31)

ଅନୁବାଦ- ହାୟ ! (ଅବଜ୍ଞା-ପ୍ରବଣ) ପ୍ରାଣୀମାନଙ୍କ ନିକଟକୁ ଯେବେ ବି କୌଣସି ରସୁଲ୍ ଆସନ୍ତି, ସେତେବେଳେ ସେମାନେ ତାହାକୁ ଘୃଣା ଚକ୍ଷୁରେ ଦେଖନ୍ତି (ଓ ଥଟ୍ଟା କରନ୍ତି) ।

ଏହି ପବିତ୍ର ଆୟତରେ ଅଲ୍ଲାଃତାଲା ଅମ୍ବେୟା ଓ ରସୁଲ୍‌ମାନଙ୍କୁ ସେମାନଙ୍କ ମିଶନ୍ କାର୍ଯ୍ୟରେ ବାଧା ପକାଉଥିବା ବିପତି ଓ ଅସୁବିଧା ସମ୍ପର୍କରେ ଚର୍ଚ୍ଚା କରି ସତର୍କ କରାଇଛି ଓ ବତାଇଛି କି ଯେଉଁ ଉଦ୍ଦେଶ୍ୟ ହାସଲ କରିବା ପାଇଁ ସେମାନଙ୍କୁ ପ୍ରେରଣ କରାଯାଇଛି ସେହିମାର୍ଗରେ କଂଟକପୁର୍ଣ୍ଣ ବୃକ୍ଷଲତା ଭରିରହିଛି, ବିପଦପୂର୍ଣ୍ଣ ମାର୍ଗ ଅର୍ଥାତ୍ ଥଟ୍ଟା, ପରିହାସ, ଝଡ ଓ ଦୁର୍ଘଟଣାର ପାହାଡ ରହିଛି । କିନ୍ତୁ ଏହି ସବୁ ଦୁଃଖକଷ୍ଟ ସେମାନଙ୍କ ଇମାନ୍ (ବିଶ୍ୱାସ)କୁ ଦୁର୍ବଳ କରିଦିଏନାହିଁ ।

ଏପରି ଦୁଃଖ କଷ୍ଟ ହଜ୍‌ରତ୍ ମସିହ୍ ମଉଦ୍‌ଙ୍କ ଜୀବନରେ ମଧ ଆସିଛି ଓ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଜୀବନରେ ବିରୋଧିମାନେ ଆପଣ ଆ:ସଙ୍କ ଉପରେ ବିଭିନ୍ନ ପ୍ରକାରର ମିଥ୍ୟା ଓ ନିରାଧାର ମୋକଦ୍ଦମା ଲଗାଇଲେ ଓ ଯଥାସମ୍ଭବ ଅସ୍ତ୍ର ପ୍ରୟୋଗ କରି ଅର୍ଥାତ୍ ଜେଣତେଣ ପ୍ରକାରଣ ଆପଣ ଆ:ସଙ୍କୁ କାନୁନ୍‌ର ପଞ୍ଝା ଭିତରେ ଫସାଇଦେବା ପାଇଁ ଚେଷ୍ଟା କଲେ । କିନ୍ତୁ ଇଶ୍ୱରଙ୍କ ସିଂହ ଅର୍ଥାତ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ତରଫରୁ ଏହି ଶବ୍ଦ ଉଚ୍ଚାରିତ ହେଉଥିଲା ।

*ହେି ସରେରାଃ ପର୍ ମେରେ*
*ଓ୍ୱହ୍ ଖୁଦ୍ ଖଡା ମୌଲା କରିମ୍*
*ପସ୍ ନା ବୈଠୋ ମେରି ରାହ୍ ମେ*
*ଅଏ ଶରୀରାନେ ଦିଆର୍*
*ଅମ୍ବେୟା ସେ ବୁଗ୍‌ଜୁ ଭି*
*ଅଏ ଗାଫିଲୋ ଅଚ୍ଛା ନେହିଁ*
*ଦୂର୍ ତର୍ ହଟ୍ ଯାଓ ଇସ୍‌ସେ*
*ହୈ ଯେ ଶେରୋଁ କି କଛାର୍*

ବିରୋଧିମାନଙ୍କ ତରଫରୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଉପରେ ୭ଟି ମୋକଦ୍ଦମା ଦାଏର୍ କରାଗଲା ଏବଂ ଏହି ୭ଟି ଯାକ ମୋକଦ୍ଦମା ଆପଣଙ୍କ ସତ୍ୟତାର ପ୍ରମାଣ ଓ ମୁକସାକ୍ଷୀ ହେଲା । ଏହି ୭ଟି ମୋକଦ୍ଦମାର ସଂକ୍ଷିପ୍ତ ବିବରଣୀ ନିମ୍ନରେ ଉପସ୍ଥାପନ କରାଯାଉଅଛି ।

### ମୋକଦ୍ଦମା ନଂ-(୧)
### ଡାକଖାନା ମୋକଦ୍ଦମା

୧୮୭୭ ମସିହାରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଖିଲାଫରେ ଜଣେ ଇସାଇ ରେଲିୟାରାମ୍ ମୋକଦ୍ଦମା ଦାଏର୍ କରିଦେଲା । ଏହି ମୋକଦ୍ଦମାଟି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଜୀବନର ପ୍ରଥମ ମୋକଦ୍ଦମା ଥିଲା । ହଜୁର୍ ଆ:ସ ଇସ୍‌ଲାମ୍‌ର ସତ୍ୟତା ପ୍ରତିପାଦନ କରି ଅନେକ ପ୍ରବନ୍ଧ ଓ ନିବନ୍ଧ ରଚନା କରି ପୁସ୍ତକ ଆକାରରେ ପ୍ରକାଶ କରିଥାନ୍ତି । ହଜୁର୍ ଆ:ସ ଇସ୍‌ଲାମ୍ ସପକ୍ଷରେ ଗୋଟିଏ ପ୍ରବନ୍ଧ ଲେଖି ତାକୁ ଅମୃତସରର ଗୋଟିଏ ପ୍ରେସ୍‌ରେ ଛପାଇବା ପାଇଁ ଗୋଟିଏ ପ୍ୟାକେଟ୍ ଭିତରେ ଭର୍ତିକରି ପଠାଇଦେଲେ ଓ ସେହି ପ୍ୟାକେଟ୍ ଭିତରେ ଆଉଗୋଟିଏ ଚିଠି ମଧ ଲେଖି ରଖିଦେଲେ ଯେଉଁଥିବରେ ଶିଘ୍ର ଛପାଇବା ପାଇଁ ତାଗିଦ୍ କରାଯାଇଥିଲା । ପ୍ରେସ୍‌ର ଇସାଇ ମାଲିକ ରେଲିୟାରାମ୍ ଯିଏ ଅମୃତସର୍ ଇସାଇ ମିଶନ୍‌ର ମୁଖିଆ ରୂପେ ବିବେଚନା କରାଯାଉଥିଲା, ସେ ଭୀଷଣ କ୍ରୋଧିତ ହୋଇଗଲା ଏବଂ ନିଜ ଅନ୍ତରରେ ଥିବା କ୍ରୋଧକୁ ପ୍ରକାଶ କରିବା ପାଇଁ ତାକୁ ମୌକା ମିଳିଗଲା, ଯେହେତୁ ପ୍ୟାକେଟ୍ ଭିତରେ ଅଲଗା ଚିଠି ରଖିବା ସେ ସମୟରେ ଏକ ଅପରାଧ ଥିଲା ଓ ଏହି ଅପରାଧର ଦଣ୍ଡ ଡାକ ଖାନାର କାନୁନ୍ ମୁତାବକ ପାଂଚଶହ ଟଙ୍କା ଜୋରିମନା ବା ଛଅମାସ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ଥିଲା କିନ୍ତୁ ସେ ବିଷୟରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କିଛି ଜାଣିନଥିଲେ । ରେଲିୟାରାମ୍ ଗୁପ୍ତଚର ସାଜି ଡାକଖାନା ଅଫିସର୍‌ଙ୍କ ଜରିଆରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଉପରେ ଅଦାଲତରେ ଗୋଟିଏ ମୋକଦ୍ଦମା ଦାଏର୍ କରିଦେଲା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଏହି ମୋକଦ୍ଦମା ବିଷୟରେ ଜଣାପଡ଼ିବା ପୂର୍ବରୁ ଅଲ୍ଲାଃତାଲା ଗୋଟିଏ ସ୍ୱପ୍ନରେ ଏହା ଜଣାଇଦେଲେ କି ରେଲିୟାରାମ୍ ଆପଣ ଆ:ସଙ୍କ ନିକଟକୁ ଗୋଟିଏ ସାପ ପଠାଇଛି ଓ ଆପଣ ଆ:ସ ସେହି ସାପଟିକୁ ମାଛ ପରି ଛାଣି ଫେରାଇଦେଇଛନ୍ତି ।

ପରିଶେଷରେ ଏହି ଅପରାଧ ଯୋଗୁ ହଜୁର୍ ଆ:ସଙ୍କୁ ଗୁର୍‌ଦାସ୍‌ପୁର୍ ଡକାଗଲା ଏବଂ ଯେଉଁ ସମସ୍ତ ଓକିଲ ମାନଙ୍କ ଠାରୁ ଏ ସମ୍ବନ୍ଧରେ ପରାମର୍ଶ ନିଆଗଲା ସମସ୍ତେ ଏ ପରାମର୍ଶ ଦେଲେ କି ମିଛ କହିବା ବିନା ଆଉକୌଣସି ରାସ୍ତା ନାହିଁ ଏବଂ ଓକିଲମାନେ ଏ ପରାମର୍ଶ ମଧ ଦେଲେ କି ଆପଣ ସ୍ୱଷ୍ଟ ରୂପେ ମନା କରିଦିଅନ୍ତୁ ଯେ ପ୍ୟାକେଟ୍ ଭିତରେ ମୁଁ କିଛି ରଖିନାହିଁ, ରେଲିୟାରାମ୍ ନିଜେ ରଖିଦେଇଥିବ । ଏହିପରି କେତେକ ମିଥ୍ୟାସାକ୍ଷୀ ଉପସ୍ଥାପନ କରି ଆପଣ ମୁକୁଳିଯିବେ ନଚେତ୍ ଅସୁବିଧାରେ ପଡ଼ିବେ । ଏଥିରେ ଆପଣ ଆ:ସ ସବୁ ଓକିଲମାନଙ୍କୁ ଏ ଉତର ଦେଲେ କି ମୁଁ କଦାପି ମିଛ କହିବି ନାହିଁ । ସୁତରାଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ମୋକଦ୍ଦମାରେ ଲଢୁଥିବା ଓକିଲ ମୋକରମ୍ ଶେଖ୍ ଅଲୀ ଅହେମଦ୍ ସାହେବ୍ କହୁଛନ୍ତି କି ମୁଁ ବହୁତ ଚେଷ୍ଟା କଲି ଯେ ମିର୍ଜା ସାହେବ୍ କିପରି ଅସ୍ୱୀକାର କରିଦିଅନ୍ତୁ ଯେ ଏହି ଚିଠିଟିକୁ ମୁଁ ପ୍ୟାକେଟ୍ ଭିତରେ ରଖିନାହିଁ ବୋଲି ମୁଁ ଯେତେ ମାତ୍ରାରେ ବାଧ କରୁଥିଲି ମିର୍ଜା ସାହେବ୍ ସେତେ ମାତ୍ରାରେ ମନା କରି ଚାଲିଥିଲେ । ଏଥିରେ ମୁଁ ମିର୍ଜା ସାହେବ୍‌ଙ୍କୁ ଡରାଇଲି କି ଯଦି ଏପରି ନକରିବେ ତେବେ ଫଳ ଠିକ୍ ହେବନାହିଁ ଓ ଜଣେ ସମ୍ଭ୍ରାନ୍ତ ବଂଶୀୟ ବ୍ୟକ୍ତିଙ୍କ ଉପରେ ଫୌଜଦାରୀ ମୋକଦ୍ଦମାର ଦଣ୍ଡର ଦାଗ ଲାଗିଯିବ । ଆପଣ ଆ:ସ ମୋ କଥାକୁ ମାନୁନଥିଲେ । ପରିଶେଷରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏବଂ ଡାକଖାନାର ଅଫିସର୍ ଅଦାଲତରେ ପେଶ୍ ହେଲେ । ଜଜ୍ ହଜୁର୍ ଆ:ସଙ୍କର ବୟାନ୍ ଲେଖିଲେ ଓ ହଜୁର୍ଆ:ସଙ୍କୁ ପ୍ରଶ୍ନ କଲେ କି କଣ ଏହି ଚିଠିଟିକୁ ଆପଣ ଏହି ପ୍ୟାକେଟ୍ ଭିତରେ ରଖିଥିଲେ ଓ ଏ ପ୍ୟାକେଟ୍‌ଟି ତୁମର କି ? ଏଥିରେ ହଜୁର୍ ତତ୍‌କ୍ଷଣାତ୍ ଉତର ଦେଲେ ଏ ଚିଠିଟି ମୋର ଏବଂ ଏ ପ୍ୟାକେଟ୍ ମଧ ମୋର କିନ୍ତୁ ମୁଁ ଏହି ଚିଠିଟିକୁ ଏହି ବିଷୟବସ୍ତୁଠାରୁ ଅଲଗା ବୋଲି ଭାବିନଥିଲି ଏବଂ ମୋର ସରକାରକୁ କ୍ଷତି ପହଂଚାଇବା ପାଇଁ କଦାପି କୌଣସି ନିୟତ ନଥିଲା । ଏକଥା ଶୁଣିବା ପରେ ଖୁଦାତାଲା ଉକ୍ତ ଇଂରେଜ୍ ଜଜଙ୍କ ମନକୁ ହଜୁର୍‌ଙ୍କ ପ୍ରତି ଢ଼ଳାଇଦେଲେ । ହଜୁର୍‌ଙ୍କ ମୁକାବିଲାରେ ଡାକଖାନାର ଅଫିସର୍ ବହୁତ ପାଟିତୁଣ୍ଡ କଲା କିନ୍ତୁ ସେହି ହାକିମ ଜଣକ ନୋ ନୋ (No-No) କହି ଅଫିସର୍‌ଙ୍କ କଥାକୁ ରଦ୍ଦ କରିଦେଉଥିଲା । ଯେତେବେଳେ ଡାକଖାନାର ଅଫିସର୍ ସବୁ କଥା କହିସାରି ଶାନ୍ତପଡ଼ିଲା ସେତେବେଳେ ଜଜ୍ ଏ ଫୈସ୍‌ଲା ଲେଖି ମୋକଦ୍ଦମାଟିକୁ ଖାରଜ କରିଦେଲେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଯେତେବେଳେ କୋଟ୍ ଭିତରୁ ବାହାରକୁ ବାହାରିଲେ ନିଜ ଦୟାମୟ ଇଶ୍ୱରଙ୍କର କୃତଜ୍ଞତା ଜ୍ଞାପନ କଲେ, ଯିଏ ତାଙ୍କୁ ସତ୍ୟକଥା କହିଥିବା ବର୍‌କତ୍‌ରୁ ବହୁତ ବଡ ବିଜୟ ପ୍ରଦାନ କରିଥିଲେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏହି ମୋକଦ୍ଦମା ପୂର୍ବରୁ ସ୍ୱପ୍ନ ମଧ ଦେଖିଥିଲେ କି ଜଣେ ବ୍ୟକ୍ତି ତାଙ୍କ ଟୋପିକୁ ବାହାର କରିଦେବା ପାଇଁ ହାତ ଲଗାଉଥିଲେ । ଏଥିରେ ତାଙ୍କୁ କହିଲେ ଏପରି କଣ କରୁଛ । ସେଥିରେ ସେ ହଜୁର୍‌ଙ୍କ ଟୋପିଟିକୁ ତାଙ୍କ ମୁଣ୍ଡରେ ରହିବାକୁ ଦେଲେ ଓ କହିଲେ ଖୈର୍ ହୈ ଖୈର୍ ଅର୍ଥାତ୍ ସବୁ ଠିକ୍‌ଠାକ୍ ହେବ । ହଜୁର୍‌ଙ୍କ ଓକିଲ ମୋକରମ୍ ଶେଖ୍ ଅଲି ଅହେମଦ୍ ସାହେବ୍ ଯାହାଙ୍କର ଏ ବିଶ୍ୱାସ ଥିଲା କି ଏଥିରେ ନିଶ୍ଚିତ ଦଣ୍ଡ ମିଳିବ ବୋଲି ସେଇଥିଯୋଗୁ ସେ କୋର୍ଟ୍ ଭିତରୁ ବାହାରକୁ ଚାଲିଯାଇଥିଲେ । (କିନ୍ତୁ ଯେତେବେଳେ ସେ ହଜୁର୍‌ଙ୍କ ନିର୍ଦ୍ଦୋଷ ସାବ୍ୟସ୍ତ ହେବାର କଥା ଶୁଣିଲେ) ଆଶ୍ଚର୍ଯ୍ୟ ହୋଇଗଲେ । ଏବଂ ହଜୁର୍‌ଙ୍କ ସତକଥା କହିବା ବିଷୟ ସାରା ଜୀବନ ପ୍ରଶଂସା କରୁଥିଲେ ।

(ତାରିଖେ ଅହେମଦୀୟତ୍, ପ୍ରଥମ ଖଣ୍ଡ, ପୃଷ୍ଠା-୧୪୬)

### ମୋକଦ୍ଦମା ନଂ-୨
### ପାଦ୍ରୀ ହେନେରି ମାର୍ଟିନ୍ କ୍ଲର୍କ୍‌ଙ୍କ ମୋକଦ୍ଦମା

୧୮୯୭ ମସିହାଟିକୁ ଅହେମଦୀୟତ୍‌ର ଇତିହାସରେ ଏକଥା ସଦାସର୍ବଦା ମନେରହିବ କି ସେହିବର୍ଷ ପଣ୍ଡିତ ଲେଖ୍‌ରାମ୍‌ଙ୍କ ହତ୍ୟା ହୋଇଥିବା ଯୋଗୁ ଯେଉଁପରି ବିରୋଧପୁର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା ଓ ଏହି ବିରୋଧ ତା'ର ଶେଷ ସୀମାରେ ପହଂଚିଯାଇଥିଲା ଏବଂ ଇସାଇ ପାଦ୍ରୀମାନେ ଅତ୍ୟନ୍ତ ଭୟଙ୍କର ଯୋଜନା କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ହତ୍ୟା ମୋକଦ୍ଦମାରେ ଫସାଇ ଦେବାପାଇଁ ଏକତ୍ରିତ ହୋଇଯାଇଥିଲେ । ଏବଂ ଜଙ୍ଗେ ମୋକଦସ୍ (ପବିତ୍ର ଯୁଦ୍ଧ) ମୁକାବିଲାରେ (ଯାହା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏବଂ ଅବ୍‌ଦୁଲ୍ଲାଃ ଆଥମ୍‌ଙ୍କ ମଧରେ ଲିଖିତ ମୁବାହିଲା ଅମୃତ୍‌ସର୍‌ଠାରେ ଅନୁଷ୍ଠିତ ହୋଇଥିଲା) ଇସାଇମାନଙ୍କୁ ଯେଉଁ ପରାଜୟ ମିଳିଥିଲା ସେଥିରେ ସେମାନଙ୍କୁ ଏହା ବହୁତ କ୍ରୋଧିତ କରିଦେଇଥିଲା । ଏବଂ ଇସାଇ ପାଦ୍ରୀ ହଜୁର୍ ଆ:ସଙ୍କ ଖିଲାଫ୍‌ରେ ପ୍ରତିଶୋଧ ନେବାପାଇଁ କିଛି ଅବସର ଖୋଜୁଥିଲେ । ଏତିକିବେଳେ ଜଣେ କୁଚରିତ୍ର ପ୍ରବୃତିର ଯୁବକ ଅବ୍‌ଦୁଲ୍ ହମିଦ୍ ତାଙ୍କ ନିକଟରେ ପହଂଚିଗଲା । ସେହି ଯୁବକ କେବେ ଇସାଇ ହୋଇଯାଉଥିଲା ତ କେବେ ହିନ୍ଦୁ ହୋଇଯାଉଥିଲା ଓ କେବେ ମଧ ମୁସଲ୍‌ମାନ୍ ହୋଇଯାଉଥିଲା । ଏଭଳି ଅବସ୍ଥାରେ ସେ କାଦିଆନ୍‌ରେ ମଧ ପହଂଚିଗଲା ଓ ହଜ୍‌ରତ୍ ମସିହ୍ ମଉଦ୍‌ଙ୍କ ନିକଟରେ ବୟତ କରିବା ପାଇଁ ନିବେଦନ କଲା । (କିନ୍ତୁ) ହଜୁର୍ ତାହା ରଦ୍ଦ କରିଦେଲେ । ଏଥିରେ ସେ ନାରାଜ ହୋଇ କାଦିଆନ୍‌ରୁ ଚାଲିଗଲା । ଏବେ ଅବ୍‌ଦୁଲ୍ ହମିଦ୍ ପୁନର୍ବାର ଇସାଇମାନଙ୍କ ପାଖକୁ ଚାଲିଗଲା ଓ ଯେଣତେଣ ଉପାୟରେ ପାଦ୍ରୀମାନଙ୍କ ସହିତ ମିଳାମିଶା କରି ପାଦ୍ରୀ ହେନେରୀ ମାର୍ଟିନ୍ କ୍ଲର୍କ୍‌ଙ୍କ ନିକଟରେ ପହଂଚିଗଲା ଓ ତାଙ୍କୁ କହିଲା ଯେ ମୁଁ କାଦିଆନ୍‌ରୁ ଆସିଛି, ହିନ୍ଦୁରୁ ମୁସଲ୍‌ମାନ୍ ହୋଇଥିଲି । ବର୍ତମାନ ଇସାଇ ହେବାକୁ ଚାହୁଁଛି । ଅବ୍‌ଦୁଲ୍ ହମିଦ୍‌ଠାରୁ ଯେତେବେଳେ ମାର୍ଟିନ୍ କ୍ଲର୍କ୍ ସେ କାଦିଆନ୍‌ରୁ ଆସିଛି ବୋଲି ଶୁଣିଲା ଏଥିରେ ସେ ବହୁତ ସତର୍କତାର ସହିତ

ଯୋଜନା ପ୍ରସ୍ତୁତ କଲା କି ଏହାକୁ ଅସ୍ତ୍ର ବନାଇ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଖିଲାଫରେ ହତ୍ୟା କରିବା ପାଇଁ ଚେଷ୍ଟା କରିଥିବାର ମୋକଦ୍ଦମା ଦାଏର୍ କରାଯାଉ । ସୁତରାଂ ପାଦ୍ରୀମାନେ ଅବ୍‌ଦୁଲ୍ ହମିଦ୍‌ଙ୍କ ଉପରେ ଚାପ ପକାଇଲେ ଯେ ତୁମେ ଏକଥା କହିବ କି ମୋତେ ମିର୍ଜା ଗୁଲାମ୍ ଅହେମଦ୍ ଡାକ୍ତର କ୍ଲର୍କ୍‌କୁ ମାରିବା ପାଇଁ ପଠାଇଥିଲେ । ଅବ୍‌ଦୁଲ୍ ହମିଦ୍ ପାଦ୍ରୀମାନଙ୍କ ଗହଣରେ ଓ ସେମାନଙ୍କ ଉପରେ ବିବଶ ହୋଇଗଲା ଏବଂ ସେମାନଙ୍କ ଇଚ୍ଛା ମୁତାବକ ଏ ବୟାନ୍ ଲେଖିଦେଲା । ଏବଂ ଆଠଜଣ ପାଦ୍ରୀ ସେଥିରେ ସାକ୍ଷୀ ଦସ୍ତଖତ ମଧ୍ୟ କରିଦେଲେ ଓ ପାଦ୍ରୀମାନେ ତାଙ୍କୁ ଭଲଭାବେ ଏକଥା ଶିଖାଇଦେଲେ ଯେ ତୁମେ ଅଦାଲତରେ ଏ ବୟାନ୍ ଦେବ କି ମିର୍ଜା ସାହେବ ମୋତେ ମାର୍ଟିନ୍ କ୍ଲର୍କ୍‌କୁ ମାରିବା ପାଇଁ ପଠାଇଥିଲେ । କିନ୍ତୁ ମାର୍ଟିନ୍ କ୍ଲର୍କ୍‌କୁ ଦେଖିବା କ୍ଷଣି ମୋ ନିୟତ ବଦଳିଗଲା ।

ପାଦ୍ରୀ ମାର୍ଟିନ୍ କ୍ଲର୍କ୍ ଏହି ମୋକଦ୍ଦମା କରିବା ପାଇଁ ନିଜ ସହିତ ତାକୁ ଅମୃତସର୍ ଆଣିଲା ଓ ଡିଷ୍ଟ୍ରିକ୍ଟ୍ ମାଜିଷ୍ଟ୍ରେଟ୍ ଅମୃତସରଙ୍କ ଅଦାଲତରେ ପହଂଚାଇଦେଲା ଯେଉଁଠି ଦଫା ୧୦୭ ଫୌଜଦାରୀ ଅନ୍ତର୍ଗତ ମୋକଦ୍ଦମା ଦରଜ କରାଇଦେଲା ଏବଂ ଅବ୍‌ଦୁଲ୍ ହମିଦ୍‌କୁ ଯେଉଁ ସବୁ କଥାଗୁଡ଼ିକ ଶିଖାଯାଇଥିଲା ସେ ଅଦାଲତରେ ସେ ସବୁ ବୟାନ୍ ଦେଇଦେଲା । ପାଦ୍ରୀ ମାର୍ଟିନ୍ କ୍ଲର୍କ୍ ତାର ଲିଖିତ ବୟାନ୍ ମଧ୍ୟ ଅଦାଲତରେ ପେଶ୍ କରିଦେଲା ।

ଏହି ମୋକଦ୍ଦମା ଅତ୍ୟନ୍ତ ସଂଗୀନ ଥିଲା ଓ ନିଜ ସହଧର୍ମୀୟ ପାଦ୍ରୀମାନଙ୍କ ତରଫରୁ ଦାଏର୍ କରାଯାଇଥିଲା । ତେଣୁ ଡିଷ୍ଟ୍ରିକ୍ଟ୍ ମାଜିଷ୍ଟ୍ରେଟ୍ ଅମୃତ୍‌ସର୍ ବୟାନ୍ ଶୁଣିବା କ୍ଷଣି ଦଫା ୧୧୪ ଫୌଜଦାରୀ ଅନ୍ତର୍ଗତ ହଜ୍‌ରତ୍ ମସିହ୍ ମଉଦ୍‌କୁ ଗିରଫ କରିବାର ୱାରେଂଟ୍ ଜାରି କରିଦେଲା । ଏହି ଅଦାଲତି କାରବାଇ ପରେ ଶତ୍ରୁମାନେ ଅବ୍‌ଦୁଲ୍ ହମିଦ୍‌ର ଆସନ୍ତା ବୟାନ୍ ପାଇଁ ଭରପୁର୍ ଚେଷ୍ଟା ଆରମ୍ଭ କରିଦେଲେ ଏବଂ ଏ ସମ୍ବନ୍ଧରେ ମୌଲବୀ ମୁହମ୍ମଦ୍ ହୁସେନ୍ ବଟାଲୁଭିର ସହଯୋଗ ମଧ୍ୟ ହାସଲ କରାଗଲା । ଏଥିରେ ଶତ୍ରୁମାନେ ନିଶ୍ଚିତ ହୋଇଗଲେ କି ସେମାନେ ମିର୍ଜା ସାହେବ୍‌ଙ୍କୁ ହତ୍ୟା କରିବାପାଇଁ ଉଦ୍ୟମ କରିଥିବା ଅଭିଯୋଗରେ ଦଣ୍ଡ ଦେବାପାଇଁ ସଫଳ ହୋଇଯିବେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଏ ବିଷୟରେ କିଛି ଖବର ନଥିଲା । ଇଶ୍ୱରଙ୍କ ଏପରି ବିଧାନ ହେଲା ଯେ ୱାରେଂଟ୍ ପାଇଁ ଥିବା କାଗଜଟି କେଉଁଠାରେ ହଜିଗଲା ଓ କିଛିଦିନ ପରେ ଡିଷ୍ଟ୍ରିକ୍ଟ୍ ମାଜିଷ୍ଟ୍ରେଟ୍ ଏ ବିଷୟରେ ଜାଣିପାରିଲା କି ସେ ୱରେଂଟ୍‌ର ନିର୍ଦ୍ଦେଶଟିକୁ କାନୁନ୍‌ର ଖିଲାଫ୍ ଦେଇଛନ୍ତି । ସେ ଗୁର୍‌ଦାସ୍‌ପୁର୍‌ର କୌଣସି ଅପରାଧି ନାମରେ ୱାରେଂଟ୍ ଜାରି କରିପାରିବେ ନାହିଁ । ପୁଣି ଏହି ମୋକଦ୍ଦମାଟି ଅମୃତସର୍‌ରୁ ଗୁର୍‌ଦାସ୍‌ପୁର୍‌କୁ ସ୍ଥାନାନ୍ତରିତ ହୋଇଗଲା । ଏବଂ ଗୁର୍‌ଦାସ୍‌ପୁର୍‌ରୁ ହଜ୍‌ରତ୍ ମସିହ୍ ମଉଦ୍ ନାମରେ ଏ ନୋଟିସ୍ ଜାରିହେଲା କି ୧୦ ଅଗଷ୍ଟ ୧୮୯୭ ଦିନ ଡେପୁଟି କମିଶନର୍ ବଟାଲାରେ ପହଂଚିବେ ତେଣୁ ଆପଣ ସେଠାରେ ପହଂଚିଯାଆନ୍ତୁ । ଏଥିରେ ଆପଣ ଆ:ସ ଧାର୍ଯ୍ୟ ଦିନ ସକାଳେ ବଟାଲା ପହଂଚିଗଲେ । ବଟାଲା ଯିବା ସମୟରେ ମୋକଦ୍ଦମା ବିଷୟରେ ଅଳ୍ପ କିଛି ଆପଣ ଜାଣିପାରିଲେ । ଏହା ଶୁଣି ଆପଣ ଆ:ସ କହିଲେ- "ଆମକୁ ଅଲ୍ଲାଃତାଲା ପୂର୍ବରୁ ହିଁ ଏ ବିଷୟରେ ଖବର ଦେଇଥିଲେ ଓ ଆମେ ତା ସାହାଯ୍ୟ ସହଯୋଗର ଅପେକ୍ଷାରେ ରହିଥିଲୁ । ତେଣୁ ଅଲ୍ଲାଃତାଲାଙ୍କ ପେଶ୍‌ଗୋଇର ପ୍ରାରମ୍ଭରେ ଆମେ ଖୁସି ଅଛୁ ଏବଂ ତା'ର ଶେଷ ପର୍ଯ୍ୟାୟ ଭଲ ହେବ ବୋଲି ବିଶ୍ୱାସ ମଧ୍ୟ ରଖିଛୁ । ତେଣୁ ଆମ ବନ୍ଧୁମାନଙ୍କୁ ବ୍ୟସ୍ତ ହେବାର କୌଣସି ଆବଶ୍ୟକତା ନାହିଁ" । (କିତାବୁଲ୍ ବରିୟା, ପ୍ରଥମ ପ୍ରକାଶନ, ପୃଷ୍ଠା-୨୩୭)

ଶୁଣିବାକୁ ମିଳିଲା କି ଇସାଇ ମାନଙ୍କ ସହିତ ଆର୍ୟାମାନେ ମଧ୍ୟ ମିଶିଯାଇଥିଲେ ଏବଂ ମୌଲବୀ ମୁହମ୍ମଦ୍ ହୁସେନ୍ ବଟାଲୁଭି ସାହେବ୍ ମଧ୍ୟ ତାଙ୍କ ସହିତ ଥିଲେ । ଏଥିରେ ହଜୁର୍ ଆ:ସ କହୁଛନ୍ତି:- "ଆମ ସହିତ ଖୁଦା ଅଛନ୍ତି, ଯିଏ ସେମାନଙ୍କ ସହିତ ନାହାଁନ୍ତି । ଅଲ୍ଲାଃତାଲା ନିଜ ନିଷ୍ପତି ବିଷୟରେ ଆମକୁ ଜଣାଇ ଦେଇଛନ୍ତି ଏବଂ ଆମେ ତା ଉପରେ ବିଶ୍ୱାସ ରଖିଛୁ ଯେ ତାହା ହିଁ ହେବ । ଯଦି ସାରା ପୃଥିବୀ ମଧ୍ୟ ଏହି ମୋକଦ୍ଦମାରେ ଆମ ବିରୋଧରେ ଛିଡ଼ା ହେବ ତ ମୋତେ ତିଳେମାତ୍ର ପରବାୟ ନାହିଁ ଏବଂ ଏ ବିଷୟରେ ଅଲ୍ଲାଃତାଲାଙ୍କଠାରୁ ସୁସମାଚାର ମିଳିବା ପରେ ସନ୍ଦେହ କରିବାକୁ ପାପ ବୋଲି ବିବେଚନା କରୁଛି" ।

(ହୟାତେ ଅହମଦ୍, ଖଣ୍ଡ-୪, ପୃଷ୍ଠା-୫୯୭-୫୯୮)

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜ ସାହାବା ମାନଙ୍କ ସହିତ ବଟାଲାର ଡାକ ବଙ୍ଗଳାରେ ପହଂଚିଲେ ଓ ଅଦାଲତର କୋଠରୀ ଭିତରେ ପଦାର୍ପଣ କଲେ । ଆପଣ ଆ:ସଙ୍କ ପାଇଁ ଡେପୁଟି କମିଶନର୍ ଉଇଲିୟମ୍ ମଂଟୋଗୁ ଡଗ୍‌ଲସ୍ ସାହେବ୍ ପ୍ରଥମରୁ ଚଉକି ପକାଇ ରଖିଥିଲେ । କୋଠରୀର ବାହାରେ ଦେଖଣାହାରୀଙ୍କର ବହୁତ ବଡ ଭିଡ ଥିଲା, ସେମାନଙ୍କ ମଧ୍ୟରେ ମୌଲବୀ ମୁହମ୍ମଦ୍ ହୁସେନ୍ ବଟାଲୁଭି ମଧ୍ୟ ଆନନ୍ଦରେ ଚାହିଁରହିଥିଲେ ଓ ଏ ଅପେକ୍ଷାରେ ରହିଥିଲେ କି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ହାତରେ ହାତକଡି ପଡିବାର ଦୃଶ୍ୟ ସେ ଦେଖିବେ । ଅନ୍ୟାନ୍ୟ ସାକ୍ଷୀଙ୍କ ବୟାନ୍ ପରେ ମୌଲବୀ ମୁହମ୍ମଦ୍ ହୁସେନ୍ ବଟାଲୁଭିଙ୍କର ସାକ୍ଷୀ ଦେବାର ଥିଲା । ସେ ଅଦାଲତ କୋଠରୀ ଭିତରେ ପହଂଚିଲେ ଓ ଦେଖିଲେ ଯେ କୌଣସି ଚୌକି ଖାଲି ନାହିଁ । ଏଥିରେ ସେ ଜଜ୍‌ଙ୍କୁ ସମ୍ବୋଧନ କରି କହିଲେ "ହଜୁର୍ କୁର୍‌ସି" (ଅର୍ଥାତ୍ ହଜୁର୍ ମୋପାଇଁ ଚୌକି ଦରକାର) । ଏଥିରେ ଡେପୁଟି କମିଶନର୍ ସାହେବ୍ ରାଜା ଗୁଲାମ୍ ହୈଦର୍ ଖାନ୍ ସାହେବ୍ ମିସଲ୍ ଖାଁଙ୍କ ଠାରୁ ପଚାରି ବୁଝିଲେ କି କଣ ମୌଲବୀ ସାହେବ୍‌ଙ୍କୁ ହାକିମ୍‌ଙ୍କ ସାମନାରେ ବସିବା ପାଇଁ ଚୌକି ମିଳେ କି ? ଏଥିରେ ସୁଚୀପତ୍ର ଦେଖାଗଲା । ସେଥିରେ ତାଙ୍କର ନାମ ନଥିଲା । ଏଥିରେ ଡେପୁଟି କମିଶନର୍ ସାହେବ୍ କହିଲେ- ଆପଣଙ୍କୁ ସରକାରୀ ସ୍ତରରେ କୌଣସି ଚୌକି ଦେବାର ବ୍ୟବସ୍ଥା ନାହିଁ । ସେଥିଯୋଗୁ ଛିଡା ହୋଇ ସାକ୍ଷୀ ଦିଅ । ସାକ୍ଷୀ ଶୁଣାଣି ଆରମ୍ଭ ହେଲା ଏବଂ ମୌଲବୀ ମୁହମ୍ମଦ୍ ହୁସେନ୍ ବଟାଲୁଭି ସାହେବ୍ ମିର୍ଜା ସାହେବ୍‌ଙ୍କ ଉପରେ ଯେତେ ପ୍ରକାରର ଆରୋପ ଲଗାଯାଇପାରିବ ସେ ସବୁ ଲଗାଇଲେ । ମୌଲବୀ ମୁହମ୍ମଦ୍ ହୁସେନ୍ ବଟାଲୁଭି ସାହେବ୍‌ଙ୍କ ସାକ୍ଷୀ ଶୁଣାଣୀ ପରେ ଅଦାଲତ ବାହାରକୁ ବାହାରିବା କ୍ଷଣି ବାରଣ୍ଡାରେ ଗୋଟିଏ ଆରାମ ଚେୟାର୍ ପଡିଥିଲା । ସେଥିରେ ସେ ବସିପଡିଲେ । ଏହା ଦେଖି କନେଷ୍ଟବଳ ସେଠାରୁ ମଧ୍ୟ ତାକୁ ଉଠାଇ ଦେଲେ କି ଏଠାରେ ବସିବା ପାଇଁ କ୍ୟାପ୍‌ଟେନ୍ ସାହେବ୍‌ଙ୍କର କୌଣସି ନିର୍ଦ୍ଦେଶ ନାହିଁ । ଏଥିରେ ମୌଲବୀ ସାହେବ୍ ତଳେ ବିଛାଯାଇଥିବା ଗୋଟିଏ କପଡାରେ ଯାଇ ବସିଗଲେ । ସେହି କପଡାଟି ଯାହାର ଥିଲା ସେ ଏକଥା କହି କପଡାଟିକୁ ଟାଣିନେଲା କି ତୁମେ ମୁସଲମାନ୍‌ଙ୍କର ମୁଖିଆ ହୋଇ ଏପରି ମିଛ କହୁଛ । ତେଣୁ ଆମ କପଡା ଉପରେ ବସି ତାକୁ ଅପବିତ୍ର କରନାହିଁ । ସେହିକ୍ଷଣି ମୌଲବୀ ନୁରୁଦ୍ଦିନ୍ ସାହେବ୍ (ଖଲିଫତୁଲ୍ ମସିହ୍ ଅୱ୍‌ଲ୍) ଉଠିପଡି ମୌଲବୀ ମୁହମ୍ମଦ୍ ହୁସେନ୍ ବଟାଲୁଭି ସାହେବ୍‌ଙ୍କ ହାତକୁ ଧରି କହିଲେ କି ଆପଣ ଏଠାରେ ଆମ ପାଖରେ ବସିପଡନ୍ତୁ । ତା'ପରେ ଅବ୍‌ଦୁଲ୍ ହମିଦ୍‌ର ବୟାନ୍ ନିଆଗଲା । ମିଷ୍ଟର୍ ଡଗ୍‌ଲସ୍ ସାହେବ୍ ସମସ୍ତ ସାକ୍ଷୀ ଓ ବୟାନ୍ ଶୁଣିବା ପରେ ଏ ଅନୁମାନ ଲଗାଇନେଲେ କି ଅବ୍‌ଦୁଲ୍ ହମିଦ୍ ଏବଂ ମୌଲବୀ ମୁହମ୍ମଦ୍ ହୁସେନ୍ ବଟାଲୁଭି ସାହେବ୍‌ଙ୍କ ବୟାନାତ୍ ମିଥ୍ୟା ଉପରେ ଆଧାରିତ ।

ବୟାନ୍ ନେବା ପରେ ଅଦାଲତ୍‌ର କାରବାଇ ଶେଷ ହେଲା ଏବଂ ଏବେ ଫଇସଲାର ଶୁଣାଣି ହୋଇନଥିଲା କି ଡେପୁଟି କମିଶନର୍ ସାହେବ୍‌ଙ୍କ ମିସଲ୍ ଖାଁ ରାଜା ଗୁଲାମ୍ ହଏଦର୍ ଖାନ୍ ସାହେବ୍ ଏ ବୟାନ ଦେଲେ କି ମୁଁ ଦେଖିଲି ଯେ ମିଷ୍ଟର୍ ଉଇଲିୟମ୍ ଡଗ୍‌ଲସ୍ ବହୁତ ବ୍ୟତିବ୍ୟସ୍ତ ଅଛନ୍ତି । ଯେତେବେଳେ ମୁଁ ଏହାର କାରଣ ପଚାରିଲି ସେଥିରେ ସେ ମୋତେ ବତାଇଲେ କି ଯେବେଠାରୁ ମୁଁ ମିର୍ଜା ସାହେବ୍‌ଙ୍କର ଚେହେରାକୁ ଦେଖିଲିଣି କେହିଜଣେ ଫରିସ୍ତା ମିର୍ଜା ସାହେବ୍‌ଙ୍କ ଆଡକୁ ହାତ ଦେଖାଇ ଏକଥା କହୁଛନ୍ତି କି ମିର୍ଜା ସାହେବ୍ ଦୋଷୀ ନୁହଁନ୍ତି । ତାଙ୍କର କୌଣସି ଭୁଲ୍ ନାହିଁ । ଏବେ ଅଦାଲତ୍‌ର କାରବାଇ ଶେଷ କରିକି ଆସିଲିଣି କିନ୍ତୁ ମିର୍ଜା ସାହେବ୍‌ଙ୍କର ଚେହେରା ମୋତେ ଦେଖାଯାଉଛି ଏବଂ ସେ କହୁଛନ୍ତି ଏ କାମ ମୁଁ କରିନାହିଁ । ଏହାସବୁ ମିଥ୍ୟା ଅଟେ । ସେଇଥିପାଇଁ ମୋର ଅବସ୍ଥା ପାଗଳ ସଦୃଶ ହୋଇଗଲାଣି । ଏଥିରେ ଡିଷ୍ଟ୍ରିକ୍ଟ୍ ସୁପରିଟେଂଡେଂଟ୍ ପୋଲିସ୍ ମିଷ୍ଟର୍ ଲେମାର୍ ଚଣ୍ଡ ସାହେବ୍ କହିଲେ ଏହା ଆପଣଙ୍କର ଭୁଲ୍ । ଆପଣ ସାକ୍ଷୀମାନଙ୍କୁ ପାଦ୍ରୀଙ୍କ ହାତରେ ଦେଇଆସିଛନ୍ତି ଏବଂ ସେମାନେ ତାଙ୍କୁ ଯାହାକିଛି ଶିଖାଉଛନ୍ତି ସେ ଅଦାଲତରେ ଆସି ସେହି ବୟାନ୍ ଦେଉଛନ୍ତି । ସେହିକ୍ଷଣି ମିଷ୍ଟର୍ ଡଗ୍‌ଲସ୍ ହୁକୁମ୍ ଦେଲେ କି ଅବ୍‌ଦୁଲ୍ ହମିଦ୍‌କୁ ପୋଲସଙ୍କ ହୱାଲାରେ ଦିଆଯାଉ । ବିରୋଧିମାନଙ୍କ ତରଫରୁ ଅବ୍‌ଦୁଲ୍ ହମିଦ୍‌ଙ୍କ ଉପରେ ଚାପ ପଡିଥିଲା କି ସେ ନିଜର ବୟାନ୍‌କୁ ଯେପରି ନବଦଳାଉ । ତେଣୁ ସେ ତା ବୟାନ୍‌ରେ ଦୃଢ଼ ରହିଲା କିନ୍ତୁ ମିଷ୍ଟର୍ ଲିମାର୍ ଚଣ୍ଡ୍ ସାହେବ୍ ତାକୁ କହିଲେ ଅଯଥା ସମୟ ନଷ୍ଟ ନକରି ଅସଲ କଥା କହିଦିଅ । ଏତିକି କହିଥିଲେ କି ଅବ୍‌ଦୁଲ୍ ହମିଦ୍ ତାଙ୍କ ପାଦତଳେ ପଡିଯାଇ କାନ୍ଦିବା ଆରମ୍ଭ କରିଦେଲା ଓ ସମସ୍ତ ଯୋଜନା ବିଷୟରେ ଖୋଲି କହିଦେଲା । ସେଥିଯୋଗୁ ତା ବୟାନ୍ ପୁନର୍ବାର ଲେଖାଗଲା ଯେଉଁଥିରେ ସେ ଉକ୍ତ ଯୋଜନା ବିଷୟ ଚର୍ଚ୍ଚା କରିଥିଲା ଓ ସ୍ପଷ୍ଟ ଶବ୍ଦରେ ଏକଥା କହିଥିଲା କି ସେ ଏପର୍ଯ୍ୟନ୍ତ ଯାହା କିଛି ବୟାନ୍ ଦେଇ ଆସିଛି ତାହା କେବଳ ସେମାନଙ୍କ ପ୍ରବଂଚନା ଓ ଶିଖାଇବା ଦ୍ୱାରା ହିଁ ଦେଇ ଆସିଛି ।

୨୦ ଅଗଷ୍ଟ ଦିନ ପୁନର୍ବାର ଅଦାଲତ ଲାଗିଲା ଏବଂ ଅବ୍‌ଦୁଲ୍ ହମିଦ୍ ସରକାରୀ ସାକ୍ଷୀ ରୂପେ ନିଜର ଅସଲ ବୟାନ୍ ଯେତେବେଳେ ପଢ଼ିଲା ସେତେବେଳେ ପାଦ୍ରୀ ଓ ସେମାନଙ୍କ ସହଯୋଗୀ ମାନଙ୍କ ପାଦତଳୁ ମାଟି ଖସିଗଲା ଅର୍ଥାତ୍ ସେମାନେ ଆବାକାବା ହୋଇ ରହିଗଲେ । ପାଦ୍ରୀ ମାର୍ଟିନ୍ କ୍ଲାର୍କ୍ ମଧ୍ୟ ନିଜର ଶେଷ ବୟାନ୍‌ରେ ନିଜକୁ ନିରୀହ ସାବ୍ୟସ୍ତ କରିବା ପାଇଁ ଏଣୁତେଣୁ କଥା କହି ଚାଲିଲା କିନ୍ତୁ ସେତେବେଳକୁ ରହସ୍ୟ ଉନ୍ମୋଚନ ହୋଇସାରିଥିଲା । ସୁତରାଂ ୨୩ ଅଗଷ୍ଟ ୧୮୯୭ ଦିନ ମିଷ୍ଟର୍ ଉଇଲିୟମ୍ ମଂଟୋଗୁ ଡଗ୍‌ଲାସ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ସମ୍ପୂର୍ଣ୍ଣ ରୂପେ ଦୋଷ ମୁକ୍ତ କରିଦେଲେ । ଏବଂ ଏ ନିଷ୍ପତିରେ ଏକଥା ଲେଖିଦେଲେ କି ଯେଉଁଠି ଡାକ୍ତର ମାର୍ଟିନ୍ କ୍ଲାର୍କ୍‌ର ମୋକଦ୍ଦମାର ସମ୍ବନ୍ଧ ରହିଛି ସେଥିରେ ଆମେ ଏହାର କୌଣସି କାରଣ ଦେଖିବାକୁ ପାଉନାହୁଁ ଯେ ଗୁଲାମ୍ ଅହେମଦ୍‌ଙ୍କ ଠାରୁ ଶାନ୍ତି ବଜାୟ ରଖିବା ପାଇଁ କୌଣସି ଜମାନତ୍ ନିଆଯାଉ । ସୁତରାଂ ତାଙ୍କୁ ଦୋଷମୁକ୍ତ କରାଯାଉଛି ଓ ପୁଣି କଚେରୀ ଘର ଭିତରେ ସେ ହଜୁର୍

ଆ:ସଙ୍କୁ ହସି ହସି ମୋବାରକ୍‌ବାଦ୍ (ଶୁଭେଚ୍ଛା) ଜଣାଇଲେ ଓ କହିଲେ କି କଣ ଆପଣ ମାର୍ଟିନ୍ କ୍ଲର୍କ୍‌ଙ୍କ ଉପରେ ମୋକଦ୍ଦମା କରିବାକୁ ଚାହୁଁଛନ୍ତି କି । ଏହା ଆପଣଙ୍କର ଅଧିକାର । ଏଥିରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ବିଶ୍ୱାସବର୍ଦ୍ଧକ ଉତର ଦେଲେ କି "ମୁଁ କାହା ଉପରେ ମୋକଦ୍ଦମା କରିବାକୁ ଚାହୁଁନାହିଁ । ମୋ ମୋକଦ୍ଦମା ଆକାଶରେ ଚାଲିଛି" । (ହୟାତେ ଅହେମଦ୍, ଖଣ୍ଡ-୪, ପୃଷ୍ଠା-୬୦୨)

ଏହିପରି ଏ ପରୀକ୍ଷା ଅଳ୍ପଦିନ ଭିତରେ ଶେଷ ହୋଇଗଲା ଓ ଇଶ୍ୱରଙ୍କ ସାହାଯ୍ୟ ସହଯୋଗର ଏକ ନିଦର୍ଶନ ହୋଇ ରହିଗଲା କି ଆପଣ ଆ:ସଙ୍କୁ ଖୁଦାତାଲାଙ୍କ ଉପରେ କେତେ ଭରଷା ଓ ବିଶ୍ୱାସ ଥିଲା ଯେ ବିପଦ ଆପଦର ଝଡ ମଧ ତିଳେମାତ୍ର ଦୋହଲାଇ ପାରିଲା ନାହିଁ ।

(ତାରିଖେ ଅହେମଦୀୟତ୍, ଖଣ୍ଡ-୧, ପୃଷ୍ଠା-୬୨୦)

### ମୋକଦ୍ଦମା ନଂ-୩
### ମୋକଦ୍ଦମା ଇନ୍‌କମ୍ ଟାକ୍ସ୍

ଅଲ୍ଲାଃତାଲାଙ୍କ ଦ୍ୱାରା ସାହାଯ୍ୟ ସହଯୋଗ ଓ ଆର୍ଥିକ ସହାୟତା ସଦାସର୍ବଦା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସହିତ ରହିଆସିଛି । ଏତେ ମାତ୍ରାରେ ଆର୍ଥିକ ସହାୟତାକୁ ଦେଖି ଈର୍ଷାଳୁମାନେ ଏ ମୁଦା ଛିଡାକଲେ କି ଆପଣ ଆ:ସଙ୍କ ଆମଦାନୀ ବହୁତ ଅଧିକ ଅଛି ଓ ଆପଣ କାନୁନ୍ ମୁତାବକ ଇନ୍‌କମ୍ ଟାକ୍ସ୍ ଦେଉନାହାଁନ୍ତି । ତେଣୁ ସରକାରୀ ପାଣ୍ଠିକୁ କ୍ଷତି ପହଂଚୁଛି । ସୁତରାଂ କିଛି ଲୋକ ଏ ଖବର ୧୮୯୮ ମସିହାରେ ସରକାରଙ୍କୁ ଜଣାଇଲେ । ଏଥିରେ ପଞ୍ଜାବ ସରକାର ମିର୍ଜା ସାହେବ୍‌ଙ୍କ ଉପରେ ୭୨୦୦ ଟଙ୍କାର ୧୬୭.୫୦ ଟଙ୍କାର ଇନ୍‌କମ୍ ଟାକ୍ସ୍ ଅସୁଲ୍ କରିବାର ମୋକଦ୍ଦମା ଦାଏର୍ କରିଦେଲା । ଏଥିରେ ଡାକ୍ତର ମାର୍ଟିନ୍ କ୍ଲାର୍କ୍ ଓ ତାଙ୍କ ସାଙ୍ଗସାଥି ବହୁତ ଖୁସି ହେଲେ କି ଆମର ପ୍ରଥମ ତୀର ବେକାର ଯାଇଥିଲା ଏବେ ଏହି ମୋକଦ୍ଦମାରେ ତାହା ପୂରଣ ହେବ କିନ୍ତୁ ଖୁଦାତାଲାଙ୍କୁ ନିଜ ପ୍ରିୟ ଭକ୍ତଙ୍କ ସମ୍ମାନକୁ ସୁରକ୍ଷା ଦେବାର ନିଦର୍ଶନ ପ୍ରକାଶ କରିବା ପରେ ଆର୍ଥିକ ଦୃଷ୍ଟିକୋଣରୁ ମଧ ସାହାଯ୍ୟ ସହଯୋଗର ନିଦର୍ଶନ ଦେଖାଇବାର ଥିଲା । ଏହି ମୋକଦ୍ଦମାଟି ଜଣେ ହିନ୍ଦୁ ତହସିଲ୍‌ଦାର୍‌ଙ୍କ ନିକଟରେ କରାଯାଇଥିଲା ଏବଂ ମୋକରମ୍ ଶେଖ୍ ଅଲୀ ଅହେମଦ୍ ସାହେବ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଓକିଲ ଥିଲେ । ସେ ୨୦ଜୁନ୍ ୧୮୯୮ରେ ନିଜର ଆପତିପତ୍ର ଦାଖଲ କଲେ । ସେହି ସମୟରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ମସ୍‌ଜିଦ୍ ମୁବାରକ୍‌ରେ କିଛି ସାହାବୀ ମାନଙ୍କ ସହିତ ବସି ଆମଦାନୀ ଓ ଖର୍ଚ୍ଚର ହିସାବ କରୁଥିଲେ କି ଆପଣ ଆ:ସଙ୍କ ଉପରେ କଶ୍‌ଫି (ଜାଗ୍ରତ ଅବସ୍ଥାରେ କୌଣସି ଭିଜିଅନ୍ ଦେଖିବା)ର ଅବସ୍ଥା ଜାରି ହୋଇଯାଇ ଏହା ଦେଖାଇ ଦିଆଗଲା କି ସେହି ହିନ୍ଦୁ ତହ୍‌ସିଲ୍‌ଦାର୍ ଯାହାଙ୍କ ନିକଟରେ ମୋକଦ୍ଦମା ପଡିଥିଲା ସେ ବଦଳି ହୋଇଯାଇଛି ଏବଂ ସେହି କଶ୍‌ଫ୍ ସହିତ ଆହୁରି କିଛି କଥା ମଧ ପ୍ରକାଶ ହେଲା ଯେଉଁଥିରେ ବିଜୟର ସୁସମାଚାର ଦିଆଯାଇଥିଲା ।

(ହୟାତେ ଅହେମଦ୍, ଖଣ୍ଡ-୫, ପୃଷ୍ଠା-୪୯)

ଏହି ଅବଧି ଭିତରେ ଅଚାନକ ହିନ୍ଦୁ ତହ୍‌ସିଲ୍‌ଦାର୍‌ଙ୍କ ବଦଳି ହୋଇଗଲା ଓ ତାଙ୍କ ସ୍ଥାନରେ ଜଣେ ମୁସଲ୍‌ମାନ୍ ମୁନ୍‌ସୀ ତାଜ୍‌ଦିନ୍ ସାହେବ୍ ବାଗ୍‌ବାନ୍‌ପୁରି ବଟାଲାରେ ଆସି ପହଂଚିଲେ । ଅଗଷ୍ଟ-୧୮୯୮ ମସିହାରେ ସେ କାଦିଆନ୍ ଆସି ଉକ୍ତ ମାମଲାକୁ ନିରପେକ୍ଷ ଅନୁସନ୍ଧାନ କଲେ ଏବଂ ଜିଲ୍ଲା ଗୁର୍‌ଦାସ୍‌ପୁର୍‌ର କଲେକ୍‌ଟର୍ ମିଷ୍ଟର୍ ଏଫ୍.ଟି ଡିକ୍‌ସନ୍‌ଙ୍କ ଗୋଚରେ ସମ୍ପୂର୍ଣ୍ଣ ବିବରଣୀ ଦେଇ ରିପୋର୍ଟ୍ ପଠାଇଦେଲେ କି ମିର୍ଜା ଗୁଲାମ୍ ଅହେମଦ୍‌ଙ୍କ ଆମଦାନୀ ତାଲୁକ୍‌ଦାରୀ ଜମି ଏବଂ ବଗିଚ୍ଚ ବ୍ୟତୀତ ଆଉକିଛି ନାହିଁ । ମୁଁ ସେହି ମୌକାରେ ମଧ ଓ ଗୁପ୍ତରେ ମଧ ମିର୍ଜା ଗୁଲାମ୍ ଅହେମଦ୍‌ଙ୍କ ନିଜସ୍ୱ ଆମଦାଦୀ ସମ୍ବନ୍ଧରେ କେତେକ ବ୍ୟକ୍ତିବିଶେଷଙ୍କ ଠାରୁ ପଚାରି ବୁଝିଛି କିନ୍ତୁ କେତେକଙ୍କ ଠାରୁ ଏକଥା ମାଲୁମ୍ ହେଲା ଯେ ମିର୍ଜା ଗୁଲାମ୍ ଅହେମଦ୍‌ଙ୍କ ନିଜସ୍ୱ ଆମଦାନୀ ବହୁତ ଅଛି । ମୁନ୍‌ସି ତାଜ୍‌ଦିନ୍ ସାହେବ୍ ନିଜ ରିପୋର୍ଟ୍‌ର ଶେଷରେ ଏହା ମଧ ଲେଖିଲେ କି ସେଥିପ୍ରତି ମଧ ଧ୍ୟାନ ଯାଉଛି କି ମିର୍ଜା ଗୁଲାମ୍ ଅହେମଦ୍ ହେଉଛନ୍ତି ଜଣେ ସମ୍ଭ୍ରାନ୍ତ ବଂଶୀୟ । ତାଙ୍କ ବାପ ଦାଦା ରଇସ୍ (ସମ୍ଭ୍ରାନ୍ତ) ରହିଛନ୍ତି ଏବଂ ତାଙ୍କର ଆମଦାନୀ ଠିକ୍‌ଠାକ୍ ଅଛି । ମିର୍ଜା ଗୁଲାମ୍ ଅହେମଦ୍ ନିଜେ ମଧ ଚାକିରୀ କରିଥିଲେ । ଏଥିରୁ ଜଣାପଡୁଛି କି ମିର୍ଜା ଗୁଲାମ୍ ଅହେମଦ୍ ଜଣେ ଧର୍ନାଢ୍ୟ ବ୍ୟକ୍ତି ଅଟନ୍ତି ଏବଂ ଟ୍ୟାକ୍‌ସ୍ ଦେବା ଯୋଗ୍ୟ ଅଟନ୍ତି । ଏହି ରିପୋର୍ଟ୍ ସହିତ ସମ୍ପୂର୍ଣ୍ଣ ମିଶଲ୍ ମିଷ୍ଟର୍ ଏଫ୍.ଟି ଡିକ୍‌ସନ୍ ସାହେବଙ୍କ ନିକଟକୁ ଡେଲ୍‌ହାଉଜି ପଠାଇଦେଲେ । ସେ ସମସ୍ତ କାଗଜପତ୍ରକୁ ଦେଖି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଟ୍ୟାକ୍‌ସ୍ ଦେବାରୁ ରହିତ କରିଦେଲେ ଏବଂ ଫୈସ୍‌ଲାନାମାରେ ଏହା ଲେଖିଦେଲେ କି ତହସିଲ୍‌ଦାର୍ ସାହେବ୍‌ଙ୍କ ସମ୍ମୁଖରେ ମିର୍ଜା ସାହେବ୍ ଏ ବୟାନ୍ ଦେଇଛନ୍ତି କି ତାଙ୍କର ଜମିବାଡିର ଆମଦାନୀ ଅର୍ଥାତ୍ ଫଳମୂଳ ଓ କ୍ଷେତବାଡି ଇନ୍‌କମ୍ ଟ୍ୟାକ୍‌ସ ମୁକ୍ତ ଅଟେ କାରଣ ଏହି ସମସ୍ତ ଆମଦାନୀ ଧର୍ମକାର୍ଯ୍ୟରେ ବ୍ୟବହାର କରାଯାଉଛି । ଉକ୍ତ ବ୍ୟକ୍ତିଙ୍କ ଏପରି ପୁଣ୍ୟ ନିୟତ୍‌କୁ ପରିପ୍ରକାଶ କରିବାରେ ମୋତେ ସନ୍ଦେହ କରିବାର କିଛି ନାହିଁ ସୁତରାଂ ମୁଁ ତାଙ୍କୁ ଇନ୍‌କମ୍ ଟ୍ୟାକ୍‌ସ୍ ଦେବାରୁ ମୁକ୍ତ କରୁଅଛି ।

(ତାରିଖେ ଅହେମଦୀୟତ୍, ଖଣ୍ଡ-୨, ପୃଷ୍ଠା-୧୫)

### ମୋକଦ୍ଦମା ନଂ-୪
### ଶାନ୍ତିରକ୍ଷା ମୋକଦ୍ଦମା

ମୌଲବୀ ମୁହମ୍ମଦ୍ ହୁସେଲ୍ ବଟାଲୁଭ୍ୱିଙ୍କୁ ମାର୍ଟିନ୍ କ୍ଲର୍କ୍ ମୋକଦ୍ଦମାରେ ଯେଉଁ ପରାୟଜ ଓ ଅପମାନ ବହନ କରିବାକୁ ପଡ଼ିଲା ତାକୁ ଭରଣ କରିବା ପାଇଁ ସେ ନିଜର ମୁଖାଲିଫତ୍‌କୁ ଶେଷ ସୀମାରେ ପହଂଚାଇଦେଲା । ଏଥିରେ ଆପଣଙ୍କ ବନ୍ଧୁ ମୌଲବୀ ଅବ୍‌ଦୁଲ୍ କାଦିର୍ ସାହେବ୍ ଲୁଧିୟାନୁଭ୍ୱି ମୌଲବୀ ମୁହମ୍ମଦ୍ ହୁସେନ୍ ବଟାଲୁଭ୍ୱି ସାହେବ୍‌ଙ୍କ ସହିତ ବଟାଲାରେ ବିନା କୌଣସି ସର୍ତ ରଖି ମୁବାହିଲା କରିବା ପାଇଁ ନିବେଦନ କଲେ । ସୁତରାଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏହା ମଞ୍ଜୁର୍ କଲେ । ଏବଂ ମୌଲବୀ ମୁହମ୍ମଦ୍ ହୁସେନ୍ ବଟାଲୁଭ୍ୱି ସାହେବ୍‌ଙ୍କୁ ଗୋଟିଏ ଚିଠି ଜରିଆରେ ବିନା କୌଣସି ସର୍ତ ରଖି ମୁବାହିଲା କରିବା ପାଇଁ ନିମନ୍ତ୍ରଣ ଦେଲେ ଓ ଏଥିରେ ୨୦୦ଟଙ୍କା ପୁରସ୍କାର ମଧ ଦେବାପାଇଁ ଘୋଷଣା କଲେ । ଜମାତ୍‌ର ସଦସ୍ୟମାନଙ୍କ ମଧରେ ଉତ୍ସାହ ଓ ଉଦ୍ଦୀପନାକୁ ଦେଖି ମୌଲବୀ ମୁହମ୍ମଦ୍ ହୁସେନ୍ ବଟାଲୁଭ୍ୱି ସାହେବ୍ ଯଦି ଏହି ମୁବାହିଲାରେ ସଫଳତା ଲାଭ କରିବେ ତେବେ ତାଙ୍କୁ ୨୫୨୫ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଘୋଷଣା ହୋଇଗଲା ଏବଂ ମୋକରମ୍ ଶେଖ୍ ୟାକୁବ୍ ଅଲୀ ସାହେବ୍ ତୁରାବ୍ ଅକ୍ଟୋବର୍ ୧୮୯୮ ମସିହାରେ ମୁବାହିଲା ନିମନ୍ତ୍ରଣର ଇସ୍ତେହାର୍ ଦେଇଦେଲେ କି "ଆସ ପରାକ୍ରମୀ ଯୋଦ୍ଧାଙ୍କ ଭଳି ମୁବାହିଲା କର ଓ ନିଜର ମଞ୍ଜୁରୀର ଏତେଲା ନଭେମ୍ବର୍ ୧୮୯୮ ପର୍ଯ୍ୟନ୍ତ ଦେଇଦିଅ" । ମୌଲବୀ ମୁହମ୍ମଦ୍ ହୁସେନ୍ ବଟାଲୁଭ୍ୱି ସାହେବ୍ ନିମନ୍ତ୍ରଣର ଉତର ଦେବା ପରିବର୍ତେ ଭୀଷଣ କୁଭାଷା ପ୍ରୟୋଗ କରି ସେ ଅବୁଲ୍ ହସନ୍ ତିବ୍‌ତି ଏବଂ ମୁଲା ମୁହମ୍ମଦ୍ ବଖ୍‌ଶ୍ ଜାଫର୍ ଜେଟ୍‌ଲିଙ୍କ ତରଫରୁ ଗାଳିଗୁଲଜରେ ଭରା ଇସ୍ତେହାର୍ ପ୍ରକାଶ କରିଦେଲା, ହଜୁର୍‌ଙ୍କୁ ଯେତେବେଳେ ସେହି ଗାଳିଗୁଲଜରେ ପରିପୁର୍ଣ୍ଣ ଇସ୍ତେହାର୍ ଗୁଡିକ ମିଳିଲା । ଏଥିରେ ହଜୁର୍ ନିମ୍ନଲିଖିତ ଇସ୍ତେହାର୍ ଦେଲେ ।

"ବର୍ତମାନ ସେହି ଇସ୍ତେହାର୍ ଗୁଡିକ ମୋ ସମ୍ମୁଖରେ ରଖାଯାଇଛି ଏବଂ ମୁଁ ଖୁଦାତାଲାଙ୍କ ନିକଟରୁ ଦୁଆ ମାଗିଛି ଯେ ସେ ମୁହମ୍ମଦ୍ ହୁସେନ୍ ବଟାଲୁଭ୍ୱି ଓ ମୋ ମଧରେ ନିଷ୍ପତି କରିଦିଅନ୍ତୁ...... ହେ ମୋର ତେଜସ୍ୱୀ ମହିମାମୟ ଇଶ୍ୱର । ଯଦି ତୁମ ଦୃଷ୍ଟିରେ ମୁଁ ସେହିପରି ତୁଚ୍ଛ, ମିଥ୍ୟାବାଦୀ ଓ ଧୋକାବାଜ୍ ଅଛି ଯେପରି କି ମୁହମ୍ମଦ୍ ହୁସେନ୍ ବଟାଲୁଭ୍ୱି ନିଜ ପତ୍ରିକା ଇଶାଅତୁସ୍ ସୁନ୍ନାରେ ବାରମ୍ବାର ମୋତେ ମିଥ୍ୟାବାଦୀ, ଦଜ୍ଜାଲ୍ ଏବଂ ଧୋକାବାଜ୍ ବୋଲି ଲେଖୁଅଛି..... (ଏବଂ) ମୋତେ ଅପମାନ କରିବା ପାଇଁ କୌଣସି ସୁଯୋଗକୁ ହାତଛଡା କରୁନାହିଁ । ତେବେ ହେ ମୋର ମୌଲା (ପ୍ରକୃତ ବନ୍ଧୁ) ଯଦି ମୁଁ ତୋ ଦୃଷ୍ଟିରେ ସେପରି ଅପମାନିତ ବ୍ୟକ୍ତି ତେବେ ମୋ ଉପରେ ୧୩ ମାସ ମଧରେ ଅର୍ଥାତ୍ ୧୫ ଡିସେମ୍ବର୍ ୧୮୯୮ରୁ ଜାନୁୟାରୀ ୧୯୦୦ ପର୍ଯ୍ୟନ୍ତ ତିରସ୍କାର ଓ ଅସମ୍ମାନ ଅବତୀର୍ଣ୍ଣ କର ଏବଂ ସେ ଲୋକମାନଙ୍କୁ ସମ୍ମାନ ଓ ମର୍ଯ୍ୟାଦା ପ୍ରଦାନ କର.... ଏବଂ ଯଦି ତୁମ ନିକଟରେ ମୁ ହେଉଛି ସମ୍ମାନୟ ଓ ମର୍ଯ୍ୟାଦାବନ୍ତ ତେବେ ମୋ ପାଇଁ ନିଦର୍ଶନ ପ୍ରକାଶ କର । ସେହି ତିନିଜଣଙ୍କୁ (ମୁହମ୍ମଦ୍ ହୁସେନ୍ ବଟାଲୁଭ୍ୱି, ଅବୁଲ୍ ହସମ୍ ତିବ୍‌ତି ଏବଂ ମୁଲ୍ଲା ମୁହମ୍ମଦ୍ ବଖ୍‌ଶ୍ ସାହେବ୍ ଜାଫର୍ ଜେଟ୍‌ଲି) ଅପମାନିତ ଓ ତିରସ୍କାର କର । *ଆମିନ୍ ସୁମ୍ମା ଆମିନ୍* । ଏହି ଦୁଆ କରିବାପରେ ମୋତେ ଉତରରେ ଏ ଐଶୀବାଣୀ ହେଲା କି "ମୁଁ ଅତ୍ୟାଚାରୀକୁ ଅପମାନିତ ଓ ତିରସ୍କାର କରିବି ଏବଂ ସେ ନିଜର ହାତ କାଟିବେ"

ଏହା ହେଉଛି ଇଶ୍ୱରଙ୍କ ନିଷ୍ପତି ଯାହାର ସାରାଂଶ ହେଉଛି ଏହା କି ଏହି ଦୁଇଗୋଟି ଗୋଷ୍ଠୀଙ୍କ ମଧରେ ଯେଉଁମାନଙ୍କର ଚର୍ଚ୍ଚା ଉକ୍ତ ଇସ୍ତେହାର୍‌ରେ କରାଯାଇଛି.....ଇଶ୍ୱରଙ୍କ ନିର୍ଦ୍ଦେଶ ଅନ୍ତର୍ଗତ ସେମାନଙ୍କ ମଧରୁ ଯିଏ ମିଥ୍ୟାବାଦୀ ସେ ଅପମାନିତ ହେବ" ।

ଏହି ଇସ୍ତେହାର୍‌ରେ ଜାଫର୍ ଜେଟ୍‌ଲି ୩୦ନଭେମ୍ବର୍ ୧୮୯୮କୁ ପୁଣି ଗାଳିଗୁଲଜରେ ଭର୍‌ପୁର୍ ଗୋଟିଏ ଇସ୍ତେହାର୍ ଦେଇଦେଲା ଓ ସେଥିରେ ହଜୁର୍‌ଙ୍କୁ ମିଥ୍ୟାବାଦୀ ରୂପେ ଅଭିହିତ କରି ନିଜ ମନ ଭିତରେ ଥିବା କ୍ରୋଧକୁ ବାହାର କରିଦେଲା । ଯେହେତୁ ଦୁଇପକ୍ଷଙ୍କ ସତ୍ୟତା ଓ ମିଥ୍ୟାବାଦୀ ହେବାର ନିଷ୍ପତି କରିବା ଖୁଦାତାଲାଙ୍କ ହାତରେ ରହିଥିଲା (ତେଣୁ) ଏଥିରେ ସୟଦ୍‌ନା ହଜୁର୍ ଅନୁଭ୍ୱର୍ ୧୮୯୮ ମସିହାରେ ଗୋଟିଏ ପତ୍ରିକା "ରାଜେ ହକିକତ୍" ଲେଖି ନିଜ ଜମାତ୍‌କୁ ଏ ଉପଦେଶ ଦେଲେ କି-

"ସେ ଶୈଳୀ ହେଉଛି ତକ୍‌ୱା ଉପରେ ପରିଚାଳିତ ହୋଇ କୌଣସି ପ୍ରକାର ନିରର୍ଥକ ଓ ବାଚାଳାମିର ମୁକାବିଲାରେ ବାଚାଳାମି କରନାହିଁ । ଗାଳିଗୁଲଜ ମୁକାବିଲାରେ ଗାଳିଗୁଲଜ କରନାହିଁ । ସେମାନେ ବହୁତ କିଛି ଥଟ୍ଟା ଓ ପରିହାସ ଶୁଣିବେ..... କିନ୍ତୁ ଚୁପ୍ ରହିବା ଆବଶ୍ୟକ ଏବଂ ତକ୍‌ୱା (ସତ୍ୟନିଷ୍ଠ) ଏବଂ ସଦାଚ୍ଚରୀତା ଗ୍ରହଣ କରି ଇଶ୍ୱରଙ୍କ ଦୃଷ୍ଟିରେ ସମର୍ଥନ ଯୋଗ ହୁଅ.....ଏବଂ ତକ୍‌ୱା ଓ ଧୈର୍ଯ୍ୟକୁ ପରିତ୍ୟାଗ କରନାହିଁ । ବର୍ତମାନ ସେହି ଅଦାଲତ ସମ୍ମୁଖରେ ମିସଲ୍ ମୋକଦ୍ଦମା ଅଛି ଯିଏ କାହାର ପକ୍ଷପାତ କରେନାହିଁ ଏବଂ ଅଶିଷ୍ଟତାର ଶୈଳୀକୁ ପସନ୍ଦ କରେନାହିଁ....ତେଣୁ ମୁ ତୁମକୁ ଉପଦେଶ ଦେଉଛି କି ଖୁଦାତାଲାଙ୍କ ତିରସ୍କାରକୁ ଭୟକର, ନମ୍ର, ବିନମ୍ରତା, ଧୈର୍ଯ୍ୟ ଏବଂ ତକ୍‌ୱା ଗ୍ରହଣ କର....ଏବଂ ତକ୍‌ୱାରେ ଆଗକୁ ବଢ଼ିବା ପାଇଁ ପାଦ ଥାପ କି ଖୁଦା ତକ୍‌ୱା ଗ୍ରହଣ କରୁଥିବା ଲୋକମାନଙ୍କୁ ନଷ୍ଟ କରନ୍ତି ନାହିଁ" ।

(ରାଜେ ହକିକତ୍, ପ୍ରଥମ ମୁଦ୍ରଣ, ପୃଷ୍ଠା- ୨)

ଏ ଅବଧି ମଧ୍ୟରେ ମୁହମ୍ମଦ୍ ହୁସେନ୍ ବଟାଲୁଭି ବହୁବାର ଅପମାନିତ ହେଲେ। ସେଥି ମଧ୍ୟରୁ ଗୋଟିଏ ଘଟଣା ହେଉଛି ଏପରି କି ମୁହମ୍ମଦ୍ ହୁସେନ୍ ବଟାଲୁଭି ନିଜ ଇଂରାଜୀ ପତ୍ରିକାରେ ସରକାରଙ୍କ ଠାରୁ ସ୍ଥାନ ପୁରସ୍କାର ହାସଲ କରିବା ଖାତିର୍ ଇମାମ୍ ମେହ୍‌ଦୀଙ୍କ ପେଶ୍‌ଗୋଇ ଗୁଡିକୁ ସମ୍ପୂର୍ଣ୍ଣ ରୂପେ ଅସ୍ୱୀକାର କରିଦେଲା ଓ ଏକଥା ଲେଖିଦେଲା କି ମେହ୍‌ଦୀଙ୍କ ଆସିବାର ଯେଉଁ ହଦିସ୍ ଗୁଡିକ ଥିଲା ସେଗୁଡିକୁ ମୁଁ ମୌଜୁ (ଦୁର୍ବଳଶ୍ରେଣୀର) ବିବେଚନା କରୁଛି ଓ ସରକାରଙ୍କ ସହିତ ମୋର ଭକ୍ତି ଭାବ ରହିଛି ବୋଲି ଲେଖି ଇଶାଅତୁସ୍ ସୁନ୍ନା ପତ୍ରିକାରେ ଛପାଇ ପ୍ରକାଶ କରିଦେଲା। ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଯେତେବେଳେ ମୁହମ୍ମଦ୍ ହୁସେନ୍ ବଟାଲୁଭିଙ୍କୁ କେବଳ ସାଂସାରିକ ଲାଭ ହାସଲ କରିବା ପାଇଁ ଏପରି ଗଏର୍ ମୋମିନାନା (ବେଇମାନି) କାର୍ଯ୍ୟ କରିଛନ୍ତି ବୋଲି ଦେଖିଲେ ସେତେବେଳେ ଡିସେମ୍ବର୍ ୧୮୯୮ରେ ହିନ୍ଦୁସ୍ତାନ୍‌ର ଓ୍ୱଲେମାମାନଙ୍କ ଠାରୁ ଏ ଫତଓ୍ୱା ବିଷୟ ପଚାରି ବୁଝିଲେ କି ଯେଉଁ ବ୍ୟକ୍ତି ହଦିସ୍‌ରେ ବର୍ଣ୍ଣିତ ଇମାମ୍ ମେହ୍‌ଦୀ ଆସିବା ସମ୍ବନ୍ଧୀୟ ହଦିସ୍ ଗୁଡିକୁ ସମ୍ପୂର୍ଣ୍ଣ ରୂପେ ଅସ୍ୱୀକାର କରୁଅଛି ଏବଂ ସେଗୁଡିକୁ ନିରର୍ଥକ ବୋଲି ବିବେଚନା କରୁଅଛି, କଣ ଆମେ ତାକୁ ଅହ୍‌ଲେ ସୁନ୍ନତ୍‌ରେ ଥିବାର ଓ ସତ୍‌ମାର୍ଗରେ ପରିଚାଳିତ ହେବାର ବିବେଚନା କରିପାରିବା ଏଥିରେ ସମସ୍ତ ଓ୍ୱଲେମାଗଣ ଏକଥାରେ ସହମତି ହୋଇ ଲେଖିଦେଲେ କି "ଏହି ବ୍ୟକ୍ତି (ଅର୍ଥାତ୍ ମୁହମ୍ମଦ୍ ହୁସେନ୍ ବଟାଲୁଭି) "କାଫିର୍ ମୁବ୍‌ତଦା (ପ୍ରାରମ୍ଭରୁ ଅମାନ୍ୟକାରୀ), ଜାଲ୍ଲ (ପଥଭ୍ରଷ୍ଟ), ମୋଜିଲ୍ଲ, ମୁଫ୍‌ତରି (ଧୋକାବାଜ୍ ଏବଂ ଅହ୍‌ଲେ ସୁନ୍ନତ୍ ଅଲ୍‌ଜମାତ୍‌ରୁ ଖାରିଜ୍ ଏବଂ କଜ୍ଜାବ୍ ଓ ଦଜ୍ଜାଲ୍ (ମିଥ୍ୟାବାଦୀ) ଅଟନ୍ତି"। ଏଥିରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଫତଓ୍ୱାର ବିବରଣୀ ଲେଖି ଗୋଟିଏ ଇସ୍ତେହାର୍ ଦେଇ ସର୍ବସାଧାରଣରେ ପ୍ରକାଶ କରିଦେଲେ, ଯେଉଁଥିରେ ଆପଣ ଆ:ସ ଲେଖିଥିଲେ କି-

"ମୁହମ୍ମଦ୍ ହୁସେନ୍ ବଟାଲୁଭି କୁଭାଷା ପ୍ରୟୋଗ କରି ମୋତେ ଅପମାନ କରିଥିଲା ଓ ମୋ ନାମ କାଫିର୍, ଦଜ୍ଜାଲ୍, କଜ୍ଜାବ୍ ଏବଂ ମୁଲ୍‌ହିଦ୍ ରଖିଥିଲା ଏବଂ ମୋ ପାଇଁ ଏହି କୁଫୁର୍‌ର ଫତ୍‌ଓ୍ୱା ଇତ୍ୟାଦି ପଞ୍ଜାବ୍ ଓ ହିନ୍ଦୁସ୍ତାନ୍‌ର ମୌଲବୀ ମାନଙ୍କ ଦ୍ୱାରା ଲେଖାଇ ଆଣିଲା। ସୁତରାଂ ବର୍ତ୍ତମାନ ସେହି ଫତ୍‌ଓ୍ୱା ପଞ୍ଜାବ୍ ଏବଂ ହିନ୍ଦୁସ୍ତାନ୍‌ର ମୌଲବୀଗଣ ତାଙ୍କ ପାଇଁ (ଅର୍ଥାତ୍ ମୁହମ୍ମଦ୍ ହୁସେନ୍ ବଟାଲୁଭିଙ୍କ ନିମନ୍ତେ) ପ୍ରଦାନ କରିଛନ୍ତି"। (ଅଲ୍‌ହକମ୍ ୧୦ଜାନୁୟାରୀ ୧୮୯୯, ପୃଷ୍ଠା-୪)

ମୁହମ୍ମଦ୍ ହୁସେନ୍ ବଟାଲୁଭି ନିଜର ଇଂରାଜୀ ପତ୍ରିକାରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ସରକାରଙ୍କ ବିଦ୍ରୋହୀ ହେବାର ଆରୋପ ଲଗାଇଲା ଓ ଏକଥା ଲେଖିଲା କି ଆପଣ ଆ:ସ ସେ ସମ୍ବନ୍ଧରେ କୌଣସି ଏକ ଏଲ୍‌ହାମ୍ ପ୍ରକାଶ କରିଛନ୍ତି କି ଇଂରେଜ ସରକାର ୮ବର୍ଷ ଭିତରେ ନିପାତ ହୋଇଯିବ। ଏଥିରେ ହଜୁର୍ ଆ:ସ ୧୮୯୮ ମସିହାରେ ଗୋଟିଏ ପୁସ୍ତକ "କଶଫଲ୍ ଗତା" ପ୍ରକାଶ କଲେ ଓ ସେଥିରେ ସରକାରଙ୍କୁ ଏ କଥା ସ୍ପଷ୍ଟ ରୂପେ ବତାଇଦେଲେ କି ମୋ ଉପରେ ଲଗାଯାଇଥିଲା ବିଦ୍ରୋହର ଆରୋପ କେବଳ ମନଗଢ଼ା କଥା ଅଟେ ଏବଂ ସରକାରଙ୍କୁ ଏକଥା ଜଣାଇଲେ କି ସରକାର ମୌଲବୀ ମୁହମ୍ମଦ୍ ହୁସେନ୍ ବଟାଲୁଭିଙ୍କଠାରୁ ଜବାବ୍ ମାଗନ୍ତୁ କି କେଉଁ ପୁସ୍ତକ ବା ଇସ୍ତେହାର୍‌ରେ ଏପରି ଏଲ୍‌ହାମ୍ (ଐଶିବାଣୀ) ପ୍ରକାଶ କରାଯାଇଛି। ପ୍ରଥମତଃ ସରକାରଙ୍କର ଏଥିପ୍ରତି କୌଣସି ଧ୍ୟାନ ନଥିଲା। କିନ୍ତୁ ମୁହମ୍ମଦ୍ ହୁସେନ୍ ବଟାଲୁଭି ଗୁପ୍ତ ଇଂରାଜୀ ପତ୍ରିକା ପ୍ରକାଶନ କରିବାରେ ତାଙ୍କୁ ଚାରି ମର୍‌ବାଉ (ପୁରସ୍କାର) ପ୍ରଦାନ କରାଯାଇଥିଲା। ତାଙ୍କର ଏହି ଗୁପ୍ତଚର ମୂଳକ କାର୍ଯ୍ୟ ଯୋଗୁ ସରକାର ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଖିଲାଫରେ ଚଳଚଂଚଳ ହୋଇଗଲା ଏବଂ ଜଣେ ଇଂରେଜ କ୍ୟାପ୍‌ଟେନ୍ ପୋଲିସ୍ ଏବଂ ଇନିସ୍‌ପେକ୍‌ଟର୍ ପୋଲିସ୍ (ରାଣା ଜଲାଲୁଦ୍ଦିନ୍ ସାହେବ୍) ସିପାହୀ ମାନଙ୍କର ଗୋଟିଏ ଦଳ ନେଇ ସନ୍ଧ୍ୟା ସମୟରେ କାଦିଆନ ପହଂଚିଗଲେ ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଘରକୁ ଘେରଉ କରିଦେଲେ। କ୍ୟାପ୍‌ଟେନ୍ ଏବଂ ଇନିସ୍‌ପେକ୍‌ଟର୍ ପୋଲିସ୍ ମସ୍‌ଜିଦ୍‌ର ଛାତ ଉପରେ ଚଢ଼ିଗଲେ। ଯେତେବେଳେ ହଜୁର୍‌ଙ୍କୁ ଏ ବିଷୟରେ ଏତେଲା ମିଳିଲା ହଜୁର୍ ଆ:ସ ବାହାରକୁ ବାହାରିଲେ। କ୍ୟାପ୍‌ଟେନ୍ କହିଲା ଆମେ ଆପଣଙ୍କ ଘରର ତଲାସି ନେବାକୁ ଚାହୁଁଛୁ। ଆମକୁ ଖବର ମିଳିଛି କି ଆପଣ ଅମୀର୍ ଅବ୍‌ଦୁର୍ ରହ୍‌ମାନ୍ ଖାନ୍ ଆଫ୍‌ଗାନିସ୍ତାନ୍‌ର ଓ୍ୱଲିଙ୍କ ସହିତ ଗୁପ୍ତ ରୂପେ ମିଳାମିଶା ରଖିଛନ୍ତି। ଏହା ଶୁଣି ହଜୁର୍ ଆ:ସ କହିଲେ କି ଏହା ସମ୍ପୂର୍ଣ୍ଣ ରୂପେ ଭୁଲ୍। ଆମେ ତ ଇଂରେଜ୍ ସରକାରଙ୍କ ନ୍ୟାୟ, ସମାନତା, ଶାନ୍ତି ଓ ଧର୍ମୀୟ ସ୍ୱାଧୀନତା ବିଷୟରେ ଥିବା କାର୍ଯ୍ୟସମୂହକୁ ସହୃଦୟତାର ସହିତ ସ୍ୱୀକାର କରୁଅଛୁ। ଆପଣ ନିଶ୍ଚିତ ରୂପେ ତଲାସି ନେଇପାରନ୍ତି କିନ୍ତୁ ବର୍ତ୍ତମାନ ଆମେ ନମାଜ ପଢ଼ିବା ପାଇଁ ଯାଉଛୁ, ଆପଣ ଅପେକ୍ଷା କରନ୍ତୁ। କ୍ୟାପ୍‌ଟେନ୍ ପୋଲିସ୍ ଏକଥା ମାନିଗଲେ। ମୌଲବୀ ଅବ୍‌ଦୁଲ୍ କରିମ୍ ସାହେବ୍ ଅଜାନ୍ ଦେଲେ ଓ ମଗ୍‌ରିବ୍ ନମାଜ ପଢ଼ାଇଲେ। ମୌଲବୀ ଅବ୍‌ଦୁଲ୍ କରିମ୍‌ଙ୍କର ପଢ଼ିବାର ଶୈଳୀ ମନମୁଗ୍ଧକାରୀ ଥିଲା। କ୍ୟାପ୍‌ଟେନ୍ ଈଶ୍ୱରଙ୍କର ଏପରି ମହାନବାଣୀ ଶୁଣି ଆଶ୍ଚର୍ଯ୍ୟ ହୋଇଗଲା ଓ ନମାଜ ଶେଷ ହେବା କ୍ଷଣି ଉଠି ଛିଡା ହୋଇଗଲା ଏବଂ ହଜୁରତ୍ ମସିହ୍ ମଉଦ୍ ଆ:ସଙ୍କୁ କହିଲା କି ମୋତେ ବିଶ୍ୱାସ ହୋଇଯାଇଛି କି ଆପଣ ହେଉଛନ୍ତି ସତ୍ୟବାଦୀ ଓ ଈଶ୍ୱର ଭକ୍ତ ବ୍ୟକ୍ତି। ଆପଣ ହେଉଛନ୍ତି ସଦାଚାରୀ। ତେଣୁ ଆପଣଙ୍କ ଖିଲାଫ୍‌ରେ ଶତ୍ରୁ ପକ୍ଷଙ୍କ ଦ୍ୱାରା ଯେଉଁ ଆପତି ଅଭିଯୋଗ ଲଗାଯାଇଛି ସେ ସମ୍ବନ୍ଧରେ ମୁଁ ଏହି ତଲାସି କରିବାକୁ ଆସିଥିବା ମନୋଭାବକୁ ଛାଡିଦେଲି ଏବଂ ସରକାରଙ୍କୁ ଏ ରିପୋଟ୍ ପଠାଇଦେଇଛି କି ମିର୍ଜା ସାହେବ୍‌ଙ୍କ ଖିଲାଫ୍ ଏହା ସମ୍ପୂର୍ଣ୍ଣ ରୂପେ ଭୁଲ୍ ପ୍ରପଗଣ୍ଡା ଅଟେ।

ମୁହମ୍ମଦ୍ ହୁସେନ୍ ବଟାଲୁଭି ସାହେବ୍ ମୁବାହିଲା ନିମନ୍ତ୍ରଣ ସମ୍ବନ୍ଧରେ ନିରୁତ୍ତର ହୋଇଗଲେ। ସେ ଯେତେବେଳେ ନିଜର ଏହି ଅପମାନକୁ ଦେଖିଲା ଏହାର ପ୍ରତିଶୋଧ ନେବାପାଇଁ ଏଣୁତେଣୁ ହାତ ମାରିବା ଆରମ୍ଭ କରିଦେଲା ଏବଂ ୧୩ମାସ ଅବଧି ଭିତରେ ଅପମାନ ପାଇବ ବୋଲି ଯେଉଁ ଧାର୍ଯ୍ୟ ସମୟ ଥିଲା ସେ ସେଥିରୁ ମୁକୁଳିବା ପାଇଁ ବାହାନା ଖୋଜିବାକୁ ଲାଗିଲା ଏବଂ ଗୋଟିଏ ନୂଆ ରାସ୍ତା ବାହାର କରି ଗୋଟିଏ ଧାରୁଆ ଛୁରୀ ଲୋକମାନଙ୍କୁ ଦେଖାଇ ସାଧାରଣ ଲୋକମାନଙ୍କୁ ଉସ୍‌କାଇବା ଆରମ୍ଭ କରିଦେଲା ଯେ ମିର୍ଜା ସାହେବ୍ ଲେଖ୍‌ରାମ୍‌ଙ୍କ ପରି ମୋତେ ମାରିଦେବା ପାଇଁ ମଧ୍ୟ ବ୍ୟବସ୍ଥା କରିଛନ୍ତି। ତେଣୁ ମୁଁ ସନ୍ଦେହ କରୁଛି କି ସେ ନିଜର ସତ୍ୟତା ଏବଂ ପେଶ୍‌ଗୋଇ ଗୁଡିକୁ ସଚ୍ଚା ପ୍ରମାଣିତ କରିବା ପାଇଁ ମୋତେ ହତ୍ୟା କରିବାକୁ ଚାହୁଁଛନ୍ତି ଏବଂ ବଟାଲା ଥାନାର ଡେପୁଟି କମିଶନର୍‌ଙ୍କ ନିକଟରେ ଦରଖାସ୍ତ କଲା କି ମୋତେ ଗୋଟିଏ ପିସ୍ତଲ୍ ଓ ଗୋଟିଏ ବନ୍ଧୁକକୁ ମୋ ଜୀବନ ବଂଚାଇବା ପାଇଁ ଲାଇସେନ୍‌ସ୍ ଦିଆଯାଉ। ବଟାଲା ଥାନାରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ଜଣେ ଭୀଷଣ ବିରୋଧି ଡେପୁଟି ଇନିସ୍‌ପେକ୍ଟର ମୁହମ୍ମଦ୍ ବଖ୍‌ଶ୍ ନିଯୁକ୍ତି ପାଇଥିଲା। ସେ ଡେପୁଟି କମିଶନର୍‌ଙ୍କ ନିକଟକୁ ଏ ରିପୋର୍ଟ୍ ପଠାଇଲା କି ମିର୍ଜା ଗୁଲାମ୍ ଅହେମଦ୍ ପାଦ୍ରୀ ହେନେରି ମାର୍ଟିନ୍ କ୍ଲର୍କ୍‌ଙ୍କ ମୋକଦ୍ଦମାରେ ଯେତେବେଳେ ମୁକ୍ତି ପାଇଥିଲେ ସେତେବେଳେ କ୍ୟାପ୍‌ଟେନ୍ ଡଗ୍‌ଲସ୍ ଏହି ଫୈସଲା ଲେଖିଦେଇଥିଲେ ଯେ ଆସନ୍ତାକୁ ଏପରି କୌଣସି ଇସ୍ତେହାର୍ ବା ପେଶ୍‌ଗୋଇ କରାନଯାଉ ଯଦ୍ଦ୍ୱାରା ଅଶାନ୍ତି ନ ଘଟୁ। କିନ୍ତୁ ଏବେ ପୁଣି ମିର୍ଜା ସାହେବ୍ ପେଶ୍‌ଗୋଇ କରି ଅବମାନନା କରିଛନ୍ତି ଯଦ୍ଦ୍ୱାରା ଏହା ଶାନ୍ତିଭଙ୍ଗ କରିପାରେ। ଏହି ରିପୋର୍ଟ୍ ଏବଂ ମୁହମ୍ମଦ୍ ହୁସେନ୍ ବଟାଲୁଭିଙ୍କ ଲାଇସେନ୍‌ସ୍ ସମ୍ବନ୍ଧିତ ଦରଖାସ୍ତ ଉପରେ ଡେପୁଟି କମିଶନର୍ ୫ ଜାନୀୟାରୀ ୧୮୯୯ ଦିନ ପେଶି (ଉପସ୍ଥିତ ହେବା)ର ନିର୍ଦ୍ଦେଶ ଦେଲେ। ଏଥିରେ ମୁହମ୍ମଦ୍ ହୁସେନ୍ ବଟାଲୁଭି ଏବଂ ତା'ର ସହଜାତି ପ୍ରବୃତିର ଲୋକମାନେ ମୋକଦ୍ଦମା ଜିତିବା ନିମନ୍ତେ ବହୁତ ଜୋର୍‌ସର୍‌ରେ ପ୍ରସ୍ତୁତି ଆରମ୍ଭ କରିଦେଲେ। ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଏ ସମ୍ବନ୍ଧରେ ସମସ୍ତ ଖବର ମିଳିସାରିଥିଲା। କିନ୍ତୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଏଥିରେ କୌଣସି ଅଣୁମାତ୍ରାରେ ମଧ୍ୟ ସଂଶୟ ନଥିଲା। ହଜୁର୍ ଆ:ସ ଏହି ମୋକଦ୍ଦମା ନିମନ୍ତେ ଗୁର୍‌ଦାସ୍‌ପୁର୍ ପହଂଚିଲେ ଏବଂ ନିଜ ଖୁଦାମ୍‌ମାନଙ୍କ ସହିତ କଚେରୀ ଭିତରକୁ ଗଲେ। ଏବଂ ୧୨ଟା ପର୍ଯ୍ୟନ୍ତ ଅଦାଲତର ଅପେକ୍ଷା କରି ବସି ରହିଲେ....ମୁହମ୍ମଦ୍ ହୁସେନ୍ ବଟାଲୁଭିଙ୍କ ଓକିଲଙ୍କ ଦରଖାସ୍ତ ଯୋଗୁ ମୋକଦ୍ଦମା ସ୍ଥଗିତ ରହିଲା ଏବଂ ୧୧ ଜାନୁୟାରୀ ଦିନ ମୋକଦ୍ଦମା ଧାର୍ଯ୍ୟ କରାଗଲା। ୧୧ଜାନୁୟାରୀ ଦିନ ପୁନର୍ବାର ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଗୁର୍‌ଦାସ୍‌ପୁର୍‌ଠାରେ ପହଂଚି ଅଦାଲତରେ ପେଶ୍‌ହେଲେ। ସେହିଦିନ ବିରୋଧି ଗୋଷ୍ଠୀଙ୍କର ବୟାନାତ୍ ଶୁଣାଣି ହେଲା ଏବଂ ମୌଲବୀ ମୁହମ୍ମଦ୍ ହୁସେନ୍ ବଟାଲୁଭି ବୟାନ୍ ଦେଲେ କି ମୁଁ ପଣ୍ଡିତ ଲେଖ୍‌ରାମ୍‌ଙ୍କ ହତ୍ୟାଯୋଗୁ ଭୟଭୀତ ହୋଇଯାଇଛି ଓ ନିଜ ସୁରକ୍ଷା ପାଇଁ ପାଖରେ ଛୁରୀ ରଖୁଛି। ୧୮୯୮ର ଇସ୍ତେହାର୍ ଦ୍ୱାରା ମିର୍ଜା ସାହେବ୍ ମୋତେ ଡରାଇ ଦେଇଛନ୍ତି।

ପରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜ ବୟାନ୍‌ରେ ଏକଥା କହିଲେ କି ପଣ୍ଡିତ ଲେଖ୍‌ରାମ୍ ସମ୍ବନ୍ଧରେ ଯେଉଁ ପେଶ୍‌ଗୋଇ କରାଯାଇଥିଲା ତାହା ତାର ସମ୍ମତି ଓ ତାର ଲିଖିତ ଦରଖାସ୍ତ ଯୋଗୁଁ କରାଯାଇଥିଲା। ପଣ୍ଡିତ ଲେଖ୍‌ରାମ୍ ପେଶାଓ୍ୱର୍‌ରୁ କାଦିଆନ୍‌ରେ ଦୁଇମାସ ରହିଲା ଓ କୁଭାଷା ଗାଳିଗୁଲଜ କରିଚାଲିଲା ଏବଂ ପଣ୍ଡିତ ଲେଖ୍‌ରାମ୍ ତା ତରଫରୁ ମଧ୍ୟ ଗୋଟିଏ ଇସ୍ତେହାର୍ ମୋ ସମ୍ବନ୍ଧରେ ପ୍ରକାଶ କରିଥିଲା କି ତୁମେ ତିନିବର୍ଷ ମଧ୍ୟରେ ହଇଜା ରୋଗରେ ଆକ୍ରାନ୍ତ ହୋଇ ମରିଯିବ ଓ ତାର ସେହି ପେଶ୍‌ଗୋଇଟିକୁ ପ୍ରଥମେ ପ୍ରକାଶ କଲା। ସେ ଯାହାହେଉ ଦୁଇପକ୍ଷଙ୍କ ବୟାନତ୍ ପରେ ମୋକରମ୍ ସୟଦ୍ ଶବିର୍ ହୁସେନ୍ ସାହେବ୍ ପୋଲିସ୍ ଇନିସ୍‌ପେକ୍‌ଟର୍ ସାକ୍ଷୀ ଦେଲେ ଯେ ମୁଁ ଜିଲ୍ଲା ଗୁର୍‌ଦାସ୍‌ପୁର୍ ପୂର୍ବରୁ ଲାହୋର ଜିଲ୍ଲାରେ ମଧ୍ୟ ଇନିସ୍‌ପେକ୍‌ଟର୍ ପୋଲିସ୍ ଥିଲି ଓ ପଣ୍ଡି ଲେଖ୍‌ରାମଙ୍କ ହତ୍ୟା ସମୟରେ ମୁଁ ସେଠାରେ ଡ୍ୟୁଟିରେ ଥିଲି। ଏବଂ ସାଧାରଣତଃ ଏ ଦୃଢ଼ ଆଶଙ୍କା କରାଯାଉଥିଲା କି ମିର୍ଜା ଗୁଲାମ୍ ଅହେମଦ୍‌ଙ୍କ ସମ୍ବନ୍ଧ ଏହି ହତ୍ୟା ସହିତ ଥିଲା। ସୁତରାଂ ଦୁଇପକ୍ଷଙ୍କ ବୟାନତ୍ ଦୃଷ୍ଟିକୋଣରୁ ଏଥିରେ କୌଣସି ସଂଶୟ ନାହିଁ କି ଶାନ୍ତି ହେବାର କୌଣସି ଆଶଙ୍କା ରହିଛି।

ଉପରୋକ୍ତ ବୟାନତ୍ ପରେ ମୋକଦ୍ଦମା ୨୭ ଜାନୁଆରୀ ପର୍ଯ୍ୟନ୍ତ ସ୍ଥଗିତ ରଖାଗଲା ଓ ଧାରିଓ୍ୱାଲ୍‌ଠାରେ ଆସନ୍ତା ଶୁଣାଣି ହେବ ବୋଲି ଧାର୍ଯ୍ୟ କରାଗଲା। ଏହି ଅବଧିରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜ ପ୍ରତିରକ୍ଷାରେ ଗୋଟିଏ ସବିଶେଷ ଲିଖିତ ବୟାନ୍ ଲେଖିଲେ ଏବଂ ଇଂରାଜୀ ଭାଷାରେ ଛପାଇ ଅଦାଲତ୍‌ରେ

ଦାଖଲ କଲେ । ଯେଉଁଥିରେ ଆପଣ ଆ:ସ ନିଜର ସମସ୍ତ ପେଶ୍‌ଗୋଇର ଘଟଣାବଳୀ ଗୁଡିକୁ ମୌଲବୀ ମୁହମ୍ମଦ୍ ହୁସେନ୍ ବଟାଲୁଭି ସାହେବ୍, ଅବ୍‌ଦୁଲ୍ଲାଃ ଆଥମ୍ ଏବଂ ପଣ୍ଡିତ ଲେଖ୍‌ରାମ୍‌ଙ୍କ ବିଷୟରେ ସତ୍ୟାସତ୍ୟକୁ ବ୍ୟାଖ୍ୟା କରି ବର୍ଣ୍ଣନା କରିଥିଲେ ଏବଂ ଉକ୍ତ ବୟାନ୍‌କୁ ରଦ୍ଦ କରିଥିଲେ ଯେ ମୋ ଇସ୍ତେହାର୍ ଗୁଡିକରେ ଏପରି କୌଣସି ପେଶ୍‌ଗୋଇ ନାହିଁ ଯଦ୍ୱାରା ସେମାନଙ୍କର ଧନ, ଜୀବନ ଓ ସମ୍ମାନ ଉପରେ ବିପଦ ଆସୁଥିବ ଏବଂ ଏକଥା ବତାଇଲେ କି ମୁଁ ହେଉଛି ଜଣେ ଓ ସମ୍ଭ୍ରାନ୍ତ ବଂଶୀୟ ବ୍ୟକ୍ତି ଏବଂ ସେଥିରେ ନିଜ ବଂଶର ଗୁରୁତ୍ୱ ଓ ଜମାତ୍‌ର ପଦମର୍ଯ୍ୟାଦା ବିଷୟରେ ମଧ୍ୟ ବର୍ଣ୍ଣନା କରିଥିଲେ ଓ ନିଜକୁ ଶାନ୍ତି ଓ ସୌହାର୍ଦ୍ଦ୍ୟର ବାର୍ତାବହ ବୋଲି ଦର୍ଶାଇଲେ । (ତବ୍‌ଲିଗେ ରିସାଲତ୍, ଖଣ୍ଡ-୮, ପୃଷ୍ଠା-୨୪)

୨୭ ଜାନୁଆରୀ ଦିନ ହଜୁର୍ ଆ:ସ ଠିକ୍ ୧୨ଟା ବେଳେ ଅଦାଲତରେ ପହଂଚିଲେ । ହଜ୍‌ରତ୍ ମସିହ୍ ମଉଦ୍‌ଙ୍କ ତରଫରୁ ପୂର୍ବେ ଯେଉଁ ଓକିଲ ଲଢୁଥିଲେ ସେମାନେ ହିଁ ପେଶ୍ ହେଲେ କିନ୍ତୁ ମୌଲବୀ ମୁହମ୍ମଦ୍ ହୁସେନ୍ ବଟାଲୁଭିଙ୍କ ତରଫରୁ ଜଣେ ନୁଆ କାନୁନୀ ପରାମର୍ଶ ଦାତା ମିଷ୍ଟର୍ ହର୍‌ବଟ୍ ପକ୍ଷ ସମର୍ଥନ କରିବା ପାଇଁ ଆସିଲେ ଓ ସେ ଏ କାରଣ ଉପସ୍ଥାପନ କଲେ କି ନିୟମାନୁସାରେ ଗୋଟିଏ ସମୟରେ ମୋକଦ୍ଦମାର ଶୁଣାଣି ହୋଇପାରିବ ନାହିଁ । ସୁତରାଂ ମୋକଦ୍ଦମାର ତାରିଖ ୧୪ ଫେବୃୟାରୀ ଧାର୍ଯ୍ୟ କରାଗଲା ଓ ଡେପୁଟି କମିଶନର୍ ସେହିଦିନ ସର୍ବପ୍ରଥମେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ମୋକଦ୍ଦମାର ଶୁଣାଣୀ ପାଇଁ ନିର୍ଦ୍ଦେଶ ଦେଲେ ଓ ପୁନର୍ବାର ନୋଟିସ୍ ପଠାଇବା ପାଇଁ ନିର୍ଦ୍ଦେଶ ଦେଲେ । ଏହାର ଅର୍ଥ ପୂର୍ବର ସମସ୍ତ କାରବାଇକୁ ଶେଷ କରିଦିଆଗଲା ।

୩ ଫେବୃୟାରୀ ୧୮୯୯ରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଗୋଟିଏ ସ୍ୱପ୍ନଦ୍ୱାର ସୁସମାଚର ଦିଆଗଲା କି ଆପଣ ମୁକୁଳିଯିବେ ଓ ଶତ୍ରୁ ଅସଫଳ ହେବେ ।

(ହକିକତୁଲ୍ ମେହ୍‌ଦୀ, ପୃଷ୍ଠା-୧୦)

ପରିଶେଷରେ ୧୪ ଫେବୃୟାରୀ ଆସିଗଲା ଏବଂ ଆପଣ ଆ:ସ ଗୁର୍‌ଦାସ୍‌ପୁର୍ ପହଂଚିଗଲେ । ମୁହମ୍ମଦ୍ ହୁସେନ୍ ବଟାଲୁଭି ଏବଂ ତାଙ୍କ ସାଙ୍ଗସାଥିମାନେ ବହୁତ ଖୁସି ଥିଲେ ଯେ ଆଜି ଆମ ପ୍ରତିଦ୍ୱନ୍ଦୀ ଅଦାଲତର କାଠଗଡାରେ ଅପରାଧି ସାବ୍ୟସ୍ତ ହେବ ଏବଂ ତାଙ୍କୁ ମହାନ୍ ବିଜୟ ଲାଭ ହେବ କିନ୍ତୁ ହାକିମ୍ ଯେତେବେଳେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବିନମ୍ରପୁର୍ଣ୍ଣ ସଭ୍ୟ ଓ ଦୃଢ଼ ଆଲେଖ୍ୟ ଏବଂ ତା ମୁକାବିଲାରେ ମୁହମ୍ମଦ୍ ହୁସେନ୍ ବଟାଲୁଭି ସାହେବ୍‌ଙ୍କ ଅସଭ୍ୟ ଇସ୍ତେହାର୍‌କୁ ଦେଖିଲେ ତ ଆଶ୍ଚର୍ଯ୍ୟ ଚକିତ ରହିଗଲେ ଓ ପୋଲିସ୍ ତରଫରୁ ବହୁତ ପରିଶ୍ରମର ସହିତ ପ୍ରସ୍ତୁତ କରାଯାଇଥିବା ମୋକଦ୍ଦମାଟିକୁ ଖାରଜ କରିଦେଲେ ଓ ଗୋଟିଏ ଖାତାରେ ଦୁଇ ପକ୍ଷଙ୍କ ଠାରୁ ଦରଖାସ୍ତ କରାଇନେଲେ କି ଆସନ୍ତାକୁ କୌଣସି ପକ୍ଷ ନିଜର କୌଣସି ବିରୋଧିଙ୍କ ସମ୍ବନ୍ଧରେ ମୃତ୍ୟୁ ଇତ୍ୟାଦି ହୃଦୟ ବିଦାରକ ବିଷୟ ପେଶ୍‌ଗୋଇ କରିବେ ନାହିଁ । କେହି କାହାକୁ କାଫିର୍, ଦଜ୍ଜାଲ୍, ମୁଫ୍‌ତରି ଏବଂ କଜ୍ଜାବ୍ କହିବେ ନାହିଁ, କେହି କାହାକୁ ମୁବାହିଲା କରିବା ପାଇଁ ଡାକିବେ ନାହିଁ..... ଏବଂ ଜଣେ ଅନ୍ୟଜଣଙ୍କ ବିପକ୍ଷରେ ନରମ ଶବ୍ଦ ବ୍ୟବହାର କରିବେ । କୁଭାଷା ଓ ଗାଳିଗୁଲଜରୁ ନିବୃତ ରହିବେ ।

ମୋକଦ୍ଦମାଟିକୁ ଖାରଜ କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ମିଷ୍ଟର୍ ଜେ. ଏମ୍. ଡୁଇ ଏହା ମଧ୍ୟ କହିଲେ କି ଯେଉଁ ଖରାପ ଶବ୍ଦଗୁଡିକ ମୁହମ୍ମଦ୍ ହୁସେନ୍ ଏବଂ ତାଙ୍କ ସାଙ୍ଗସାଥିମାନେ ଆପଣଙ୍କ ସମ୍ବନ୍ଧରେ ପ୍ରକାଶ କରିଛନ୍ତି ସେଥିରେ ଆପଣଙ୍କୁ ଏ ହକ୍ ଥିଲା କି ଆପଣ ଅଦାଲତ ଜରିଆରେ ନ୍ୟାୟ ମାଗିପାରିଥାଆନ୍ତେ ଏବଂ ବିଋର କରାଇପାରିଥାଆନ୍ତେ ଏବଂ ସେହି ହକ୍ ଏବେ ମଧ୍ୟ କାଏମ୍ ଅଛି । ଅଲ୍ଲାଃତାଲାଙ୍କର ଶକ୍ତି ଦେଖନ୍ତି କି ଯେଉଁ ମୋକଦ୍ଦମା ଆପଣ ଆ:ସଙ୍କ ବିପକ୍ଷରେ ଲଗାଯାଇଥିଲା ଆପଣ ନିଜ ପେଶ୍‌ଗୋଇ ମୁତାବକ ସସମ୍ମାନେ ମୁକୁଳିଲେ । ଏବଂ ଏହାର ବିପକ୍ଷରେ ମୁହମ୍ମଦ୍ ହୁସେନ୍ ବଟାଲୁଭି ଭୀଷଣ ଅପମାନିତ ହେଲା ।

### ମୋକଦ୍ଦମା ନଂ-୫
### ଗୁଡ୍‌ଗାଓଁ ମୋକଦ୍ଦମା

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଜାନୁଆରୀ ୧୮୯୭ ମସିହାରେ ଇସାଇମାନଙ୍କ ଏକହଜାର ଟଙ୍କାର ଗୋଟିଏ ପୁରସ୍କାର ମୂଳକ ଇସ୍ତେହାର୍ ଦେଲେ ଯେଉଁଥିରେ ଆପଣ ଆ:ସ ଉଲ୍ଲେଖ କରିଥିଲେ କି ମୋର ଦାବୀ ହେଉଛି ଯୀଶୁଙ୍କ ଭବିଷ୍ୟବାଣୀ ଗୁଡିକ ତୁଳନାରେ ମୋ ପେଶ୍‌ଗୋଇ ଓ ନିଦର୍ଶନ ଗୁଡିକ ହେଉଛି ଅଧିକା । ଯଦି କୌଣସି ପାଦ୍ରୀ ମୋ ପେଶ୍‌ଗୋଇ ତୁଳନାରେ ଯୀଶୁଙ୍କ ନିଦର୍ଶନ ଗୁଡିକୁ ପ୍ରମାଣିତ କରି ଅଧିକା ବୋଲି ଦେଖାଇଦେବେ ତେବେ ମୁଁ ଏକହଜାର ଟଙ୍କା ନଗଦ ଦେବି । କିନ୍ତୁ ଏଥିରେ କୌଣସି ଇସାଇ ସାମନାକୁ ଆସିଲେ ନାହିଁ । କିନ୍ତୁ ଜଣେ ମୁସଲ୍‌ମାନ୍ ଜ୍ଞାନୀ ଅସ୍‌ଗର୍ ଅଲୀ ହୁସେନ୍ ସାହେବ୍ ଗୁଡ୍‌ଗାଓଁଠାରେ ଲାଲା ଜ୍ୟୋତିପ୍ରସାଦ ସାହେବ୍‌ଙ୍କ ଅଦାଲତରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଖିଲାଫ୍‌ରେ ନାଲିସ୍ କଲା କି ମୁଁ ଏହି ଚ୍ୟାଲେଞ୍ଜ୍‌କୁ ଗ୍ରହଣ କରୁଅଛି । କାରଣ ମୁଁ ମଧ୍ୟ ହଜ୍‌ରତ୍ ଇସା ଆ:ସଙ୍କୁ ବିଶ୍ୱାସ କରୁଛି । ସେଥିଯୋଗୁ ମୁଁ ମଧ୍ୟ ହେଉଛି ଇସାଇ । ତେଣୁ ମୋତେ ମିର୍ଜା ସାହେବ୍‌ଙ୍କ ଇସ୍ତେହାର୍ ମୁତାବକ ଏକ ହଜାର ଟଙ୍କା ଦିଆଯାଉ । ଖବରକାଗଜ "ଆମ୍" ଏବଂ "ସତ୍ ଧରମ୍" ଇତ୍ୟାଦି ହିନ୍ଦୁମାନଙ୍କ ଖବରକାଗଜ ଗୁଡିକ ଯେତେବେଳେ ଏ ସମ୍ବନ୍ଧରେ ଜାଣିଲେ ସେତେବେଳେ ସେମାନେ ଲମ୍ବା ଚଉଡା ବିରୋଧପୁର୍ଣ୍ଣ ନୋଟ୍ ଲେଖିଲେ ।

ସେ ଯାହାହେଉ ମୋକଦ୍ଦମାର ସମନ୍‌ଟି କାଦିଆନ୍‌ରେ ପହଂଚିଲା । ଏଥିରେ ହଜ୍‌ରତ୍ ମସହ୍ ମଉଦ୍ ଆସେ ମୋକରମ୍ ମୌଲବୀ ମୁହମ୍ମଦ୍ ଅଲ୍ଲୀ ସାହେବ୍ ଏମ୍.ଏ, ମୋକରମ୍ ମିର୍ଜା ଖୁଦା ବଖଶ୍ ସାହେବ୍ ର:ଅ ଏବଂ ମୋକରମ୍ ମିର୍ଜା ଅଫ୍‌ଜଲ୍ ବେଗ୍ ସାହେବ୍‌ଙ୍କୁ ମୋକଦ୍ଦମା ଅନୁସରଣ ନିମନ୍ତେ ଗୁଡ୍‌ଗାଓଁ ପଠାଇଲେ । ଲାଲା ଜ୍ୟୋତି ପ୍ରସାନ ସାହେବ୍ ଅଳ୍ପ କିଛି କାରବାଇ କରିବା ପରେ ମୋକଦ୍ଦମାଟିକୁ ଖାରଜ କରିଦେଲେ ଓ ମୁହଁରେ କହିଲେ କି  ଏହି ମୋକଦ୍ଦମାଟି ଶୁଣାଣୀ ଯୋଗ୍ୟ ନଥିଲା କିନ୍ତୁ ମୁଁ ଏଥିପାଇଁ ରଖିଥିଲି କି ଏହି ବାହାନାରେ ହଜ୍‌ରତ୍ ମିର୍ଜା ସାହେବ୍‌ଙ୍କ ଦର୍ଶନ ମିଳିଯିବ କିନ୍ତୁ ସେ ଆସିଲେ ନାହିଁ ତେଣୁ ଏହାକୁ ମୁଁ ଶେଷ କରୁଅଛି । (ତାରିଖେ ଅହେମଦୀୟତ୍, ଖଣ୍ଡ-୨, ପୃଷ୍ଠା-୬୨)

ମୋକଦ୍ଦମା ନଂ-୬

### ମୋକଦ୍ଦମା ମୌଲବୀ କରମ୍‌ଦୀନ୍
### (ପ୍ରଥମ ମୋକଦ୍ଦମା ମୌଲବୀ କରମ୍‌ଦୀନ୍ ସାହେବ୍‌ଙ୍କ ତରଫରୁ)

ମୌଲବୀ କରମ୍‌ଦୀନ୍ ସାହେବ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏବଂ ହକିମ୍ ଫଜଲ୍‌ଦୀନ୍ ସାହେବ୍‌ଙ୍କ ନାମରେ ଚିଠି ଲେଖିଲେ ଯେ ପୀର୍ ମେହର୍ ଅଲୀ ଶାହ୍ ସାହେବ୍ ଗୋଲଡୁଭିଙ୍କ ପୁସ୍ତକ "ସୈଫେ ଚିଶ୍‌ତିୟାଇ" ବାସ୍ତବରେ ମୌଲବୀ ମୁହମ୍ମଦ୍ ହସନ୍ ଫୈଜି ସାହେବ୍‌ଙ୍କର ଇଲ୍‌ମି ସୁର୍‌କା (ଜ୍ଞାନରୁ ଚୋରି କରାଯାଇଥିବା ଲେଖା) ଅଟେ ଏବଂ ମୌଲବୀ କରମ୍‌ଦୀନ୍ ସାହେବ୍ ତାର ପ୍ରମାଣ ରୂପେ ଉକ୍ତ କାର୍ଡ୍‌ଟିକୁ ମଧ୍ୟ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ପଠାଇଲେ ଯାହାକୁ ପୀର୍ ସାହେବ୍ ତାଙ୍କ ନାମରେ ଗୋଲଡାଃରୁ ପଠାଇଥିଲେ । ହଜ୍‌ରତ୍ ମସିହ୍ ମଉଦ୍ ଆ;ସ ସେହି ସମୟରେ ନୁଜୁଲୁଲ୍ ମସିହ୍ ପୁସ୍ତକଟିକୁ ଲେଖୁଥିଲେ । ହଜୁର୍ ଆ:ସ ସେହି ଚିଠିଟିକୁ ତାଙ୍କ ପୁସ୍ତକରେ ଦରଜ କରିଦେଲେ । ସେହିପରି ଏଡ଼ିଟର୍ ଅଖ୍‌ବାର୍ ଅଲ୍‌ହକମ୍ ମଧ୍ୟ ତାଙ୍କ ଅନୁସାରେ ଗୋଟିଏ ବିଷୟ ମଧ୍ୟ ଛପାଇ ପ୍ରକାଶ କରିଦେଲେ ଯେଉଁଥିରେ ସେହି ଚିଠିଗୁଡିକର ନକଲ ଗୁଡିକୁ ମଧ୍ୟ ଦରଜ କରିଦେଲେ । ଯେତେବେଳେ ସେ ସବୁ ପ୍ରକାଶ ହୋଇଗଲା ଏଥିରେ ମୌଲବୀ କରମ୍‌ଦୀନ୍ ସାହେବ୍ ଗୋଟିଏ ମଜ୍‌ମୁନ୍ (ବିଷୟ) ଲେଖିଲେ ଯାହାକୁ ସିରାଜୁଲ୍ ଅଖ୍‌ବାର୍ ଝେଲମ୍ ପ୍ରକାଶ କଲା କି ଏହି ସବୁ ଚିଠିଗୁଡିକ ଜାଲ୍ ଚିଠି । ମୁଁ ତ ମିର୍ଜା ସାହେବ୍‌ଙ୍କ ଜ୍ଞାନକୁ ପରୀକ୍ଷା କରିବା ପାଇଁ ଧୋକା ଦେଇଥିଲି ଏବଂ ଏକଥା ମଧ୍ୟ ଲେଖିଲା କି ମିର୍ଜା ସାହେବ୍‌ଙ୍କର ସବୁକାମ ହେଉଛି ଧୋକା ଓ ମିର୍ଜା ସାହେବ୍ ତାଙ୍କ ଦାବୀରେ ମିଥ୍ୟାବାଦୀ ଓ ଧୋକାବାଜ୍ ଅଟନ୍ତି । ମୌଲବୀ କରମ୍‌ଦୀନ୍‌ଙ୍କର ଏହି ଲେଖାରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଏ ହକ୍ ଥିଲା କି ନିଜକୁ ସେଥିରୁ ନିର୍ଦ୍ଦୋଶ ପ୍ରମାଣ କରିବା ପାଇଁ ଅଦାଲତ ଯାଇପାରିଥାଆନ୍ତେ କିନ୍ତୁ ଆପଣ ଆ:ସ ଧୈର୍ଯ୍ୟର ସହିତ କାମ ନେଲେ ଓ ଏ ଅପେକ୍ଷାରେ ରହିଲେ କି ମୌଲବୀ କରମ୍‌ଦୀନ୍ ସାହେବ୍ ନିଜେ ଉକ୍ତ ମଜ୍‌ମୁନ୍‌ଟିକୁ ରଦ୍ଦ ହେବାର ପ୍ରକାଶ କରିଦିଅନ୍ତୁ । କିନ୍ତୁ ସେ ଏକମାସ ପର୍ଯ୍ୟନ୍ତ ତର୍‌ଦିଦ୍ (ରଦ୍ଦ) କଲାନାହିଁ । ଏଥିରେ ମୋକରମ୍ ହକିମ୍ ଫଜଲ୍‌ଦିନ୍ ସାହେବ୍ ଜିଆଉଲ୍ ଇସ୍‌ଲାମ୍ ପ୍ରେସ୍ କାଦିଆନ୍‌ର ମାଲିକ (ଯାହାଙ୍କ ନାମରେ ମୌଲବୀ କରମ୍‌ଦୀନ୍ ସାହେବ୍ ପ୍ରାରମ୍ଭରେ ଚିଠି ଲେଖିଥିଲେ) କରମ୍‌ଦୀନ୍ ସାହେବ୍‌ଙ୍କ ଖିଲାଫରେ ଗୁର୍‌ଦାସ୍‌ପୁର୍‌ଠାରେ ଇସ୍ତେଗାସା (ବାଦପତ୍ର) ଦାଏର୍ କରିଦେଲେ । ଏହି ମୋକଦ୍ଦମାର ସାକ୍ଷ୍ୟ ଗ୍ରହଣ ହେଉଥିଲା କି ମୌଲବୀ କରମ୍‌ଦୀନ୍ ମୁଦ୍ରଣ ଅପେକ୍ଷାରେ ଥିବା ପୁସ୍ତକ "ନୁଜୁଲୁଲ୍ ମସିହ୍"ର କିଛି ଫର୍ଦ୍ଦ ଉପସ୍ଥାପନ କଲେ ଯେଉଁଥିରେ ହକିମ୍ ଫଜଲ୍‌ଦିନ୍ ସାହେବ୍ ମୌଲବୀ କରମ୍‌ଦୀନ୍‌ଙ୍କ ଉପରେ ଦ୍ୱିତୀୟ ବାଦପତ୍ର ଦାଏର୍ କରିଦେଲେ କି ମୁଁ ପ୍ରେସ୍‌ର ମାଲିକ ହୋଇଥିବାରୁ ଏହି ପୁସ୍ତକଟି ହେଉଛି ମୋର ସମ୍ପତି, ଯାହା ବର୍ତମାନ ପର୍ଯ୍ୟନ୍ତ ପ୍ରକାଶ ମଧ୍ୟ ହୋଇନାହିଁ । ତେଣୁ ଏହାର ମାଲ୍ ଚୋରି ହୋଇଯାଇଛି । ଏବଂ ମୌଲବୀ କରମ୍‌ଦୀନ୍ ସାହେବ୍ ସେ କାଗଜଗୁଡିକୁ ନିଜ ପାଖରେ ରଖିବା ହେଉଛି ଅପରାଧ । ସୁତରାଂ ମୌଲବୀ କରମ୍‌ଦୀନ୍ ସାବେହ୍ ମୋକରମ୍ ଶେଖ୍ ୟାକୁବ୍ ଅଲୀ ସାହେବ୍ ତୁରାବ୍ ଏଡିଟର୍ ଅଲ୍‌ହକମ୍‌ଙ୍କ ଖିଲାଫରେ ମଧ୍ୟ ବହୁତ ଅନାପ ସନାପ ବାଚାଳାମି କଥା କହିଥିଲା । ସେଥିଯୋଗୁ ଶେଖ୍ ସାହେବ୍ ମଧ୍ୟ ମୌଲବୀ କରମ୍‌ଦୀନ୍‌ଙ୍କ ଉପରେ ଏବଂ ମୌଲବୀ ଫକୀର୍ ମୁହମ୍ମଦ୍ ସାହେବ୍ ଏଡ଼ିଟର୍ ସିରାଜୁଲ୍ ଅଖ୍‌ବାର୍ ବିରୋଧରେ ଦାବୀପତ୍ର ଦାଏର୍ କରିଦେଲେ । ଏବଂ ଏହିପରି ମୌଲବୀ କରମ୍‌ଦୀନ୍ ସାହେବ୍‌ଙ୍କ ଉପରେ ତିନୋଟି ଇସ୍‌ତେଗାସେ (ବାଦପତ୍ର) ଦାଏର୍ ହୋଇଗଲା । ଏହି ଇସ୍‌ତେଗାସ୍‌ର ଉତରରେ ମୌଲବୀ କରମ୍‌ଦୀନ୍ ସାହେବ୍ ମଧ୍ୟ ରାଏ ସନ୍‌ସାର୍ ଚନ୍ଦ୍ ସାହେବ୍‌ଙ୍କ ଅଦାଲତ ଝେଲମ୍‌ଠାରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ, ମୋକରମ୍ ଅବ୍‌ଦୁଲ୍ଲାଃ କସ୍‌ମିରି ସାହେବ୍ ଏବଂ ଶେଖ୍ ୟାକୁବ୍ ଅଲୀ ତୁରାବ ସାହେବଙ୍କ ନାମରେ ଇସ୍ତେଗାସା ଦାଏର୍ କରିଦେଲେ ।  ଏହି ମୋକଦ୍ଦମାରେ ହଜୁର୍ ଏବଂ ସାହେବାଙ୍କ ନାମରେ ୱାରେଂଟ୍ ଜାରି ହୋଇଗଲା ଓ ପେଶି (କୋର୍ଟ୍‌ରେ ହାଜର ହେବାର) ତାରିଖ ୧୭ ଜାନୁୟାରୀ ୧୯୦୩ ଧାର୍ଯ୍ୟ ହେଲା । ଏହି ମୋକଦ୍ଦମା ଯୋଗୁ ବିରୋଧି ଖବରକାଗଜ ଗୁଡିକ ବହୁତ ଖୁସି ପ୍ରକାଶ କଲେ ।

ଝେଲମ୍ ଯାତ୍ରା କରିବାର ପ୍ରସ୍ତୁତି ପୂର୍ବରୁ ପ୍ରଥମ କାମ ଥିଲା ପୁସ୍ତକ "ମୱାହିବୁର୍ ରହ୍‌ମାନ" କୁ ଛପାଇ ପ୍ରକାଶ କରିବା । ଯେଉଁଥିରେ ଏ ପେଶ୍‌ଗୋଇ ଥିଲା କି ଅଲ୍ଲାଃତଆଲା ଏହି ମୋକଦ୍ଦମାରେ ସଫଳତା ପ୍ରଦାନ କରିବେ । ଏହି ପୁସ୍ତକଟି ୧୫ ଜାନୁୟାରୀ ଦିନ ମୁଦ୍ରିତ ହୋଇ ପ୍ରକାଶ ପାଇଗଲା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଧାର୍ଯ୍ୟ ତାରିଖ ଦିନ ଝେଲମ୍ ପହଂଚିଲେ । ତୃତୀୟ ପ୍ରହର ଠିକ୍ ୩ଟା ବେଳେ ଅଦାଲତର କୋଠରୀ ଭିତରେ ପ୍ରବେଶକ କଲେ । ମୋକଦ୍ଦମାର କାରବାଇ ଆରମ୍ଭ ହେଲା । ହଜୁର୍‌ଙ୍କ ତରଫରୁ ଲଢୁଥିବା ଓକିଲଙ୍କ ତରଫରୁ ଇଏ ପ୍ରଶ୍ନ ଉଠାଗଲା କି କାନୁନ୍ ଦୃଷ୍ଟିକୋଣରୁ ମୌଲବୀ କରମ୍‌ଦୀନ୍ ସାହେବ୍‌ଙ୍କୁ ଦାବୀପତ୍ର ଦାଏର୍ କରିବାର ହକ୍‌ନାହିଁ କାରଣ ସେ ମୃତବ୍ୟକ୍ତିଙ୍କ ନିକଟ ସମ୍ପର୍କୀୟ ନୁହଁନ୍ତି । ପରିଶେଷରେ ମାଜିଷ୍ଟ୍ରେଟ୍ ୧୯ ଜାନୁୟାରୀ ଦିନ ଫୈସ୍‌ଲା କରିବା ପାଇଁ ଧାର୍ଯ୍ୟ କଲେ । ଏକଥା ମଧ୍ୟ କହିଲେ କି ଏବେ ଦୁଇପକ୍ଷଙ୍କୁ ଝେଲମ୍‌ରେ ରହିବା କୌଣସି ଆବଶ୍ୟକତା ନାହିଁ । ଓକିଲମାନଙ୍କ ଜରିଆରେ ନିଷ୍ପତି ଶୁଣାଇ ଦିଆଯିବ । ଏଥିରେ ହଜୁର୍ ଆ;ସ କାଦିଆନ୍ ଫେରିଆସିଲେ । ଅଦାଲତ୍ ପୂର୍ବ ଘୋଷଣା ମୁତାବକ ୧୯ ଜାନୁୟାରୀ ୧୯୦୩ ରେ ନିଷ୍ପତି ଶୁଣାଇ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ନିର୍ଦ୍ଦୋଶୀ ସାବ୍ୟସ୍ତ କଲା । ଏବଂ ମୌଲବୀ କରମ୍‌ଦୀନ୍ ସାହେବ୍‌ଙ୍କ ଇସ୍ତେଗାସା ଗୁଡିକ ଖାରଜ କରିଦେଲା ଓ ଏହି ନିଷ୍ପତି ଉପରେ ଏହା ଲେଖିଦଲା କି ମୁହମ୍ମଦ୍ ହସନ୍ ଫୈଜୀ ସାହେବ୍‌ଙ୍କ ବିଧବା ପତ୍ନୀ ଏବଂ ତାଙ୍କ ସନ୍ତାନ ମାନଙ୍କ ଉଉସ୍ଥିତିରେ ମୌଲବୀ କରମ୍‌ଦୀନ୍ ସାହେବ୍‌ଙ୍କୁ ଇସ୍ତେଗାସା ଦାଏର୍ କରିବାର କୌଣସି ପ୍ରକାର କାନୁନି ହକ୍ ନାହିଁ । ଏହି ନିଷ୍ପତିରେ ମୌଲବୀ କରମ୍‌ଦୀନ୍ ସାହେବ୍ ଝେଲମ୍‌ର ଅଦାଲତଙ୍କ ଶେସନ୍ ଜଜ୍‌ଙ୍କ ନିକଟରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ହକିମ୍ ଫଜଲ୍ ଦୀନ୍ ସାହେବ୍, ମୌଲବୀ ଅବ୍‌ଦୁଲ୍ଲାଃ ସାହେବ୍ ଏବଂ ଏଡ଼ିଟର୍ ଅଖ୍‌ବାର୍ ଅଲହକମ୍‌ଙ୍କ ଖିଲାଫରେ ପୁନଃ ନିରୀକ୍ଷଣ କରିବାର ଦାଏର୍ କଲେ କିନ୍ତୁ ତାକୁ ମଧ୍ୟ ଖାରଜ କରିଦିଆଗଲା । ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଓ ଆପଣ ଆ:ସଙ୍କ ସାହାବାମାନେ ସସମ୍ମାନେ ନିର୍ଦ୍ଦୋଷରେ ଖଲାସ ହେଲେ ।

(ତାରିଖେ ଅହେମଦୀୟତ୍,
ଖଣ୍ଡ-୨, ପୃଷ୍ଠା-୨୬୧)

**ମୋକଦ୍ଦମା ନଂ-୭**

**ମୋକଦ୍ଦମା ମୌଲବୀ କରମ୍‌ଦୀନ୍**

ମୌଲବୀ କରମ୍‌ଦୀନ୍ ସାହେବ୍‌ଙ୍କୁ ତାଙ୍କ ପ୍ରଥମ ମୋକଦ୍ଦମାରେ ପରାଜୟ ମିଳିଲା । ତେଣୁ ସେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏବଂ ଜିଆଉଲ୍ ଇସ୍‌ଲାମ୍ ପ୍ରେସ୍ କାଦିଆନ୍‌ର ମାଲିକ ହକିମ୍ ଫଜଲ୍ ଦୀନ୍ ସାହେବ୍‌ଙ୍କ ଖିଲାଫରେ ଜାନୁୟାରୀ ୧୯୦୩ ମସିହାରେ ଦ୍ୱିତୀୟ ଫୌଜଦାରୀ ମୋକଦ୍ଦମା ଜିଲ୍ଲା ଝେଲମ୍‌ର ମାଜିଷ୍ଟ୍ରେଟ୍ ରାୟ ସଂସାରଚନ୍ଦ୍ ସାହେବଙ୍କ ଅଦାଲତରେ ଦାଏର୍ କରିଦେଲା । ଏହି ମୋକଦ୍ଦମା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପୁସ୍ତକ "ମୱାହିବୁର୍ ରହ୍‌ମାନ୍" ପୃଷ୍ଠା-୧୨୯ରେ ଲେଖାଯାଇଥିବା ଉକ୍ତ ଶବ୍ଦଗୁଡିକ ଆଧାରରେ ଦାଏର୍ କରାଯାଇଥିଲା ଯେଉଁଥିରେ ତାଙ୍କ ନିମନ୍ତେ ମିଥ୍ୟାବାଦୀ, ଅଭିଶପ୍ତ ଏବଂ ମହାଲାଞ୍ଛିତର ଶବ୍ଦ ବ୍ୟବହାର କରାଯାଇଥିଲା ଏବଂ ସେ ଅଦାଲତରେ ଏ ବୟାନ୍ ଦେଲେ କି ଜିଆଉଲ୍ ଇସ୍‌ଲାମ୍ ପ୍ରେସ୍‌ରେ ଛପାଯାଇଥିବା ମିର୍ଜା ସାହେବ୍‌ଙ୍କର ଏହି ପୁସ୍ତକଟିକୁ ପ୍ରେସ୍‌ର ମାଲିକ ହକିମ୍ ଫଜଲ୍‌ଦିନ୍ ସାହେବ୍ ଏହି ଶବ୍ଦଗୁଡିକୁ ମୋ ନିମନ୍ତେ ଦରଜ କରିଦେଇଛନ୍ତି ଓ ଏହି ଅପମାନ ଜନକ ଶବ୍ଦଗୁଡିକରେ ଏକଥାର ଉପମା ଦିଆଯାଇଛି କି ଯେପରି ମୁଁ ହେଉଛି ଜଣେ କାଫିର୍ । ଏହି ଖବର ଯେତେବେଳେ ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍‌ଙ୍କ ନିକଟରେ ପହଂଚିଲା ଏଥିରେ ଆପଣ ଆ:ସ କହିଲେ କି ଏହି ଇସ୍ତେଗାସା ଆମ ଉପରେ ନୁହେଁ ଅଲ୍ଲାଃତାଲାଙ୍କ ଉପରେ ଲଗାଯାଇଥିବାର ଜଣାପଡୁଛି.... ମୁଁ ଏ ବିଶ୍ୱାସ ରଖିଛି କି ଇଶ୍ୱର ବହୁତ ଦୃଢ଼ତାର ସହିତ ଏହାର ସତ୍ୟତାକୁ ପରିପ୍ରକାଶ କରିଦେବେ ଯଦ୍ୱାରା ହତ୍ୟା ମୋକଦ୍ଦମାରେ ତା'ର ଯେଉଁ ଅଭିଳାସା ଥିଲା ତାହା ବାକି ରହିବ ନାହିଁ କି କାହିଁକି ମୁକୁଳିଗଲା । (ଅଲ୍‌ହକମ୍, ୧୪ ଫେବୃୟାରୀ ୧୯୦୩) ମୋକଦ୍ଦମାଟି ଏବେ ପ୍ରାରମ୍ଭିକ ପର୍ଯ୍ୟାୟରେ ଥିଲା କି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଏହାର ପରିଣାମ ବିଷୟରେ ଅଲ୍ଲାଃତାଲା ଖବର ଦେବା ଆରମ୍ଭ କରିଦେଇଥିଲେ । ମୋକଦ୍ଦମାଟି ଝେଲ୍‌ମ୍‌ରୁ ସ୍ଥାନାନ୍ତରିତ ହୋଇ ଗୁର୍‌ଦାସ୍‌ପୁର୍ ଚାଲିଗଲା । ଗୁର୍‌ଦାସ୍‌ପୁର୍ ଅଦାଲତ୍‌ର ମାଜିଷ୍ଟ୍ରେଟ୍ ଜଣେ କଟର୍ ଓ ପକ୍ଷପାତି କରୁଥିବା ଆର୍ୟା ଲାଲା ଚନ୍ଦୁଲାଲ୍ ଥିଲେ । ଅଗଷ୍ଟ ୧୯୦୩ ମସିହାରେ ଏହି ମୋକଦ୍ଦମାର ପେଶି ହେଲା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ତରଫରୁ ଏ ଦରଖାସ୍ତ ଉପସ୍ଥାପନ କରାଗଲା କି ଅଦାଲତରେ ମିର୍ଜା ସାହେବ୍ କୌଣସି କାରଣ ବଶତଃ ହାଜର ହୋଇପାରିବେ ନାହିଁ ତେଣୁ କ୍ଷମା କରାଯାଉ । କିନ୍ତୁ ଏ ଦରଖାସ୍ତଟି ରଦ୍ଦ ହୋଇଗଲା । ଅକ୍ଟୋବର ୧୯୦୩ ମସିହାରେ ଶୁଣାଣି ଚାଲିଥିବା ସମୟରେ କରମ୍‌ଦୀନ୍ ସାହେବ୍ ଅଦାଲତରେ ବୟାନ୍ ଦେଲେ କି ମଁ ଏ ଓ୍ୱାନ୍ କୌମ୍‌ର ଜଣେ ବିଶିଷ୍ଟ ଲୋକ ଓ ହଜ୍‌ରତ୍ ଅଲୀ ର:ଅଙ୍କ ବଂଶଜ ଅଟେ । ତେଣୁ ଯେଉଁ ବାକ୍ୟଗୁଡିକ ମୋ ନିମନ୍ତେ ଏହି ପୁସ୍ତକରେ ବ୍ୟବହାର କରାଯାଇଛି ଏଥିରେ ମୋର ଭୀଷଣ ଅପମାନ ହେଉଛି । ନଭେମ୍ବର୍ ୧୯୦୩ ମସିହାରେ ପୁଣି ସେହି ମୋକଦ୍ଦମାର ଶୁଣାଣି ହେଲା । ମୌଲବୀ କରମ୍‌ଦୀନ୍ ସାହେବ୍ ବହୁବାର ବୟାନ ଦେଲେ ଓ ସରକାରଙ୍କ ଦୃଷ୍ଟିରେ ନିଜର ସମ୍ମାନ ଫେରିପାଇବା ପାଇଁ ନିବେଦନ କଲା ଓ ଏକଥାକୁ ଅସ୍ୱୀକାର କଲା ଯେ "ସିରାଜୁଲ୍ ଅଖ୍‌ବାର୍" ଖବରକାଗଜରେ ଯେଉଁ ମଜ୍‌ମୁନ୍ (ପ୍ରବନ୍ଧ)ଟି ପ୍ରକାଶ ପାଇଛି ତାହା ମୋର ନୁହେଁ ଏବଂ ମୁଁ ହକିମ୍ ଫଜଲ୍‌ଦୀନ୍ ସାହେବ୍‌ଙ୍କ ନିକଟକୁ କୌଣସି ଚିଠି ଲେଖିନାହିଁ । ସେହିଦିନ ଗୁଡିକରେ ମୌଲବୀ ସନାଉଲ୍ଲାଃ ସାହେବ୍ ଅମ୍‌ରତ୍‌ସରୀ ମଧ୍ୟ ସାକ୍ଷୀ ରୂପେ ପେଶ୍ ହେଲେ ଓ ଏ ବୟାନ୍ ଦେଲେ କି ମୁଁ ମୌଲବୀ କରମ୍ ଦୀନ୍ ସାହେବ୍‌ଙ୍କୁ ଜଣେ ଜ୍ଞାନୀ ମୌଲବୀ ଓ ମୁସଲ୍‌ମାନ୍‌ଙ୍କ ଲିଡର୍ ରୂପେ ଜାଣିଛି । ଲଇମ୍ (ଅଭିଷପ୍ତ) ଶବ୍ଦଟି ବହୁତ ନିଛ ଭାଷା ଅଟେ । ତାଙ୍କ ପରେ ମୌଲବୀ ମୁହମ୍ମଦ୍ ଅଲୀ ସାହେବ୍‌ଙ୍କ ସାକ୍ଷପ୍ରଦାନ ହେଲା । ସେ ବିଭିନ୍ନ ଅଭିଧାନରୁ ଓ ପବିତ୍ର କୋରାନ୍‌ର ବିଭିନ୍ନ ଅନୁବାଦରୁ କଜ୍ଜାବ୍ (ମିଥ୍ୟାବାଦୀ) ଏବଂ ଲଇମ୍ (ଅଭିଷପ୍ତ)ର ଅର୍ଥ ସ୍ୱଷ୍ଟ କଲେ । ଡିସେମ୍ବର୍ ୧୯୦୩ ମସିହାରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ମୌଲବୀ କରମ୍‌ଦୀନ୍ ସାହେବ୍‌ଙ୍କ ଯୁକ୍ତିର ଉତରରେ ନିଜର ବିଶେଷ ଅକାଇଦ୍ (ଆସ୍ଥା ଓ ବିଶ୍ୱାସ)ର ଗୋଟିଏ ସୂଚୀପତ୍ର ଅଦାଲତରେ ଦାଖଲ କଲେ ଯେଉଁଥିରେ ହଜୁର୍ ଆ:ସ ନିଜର ମତକୁ ରଖିଥିଲେ ଓ କହିଲେ କି "ମୁଁ ମିର୍ଜା ଗୁଲାମ୍ ଅହେମଦ୍ ମସିହ୍ ମଉଦ୍ ମେହ୍‌ଦୀ ମାହୁଦ୍ ଏବଂ ଇମାମୁଜ ଜମାଁ ଏବଂ ମୁଜଦିଦେ ଓ୍ୱକ୍ତ (ଯୁଗ ସୁଧାରକ) ଏବଂ ଛାୟା ସଦୃଶ ରସୁଲ୍ ଏବଂ ନବିଉଲ୍ଲାଃ (ଅଲ୍ଲାଃଙ୍କ ନବୀ) ଅଟେ" । (ରିସାଲା ଅଲ୍‌ଫୁର୍‌କାନ୍ ଜୁଲାଇ ୧୯୪୨) ୧୪ ଜାନୁୟାରୀ ୧୯୦୪ରେ ଗୁର୍‌ଦାସ୍‌ପୁର୍‌ଠାରେ ପୁଣି ଶୁଣାଣୀ ହେବାର ଥିଲା । କିନ୍ତୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଅସୁସ୍ଥତା କାରଣରୁ ଅଦାଲତରେ ହାଜିର୍ ହୋଇପାରିଲେ ନାହିଁ ଓ ଡାକ୍ତରୀ ସାର୍ଟିଫିକେଟ୍ ଅନୁସାରେ ଆପଣ ଆସଙ୍କୁ ଗୋଟିଏ ମାସର ଛୁଟି ମିଳିଗଲା । ଏହି ମୋକଦ୍ଦମାଟି ଅତ୍ୟନ୍ତ ଜଟିଳ ପରିସ୍ଥିତିରେ ପହଂଚିଥିଲା । କାରଣ ଏହି ମୋକଦ୍ଦମାଟି ଲାଲା ଚନ୍ଦୁଲାଲ୍ ସାହେବ୍ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତରେ ଥିଲା ଏବଂ ସେ ଖୋଲାଖୋଲି ରୂପେ ଶତୃତା କରିବା ପାଇଁ ପ୍ରସ୍ତୁତ ରହିଥିଲା । ଲାଲା ଚନ୍ଦୁଲାଲ୍ ଏ ଯୋଜନା କରିସାରିଥିଲା କି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଗୋଟିଏ ଦୀନପାଇଁ ହେଲେ ମଧ୍ୟ ନିଶ୍ଚିତ ରୂପେ ନଜର୍ ବନ୍ଦୀ କରିଦିଆଯିବ । କିନ୍ତୁ ମାଜିଷ୍ଟ୍ରେଟ୍‌ର ଏହି ଅପବିତ୍ର ଯୋଜନା ଅସଫଳ ହେଲା । ଏ ସମ୍ବନ୍ଧରେ ଆର୍‌ୟାମାନଙ୍କର ଗୋଟିଏ ମିଟିଂ ହେଲା ଯେଉଁଥିରେ ଉକ୍ତ ମାଜିଷ୍ଟ୍ରେଟ୍‌କୁ ଜୋର୍ ଦିଆଗଲା କି ଇଏ ଆମ ଲିଡର୍ ପଣ୍ଡିତ ଲେଖ୍‌ରାମ୍‌ର ହତ୍ୟାକାରୀ ଏବଂ ସେ ଆପଣଙ୍କ ହାତର ଶିକାର ଅଟନ୍ତି । ଏବଂ ଆମର ପୁରା ଜାତିଙ୍କର ଦୃଷ୍ଟି ଆପଣଙ୍କୁ ଚାହିଁ ରହିଛି କି ଆପଣ ଏହି ଶିକାରକୁ ଯଦି ହାତଛଡା କରିବେ ତେବେ ଆପଣ ଏ ଜାତିର ଶତୃ ହୋଇଯିବେ । ଏଥିରେ ଲାଲା ଚନ୍ଦୁଲାଲ୍ ସାହେବ୍ ଏ ଉତର ଦେଲା କି ମୋତେ ଯଦି ଅଧିକାର ମିଳନ୍ତା ତେବେ ମୁଁ ମିର୍ଜା ସାହେବ୍ ଓ ତାଙ୍କର ଯେତେ ସାଙ୍ଗସାଥି ଅଛନ୍ତି ସେ ସମସ୍ତଙ୍କୁ ନର୍କରେ ପହଂଚାଇ ଦିଅନ୍ତି । କିନ୍ତୁ ମୋ ପାଖରେ ସେ ଅଧିକାର ନାହିଁ । କିନ୍ତୁ ଏବେ ମୁଁ ସମ୍ପୂର୍ଣ୍ଣ ଚେଷ୍ଟା କରିବି ଯେ ଏହି ପେଶୀରେ ଅଦାଲତର କାରବାଇକୁ କାର୍ଯ୍ୟକ୍ଷମ କରାଇବି । (ଅର୍ଥାତ୍ ବିନା କୌଣସି ଜମାନତ୍ ଗ୍ରହଣ କରି ଗିରଫ୍ କରି ହଓ୍ୱାଲାତ୍‌ରେ ଦେଇଦେବି) ମୁନ୍‌ସି ମୁହମ୍ମଦ୍ ହୁସେନ୍ ସାହେବ୍ ଯିଏ ଏ ସିଲ୍‌ସିଲାର ମୁଖାଲିଫ୍ ଥିଲେ ଏବଂ ଗୁର୍‌ଦାସ୍‌ପୁର୍ ଅଦାଲତରେ ମୋହରିର୍ ଥିଲେ, ସେ ମଧ୍ୟ ନିଜର ଜଣେ ଆର୍‌ୟା ସାଥିଙ୍କ ସହିତ ମିଟିଂ ହେଉଥିବା ଯାଗାକୁ ଯାଇଥିଲେ । ସେ ନିଜେ ତ ମିଟିଂରେ ସାମିଲ୍ ନଥିଲେ କିନ୍ତୁ ନିଜ ଆର୍‌ୟା ସାଥିଙ୍କ ଯୋଗୁ ଗୋଟିଏପଟେ ରହି ମିଟିଂ ଶୁଣୁଥିଲେ ଏବଂ ସେ ଆସି ଡାକ୍ତର୍ ମିର୍ ମୁହମ୍ମଦ୍ ଇସ୍‌ମାଇଲ୍ ଖାନ୍ ସାହେବ୍‌ଙ୍କୁ ସମସ୍ତ ଘଟଣାବଳୀ ଶୁଣାଇଲେ । ସେ କହିଲେ କି ନିଶ୍ଚିତ ରୂପେ ମୁଁ ଏହି ସିଲ୍‌ସିଲାର ବିରୋଧି । କିନ୍ତୁ ମୁଁ କୌଣସି ସମ୍ଭ୍ରାନ୍ତ ବଂଶୀୟକୁ ହିନ୍ଦୁମାନଙ୍କ ଜରିଆରେ ଅପମାନିତ ହେବା ଦେଖିପାରିବି ନାହିଁ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଏ ବିଷୟରେ ଏତେଲା ଦିଆଗଲା । ହଜ୍‌ରତ୍ ଯେତେବେଳେ ଗୁର୍‌ଦାସ୍‌ପୁର୍ ଆସିଲେ ସେତେବେଳେ ଆପଣ ଆ:ସ ମୋକରମ୍ ଡାକ୍ତର ମୀର୍ ମୁହମ୍ମଦ୍ ଇସ୍‌ମାଇଲ୍ ଖାନ୍ ସାହେବ୍‌ଙ୍କୁ ନିଜ କୋଠରୀକୁ ଆସିବା ପାଇଁ ଡକାଇ ପଠାଇଲେ । ଓ କହିଲେ କି ମୁଁ ଆପଣଙ୍କୁ ଏଇଥିପାଇଁ ଡାକିଛି ଯେ ଉକ୍ତ ଘଟଣା ବିଷୟରେ ଶୁଣିବି ଯାହା ସବୁ ଆର୍ଯ୍ୟମାନଙ୍କ ମିଟିଂରେ ମୋ ଖିଲାଫରେ କୁହାଯାଇଛି । ଏଥିରେ ସେ ଘଟଣା ବିଷୟ ଶୁଣାଇଲେ । ଯେତେବେଳେ ସେ ଶିକାର ଶବ୍ଦଠାରେ ପହଂଚିଲେ ସେତେବେଳେ ଅଚାନକ ହଜୁର୍ ଉଠି ବସିପଡିଲେ ଓ ହଜୁର୍‌ଙ୍କ ଆଖି ଚମକି ଉଠିଲା, ଚେହେରା ଲାଲ୍ ହୋଇଗଲା । ଆପଣ ଆ:ସ କହିଲେ ମୁଁ ତା ଶିକାର ! ମୁଁ ଶିକାର ନୁହେଁ ମୁଁ ହେଉଛି ସିଂହ ଓ ଇଶ୍ୱରଙ୍କର ସିଂହ ! ସେ ଇଶ୍ୱରଙ୍କ ସିଂହ ଉପରେ ହାତ ପକାଇପାରିବ ? ଏପରି କରି ଦେଖୁ ତ ! ଏହି ଶବ୍ଦ କହି ଆପଣଙ୍କ ସ୍ୱର ଏତେ ବଢ଼ିଗଲା ଯେ କୋଠରୀ ବାହାରେ ଥିବା ସବୁ ଲୋକମାନେ ଚମକି ପଡିଲେ ।

ମାଜିଷ୍ଟ୍ରେଟ୍ ସାହେବ୍ ସବୁ କ୍ଷେତ୍ରରେ ତାଙ୍କର ବିରୋଧପୁର୍ଣ୍ଣ ବ୍ୟବହାର ପ୍ରକାଶ କରୁଥାନ୍ତି । ଏହିପରି ପରସ୍ଥିତିରେ ହଜୁର୍‌ଙ୍କ ତରଫରୁ ମୋକଦ୍ଦମାଟିକୁ ସ୍ଥାନାନ୍ତରଣ କରିବା ପାଇଁ ଦରଖାସ୍ତ କରାଗଲା ଯାହା ନାମଞ୍ଜୁର୍ ହୋଇଯାଇଥିଲା ଓ ମୋକଦ୍ଦମାଟି ପୁଣି ଲାଲା

ଚନ୍ଦୁଲାଲ୍‌ଙ୍କ ଅଦାଲତକୁ ଫେରି ଆସିଲା । ଏହି ମୋକଦ୍ଦମାଟି ଅତ୍ୟନ୍ତ ଜଟିଳ ପରିସ୍ଥିତି ଦେଇ ଗତି କରୁଥିଲା । ଏହି ଅବଧିରେ ଗୁର୍‌ଦାସ୍‌ପୁର୍‌ଠାରେ ହଜୁର୍‌ଙ୍କର ସ୍ୱାସ୍ଥ୍ୟ ଖରାପ ହୋଇଗଲା । ସ୍ୱାସ୍ଥ୍ୟ ଖରାପ ଯୋଗୁ ଆପଣ ଆ:ସ ଏକମାସ ପର୍ଯ୍ୟନ୍ତ ମୋକଦ୍ଦମାରେ ହାଜର ହୋଇପାରିଲେ ନାହିଁ । ମୋକଦ୍ଦମାର ଶୁଣାଣି ଜାରି ରହିଥିଲା । ହଜ୍‌ରତ୍ ମସିହ୍ ମଉଦ୍‌ଙ୍କ ତରଫରୁ ମୋକରମ୍ ଖ୍ୱାଜା କମାଲୁଦ୍ଦିନ୍ ସାହେବ୍ ଏବଂ ମୌଲବୀ ମୁହମ୍ମଦ୍ ଅଲୀ ସାହେବ୍ ଓକିଲାତି କରୁଥିଲେ ।

ପରିଶେଷରେ ଲାଲା ଚନ୍ଦୁଲାଲ୍ ସାହେବ୍ ୧୦ ଏପ୍ରିଲ୍ ୧୯୦୪ ଦିନଟିକୁ ଧାଯ୍ୟ ରଖିଲା ଯଦ୍ୱାରା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ସ୍ୱାସ୍ଥ୍ୟ ଖରାପ ଯୋଗୁ ଛୁଟି ନେଇଥିବାର ଅବଧି ଶେଷ ହୋଇଯିବା ପରେ ସ୍ୱୟଂ ଅଦାଲତରେ ହାଜିର୍ ହେବେ ଫଳତଃ ସେ ନିଜର ଯୋଜନାକୁ ସମ୍ପାଦନ କରିପାରିବ ଏବଂ ହଜୁର୍ ଆ:ସଙ୍କୁ ନଜର୍‌ବନ୍ଦୀ କରିବାରେ ସଫଳ ହେବ । କିନ୍ତୁ ଠିକ୍ ସମୟରେ ଯେତେବେଳେ ଅତ୍ୟାଚାରୀଙ୍କର ମାପ ଶେଷ ସୀମାରେ ପହଂଚି ସାରିଥିଲା ଓ ଏ ସିଲ୍‌ସିଲାର ଶତ୍ରୁମାନେ ଏକାଠି ହୋଇ ନିଜର କୁଇଚ୍ଛାକୁ କାର୍ଯ୍ୟରେ ପରିଣତ ହେବାର ଦେଖିବାକୁ ପ୍ରସ୍ତୁତ ହୋଇ ବସିଥିଲେ ସେତେବେଳେ ଖୁଦାଙ୍କ ସ୍ୱାଭୀମାନ୍ ନିଜ ପ୍ରେରିତ ଦୂତଙ୍କ ସାହାଯ୍ୟ ନିମନ୍ତେ ଜୋସ୍‌ରେ ଆସିଗଲା ଏବଂ ଲାଲା ଚନ୍ଦୁଲାଲ୍ ସାହେବ୍‌ଙ୍କୁ ତା ପଦବୀରୁ ମାଜୁଲ (ପଦଚ୍ୟୁତ)କରି ଜଜ୍ ବନାଇ ମୁଲ୍‌ତାନ୍ ପଠାଇ ଦିଆଗଲା । ଏବଂ ପୁଣି କିଛି ଦିନପରେ ପେନ୍‌ସନ୍ ପାଇ ଲୁଧିଆନା ଆସିଗଲେ ଏବଂ ସେଠାରେ ତାଙ୍କର ଅବସ୍ଥା ବହୁତ ଖରାପ ହୋଇଗଲା ଏବଂ ଧିରେ ଧିରେ ତାଙ୍କ ମୁଣ୍ଡ ମଧ୍ୟ ଖରାପ ହୋଇଗଲା । ପରିଶେଷରେ ସେ ଏହି ଅବସ୍ଥାରେ ଏ ସଂସାରକୁ ଛାଡି ଚାଲିଗଲା । ଲାଲା ଚନ୍ଦୁଲାଲ୍ ସାହେବ୍‌ଙ୍କ ପଦଚ୍ୟୁତି ହେବା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସତ୍ୟତାର ଏକ ଉଜ୍ଜଳମୟ ନିଦର୍ଶନ ଥିଲା । କାରଣ ତା' ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଭବିଷ୍ୟବାଣୀ କରିଥିଲେ । ଏକଦା ମୋକଦ୍ଦମା ଚାଲିଥିବା ସମୟରେ କିଛି ଗଏର୍ ଅହେମଦୀ ହଜୁର୍ ଆ:ସଙ୍କୁ କହିଲେ କି ହଜୁର୍ ଲାଲା ଚନ୍ଦୁଲାଲ୍ ସାହେବ୍ ଏ ମନସ୍ତ କରିଛନ୍ତି କି ଆପଣଙ୍କୁ କଏଦୀ କରିବ । ସେତେବେଳେ ଆପଣ ଆ:ସ ଗୋଟିଏ ଦରି ଉପରେ ଶୋଇଥିଲେ । (ତତ୍‌କ୍ଷଣାତ୍) ଉଠି ବସିଲେ ଓ କହିଲେ ମୁଁ ଚନ୍ଦୁଲାଲ୍‌କୁ ଅଦାଲତ୍‌ର ଚୌକି ଉପରେ ଦେଖୁନାହିଁ । (ଅଲ୍‌ହକମ୍ ୧୪ ଜୁଲାଇ ୧୯୩୫) ଲାଲା ଚନ୍ଦୁଲାଲ୍ ସାହେବ୍‌ଙ୍କ ସ୍ଥାନରେ ଯେଉଁ ମାଜିଷ୍ଟ୍ରେଟ୍ ଆସିଲେ ସେ ମଧ୍ୟ ଜଣେ ପକ୍ଷପାତ କରୁଥିବା ହିନ୍ଦୁ ଥିଲା ଯାହାଙ୍କ ନାମ ଥିଲା ମେହ୍‌ତା ଆତ୍ମାରାମ୍ । ସେ ପୂର୍ବ ମାଜିଷ୍ଟ୍ରେଟ୍‌ଙ୍କ ଠାରୁ ବଳି ପକ୍ଷପାତିତାର ବ୍ୟବହାର କଲା । ହିନ୍ଦୁ ଓ ଇସାଇମାନଙ୍କର ସାହାଯ୍ୟକାରୀ ହୋଇ ଖୋଲାଖୋଲି ଭାବେ ପକ୍ଷପାତିକୁ ପରିପ୍ରକାଶ କଲା ଓ ଶିଘ୍ରଶିଘ୍ର ତାରିଖ ପକାଇବା ଆରମ୍ଭ କରିଦେଲା ଫଳତଃ ହଜୁର୍‌ଙ୍କୁ ବାରମ୍ବାର ଗୁର୍‌ଦାସ୍‌ପୁର୍ ଯିବାକୁ ପଡ଼ିଲା। ଓ କେବଳ ଶତ୍ରୁତା ଓ ଦ୍ୱେଷ ମନୋଭାବ ରଖି ସେ ମୋକଦ୍ଦମାର ଅବଧିକୁ ଲମ୍ବା କରି ଚାଲିଲା ଓ ମୁକଜ୍ଜିବ୍ ଶବ୍ଦ ଉପରେ ଯୁକ୍ତିତର୍କ ଲାଗିରହିଲା । ତାରିଖ ଶିଘ୍ରଶିଘ୍ର ପଡିବା ଯୋଗୁ ହଜୁର୍ ଗୁର୍‌ଦାସ୍‌ପୁର୍‌ରେ ହିଁ ରହିବା ପାଇଁ ନିଷ୍ପତି କରିନେଲେ । ଏପରି ପରିସ୍ଥିତିକୁ ଦେଖି କିଛି ଭଦ୍ରବ୍ୟକ୍ତି ଦୁଇପକ୍ଷଙ୍କ ମଧ୍ୟରେ ସୁଲାହ୍ କରାଇବା ପାଇଁ ଚେଷ୍ଟା ମଧ୍ୟ କଲେ ଓ ଗୋଟିଏ ଓ୍ୱଫଦ୍ ମୌଲବୀ କରମ୍‌ଦୀନ୍ ସାହେବ୍‌ଙ୍କୁ ବୁଝାସୁଝା କରାଇ ହଜୁର୍‌ଙ୍କ ନିକଟରେ ହାଜିର୍ ହେଲା । ଏଥିରେ ହଜୁର୍ ଆ:ସ କହିଲେ ସୁଲାହ୍ କେବଳ ଗୋଟିଏ ଅବସ୍ଥାରେ ହିଁ ହୋଇପାରିବ ଅର୍ଥାତ୍ ମୌଲବୀ କରମ୍‌ଦୀନ୍ ସାହେବ୍ ମାନିନିଅନ୍ତୁ କି ସେହି ଚିଠିଗୁଡିକ ହେଉଛି ତାଙ୍କର ଯାହାକୁ ସେ ଅଦାଲତରେ ଅସ୍ୱୀକାର କରିଥିଲେ ନଚେତ୍ କୌଣସି ସୁଲାହ୍ ହୋଇପାରିବ ନାହିଁ । ଏଥିରେ ଓ୍ୱଫଦ୍‌ରେ ଥିବା ଲୋକମାନେ କହିଲେ ହଜୁର୍ ସରକାରଙ୍କର ଆପଣଙ୍କ ପ୍ରତି ଭଲ ଦୃଷ୍ଟି ନାହିଁ । ଏଥିରେ ଆପଣ ଆ:ସ କହିଲେ- ସରକାର କଣ କରିବ, ମୋତେ ଦଣ୍ଡଦେବ ତ, ଆଉ କଣ କରିପାରିବ ! ଏକଥା ଶୁଣି ଓ୍ୱଫଦ୍ ସେଠାରୁ ଫେରିଗଲା ଓ ସୁଲାହ୍ କରିବାର ସମସ୍ତ ଚେଷ୍ଟା ଅସଫଳ ହେଲା । (ତବ୍‌ଲିଗେ ରେସାଲତ୍, ଖଣ୍ଡ-୧୦, ପୃଷ୍ଠା-୪୪)

ମୋକଦ୍ଦମାର କାରବାଇ ପୁଣି ଆରମ୍ଭ ହେଲା । ସୁତରାଂ ବହୁତ ଲମ୍ବା ଚଉଡା ଅଦାଲତର କାରବାଇ ପରେ ଲାଲା ମେହ୍‌ତା ଆତ୍ମାରାମ୍ ସାହେବ୍ ପ୍ରଥମ ନିଷ୍ପତି ଶୁଣାଇବାର ତାରିଖ ୧ ସେପ୍ଟେମ୍ବର୍ ୧୯୦୪କୁ ରଖିଥିଲେ । କିନ୍ତୁ ପରେ ଉକ୍ତ ତାରିଖ ପରିବର୍ତେ ୮ ଅକ୍ଟୋବର୍ ଦିନ ନିଷ୍ପତି ଶୁଣାଇଲେ । ସେ ନିଷ୍ପତିରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ୫୦୦ଟଙ୍କା ଏବଂ ମୋକରମ୍ ହକିମ୍ ଫଜଲ୍ ଦୀନ୍ ସାହେବ୍‌ଙ୍କୁ ୨୦୦ ଟଙ୍କା ଜୋରିମନା କଲା ଏବଂ ଜୋରିମନା ଯଦି ନଦେଇପାରିବେ ତେବେ ତା' ବଦଳରେ ଛଅ ଛଅ ମାସ ଜେଲ୍ ଦଣ୍ଡ ଭୋଗିବାର ଦଣ୍ଡ ଶୁଣାଇଲା । ଫୈସଲା କରିବା ସମୟରେ ପୋଲିସ୍‌ର ପୁରାପୁରି ବ୍ୟବସ୍ଥା କରାଯାଇଥିଲା ଯେହେତୁ ୮ ଅକ୍ଟୋବର୍‌ଟି ଶନିବାର ଥିଲା ଓ ସେହି ମାଜିଷ୍ଟ୍ରେଟ୍ ଜଣକ ବିଶେଷ ଯୋଜନା ଅନ୍ତର୍ଗତ ଏହି ଦିନଟିକୁ ଧାର୍ଯ୍ୟ ରଖିଥିଲା କି ତା'ପର ଦିନ ଛୁଟି ଅଛି । ଏବଂ ସେହି ଫୈସଲାଟିକୁ ସେ ଅଦାଲତ ବରଖାସ୍ତ ହେବାର ଅଳ୍ପକିଛି ମିନିଟ୍ ପୂର୍ବରୁ ହିଁ ଶୁଣାଇଲା ଯଦ୍ୱାରା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ତରଫରୁ ଜୋରିମନା ଯଥାଶିଘ୍ର ପଇଠ ନହୋଇପାରୁ । ଏବଂ ଆପଣ ଆ:ସଙ୍କୁ ଶନିବାର ଓ ରବିବାର ଦୁଇଦିନଯାକ ଜେଲ୍‌ରେ ରହିବାକୁ ହେବ । କିନ୍ତୁ ଖୁଦାତାଲା ହଜୁର୍‌ଙ୍କ ଖୁଦାମ୍ ମାନଙ୍କ ମନଭିତରେ ଏକଥା ପକାଇଦେଲେ କି ସେମାନେ ଫୈସଲା ଦିନ ସାଥିରେ ଟଙ୍କା ନେଇ ଯାଆନ୍ତୁ ବରଂ ମୋକରମ୍ ନଓ୍ୱାବ୍ ମୁହମ୍ମଦ୍ ଅଲୀ ଖାନ୍ ସାହେବ୍ ୯୦୦ଟଙ୍କା ନିଷ୍ପତି ଶୁଣାଣିର ଏକଦିନ ପୂର୍ବରୁ ହିଁ ଗୁର୍‌ଦାସ୍‌ପୁର୍ ପଠାଇ ଦେଇଥିଲେ । ସୁତରାଂ ଯେଉଁକ୍ଷଣି ଏ ନିଷ୍ପତି ଶୁଣାଗଲା ମୋକରମ୍ ଖ୍ୱାଜା କମାଲୁଦ୍ଦିନ୍ ସାହେବ୍ ଧାର୍ଯ୍ୟ ରକମକୁ ଯାହା ଜୋରିମନା ରକମ ଥିଲା ତତ୍‌କ୍ଷଣାତ୍ ବାହାର କରି ପଇଠ କରିଦେଲେ ଫଳତଃ ଲାଲା ମେହ୍‌ତା ଆତ୍ମାରାମ୍ ସାହେବ୍ ଓ ତାଙ୍କ ସାଥିମାନଙ୍କର ଯୋଜନା ଅସଫଳ ହୋଇ ଧରାସାଇ ହୋଇଗଲା ।

ଲାଲା ଆତ୍ମାରାମ୍ ସାହେବ୍ ମଧ୍ୟ ଲାଲା ଚନ୍ଦୁଲାଲ୍‌ଙ୍କ ପରି ଇଶ୍ୱରଙ୍କ ପ୍ରକୋପରୁ ବଂଚିପାରିଲା ନାହିଁ ଓ ଖୁଦାଙ୍କ ପ୍ରେରିତ ଦୂତଙ୍କ ସହିତ ସେ ଯେଉଁ ଅତ୍ୟାଚାର ମୂଳକ ବ୍ୟବହାର କରିଆସୁଥିଲା ତା ବଦଳରେ ମୋକଦ୍ଦମା ସମୟରେ ହିଁ ତାର ଦୁଇଜଣ ପୁଅ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଭବିଷ୍ୟବାଣୀ ମୁତାବକ ଜଣକ ପରେ ଜଣେ ୨୦-୨୫ ଦିନ ଅନ୍ତରରେ ହିଁ ମରିଗଲେ । ଏବଂ ସେହି ଦୁଃଖରେ ସେ ଅଧାପାଗଳ ହୋଇଗଲା ଫଳତଃ ତା'ଘରେ ଶୋକର ଛାୟା ଖେଳିଗଲା । ହଜୁର୍‌ଙ୍କ ଉପରେ କଶ୍‌ଫ୍ (ଜାଗ୍ରତ ଅବସ୍ଥାରେ ଦେଖୁଥିବା କୌଣସି ଦୃଶ୍ୟ) ମାଧ୍ୟମରେ ଏକଥା ପ୍ରକାଶ କରାଯାଇଥିଲା କି ଆତ୍ମାରାମ୍ ସାହେବ୍ ନିଜ ସନ୍ତାନମାନଙ୍କ ଶୋକରେ ପଡି ରହିବେ ଓ ଆପଣ ଆ:ସ ଏହି କଶ୍‌ଫଟିକୁ ନିଜ ଜମାତ୍‌ର ସଦସ୍ୟମାନଙ୍କୁ ପୂର୍ବରୁ ହିଁ ଶୁଣାଇଦେଇଥିଲେ । (ହକିକତୁଲ୍ ଓ୍ୱହି, ପୃଷ୍ଠା-୧୨୧-୧୨୨)

୫ ନଭେମ୍ବର୍ ୧୯୦୪ ମସିହା ଦିନ ମିଷ୍ଟର୍ ଏ.ଇ ହରି ସାହେବ୍ ଡିଭିଜନାଲ୍ ଜଜ୍ ଅମୃତସର୍‌ଙ୍କ ଅଦାଲତରେ ଉକ୍ତ ଫୈସଲାର ଖିଲାଫରେ ମୌଲବୀ କରମ୍‌ଦୀନ୍ ସାହେବ୍‌ଙ୍କ ତରଫରୁ ଅପିଲ୍ କରାଗଲା ଓ ବିରୋଧିମାନଙ୍କ ତରଫରୁ ସରକାରୀ ଓକିଲ ଯୁକ୍ତା ବାଢ଼ିବା ପାଇଁ ନିଯୁକ୍ତ ହେଲେ । ଖୁଦାତାଲାଙ୍କ ସୁସମାଚରର ମୁତାବକ ୭ଜାନୁୟାରୀ ୧୯୦୫ ଦିନ ଡିଭିଜନାଲ୍ ଜଜ୍ ଅମୃତ୍‌ସର୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ସମସ୍ତ ଆରୋପରୁ ଦୋଷ ମୁକ୍ତ ପ୍ରଦାନ କଲେ ଏବ ମୌଲବୀ କରମ୍‌ଦୀନ୍ ସାହେବ୍‌ଙ୍କ ଅପିଲ୍‌କୁ ରଦ୍ଦ କରିଦେଲେ ଓ ସେହି ନିଷ୍ପତିରେ ଲେଖିଦେଲେ କି ଦୁଃଖର କଥା ଯେ ଏ ଫୈସଲା ପ୍ରାରମ୍ଭିକ ଅବସ୍ଥାରେ ହିଁ ଶେଷ ହୋଇଯିବାର ଥିଲା, ଅକାରଣେ ଏତେ ସମୟ ନଷ୍ଟ କରାଗଲା । ସୁତରାଂ ଦୁଇଜଣଯାକ ମୁଲ୍‌ଜିମାନ୍ ଅର୍ଥାତ୍ ମିର୍ଜା ଗୁଲାମ୍ ଅହେମଦ୍ ଏବଂ ହକିନ୍ ଫଜଲ୍‌ଦିନ୍‌ଙ୍କୁ ନିର୍ଦ୍ଦୋଶ ସାବ୍ୟସ୍ତ କରାଯାଉଛି ଏବଂ ସେମାନଙ୍କର ଜୋରିମନାକୁ ଫେରାଇ ଦିଆଯିବ । ୨୪ ଜାନୁୟାରୀ ଦିନ ସରକାରୀ ଖଜାନାରୁ ଜୋରିମନାର ଅର୍ଥ ଫେରାଇ ଦିଆଗଲା ।

(ତାରିଖେ ଅହେମଦୀୟତ୍, ଖଣ୍ଡ-୨, ପୃଷ୍ଠା-୨୭୭)

ସୁତରାଂ ଏହି ୭ଗୋଟି ମୋକଦ୍ଦମା ଯାହାକୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଉପରେ ବିରୋଧିମାନଙ୍କ ତରଫରୁ କରାଯାଇଥିଲା ସେ ସବୁଥିରେ ବିରୋଧିମାନେ ଅତ୍ୟନ୍ତ ଅପମାନିତ ହେଲେ ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସତ୍ୟତା ଦିବାଲୋକପରି ପ୍ରକାଶ ପାଇଲା । ବିରୋଧିମାନେ ନିଜଆଡୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଅପମାନିତ କରିବା ପାଇଁ କୌଣସି ସୁଯୋଗକୁ ହାତଛଡା କରିନଥିଲେ । କିନ୍ତୁ ଖୁଦାତାଲାଙ୍କର ସାହାଯ୍ୟ ଓ ସହଯୋଗ ସର୍ବଦା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସହିତ ରହିଲା ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି-

"ଆଁ ହଜ୍‌ରତ୍ ସ:ଆ:ସ ମସିହ୍ ମଉଦ୍‌ଙ୍କ ନିମନ୍ତେ ଯେଉଁ ଅସ୍‌ସଲାମୋ ଆଲୈକୁମ୍ ପ୍ରେରଣ କରିଥିଲେ ତାହା ବାସ୍ତବରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ତରଫରୁ ଏକ ଭବିଷ୍ୟବାଣୀ ଅଟେ ନା କି ସର୍ବସାଧାରଣଙ୍କ ତରଫରୁ କୌଣସି ମାମୁଲି ସଲାମ୍ ଏବଂ ସେହି ଭବିଷ୍ୟବାଣୀଟି ହେଉଛି ଏପରି କି ଆଁ ହଜ୍‌ରତ୍ ସ:ଆ:ସ ମୋତେ ସୁସମାଚରର ଦେଉଛନ୍ତି ଯେ ଯେତେମାତ୍ରାରେ ବିରୋଧିମାନଙ୍କ ତରଫରୁ ଫିତ୍‌ନା (ବିଭ୍ରାଟ) ଘଟିବ ଏବଂ (ସେମାନେ ତୁମକୁ) କାଫିର୍ ଓ ଦଜ୍ଜାଲ୍ କହିବେ ଏବଂ ତୁମ ସମ୍ମାନ ଓ ଜୀବନକୁ (ହାନି ପହଂଚାଇବା ପାଇଁ) ମନସ୍ତ କରିବେ ହତ୍ୟା କରିବା ପାଇଁ ଫତ୍‌ଓ୍ୱା ଲେଖିବେ, ଖୁଦା ସେହି ସମସ୍ତ କଥାରେ ତାଙ୍କୁ ଅସଫଳ କରିବେ ଓ ତୁମର ସଲାମତି (ମଙ୍ଗଳ) କରିବେ । ସବୁବେଳ ପାଇଁ ସମ୍ମାନ, ମର୍ଯ୍ୟାଦା ଏବଂ ସ୍ୱୀକରଣୀୟ ରହିବ । ଏବଂ ପ୍ରତ୍ୟେକ ପ୍ରକାର ଅସଫଳତାରୁ ସୁରକ୍ଷା ପ୍ରଦାନ କରିବେ ଯେପରିକି ଅସ୍‌ସଲାମୋ ଆଲୈକୁମ୍ ଅର୍ଥରେ ଏହା ନିହିତ ଅଛି" । (ତୋହ୍‌ଫା ଗୋଲଡୁଓ୍ୱିୟା, ରୁହାନି ଖଜାଏନ୍, ଖଣ୍ଡ-୧୭, ପୃଷ୍ଠା-୧୩୧, ହାଶ୍‌ୟା)

ପୁଣି କହୁଛନ୍ତି :- "ଶତ୍ରୁଙ୍କର ସମସ୍ତ ଆକ୍ରମଣ ଅସଫଳ ହେବ ଓ ମୋତେ ଫାସୀ ଦେବାପାଇଁ ଯୋଜନା କରାଗଲା......ପ୍ରତ୍ୟେକ ପ୍ରକାର ବିପତି ସମୟରେ ମୋ ଇଶ୍ୱର ମୋତେ ବଂଚାଇଲେ ଓ ମୋ ପାଇଁ ସେ ବଡବଡ ଚମତ୍କାର ଦେଖାଇଲେ ଓ ବଡବଡ ଶକ୍ତିଶାଳୀ କାର୍ଯ୍ୟ କଲେ" । (ଚଶମାଏ ମସିହି, ରୁହାନି ଖଜାଏନ୍, ଖଣ୍ଡ-୨୦, ପୃଷ୍ଠା-୩୫୪)

ସୁତରାଂ ବିରୋଧିମାନଙ୍କ ତରଫରୁ କରାଯାଇଥିବା ଏହି ସାତଟିଯାକ ମୋକଦ୍ଦମାର ମୁକାବିଲାରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଅଲ୍ଲାଃତାଲାଙ୍କ ନିକଟରୁ ମିଳିଥିବା ସାହାଯ୍ୟ ସହଯୋଗ ଯୋଗୁ ଏହା ତାଙ୍କ ସତ୍ୟତାର ମୁକସାକ୍ଷୀ ଅଟେ ।

*ପୃଷ୍ଠା-୧ ର ଅବଶିଷ୍ଟାଂଶ......*

ମଞ୍ଜୁର କରିଛନ୍ତି । ଏବଂ ମୋତେ ଏପରି ପୁରସ୍କାର ପ୍ରଦାନ କରିଛନ୍ତି ଯେ ମୁଁ ତାକୁ ଗଣନା କରିପାରିବି ନାହିଁ । ତେବେ କ'ଣ ଏହା ସମ୍ଭବ ହୋଇପାରେ ଯେ ଈଶ୍ୱର ଜଣେ ଏପରି ବ୍ୟକ୍ତି ପ୍ରତି ନିଜର କୃପା ଓ ଅନୁଗ୍ରହ ପ୍ରଦାନ କରିଛନ୍ତି ଅଥଚ ସେ ଜାଣିଛନ୍ତି ଯେ ସେହି ବ୍ୟକ୍ତି ତାଙ୍କ ଉପରେ ମିଥ୍ୟା ଦୋଷାରୋପ ଲଗାଇଛି । ଯେବେ କି ମୁଁ ମୋର ବିରୋଧିମାନଙ୍କ ମତରେ ତିରିଶ / ବତିଶ ବର୍ଷ ହେଲା ଈଶ୍ୱରଙ୍କ ଉପରେ ଅପବାଦ ଲଗାଇ ଆସୁଛି । ପ୍ରତ୍ୟେକଦିନ ରାତିରେ ମୁଁ ନିଜ ଆଡୁ ଏକ ବାକ୍ୟ ଗଢୁଛି ଓ ସକାଳେ କହୁଛି ଯେ ଏହା ପ୍ରଭୁଙ୍କ ବାକ୍ୟ । କିନ୍ତୁ ଏହାର ପ୍ରତି ବଦଳରେ ଈଶ୍ୱରଙ୍କର ମୋ ସହିତ ଏପରି କାରବାର ହେଉଛି ଯେ ଯେଉଁମାନେ ନିଜକୁ ବିଶ୍ୱାସକାରୀ ବୋଲି କହିଛନ୍ତି, ତାଙ୍କ ଉପରେ ମୋତେ ବିଜୟୀ କରାଉଛନ୍ତି ଓ ମୁବାହିଲା ସମୟରେ ସେମାନଙ୍କୁ ମୋ ମୁକାବିଲାରେ ମୃତ୍ୟୁ ଦେଇଛନ୍ତି କିମ୍ବା ଲଜ୍ଜିତ ଓ ଅପଦସ୍ତ କରି ତଳିତଳାନ୍ତ କରି ଦେଉଛନ୍ତି । ଈଶ୍ୱର ଭବିଷ୍ୟତବାଣୀ ଅନୁସାରେ ଏକ ନୂତନ ଜଗତକୁ ମୋ ପ୍ରତି ଆକର୍ଷିତ କରାଉଛନ୍ତି ଏବଂ ହଜାରେ ସଂଖ୍ୟାରେ ନିଦର୍ଶନମାନ ଦେଖାଉଛନ୍ତି । ଏବଂ ଏପରି ଭାବରେ ପ୍ରତ୍ୟେକ କ୍ଷେତ୍ରରେ ପ୍ରତ୍ୟେକ ଦିଗରୁ ଓ ପ୍ରତ୍ୟେକ ବିପତି ସମୟରେ ସେ ମୋତେ ସାହାଯ୍ୟ କରୁଛନ୍ତି । ଯେପର୍ଯ୍ୟନ୍ତ ତାଙ୍କ ଦୃଷ୍ଟିରେ କୌଣସି ବ୍ୟକ୍ତି ସତ୍ୟବାଦୀ ହୋଇ ନଥିବ, ସେ ଏପରି ସାହାଯ୍ୟ ଅନ୍ୟ କାହାରିକୁ କରିବେ ନାହିଁ ନା ଏପରି ନିଦର୍ଶନ ତା'ପାଇଁ ପ୍ରକାଶ କରିବେ ।"

**(ହକିକତୁଲ୍ ଓହି, ରୁହାନି ଖଜାୟିନ୍, ଗ୍ରନ୍ଥ ଖଣ୍ଡ ୨୨, ପୃ ୪୬୧)**

ସେ ନିଜର ଏକ କାବ୍ୟ ପଙ୍କ୍ତିରେ ଏହିପରି ଲେଖିଛନ୍ତି:

ହେ କୋଇ କାଜିବ ଯାହାଁ ମେଁ ଲାଓ ଲୋଗୋ କୁଛ୍ ନଜୀର
ମେରେ ଯୈସି ଜିସକୀ ତାଇଦେଁ ହୁଇ ହୋଁ ବାର୍‌ବାର୍

ଅର୍ଥାତ :

ମିଥ୍ୟାବାଦୀ କିଏ ଅଛିକେ ଜଗତେ
ଦୃଷ୍ଟାନ୍ତ ଦେଖାଅ ତାର
ମୋପରି କେ ଜଣେ ଯାହା ପାଇଁ ହୁଏ
ସମର୍ଥନ ବାରମ୍ବାର ॥

ମହାମାନ୍ୟ ଅହମଦ୍ ଏପରି ପ୍ରବଳ ବିରୁଦ୍ଧାଚରଣର ସମ୍ମୁଖୀନ ହେଲେ, ଯାହାକୁ କେତୋଟି ଲେଖାରେ ବର୍ଣ୍ଣନା କରିବା ଅସମ୍ଭବ । ଭାରତର ଦୁଇ ଶହ ଓ୍ୱଲେମା (ଧର୍ମ ବଦ୍ୱାନ)ଙ୍କ ଠାରୁ ତାଙ୍କ ଉପରେ କୁଫର (ବିଧର୍ମୀ)ର ଫତୱା ଜାରି କରାଗଲା । ଏପରିକି ମକ୍କା ପର୍ଯ୍ୟନ୍ତ ଯାତ୍ରା କରିବାକୁ ବାରଣ କରାଗଲା । ବିପଦଜନକ ମକଦ୍ଦମା ଗୁଡ଼ିକରେ ତାଙ୍କୁ ଟଣାଗଲା । ଚିଠି ପତ୍ରରେ, ଭାଷଣରେ, ଲେଖାମାନଙ୍କରେ ବିକୃତି ଦେଇ ତାଙ୍କୁ ଗାଳି ଗୁଲଜ କରିବାରେ ସବୁ ସୀମା ପାର୍ କରାଗଲା । କିନ୍ତୁ ଫଳ କଣ ହେଲା ? ସେ ଏକାକୀ ଥିଲେ, ଅଲ୍ଲାଃତାଲା ଏକ ଜମାଅତ ତିଆରି କରିଦେଲେ । ପୁଣି ଏହି ଜମାଅତ ସମଗ୍ର ପଞ୍ଜାବରେ ବ୍ୟାପିଗଲା । ପୁଣି ସାରା ଭାରତରେ ବ୍ୟାପିବାରେ ଲାଗିଲା । ଏହାପରେ ପୁଣି ଭାରତରୁ ବାହାରି ୟୁରୋପ ଓ ଆମେରିକା ଆଦି ଦୂର ଦୂରାନ୍ତ ଦେଶ ମାନଙ୍କରୁ ଧର୍ମପ୍ରାଣ ବ୍ୟକ୍ତିମାନେ ତାଙ୍କୁ ସାଦରେ ଗ୍ରହଣ କଲେ । ତାଙ୍କ ଜୀବନ କାଳରେ ଅଲ୍ଲାଃତାଲା ତାଙ୍କ ଜମାଅତକୁ ଲକ୍ଷାଧିକ ସଂଖ୍ୟାରେ ପହଂଚାଇ ଦେଲେ ।

ହଜରତ ମସିହ ମଉଦଅସ କହିଛନ୍ତି:

"ପୁଣି ଅବ୍ଦୁଲ୍ ହକ୍ ଗଜନୱି ମୋ ବିରୁଦ୍ଧରେ ଉଠିଲା ଓ ମୋର ମୁକାବିଲାରେ ମୁବାହିଲା କରି ବହୁତ ପ୍ରାର୍ଥନା କଲା ଯେ ଯେଉଁ ବ୍ୟକ୍ତି ମିଥ୍ୟାବାଦୀ ହୋଇଥିବ, ଈଶ୍ୱରଙ୍କର ତା'ଉପରେ ଅଭିଶାପ ପଡୁ । ସେ ସବୁ କଲ୍ୟାଣରୁ ବଂଚିତ ହେଉ । ଦୁନିଆରେ ତା'ର ସ୍ୱୀକୃତି ମୂଳକ ନାମ ଯଶର ଚିହ୍ନବର୍ଣ୍ଣ ନରହୁ । ତେଣୁ ତୁମେ ନିଜେ ଦେଖନିଅ ଯେ ସେହି ପ୍ରାର୍ଥନାର କି ପରିମାଣ ହେଲା ? ଏବେ ସେ କେଉଁ ଅବସ୍ଥାଚକ୍ରରେ ପଡ଼ିଛି ଓ ଆଜି ମୋର କେଉଁ ଅବସ୍ଥା ? ଦେଖ, ସେହି ମୁବାହିଲା ପରେ ପ୍ରତ୍ୟେକ କ୍ଷେତ୍ରରେ ଈଶ୍ୱର ଆମର କେତେ ଉନ୍ନତି କରିଉଛନ୍ତି ଏବଂ ବଡ଼ ବଡ଼ ଚିହ୍ନମାନ ପ୍ରକାଶ କରିଛନ୍ତି । ଯେତେବେଳେ ମୋର ପ୍ରତିପକ୍ଷ ସହିତ ମୁବାହିଲା ହେଲା, ସେତେବେଳେ ବୋଧହୁଏ ୪୦ଜଣ ବ୍ୟକ୍ତି ମୋ ସହିତ ବନ୍ଧୁ ହୋଇଥିଲେ ଏବଂ ଆଜି ସେମାନଙ୍କ ସଂଖ୍ୟା ସତର ହଜାର ପାଖାପାଖି ଆସି ପହଂଚିଗଲାଣି । ('ପୈଗାମେ ସୁଲହା' ରେ ହଜୁର ଜମାଅତର ଅନୁଗାମୀଙ୍କ ସଂଖ୍ୟା ଚାରି ଲକ୍ଷ ହୋଇଥିବାର ବତାଇଛନ୍ତି- (ପ୍ରକାଶକ) । ଏପର୍ଯ୍ୟନ୍ତ ଦୁଇ ଲକ୍ଷ ଟଙ୍କାରୁ ଅଧିକ ଧନରାଶିର ବିଜୟ ଅଭିଯାନ ଚାଲିଛି । ଗୋଟିଏ ସଂସାରକୁ ଭୃତ୍ୟ ପରି ମୋ ଆଗରେ ନୁଆଇଁ ଦେଲେ ଓ ପୃଥିବୀର କୋଣେ କୋଣେ ମୋତେ ପ୍ରସିଦ୍ଧି ଦେଇଛନ୍ତି । ମଜା ତ ସେତେବେଳେ ଆସିବ, ଯେବେ ପ୍ରଥମେ ତୁମେ କାଦିୟାନ ଆସି ଦେଖ ଯେ ଏଠାରେ କିପରି ଶ୍ରଦ୍ଧାଳୁମାନଙ୍କ ଭିଡ଼ ଜମିଯାଇଛି । ପୁଣି ଅମୃତସର ଯାଇ ଦେଖ ଯେ କିପରି ଅବ୍ଦୁଲ ହକ୍ ଗଜନୁଇ ଦୋକାନ ବଜାରର ଗଳି କନ୍ଦିରେ ବୁଲୁଛି ଓ କେଉଁ ଅବସ୍ଥାରେ ଚଳ ବିଚଳ କରୁଛି । ଅତ୍ୟନ୍ତ ପରିତାପର ବିଷୟ ଯେ ଦୈବିଶକ୍ତି ମୋର ସମର୍ଥନରେ ସ୍ପଷ୍ଟ ଦିବାଲୋକ ପରି ଆକାଶରୁ ଅବତୀର୍ଣ୍ଣ ହେଉଥିବା ସତ୍ୱେ ଏହି ଲୋକମାନେ ମୋତେ ଚିହ୍ନି ପାରୁନାହାନ୍ତି ।"

**(ନୁଜୁଲେ ମସିହ, ରୁହାନି ଖଜାୟିନ୍ ଗ୍ରନ୍ଥ ଖଣ୍ଡ ୧୮, ପୃ ୪୧୦)**

କେବଳ ଏତିକି ନୁହେଁ ଯେ ବିରୋଧିଗଣ ନିଜ ବିରୁଦ୍ଧାଚରଣରେ ଅସଫଳ ରହିଲେ ଓ ଅଲ୍ଲାଃତାଲା ହଜରତ ମସିହ ମଉଦଅସଙ୍କୁ କୃତକାର୍ଯ୍ୟ ଓ ସଫଳତା ପ୍ରଦାନ କଲେ, ବରଂ ଏହା ମଧ୍ୟ ଗୁରୁତ୍ୱର ବିଷୟ ଯେ ବିରୋଧିମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ତାଙ୍କ ବିରୁଦ୍ଧରେ ଅଭିଶାପ ପକାଇ ପ୍ରାର୍ଥନା କଲେ । ତାଙ୍କର ମୃତ୍ୟୁ ହୋଇଯାଉ ବୋଲି ଉହିଲେ ଓ 'ଲାନତୁଲ୍ଲାହି ଅଲଲ୍ କାଜେବୀନ୍' କହିଲେ, ତାଙ୍କ ସହିତ ମୁବାହିଲା କଲେ, ତାଙ୍କର ବିରୁଦ୍ଧାଚରଣ କରିବାରେ ସମସ୍ତ ସୀମା ଅତିକ୍ରମ କଲେ, ସେ ଆପଣଙ୍କ ଜୀବନ କାଳରେ ହିଁ ମୃତ୍ୟୁବରଣ କଲେ । ଏବଂ ଯେଉଁ ଶତ୍ରୁମାନେ ଜୀବନ୍ତ ରହିଲେ, ସେ ଏପରି ଅପଦସ୍ତ ଓ ଲାଞ୍ଛିତ ହେଲେ ଯେ ସେମାନଙ୍କ ବଂଚିବା ମରଣ ଠାରୁ ମଧ ହୀନମାନ ହୋଇଗଲା । ସୁତରାଂ ହଜରତ ମହିସ ମଉଦଅସ କହିଛନ୍ତି:

"କେତେକ ବ୍ୟକ୍ତି ମସଜିଦରେ ମୋର ମୃତ୍ୟୁ ପାଇଁ ନାକ ରଗଡ଼ିବାରେ ଲାଗିଲେ । ଅନ୍ୟ କେତେକ ଯେପରିକି ମୌଲବୀ ଗୁଲାମ ଦସ୍ତଗିରୀ କସୁରୀ ନିଜ ପୁସ୍ତକରେ ଓ ମୌଲବୀ ଇସମାଇଲ ଅଲିଗଡ ନିବାସୀ ମୋ ନିମନ୍ତେ କଡ଼ା ଆଦେଶନାମା ଜାରି କଲା ଯେ ଯଦି ସେ ମିଥ୍ୟାବାଦୀ ହୋଇଥିବ, ତେବେ ଆମ ଆଗରୁ ସେ ମରିବ ଓ ନିଶ୍ଚିତ ରୂପେ ଆଗରୁ ମରିଯିବ ଯେହେତୁ ସେ ମିଥ୍ୟାବାଦୀ । କିନ୍ତୁ ତାଙ୍କର ଏହି ଲିଖିତ ବିବୃତି ଦୁନିଆରେ ଯେବେ ପ୍ରକାଶିତ ହୋଇଗଲା, ତେବେ ଅତି ଶୀଘ୍ର ସେ ନିଜେ ହିଁ ମରିଗଲା, ଏହିପରି ତା'ର ମୃତ୍ୟୁ ହିଁ ଏହା ନିଷ୍ପତି କରିଦେଲା ଯେ କିଏ ଭଣ୍ଡ ଓ ମିଥ୍ୟାବାଦୀ, ମାତ୍ର ଏମାନେ ସେଥିରୁ ଶିକ୍ଷା ଲାଭ କରୁ ନାହାନ୍ତି । ସୁତରାଂ କ'ଣ ଏହା ଆଶ୍ଚର୍ଯ୍ୟଜନକ ନିଦର୍ଶନ ନୁହେଁ ଯେ ମୁହିଉଦ୍ଦିନ ଲିଖୁଖାବାସୀ ମୋ ମୃତ୍ୟୁର ଦୈବିବାଣୀ ଘୋଷଣା ପ୍ରକାଶ କଲା ଓ ନିଜେ ହିଁ ମରିଗଲା । ମୌଲବୀ ଇସମାଇଲ ତାହା ପ୍ରକାଶ କଲା ଓ ସେ ମଧ ମରିଗଲା । ମୌଲବୀ ଗୁଲାମ ଦସ୍ତଗିରି ଏକ ପୁସ୍ତକ ଲେଖି ନିଜ ମୃତ୍ୟୁ ଆଗରୁ ମୋର ମୃତ୍ୟୁ ହେବା ବିଷୟକୁ ଅତି ଜୋର ସୋରରେ ପ୍ରକାଶିତ କଲା, ଅଥଚ ନିଜେ ହିଁ ମୃତ୍ୟୁ ମୁଖରେ ପଡ଼ିଲା । ପାଦ୍ରୀ ହମଦୁଲ୍ଲାଃ ପେଶାଓ୍ୱରି ମୋ ମୃତ୍ୟୁ ପାଇଁ ଦଶମାସର ମିଆଦ ରଖି ଭବିଷ୍ୟତ ବାଣୀ କଲା, କିନ୍ତୁ ଶେଷରେ ମରିଗଲା । ପଣ୍ଡିତ ଲେଖରାମ ମୋ ମୃତ୍ୟୁ ସକାଶେ ତିନି ବର୍ଷର ସମୟ ଧାର୍ଯ୍ୟ କରି ଭବିଷ୍ୟତ ବାଣୀ କଲା ଓ ନିଜେ ହିଁ ମରଣର ମୁହଁ ଦେଖିଲା ।"

**(ତୋହଫା ଏ ଗୋଲଡ଼ିଆ, ରୁହାନି ଖଜାୟିନ, ଗ୍ରନ୍ଥ ଖଣ୍ଡ ୧୭, ପୃ ୪୫)**

ପବିତ୍ର କୁରଆନ ଅନୁଯାୟୀ ମିଥ୍ୟା ଦାବିଦାର ନବୀଙ୍କୁ ଅଲ୍ଲାଃତାଲା ବିନାଶ କରି ଦିଅନ୍ତି । ତାକୁ କେବେହେଲେ ସଫଳତାର ମୁହଁ ଦେଖିବାର ସୁଯୋଗ ମିଳେନାହିଁ । ଯଦି ସେ ମିଥ୍ୟାବାଦୀ ଥିଲେ, ତା'ହେଲେ ଅଲ୍ଲାଃତାଲା ତାଙ୍କୁ ବିନାଶ କରିଦେବା ଉଚିତ ଥିଲା । କିନ୍ତୁ ଅଲ୍ଲାଃତାଲା ପ୍ରତ୍ୟେକ ଅବସରରେ ଓ ପ୍ରତ୍ୟେକ କ୍ଷେତ୍ରରେ ତାଙ୍କୁ ସଫଳତା ପ୍ରଦାନ କଲେ ଓ ଶତ୍ରୁ ଲାଞ୍ଛିତ ଓ ଉପହସିତ ହେଲେ । ହଜରତ ମହିସ ମଉଦଅସ କହିଛନ୍ତି:

"ମୁଁ କହୁଅଛି ଯେ ଯେଉଁ ବ୍ୟକ୍ତି ପ୍ରଭୁଙ୍କ ଉପରେ ଦୈବିବାଣୀର ଅପବାଦ ଦେଇ କହୁଛି ଯେ ମୋତେ ଏହି ଦୈବୀବାଣୀ ହୋଇଛି, ଅଥଚ ପ୍ରକୃତରେ ସେହି ବାଣୀର ପ୍ରକଟନ ତା'ଉପରେ ହୋଇ ନାହିଁ, ସେ ଶୀଘ୍ର ଧରା ପଡ଼ିଯିବ ଓ ତା'ର ବୟସର ଦିନ ଅତି ମାତ୍ରାରେ କମ୍ ହୋଇଯିବ । ମନୁଷ୍ୟର ବୁଦ୍ଧି ବିବେକ ମଧ ଏହି ସାକ୍ଷ୍ୟ ଦେଇଥାଏ ଓ ତାହା ବିରୁଦ୍ଧରେ କୌଣସି ଅମାନ୍ୟକାରୀ କଦାପି ଇତିହାସ ପୃଷ୍ଠାରୁ ଏକ ଦୃଷ୍ଟାନ୍ତ ମଧ ଦେଇପାରିବ ନାହିଁ । ସେ ଏହା ମଧ ଦେଖାଇ ପାରିବ ନାହିଁ ଯେ କୌଣସି ଦୈବିବାଣୀର ମିଥ୍ୟା ଦାବିଦାର ପଚିଶ ବର୍ଷ କିମ୍ବା ଅଠର ବର୍ଷ ପର୍ଯ୍ୟନ୍ତ ମିଥ୍ୟା ଦୈବିବାଣୀ ସଂସାରରେ ଲଗାତାର ଖେଳାଇ ଚାଲିଥିବ ଏବଂ ନିଜକୁ ଈଶ୍ୱରଙ୍କ ସାନିଧ ପାଇଥିବାର ଓ ଈଶ୍ୱରଙ୍କ ପ୍ରେରିତ ଦୂତ ତଥା ନିଜେ ପରମ ଦେବତ୍ୱ ପ୍ରାପ୍ତିସୂଚକ ନାମ ବହନ କରିଥିବେ । ତାଙ୍କ ସମର୍ଥନରେ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ଈଶ୍ୱର ନିଜର ଦୈବିବାଣୀ ଅବତୀର୍ଣ୍ଣ କରାଇ ତାଙ୍କୁ ବିଖ୍ୟାତ କରାଇଥିବେ । କିନ୍ତୁ ଏପରି ଅପରାଧିକ କାର୍ଯ୍ୟକଳାପ ସତ୍ୱେ ତାଙ୍କୁ ଧରା ପକାଇ ନଥିବେ । କଣ ଏହି ପ୍ରଶ୍ନର ଉତର ଆମ ବିରୋଧିମାନେ ଦେବେ ବୋଲି ଆଶା କରାଯାଇପାରେ ? ଆଦୌ ନୁହେଁ । ସେମାନଙ୍କ ହୃଦୟ ଏହା ଜାଣିଛି ଯେ ସେମାନେ ଏହି ପ୍ରଶ୍ନଗୁଡ଼ିକର ଉତର ଖୋଜିବାରେ ଅସମର୍ଥ । ମାତ୍ର ତଥାପି ଅମାନ୍ୟ କରିବାରୁ ନିବୃତ ହୁଅନ୍ତି ନାହିଁ । ଏପରିକି ସେମାନଙ୍କ ନିକଟରେ ବହୁତ ପ୍ରମାଣ ଉପସ୍ଥାପନ କରାଗଲା । କିନ୍ତୁ ସେ ଆଳସ୍ୟରେ ଶୋଇ ରହି କେବଳ ସ୍ୱପ୍ନ ଦେଖୁଥିଲେ ।

**(ଅୟାମୁସ୍ ସୁଲହା, ରୁହାନି ଖଜାରନ୍ ଗ୍ରନ୍ଥ ଖଣ୍ଡ ୧୪, ପୃ ୨୬୭)**

ପୁଣି ଏହା ଧ୍ୟାନ ଦେବା ଯୋଗ୍ୟ ଯେ ସେହି ଯୁଗରେ ଯେତେବେଳେ ପ୍ରତ୍ୟେକ ସଂପ୍ରଦାୟ ପକ୍ଷରୁ ଇସଲାମକୁ ପ୍ରବଳ ବିରୋଧର ସମ୍ମୁଖୀନ ହେବାକୁ ପଡୁଥିଲା । କେବଳ ସେ ଏକମାତ୍ର ବ୍ୟକ୍ତି ଥିଲେ, ଯିଏ ଇସଲାମ୍‌ର ପ୍ରତିରକ୍ଷା କରିବାର କର୍ତ୍ତବ୍ୟ ନିର୍ବାହ କରୁଥିଲେ । କେବଳ ସେ ପ୍ରତିରକ୍ଷା କରି ନଥିଲେ, ବରଂ ଅକାଟ୍ୟ ପ୍ରମାଣ ଓ ବଳିଷ୍ଠ ଯୁକ୍ତି ଦ୍ୱାରା ଇସଲାମ ଜୀବନ୍ତ ଧର୍ମ ହେବା, ମୁହମ୍ମଦ ରସୁଲୁଲ୍ଲାଃ ଏକ ଜୀବିତ ରସୁଲ ହେବା ଓ ପବିତ୍ର କୁରଆନ ଚିରଶାଶ୍ୱତ ଧର୍ମଗ୍ରନ୍ଥ ହେବା ପ୍ରତିପାଦନ କଲେ । ଯଦି ଇସଲାମର ମୁକାବିଲାରେ ଅନ୍ୟ କୌଣସି ଧର୍ମ ଜୀବିତ ହୋଇଥିବାର ପ୍ରମାଣସିଦ୍ଧ କରି ଦେଖାଇବ, ସେଥିପାଇଁ ସେ ବଡ଼ ବଡ଼ ପୁରସ୍କାର ଘୋଷଣା କରି ସେମାନଙ୍କୁ ଚ୍ୟାଲେଞ୍ଜ କରିଥିଲେ । ହଜରତ ମସିହ ମଉଦ[ଆସ] କହିଛନ୍ତି:

"ପରିଶେଷରେ ମୁଁ ପୁନର୍ବାର ସତ୍ୟାନ୍ୱେଷୀ ମାନଙ୍କୁ ମନେ ପକାଇ ଦେଉଛି ଯେ ସେହି ସତ୍ୟ ଧର୍ମର ଚିହ୍ନ ଓ ଇସଲାମର ସତ୍ୟତାର ଆକାଶୀୟ ସାକ୍ଷ୍ୟ, ଯେଉଁ ବିଷୟରେ ଧର୍ମାନ୍ଧ ମୁଲ୍ଲା ଅଜ୍ଞ ଅଛନ୍ତି, ତାହା ମୋତେ ଅର୍ପଣ କରାଯାଇଛି । ମୋତେ ଏଥିପାଇଁ ପଠାଯାଇଛି, ଯଦ୍ୱାରା ମୁଁ ଏହା ପ୍ରମାଣିତ କରିବି ଯେ ଇସଲାମ ହିଁ ଏକମାତ୍ର ଧର୍ମ ଯାହା ସଦା ଜୀବିତ । ଏପରି ପରାକ୍ରମ ଓ ପାରଦର୍ଶୀତା ମୋତେ ପ୍ରଦାନ କରାଯାଇଛି, ଯାହାର ମୁକାବିଲାରେ ସମସ୍ତ ଅଣ ଧର୍ମୀ ବ୍ୟକ୍ତି ଓ ଆଭ୍ୟନ୍ତରୀଣ ଶତ୍ରୁତାରେ ଅନ୍ଧ ବ୍ୟକ୍ତି ମଧ୍ୟ ପରାଜିତ ହୋଇଛନ୍ତି । ମୁଁ ପ୍ରତ୍ୟେକ ବିରୋଧିଙ୍କୁ ଏହା ଦେଖାଇ ଦେଇପାରେ ଯେ ପବିତ୍ର କୁରଆନ ନିଜର ଶିକ୍ଷଣୀୟ ଜ୍ଞାନ, ପାଣ୍ଡିତ୍ୟ, ତାତ୍ତ୍ୱିକ ଭାବାର୍ଥ ଓ ସୂକ୍ଷ୍ମ ଭେଦ ପ୍ରକାଶ କରିବାରେ ଅନନ୍ୟ ଓ ଅତୁଳନୀୟ । ଏହା ମୋସେସ୍ ଅବତାରଙ୍କ ଅଲୌକିକ ନିଦର୍ଶନ ଓ ଯୀଶୁଙ୍କ ଚମତ୍କାରୀତା ଠାରୁ ଶତାଧିକ ଗୁଣରେ ପରିପୂର୍ଣ୍ଣ ।

ମୁଁ ବାରମ୍ବାର କହୁଛି ଓ ଉଚ୍ଚ ସ୍ୱରରେ ଘୋଷଣା କରି କହୁଛି ଯେ ପବିତ୍ର କୁରଆନ ଓ ରସୁଲୁଲ୍ଲାଃ[ସଅ]ଙ୍କ ସହିତ ନିବିଡ଼ ପ୍ରେମ କରିବା ଓ ସତ୍ୟର ଆଜ୍ଞାକାରୀତା ଅବଲମ୍ବନ କରିବା ମନୁଷ୍ୟକୁ ସିଦ୍ଧ ପୁରୁଷ କରିଦିଏ । ସେହି ସିଦ୍ଧ ପୁରୁଷ ଉପରେ ଈଶ୍ୱରଙ୍କ ଅଦୃଶ୍ୟ ରହସ୍ୟରେ ପୂର୍ଣ୍ଣ ଦିବ୍ୟ ଜ୍ଞାନର ଦ୍ୱାର ଖୋଲି ଦିଆଯାଏ । ଦୁନିଆର କୌଣସି ଧର୍ମର ଅନୁଗାମୀ ଆଧ୍ୟାତ୍ମିକ କଲ୍ୟାଣ କ୍ଷେତ୍ରରେ ଏହାର ମୁକାବିଲା କରିପାରିବ ନାହିଁ । କାରଣ ମୁଁ ଏଥିରେ ଅଭିଜ୍ଞତା ହାସଲ କରିଛି । ମୁଁ ଦେଖିବାକୁ ପାଉଛି ଯେ ଇସଲାମ ବ୍ୟତୀତ ସମସ୍ତ ଧର୍ମ ମୃତ, ସେମାନଙ୍କ କୃତ୍ରିମ ଈଶ୍ୱର ଓ ସେ ସମସ୍ତ ଅନୁସରଣକାରୀ ମଧ୍ୟ ମୃତ । ଇସଲାମ ଗ୍ରହଣ ନକଲେ ଈଶ୍ୱରଙ୍କ ସହିତ ଜୀବନ୍ତ ସଂପର୍କ ସ୍ଥାପନ କରିବା କଦାପି ସମ୍ଭବ ନୁହେଁ, ନାଁ ଏହା କଦାପି ସମ୍ଭବପର ନୁହେଁ ।

ହେ ନିର୍ବୋଧଗଣ! ନିର୍ଜୀବଙ୍କ ପୂଜକ ସାଜିବାରେ କି ମଜା ପାଉଛ ? ଓ ମୃତ ଶବ ଖାଇବାରେ କ'ଣ ବା ଆନନ୍ଦ ଅଛି ! ଆସ, ମୁଁ ତୁମକୁ ବତାଉଛି ଯେ ଜୀବିତ ଈଶ୍ୱର କେଉଁଠି ଅଛନ୍ତି । କେଉଁ ସଂପ୍ରଦାୟ ସହିତ ଜଡ଼ିତ ରହି ଅଛନ୍ତି । ସେହି ଈଶ୍ୱର, ଯିଏ ନବୀମାନଙ୍କ ସହିତ ବାର୍ତାଳାପ କରୁଥିଲେ ଓ ପୁଣି ନୀରବ ହୋଇଗଲେ । ସେ ଆଜି ଜଣେ ମୁସଲମାନ ହୃଦୟରେ କହୁଛନ୍ତି । କ'ଣ ତୁମମାନଙ୍କ ମଧ୍ୟରୁ କାହାର ଏହି ବିଷୟକୁ ପରଖିବାର ଆଗ୍ରହ ନାହିଁ? ପୁଣି ଯଦି ଏହି ସତ୍ୟକୁ ପାଇଯିବ, ତା'ପରେ କ'ଣ ସତ୍ୟକୁ ଗ୍ରହଣ କରିନେବ ?"

**(ପାଦଟିକା ଅନ୍‌ଯାମ ଆଥମ୍, ରୁହାନି ଖଜାୟିନ୍, ଗ୍ରନ୍ଥ ଖଣ୍ଡ ୧୧, ପୃ ୩୪୫)**

ପବିତ୍ର କୁରଆନ ଜୀବନ୍ତ ପୁସ୍ତକ ହୋଇଥିବାର ମହାମାନ୍ୟ ଏହିପରି କହିଛନ୍ତି:

"ଯଦି ଧର୍ମ ବିଶ୍ୱାସ ପ୍ରକୃତରେ କଲ୍ୟାଣଦାୟକ, ତେବେ ନିଃସନ୍ଦେହରେ ଏହାର ଚିହ୍ନମାନ ଦେଖାଦେବା ଉଚିତ । ମାତ୍ର କେଉଁଠି କାହିଁ ଖ୍ରୀଷ୍ଟ ଧର୍ମୀ ଅଛନ୍ତି, ଯାହା ପାଖରେ ଯୀଶୁ ବର୍ଣ୍ଣନା କରିଥିବା ଚିହ୍ନ ପ୍ରକାଶିତ ହେଉଛି ? ତେଣୁ ହୁଏତ ବାଇବେଲ ମିଥ୍ୟା ହୋଇପାରେ କିମ୍ବା ଖ୍ରୀଷ୍ଟ ଧର୍ମୀ ମିଥ୍ୟାବାଦୀ । ଦେଖ, କୁରଆନ ଦିବ୍ୟଗ୍ରନ୍ଥରେ ବିଶ୍ୱାସକାରୀଙ୍କ ପ୍ରତି ଯେଉଁ ନିଦର୍ଶନ ବର୍ଣ୍ଣନା କରାଯାଇଛି, ତାହା ପ୍ରତି ଯୁଗରେ ଉପଲବଧ ଥାଏ । କୁରଆନ କୁହେ ଯେ ବିଶ୍ୱାସକାରୀଙ୍କୁ ଦିବ୍ୟ ବାଣୀ ପ୍ରାପ୍ତ ହୋଇଥାଏ । ପ୍ରକୃତ ବିଶ୍ୱାସୀ ଈଶ୍ୱରଙ୍କ ବାଣୀ ଶୁଣିଥାଏ । ଧର୍ମ ବିଶ୍ୱାସୀର ପ୍ରାର୍ଥନା ସବୁଠାରୁ ଅଧିକ ଗୃହୀତ ହୋଇଥାଏ । ବିଶ୍ୱାସୀ ଭକ୍ତ ଉପରେ ଅଦୃଶ୍ୟ ଖବର ପ୍ରକଟିତ ହୁଏ । ସ୍ୱର୍ଗୀୟ ସମର୍ଥନ ସେହି ବିଶ୍ୱାସୀ ସହିତ ସମ୍ମିଳିତ ହୋଇଥାଏ । ତେଣୁ ଯେପରି ପ୍ରଥମ କାଳରେ ଏହି ନିଦର୍ଶନ ପ୍ରକାଶିତ ହୋଇଥିଲା, ତାହା ସ୍ୱାଭାବିକ ରୂପେ ଏବେ ମଧ୍ୟ ପ୍ରକାଶିତ ହେଉଛି । ଏଥିରୁ ପ୍ରମାଣିତ ହେଉଛି ଯେ କୁରଆନ ଈଶ୍ୱରଙ୍କ ଦିବ୍ୟ ବାଣୀ ଓ କୁରଆନର ପ୍ରତିଶ୍ରୁତି ଈଶ୍ୱରଙ୍କ ପ୍ରତିଶ୍ରୁତି । ଉଠ, ହେ ଖ୍ରୀଷ୍ଟ ବିଶ୍ୱାସୀ! ଯଦି ତୁମର କିଛି ଶକ୍ତି ଅଛି, ତେବେ ମୋର ମୁକାବିଲା କର । ଯଦି ମୁଁ ମିଥ୍ୟାବାଦୀ ହୋଇଥାଏ, ତା'ହେଲେ ଅବଶ୍ୟ ମୋର ଶୀର ଛେଦନ କର । ଯଦି ତାହା ନହୁଏ, ତେବେ ଆପଣମାନେ ପ୍ରଭୁଙ୍କ ଦୋଷୀ ରୂପେ କୋପଗ୍ରସ୍ତ ହେବ । ଏବଂ ନର୍କ ନିଆଁର ଇନ୍ଧନ ଆଡକୁ ଆପଣମାନଙ୍କ ପାଦ ଅଗ୍ରସର କରାଇବ ।"

**(ସିରାଜୁଦ୍ଦିନ ଇସାଇ କେ ଚାର ସୱାଲୋଁ କା ଜୱାବ୍, ରୁହାନି ଖଜାୟିନ୍,ଗ୍ରନ୍ଥ ଖଣ୍ଡ ୧୨, ପୃ ୩୭୪)**

ଈଶ୍ୱର ପ୍ରେମ, ରସୁଲଙ୍କ ପ୍ରେମ ଓ କୁରଆନ ପ୍ରତି ଆସକ୍ତିର ଏକ ସମୁଦ୍ର ଉଚ୍ଛୁଙ୍ଗ ଲହଡ଼ି ସଦୃଶ ତାଙ୍କ ଛାତି ଉପରେ ପ୍ରବଳ ମାତ୍ରାରେ ଫାଟି ପଡୁଥିଲା । ତାଙ୍କର ପତ୍ର ପତ୍ରିକା ପଢୁଥିବା ଲୋକଙ୍କ ଉପରେ ଏପରି ପ୍ରେମ ଓ ଆସକ୍ତିରେ ଭରପୁର ଲେଖା ନିଶ୍ଚିତ ରୂପେ ସ୍ପଷ୍ଟ ଆଲୋକର ପ୍ରକାଶ ପକାଉଥିବ । ଏହା ହିଁ ସେହି ପ୍ରେମ ଥିଲା, ଯାହା ବିନିମୟରେ ତାଙ୍କର ସାରା ଜୀବନ ଓ ଜୀବନର ପ୍ରତ୍ୟେକଟି ମୁହୂର୍ତ ସେ ଇସଲାମ ସେବାରେ ଉତ୍ସର୍ଗ କରିଥିଲେ । କୌଣସି ବିରୋଧିର ସାହାସ ନଥିଲା ଯେ ସେ ଅଲ୍ଲାଃ, ତାଙ୍କ ରସୁଲ ଓ ଧର୍ମଗ୍ରନ୍ଥ ବିରୁଦ୍ଧରେ ତାଙ୍କ ସାମନାରେ ମୁହଁ ଖୋଲି ପାରିବ ।" ହଜରତ ମସିହ ମଉଦ[ଆସ] କହିଛନ୍ତି:

"ପ୍ରଭୁ ମୋତେ କୁରଆନର ଜ୍ଞାନ ଅର୍ପଣ କରିଛନ୍ତି ଓ ମୋ ନାମ ସର୍ବପ୍ରଥମ ବିଶ୍ୱାସକାରୀ (ଅୱ୍‌ଲୁଲ୍ ମୁ' ମିନିନ୍) ରଖିଛନ୍ତି । ସେ ସୀମାହୀନ ସାଗର ପରି ଜ୍ଞାନ ଓ ପ୍ରଜ୍ଞାରେ ମୋତେ ପରିପୂର୍ଣ୍ଣ କରି ଦେଇଛନ୍ତି । ମୋତେ ବାରମ୍ବାର ଦୈବିବାଣୀ କରିଛନ୍ତି ଯେ ଏହି ଯୁଗରେ କୌଣସି ସୂକ୍ଷ୍ମ ଦିବ୍ୟ ଜ୍ଞାନ, ପାଣ୍ଡିତ୍ୟ ଓ ଈଶ୍ୱର ପ୍ରେମ ତୁମର ନିଜସ୍ୱ ଜ୍ଞାନ ଓ ପ୍ରେମ ସହିତ କଦାପି ସମାନ ହୋଇ ପାରିବ ନାହିଁ ।" **(ଜରୁରତୁଲ ଇମାମ ରୁହାନି ଖଜାୟିନ, ଗ୍ରନ୍ଥ ଖଣ୍ଡ ୧୩, ପୃ ୫୦୨)**

ମହାମାନ୍ୟ ଆହୁରି କହିଛନ୍ତି "ଯଦି ଏମାନେ ଆମ ପିଲାମାନଙ୍କୁ ଆମ ଆଖି ସାମନାରେ ହତ୍ୟା କରି ଦେଇଥାନ୍ତେ ଏବଂ ଆମର ନିଜସ୍ୱ ପ୍ରିୟ ବସ୍ତୁ ଓ ଅନ୍ତରରେ ଭଲ ପାଉଥିବା ବସ୍ତୁ ଯାହା ଦୁନିଆର ମୋହରେ ଆମକୁ ବାନ୍ଧି ରଖିଥାଏ, ସେଗୁଡ଼ିକୁ ଖଣ୍ଡ ଖଣ୍ଡ କରି କାଟି ପକାଇଥାନ୍ତେ, ତେବେ ବି ହେ ଆମ ପବିତ୍ରମୟ ଅଲ୍ଲାଃ, ଗାରିମାମୟ ଅଲ୍ଲାଃ ଆମକୁ ତିଳେ ହେଲେ ବି ଦୁଃଖ ଲାଗନ୍ତା ନାହିଁ ଓ ଆମ ହୃଦୟକୁ ସେପରି ଭାବରେ ବାଧନ୍ତା ନାହିଁ, ଯେପରି ଆମ ରସୁଲ ମୁହମ୍ମଦ[ସଅ]ଙ୍କୁ ପ୍ରତି ଅସମ୍ମାନ ଓ ଅପମାନ କରି ଆମ ହୃଦୟକୁ ଗଭୀର ଆଘାତ ଦେଇଛନ୍ତି ।" **(ଆଇନା କମାଲାତେ ଇସଲାମ, ରୁହାନି ଖଜାୟିନ୍, ଗ୍ରନ୍ଥଖଣ୍ଡ ୨୨, ପୃ ୫୧)**

ମହାଶୟ କହିଛନ୍ତି; "ତୁମମାନଙ୍କ ପାଇଁ ଏକ ଜରୁରୀ ଶିକ୍ଷା ହେଉଛି ଯେ ପବିତ୍ର କୁରଆନକୁ ପରିତ୍ୟକ୍ତ ଅବସ୍ଥାରେ ଛାଡ଼ି ଦିଅ ନାହିଁ । କାରଣ ଏଥିରେ ତୁମ ଜୀବନ ରହିଛି । ଯେଉଁମାନେ କୁରଆନକୁ ସମ୍ମାନ ଦେବେ, ସେ ସ୍ୱର୍ଗୀୟ ସମ୍ମାନ ଲାଭ କରିବେ । ଯେଉଁ ବ୍ୟକ୍ତି ପ୍ରତ୍ୟେକ ହଦିସ ଓ ପ୍ରତିଟି କଥନ ଉପରେ କୁରଆନ ବାଣୀକୁ ମର୍ତ୍ତ୍ୟରେ ଶ୍ରେଷ୍ଠତା ପ୍ରଦାନ କରିବେ ସେମାନଙ୍କୁ ଆକାଶରେ ପ୍ରାଧାନ୍ୟ ଦିଆଯିବ । ମାନବଜାତି ସକାଶେ ପୃଥିବୀ ପୃଷ୍ଠରେ ଆଉ କିଛି ହେଲେ ପୁସ୍ତକ ନାହିଁ, କେବଳ ହିଁ ପବିତ୍ର ଗ୍ରନ୍ଥ କୁରଆନ । ସମସ୍ତ ଆଦମ ବଂଶଧରଙ୍କ ପାଇଁ ଏବେ ଆଉ କେହି ରସୁଲ ଓ ସୁପାରିଶକର୍ତା ନାହାନ୍ତି ଏକ ମାତ୍ର ହଜରତ ମୁହମ୍ମଦ[ସଅ] । ତେଣୁ ତୁମେ ଚେଷ୍ଟା କର ଯେ ନିଷ୍କାପର ପ୍ରେମଭାବ ସେହି ମହାପ୍ରତାପୀ ତେଜସ୍ୱୀ ନବୀଙ୍କ ସହିତ ରଖିଥାଅ ଅନ୍ୟମାନଙ୍କୁ ତାଙ୍କ ଉପରେ କୌଣସି ପ୍ରକାର ବଡ଼ିମା ଦିଅ ନାହିଁ । ଏହା କରିବା ଦ୍ୱାରା ତୁମେ ସ୍ୱର୍ଗରେ ମୋକ୍ଷ ପ୍ରାପ୍ତ ହୋଇଥିବାର ଲେଖାଯିବ ।"

**(କଶ୍‌ତିନୁହ, ରୁହାନି ଖଜାୟିନ, ଗ୍ରନ୍ଥ ଖଣ୍ଡ ୧୯, ପୃ ୧୩)**

ପବିତ୍ର କୁରଆନ ଓ ମୁହମ୍ମଦ ମୁସ୍ତଫାଙ୍କ ନିର୍ଦ୍ଦେଶ ଅନୁଯାୟୀ ତାଙ୍କର ଅତ୍ୟନ୍ତ ପବିତ୍ର ଜୀବନ ମଧ୍ୟ ତାଙ୍କ ସତ୍ୟତାର ପ୍ରମାଣ । ହଜରତ ମୁହମ୍ମଦ[ସଅ]ଙ୍କ ପବିତ୍ର ଜୀବନ ଚରିତ୍ରକୁ ଅଲ୍ଲାଃତାଲା ତାଙ୍କ ସତ୍ୟତାର ପ୍ରମାଣ ସ୍ୱରୂପ ଉପସ୍ଥାପନ କରିଛନ୍ତି । ଅଲ୍ଲାଃ କହିଛନ୍ତି: **ଫକଦ୍ ଲବିସତୁ ଫିକୁମ୍ ଉମ୍‌ରମ୍ ମିନ୍ କବ୍‌ଲେହୀ ଅଫଲା ତା'କିଲୁନ (ୟୁନସ୍ ୧୭)** ଅର୍ଥାତ୍ 'ମୁଁ ତୁମ ମଧ୍ୟରେ ଏକ ଦୀର୍ଘ ସମୟ ଅତିବାହିତ କରି ସାରିଲିଣି । ତଥାପି ତୁମେ ବୁଦ୍ଧିରେ କାମ କରୁନାହଁ ।' ଏହା ପ୍ରତ୍ୟେକ ନବୀଙ୍କ ସତ୍ୟତାର ଏକ ମାନ ଦଣ୍ଡ ରୂପେ ନିର୍ଦ୍ଧାରଣ କରାଯାଇଛି । ତେଣୁ ହଜରତ ଅହମଦ ନିୟମିତ ରୂପେ ଏହି ଦୃଷ୍ଟାନ୍ତ ଦେଇ ଚ୍ୟାଲେଞ୍ଜ କରିଥିଲେ ଯେ ତୁମମାନଙ୍କ ମଧ୍ୟରୁ କିଏ ଅଛି ଯିଏ ମୋର ଅତୀତ ଜୀବନରେ ଦୋଷ ଦେଖାଇ ପାରିବ ? ତେବେ ହଜରତ ମସିହ ମଉଦ[ଆସ]ଙ୍କ ଅତ୍ୟନ୍ତ ପବିତ୍ର ଓ ଶୁଦ୍ଧ ପୂତ ଜୀବନ ତଥା ଇସଲାମର ପ୍ରତିଷ୍ଠାତା ଓ କୁରଆନ ପ୍ରତି ଆସକ୍ତି ରହିଥିବା ସମ୍ବନ୍ଧରେ ଅନ୍ୟ ଲୋକଙ୍କ ସାକ୍ଷ୍ୟ ମଧ୍ୟ ଗଚ୍ଛିତ ରହିଛି ।

ଅଲ୍ଲାଃତାଲାଙ୍କ ଠାରୁ ବାର୍ତା ବିନିମୟ ଓ ଦୈବିପ୍ରାଣୀ ପ୍ରାପ୍ତ କରିବା ଜନିତ ପୁରସ୍କାର ଲାଭ କରିବା ସଂସାରର ସବୁଠାରୁ ବଡ଼ ପୁରସ୍କାର । ଅଲ୍ଲାଃତାଲାଙ୍କ ପ୍ରେରିତ ଦୂତ ଓ ଐଶୀ ପୁରୁଷ ଏଥିରୁ ସବୁଠାରୁ ଅଧିକ ଅଂଶ ଲାଭ କରନ୍ତି ।

ସେମାନେ ଏହା ବ୍ୟତୀତ ଜୀବିତ ରହିପାରିବେ ନାହିଁ । କୌଣସି ଐଶ୍ୱରିକ ଯୁଗ ପୁରୁଷଙ୍କ ସତ୍ୟତାର ସବୁଠାରୁ ବଡ ପ୍ରମାଣ ହେଉଛି ଯେ ଅଲ୍ଲାଃତାଲା ତାଙ୍କୁ ନିଜର ବାର୍ତାଳାପ ଓ ଦିବ୍ୟବାଣୀ ଦ୍ୱାରା ବିଭୁଷିତ କରିଥାନ୍ତି । ତାଙ୍କୁ ଭବିଷ୍ୟତବାଣୀ ଅର୍ଥାତ ଅଦୃଶ୍ୟ ରହସ୍ୟର ଭେଦ ଜଣାଇଥାନ୍ତି ଓ ସେହି ଅଦୃଶ୍ୟ ଖବର ନିଜ ନିଜ ସମୟରେ ପୂରଣ ହୋଇଥାଏ । କେତେକ ସୂଚନା ତତ୍‌କ୍ଷଣାତ ଓ ଅନ୍ୟ କେତେକ କିଛି ଦିନ, କିଛି ବର୍ଷ ମଧ୍ୟରେ ଅଥବା ଏକ ଲମ୍ବା ଅବଧି ପରେ ପୂରଣ ହୁଏ । ତାଙ୍କୁ ଅଲ୍ଲାଃତାଲା ବ୍ୟାପକ ଭାବରେ ଅଦୃଶ୍ୟ ଖବର ଜଣାଇଲେ । ଲକ୍ଷାଧିକ ସଂଖ୍ୟାରେ ଭବିଷ୍ୟବାଣୀ କଲେ । ହଜରତ ମସିହ ମଉଦ[ଅସ]ଙ୍କ ବାରମ୍ବାର ବିରୁଦ୍ଧାଚରଣକାରୀଙ୍କୁ ଚାଲେଞ୍ଜ କଲେ ଯେ ଯଦି ମୁଁ ମିଥ୍ୟାବାଦୀ, ତେବେ ଭବିଷ୍ୟତ ବାଣୀ ଓ ଅଦୃଶ୍ୟ ସୂଚନା ବତାଇବାରେ ମୋ ସହିତ ମୁକାବିଲା କର । ସୁତରାଂ ମହାଶୟ କହିଲେ:

"ଆମେ ଏପରି ଧର୍ମକୁ ନେଇ କ'ଣ କରିବା, ଯାହା ମୃତ ପ୍ରାୟ ସଂପ୍ରଦାୟ । ଆମେ ଏପରି ଧର୍ମ ଗ୍ରନ୍ଥରୁ କି ଲାଭ ଉଠାଇବା ଯାହା ନିଷ୍ପ୍ରାଣ ପୁସ୍ତକ ଏବଂ ଆମକୁ ସେପରି ପ୍ରଭୁ କେଉଁ ଅନୁଗ୍ରହ କରିବେ, ଯିଏ ଏକ ନିର୍ଜୀବ ପ୍ରଭୁ ! ମୋତେ ସେହି ପରମ ସତାଙ୍କ ରାଣ, ଯାହାଙ୍କ ହାତରେ ମୋର ଜୀବନ ନାଟିକା ରହିଛି । ମୁଁ ଯେ ଆପଣା ପବିତ୍ର ପ୍ରଭୁଙ୍କ ସହିତ ବାର୍ତାଳାପରେ ନିମଗ୍ନ ହେବାର ସୌଭାଗ୍ୟ ପ୍ରାପ୍ତ କରିଛି । ଏହା ଦୃଢ ନିଶ୍ଚିତ ଯେ ପ୍ରାୟ ପ୍ରତ୍ୟେକ ଦିନ ଦୈବିବାଣୀର ପ୍ରବାହ ନିରବଛିନ୍ନ ଭାବେ ମୋ ଉପରେ ପ୍ରକଟିତ ହେବାରେ ଲାଗିଛି । କିନ୍ତୁ ସେହି ପ୍ରଭୁ, ଯାହାଙ୍କୁ ଯୀଶୁ ମସିହ କହିଥିଲେ, 'ତୁମ୍ଭେ ମୋତେ କାହିଁକି ପରିତ୍ୟାଗ କଲ ?' କିନ୍ତୁ ଏବେ ମୁଁ ଦେଖିବାକୁ ପାଉଛି ଯେ ସେ ମୋତେ ଛାଡ଼ି ଦେଇ ନାହାନ୍ତି । ଯୀଶୁଙ୍କ ପରି ମୋ ଉପରେ ମଧ୍ୟ ବହୁତ ଆକ୍ରମଣ କରାଗଲା । ମାତ୍ର ପ୍ରତ୍ୟେକ ଆକ୍ରମଣରେ ଶତ୍ରୁ ଅସଫଳ ରହିଲେ । ମୋତେ ଫାଶି ଦେବା ପାଇଁ ଷଡ଼ଯନ୍ତ୍ର କରାଗଲା । ମାତ୍ର ମୁଁ ଯୀଶୁଙ୍କ ପରି ଶୁଳିରେ ଚଢିଲି ନାହିଁ । ବରଂ ପ୍ରତି ବିପତି ସମୟରେ ମୋ ପ୍ରଭୁ ମୋତେ ରକ୍ଷା କଲେ । ମୋ ସକାଶେ ସେ ଅନେକ ଆଲୌକିକ ମହିମା ଦେଖାଇଲେ । ବଡ଼ ବଡ଼ ସଶକ୍ତ ହାତର ଚମତ୍କାରୀତା ପ୍ରଦର୍ଶନ କଲେ । ଏବଂ ହଜାର ପ୍ରକାର ନିଦର୍ଶନ ଦ୍ୱାରା ସେ ମୋ ଉପରେ ଏହା ସାବ୍ୟସ୍ତ କରିଦେଲେ ଯେ ସେହିଁ ପ୍ରଭୁ ଯିଏ କୁରଆନ୍ ବାଣୀ ଅବତୀର୍ଣ୍ଣ କରିଛନ୍ତି ଓ ଯିଏ ହଜରତ ମହମ୍ମଦ[ସଅ]ଙ୍କୁ ପଠାଇଛନ୍ତି । ତେଣୁ ମୁଁ ଯୀଶୁ ମସିହଙ୍କୁ ଆଦୌ ଏ ସଂକ୍ରାନ୍ତରେ ଆପଣା ଠାରୁ ଅଧିକ ଶ୍ରେଷ୍ଠ ହେବାର ଦେଖୁନାହିଁ ।"

**(ଚଶ୍‌ମା ଏ ମସିହ, ରୁହାନି ଖଜାୟିନ୍, ଗ୍ରନ୍ଥ ଖଣ୍ଡ ୨୦, ପୃ ୩୫୩)**

ହଜରତ ମସିହ ମଉଦ[ଅସ] କହିଛନ୍ତି ! "ଏହା ସିଧା ସଳଖ କଥା ଥିଲା ଯେ ଆପଣମାନେ ଦୈବିବାଣୀ ପ୍ରାପ୍ତ ବ୍ୟକ୍ତି ବୋଲି ନିଜକୁ କହୁଛନ୍ତି । ଆପଣଙ୍କ ପ୍ରାର୍ଥନା ଗୃହୀତ ହେବାର ଦାବି କରୁଛନ୍ତି । ଏପରି କିଛି ଭବିଷ୍ୟତବାଣୀ ଯାହାକି ପ୍ରାର୍ଥନା ଗୃହୀତ ହେବା ସହିତ ସମ୍ବନ୍ଧିତ, ସେସବୁକୁ ଇସ୍ତେହାର ମାଧ୍ୟମରେ ପ୍ରକାଶିତ କରିଦିଅନ୍ତୁ । ମୁଁ ମଧ୍ୟ ମୋ ପକ୍ଷରୁ ତାହା ପ୍ରକାଶିତ କରିଦେବି । ଏହି ମୁକାବିଲା ବର୍ଷ ସମୟରୁ ଅଧିକ ନହେଉ । ପୁଣି ଯଦି ଆପଣମାନଙ୍କ ଦ୍ୱାରା ପ୍ରକାଶିତ ଭବିଷ୍ୟତ ବାଣୀଗୁଡ଼ିକ ସତ୍ୟ ହୋଇଯାଏ, ତେବେ ଏକାଥରକେ ସେହି କ୍ଷଣି ହଜାର ହଜାର ସଂଖ୍ୟାରେ ମୋ ଜମାଅତର ଲୋକ ଆପଣଙ୍କ ସହିତ ସାମିଲ ହୋଇଯିବେ ଓ ମିଛୁଆର ମୁହଁ କଳା ପଡ଼ିଯିବ । କ'ଣ ଆପଣମାନେ ମୋର ଏହି ଆବେଦନକୁ ଗ୍ରହଣ କରିବେ ? କିନ୍ତୁ ଏହା ଆପଣଙ୍କ ପକ୍ଷେ ଅସମ୍ଭବ ତେଣୁ ଏହି କାରଣ ଯୋଗୁଁ ହିଁ ସତ୍ୟକୁ ଖୋଜୁଥିବା ବ୍ୟକ୍ତି ଆପଣମାନଙ୍କ ଠାରୁ ବିମୁଖ ହୋଇ ଯାଉଛନ୍ତି ।"

**(ତୋହଫା ଗଜନୁୱି, ରୁହାନି ଖଜାୟିନ, ଗ୍ରନ୍ଥ ଖଣ୍ଡ ୧୫, ପୃ ୫୪୪)**

ଖ୍ରୀଷ୍ଟିୟାନମାନେ ହଜରତ ମସିହ ମଉଦ[ଅସ]ଙ୍କ ଦୈବି ବାଣୀ ସଂପର୍କୀତ ଦାବିକୁ ଦୁର୍ବଳ ଓ ନିଷିଦ୍ଧ ଘୋଷଣା କରିବା ପାଇଁ କ୍ରୋଧ, ଅପବାଦ ଓ ଅହଙ୍କାରର ପଥ ଆପଣାଇ ଏକ ଛଳ ଖେଳିଥିଲେ । କିନ୍ତୁ ସେହି ଛଳ ସେମାନଙ୍କ ଉପରକୁ ପୁଣି ଓଲଟି ପଡ଼ିଲା । ହଜରତ ମସିହ ମଉଦ[ଅସ] କହିଛନ୍ତି:

"ନୁରେ ଅଫ୍‌ଶାଁ ପତ୍ରିକାରେ କେତେକ ପାଦ୍ରୀ ଏହା ପ୍ରକାଶିତ କଲେ ଯେ ଆମେ ଏକ ଜନସଭାରେ ଗୋଟିଏ ବନ୍ଦ ଲଫାଫା ଦେଖାଇ କହିବୁ ଯେ ଏହା ଭିତରେ ଯେଉଁ ବିଷୟବସ୍ତୁ ରହିଛି, ତାକୁ ଦୈବିବାଣୀ ଦ୍ୱାରା ବତାଇ ଦିଅ । ମାତ୍ର ଯେତେବେଳେ ଆମ ପକ୍ଷରୁ ସର୍ତ ରଖାଯାଇ ତାଙ୍କ ଆବେଦନକୁ ଗ୍ରହଣ କରାଗଲା ଯେ ତୁମକୁ ମୁସଲମାନ ହେବାକୁ ପଡ଼ିବ, ସେତେବେଳେ ପାଦ୍ରୀମାନେ ସେ ଦିଗକୁ ମନ ବଳାଇଲେ ନାହିଁ ।" **(ଆଇନା କମାଲାତେ ଇସଲାମ, ରୁହାନି ଖଜାୟିନ୍, ଗ୍ରନ୍ଥ ଖଣ୍ଡ ୧୫, ପୃ ୨୮୪)**

**ଯୋ ଖୁଦାକା ହୈ ଉସେ ଲଲ୍‌କାରନା ଅଚ୍ଛା ନେହିଁ**
**ହାଥ୍ ଶେରୋଁ ପର୍ ନ ଡାଲ୍ ଅଏ ରୁବଏ ଜାରୋ ନଜାର୍**
**ଆଜମାଇଶ୍ କେ ଲିଏ କୋଇ ନ ଆୟା ହରଚନ୍ଦ୍**
**ହର୍ ମୁଖାଲିଫ୍‌କୋ ମୁକାବିଲ୍ ପେ ବୁଲାୟା ହମ୍‌ନେ ।**

ଅଲ୍ଲାଃଙ୍କ ପରେ ତାଙ୍କ ପ୍ରେରିତଗଣ ହିଁ ମାନବଜାତିର ସବୁଠାରୁ ଅଧିକ ସହାନୁଭୁତିଶୀଳ ହୋଇଥାନ୍ତି । ହଜରତ ମୁହମ୍ମଦ[ସଅ]ଙ୍କ ସମ୍ବନ୍ଧରେ ଅଲ୍ଲାଃତାଲା କହିଥିଲେ, 'କ'ଣ ତୁମେ ଏହି ଦୁଃଖରେ ମ୍ରିୟମାଣ ହୋଇ ନିଜକୁ ତିଳ ତିଳ କରି ମାରିଦେବ ? ଯେ ଲୋକମାନେ (ଏକେଶ୍ୱରଙ୍କ ପ୍ରତି) କାହିଁକି ବିଶ୍ୱାସ ଆଣୁ ନାହାନ୍ତି ? ହଜରତ ମସିହ ମଉଦ[ଅସ] ମୁହମ୍ମଦ ରସୁଲୁଲ୍ଲାଙ୍କ ସଂପୂର୍ଣ୍ଣ ଅନୁରୂପରେ ଏକ ଛାୟା ନବୀ ଥିଲେ । ତାଙ୍କୁ ମଧ୍ୟ ମାନବଜାତି ପ୍ରତି ଅପାର ଶ୍ରଦ୍ଧା ଓ ସହାନୁଭୂତି ରହିଥିଲା । ଏହାର ଦୃଷ୍ଟାନ୍ତ ତ ଅନେକ ରହିଛି, କେବଳ ଗୋଟିଏ ଲେଖା ଦ୍ୱାରା ଏଠାରେ ଏହି ବିଷୟର ଉଲ୍ଲେଖ କରାଯାଉଛି:

"ମୁଁ ସବୁ ମୁସଲମାନ, ଖ୍ରୀଷ୍ଟିୟାନ, ହିନ୍ଦୁ ଓ ଆର୍ଯ୍ୟ ସମାଜୀଙ୍କ ନିକଟରେ ଘୋଷଣା କରୁଛି ଯେ ଏହି ସଂସାରରେ ମୋର କେହି ଶତ୍ରୁ ନାହାନ୍ତି । ମୁଁ ମାନବ ସମାଜକୁ ଏପରି ଭାବରେ ପ୍ରେମ କରେ, ଯେପରି ଜଣେ କରୁଣାମୟୀ ମାତା ତା' ସନ୍ତାନକୁ ପ୍ରେମ କରେ ବରଂ ତା'ଠାରୁ ମଧ୍ୟ ଅଧିକ । ମୁଁ କେବଳ ସେହି ସବୁ ମିଥ୍ୟା ମତବାଦର ଶତ୍ରୁ, ଯାହା ସତ୍ୟକୁ ବିନାଶ କରେ । ମଣିଷ ପ୍ରତି ସହାନୁଭୂତି ପ୍ରଦର୍ଶନ କରିବା ମୋର ପରମ କର୍ତବ୍ୟ । ମିଥ୍ୟାକୁ ସ୍ୱୀକାର ନକରିବା ମୋର ନୀତି । ମୁଁ ପ୍ରତୀମା ପୂଜା, ଅତ୍ୟାଚର, ଅସଦାଚରଣ, ଅନ୍ୟାୟ ଓ ବ୍ୟଭିଚରକୁ ପ୍ରତ୍ୟାଖ୍ୟାନ କରୁଛି ।"

**(ଅରବୈନ୍ ନଂ ୧, ରୁହାନି ଖଜାୟିନ୍,ଗ୍ରନ୍ଥ ଖଣ୍ଡ ୧୭, ପୃ ୩୪୪)**

ଈଶ୍ୱର ପ୍ରେରିତ ବାର୍ତାବହମାନଙ୍କ ପ୍ରାର୍ଥନାକୁ ଅଲ୍ଲାଃତାଲା ପ୍ରଚୁର ପରିମାଣରେ ଗ୍ରହଣ କରିଥାନ୍ତି । ଏହା ଐଶ୍ୱରିକ ପୁରୁଷଙ୍କ ସତ୍ୟତାର ଏକ ବିଶେଷ ନିଦର୍ଶନ ହୋଇଥାଏ । ପ୍ରାର୍ଥନା ଗୃହୀତ ହେବା ପ୍ରବାହରେ ସେମାନଙ୍କର କେହି ମୁକାବିଲା କରିପାରନ୍ତି ନାହିଁ । ହଜରତ ମସିହ ମଉଦ[ଅସ] ନିଜ ସତ୍ୟତାର ପ୍ରମାଣ ସ୍ୱରୂପ ପ୍ରାର୍ଥନା ଗୃହୀତ ହେବାର ଚମତ୍କାରୀତାକୁ ଉପସ୍ଥାପନ କରିଛନ୍ତି । ଅଲ୍ଲାଃତାଲା ତାଙ୍କର ହଜାର ହଜାର ପ୍ରାର୍ଥନାକୁ ଗ୍ରହଣ କରିଛନ୍ତି । ସେ ପ୍ରାର୍ଥନା ଗୃହୀତ ହେବା ପ୍ରସଙ୍ଗରେ ମଧ୍ୟ ବିରୋଧିମାନଙ୍କୁ ମୁକାବିଲା କରିବା ପାଇଁ ଆହ୍ୱାନ କରିଥିଲେ ଯେ ଯଦି ସେମାନେ ସତ୍ୟବାଦୀ, ତା'ହେଲେ ନିଜକୁ ପ୍ରାର୍ଥନା ଗୃହୀତ ହେବା, ଈଶ୍ୱରଙ୍କ ଦରବାରରେ ସ୍ୱୀକୃତି ଓ ସାନିଧ୍ୟ ଲାଭ କରିଥିବାର ସାବ୍ୟସ୍ତ କରନ୍ତୁ । ସୁତରାଂ ହଜରତ ମସିହ ମଉଦ[ଅସ] କହିଛନ୍ତି:

"ପ୍ରଚୁର ପରିମାଣରେ ଦୁଆ ଗୃହୀତ ହେବାର ନିଦର୍ଶନ ମୋତେ ଅର୍ପଣ କରାଯାଇଛି । କେହି ଏହାର ମୁକାବିଲା କରି ପାରିବେ ନାହିଁ । ମୁଁ ଶପଥ କରି କହିପାରେ ଯେ ମୋର ପ୍ରାର୍ଥନା ତିରିଶ ହଜାର ସଂଖ୍ୟାରେ ଗୃହୀତ ହୋଇ ସାରିଛି । ଏହାର ପ୍ରମାଣ ମୋ ପାଖରେ ରହିଛି ।"

**(ଜରୁରତୁଲ୍ ଇମାମ୍, ରୁହାନି ଖଜାୟିନ୍, ଗ୍ରନ୍ଥ ଖଣ୍ଡ ୧୩, ପୃ ୪୯୬)**

"ଏହା ସୁସ୍ପଷ୍ଟ ଭାବେ କହିପାରେ, ପ୍ରଭୁଙ୍କ କୃପାରୁ ମୋର ଏହି ଅବସ୍ଥା ଯେ ମୁଁ କେବଳ ଇସଲାମକୁ ସତ୍ୟ ଧର୍ମ ରୂପେ ବିବେଚନା କରେ । ଅନ୍ୟ ଧର୍ମର ଆସ୍ଥାକୁ ମିଥ୍ୟା ଓ ଅସିଦ୍ଧର ପିତୁଳା ବୋଲି ଭାବୁଛି । ମୁଁ ଦେଖୁଛି ଯେ ଇସଲାମକୁ ମାନିବା ଦ୍ୱାରା ଜ୍ୟୋତିର ଝରଣା ମୋ ଅନ୍ତରରେ ପ୍ରବାହିତ ହେଉଛି । କେବଳ ହଜରତ ମୁହମ୍ମଦ ରସୁଲୁଲ୍ଲାଃଙ୍କ ସହିତ ପ୍ରେମ ଯୋଗୁଁ ଉଚ୍ଚକୋଟିର ଐଶି ପ୍ରକଟନ ଓ ପ୍ରାର୍ଥନା ଗୃହୀତ ହେବାର ଧାରାବାହିକ ଗୌରବ ମୋତେ ମିଳିଛି । ଯାହା ସତ୍ୟନିଷ୍ଠ ନବୀଙ୍କ ଆଜ୍ଞାବହ ହେବା ବିନା ଅନ୍ୟ କାହାରିକୁ ହାସଲ ହୋଇ ପାରିବ ନାହିଁ । ଯଦି ହିନ୍ଦୁ ଓ ଖ୍ରୀଷ୍ଟିୟାନ ଇତ୍ୟାଦି ନିଜର ଅବାସ୍ତବ ଓ ମିଥ୍ୟା ଉପାସକଙ୍କ ନିକଟରେ ପ୍ରାର୍ଥନା କରି କରି ମରି ବି ଯାଆନ୍ତି, ତଥାପି ମଧ୍ୟ ତାଙ୍କୁ ସେହି ଆଧାତ୍ମିକ ସ୍ତର ମିଳିପାରିବ ନାହିଁ । ସେହିପରି ମାନ୍ୟତା ସଂପନ୍ନ ଐଶି ବାର୍ତାଳାପର ଭାବଧାରା ପ୍ରାପ୍ତ ହୋଇପାରିବ ନାହିଁ, ସେମାନଙ୍କର ତୁଳନାରେ ଯାହାଙ୍କୁ ସେମାନେ ମାନୁଛନ୍ତି । ମୁଁ ଶୁଣିବାକୁ ପାଉଛି ଓ ମୋତେ ଦେଖାଇ ଦିଆଯାଇଛି ଓ ବତାଇ ଦିଆଯାଇଛି ତଥା ବୁଝାଇ ଦିଆଯାଇଛି ଯେ ସଂସାରରେ କେବଳ ଇସଲାମ ହିଁ ସତ୍ୟ । ଏହା ମୋ ପ୍ରତି ପ୍ରକଟିତ ହୋଇଛି ଯେ ଯାହା କିଛି ତୁମେ ପାଇଛ, ମୁହମ୍ମଦ [ସଅ]ଙ୍କ ଆଜ୍ଞାନୁବର୍ତିତାର କଲ୍ୟାଣ ଯୋଗୁଁ ଯାହା କିଛି ତୁମକୁ ମିଳିଛି, ଅନ୍ୟ କୌଣସି ଧର୍ମରେ ଏହାର ଉପମା ନାହିଁ । ଯେହେତୁ ସେମାନେ ଅସତ୍ୟ ଉପରେ ପ୍ରତିଷ୍ଠିତ । ଏବେ ଯଦି କୌଣସି ସତ୍ୟର ସନ୍ଧାନୀ ଅଛି, ସେ ହିନ୍ଦୁ ହୋଇଥାଉ କି ଖ୍ରୀଷ୍ଟିୟାନ ସେ ଆର୍ଯ୍ୟ ସମାଜୀ କିମ୍ବା ଇହୁଦୀ କି ବ୍ରହ୍ମ ସମାଜୀ ହୋଇଥାଉ ଅଥବା ଅନ୍ୟ କେହି ହୋଇଥାନ୍ତୁ । ତା'ପାଇଁ ଏହା ଏକ ଉତ୍କୃଷ୍ଟ ଅବସର ଯେ ସେ ମୋ ମୁକାବିଲାରେ ଛିଡ଼ା ହେଉ ଏବଂ ଯଦି ସେ ଅଦୃଶ୍ୟ ରହସ୍ୟ ଜାଣିବାରେ ତଥା ପ୍ରାର୍ଥନା ଗୃହୀତ ହେବା ବିଷୟରେ ମୋ ସହିତ ପ୍ରତିଦ୍ୱନ୍ଦୀତା

କରିବାକୁ ସାହାସ କରିପାରିବ, ତେବେ ମୁଁ ସେହି ସର୍ବଶକ୍ତିମାନ ଓ ମହୀୟାନ ଅଲ୍ଲାଃଙ୍କ ରାଣ ଖାଇ କହୁଛି ଯେ ମୁଁ ନିଜର ସକଳ ସଂପତି ଯାହାର ମୂଲ୍ୟ ଦଶ ହଜାର ଟଙ୍କା ପାଖାପାଖି ହେବ, ତାକୁ ସମର୍ପଣ କରିଦେବି କିମ୍ବା ଯେପରି ତାକୁ ସନ୍ତୋଷ ମିଳିବ, ତା'ର ଇଚ୍ଛା ଅନୁଯାୟୀ ଦେୟ ରାଶି ରୂପେ ତାକୁ ସେ ସବୁ ଦାନ କରିଦେବି ।" **(ଆଇନା କମାଲାତେ ଇସଲାମ, ରୁହାନି ଖଜାୟିନ୍, ଗ୍ରନ୍ଥ ଖଣ୍ଡ ୧୫, ପୃ ୨୭୫)**

ହଜରତ ମସିହ ମଉଦ[ଅସ] ନିଜ ସତ୍ୟତାକୁ ପ୍ରମାଣିତ କରିବା ପାଇଁ ଖ୍ରୀଷ୍ଟିୟାନ, ମୁସଲମାନ ବିଦ୍ୱାନ, ସୁଫି ସନ୍ଥ ତଥା ସିଦ୍ଧ ପୁରୁଷମାନଙ୍କୁ ମୁକାବିଲା ସକାଶେ ଆମନ୍ତ୍ରଣ କଲେ । କେବଳ ଥରେ ନୁହେଁ ବାରମ୍ବାର ମୁବାହିଲା ଆଡକୁ ଡାକିଲେ । ଯଦ୍ୱାରା ଈଶ୍ୱର କିପରି ତାଙ୍କ ସମର୍ଥନରେ ଚିହ୍ନମାନ ପ୍ରକଟ କରିଛନ୍ତି, ତାହା ସଂସାରରେ ପ୍ରକାଶିତ ହୋଇଯିବ । ଅଧିକାଂଶ ବ୍ୟକ୍ତି ଫେରାର ହୋଇ ଚାଲିଗଲେ ଏବଂ ଯେଉଁମାନେ ତାଙ୍କ ସହିତ ମୁବାହିଲା କଲେ, ସେମାନଙ୍କ ମଧ୍ୟରୁ ମୁବାହିଲା ନିୟମାନୁସାରେ କେତେକ ଶୋଚନୀୟ ମୃତ୍ୟୁ ବରଣ କଲେ ଓ ଆଉ କେତେକ ଅତି ଦୟନୀୟ ଭାବେ ଲାଞ୍ଛିତ, ଅପଦସ୍ତ ଓ ଘୋର ଅପମାନର ଶରବ୍ୟ ହେଲେ । ହଜରତ ମସିହ ମଉଦ[ଅସ] ଏଥି ସମ୍ବନ୍ଧରେ କହିଛନ୍ତି:

ଜଣେ ଈଶ୍ୱର ଭୟ ରଖୁଥିବା ଧର୍ମନିଷ୍ଠ ବ୍ୟକ୍ତି ପାଇଁ ଏହା ଯଥେଷ୍ଟ ଯେ ଈଶ୍ୱର ମୋତେ ଧର୍ମ ଦ୍ରୋହୀଙ୍କ ପରି ବିନାଶ କଲେ ନାହିଁ । ବରଂ ମୋର ପ୍ରକାଶ୍ୟ ଓ ମୋର ଗୁପ୍ତ, ମୋର ଶରୀର ଓ ମୋ ଆତ୍ମା ଉପରେ ଏପରି ଅନୁଗ୍ରହ ବର୍ଷା କଲେ, ଯାହାକୁ ମୁଁ ଗଣନା କରିପାରିବି ନାହିଁ । ଏବେ ବି ଯଦି ମୌଲବୀମାନେ ମୋତେ ଧର୍ମଦ୍ରୋହୀ ମନେ କରୁଛନ୍ତି, ତେବେ ମୋର ଏହାଠାରୁ ବଳି ଅନ୍ୟ ଏକ ନିଷ୍ପତି ହେଉଛି ଯେ ମୁଁ ମୌଲବୀଙ୍କ ସହିତ ମୁବାହିଲା କରିବି ।

**(ଅଞ୍ଜାମ ଆଥମ୍ ରୁହାନି ଖଜାୟିନ୍ ଗ୍ରନ୍ଥ ଖଣ୍ଡ ୧୧, ପୃ ୫୦)**

ହଜରତ ମସିହ ମଉଦ[ଅସ] ନିଜ ସତ୍ୟତା ପ୍ରମାଣିତ କରିବା ପାଇଁ ଚିହ୍ନ ଦେଖାଇବାର ଅନ୍ୟମାନଙ୍କୁ ନିମନ୍ତ୍ରଣ କଲେ । ସେ କହିଛନ୍ତି "ଯଦି କେହି ବ୍ୟକ୍ତି ସ୍ୱଚ୍ଛ ହୃଦୟରେ ଆମ ପାଖରେ ଆସି ରହିବ, ତେବେ ଅଲ୍ଲାଃତାଲା ନିଶ୍ଚୟ କୌଣସି ନା କୌଣସି ଚିହ୍ନ ତାକୁ ଅବଶ୍ୟ ଦେଖାଇବେ । ମୁସଲମାନ ହେବା ସର୍ତ ଉପରେ ମଧ୍ୟ ସେ ଏକ ବର୍ଷ ମଧ୍ୟରେ ନିଜ ଚିହ୍ନ ଦେଖାଇବାର ପ୍ରତିଶ୍ରୁତି ଦେଲେ । କଥା ହେଉଛି ଯେ ଅଧିକାଂଶ ବିରୁଦ୍ଧାଚରଣ କରୁଥିବା ବ୍ୟକ୍ତି ସତ୍ୟବାଦୀ ଓ ସ୍ୱଚ୍ଛ ହୃଦୟର ହୋଇନଥାନ୍ତି ଓ ବିଶ୍ୱାସ କରିବା ଆଡ଼କୁ ତାଙ୍କର କୌଣସି ବିଶେଷ ରଚି ନଥାଏ । ଈଶ୍ୱରଙ୍କ ଦୂତଙ୍କ ସହିତ ଶତ୍ରୁତା, ହିଂସା ଓ କପଟତାରେ ସେମାନେ ଅନ୍ଧ ହୋଇଥାନ୍ତି । ପ୍ରତ୍ୟେକ ପ୍ରକାର ମିଥ୍ୟା, ଶଠତା ଓ କୁତ୍ସାରଟନା ତାଙ୍କ ବିରୁଦ୍ଧରେ ଲଗାଇ ଦିଅନ୍ତି । ଏପରି ସ୍ଥଳେ ସେମାନେ ଚିହ୍ନ ଦେଖାଇବାର ଆହ୍ୱାନକୁ କିପରି ଗ୍ରହଣ କରିପାରିବେ ।"

ହଜରତ ମସିହ ମଉଦ[ଅସ] କହିଛନ୍ତି:

"ହେ ମୋର ବିରୋଧି ମୌଲବିଗଣ ! ଯଦି ତୁମକୁ ସନ୍ଦେହ ହେଉଛି, ତେବେ ଆସ କିଛି ଦିନ ମୋ ସଂସ୍ପର୍ଶରେ ରୁହ । ଯଦି ମୋ ପାଖରେ ରହଣି କାଳରେ ପ୍ରଭୁଙ୍କର କୌଣସି ଚିହ୍ନ ନଦେଖ, ତେବେ ମୋତେ ଧର ଓ ଯେମିତି ଇଚ୍ଛା ମୋର ନିନ୍ଦାଗାନ କର । ମୁଁ ସମସ୍ତ ଯୁକ୍ତି ତର୍କ ଶେଷ କରିଦେଇଛି । ଏଣିକି ଯେ ପର୍ଯ୍ୟନ୍ତ ସେହି ଯୁକ୍ତିର ସତ୍ୟାସତ କୁ ଖଣ୍ଡନ ନ କରିଛ, ତୁମ ପାଖରେ ଏହାର କୌଣସି ଉତର ନାହିଁ । ପ୍ରଭୁଙ୍କ ନିଦର୍ଶନର ଏଠାରେ ଅଜସ୍ର ବର୍ଷା ହେଉଛି । କଣ ତୁମମାନଙ୍କ ମଧ୍ୟରୁ କେହି ନାହିଁ, ଯିଏ ସତ୍ ହୃଦୟକୁ ନେଇ ମୋ ପାଖକୁ ଆସିବ । କ'ଣ ଜଣେ ବି ସେପରି କେହି ନାହିଁ ?"

**(ଅଞ୍ଜାମ ଆଥମ୍, ରୁହାନି ଖଜାୟିନ୍, ଗ୍ରନ୍ଥ ଖଣ୍ଡ ୧୧, ପୃ ୩୪୭)**

ସେ ଇସଲାମ ଧର୍ମ ଗ୍ରହଣ କରିବାର ସର୍ତ ଉପରେ ମହାରାଣୀ ଭିକ୍ଟୋରିଆଙ୍କୁ ମଧ୍ୟ ନିଦର୍ଶନ ଦେଖାଇବା ପାଇଁ ଆମନ୍ତ୍ରଣ କଲେ । ମହାଶୟ କହିଛନ୍ତି:

"ଯଦି ସମ୍ମାନୀୟା ମହାରାଣୀ ମୋର ଦାବିର ସମର୍ଥନ ପାଇଁ ମୋ ଠାରୁ ନିଦର୍ଶନ ଦେଖିବାକୁ ଚାହାନ୍ତି ତେବେ ମୋର ଦୃଢ଼ ବିଶ୍ୱାସ ଯେ ଏବେ ଏକ ବର୍ଷ ନପୂରୁଣୁ ସେହି ନିଦର୍ଶନ ପ୍ରକାଶିତ ହୋଇଯିବ । କେବଳ ସେତିକି ନୁହେଁ, ବରଂ ଏହା ପ୍ରାର୍ଥନା ମଧ୍ୟ କରିପାରେ ଯେ ଏକ ବର୍ଷ କାଳର ଅବଧି ସର୍ବକୁଶଳରେ ଓ ସୁସ୍ଥମୟ ଜୀବନ ସହିତ କଟିଯାଉ । କିନ୍ତୁ ଯଦି କୌଣସି ଚିହ୍ନ ପ୍ରକାଶ ନହୁଏ ଓ ମୁଁ ଏହାଦ୍ୱାରା ମିଥ୍ୟାବାଦୀ ହୋଇଗଲି, ତେବେ ମୁଁ ସେପରି ଦଣ୍ଡ ଭୋଗ କରିବାକୁ ରାଜି ଅଛି ଯେ ମହାମହିମ ରାଣୀଙ୍କ ସିଂହାସନ ସମ୍ମୁଖରେ ଫାଶିରେ ଝୁଲିଯିବି । ଏସବୁ କାଣ୍ଡ ଏଥିପାଇଁ ଯେ କାଳେ ଆମ ଆଦରଣୀୟା ମହାରାଣୀଙ୍କୁ ଏହି ଆକାଶ ଓ ମର୍ତ୍ତ୍ୟର ଅଧିଶ୍ୱର ପ୍ରଭୁଙ୍କ ପ୍ରତି ଧ୍ୟାନ ଆସିବ, ଯାହା ସମ୍ବନ୍ଧରେ ଏହି ଯୁଗରେ ଖ୍ରୀଷ୍ଟଜଗତ ଅନଭିଜ୍ଞ ରହିଛି ।"

**(ତୋହଫାଏ କୈସରିୟା, ରୁହାନି ଖଜାୟିନ୍, ଗ୍ରନ୍ଥ ଖଣ୍ଡ ୧୨, ପୃ ୨୭୬)**

ଅଲ୍ଲାଃତାଲା ହଜରତ ମସିହ ମଉଦ[ଅସ]ଙ୍କୁ କେବଳ ନିଜ କରୁଣାରୁ ପବିତ୍ର କୁରଆନର ସତ୍ୟାସତ୍ୟ ଓ ତତ୍ୱ ଜ୍ଞାନ ପ୍ରଦାନ କରିଥିଲେ । ସେ ପବିତ୍ର କୁରଆନର ଗଭୀର ଜ୍ଞାନ ଓ ସୂକ୍ଷ୍ମ ରହସ୍ୟ ଦ୍ୱାରା ମାନବଜାତିକୁ ଅବଗତ କରାଇଥିଲେ । ବାରମ୍ବାର ନିଜ ରଚନାଗୁଡ଼ିକରେ କୁରଆନର ଗୁଢ଼ ତତ୍ୱ ଓ ଯଥୋଚିତ ଶିକ୍ଷା ବର୍ଣ୍ଣନା କରିଥିଲେ । ସୁରଃ ଫାତିହାର ବ୍ୟାଖ୍ୟା ଲେଖିଲେ । ସେ ଭାରତ ଓ ଆରବର ଧର୍ମ ପଣ୍ଡିତମାନଙ୍କୁ କୁରଆନ ଜ୍ଞାନ ଓ କୁରଆନ ବ୍ୟାଖ୍ୟା କରିବାରେ ମୁକାବିଲା ପାଇଁ ନିମନ୍ତ୍ରଣ କଲେ । କିନ୍ତୁ କାହାର ସେଥିପାଇଁ ସତ୍ ସାହସ ହେଲା ନାହିଁ, ତେଣୁ ସେ କହିଥିଲେ:

"ମୋତେ କୁରଆନ୍‌ର ବାସ୍ତବ ଶିକ୍ଷା ଓ ଗୁଢ ତତ୍ୱ ବର୍ଣ୍ଣନା କରିବାର ଚିହ୍ନ ଦିଆଯାଇଛି । କେହି ନାହିଁ ଯିଏ ଏହାର ମୁକାବିଲା କରିପାରିବ ।"

**(ଜରୁରତୁଲ୍ ଇମାମ୍, ରୁହାନି ଖଜାୟିନ୍, ଗ୍ରନ୍ଥ ଖଣ୍ଡ ୧୩, ପୃ ୪୯୬)**

"ମୁଁ ଏହି ଐଶି ଜ୍ଞାନ ତତ୍ୱ ଲାଭ କରି ସମସ୍ତ ବିରୋଧିଙ୍କୁ ସେ ଅବ୍ଦୁଲ ହକ୍‌ର ଗୋଷ୍ଠୀ ହୋଇଥାନ୍ତୁ କି ବଟାଲୁୱିର ଗୋଷ୍ଠୀ, ସେ ସମସ୍ତଙ୍କୁ ଉଚ୍ଚ ସ୍ୱରରେ ଆହ୍ୱାନ କରି ଏହି ବିଷୟ ଆଡ଼କୁ ଆମନ୍ତ୍ରଣ କଲି ଯେ ମୋତେ କୁରଆନ୍‌ର ବାସ୍ତବ ତତ୍ୱ ଓ ଗୁଢ଼ ରହସ୍ୟ ପ୍ରଦାନ କରାଯାଇଛି । ତୁମମାନଙ୍କ ମଧ୍ୟରୁ କାହାରି ସତ୍‌ସାହାସ ନାହିଁ ଯେ ମୋର ମୁକାବିଲାରେ ପବିତ୍ର କୁରଆନର ବାସ୍ତବ ତତ୍ୱ ର ଭେଦ ବର୍ଣ୍ଣନା କରିପାରିବ । ସୁତରାଂ ଏହି ଘୋଷଣା ପରେ ମୋ ମୁକାବିଲାରେ କେହି ଜଣେ ହେଲେ ଆସିଲେ ନାହିଁ । ନିଜର ଅଜ୍ଞତା ଉପରେ, ଯାହା ସମସ୍ତ ଲାଞ୍ଛନାର ମୂଳ ଆଧାର ସେମାନେ ସେଥିରେ ମୋହର ଲଗାଇ ଦେଲେ ।"

**(ଅଞ୍ଜାମେ ଆଥମ୍, ରୁହାନି ଖଜାୟିନ୍, ଗ୍ରନ୍ଥ ଖଣ୍ଡ ୧୧, ପୃ ୩୧୧)**

ସେ ଆରବି ଭାଷାରେ ସଂପୂର୍ଣ୍ଣ ଦକ୍ଷତା ଅର୍ଜନ କରିଥିଲେ । ଉର୍ଦ୍ଦୁ ଓ ପାର୍ସି ଭାଷାରେ ମଧ୍ୟ ବିଶାରଦ ଥିଲେ । କିନ୍ତୁ କ୍ରୋଧ ଓ ଅହଙ୍କାର ବଶତଃ ମୁସଲିମ ବିଦ୍ୱାନଗଣ ଜନସାଧାରଣଙ୍କୁ ଧୋକା ଦେଇ କହୁଥିଲେ ଯେ ତାଙ୍କୁ ଆରବି ଭାଷା ଓ କୁରଆନ ଜ୍ଞାନ ସମ୍ବନ୍ଧରେ କିଛି ଜଣା ନାହିଁ । ଅଥଚ ତାଙ୍କର ଆରବି ଜ୍ଞାନରେ ପ୍ରଚଣ୍ଡ ପାରଦର୍ଶିତା ଥିଲା । ପୁଣି ଅଲ୍ଲାଃତାଲା ଏହା ଉପରେ ଅଧିକ ଜ୍ଞାନ ବୃଦ୍ଧି କଲେ । ମାତ୍ର ଗୋଟିଏ ରାତିରେ ତାଙ୍କୁ ଆରବି ଭାଷାର ଚାଳିଶ ହଜାର ବ୍ୟାକରଣଗତ ମୂଳ ଶବ୍ଦ ଶିଖାଇଦେଲେ । ଏହା ଏପରି ଅଲୌକିକ ରୂପେ ତାଙ୍କର ବାଗ୍ମିତା ଓ ଆଳଙ୍କରିକ ଶବ୍ଦ ପ୍ରୟୋଗର ଦକ୍ଷତାକୁ ସୂଚଉଥିଲା ଯେ ସମଗ୍ର ଆରବ ଜଗତ ତାଙ୍କର ଗଦ୍ୟ ଓ ପଦ୍ୟ ସାହିତ୍ୟକୁ ଦେଖି ସ୍ତମ୍ଭିଭୂତ ହୋଇଗଲେ ଓ ବିନା ଦ୍ୱିଧାରେ କହିଲେ ଯେ କୌଣସି ଆରବୀୟ ଲୋକ କେବେ ଏପରି ଲେଖିପାରିବ ନାହିଁ । ଅଣ ଆରବୀୟଙ୍କୁ ଛାଡ଼ନ୍ତୁ ଆରବର କୌଣସି ବଡ଼ ବିଦ୍ୱାନ ମଧ୍ୟ ତାଙ୍କ ଗଦ୍ୟ ଓ ପଦ୍ୟ ମୁକାବିଲାରେ ତଥା ଶବ୍ଦ ସଂଯୋଜନା କ୍ଷେତ୍ରରେ ତାଙ୍କ ସମ୍ମୁଖକୁ ଆସିବା ପାଇଁ ସାହାସ କଲେ ନାହିଁ । ତାଙ୍କ ତରଫରୁ ୨୨ଟି ଉଚ୍ଚକୋଟିର ଆରବି ଭାଷା ସାହିତ୍ୟରେ ଭରା ଆଧ୍ୟାତ୍ମିକ ପୁସ୍ତକ ରଚିତ ହୋଇଥିଲା । ଏହାର ମୁକାବିଲାରେ ବିରୋଧି ମୌଲବି କୌଣସି ଗୋଟିଏ ହେଲେ ପୁସ୍ତକ ପ୍ରକାଶିତ କରିବାର ସାମର୍ଥ୍ୟ ରଖିଲେ ନାହିଁ । ହଜରତ ମସିହ ମଉଦ[ଅସ] କହିଛନ୍ତି:

"ମୋତେ ଥରେ ଦୈବିବାଣୀ ହେଲା: "**ଅର୍‌ରହମାନୁ ଅଲ୍ଲମଲ୍ କୁରଆନା ୟା ଅହ୍‌ମଦୋ ଫଅଜତିର୍ ରହମତୁ ଅଲା ଶଫତୈକା**" ଅର୍ଥାତ୍ 'ଈଶ୍ୱର ତୁମକୁ ହେ ଅହମଦ ! କୁରଆନ ଶିଖାଇଛନ୍ତି ଓ ତୁମ ଓଠରେ କରୁଣା ସଂଚାର କରାଯାଇଛି ।' ଏହି ଦୈବିବାଣୀର ତାତ୍ପର୍ଯ୍ୟ ମୋତେ ଏହିପରି ବୁଝାଇ ଦିଆଯାଇଥିଲା ଯେ ଉତମ ପାରଦର୍ଶୀତା ଓ ନିଦର୍ଶନ ସ୍ୱରୂପ କୁରଆନ ଓ ଏହାର ଭାଷା ପାଇଁ ମୋତେ ଦୁଇ ପ୍ରକାର ପୁରସ୍କାର ପ୍ରଦାନ କରାଯାଇଛି । (୧) ପ୍ରଥମତଃ ଐଶି ପୁସ୍ତକରେ ଥିବା ଗୁଢ ତତ୍ୱର ଗୁଣଗାନ କରିବାରେ ଏକ ଅତୁଳନୀୟ ଓ ସର୍ବଶ୍ରେଷ୍ଠୀ ଅଭିଜ୍ଞତା ସ୍ୱରୂପ ମୋତେ ଶିଖାଇ ଦିଆଗଲା, ଯେଉଁ ସମ୍ବନ୍ଧରେ ଅନ୍ୟ କେହି ମୁକାବିଲା କରି ପାରିବେ ନାହିଁ । (୨) ଦ୍ୱିତୀୟତଃ କୁରଆନର ଭାଷାଜ୍ଞାନରେ ଏପରି ବାକ୍‌ପଟୁତା ଓ ଶବ୍ଦ ସଂଯୋଜନାରେ ପାରଦର୍ଶୀତା ମୋତେ ପ୍ରଦାନ କରାଗଲା ଯେ ଯଦି ସମସ୍ତ ବିରୋଧି ଓ୍ୱଲେମା ସଂଘବଦ୍ଧ ଭାବେ ମୋର ମୁକାବିଲା କରିବାକୁ ଚାହିବେ, ତେବେ ସେମାନେ ସେଥିରେ ସଂପୂର୍ଣ୍ଣ ବ୍ୟର୍ଥ ଓ ବିଫଳ ହୋଇଯିବେ । ଏହା ଦେଖିନେବେ ଯେ ଯେଉଁ ଛନ୍ଦ, ମାଧୁର୍ଯ୍ୟ, ଆଳଙ୍କରିକ ପ୍ରକାଶଭଙ୍ଗୀ ତଥା ଶବ୍ଦ ପ୍ରୟୋଗ କ୍ଷମତା ଇତ୍ୟାଦି ଆରବୀ ଭାଷାର ବାସ୍ତବିକତା ଓ ସୂକ୍ଷ୍ମ ତତ୍ୱ ଭେଦରେ ମୋ ଲେଖନୀ ମୁନରେ ପରିସ୍ଫୁଟ କରାଯାଉଛି, ତାହା ସେମାନଙ୍କୁ, ସେମାନଙ୍କ ବନ୍ଧୁ, ଗୁରୁଜନ ଓ ଶିକ୍ଷାଦାତାମାନଙ୍କୁ ଆଦୌ ହାସଲ ହୋଇନାହିଁ । ଏହି ଦୈବିବାଣୀ ଅବତୀର୍ଣ୍ଣ ହେବା ପରେ ମୁଁ ପବିତ୍ର କୁରଆନର କେତେକ ସ୍ଥାନରେ ଓ ଅନେକ ଅଧ୍ୟାୟର ବ୍ୟାଖ୍ୟା ଲେଖିଛି ଏବଂ ଆରବି ଭାଷାରେ ଅନେକ ପାଣ୍ଡିତ୍ୟପୂର୍ଣ୍ଣ ଗ୍ରନ୍ଥ ରଚନା କରିଛି ।

ବିରୋଧିମାନଙ୍କୁ ଏହାର ମୁକାବିଲା କରିବା ପାଇଁ ଡାକିଛି । ଏପରିକି ସେଥିପାଇଁ ବଡ଼ ବଡ଼ ପୁରସ୍କାର ମଧ୍ୟ ଘୋଷଣା କରିଛି । ଅନେକ ନାମି ଦାମୀ ବ୍ୟକ୍ତିତ୍ୱ ଥିଲେ, ଯେଉଁମାନେ ମୁକାବିଲା କରିପାରିବେ । ଯେପରିକି ମିଆଁ ନଜିର ହୁସେନ ଦେହଲୁଇ ଓ ଅବୁ ସୟିଦ ମୁହମ୍ମଦ ହୁସେନ ବଟାଲୁଇ ସଂପାଦକ 'ଇଶା ଅତୁସ୍ ସୁନ୍ନା' ପ୍ରଭୃତି ମୌଲବୀମାନଙ୍କୁ ଏହି ବିଷୟ ପ୍ରତି ବାରମ୍ବାର ପ୍ରରୋଚିତ କରାଗଲା ଯେ ଯଦି କୁରଆନ ଜ୍ଞାନରେ ସେମାନଙ୍କର କିଛି ଦଖଲ ଅଛି, କିମ୍ବା ଆରବି ଭାଷାରେ ସେମାନେ ପାରଙ୍ଗମ ଅଛନ୍ତି ଅଥବା ମୋର 'ମସିହ୍' ହେବାର ଦାବିରେ ମୁଁ ମିଥ୍ୟାବାଦୀ ବୋଲି ଭାବୁଛନ୍ତି, ତା'ହେଲେ ମୋର ଏହି ଦାବି ସହିତ ମୋ ପୁସ୍ତକରେ ଉଲ୍ଲେଖ କରାଯାଇଥିବା ସେସବୁ ସତ୍ୟ ଓ ତତ୍ୱ ମୂଳକ ଆଧାତ୍ମିକ ଜ୍ଞାନର କୌଣସି ଦୃଷ୍ଟାନ୍ତ ଦେଖାନ୍ତୁ । ଯଦ୍ୱାରା ତାହା ମନୁଷ୍ୟ ଶକ୍ତିରୁ ଉର୍ଦ୍ଧ୍ୱରେ ଓ ପ୍ରଭୁଙ୍କ ନିଦର୍ଶନ ରୂପେ ସାବ୍ୟସ୍ତ ହୋଇପାରିବ । ମାତ୍ର ସେମାନେ ଏହି ପ୍ରତଦ୍ୱନ୍ଦିତାରୁ ଓହରିଗଲେ । ନା ସେମାନେ ସତ୍ୟ ଓ ତତ୍ୱର ଦୃଷ୍ଟାନ୍ତ ଦେଖାଇ ପାରିଲେ ଆଉ ନା ମୋର ସେହି ସୂକ୍ଷ୍ମ ତତ୍ୱ ଭିତିକ ପୁସ୍ତକ ପରି ଦୁଇ ଧାଡ଼ି ମଧ୍ୟ ଲେଖି ପାରିଲେ ଯାହାକୁ ମୁଁ ଆରବି ଭାଷାରେ ରଚନା କରି ପ୍ରକାଶିତ କରିଥିଲି । ସୁତରାଂ ଯେଉଁ ବ୍ୟକ୍ତି ମୋର ପୁସ୍ତକ ନୁରୁଲ୍ ହକ୍, କରାମାତୁସ୍ ସାଦେକୀନ୍ ଓ ସର୍‌ରୁଲ୍ ଖଲାଫା ଏବଂ ଇତ୍‌ମାମୁଲ୍ ହୁଜ୍‌ଜା' ଇତ୍ୟାଦି ପଢିଥିବେ ଓ ସେହିପରି ମୋର ଏକ ପତ୍ରିକା ଅଞ୍ଜାମ ଆଥମ୍ ଓ ନଜ୍‌ମୁଲ ହୁଦାର 'ଆରବି ପାରିଛଦ ଦେଖି ଥିବେ, ସେ ଏହି କଥା ଭଲ ରୂପେ ବୁଝିନେବେ ଯେ ସେହି ପୁସ୍ତକଗୁଡ଼ିକରେ କେତେ ବ୍ୟାପକ ରୂପେ ଶବ୍ଦ ବିନ୍ୟାସ ଓ ବାକ୍‌ଚାତୁରୀକୁ ଖଣ୍ଡ ବାକ୍ୟ ଓ କାବ୍ୟ ପଙ୍‌କ୍ତି ମଧ୍ୟରେ ପ୍ରତିଫଳନ କରାଯାଇଛି । ଏବଂ କେତେ ଜୋର ସୋରରେ ସମସ୍ତ ବିରୋଧିଙ୍କ ଠାରୁ ଏହି ଯାଚନା କରାଗଲା ଯେ ଯଦି ସେମାନେ କୁରଆନ ଜ୍ଞାନ ଓ ରଚନା ଶୈଳୀ ବିଷୟରେ କିଛି ହେଲେ ଜାଣିଥିବେ, ତେବେ ମୋର ପୁସ୍ତକ ସମ କୌଣସି ନିଦର୍ଶନ ଦେଖାନ୍ତୁ । ତା' ନକରି ପାରିଲେ ମୋର ଏହି କାରବାରକୁ ଈଶ୍ୱରଙ୍କ ତରଫରୁ ବିବେଚନା କରି ତାକୁ ମୋ ସତ୍ୟତାର ଚିହ୍ନ ରୂପେ ସିଦ୍ଧ କରନ୍ତୁ । କିନ୍ତୁ ବିଡ଼ମ୍ବନା ଏହିକି ଯେ ସେହି ମୌଲବିଗଣ ନା ତ ଅବଜ୍ଞା କରିବା ଛାଡ଼ିଲେ ନା ମୋର ପୁସ୍ତକ ଗୁଡ଼ିକର ସାଦୃଶ୍ୟ ଆଣି ପାରିଲେ । ତେବେ ସେ ଯାହା ହେଉ, ସେମାନଙ୍କ ଉପରେ ପ୍ରଭୁଙ୍କ ତର୍କବିତର୍କ ପ୍ରମାଣ ସିଦ୍ଧ ହୋଇଗଲା । ଏବଂ ସେମାନେ ସେହି ଦୋଷାବହ ଅଭିଯୁକ୍ତମାନଙ୍କ ପରିସରକୁ ଆସିଗଲେ, ସମସ୍ତ ଅମାନ୍ୟକାରୀ ଯାହାର ବଶବର୍ତୀ ହୋଇ ଈଶ୍ୱର ପ୍ରେରିତଗଣଙ୍କ ସହିତ ଦୁଷ୍ଟାମି କରିଛନ୍ତି ।"

**(ତିରୟାକୁଲ୍ କୁଲୁବ, ରୁହାନି ଖଜାୟିନ୍, ଗ୍ରନ୍ଥ ଖଣ୍ଡ ୧୫, ପୃ ୨୩୦)**

ଅଲ୍ଲାଃତାଲା ହଜରତ ମସିହ ମଉଦ[ଅସ] ଙ୍କ ସମର୍ଥନରେ ବଡ଼ ବଡ଼ ଚିହ୍ନ ଓ ଅଲୌକିକ ନିଦର୍ଶନ ପ୍ରକାଶ କରିଛନ୍ତି । ଉଦାହରଣ ସ୍ୱରୂପ, ପ୍ଲେଗ ମହାମାରୀ ତାଙ୍କ ସତ୍ୟତାର ବହୁତ ବଡ଼ ନିଦର୍ଶନ । ସେ ଏହାର ବହୁ ପୂର୍ବରୁ ଦେଶରେ ପ୍ଲେଗ ରୋଗ ବ୍ୟାପିବାର ଭବିଷ୍ୟତବାଣୀ କରିଥିଲେ । ଏହା ଘୋଷଣା କରିଥିଲେ ଯେ ଯଦି ମୋ ଭବିଷ୍ୟତ ସୂଚନା ଅନୁଯାୟୀ ଦେଶରେ ପ୍ଲେଗ ନଆସିବ, ତେବେ ବୁଝ ନିଅ ଯେ ମୁଁ ମିଥ୍ୟାବାଦୀ । ଲୋକମାନେ ଏହି ସୂଚନାକୁ ଶୁଣି ହସରେ ଉଡ଼ାଇ ଦେଲେ । ପରିଶେଷରେ ପ୍ଲେଗ ଭୟଙ୍କର ମହାମାରୀ ରୂପେ ପଞ୍ଜାବ ତଥା ଭାରତର ବିଭିନ୍ନ ସହରରେ ସଂକ୍ରମିତ ହେଲା । ଏହା ଏପରି ଧ୍ୱଂସର ବିଭୀଷିକା ଖେଳାଇଦେଲା, ଯେଉଁ ଘଟଣା ଭାରତ ଇତିହାସରେ ବିଗତ ଶତାଧିକ ବର୍ଷ ମଧ୍ୟରେ କେବେ ହୋଇ ନଥିଲା । କୋଟି କୋଟି ଲୋକ ଏହି ରୋଗରେ ମୃତ୍ୟୁବରଣ କଲେ । ହଜରତ ମସିହ ମଉଦ[ଅସ] ଙ୍କ ବଡ଼ ବଡ଼ ଅମାନ୍ୟକାରୀଙ୍କର ଏଥିରେ ପ୍ରାଣନାଶ ଘଟିଲା । ଲୋକମାନଙ୍କୁ ବିଶ୍ୱାସ ହୋଇଗଲା ଯେ ଏହି ପ୍ଲେଗ ମସିହ ମଉଦ[ଅସ] ଙ୍କ ସତ୍ୟତାର ନିଦର୍ଶନ । ଏହାର ଫଳ ସ୍ୱରୂପ ଲକ୍ଷ ଲକ୍ଷ ଲୋକ ତାଙ୍କ ଉପରେ ବିଶ୍ୱାସ ସ୍ଥାପନ କଲେ ।

ଅଲ୍ଲାଃତାଲା ହଜରତ ମସିହ ମଉଦ[ଅସ] ଙ୍କୁ ଦୈବିବାଣୀ ଦ୍ୱାରା ଜଣାଇଲେ **'ଇନ୍ନହୁ ଆଓ୍ୱଲ୍ କର୍‌ୟତା'** ଅର୍ଥାତ 'ସେ କାଦିୟାନକୁ ପ୍ଲେଗ ଦାଉରୁ ସୁରକ୍ଷିତ ରଖିବେ । ହଜରତ ମସିହ ମଉଦ[ଅସ] ସମସ୍ତ ସଂପ୍ରଦାୟ ତଥା ବିପକ୍ଷ ମୌଲବୀମାନଙ୍କୁ ଆମନ୍ତ୍ରଣ କଲେ ଯେ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଏହା ଏକ ସୁଅବସର ଯେ ସେମାନେ ନିଜ ନିଜର ସତ୍ୟତା ସାବ୍ୟସ୍ତ କରନ୍ତୁ । ଅଲ୍ଲାଃତାଲା ଆଗକୁ ବଢି 'କାଦିୟାନ୍' ନାମ ନେଇଛନ୍ତି । ବାକି ଧର୍ମ ସଂପ୍ରଦାୟର ଅନୁଗାମୀ ମଧ୍ୟ ନିଜ ନିଜର କୌଣସି ଧର୍ମକେନ୍ଦ୍ର ବା ସହରର ନାମ କୁହନ୍ତୁ । ଉଦାହରଣ ସ୍ୱରୂପ, ଆର୍ଯ୍ୟ ସମାଜୀ ବନାରସ ସମ୍ବନ୍ଧରେ ଭବିଷ୍ୟବାଣୀ କରନ୍ତୁ, ଯାହା ବେଦର ପ୍ରବଚନ ପୀଠ, ଯଦ୍ୱାରା ସେମାନଙ୍କ ପରମେଶ୍ୱର ବନାରସକୁ ଏହି ରୋଗର ପ୍ରାଦୁର୍ଭାବରୁ ରକ୍ଷା କରିବେ । ପୁଣି ସନାତନ ଧର୍ମୀ ଏଠାରେ ଏକ ସହର ବିଷୟରେ ଭବିଷ୍ୟବାଣୀ କରନ୍ତୁ, ଯହିଁରେ ବହୁଳ ଭାବରେ ଗାଈ ଦେଖାଯା'ନ୍ତି । ଯେପରି କି ଅମୃତସହର, ଯେଉଁଠାରେ ଗୋପାଳନ ଯୋଗୁଁ ପ୍ଲେଗ ଆସିବ ନାହିଁ । ଯଦି ସେହି ଗୋମାତା ନିଜର ଆଲୌକିକ ମହିମା ଦେଖାଇବେ, ତେବେ ଏଥିରେ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ ଯେ ସରକାର ସେହି ମହିମା ପ୍ରଦର୍ଶନକାରୀ ଗୋମାତା ଆଜି ପଶୁମାନଙ୍କର ଜୀବନ ରକ୍ଷା କରିବେ । ଖ୍ରୀଷ୍ଟିୟାନମାନେ କଲିକତା ସମ୍ବନ୍ଧରେ ଭବିଷ୍ୟତବାଣୀ କରନ୍ତୁ । କାରଣ ବ୍ରିଟିସ ଇଣ୍ଡିଆର ବଡ଼ ବିଶପ ସେଇଠାରେ ହିଁ ରହୁଛନ୍ତି । ମିଆଁ ଶମ୍‌ସୁଦ୍ଦିନ ଓ ସେମାନଙ୍କ ଅଞ୍ଜୁମନର ମେମ୍ବର ଲାହୋର ସକାଶେ ଭବିଷ୍ୟତବାଣୀ କରନ୍ତୁ । ମୁନଶି ଏଲାହି ବଖ୍‌ଶ ଆକାଉଟାଂଟ୍□ଯିଏ ଦୈବିବାଣୀ ପ୍ରାପ୍ତିର ଦାବି କରନ୍ତି । ତାଙ୍କ ପାଇଁ ମଧ୍ୟ ଏହା ହିଁ ସୁଯୋଗ ଆସିଛି ଯେ ସେ ନିଜ ଦୈବିବାଣୀରେ ଲାହୋରକୁ ଆଧାର କରି ଅଞ୍ଜୁମନ ହିମାୟତେ, ଇସଲାମକୁ ସାହାୟତା କରନ୍ତୁ । ଏବଂ ଏହା ମଧ୍ୟ ଉଚିତ ହେବ ଯେ ଅବ୍ଦୁଲ ଜବାର ଓ ଅବ୍ଦୁଲ ହକ ଅମୃତ ସହର ନିମନ୍ତେ ଭବିଷ୍ୟତବାଣୀ କରନ୍ତୁ । ଯେହେତୁ ଓ୍ୱହାବିୟାର ଅସଲ ପୀଠ ଦିଲ୍ଲୀ, ସେଥିପାଇଁ ଏହା ଉତମ ହେବ ଯେ ନଜିର୍ ହୁସେନ ଓ ମୁହମ୍ମଦ ହୁସେନ ଦିଲ୍ଲୀ ଉଦ୍ଦେଶ୍ୟରେ ଭବିଷ୍ୟତବାଣୀ କରନ୍ତୁ ଯେ ସେହି ସହର ପ୍ଲେଗ୍ ସଂକ୍ରମଣରୁ ସୁରକ୍ଷିତ ରହିବ ।" ହଜରତ ମସିହ ମଉଦ[ଅସ] କହିଛନ୍ତି:

"ତେବେ ଏହିପରି ପ୍ରାୟତଃ ସମଗ୍ର ପଞ୍ଜାବ ଏହି ସାଂଘାତିକ ବ୍ୟାଧିରୁ ସୁରକ୍ଷିତ ହୋଇଯାଆନ୍ତା ଏବଂ ସରକାରଙ୍କ ପାଇଂ ମଧ୍ୟ ମାଗଣାରେ କ୍ଷତି ଭରଣା ହୋଇଯିବ । ଯଦି ସେହି ଲୋକମାନେ ଏପରି ନକରନ୍ତି, ତେବେ ଏହା ବୁଝିବାକୁ ହେବ ଯେ ସେ ହିଁ ସତ୍ୟ ଈଶ୍ୱର, ଯିଏ କାଦିୟାନରେ ନିଜର ରସୁଲ ପଠାଇଛନ୍ତି । ଶେଷରେ ମନେରଖ ଯେ ଯଦି ଏ ସମସ୍ତ ଲୋକ ଯେଉଁମାନଙ୍କ ମଧ୍ୟରେ ମୁସଲମାନଙ୍କ ଦୈବିବାଣୀ ପ୍ରାପ୍ତିର ଦାବିଦାର, ଆର୍ଯ୍ୟ ସମାଜୀଙ୍କ ପଣ୍ଡିତ ଓ ଖ୍ରୀଷ୍ଟ ପାଦ୍ରୀ ଅନ୍ତର୍ଭୁକ୍ତ, ନୀରବ ରୁହନ୍ତି, ତେବେ ଏହା ପ୍ରମାଣିତ ହୋଇଯିବ ଯେ ଏମାନେ ସମସ୍ତେ ମିଥ୍ୟାବାଦୀ । ପୁଣି ଦିନ ଆସିବ ଯେବେ କାଦିୟାନ ଗ୍ରାମ ସୂର୍ଯ୍ୟ ପରି ନିଜର ଚମକ ଦେଖାଇବ ଯେ ଏହା ଏକ ସତ୍ୟ ପୁରୁଷର ପୂଣ୍ୟ ପୀଠ ।"

**(ଦାଫେଉଲ ବଲା, ରୁହାନି ଖଜାୟିନ୍, ଗ୍ରନ୍ଥ ଖଣ୍ଡ ୧୮, ପୃ ୨୩୧)**

ସେହିପରି ସୂର୍ଯ୍ୟ ପରାଗ ଓ ଚନ୍ଦ୍ର ଗ୍ରହଣର ମହତ୍ୱପୂର୍ଣ୍ଣ ସ୍ୱର୍ଗୀୟ ଚିହ୍ନକୁ ଅଲ୍ଲାଃତାଲା ତାଙ୍କ ସମର୍ଥନ ଓ ସତ୍ୟତା ରୂପେ ପ୍ରକାଶିତ କଲେ । ଏହା ହଜରତ ମୁହମ୍ମଦ[ସଅ] ଙ୍କ ଏକ ଭବିଷ୍ୟତବାଣୀ ଇମାମ ମେହଦୀଙ୍କ ଆବିର୍ଭାବ ସମ୍ବନ୍ଧରେ ଥିଲା, ଯାହା ନିଜର ସଠିକ ସମୟରେ ପୂରଣ ହେଲା । କିନ୍ତୁ ଘୋର ପରିତାପର ବିଷୟ ଯେ ଅତ୍ୟନ୍ତ ଖାମଖିଆଲି ଓ ଅତ୍ୟନ୍ତ ଲଜ୍ୟାଜନକ ଭାବରେ ମୁହମ୍ମଦ[ସଅ]ଙ୍କ ଏହି ମହତପୂର୍ଣ୍ଣ ଭବିଷ୍ୟତବାଣୀକୁ ମୁସଲିମ ଓଲମାଗଣ ଅଭିଯୋଗର କେନ୍ଦ୍ରବିନ୍ଦୁ କଲେ । ହଜରତ ମସିହ ମଉଦ[ଅସ] ସେମାନଙ୍କର ସମସ୍ତ ଅଭିଯୋଗର ଉତର ବଳିଷ୍ଠ ଯୁକ୍ତି, ଅକାଟ୍ୟ ପ୍ରମାଣ ଓ ଦୃଢ଼ ତର୍କବାଢି ଦେଇଥିଲେ । ସେ ଅନେକ ବଡ଼ ବଡ଼ ପୁରସ୍କାର ଧାର୍ଯ୍ୟର ଘୋଷଣା କଲେ ଓ ସେମାନଙ୍କୁ ଚ୍ଲେଞ୍ଜ କଲେ ଯେ ଏହି ପ୍ରମାଣଗୁଡ଼ିକୁ ସେମାନେ ଖଣ୍ଡନ କରି ଦେଖାନ୍ତୁ । ଏହି ସବୁ ଚ୍ଲେଞ୍ଜ ହଜରତ ମସିହ ମଉଦ[ଅସ] ଙ୍କ ରଚିତ ପୁସ୍ତକ ନୁରୁଲ୍ ହକ୍ ଦ୍ୱିତୀୟ ଭାଗ, ତୋହଫାଏ ଗୋଲଡ଼ିଆ, ରେସାଲା ଅଞ୍ଜାମେ ଆଥମ୍‌ରୁ ଅଧ୍ୟୟନ କରିପାରିବେ ।

ସୁତରାଂ ହଜରତ ମସିହ ମଉଦ[ଅସ] କହିଛନ୍ତି:

"ଭବିଷ୍ୟତବାଣୀର ତାତ୍ପର୍ଯ୍ୟ ମଧ୍ୟ ଏହା ଦର୍ଶାଉଛି ଯେ ଏହି ଆକାଶୀୟ ଚିହ୍ନ ଅନ୍ୟ କୌଣସି ଦାବିଦାରକୁ ଦିଆଯାଇ ନାହିଁ । ସେ ସତ୍ୟବାଦୀ ହେଉ କି ମିଥ୍ୟାବାଦୀ । କେବଳ ଏହା ଇମାମ ମେହେଦିଙ୍କ ପାଇଁ ନିର୍ଦ୍ଦିଷ୍ଟ ଭାବରେ ପ୍ରମାଣ ସ୍ୱରୂପ ଦିଆଯାଇଛି । ଯଦି ଏହି ନରାଧମ ମୌଲବି ଏହି ଯୁଗରେ ମୋ ବିରୁଦ୍ଧରେ ଏହି ଧରଣର ସୂର୍ଯ୍ୟ ପରାଗ ଓ ଚନ୍ଦ୍ର ଗ୍ରହଣକୁ ଅନ୍ୟ କୌଣସି ମିଥ୍ୟା ଦାବିଦାର ପାଇଁ ଉଦ୍ଦିଷ୍ଟ ହୋଇଥିବ ବୋଲି ଭାବୁଥାନ୍ତି । ତା'ହେଲେ ତାଙ୍କୁ ଛିଡ଼ା କରନ୍ତୁ । ଏହା ଦ୍ୱାରା ମୁଁ ନିଃସନ୍ଦେହରେ ମିଥ୍ୟାବାଦୀ ବୋଲାଇବି । ନଚେତ ମୋ ପ୍ରତି ଶତ୍ରୁତା ଆଚରଣ କରି ଏପରି ମହାନ ଅଲୌକିକ ନିଦର୍ଶନକୁ ଅମାନ୍ୟ କରନ୍ତୁ ନାହିଁ ।" **(ଅଞ୍ଜାମେ ଆଥମ୍, ରୁହାନି ଖଜାୟିନ୍, ଗ୍ରନ୍ଥ ଖଣ୍ଡ ୧୧, ପୃ ୩୩୨)**

ସୁତରାଂ ଆମେ ଏହି ବିଷୟକୁ ପ୍ରକାଶ କରି ସାରିଛୁ ଯେ ହଜରତ ମସିହ ମଉଦ[ଅସ] ଙ୍କ ସତ୍ୟତାର ଘଟଣା ବର୍ଣ୍ଣନା କରିବା ବହୁତ କାଠିକର ପାଠ । କେତେକ ଦିଗ ଉପରେ ଆମେ ଏକ ଅସମ୍ପୂର୍ଣ୍ଣ ବକ୍ତବ୍ୟ ରଖିଛୁ ତଥା ମାତ୍ର ଏହାର କିଂଚିତ ଝଲକ ଉପସ୍ଥାପନ କରିଛୁ । ଅଲ୍ଲାଃତାଲା ଆମ ବିରୋଧିମାନଙ୍କ ହୃଦୟ ଖୋଲି ଦିଅନ୍ତୁ । ସେମାନଙ୍କୁ ହଜରତ ମସିହ ମଉଦ[ଅସ] ଙ୍କ ସତ୍ୟତାକୁ ବୁଝିବା ଓ ଏହି ଐଶି ଜମାଅତରେ ପ୍ରବେଶ କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍

**-ଉର୍ଦ୍ଦୁ ଆଲେଖ୍ୟ :**

**ମନ୍‌ସୁର ଅହମଦ୍ ମସରୁର୍**

**-ଓଡ଼ିଆ ରୂପାନ୍ତର :**

**ଇଂ ରୌଶନ୍ ଖାନ୍, କେରଙ୍ଗ**

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

*ପୃଷ୍ଠା-୧୧ର ଅବଶିଷ୍ଟାଂଶ......*

ପ୍ରଦାନ କଲେ ।

**ଗୋଟିଏ ବିଧ୍ୱଂସକାରୀ ଭୂମିକମ୍ପ ଏବଂ ସେ ସମ୍ବନ୍ଧରେ ଭବିଷ୍ୟବାଣୀର ପ୍ରକାଶ**

୪ ଏପ୍ରିଲ୍ ୧୯୦୫ ରେ ଗୋଟିଏ ଭୀଷଣ ଭୟଙ୍କର ଭୂମିକମ୍ପ ହେଲା । ଏହି ଭୂମିକମ୍ପର କେନ୍ଦ୍ରବିନ୍ଦୁ କାଙ୍ଗଡା ଜିଲ୍ଲାର ପାହାଡିଆ ଅଂଚଳ ଥିଲା । ଯେଉଁଠାରେ ସବୁଠାରୁ ଅଧିକ କ୍ଷୟକ୍ଷତି ହେଲା କିନ୍ତୁ ଏହି ବିନାଶ କେବଳ ଧର୍ମଶାଳା ପର୍ଯ୍ୟନ୍ତ ସୀମିତ ନଥିଲା ବରଂ ପଞ୍ଜାବ ପ୍ରଦେଶର ବହୁତ ବଡ ଇଲାକାରେ ବିନାଶ ଘଟିଥିଲା । ଏହି ବିଧ୍ୱଂସକାରୀ ଭୂମିକମ୍ପ ଆପଣ ଆ:ସଙ୍କ ଗୋଟିଏ ଭବିଷ୍ୟବାଣୀ ମୁତାବକ ହୋଇଥିଲା ଯାହାକୁ କିଛି ମାସ ପୂର୍ବରୁ ପ୍ରକାଶ କରାଯାଇଥିଲା ଓ ତା'ର ଶବ୍ଦଗୁଡିକ ଏପରି ଥିଲା - "ଅଫତଦ୍ ଦିଆରୋ ମହଲିହା ଓ ମକାମୁହା" ଅର୍ଥାତ୍ ଅତି ନିକଟ ଭବିଷ୍ୟତରେ ଗୋଟିଏ ବିନାଶ ଆସୁଅଛି । ଯଦ୍ୱାରା ସ୍ଥାୟୀ ଓ ଅସ୍ଥାୟୀ ବାସସ୍ଥଳୀ ଦୁଇଟିଯାକ ଟଳିପଡିବେ । ସୁତରାଂ ଆଉଗୋଟିଏ ଏଲ୍‌ହାମ୍ ହୋଇଥିଲା କି "ପୀଡାଦାୟକ ମୃତ୍ୟୁର ଅଜବ ପ୍ରକାରର ପ୍ରଳୟକାରୀ କୋଲାହଳ ଘଟିଛି ଓ ମୃତ୍ୟୁ ଲାଗିରହିଛି" ।

ଉପରୋକ୍ତ ଦୁଇଟିଯାକ ଭବିଷ୍ୟବାଣୀ ମୁତାବକ ଏ ସଂସାର ଗୋଟିଏ ପ୍ରଳୟର ଦୃଶ୍ୟକୁ ନିଜ ଆଖିରେ ଦେଖିନେଲା ଓ ଏହି ଦୁଇଟିଯାକ ଭବିଷ୍ୟବାଣୀ ସ୍ପଷ୍ଟ ରୂପେ ପୂରଣ ହୋଇଗଲା ।

**ନିକଟରେ ଦେହାନ୍ତ ହେବାର ଐଶିବାଣୀ**

ଆପଣ ଆ:ସଙ୍କୁ ଅକ୍ଟୋବର୍ ଓ ଡିସେମ୍ବର୍ ୧୯୦୫ ମସିହାରେ ସ୍ୱପ୍ନ ଓ ଐଶିବାଣୀ ଜରିଆରେ ଖବର ଦିଆଗଲାକି ଆପଣ ଆ:ସଙ୍କ ଦେହାନ୍ତର ସମୟ ନିକଟତର । ଏଥିରେ ଆପଣ ଡିସେମ୍ବର୍ ୧୯୦୫ରେ ଅଲ୍‌ୱସିୟତ୍ ପତ୍ରିକା ଲେଖିଲେ ଓ ସେଥିରେ ନିଜ ଜମାତ୍‌କୁ ଗୁରୁତ୍ୱପୂର୍ଣ୍ଣ ଉପଦେଶ ପ୍ରଦାନ କଲେ ।

**କୁଦ୍‌ରତେ ସାନିଆ (ଦ୍ୱିତୀୟ କୁଦ୍‌ରତ)ର ଖବର**

ସେହି ପତ୍ରିକାରେ ଆପଣ ବିଶେଷ ରୂପେ ଏ ଖବର ଦେଲେ କି କୁଦ୍‌ରତେ ସାନିଆ ଅର୍ଥାତ୍ ଖିଲାଫତ୍ ନିଜାମ ମୋ ପରେ କୟାମତ୍ ପର୍ଯ୍ୟନ୍ତ କାଏମ୍ ରହିବ ।

**ବେହଶ୍‌ତି ମକ୍‌ବରାଃ ଏବଂ ସଦର ଅଞ୍ଜୁମନ ଅହେମଦୀୟାର ମୂଳଦୁଆ**

ଅଲ୍‌ୱସିୟତ୍ ପତ୍ରିକା ମାଧ୍ୟମରେ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶ ମୁତାବକ ଆପଣ ଆ:ସ ଗୋଟିଏ ବେହଶ୍‌ତି ମକ୍‌ବରାଃ ମଧ୍ୟ କାଏମ୍ କଲେ ଓ ଏହାଦ୍ୱାରା ହେଉଥିବା ଆମଦାନୀକୁ ଦୀନ୍‌ର ପ୍ରସାର ପ୍ରଚାର କାର୍ଯ୍ୟରେ ଖର୍ଚ୍ଚ କରି ପାଇଁ ସଦର୍ ଅଞ୍ଜୁମନ୍ ଅହେମଦୟାର ମୂଳଦୁଆ ରଖିଲେ । ଏବଂ ଏ ସିଲ୍‌ସିଲାର ଆର୍ଥିକ ଏବଂ ଏବଂ ବ୍ୟବସ୍ଥାପକ ସେବା ତାଙ୍କଠାରେ ନ୍ୟସ୍ତ କଲେ ।

**ମଦର୍‌ସା ଅହେମଦୀୟାର ସ୍ଥାପନ**

ସଦର୍ ଅଞ୍ଜୁମନ୍ ଅହେମଦୀୟା ସହିତ ମଦର୍‌ସା ଅହେମଦୀୟାର ମୂଳଦୁଆ ଦିନୀୟାତ୍ କ୍ଲାସ୍ ରୂପେ ଆରମ୍ଭ ହେଲା ଯାହା ପ୍ରଥମେ ତାଲିମୁଲ୍ ଇସ୍‌ଲାମ୍ ସ୍କୁଲ୍ ସହିତ ମିଶିକରି ଥିଲା । ପୁଣି ଖିଲାଫତେ ଉଲା ସମୟରେ ଗୋଟିଏ ସ୍ଥାୟୀ ଶିକ୍ଷା କାର୍ଯ୍ୟାଳୟରେ ବଦଳିଗଲା । ଯାହାର ଶିକ୍ଷାର୍ଥୀମାନେ ଆଗକୁ ଯାଇ ଆନ୍ତର୍ଜାତିକ ସ୍ତରରେ ତବ୍‌ଲିଗ୍ କାର୍ଯ୍ୟକୁ ସମ୍ପାଦନ କଲେ ଏବଂ ବର୍ତ୍ତମାନ ସମ୍ପାଦନ କରୁଅଛନ୍ତି । ଜମାତ୍‌ର ଦୁଇଜଣ ବିଶିଷ୍ଟ ଜ୍ଞାନୀ ହଜ୍‌ରତ୍ ମୌଲାନା ଅବ୍‌ଦୁଲ୍ କରିମ୍ ସାହେବ୍ ସିଆଲ୍‌କୋଟି ର:ଅ ଏବଂ ହଜ୍‌ରତ ମୌଲାନା ବୁର୍‌ହାନୁଦ୍ଦିନ୍ ସାହେବ୍ ଝେଲମିର ସେହିବର୍ଷ ଇହଧାମ ଛାଡି ଚାଲିଯାଇଥିଲେ । ଏହାଦ୍ୱାରା ଏ କୌମରେ ଯବର୍‌ଦସ୍ତ ଶୂନ୍ୟତା ସୃଷ୍ଟି ହୋଇଯାଇଥିଲା । ଏହି ଶୂନ୍ୟତାକୁ ପୂରଣ କରିବା ପାଇଁ ଏବଂ ଆସନ୍ତାକୁ ଓ୍ୱଲେମା ସୃଷ୍ଟି କରିବା ନିମନ୍ତେ ଏହି ମଦର୍ସାର ଆବଶ୍ୟକତା ହେଲା ।

**ହକିକତୁଲ୍ ଓ୍ୱହିର ରଚନା ଏବଂ ପ୍ରକାଶନ**

୧୫ ମାର୍ଚ୍ଚ ୧୯୦୭ରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ କଲମରୁ ଏକ ସମ୍ପୂର୍ଣ୍ଣ ଓ ମୋଟା ପୁସ୍ତକ "ହକିକତୁଲ୍ ଓ୍ୱହି" ରଚନା କାରଗଲା । ତା ସହିତ ଆରବୀ ଭାଷାରେ ଏକ ଉଚ୍ଚ କୋଟୀର ପତ୍ରିକା ଅଲ୍‌ଇସ୍‌ତଫ୍‌ତାଆ ମଧ୍ୟ ସାମିଲ୍ କରାଗଲା ଯେଉଁଥିରେ ଏହି ଉତମ ଗୁଣ ସମ୍ପନ୍ନ ସମ୍ପ୍ରଦାୟର ବୁଦ୍ଧିଜୀବି ମାନଙ୍କ ସେହି ସ୍ୱର୍ଗୀୟ ସମର୍ଥନ ପ୍ରତି ଧ୍ୟାନ ଆକର୍ଷଣ କରାଗଲା ଯାହା ପ୍ରତିକ୍ଷଣ ଆପଣ ଆ:ସଙ୍କ ସହିତ ସାମିଲ୍ ରହିଥିଲା ।

**ଓ୍ୱକ୍‌ଫେ ଜିନ୍ଦେଗୀର ପ୍ରଥମ ତେହ୍‌ରିକ୍**

ବର୍ତ୍ତମାନ ଜମାତ୍ ଅହେମଦୀୟାର ତବ୍‌ଲିଗ୍ କ୍ଷେତ୍ର ଦିନକୁ ଦିନ ବ୍ୟାପକ ହେଉଥିଲା । ତେଣୁ ହଜୁର୍ ଆ:ସ ସେପ୍ଟେମ୍ବର୍ ୧୯୦୭ରେ ଓ୍ୱକ୍‌ଫେ ଜିନ୍ଦେଗୀ (ଜୀବନକୁ ଉତ୍ସର୍ଗ କରିବା)ର ପ୍ରଥମ ସର୍ବସାଧାରଣ ତହ୍‌ରିକ୍ କଲେ ଯଯଦ୍ୱାରା ଅହେମଦୀୟତ୍‌ର ଅନେକ ଯୁବକ ବହୁତ ଉତ୍ସାହିତ ହୋଇ ସେଥିରେ ଯୋଗଦେଲେ ।

**ଆପଣ ଆ:ସଙ୍କ ଜୀବନର ଶେଷ ଜଲ୍‌ସା ସାଲାନା**

୨୬,୨୭,୨୮ ଡିସେମ୍ବର୍ ୧୯୦୭ ମସିହାରେ ଆପଣ ଆ:ସଙ୍କ ଜୀବନର ଶେଷ ଜଲ୍‌ସା ସାଲାନ ଅନୁଷ୍ଠିତ ହେଲା ଯେଉଁଥିରେ ଆପଣ ଦୁଇଟି ତକ୍‌ରିର୍ କଲେ ଯାହା ଅତ୍ୟନ୍ତ ମୂଲ୍ୟବାନ୍ ଉପଦେଶରେ ଆଧାରିତ ଥିଲା । ଜଲ୍‌ସାର ପ୍ରଥମ ଦିନ ହଜୁର୍ ଯେତେବେଳେ ପ୍ରାତଃ ଭ୍ରମଣ କରବା ପାଇଁ ବାହାରକୁ ବାହାରିଲେ ଲୋକମାନଙ୍କର ଭିଡ ଆପଣଙ୍କ ପ୍ରେମରେ ଟାଣି ହୋଇ ଆସିଲା ଯାହାକୁ ଦେଖି ହଜ୍‌ରତ୍ ମୁଫ୍‌ତି ମୁହମ୍ମଦ୍ ସାଦିକ୍ ସାହେବ୍ ଅଚାନକ କହିଲେ କି "ବିଚରା ଲୋକମାନେ ହେଉଛନ୍ତି ସଚାୟରୀ । କଣ କରିବେ । ୧୩୦୦ ବର୍ଷ ପରେ ଜଣେ ନବୀଙ୍କ ଚେହେରା ଦେଖାଦେଇଛି" ।

**ଲାହୋର୍‌ର ଶେଷଯାତ୍ରା**

ଚଶ୍‌ମାଏ ମାରେଫତ୍‌ର ରଚନା ଏବଂ ଆଉକିଛି ଧର୍ମ କାର୍ଯ୍ୟରେ ବ୍ୟସ୍ତତା କାରଣରୁ ଆପଣ ଆ:ସଙ୍କ ସ୍ୱାସ୍ଥ୍ୟ ଭୀଷଣ ଖରାପ ହୋଇଯାଇଥିଲା । ଆପଣ ଆ:ସ ୨୭ ଏପ୍ରିଲ୍ ୧୯୦୮ ଦିନ ଲାହୋର୍ ନମନ୍ତେ ଯାତ୍ରା କଲେ ଏବଂ ଅହେମଦୀୟା ବିଲ୍‌ଡିଂ ଲାହୋର୍‌ଠାରେ କୟାମ୍ କରି ତକ୍‌ରିର୍ ଏବଂ ଉପଦେଶ ପ୍ରଦାନ କଲେ । ଏହା ହଜୁର୍ ଆ:ସଙ୍କର ଶେଷ ଯାତ୍ରା ଥିଲା । ସେଥିରେ ଶେହ୍‌ଜାଦା ସୁଲ୍‌ତାନ୍ ଇବ୍ରାହିମ୍ ସାହେବ୍, ମିଷ୍ଟର୍ ଅଲୀ ସାହେବ୍ ଜାଫିରି, ପ୍ରଫେସର କ୍ଲେମଟ୍ ରେଗ୍, ମିଷ୍ଟର୍ ଫଜଲ୍ ହୁସେନ୍ ଏବଂ ଅନେକ ପ୍ରସିଦ୍ଧ ବ୍ୟକ୍ତି ବିଶେଷ ଆପଣଙ୍କ ଗୋଚରରେ ହାଜିର୍ ହେଲେ ଏବଂ ଆପଣଙ୍କ ଶ୍ରୀମୁଖରୁ ପବିତ୍ର ବାଣୀ ଶୁଣିବାର ସୌଭାଗ୍ୟ ପ୍ରାପ୍ତ କଲେ । ୧୭ ମଇ ଦିନ ଆପଣ ଆ:ସ ଗୋଟିଏ ପବ୍ଲିକ୍ ଜଲ୍‌ସାରେ ଲାହୋର୍‌ର ରଇସ୍ ମାନଙ୍କୁ ତବ୍‌ଲିଗ୍ କଲେ ଏହାଦ୍ୱାରା ଲୋକମାନେ ବହୁତ ପ୍ରଭାବିତ ହେଲେ । ୨୫ ମଇ ଦିନ ହଜୁର୍ ଆ:ସ ଗୋଟିଏ ତେଜସ୍ୱୀ ଭାଷଣ ପ୍ରଦାନ କଲେ ଯାହାର ଶେଷ ଶବ୍ଦଗୁଡିକ ଥିଲା ଏପରି:- "ଇସାଙ୍କୁ ମରିବାକୁ ଦିଅ, ଏଥିରେ ଇସ୍‌ଲାମ୍ ଜିବୀତ ରହିବ । ସେହିପରି ଇସା ମୁସ୍‌ୱିଙ୍କ ପରିବର୍ତ୍ତେ ଇସା ମୁହମ୍ମଦିଙ୍କୁ ଆସିବାକୁ ଦିଅ, ଏଥିରେ ଇସ୍‌ଲାମ୍‌ର ମଙ୍ଗଳ"

**ପୈଗାମେ ସୁଲାହ୍**

ଲାହୋର୍‌ରେ ରହଣି ସମୟରେ ହଜୁର୍ ଆ:ସ ଗୋଟିଏ ପତ୍ରିକା "ପୈଗାମେ ସୁଲାହ୍" ରଚନା କଲେ ଯେଉଁଥିରେ ଆପଣ ମୁସଲ୍‌ମାନ୍ ଏବଂ ହିନ୍ଦୁ ମାନଙ୍କ ଏକତା ଓ ସହମତିର ସହିତ ରହିବା ପାଇଁ ଉପଦେଶ ଦେଇଛନ୍ତି । ଆପଣ ଆ:ସ ସେଥିରେ ଏହା ମଧ୍ୟ ଲେଖିଛନ୍ତି କି:- "ମୁଁ ସତ୍ୟ କହୁଅଛି ଯେ ଆମେ ଭୂମି ଉପରେ ଥିବା ସାପ ଓ ମରୁଭୂମିରେ ଥିବା ଗଧିଆମାନଙ୍କ ସହିତ ସୁଲାହ୍ କରିପାରିବୁ କିନ୍ତୁ ସେମାନଙ୍କ ସହିତ ଆମେ ସୁଲାହ୍ କରିପାରିବୁ ନାହିଁ ଯେଉଁମାନେ ଆମ୍ଭ ନବୀ ସ:ଆ:ସଙ୍କ ଉପରେ ଅପବିତ୍ର ଆକ୍ରମଣ କରୁଛନ୍ତି, ସେ ଆମ ଧନଜୀବନ ଏବଂ ମା'ବାପାଙ୍କ ଠାରୁ ମଧ୍ୟ ପ୍ରିୟତମ ଅଟନ୍ତି" ।

ଓ୍ୱସାଲେ ମୁବାରକ୍ (ବୈଭବପୂର୍ଣ୍ଣ ଦେହାନ୍ତ)

ହଜୁର୍ ଆ:ସଙ୍କ ସୁପୁତ୍ରୀ ହଜ୍‌ରତ୍ ନଓ୍ୱାବ୍ ମୁବାରକା ବେଗମ୍ ସାହିବା ସେହି ଶେଷ ଲାହୋର୍ ଯାତ୍ରା ପୂର୍ବରୁ କାଦିଆନ୍‌ରେ ସ୍ୱପ୍ନ ଦେଖିଥିଲେ କି :- "ମୁଁ ତଳେ ନିଜ ଅଗଣାରେ ଅଛି ଏବଂ ଗୋଲ୍ କୋଠରୀ ଆଡକୁ ଯାଉଛି । ସେଠାରେ ବହୁତ ଲୋକେ ଅଛନ୍ତି । ଯେପରି କୌଣସି ବିଶେଷ ମଜ୍‌ଲିସ୍ ଲାଗିଛି । ମୌଲବୀ ଅବ୍‌ଦୁଲ୍ କରିମ୍ ସାହେବ୍ ସିଆଲ୍‌କୋଟି ସାହେବ୍ କବାଟ ପାଖକୁ ଆସିଲେ ଏବଂ କହିଲେ କି ବିବି ଯାଅ ଅବ୍‌ବାଙ୍କୁ କହିଦିଅ କି ରସୁଲେ କରିମ୍ (ସ:ଆ:ସ) ଏବଂ ସାହାବା ଆସିଛନ୍ତି ଓ ଆପଣଙ୍କୁ ଡାକୁଛନ୍ତି । ମୁଁ ଉପରକୁ ଯାଇ ଦେଖିଲି ତ ପଲଙ୍କ ଉପରେ ବସି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ବହୁତ ଶିଘ୍ରଶିଘ୍ର ଲେଖୁଛନ୍ତି ଏବଂ ଆପଣଙ୍କ ଚେହେରା ଏକ ବିଶେଷ ଜ୍ୟୋତିର୍ମୟ ଓ ଜୋସ୍‌ର ଅବସ୍ଥା ଦୃଷ୍ଟିଗୋଚର ହେଉଅଛି । ମୁଁ କହିଲି ଅବ୍‌ବା ଅବ୍‌ଦୁଲ୍ କରିମ୍ ସାହେବ୍ କହୁଛନ୍ତି ରସୁଲୁଲ୍ଲାଃ ସ:ଆ:ସ ସାହାବା ମାନଙ୍କ ସହିତ ଆସିଛନ୍ତି ଏବଂ ଆପଣଙ୍କୁ ଡାକୁଛନ୍ତି । ଆପଣ ଆ:ସ ଲେଖୁଥିବା ଅବସ୍ଥାରେ ଆଖି ଉଠାଇଲେ ଓ ମୋତେ କହିଲେ କି ଯାଇ କହିଦିଅ ଏ ମଜ୍‌ମୁନ୍ (ବିଷୟ) ଶେଷ ହେଲା ମୁଁ ଆସୁଅଛି ।"

ଏହି ସ୍ୱର୍ଗୀୟ ଖବର ମୁତାବକ ୨୫ମଇ ସନ୍ଧ୍ୟାବେଳକୁ "ପୈଗାମେ ସୁଲାହ୍"ର ମଜ୍‌ମୁନ୍ ଶେଷ ହେଲା ଏବଂ ତା'ପରଦିନ ସକାଳ ୯ଟା ବେଳେ ଆପଣଙ୍କ ଆତ୍ମା ଏ ଶରୀରକୁ ଛାଡି ଉଡିଗଲା । ଏବଂ ଆପଣ ଆ:ସ ନିଜର ଆକା ଓ ମୌଲା ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ଗୋଚରରେ ହାଜିର୍ ହୋଇଗଲେ । *ଇନ୍ନା ଲିଲ୍ଲା ହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।* ଦେହାନ୍ତ ସମୟରେ ହଜୁର୍‌ଙ୍କ ବୟସ ୭୩ ବର୍ଷ ପାଖାପାଖି ଥିଲା । ମଙ୍ଗଳବାର ଦିନ ଥିଲା ଏବଂ ଶମ୍‌ସି ତାରିଖ ୨୬ ମଇ ୧୯୦୮ଥିଲା । ଯାହା ଗୋଟିଏ ନୂତନ ଗବେଷଣା ମୁତାବକ ଆଁ ହଜ୍‌ରତ୍ ସ:ଆ:ସଙ୍କ ଦେହାନ୍ତର ଦିନ ମଧ୍ୟ ଥିଲା ।